ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ୍, ୨୦୧୯ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



**ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା**


ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଆହ୍ୱାନର ସମସ୍ତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ମହାପ୍ରଭୁଙ୍କ ଘୋଷଯାତ୍ରା, ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଲେଖା ପାଇବା ପରେ ଆମେ ଇମେଲ୍ ଦ୍ୱାରା ଜଣାଇଥାଉ, ତଥାପି ଯଦି ଆପଣ ଜାଣି ପାରନ୍ତି ନାହିଁ, ତେବେ ଆମ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରି ସେଠାରେ ସଂଗୃହୀତ ଆଲେଖ୍ୟ ପୃଷ୍ଠାରେ ଆଗାମୀ ସଂସ୍କରଣ ପାଇଁ ମିଳିଥିବା ଲେଖା ତାଲିକା ଦେଖି ପାରିବେ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଉଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

**ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବରେ ଆମ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୪ |
| **କାହାଣୀ ବିଭାଗ** | | **୨୯** |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୩୦ |
| ମଲାଜହ୍ନ | ଅନସୂୟା ପଣ୍ଡା | ୩୮ |
| ତ୍ରିବେଣୀ, ତୁମେ ବହୁତ ସୁନ୍ଦର | ଶ୍ରୀମତି ଯାଜ୍ଞସେନୀ ହୋତା | ୪୫ |
| ବେମ୍-ଜାନ୍ | ପ୍ରତିଭା ପ୍ରିୟଦର୍ଶିନୀ | ୫୨ |
| ଅମାବାସ୍ୟାର ଚାନ୍ଦ | ସୁବଳ ମହାପାତ୍ର | ୫୮ |
| ଭଜୁକିନା ରାମନାମ | ତ୍ରିଲୋଚନ ଦାସ | ୬୫ |
| କାହିଁକି ଆମେ ପରାଧିନ | ପ୍ରଣତି ମହାପାତ୍ର | ୭୫ |
| କେମିତି ମୁଁ ବେଶ୍ୟାହେଲି ? | ମହେଶ୍ୱର ସାହୁ | ୮୨ |
| ଭଦ୍ରମୁଖା | ନୂତନ କୁମାର ବେହେରା | ୯୩ |
| ଗୋଟିଏ ଭୂଲ କୋଟିଏ କ୍ଷତି | ସତ୍ୟପ୍ରକାଶ ସେଠୀ | ୯୭ |
| ବସ୍ତ୍ରଯାତ୍ରା | ଲିପିନ୍ ରାଉତ | ୧୦୩ |
| ଦେବୀଟିଏ ମୀରାପରି | ସୁଷମା ପରିଜା | ୧୦୯ |
| ବଜରଙ୍ଗବାଲୀ | ଡ ପ୍ରଶାନ୍ତ ନାୟକ | ୧୧୬ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅକ୍ଷୟ ତୃତୀୟା | ସୀତାରାମ ଦାଶ | ୧୨୮ |
| ମାଉସୀ | ନାରାୟଣ ଚନ୍ଦ୍ର ସେନାପତି | ୧୨୯ |
| ଫଣୀ | ଦୀପକ ଷଡ଼ଙ୍ଗୀ | ୧୩୪ |
| ବାତ୍ୟାପୂର୍ବ ପ୍ରସ୍ତୁତି | ଶୃତକୀର୍ତ୍ତି ତ୍ରିପାଠୀ | ୧୩୭ |
| ପ୍ରତିଶୋଧ | ପୂର୍ଣ୍ଣଚନ୍ଦ୍ର ରାଣା | ୧୪୦ |
| ପ୍ରମିଳା ମାଉସୀଠାରୁ ପ୍ରତାପ ନନା ପର୍ଯ୍ୟନ୍ତ | ଡା ସୌମ୍ୟରଞ୍ଜନ ମିଶ୍ର | ୧୪୪ |
| ସ୍କୁଲ ଜୀବନୀ | କୃଷ୍ଣଚନ୍ଦ୍ର ଡାକୁଆ | ୧୪୬ |
| ସମୟର ଗତି | ରଶ୍ମୀରଞ୍ଜନ ପଣ୍ଡା | ୧୫୦ |
| ଗଡ୍ | ଜ୍ୟୋତିରଞ୍ଜନ ସାହୁ | ୧୫୨ |
| ସେଇ ଝିଅଟି | ପ୍ରଶାନ୍ତ କୁମାର ନାଥ | ୧୫୬ |
| ଦୁଇଟି ମିନିଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୯ |
| **କବିତା ବିଭାଗ** | | **୧୬୨** |
| ସ୍ୱରବର୍ଣ୍ଣରେ ସ୍ମରଣିକା | ସନ୍ତୋଷ ପଟ୍ଟନାୟକ | ୧୬୩ |
| ଚିରଅମର ପର୍ବତରାଣୀ | ପ୍ରଦ୍ୟୁତ କୁମାର ମହାଖୁଡ଼ | ୧୬୫ |
| ଅଫେରା ବନ୍ଧୁ | ରୋଜା ପଣ୍ଡା | ୧୬୭ |
| ପ୍ରତୀକ୍ଷା | ସୁନିତା ବାରିକ | ୧୬୮ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଖରା | ଡ ଆଲୋକ କୁମାର ରାୟ | ୧୭୧ |
| ଆସିବକି ଥରେ | ରଜୀତ ଦାସ | ୧୭୨ |
| କ୍ଷତ | ଶ୍ରୀକ୍ଷେତ୍ର ସୁନ୍ଦର | ୧୭୩ |
| ଫୋନୀ-ସତର୍କର ଘଣ୍ଟି | ସରୋଜିନୀ ମିଶ୍ର | ୧୭୪ |
| ପ୍ରକୃତି ମା | ସୌମ୍ୟସୂଚରିତା ସେଣ | ୧୭୬ |
| ଅବୁଝା ବିଦାୟ | ଡା ନୀଳମାଧବ କର | ୧୭୮ |
| ଘେନ ମୋ ଜଣାଣ | ଡିଙ୍ଗର ନାଏକ | ୧୮୦ |
| ଆମରି ରାଜନେତାଏ | ତୁଷାରକାନ୍ତ ନାୟକ | ୧୮୨ |
| ସ୍ୱାର୍ଥପର ମଣିଷ | ମନୋଜକୁମାର ପଣ୍ଡା | ୧୮୪ |
| ମାଟିରୁ ଆକାଶ | ଅନୁସୂୟା ମିଶ୍ର | ୧୮୬ |
| ରଜ | ବିକାଶଚନ୍ଦ୍ର ଧୁଙ୍ଗିଆ | ୧୮୭ |
| ରଜ ମଉଜ | ହୀରାବତୀ ପାତ୍ର | ୧୮୮ |
| ନ୍ୟାୟ | ରଞ୍ଜୀତ ଅରେବେଡ଼ିଆ | ୧୮୯ |
| ପ୍ରତିବିମ୍ବ | ମୈତ୍ରେୟୀ କମିଳା | ୧୯୧ |
| ଦେଖାଯିବ ଆଜି ନୂଆ | ନରେନ୍ଦ୍ର ପ୍ରସାଦ ବେହେରା | ୧୯୩ |
| ମା'କୁ ସମ୍ମାନ ଦିଅ | ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ | ୧୯୫ |
| ସଫଳତା | ରଶ୍ମିତା ନାଥ | ୧୯୭ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅଭିନେତା - ନେତା | ରାଜେନ୍ଦ୍ର ସାମଲ | ୧୯୯ |
| ପୁଣିଥରେ ବର୍ଷା | କାର୍ତ୍ତିକ ପାଣିଗ୍ରାହୀ | ୨୦୧ |
| ଅପେକ୍ଷା | ନୀଲମ ବିଶ୍ୱାଳ | ୨୦୩ |
| ସେଦିନ ଗାଧୁଆ | ନାରାୟଣ ଚନ୍ଦ୍ର ସେନାପତି | ୨୦୫ |
| ଲକ୍ଷ୍ୟ | ପ୍ରେମଲତା ସାହୁ | ୨୦୭ |
| ମିଳିବ ସନ୍ତୋଷ | ସରିତାରାଣୀ ମହାନ୍ତି | ୨୦୮ |
| ସ୍ମୃତି | ସିଦ୍ଧେଶ୍ୱର ତ୍ରିପାଠୀ | ୨୧୦ |
| ବଡ଼ଘର ବଡ଼ ଗୁମର କଥା | ଭାରତୀ ରଥ | ୨୧୨ |
| ମାନଚିତ୍ର | ଅଶ୍ୱିନୀ ଦାଶ | ୨୧୩ |
| ହୁଅନ୍ତିକି ଆଉଥରେ ଛୋଟପିଲା | ଶୁଭମ୍ କୁମାର ଧଳ | ୨୧୫ |
| ନାରୀବକ୍ଷସ୍ଥ ବହ୍ନି | ପ୍ରାଣବନ୍ଧୁ ପ୍ରଧାନ | ୨୧୬ |
| ଅସହାୟ ମଣିଷ | ପ୍ରମୋଦ କୁମାର ପ୍ରଧାନ | ୨୧୮ |
| ଫୁଲେଇ ପ୍ରିୟା | କୁମୁଦିନୀ ବେହେରା | ୨୧୯ |
| ଆତ୍ମାର ରହସ୍ୟ | ଆର୍ଯ୍ୟ ପ୍ରଧାନ | ୨୨୧ |
| ଶ୍ରୀହୀନ ହୋଇଛି ଶ୍ରୀକ୍ଷେତ୍ର | ନିବେଦିତା ମହାପାତ୍ର | ୨୨୨ |
| ଝଡ଼ିଲା ପତର ସ୍ମୃତି | ଆଶୁତୋଷ ମେହେର | ୨୨୫ |
| ସନ୍ତାନକୁ ପଦେ | ବିନୟ ମହାପାତ୍ର | ୨୨୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ତଥାପି ତୁମକୁ ଅପେକ୍ଷା | ପରମେଶ୍ୱର ଓଝା | ୨୨୮ |
| ପ୍ରେମର ବ୍ୟାପ୍ତତା | ଚିନ୍ମୟ ବାରିକ | ୨୩୪ |
| ଚିଠି | ଧୀରେନ୍ଦ୍ର କୁମାର ପ୍ରଧାନ | ୨୩୬ |
| ସେ ଆମ ଜେଜେ | ସଂଯୁକ୍ତା ରାଉତ | ୨୩୯ |
| ମଳିନ ଚେହେରା | କୃଷ୍ଣଚନ୍ଦ୍ର ଡାକୁଆ | ୨୪୦ |
| ମଦିରା ଓ ପ୍ରେମ | ପ୍ରଶାନ୍ତ କୁମାର ପ୍ରଧାନ | ୨୪୧ |
| ତୁମ ଗାଆଁ | ସାଗର ପ୍ରଧାନ | ୨୪୨ |
| ଧୈର୍ଯ୍ୟ | ଅକ୍ଷୟ କୁମାର ବେହେରା | ୨୪୩ |
| ଶ୍ରୀପତିକୁ ଚିଠି | ସ୍ନିଗ୍ଧା ସାମନ୍ତରାୟ | ୨୪୪ |
| ମୁଁ ହଜିଛି | ପୁଷ୍ପାଞ୍ଜଳୀ ପଣ୍ଡା | ୨୪୫ |
| ପ୍ରେମକିଏ ନେଇଛି ? | ଦେବାଶିଷ ସାଗର | ୨୪୭ |
| ଅକଲ ଫେରିବ | ମହେଶ୍ୱର ସାହୁ | ୨୪୯ |
| ତାରା | ଅଙ୍କିତା ପାଢ଼ୀ | ୨୫୧ |
| ବାଲୁକା ସହର : ବାଲେଶ୍ୱର | ସୌମ୍ୟରଞ୍ଜନ ପାଲ୍ | ୨୫୩ |
| ମୋ ଓଡ଼ିଶା | ବାଳକୁମାର ସାହୁ | ୨୫୪ |
| ବାଣ ଓ ବାଣୀ | ନୂତନ କୁମାର ବେହେରା | ୨୫୫ |
| ପ୍ରେମ | ଶୟନ ନାୟକ | ୨୫୮ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ବର୍ଷା ଆସିଲାଣି | ପର୍ଶୁରାମ ସାହୁ | ୨୫୯ |
| ପ୍ରତିଦ୍ୱନ୍ଦୀ | ସୁରେଶ କୁମାର ପରିଡ଼ା | ୨୬୦ |
| ସାବିତ୍ରୀ | ଶିବଶଙ୍କର ସାହୁ | ୨୬୧ |
| ଅବଶୋଷ | ଇଂ ଭାଗିରାଥୀ ସେଠୀ | ୨୬୩ |
| ସରଗ ସୁଖ | ଇଂ ସନାତନ କଟା | ୨୬୫ |
| ଅପଚେଷ୍ଟା | ଉର୍ମିଳା ଦାସ | ୨୬୬ |
| ନିଶୀଥର ନିରବତା | ଗାୟତ୍ରୀ ସେଠି | ୨୬୭ |
| ମା ତତେ ସଲାମ | ଜୟନ୍ତ କୁମାର ସାହୁ | ୨୬୮ |
| ଆଶା | ଗୌରୀ ପଣ୍ଡା | ୨୬୯ |
| ହେ ଈଶ୍ୱର | ଦିଲ୍ଲୀପ କୁମାର ସାମଲ | ୨୭୦ |
| କିଏ ସେ କହିଲା | ସଂଜୀବ କୁମାର ପାଣିଗ୍ରାହୀ | ୨୭୩ |
| ବଣମଲ୍ଲୀ | ଭାରତୀ ସାହୁ | ୨୭୫ |
| ବିଭୀଷିକା | ଲିପିନ୍ ରାଉତ | ୨୭୬ |
| ଆମ ରଜ ପରବ | ପବିତ୍ର ଦାସ | ୨୭୮ |
| ସ୍ମୃତିର ପାଉତି | ସନ୍ଧ୍ୟାରାଣୀ ପରିଜା | ୨୭୯ |
| ହେ ବୀର ଯବାନ | ରୋଷନରାଜ ଗୌଡ଼ | ୨୮୧ |
| ପ୍ରଭୁକୃପା | ସୌମ୍ୟରଞ୍ଜନ ପାତ୍ର | ୨୮୩ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ବର୍ଷାବେଳ | ଶ୍ରୀରାଜଶେଖର ସି 'ଚିମା' | ୨୮୫ |
| ଫେରିଆସ ତୁମ୍ଭେ | ସୁବ୍ରତ କୁମାର | ୨୮୬ |
| ବହି | ପ୍ରଶାନ୍ତ କୁମାର ନାଥ | ୨୮୭ |
| କାଳବୈଶାଖୀ | ଶୈଳବାଳା ମଲ୍ଲିକ | ୨୮୮ |
| କିପ୍ରକାର ଦେଶ ଇଏ | ମୋହନଚନ୍ଦ୍ର ବିଷୋୟୀ | ୨୮୯ |
| ଶାମୁକାଏ ପ୍ରୀତି | ଜୟନାରାୟଣ ପରିଡ଼ା | ୨୯୨ |
| ଆସ ମଉସୁମୀ | ଜୟଶ୍ରୀ ମହାରଣା | ୨୯୩ |
| ବିପ୍ଳବର ସ୍ୱର | ଏମ୍. ବିଜୟ କୁମାର | ୨୯୪ |
| ନୂଆ ରଜଦୋଳି ଗୀତ | ସସ୍ମିତା ସାହୁ | ୨୯୭ |
| ମୂଲ୍ୟହୀନ | ଶଶାଙ୍କ ଶେଖର ପଣ୍ଡା | ୨୯୯ |
| ଆପଣ ଖୁସି ତ ? | ସୁଶାନ୍ତ କୁମାର ଧଳ | ୩୦୦ |
| ମୋ ଗାଁର ଗ୍ରୀଷ୍ମ ସନ୍ଧ୍ୟା | ପ୍ରେମଶିଳା ରାଉତ | ୩୦୧ |
| ଫନି ଏକ ଅଭିଶାପ | ପ୍ରିୟଦର୍ଶିନୀ ମହାନ୍ତି | ୩୦୩ |
| ପରିବର୍ତ୍ତନ | କାର୍ତ୍ତିକ ଚନ୍ଦ୍ର ସେଠୀ | ୩୦୪ |
| ପ୍ରେମିକା | ତୁଷାରକାନ୍ତ ପ୍ରସାଦ | ୩୦୫ |
| ଇପ୍ସିତ ଆନନ୍ଦ | ରାହାସ କୁମାର ବେହେରା | ୩୦୬ |
| କୋଇଲି ଯେ | ଶିବାଶିଷ ନାଏକ | ୩୦୭ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆମ ଗାଁକୁ ବରଷା ଆସିଲେ | ରୋହିତ ସେଠୀ | ୩୦୮ |
| କୂଳ ବେଉସା | ମନୋଜ ମହାନନ୍ଦ | ୩୧୦ |
| ଖରାଛାଇ | ସସ୍ମିତା ମିଶ୍ର | ୩୧୨ |
| ମୁଁ ସ୍ୱପ୍ନ ନୁହେଁ | ପଙ୍କଜ କୁମାର ମାହାନା | ୩୧୩ |
| ଲୁହ | ରଶ୍ମିତା ମହାନ୍ତ | ୩୧୪ |
| **ସମ୍ବଲପୁରୀ ବିଭାଗ** | | **୩୧୫** |
| ମା | ସ୍ୱାବିତ କୁମାର ପାତ୍ର | ୩୧୬ |
| ଦିନେ ଯିବାର୍ କେ ତ ପଡ଼ବା | ହରିଶ ତାଣ୍ଡି | ୩୧୭ |
| ଅଏନ୍ ବିଚାରର ମହତ୍ତ୍ୱ | କବି ପ୍ରସାଦ | ୩୧୮ |
| ଜୀବନ୍ ମରନ୍ | କବି ପ୍ରସାଦ | ୩୨୦ |
| ପାଠ୍ ପଢ଼ା | ଦେବାଶିଷ ସାଗର | ୩୨୧ |
| ଆଏଲା ବର୍ଷା | ଦେବାଶିଷ ସାଗର | ୩୨୨ |
| ମହତ୍ ଦାନ | ପ୍ରମୋଦ କୁମାର ସେଠ୍ | ୩୨୩ |
| ଆଦିବାସିର୍ ଦରଦ୍ | ସୁଭାସ ଚନ୍ଦ୍ର ଭୁଏ | ୩୨୪ |
| ସାବେତିରି ହ | ଚନ୍ଦ୍ରଶେଖର ଗୋ | ୩୨୬ |
| ଗଛ୍ | ମନୋଜ ମହାନନ୍ଦ | ୩୨୮ |
| ଭୋଟ୍ ରେଜଲ୍ଟ | କ୍ଷମାନିଧି ସାହୁ | ୩୩୦ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| **ପ୍ରବନ୍ଧ ବିଭାଗ** | | ୩୩୩ |
| ଉତ୍କଳ ଶିକ୍ଷା ସଂସଦ | ସନାତନ ମହାକୁଡ଼ | ୩୩୪ |
| ବିବାଦୀୟ ବୀର୍ ସାବରକର୍ | ଏ ପି ଶୁଭକାନ୍ତ | ୩୩୯ |
| ବୌଦ୍ଧିକ ଚୈତନ୍ୟ | ପ୍ରମୋଦ କୁମାର ପଣ୍ଡା | ୩୪୫ |
| ବିଶ୍ୱାସ ବାସ୍ତବତାର | ଡ ମୀନକେତନ ପଟ୍ଟନାୟକ | ୩୬୫ |
| ରଜପର୍ବ | ଅକ୍ଷୟ କୁମାର ବେହେରା | ୩୬୭ |
| ତେଣ୍ଡା | ବୈକୁଣ୍ଠନାଥ ଖଟୁଆ | ୩୬୯ |
| ଐତିହ୍ୟର ସ୍ୱାକ୍ଷର : ଶ୍ରୀ ଭୂଷଣ୍ଡେଶ୍ୱର | ରବୀନ୍ଦ୍ରନାଥ ସାମଲ | ୩୭୮ |
| ମୋଦୀଙ୍କ ବହୁମତ: ରଣନୀତି ନା ଦୂର୍ନୀତି | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୩୯୦ |
| ଗଛଟିଏ | ଅଙ୍କିତା ପାଢ଼ୀ | ୩୯୮ |
| ଶ୍ରେଷ୍ଠପୂଣ୍ୟ | ବିପଦ କୁମାର ବାରିକ | ୪୦୨ |
| ଚିହ୍ନ ଦେବତାୟ ସ୍ୱାହା | ସିଦ୍ଧେଶ୍ୱର ତ୍ରିପାଠୀ | ୪୦୪ |
| ବିଶେଷ ସୂଚନା | | ୪୦୭ |


**ଆହ୍ୱାନ ଇ-ପତ୍ରିକାର ଆଗାମୀ (ଜୁଲାଇ ୨୦୧୯) ସଂସ୍କରଣ ନିମନ୍ତେ ଲେଖା ଗ୍ରହଣର ଶେଷ ତାରିଖ : ୩ ଜୁଲାଇ ।**

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁନ୍ ୨୦୧୯ ମସିହାର ସଂସ୍କରଣ ଆପଣଙ୍କୁ ଭେଟି ଦେଉଛି । ଆଶା କରୁଛି ଏହା ବିଗତ ସମସ୍ତ ସଂସ୍କରଣ ଭଳି ଆପଣଙ୍କୁ ଭଲ ଲାଗିବ । ଏହାର ପ୍ରଚାର ଓ ପ୍ରସାର ହେତୁ ଆପଣଙ୍କ ସହାୟତା ଏକାନ୍ତ କାମ୍ୟ । ଆମ ଭାଷା ସାହିତ୍ୟର ଉନ୍ନତି ଏବଂ ଓଡ଼ିଆ ଭାଷାରେ ଲେଖାଲେଖି କରିବାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆମର ଏହି ପତ୍ରିକା 'ଆହ୍ୱାନ' । ଆପଣ ନିଜ ବନ୍ଧୁ ପରିବାର ଓ ପରିଜନଙ୍କୁ ନିଶ୍ଚୟ ପଠାନ୍ତୁ । ଓଡ଼ିଆ ଭାଷାରେ ଲେଖାଲେଖି କରୁଥିବା ନବୀନ ଏବଂ ପ୍ରବୀଣ ଲେଖକ ଲେଖିକାଙ୍କୁ ପ୍ରୋତ୍ସାହିତ କରନ୍ତୁ । ଆମ ମନ୍ତ୍ର "ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା"କୁ ସାର୍ଥକ କରନ୍ତୁ ।

ଓଡ଼ିଆରେ ଗୋଟିଏ କଥା ଅଛି, "ବେଙ୍ଗ କହେ ବେଙ୍ଗୁଲିଲୋ, ପୃଥିବୀ କ୍ଷଣ କ୍ଷଣକେ ଆନ", ଅର୍ଥାତ ଏହି ପରିବର୍ତ୍ତନଶୀଳ ଦୁନିଆରେ ପ୍ରତିମୁହୂର୍ତ୍ତରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳେ । ବିଗତ ସଂସ୍କରଣ ପରେ ଏକ ମାସ ବିତି ଯାଇଛି ଏବଂ ଏହି ଏକ ମାସରେ ଅନେକ ନୂତନ ଘଟଣା ଓ ଦୁର୍ଘଟଣା ଘଟିଯାଇଛି । ଏହି ସବୁ ଘଟଣାବହୁଳ ଦିନମାନଙ୍କରେ ସାମାନ୍ୟ ଚିଠା ଏଠାରେ ଉପସ୍ଥାପନା କରୁଛି । ସେମିତିରେ ଓ ଅନେକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘଟଣା ଘଟିଛି କିନ୍ତୁ ମାତ୍ର କେତୋଟି ଘଟଣାକୁ ଉପସ୍ଥାପନ କରିବାକୁ ଉଚିତ ମନେ କରୁଛି ।

## ୧. ପୁଣିଥରେ ବୃହତ ଜନାଦେଶ ପାଇ ପଦ୍ମ ଫୁଟିଲା

ଚଳିତ ବର୍ଷ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସର୍ବସାଧାରଣ ନିର୍ବାଚନ ହୋଇଥିଲା ଏବଂ ମଇ ୨୩ ତାରିଖରେ ଏହାର ମତଗଣନା କରାଗଲା ପରେ ଯେଉଁ ଫଳାଫଳ ଆସିଥିଲା ତାହାକୁ ନେଇ ଅନେକ ବାଦ ବିବାଦ ଦେଖା ଦେଇଥିଲେ ସୁଦ୍ଧା ଶାସକ ଭାରତୀୟ ଜନତା ପାର୍ଟି ସର୍ବବୃହତ ଦଳ ଏବଂ ସଂଖ୍ୟା ଗରିଷ୍ଠତାର ସହ ଜୟ ଲାଭ କରିଥିଲା । ଏହି ଅପ୍ରତ୍ୟାଶିତ ବିଜୟକୁ ଅନେକ ବିପକ୍ଷଦଳ ସହଜରେ ଗ୍ରହଣ କରି ପାରିନଥିଲେ । ଏଥିପାଇଁ ବିପକ୍ଷରେ ଥିବା ବାଇଶିଟି ଦଳ ଇଭିଏମ୍ ମେସିନ୍ ଓ ଭିଭିପ୍ୟାଟ୍ ମେସିନ୍ ଭୁଲ ଏବଂ ନିର୍ବାଚନ କମିସନକୁ ମଧ୍ୟ ଦୋଷୀ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥିଲେ ।

ନିର୍ବାଚନର ଫଳାଫଳ ଘୋଷଣା ହେବାର ପୂର୍ବରୁ ବିଭିନ୍ନ ଗଣମାଧ୍ୟମ ଦ୍ୱାରା ଆୟୋଜିତ ପ୍ରାକ ନିର୍ବାଚନୀ ସର୍ବେକ୍ଷଣର ଫଳାଫଳକୁ ଦେଖି ଅନେକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଅନ୍ୟୁନ ଛଅଟି ସଂସ୍ଥାଦ୍ୱାରା ହୋଇଥିବା ଏକ୍ଜିଟ୍ ପୋଲ୍ ସର୍ଭେରେ ବିଜେପି ବହୁମତ ପାଉଥିଲା, ଯାହା ଅବିଶ୍ୱସନୀୟ ଥିଲା । ଅନେକେ ଏହି ପୋଲ୍ ସର୍ଭେକୁ ବ୍ୟଙ୍ଗ କରୁଥିଲେ ଏବଂ ଦୃଢ଼ ମତ ପୋଷଣ କରିଥିଲେ ଯେ ଚଳିତ ନିର୍ବାଚନରେ ବିଜେପି ପୁଣିଥରେ ବହୁମତ ପାଇବ ନାହିଁ ।

ନିର୍ବାଚନର ଫଳାଫଳ ପାଇବା ପରେ ଅନେକ ସମୀକରଣ ଓଲଟପାଲଟ ହୋଇ ଯାଇଛି । ବିହାରର ନିର୍ବାଚନ ଫଳରେ ରାଷ୍ଟ୍ରୀୟ ଜନତା ଦଳର କୌଣସି ପ୍ରାର୍ଥୀ ନିର୍ବାଚନ ଜିତିନାହାନ୍ତି । ଏବଂ ଲାଲୁ ପ୍ରସାଦଙ୍କ ପରିବାର କୌଣସି ଆସନ ଜିତିବାକୁ ସକ୍ଷମ ହୋଇନାହାନ୍ତି । ସେହିପରି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଳ ମଧ୍ୟ ପରାଜୟ ବରଣ କରିଥିଲା । ମମତା ବାନାର୍ଜୀଙ୍କ ଗଡ଼ କୁହାଯାଉଥିବା ପଶ୍ଚିମ ବଙ୍ଗରେ ୪୦ରୁ ୧୮ଟି ଆସନ ଭାଜପା ଜିତିବାରେ ସକ୍ଷମ ହୋଇଛି । ସମଗ୍ର ଦେଶରେ ଲୋକମାନେ ସ୍ୱତଃସ୍ଫୁର୍ତ୍ତ ଭାବରେ ଭାଜପାକୁ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରାଇଛନ୍ତି ।

## ୨. ଜାତିବାଦ ଓ ବଂଶବାଦ ବିପକ୍ଷକୁ ହରାଇଲା

ଜନୈକ ବରିଷ୍ଠ ସମ୍ପାଦକ ଏବଂ ରାଜନୈତିକ ବୁଦ୍ଧିଜୀବିଙ୍କ ମତରେ ବିପକ୍ଷର ଶୋଚନୀୟ ପରାଜୟ ପଛରେ ଥିବା ଅନେକ କାରଣ ମଧ୍ୟରୁ ସବୁଠାରୁ ଉଲ୍ଲେଖନୀୟ କାରଣଟି ହେଉଛି ଜାତିବଦ ଓ ବଂଶବାଦ ।

ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ଓ ବହୁଜନ ସମାଜପାର୍ଟି କେବଳ ଜାତିବାଦୀ ଓ ବଂଶବାଦୀ ନିର୍ବାଚନ ଉପରେ ନିର୍ଭର କରିଥିଲେ ଏବଂ ସେଥିପାଇଁ ସେମାନେ ବହୁଳ ସଂଖ୍ୟାରେ ଜନମତ ପାଇଲେ ନାହିଁ । ଦଳିତ ଓ ମୁସଲମାନ ଭୋଟବ୍ୟାଙ୍କ ଉପରେ ନିର୍ଭର କରୁଥିବା ବସପା ଭଲ ଫଳ ଦେଖାଇଲା ନାହିଁ । ଯାଦବମାନେ ମଧ୍ୟ ସପାକୁ ସହଯୋଗ କରିଲେ ନାହିଁ ।

କଂଗ୍ରେସ ଦଳରେ କେବଳ ଗାନ୍ଧୀ ବଂଶର ଦାୟାଦ ହିଁ ଆସନାଧୀନ ହେବେ ବୋଲି ହୋଇଥିବା ନିୟମ ହେତୁ ଅଧିକାଂଶ ବରିଷ୍ଠ ନେତାମାନେ ନିଜ ନିଜ ସନ୍ତାନମାନଙ୍କୁ ନିର୍ବାଚନରେ ଓହ୍ଲାଇ କେବଳ ସେମାନଙ୍କୁ ଜିତାଇବା ଲାଗି ଲାଗିପଡ଼ିଲେ ଏବଂ ସାମୁହିକ ଭାବରେ କାମ କରିବାକୁ ସେମାନେ ଭୁଲିଗଲେ । ୨୦୧୪ର ବିଫଳତାକୁ ଲୁଚାଇ ଜନତାଙ୍କୁ କୌଣସି ଲୋଭନୀୟ ପ୍ରତିଶୃତି ଦେଇ ନ ପାରି କଂଗ୍ରେସ ଦଳ ମଧ୍ୟ ବିଫଳ ହୋଇଥିଲା ଏବଂ ଏହାର ଆସନ ମାତ୍ର ୫୨ରେ ସୀମିତ ହୋଇଗଲା ଯାହା ସମୁଦାୟ ସଂସଦର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଶପ୍ରତିଶତଠାରୁ ମଧ୍ୟ କମ ତେଣୁ ସେହି ଦଳ ବିରୋଧୀ ଦଳ ଭାବରେ ମଧ୍ୟ ମାନ୍ୟତା ପାଇଲା ନାହିଁ ।

### ୩. ନିଜର ପାରମ୍ପାରିକ ଆସନ ଆମେଠିରୁ ହାରିଲେ ରାହୁଲ ଗାନ୍ଧୀ

ଆମେଥିକୁ ନିଜର ପାରମ୍ପରିକ ଗଡ଼ ଓ ପାରିବାରିକ ଆସନ ବୋଲି ଦାବୀ କରି ଆସୁଥିବା ରାହୁଲ ଗାନ୍ଧୀ ଚଳିତ ନିର୍ବାଚନ ପୂର୍ବରୁ ଦୁଇଟି ସ୍ଥାନରୁ ନିର୍ବାଚନ ଲଢ଼ିଥିଲେ । ସେ ବୋଧହୁଏ ଜାଣି ଥିଲେ ଯେ ଆମେଥିରେ ସେ ଜିତି ପାରିବେ ନାହିଁ, ତେଣୁ ସେ ସୁଦୂର କେରଳର ମୁସଲମାନ ବହୁଳ ୱାୟାନାଡ଼ ଆସନରୁ ନିର୍ବାଚନ ଲଢିଥିଲେ ଏବଂ ଜିତିଥିଲେ କିନ୍ତୁ ଆମେଥିରେ ସେ ଭାଜପା ସାଂସଦ ସ୍ମୃତି ଇରାନୀଙ୍କୁ ହରାଇବାକୁ ଅକ୍ଷମ ହୋଇଥିଲେ । ଏହା ଏକ ଅପ୍ରତ୍ୟାଶିତ ବିଜୟ ଥିଲା ।

### ୪. ଓଡ଼ିଶାର ପଞ୍ଚମଥର ପାଇଁ ନବୀନ ଗଢ଼ିଲେ ସରକାର

ଚଳିତ ନିର୍ବାଚନ ପୂର୍ବରୁ ଭାଜପା ଓଡ଼ିଶାରେ ୧୨୦ ଆସନ ଜିତିବାର ଲକ୍ଷ୍ୟ ନେଇ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇଥିଲେ ସୁଦ୍ଧା ନିଜ ଲକ୍ଷ୍ୟରେ ସେ ପହଞ୍ଚି ପାରିନଥିଲେ । ପୁଣିଥରେ ବିଜୁ ଜନତା ଦଳ ନିଷ୍କଳଙ୍କ ଭାବରେ ୧୨୨ ଆସନ ବିଜୟୀ ହୋଇ ନବୀନ ପଟ୍ଟନାୟକଙ୍କୁ ପଞ୍ଚମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ମିଳିଥିଲା ।

ଏହି ନିର୍ବାଚନରେ ବିଜୁ ଜନତା ଦଳ ବିରୋଧରେ ଅନେକ ଅଭିଯୋଗ ଆସିଥିଲା, ଯଥା ଖଣି ଦୂର୍ନୀତି, ଚିଟଫଣ୍ଡ ଦୁର୍ନୀତି, ନବକଳେବର ବିଭ୍ରାଟ, ଇତ୍ୟାଦି ଅନେକ ମାମଲାକୁ ନେଇ ଜନତାଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ ବିପକ୍ଷଦଳ କିନ୍ତୁ ସେ ସବୁକୁ ପଛରେ ପକାଇ ପୁଣିଥରେ ଜିତିଥିଲେ ନବୀନ ସରକାର ।

### ୫. ଓଡ଼ିଶାରୁ ଆଠଟି ଲୋକସଭା ଆସନ ଜିତିଲା ବିଜେପି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଦିଓ ବିଧାନ ସଭାରେ ସଂଖ୍ୟା ଗରିଷ୍ଠତା ପାଇବାରେ ଭାଜପା ଅକ୍ଷମ ରହିଲା କିନ୍ତୁ ଲୋକ ସଭା ଆସନ ପାଇବାରେ ଚମତ୍କାର ଫଳ ଦେଖାଇ ଏକୋଇଶିରୁ ଆଠଟି ଆସନ ପାଇବାରେ ସକ୍ଷମ ହୋଇଥିଲା । ଏହା କୌଣସି ମତେ କମ କଥା ନୁହେଁ । କାରଣ ଆଠଟି ଲୋକସଭା ଅର୍ଥାତ ଛପନଟି ବିଧାନସଭା ଆସନରେ ଜନମତ ଭାଜପା ସପକ୍ଷରେ ଯାଇଥିଲା । ସମ୍ଭବତଃ ଓଡ଼ିଶାର ଜନତା ବିଧାନ ସଭାପାଇଁ ନବୀନଙ୍କୁ ଭୋଟ୍ ଦେବା ବେଳେ ସଂସଦ ପାଇଁ ମୋଦୀଙ୍କ ନେତୃତ୍ୱାଧୀନ ଭାଜପା ଉପରେ ନିର୍ଭର କରିଥିଲେ ।

## ୬. ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ଦୁଇ ଓଡ଼ିଆ

ନୂତନ ମନ୍ତ୍ରୀମଣ୍ଡଳ ଗଠନ ସମୟରେ ମୋଦୀ ସରକାରରେ ଓଡ଼ିଶାରୁ ଦୁଇଜଣ ସଂସଦ ରହିଛନ୍ତି । କ୍ୟାବିନେଟ୍ ପାହ୍ୟାରେ ଦେବେନ୍ଦ୍ର ପ୍ରଧାନ ରହିଥିବା ବେଳେ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ ଷଡ଼ଙ୍ଗୀ ରହିଛନ୍ତି । ଦେବେନ୍ଦ୍ର ପ୍ରଧାନ ଆଗରୁ ମଧ୍ୟ ମନ୍ତ୍ରୀ ପଦବୀ ପାଇଥିଲେ । ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଚଳିତ ସଂସଦରେ ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି । ନିଜର ସାଧାସିଧା ଜୀବନଯାପନ ପ୍ରଣାଳୀ ଏବଂ ବ୍ୟକ୍ତିତ୍ୱ ପାଇଁ ସେ ବହୁଚର୍ଚ୍ଚିତ ହେଉଛନ୍ତି ।

## ୭. ସମସ୍ତଙ୍କୁ ଚକିତ କରି ଜିତିଲେ ପ୍ରମିଳା ମାଉସୀ

ଗଞ୍ଜାମ ଜିଲ୍ଲା ଆସ୍କା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀତ୍ୱ କରୁଥିବା ପ୍ରମିଳା ବିଷୋୟୀଙ୍କୁ ନେଇ ଅନେକ ବ୍ୟଙ୍ଗ ଓ କଟୁକ୍ତି ଶୁଣିବାକୁ ଓ ଦେଖିବାକୁ ମିଳୁଥିଲା । ଅପାଠୁଆ ଅଶିକ୍ଷିତ ସ୍ତ୍ରୀ ଲୋକ ଜଣକ ନିର୍ବାଚନ ମଣ୍ଡଳୀର କଣ ଭଲ କରିବେ ବୋଲି ଅନେକ ସମାଲୋଚନା କରୁଥିବା ସତ୍ତ୍ୱେ ନିର୍ବାଚନ ଫଳାଫଳ ଘୋଷଣା ପରେ ସେ ବିଜୟିନୀ ହୋଇଥିବା ଅନେକଙ୍କୁ ଚକିତ କରିଦେଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ବିପକ୍ଷରେ ପ୍ରାର୍ଥିତ୍ୱ କରୁଥିବା ପାଠୁଆ ଓ ଶିକ୍ଷିତ ପ୍ରତିଯୋଗୀଙ୍କୁ ଭୋଟ୍ ନ ଦେଇ ଲୋକମାନେ ଜଣେ ଅଣଶିକ୍ଷିତଙ୍କୁ ଭୋଟ କେମିତି ଦେଲେ ତାହା ପାଇଁ ମଧ୍ୟ ଆସ୍କା ଓ ସର୍ବୋପରି ଗଞ୍ଜାମ ଜିଲ୍ଲାକୁ ଅନେକଙ୍କ କଟୁକ୍ତିର ଶରବ୍ୟ ହେବାକୁ ପଡ଼ିଥିଲା । ଦେଖାଯାଉ ଆଗକୁ ସେ କଣ କରୁଛନ୍ତି । ସମାଲୋଚକଙ୍କ କଟୂକ୍ତିର କେଉଁଭଳି ଉତ୍ତର ସେ ଦେଉଛନ୍ତି ।

## ୮. ମୋଦୀ ମନ୍ତ୍ରୀମଣ୍ଡଳରେ ଚର୍ଚ୍ଚିତ ଓଡ଼ିଶାର ପ୍ରତାପ ନନା

ନବନିର୍ବାଚିତ ମୋଦୀ ମନ୍ତ୍ରୀମଣ୍ଡଳରେ ଓଡ଼ିଶାର ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ( ଓରଫ୍ ପ୍ରତାପ ନନା) ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ସ୍ଥାନ ପାଇଛନ୍ତି । ଉଲ୍ଲେଖନୀୟ ଯେ ନିଜ ମନ୍ତ୍ରୀପଦପାଇଁ ପଦ ଓ ଗୋପନୀୟତାର ଶପଥ ନେଉଥିବା ବେଳେ ପ୍ରତାପ ଷଡ଼ଙ୍ଗୀଙ୍କ ପାଇଁ ସର୍ବାଧିକ କରତାଳି ବାଜିଥିଲା ଏବଂ ସେ ଚର୍ଚ୍ଚିତ ହୋଇଥିଲେ ।

ଓଡ଼ିଶାର ମୋଦୀ ବୋଲି ଜଣାଯାଉଥିବା ଶ୍ରୀ ଷଡ଼ଙ୍ଗୀ ଅତ୍ୟନ୍ତ ସରଳ ଓ ସିଧା ଜୀବନଯାପନ କରନ୍ତି । କୌଣସି ବିଳାସପୂର୍ଣ୍ଣ ରମ୍ୟ ପ୍ରାସାଦ ବା ଦାମୀ ଗାଡ଼ିର ସେ ମାଲିକ ନୁହନ୍ତି । ଚଳିତ ସଂସଦରେ ସେ ସବୁଠାରୁ ଗରୀବ ସାଂସଦ ବୋଲି ଜଣାଯାଇଛି । ମନ୍ତ୍ରୀପଦର ଶପଥ ଗ୍ରହଣ ପରେ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ ନିଜର ପଦବୀର ସମୁଚିତ ସମ୍ମାନ କରି ଲୋକ ସେବାରେ ନିଜକୁ ନିଯୁକ୍ତ କରିବେ ବୋଲି କହିଥିଲେ । ଏକ ଗଣମାଧ୍ୟମର କଟାକ୍ଷ ଯେ ଆପଣଙ୍କୁ ସୋସିଆଲ୍ ମେଡ଼ିଆରେ ଅଧିକ ପ୍ରମୋଶନ ମିଳିଥିବା ହେତୁ ମନ୍ତ୍ରୀପଦ ମିଳିଲା କି ବୋଲି ପ୍ରଶ୍ନର ଉତ୍ତର ସେ ଅତି ସରଳ ଭାବରେ ଦେଇଥିଲେ ଏବଂ କହିଥିଲେ ଯେ ତାଙ୍କୁ ମୋଦୀ ନିମନ୍ତ୍ରଣ କରିଥିଲେ ମନ୍ତ୍ରୀପଦବୀ ପାଇଁ, ତେଣୁ ସେ ମୋତେ କାହିଁକି ବାଛିଲେ ଏହାର ଉତ୍ତର ମଧ୍ୟ ସେ ହିଁ ଦେଇ ପାରିବେ । ସେ କହିଥିଲେ ଯେ ସେ ସରଳ ଜୀବନ ଯାପନ କରନ୍ତି ଏବଂ ଏଥିପାଇଁ ତାଙ୍କୁ କୌଣସି କଷ୍ଟ କରିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡ଼େନାହିଁ, କାରଣ ସେ ସବୁବେଳେ ଏମିତି ହିଁ ବଞ୍ଚି ଆସିଛନ୍ତି ।

## ୯. ପଶ୍ଚିମ ବଙ୍ଗରେ କ୍ରମବର୍ଦ୍ଧିଷ୍ଣୁ ହିଂସା, ଲୋକତନ୍ତ୍ର ବିପଦରେ

ନିର୍ବାଚନ ପୂର୍ବରୁ ଏବଂ ପରବର୍ତ୍ତୀ ସମୟରେ ପଶ୍ଚିମ ବଙ୍ଗରେ ହିଂସା ବନ୍ଦ ହେବାର ନାଁ ନେଉନାହିଁ । ପ୍ରତିଦିନ କୌଣସି ନା କୌଣସି ରାଜନୈତିକ ଦଳର କାର୍ଯ୍ୟକର୍ତ୍ତାଙ୍କ ହତ୍ୟାକାଣ୍ଡର ଖବର ରାଷ୍ଟ୍ରୀୟ ଗଣମାଧ୍ୟମକୁ ବ୍ୟସ୍ତ ରଖୁଛି । ବିଗତ ଦିନରେ ଭାଜପାର ଅନେକ କର୍ମକର୍ତ୍ତାଙ୍କ ହତ୍ୟାକାଣ୍ଡପରେ ଏବେ ପୁଣିଥରେ ସେହିଭଳି ଅବସ୍ଥା ସୃଷ୍ଟି ହୋଇଛି । ଏହାକୁ ନେଇ କେନ୍ଦ୍ର ସରକାର ଚିନ୍ତନ କରୁଛନ୍ତି । ଏହି ଅବସ୍ଥାକୁ ଦେଖି ଭାଜପା ରାଜ୍ୟରେ ବନ୍ଦ ଆୟୋଜନ କରିବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁକରିବା ପାଇଁ ଦାବୀ କରୁଛି ।

ଅପର ପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମନ୍ତବ୍ୟ ଦେଇଛନ୍ତି ଯେ ଆହତ ବାଘ ସହ ଲଢ଼ିବା ବିପଦ ଜନକ ହୋଇପାରେ । ଏବଂ ଭାଜପା ପଶ୍ଚିମବଙ୍ଗରେ ଅସ୍ଥିରତା ସୃଷ୍ଟିକରି ଗୁଜୁରାତ ଭଳି ଅବସ୍ଥା ସୃଷ୍ଟି କରିବାକୁ ଚାହୁଁଛି । ମମତାଙ୍କ ମନମୁଖୀ କାର୍ଯ୍ୟକଳାପ ବିଷୟରେ ଅନେକ ଜାଣନ୍ତି ଏବଂ ଆଜିକାଲିର ସୋସିଆଲ୍ ମିଡ଼ିଆର ପ୍ରାବଲ୍ୟତା ଭିତରେ ପଶ୍ଚିମବଙ୍ଗରେ ହେଉଥିବା ପ୍ରତ୍ୟେକ ଘଟଣାର ଟିକିନିଖି ବିବରଣୀ ଲୋକଙ୍କ ନିକଟରେ ପହଞ୍ଚି ପାରୁଛି । ଏହି ହିଂସାକାଣ୍ଡ ଶୀଘ୍ର ବନ୍ଦ ନ ହେଲେ ସାଧାରଣ ଜନତା ହିଁ ଏହାର ଶୀକାର ହେବେ ଏବଂ ରାଜ୍ୟରେ ଶାନ୍ତି ନଷ୍ଟ ହେବ ବୋଲି ବୁଦ୍ଧିଜୀବି ମତ ଦେଇଛନ୍ତି ।

ଏହି ଘଟଣାକ୍ରମ ମଧ୍ୟରେ ପଶ୍ଚିମବଙ୍ଗର ରାଜ୍ୟପାଳ ଗତକାଲି ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ । ଅବଶ୍ୟ ଗଣମାଧ୍ୟମ ଓ ବୁଦ୍ଧିଜୀବି ମତ ଦେଇଛନ୍ତି ଯେ ଏହି ସାକ୍ଷାତକାର କେବଳ ସୌଜନ୍ୟମୂଳକ ନଥିଲା, ବରଂ ରାଜ୍ୟରେ ସ୍ଥାୟିତ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଣିବା ପାଇଁ କୌଣସି ବୃହତ ପଦକ୍ଷେପ ପାଇଁ ପ୍ରାକ୍ ସୂଚନା ଥିଲା ।

## ୧୦. ରକ୍ଷା ବଜେଟରେ କାଟ କରିଲା ପାକିସ୍ତାନ

ନିଜ ଦେଶର ଅର୍ଥନୀତି ଅତ୍ୟନ୍ତ ଦୂର୍ବଳ ହୋଇଯିବାପରେ ଏବଂ ବିଶ୍ୱର କୌଣସି ଦେଶ ଏହି ଭଳି ସମୟରେ ପାକିସ୍ତାନକୁ ଆର୍ଥିକ ସହାୟତା ଦେବାପାଇଁ ମନା କରିଦେବା ପରେ, ଦେଶର ଅବସ୍ଥା ଏତେ ଗୁରୁତର ହୋଇଗଲା ଯେ ପାକିସ୍ତାନ ନିଜର ରକ୍ଷା ବଜେଟକୁ କମ କରିବାକୁ ନିଷ୍ପତ୍ତି ନେଇଛି । ଯଦିଓ ରକ୍ଷା ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି ଯେ ଏହି ଅର୍ଥ ଦେଶର ଅନେକ ଅବିକଶିତ ଅଞ୍ଚଳରେ ଖର୍ଚ୍ଚ କରାଯିବା ପାଇଁ କରାଯାଇଛି, କିନ୍ତୁ ଅର୍ଥନୀତିକ ବିଶେଷଜ୍ଞମାନେ ଭଲ ଭାବରେ ଜାଣିଛନ୍ତି ଏବଂ ମତପୋଷଣ କରିଛନ୍ତି ଯେ ପାକିସ୍ତାନ ବର୍ତ୍ତମାନ ଆର୍ଥିକ ଦୂରାବସ୍ଥା ଦେଇ ଗତି କରୁଛି ।

ସୂଚନାଯୋଗ୍ୟ ଯେ କାଶ୍ମୀରରେ ସେନାବାହିନୀ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଭାରତର ଚାଳିଶି ଜଣ ଯବାନ ଶହିଦ ହେବାପରେ ଭାରତ ସରକାରଙ୍କ ଦ୍ୱାରା ପାକିସ୍ତାନ ଉପରେ ଅନେକ ଆର୍ଥିକ କଟକଣା ଲାଗୁ କରାଯାଇଥିଲା । ଆମଦାନୀକୁ ବନ୍ଦ କରିବା ଏବଂ ରପ୍ତାନୀକୁ ହ୍ରାସ କରି ପାକିସ୍ତାନର ଅଭ୍ୟନ୍ତରୀଣ ଅର୍ଥନୀତିକୁ ମାତ୍ର କେଇ ମାସରେ ନଷ୍ଟ କରି ଦିଆଯାଇଛି । ସମ୍ଭାବ୍ୟ ଯୁଦ୍ଧର ଆଶଂକାରେ ତ୍ରସ୍ତ ପାକିସ୍ତାନର ସରକାର କୌଣସି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆର୍ଥିକ ଅଭାବରେ ପଡ଼ିଥିବା ବେଳେ ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ ଦେଶକୁ କୌଣସି ଋଣ ଦେବାପାଇଁ ମନା କରିଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ବିଗତ ବର୍ଷ ଭାରତର ସର୍ଜିକାଲ୍ ଷ୍ଟ୍ରାଇକ୍ ଏବଂ ପରେ ପରେ ଏୟାର୍ ଷ୍ଟ୍ରାଇକ୍ ଦ୍ୱାରା ଭୟଭୀତ ପାକିସ୍ତାନ ନିଜର ରକ୍ଷାଖର୍ଚ୍ଚକୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ୧୧. ବିଶ୍ୱକପ୍ କ୍ରିକେଟରେ ଧୋନୀଙ୍କ ଗ୍ଲୋଭସ୍ ଚର୍ଚ୍ଚାରେ

ଚଳିତ ବର୍ଷ ଆୟୋଜିତ ହେଉଥିବା ବିଶ୍ୱକପ୍ କ୍ରିକେଟ୍‌ରେ ଭାରତ ଭଲ ପ୍ରଦର୍ଶନ କରୁ ଆସୁଥିବା ବେଳେ ବିଗତ ଦିନରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆୟୋଜିତ ଏକ ମ୍ୟାଚରେ ଭାରତର ପୂର୍ବ କ୍ୟାପଟେନ୍ ଓ ୱିକେଟ୍ ରକ୍ଷକ ମହେନ୍ଦ୍ର ସିଂ ଧୋନୀଙ୍କ ହାତର ଗ୍ଲୋଭ୍‌ସକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଏହି ଗ୍ଲୋଭସରେ ସେ ଭାରତୀୟ ସେନାର ବିଜୟର ଚିହ୍ନକୁ ଛାପିଥିଲେ । ଏହାକୁ ନେଇ ଅନ୍ତରାଷ୍ଟ୍ରୀୟ କ୍ରିକେଟ୍ କାଉନ୍‌ସିଲ୍ ଭାରତୀୟ କ୍ରିକେଟ୍ ବୋର୍ଡ଼କୁ ନୋଟିସ୍ ଦେଇ ସେଇ ଚିହ୍ନକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହାକୁ ନେଇ ଭାରତରେ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ବିଭିନ୍ନ ସ୍ତରରେ ଏହି ଚିହ୍ନକୁ ନ ହଟେଇବାକୁ ନେଇ ଦାବୀ ଉଠିଥିଲା । ଏବଂ ଭାରତୀୟ କ୍ରିକେଟ୍ ବୋର୍ଡ଼ ଏହାକୁ ନେଇ ଆଇସିସିକୁ ସଚେତନ ମଧ୍ୟ କରିଥିଲେ । ସୂଚନାଯୋଗ୍ୟ ଯେ ମହେନ୍ଦ୍ରସିଂ ଧୋନୀ ଜଣେ ଯୋଗ୍ୟ କ୍ରିକେଟ ଖେଳାଳୀ ହେବା ସହ ଭାରତୀୟ ସେନା ବାହିନୀର ଜଣେ ଉଚ୍ଚପଦବୀ ଯୁକ୍ତ ଅଧିକାରୀ ମଧ୍ୟ । ତେଣୁ ସେ ସେନାବାହିନୀର ଶୌର୍ଯ୍ୟ ଓ ପରାକ୍ରମର ଚିହ୍ନକୁ ନିଜ ଗ୍ଲୋଭସରେ ବ୍ୟବହାର କରି ସେନାବାହିନୀକୁ ସମ୍ମାନ ଦେଇଥିଲେ ।

କିନ୍ତୁ ଏହି ଚିହ୍ନକୁ ନେଇ ପାକିସ୍ତାନ ତରଫରୁ ଅଭିଯୋଗ ଆସିଥିଲା । କୁହାଯାଇଥିଲା ଯେ ଧୋନୀ ନିଜ ଗ୍ଲୋଭସରେ ତ୍ରିଶୁଳ ଚିହ୍ନ ଲଗାଇଛନ୍ତି ଯାହା ଏକ ଧାର୍ମିକ ଚିହ୍ନ । ଏବଂ ପାକିସ୍ତାନର ଟିଭିରେ ଅନେକ ଚର୍ଚ୍ଚା ଏହାକୁ ନେଇ ହୋଇଥିଲା ।

ଆଶ୍ଚର୍ଯ୍ୟର ବିଷୟ ବର୍ଷ ୨୦୧୧ର ବିଶ୍ୱକପ୍ ସମୟରେ ପାକିସ୍ତାନର କ୍ରିକେଟ୍ ଟିମ୍ ପଡ଼ିଆରେ ସାମୁହିକ ଭାବରେ ନମାଜ ପଢ଼ିଥିଲେ ଯାହା ଆଇସିସି ନିୟମର ବିରୁଦ୍ଧ ଏବଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳେ ଏହାକୁ ନେଇ କୌଣସି ଦଳ ଅଭିଯୋଗ କରିନଥିଲେ ।

ସେ ଯା ହେଉ, ଧୋନୀ ଏହାପରେ ନିଜ ଗ୍ଲୋଭସରୁ ସେ ଚିହ୍ନକୁ ହଟେଇ ଦେଇଛନ୍ତି । କିନ୍ତୁ ତାଙ୍କର ସେନାବାହିନୀ ପ୍ରତି ଥିବା ନୈତିକ ସମର୍ଥନ ହେତୁ ସେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।

## ୧୨. ଅନ୍ତରାଷ୍ଟ୍ରୀୟ କ୍ରିକେଟରୁ ସନ୍ୟାସ ନେଲେ ଯୁବରାଜ ସିଂ

ଭାରତର ଜଣେ ଶ୍ରେଷ୍ଠ କ୍ରିକେଟ୍ ଖେଳାଳୀ ଏବଂ ଯୁବରାଜ ଭାବରେ ପରିଚିତ ଯୁବରାଜ ସିଂ ନିଜ କ୍ରିକେଟ୍ କ୍ୟାରିୟରରୁ ସନ୍ୟାସ ନେଇଛନ୍ତି । ଗତକାଲି ମୁମ୍ବାଇଠାରେ ଆୟୋଜିତ ଏକ ସଭାରେ ସେ ଅନ୍ତରାଷ୍ଟ୍ରୀୟ କ୍ରିକେଟରୁ ସନ୍ୟାସ ନେବା କଥା ଜଣାଇଛନ୍ତି ।

ସୂଚନାଯୋଗ୍ୟ ଯେ ଯୁବରାଜ ଚଳିତ ବିଶ୍ୱକପ୍ କ୍ରିକେଟ୍ ଦଳରେ ସ୍ଥାନ ପାଇବା ନେଇ ଆଶାୟୀ ଥିଲେ । କାରଣ ବର୍ଷ ୨୦୧୧ ବିଶ୍ୱକପ ସମୟରେ ଯୁବରାଜ ଭାରତପାଇଁ ଲକି ସାବ୍ୟସ୍ତ ହୋଇଥିଲେ ଏବଂ ଚାରୋଟି ମ୍ୟାଚରେ ସେ ମ୍ୟାନ୍ ଅଫ ଦ ମ୍ୟାଚ୍ ପାଇଥିଲେ ଏବଂ ଦଳର ବିଜୟରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

ସେ ଭାରତର ଏକମାତ୍ର ଖେଳାଳୀ ଥିଲେ ଯେ ଗୋଟିଏ ଓଭରର ଛଅଟି ବଲରେ ଛଅଟି ଛକା ମାରି ବିଶ୍ୱ ରେକର୍ଡ଼୍ କରିଥିଲେ । ବର୍ଷ ୨୦୧୧ପରେ ସେ ମାରାତ୍ମକ କର୍କଟ ରୋଗରେ ପୀଡ଼ିତ ହୋଇ ଭାଙ୍ଗିପଡ଼ିଥିଲେ ଏବଂ ଆମେରିକାରେ ଚିକିତ୍ସିତ ହୋଇ ଦେଶକୁ ଫେରିବାପରେ ପୁଣିଥରେ ଭାରତୀୟ କ୍ରିକେଟ୍ ଦଳରେ ସ୍ଥାନପାଇ ଖେଳୁଥିଲେ । ସେ ଅନେକଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇଥିବା ବେଳେ, ନିକଟ ଅତୀତରେ ଅନେକ ମ୍ୟାଚରେ ତାଙ୍କୁ ଖେଳିବାକୁ ଦିଆଯାଇନଥିବା ଏବଂ ବିଶ୍ୱକପ୍ ଦଳରେ ସ୍ଥାନ ନ ପାଇବା ଆଦିକୁ ନେଇ ମର୍ମାହତ ହୋଇଥିଲେ ଏବଂ ସନ୍ୟାସ ନେଇଥିବା କଥା କହିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ୧୩. ଅଲିଗଡ଼ ଟ୍ୱିଙ୍କଲ୍ ଶର୍ମା ହତ୍ୟାକାଣ୍ଡରେ ଦେଶ ମର୍ମାହତ

ଜମ୍ମୁକାଶ୍ମୀରର କଠୁଆରେ ସଂଘଟିତ ଆସିଫା ବଳାତ୍କାର ମାମଲା ମନରୁ ନ ଲିଭୁଣୁ ଉତ୍ତରପ୍ରଦେଶର ଅଲିଗଡ଼ରେ ପୁଣି ଏକ ଜଘନ୍ୟ ଅପରାଧ ଲୋକଲୋଚନକୁ ଆସି ସମଗ୍ର ଦେଶକୁ ମ୍ରିୟମାଣ କରିପକାଇଲା ।

ମାତ୍ର ଦଶହଜାର ଟଙ୍କା ଫେରାଇବା ପାଇଁ କହିବାକୁ ନେଇ ଉତକ୍ଷିପ୍ତ ଦୁଇଜଣ ଯୁବକ ଧାର ଦେଇଥିବା ବ୍ୟକ୍ତିଙ୍କ ଦୁଇବର୍ଷର ଝିଅକୁ ନିଷ୍ଠୁର ଭାବରେ ବଳାତ୍କାର କରିବା ପରେ ଆଖି ଖୋଲିନେବା, ହାତ ଗୋଡ଼ କାଟିଦେଇ ପୋଡ଼ିଦେବା ଭଳି ଘଟଣା ସାମନାକୁ ଆସିଲା । ତ୍ୱରିତ କାର୍ଯ୍ୟାନୁଷ୍ଠାନ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସତ୍ତ୍ୱେ ଏହିଭଳି କୁତ୍ସିତ କାଣ୍ଡ କରିଥିବା ଉଭୟ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦିଆଯାଉ ବୋଲି ଦେଶସାରା ଦାବୀ ଉଠୁଛି ।

ଯେତେବେଳେ ଆସିଫା ହତ୍ୟାକାଣ୍ଡ ଘଟଣା ଘଟିଥିଲା ସେତେବେଳେ ଦେଶର ଅନେକ ବୁଦ୍ଧିଜୀବି ଏବଂ ବଲିଉଡ୍ କଳାକାର ସମର୍ଥନ କରି ପ୍ଲାକାର୍ଡ୍ ଧରି ସୋସିଆଲ୍ ମିଡ଼ିଆରେ ପୋଷ୍ଟ କରିଥିଲେ ଏବଂ ସେଥିରେ ସେମାନେ ଜଣାଇଥିଲେ ଯେ ଭାରତୀୟ ଭାବରେ ସେମାନେ ଦୁଃଖିତ । ଭାରତରେ ହିନ୍ଦୁ ମନ୍ଦିର ମାନଙ୍କରେ ବଳାତ୍କାର ଭଳି ଘଟଣା ହେଉଛି ଏବଂ ଘଟଣାକୁ ଆଲୋଚ୍ୟ କରି ହିନ୍ଦୁମାନଙ୍କ ବିରୁଦ୍ଧରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଟ୍ୱିଙ୍କଲ୍ ଶର୍ମା ହତ୍ୟାକାଣ୍ଡପରେ ସେମିତି କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳୁନାହିଁ । ସେଥିପାଇଁ ହିନ୍ଦୁବାଦୀ ସଂଗଠନମାନଙ୍କ ତରଫରୁ ପ୍ରତିକ୍ରିୟା ଜଣାଇ ଦିଆଯାଇଛି ଯେ ଏହି ଦେଶରେ ହିନ୍ଦୁମାନଙ୍କର କୌଣସି ସମ୍ମାନ ନାହିଁ । ଯଦି ଟ୍ୱିଙ୍କଲ୍ ମୁସଲମାନ୍ ହୋଇଥାନ୍ତା ହୁଏତ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଜାରୀ ହୁଅନ୍ତା । କିନ୍ତୁ ଏହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘଟଣାରେ ଅଭିଯୁକ୍ତ ଦୁଇଜଣ ମୁସଲମାନ ଏବଂ ପୀଡ଼ିତା ହିନ୍ଦୁ ହୋଇଥିବାରୁ ସେମିତି କୌଣସି ପ୍ରତିକ୍ରିୟା ଲୋକମାନେ, ବୁଦ୍ଧିଜୀବିମାନେ ଏବଂ ବଲିଉଡ୍ ଅଭିନେତ୍ରୀମାନେ ଦେଲେ ନାହିଁ ।

## ୧୪. କଠୁଆ ଆସିଫା ହତ୍ୟାକାଣ୍ଡରେ ଦଣ୍ଡବିଧାନ

ବର୍ଷ ୨୦୧୮ ଜାନୁଆରୀରେ ଘଟିଥିବା କଠୁଆ ଆସିଫା ହତ୍ୟାକାଣ୍ଡର ଦଣ୍ଡବିଧାନ ହୋଇଛି । ଏଥିରେ ତିନିଜଣଙ୍କୁ ଆଜୀବନ କାରାଦଣ୍ଡ ମିଳିଥିବା ବେଳେ ତିନିଜଣଙ୍କୁ ପାଞ୍ଚବର୍ଷ ଲେଖାଏ ଦଣ୍ଡ ବିଧାନ କରାଯାଇଛି । ମାତ୍ର ସତର ମାସରେ ଏହି ଦଣ୍ଡବିଧାନ ହୋଇଥିବାରୁ ଏହା ଉଲ୍ଲେଖନୀୟ ବୋଲି ଜଣାଯାଇଛି । ଏହିଭଳି ଘଟଣାରେ ମାମଲାର ଶୁଣାଣୀ ବର୍ଷ ବର୍ଷ ଧରି ହେଉଥିବା ବେଳେ ମାତ୍ର ଦେଢ଼ବର୍ଷରେ ମାମଲାର ଶୁଣାଣୀ ହୋଇପାରିଛି । ତେଣୁ ଏହାକୁ ସ୍ୱାଗତ କରିବା ଉଚିତ ।

ଏହି ମାମଲାରେ ପୋଲିସ ଦ୍ୱାରା ଜମା ହୋଇଥିବା ଚାର୍ଜଶିଟରେ ଉଲ୍ଲେଖ ହୋଇଥିବା ଅନେକ ଘଟଣା ଭୁଲ ବୋଲି ପ୍ରମାଣିତ ହୋଇ ସାରିଛି । ଯେଉଁଭଳି ଭାବରେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତର ପୁଅକୁ ସହ ଅଭିଯୁକ୍ତ ଭାବରେ ପୋଲିସ ବର୍ଣ୍ଣନା କରିଥିଲା ତାହାକୁ ଦେଖି ସମସ୍ତେ ତା ପାଇଁ ଫାଶୀ ଦଣ୍ଡ ମାଗୁଥିବା ବେଳେ ଜି ଟିଭିର ନ୍ୟୁଜ୍ ଡିଭିଜନ ମାମଲାର ତଦନ୍ତ କରି ଅଭିଯୁକ୍ତ ଘଟଣାଦିନ କଠୁଆରେ ନଥିବା କଥା ପ୍ରମାଣିତ କରି ଜଣେ ନିର୍ଦ୍ଦୋଷଙ୍କୁ ଆପାତତଃ ଆଜୀବନ କାରାଦଣ୍ଡରୁ ମୁକ୍ତ କରିଦେଇଛନ୍ତି । ତେଣୁ ଜିଟିଭିକୁ ଧନ୍ୟବାଦ ଦେବା ଉଚିତ ।

ସୂଚନାଯୋଗ୍ୟ ଯେ ପୋଲିସ ଫାଇଲରେ ଉଲ୍ଲେଖ କରାଯାଇଥିଲା ଯେ ଘଟଣାଦିନ ସକାଳେ ଅଭିଯୁକ୍ତ କଠୁଆରେ ଉପସ୍ଥିତ ଥିଲା ଏବଂ ବଳାତ୍କାର ଶିକାର ଆସିଫାକୁ ହତ୍ୟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାରେ ସାହାଯ୍ୟ କରିଥିଲା । ପୋଲିସ ଜମା କରିଥିବା ଧାରାବିବରଣୀକୁ ଭୂଲ ବୋଲି ଗଣମାଧ୍ୟମର ଭିଡ଼ିଓ ପ୍ରମାଣିତ କରିବା ପରେ ଅଦାଲତ ଗଣମାଧ୍ୟମକୁ ପ୍ରଶଂସା କରିଥିଲେ ।

କିନ୍ତୁ କଥା ଉଠୁଛି, ଯଦି ପୋଲିସ ଜମା କରିଥିବା ଚାର୍ଜସିଟରେ ଏତେ ଭୁଲ ରହିଛି ତା ହେଲେ ଅନ୍ୟ ସବୁ ଘଟଣାକୁ ସତ୍ୟ ବୋଲି କେମିତି ଧରିହେବ ? ଏବଂ କେଉଁ ଆଧାରରେ ଦଣ୍ଡ ବିଧାନ କରିହେବ । ଅବଶ୍ୟ ଏହି ଦଣ୍ଡବିଧାନ ପରେ ଅଭିଯୁକ୍ତମାନେ ଉଚ୍ଚତମ ନ୍ୟାୟାଳୟ ଯାଇ ପାରିବେ ବୋଲି ବ୍ୟବସ୍ଥା ରହିଛି । ଏବଂ ସେମାନେ ଉଚ୍ଚ ନ୍ୟାୟାଳୟକୁ ଯିବେ ମଧ୍ୟ ବୋଲି ଅଭିଯୁକ୍ତ ପକ୍ଷର ଓକିଲ ମତ ଦେଇଛନ୍ତି ।

## ୧୫. ଭାରତୀୟ ସାମରିକ ବିମାନ ପୂର୍ବାଞ୍ଚଳରେ ନିଖୋଜ

ଭାରତୀୟ ସାମରିକ ସେବାର ଏକ ବିମାନ ଉତ୍ତର ପୂର୍ବାଞ୍ଚଳରେ ଉଡ଼ାଣ ଭରିବାର କେଇ ମିନିଟ୍ ପରେ ଉଭାନ ହୋଇଯାଇଥିଲା । ଜୁନ୍ ତିନି ତାରିଖରେ ଏହା ଉଡ଼ାଣ ଭରିବା ପରେ ମାତ୍ର ଏକଘଣ୍ଟାପରେ ବିମାନ କଣ୍ଟ୍ରୋଲ୍ ରୁମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ଏବଂ ସେହିଦିନଠାରୁ ବିମାନକୁ ଖୋଜା ଚାଲିଥିଲା ।

ସ୍ଥଳ ବାହିନୀ ଓ ଆକାଶବାହିନୀ ସହାୟତାରେ ଖୋଜା ଯାଉଥିବା ବେଳେ ଆଜି ଅପରାହ୍ଣରେ ଏହାର ଭଗ୍ନାବଶେଷ ମିଳିଥିବାର ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ ଏହି ବିମାନରେ ତେରଜଣ ସଦସ୍ୟ ଥିବା ବେଳେ ସେଥିରେ ଓଡ଼ିଶାର ଜଣେ ଥିବା ଜଣା ପଡିଛି ।

## ୧୬. ଏଭେରେଷ୍ଟ ବିଜୟିନୀ କଳ୍ପନା ଦାସଙ୍କ ଦେହାନ୍ତ

ଏଭେରେଷ୍ଟ ଶୃଙ୍ଗ ଉପରେ ଚଢ଼ିବାରେ ଓଡ଼ିଶାର ସ୍ୱର୍ଗତା କଳ୍ପନା ଦାସ ଅନନ୍ୟ ପ୍ରତିଭା ଥିଲେ । ସେ ବିଗତ ମାସରେ ଏଭେରେଷ୍ଟ ଚଢ଼ିବାକୁ ଯାଇଥିଲେ ଏବଂ ଫେରିବା ରାସ୍ତାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କର ଶ୍ୱାସରୁଦ୍ଧ ହୋଇ ପ୍ରାଣତ୍ୟାଗ ହୋଇଥିଲା । ଏଭେରେଷ୍ଟ ଶୃଙ୍ଗ ଚଢ଼ିବା ଅତ୍ୟନ୍ତ କଷ୍ଟକର କାମ ଯାହା ବହୁତ କମ ଲୋକ ହିଁ କରିପାରନ୍ତି । କଳ୍ପନା ଦାସ ଆଗରୁ ମଧ୍ୟ ଏଭେରେଷ୍ଟ ଶୃଙ୍ଗ ସମେତ ବିଶ୍ୱର ଅନେକ ଉଚ୍ଚତମ ଶୃଙ୍ଗ ଚଢ଼ିବାରେ ଦକ୍ଷତା ହାସଲ କରିଥିଲେ । କିନ୍ତୁ ଗତ ମାସରେ ସେ ଏଭେରେଷ୍ଟରୁ ଓହ୍ଲାଉଥିବା ବେଳେ ଅମ୍ଳଜାନର ଅଭାବରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ ।

## ୧୭. ରାମ ନାମରେ ଚିଡୁଛନ୍ତି ମମତା ଦିଦି

ବିଗତ ମାସରେ ସବୁଠୁ ଅଧିକ୍ ଭାଇରାଲ୍ ହୋଇଥିବା ଭିଡ଼ିଓ ମଧ୍ୟରେ ଥିଲା ମମତା ବାନାର୍ଜୀଙ୍କ 'ଜୟ ଶ୍ରୀ ରାମ' ଧ୍ୱନୀ ଶୁଣି ବିରକ୍ତ ହୋଇ ଗାଳିଗୁଲଜ କରୁଥିବାର ଦୃଶ୍ୟ । ବିଗତ ମାସରେ ନିର୍ବାଚନ ସମୟରେ ମମତା ବାନାର୍ଜୀ ଅନେକ ସ୍ଥାନରେ 'ଜୟ ଶ୍ରୀରାମ' ଧ୍ୱନୀ ଶୁଣି ଚିଡୁଥିବାର ଦେଖି ଭାଜପା କର୍ମକର୍ତ୍ତାମାନେ ଦିଦିଙ୍କୁ ଚିଡ଼େଇବାକୁ ଲାଗିଲେ । ଅବସ୍ଥା ଏମିତି ହେଲା ଯେ ଦିଦିଙ୍କ 'ଜୟ ଶ୍ରୀ ରାମ' ଧ୍ୱନୀ ପ୍ରତି ଚିଡ଼ିବା ଦେଖି ଭାଜପା ତରଫରୁ ଦିଦିଙ୍କୁ ଦଶଲକ୍ଷ ପୋଷ୍ଟକାର୍ଡ଼ ପଠାଇବା ପାଇଁ ଯୋଜନା କରାଯାଇଥିଲା ।

ଏହାପରେ ବି ସୋସିଆଲ୍ ମିଡ଼ିଆରେ ଦିଦିଙ୍କ ଘର ଓ ଅଫିସ ଠିକଣା ସମେତ ମୋବାଇଲ, ଇମେଲ୍ ଆଦି ମଧ୍ୟ ଶେୟାର୍ ହେବାକୁ ଲାଗିଲା । ଲୋକମାନଙ୍କ ବହୁ ସଂଖ୍ୟାରେ 'ଜୟ ଶ୍ରୀ ରାମ' ଲେଖା ଦେଖି ନିଜ ଫେସବୁକ୍ ରେ ଘୋଷଣା କରି କହିଥିଲେ ଯେ ସେ ଶ୍ରୀ ରାମ ବା ଜୟ କାଳୀ ଶୁଣି ଚିଡ଼ନ୍ତି ନାହିଁ କିନ୍ତୁ ଭାଜପା କର୍ମକର୍ତ୍ତା ଜାଣିଶୁଣି ତାଙ୍କୁ ଚିଡ଼ାଇବା ପାଇଁ ଏହା କରୁଥିବାରୁ ସେ ପ୍ରତିକ୍ରିୟାଶୀଳ ହୋଇ ପଡୁଛନ୍ତି ।

## ୧୮. ରଥଯାତ୍ରା ପ୍ରସାରଣକୁ ନେଇ ବିବାଦ

ଚଳିତ ବର୍ଷ ପୁରୀ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଘୋଷଣା କରାଯାଇଥିଲା ଯେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୌଣସି ଗଣମାଧ୍ୟମ ରଥଯାତ୍ରାର ସିଧା ପ୍ରସାରଣ କରିବେ ନାହିଁ । ଏଥିପାଇଁ ଇଚ୍ଛୁକ ସଂସ୍ଥା ମନ୍ଦିର ପ୍ରଶାସନ ନିକଟରେ ବନ୍ଦ ଲଫାଫାରେ ଟେଣ୍ଡର ପ୍ରକ୍ରିୟା ଦ୍ୱାରା ଦାବୀ କରିବେ । କିନ୍ତୁ ଏହାକୁ ନେଇ ଓଡ଼ିଶାରେ ଗଣମାଧ୍ୟମ ଏବଂ ସୋସିଆଲ୍ ମିଡ଼ିଆରେ ବ୍ୟାପକ ଚର୍ଚ୍ଚା ହୋଇଥିଲା । ମନ୍ଦିର ପ୍ରଶାସନର ଏହି ପଦକ୍ଷେପକୁ ଅନେକ ସମାଲୋଚନା କରିଥିଲେ । ତଥାପି ଗଣମାଧ୍ୟମ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ସହ ଓଡ଼ିଶା ଟିଭି ସର୍ବାଧିକ ମୂଲ୍ୟ ଉଲ୍ଲେଖ କରିଥିଲା ।

କିନ୍ତୁ ସଦ୍ୟପ୍ରାପ୍ତ ସୂଚନା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନର ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ରଥଯାତ୍ରାକୁ ସମସ୍ତ ଗଣମାଧ୍ୟମ ପ୍ରସାରଣ କରି ପାରିବେ କିନ୍ତୁ ସେମାନେ ପାଉଥିବା ବିଜ୍ଞାପନ ଆୟର କିଛି ଅଂଶ ଶ୍ରୀମନ୍ଦିର ହୁଣ୍ଡିକୁ ଦାନ କରିବେ ।

ଆସୁଛି ଓଡ଼ିଆ ମାନଙ୍କର ସମ୍ପୂର୍ଣ୍ଣ ଓଡ଼ିଆ ପର୍ବ ରଜ । ରଜପର୍ବ ଓଡ଼ିଶାରେ ଚାଷବାସ ଆରମ୍ଭ କରିବା ଋତୁର ପୂର୍ବ ସମୟକୁ ଦର୍ଶାଏ । ଅତୀତରେ ସମ୍ଭବତଃ ଏହି ସମୟରେ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ଖାଲିରେ ରହୁଥିବା ବେଳେ ସେମାନେ ଭୂମି ପୂଜା କରିବା ଏବଂ ଚାଷଜମିକୁ ଚାଷ ପାଇଁ ପ୍ରସ୍ତୁତ କରିବାକୁ ଉତ୍ସବର ରୂପ ଦେଇଥିବେ ଏବଂ ନୂଆ ନୂଆ ମୌସୁମୀ ବର୍ଷାରେ ଗଛ ଡାଳରେ ଦୋଳିବାନ୍ଧି ଖେଳିଥିବେ ଏବଂ କାଳକ୍ରମେ ଏହା ଉତ୍ସବର ରୂପ ନେଇଥିବ । ଯାହା ବି ହେଉ ରଜ ଏକ ପ୍ରାକୃତିକ ପର୍ବ, ଏହି ତିନିଦିନ ଆମ ଘରମାନଙ୍କରେ ପିଠାପଣାର ସମ୍ଭାର ସହ ଖେଳକୁଦ ଓ ଦୋଳିଖେଳ ଆଦି ହୁଏ । ବନ୍ଧୁବାନ୍ଧବଙ୍କ ଗହଣରେ ଆନନ୍ଦ ଉଲ୍ଲାସରେ ସମୟ ବିତାଇବା ।

ପବିତ୍ର ରଜ ପର୍ବର ଶୁଭ ଅଭିନନ୍ଦନ । ଜୟ ଓଡ଼ିଆ, ଜୟ ଓଡ଼ିଶା, ଜୟ ଜଗନ୍ନାଥ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ବଂଚିବା ପାଇଁ ସଂଘର୍ଷ

କଲରାପତରିଆ ବାଘଠାରୁ ଶିକାର ଛଡାଇବା

ବହୁତ ପୁରୁଣା କଥା ମନେ ପଡି ଯାଉଥିଲା । ଏ ଭିତରେ ଦୁଇଭାଇ ଦଳ ଛାଡି ଆସିବାର ଅନେକ ଦିନ ହୋଇ ଗଲାଣି । ସେମାନେ ଦଳବିନା ରହିବା ଭଲ ଭାବେ ଶିଖି ଗଲେଣି । ଟିକିଏ ଦୂରରୁ ଏକ ବାରହାର ଡାକ ଶୁଣିଲେ । ବାରହା ଶିକାରର ସୁଯୋଗ ମିଳିଛି । ସବୁବେଳେ ଜଙ୍ଗଲରେ ଶିକାରପାଇଁ କିଏ ନା କିଏ ଶିକାରୀ ଜନ୍ତୁ ଚେଷ୍ଟା କରି ପାରନ୍ତି । ଏଣୁ ବାରହା ଶିକାର କରିବା ପାଇଁ ହୁଏତ ଅନ୍ୟ କେହି ଶିକାରୀ ମଧ୍ୟ ଅପେକ୍ଷା କରି ଥାଇପାରେ । ଏଣୁ ସେହି ଶବ୍ଦ ଆଡକୁ ଆଗେଇ ଗଲେ ।

ଦିନଏ ଭିତରେ ଅନେକ ଆଗେଇ ଯାଇଥିଲା । ଭିତର ଜଙ୍ଗଲର ଗଛ ପତ୍ରରେ ହାଲକା କାଳି ନେସି ହୋଇଗଲା ଭଳି ଲାଗୁଥିଲା । ହଠାତ୍ ପତ୍ରର ଉପରେ ଚାଲିବାର ଶବ୍ଦ ଆସିଲା । ଏହା ଡାଳ ପତ୍ର ସବୁ ଆଡେଇ ହୋଇ ଯାଇଥିବାର ଶବ୍ଦ ଥିଲା । ଗୋଟିଏ ଜଙ୍ଗଲି ବାରାହା ଏକୁଟିଆ ଏ ଆଡକୁ ଚାଲି ଆସୁଥିଲା । ମଝିର କିଛି ଦୌଡିବାର ଶବ୍ଦ ମଧ୍ୟ ଥିଲା । ଏହା ତରୁଣ ସିଂହ ମାନଙ୍କ ପାଇଁ ଏକ ଆଉ ଗୋଟିଏ ସୁଯୋଗ ଥିଲା ।

ଏ ତରୁଣ ସିଂହ ଦୁହେଁ ଶବ୍ଦ ନ କରି ଖୁବ୍ ସର୍ନ୍ତପଣରେ ଶବ୍ଦ ଆଡକୁ ଆଗେଇ ଚାଲିଲେ । ଭୋକରେ ଶିକାର ଖୋଜିବା ସମୟରେ ତରୁଣ ସିଂହ ଦୁଇଙ୍କର ପୁରୁଣା ଦିନ କଥା ମନେ ପଡି ଯାଉଥିଲା । ଏବେ ଶିକାର ନିଜେ ଖୋଜିବାକୁ ପଡିବ । କେହି ଆଉ ସାହାଯ୍ୟ କରିବାକୁ ନାହାନ୍ତି । ଏତେ ଦିନ ଧରି ସେମାନେ ନିଜ ଦଳସହ ଥିଲେ । ଏବେ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ହେଲା ସେମାନଙ୍କୁ ନିଜର ଦଳରୁ ବାହାର କରି ଦିଆ ଯାଇଥିଲା । ସେଇଠି ସେମାନେ ଜନ୍ମ ନେଲେ, ନିଜର ପିତା ବା ମୁଖ୍ୟ ସିଂହ ସହ ଖେଳିଲେ ବୁଲିଲେ । ମା' ଆଉ ମାଉସୀମାନେ ସେମାନଙ୍କୁ ଅନେକ ବିପଦରୁ ରକ୍ଷା କରିଥିଲେ । ଅନେକ ସମୟରେ ନିଶ୍ଚିତ ମୃତ୍ୟୁ ହୋଇଯାଇ ଥାଆନ୍ତା । ସେମାନଙ୍କର ବାଳୁତ ଦିନମାନ ଖୁବ ଖୁସିରେ କଟି ଯାଇଥିଲା । ପିତା କିଛି କାମରେ ସେମାନଙ୍କୁ ଅଟକାଉ ନଥିଲେ ।

ଯେଉଁ ପିତା ସେମାନଙ୍କ ସହ ଏତେ ଖେଳିଥିଲା ଆଉ ବିପଦରୁ ରକ୍ଷା କରିଥିଲା ସେହି ବିଶାଳ ଶକ୍ତଶାଳୀ ପିତା ସିଂହ ତାଙ୍କୁ ବିନା କାରଣରେ ନିଜର ଦଳରୁ ବାହାର କରିଦେଲା । ସେମାନଙ୍କର ମା କିମ୍ବା ମାଉସୀ ମାନେ କିଛି ସାହାଯ୍ୟ କଲେ ନାହିଁ । ସେମାନେ ନିଜ ଦଳରୁ ବାହାରିବାକୁ ଚାହୁଁନଥିଲେ । ସେମାନେ ନିଜର ପିତାକୁ ଆଉ ହଇରାଣ ମଧ୍ୟ କରି ନଥିଲେ । ତା ସତ୍ତ୍ୱେ ବିଶାଳ ଶରୀରଧାରୀ ସେମାନଙ୍କ ପିତା ସେମାନଙ୍କୁ ନିଜ ଦଳରେ ରଖିବାକୁ ଚାହୁଁ ନଥିଲା । ଏ ଭିତରେ ସେମାନେ ଅନେକ ବଡ ହୋଇ ଯାଇଥିଲେ । ସେମାନେ ମୁଣ୍ଡକୁ ମୁଣ୍ଡ ଘଷାଘଷି ହେଲେ । ନିଜ ଭିତରେ କିଛି କଥା ହେଉଥିଲେ। । ସେହି ପୁରୁଣା ଦିନ ମାନଙ୍କର କଥା ।

ଅଳ୍ପ ଦୂରରେ ଅଛି ।- ଜୟ କହିଲା । ସେମାନେ ଖୁବ ସାବଧାନ ହୋଇଗଲେ ।

ଶବ୍ଦର ଦୂରତା ମାପି ଜଣିବା ଜଙ୍ଗଲରେ ଅତି ଆବଶ୍ୟକ । ଶବ୍ଦ, ଗନ୍ଧ ଇତ୍ୟାଦିରେ ଏକ ଶିକାରୀକୁ ପାରଙ୍ଗମ ହେବ ଆବଶ୍ୟକ । ସେମାନେ ଦଳରେ ରହିଲାବେଳେ ଏତେ ଧ୍ୟାନ ଦେଉ ନଥିଲେ । ମା ଆଉ ମାଉସୀମାନେ ମୁଖ୍ୟତଃ ଶିକାର କରୁଥିଲେ । ଦଳରେ ଯୋଜନା, ଗତି, ପବନର ଦିଗ ଇତ୍ୟାଦିକୁ ଧ୍ୟାନ ଦିଆଯାଏ । ଶିକାର ସମୟ ମଧ୍ୟ ତଉଲାଯାଏ । କିନ୍ତୁ ଏକାକୀ ଶିକାର ବେଳେ ଆହୁରି ଅନେକ କଥାରେ ଧ୍ୟାନ ଦିଆଯାଏ ଯେମିତିକି ଗନ୍ଧ, ଶବ୍ଦ, ଆଲୋକର ମାତ୍ରା ଇତ୍ୟାଦି । ଏକାକୀ ଶିକାରରେ ବ୍ୟର୍ଥତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ଭାବନା ବହୁତ ଅଧିକ । ଏଠି ସାବଧାନ ରହିବା ଅତୀବ ଆବଶ୍ୟକ ।

ସେମାନଙ୍କ ଗତି ଏବେ ଧିର ହୋଇଗଲା, ଆଖି ସବୁ ଯାଗାକୁ ଖୋଜୁଥିଲା । ମୁଣ୍ଡ ବାରହା ଡାକ ଆସୁଥିବା ଦିଗକୁ ହୋଇ ଯାଇଥିଲା । ସେମାନଙ୍କୁ ବଡ ସନ୍ତର୍ପଣର ସହ ଯିବାକୁ ହେବ । ଏପର୍ଯ୍ୟନ୍ତ ସେମାନେ ଶିକାର ଦେଖିନାହାନ୍ତି କିନ୍ତୁ ଡାକ ଶୁଣିଛନ୍ତି । ବାରହାମାନେ ସାଧାରଣତଃ ଗଛ ମୂଳ, ମାଟି ଇତ୍ୟାଦି ତାଡନ୍ତି ଆଉ ସେଥିରୁ କିଛି କନ୍ଦା ଇତ୍ୟାଦି ଖାଆନ୍ତି । ବେଳେବେଳେ ତଳେ ପଡିଥିବା ଫଳମୂଳ ଖାଆନ୍ତି ।

ଜଙ୍ଗଲଟା ବୁଦୁବୁକିଆ । ମଝିରେ ମଝିରେ କିଛି ବଡଗଛ ଅଛି । ମାଟି ସାମାନ୍ୟ ଓଦାଳିଆ । କନ୍ଦା ଭଲ ମିଳିବ । ଆଗରେ କେଉଁଠି ବାରହା ଥିବ । ସେମାନେ ବୁଦା ଗହଳିକୁ ଚାଲିଗଲେ । ସେଇଠୁ ଉଙ୍କିଲେ । ବାରହା ଦେଖାଯାଉ ନଥିଲା ।

ସେମାନେ ଆଉ ଏକ ବୁଦା ଗହଳିକୁ ଚାଲିଗଲେ । ବାରହାଟା କେଉଁଠି ନଥିଲା । କିନ୍ତୁ କିଛି ଶବ୍ଦ ଆସୁଥିଲା । ଏମିତି ଖୋଜି ଖୋଜି ସେମାନେ ବାରହାକୁ ପାଇଯାଇଥାନ୍ତେ । କିନ୍ତୁ ଏ ଭିତରେ ବାରହାର ଆର୍ତ୍ତ ଚିତ୍କାର ଶୁଣାଗଲା । ଏମିତି ଚିତ୍କାର ଶୁଣି ସେମାନେ ଶବ୍ଦ ଆସୁଥିବା ଅଂଚଳକୁ ଖୁବ ଜୋରରେ ଧାଇଁଗଲେ । ଆଉ ବିଳମ୍ବ କରି ଲାଭ କଣ ? ଏ ଭିତରେ ବାରହାକୁ ଆଉ କିଏ ଶିକାରୀ ଧରି ନେଲାଣି ।

ସେପଟେ ଜଙ୍ଗଲୀ ବାରାହାକୁ ଗୋଟିଏ କଲରାପତରିଆ ବାଘ ଶିକାର କରି ନେଇଥାଏ । ଜଙ୍ଗଲରେ ସିଂହ ଆଉ କଲରାପତରିଆ ବାଘ ପ୍ରାୟ ଏକ ପ୍ରକାର ଶିକାର କରନ୍ତି । ସିଂହ ଅବଶ୍ୟ ନୀଳଗାଈ ଭଳି ବଡ ଶିକାର କରିନେଇପାରେ । କଲରାପତରିଆ ବାଘ ତା'ର ଆକାର ଅନୁପାତରେ ଛୋଟ ଆକାରର ପ୍ରାଣୀ ଶିକାର କରେ । ବାରହାଟା ବେଶୀ ବୟସ୍କ ନଥିଲା । ଦୁଇ କିଶୋର ସିଂହ ଏକଦମ ଖୋଲା ଯାଗାକୁ ନଆସି ବୁଦା ଗହଳରୁ ଉଙ୍କିଲେ । ଯଦି କେଉଁ ବଡସିଂହ ବାରହା ଶିକାର କରିଥାଏ ତାହେଲେ ସେମାନଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ ବିପଦ ଆସିବ । ସେମାନଙ୍କ ପାଖରେ ବଡ ସିଂହକୁ ହରାଇଲା ଭଳି ଶକ୍ତି ନାହିଁ ।

ଉଙ୍କି ମାରି ଏକ କଲରା ପତାରିଆ ବାଘ ଦେଖିଲେ । ବାଘଟି ଏକ ବଡ ଗଛଠାରୁ ଟିକିଏ ଦୂରରେ ଠିଆ ହୋଇଥିଲା । ଟିକିଏ ଖୋଲା ଯାଗା, ପଛପଟେ ବଡ ବୁଦାମାନ ଥିଲା । ସେଇଠୁ ବାଘ ବାରହାକୁ ଧରିଛି । ପ୍ରାୟ ସେମାନଙ୍କ ଆକାରର ବାଘ । ବାଘର ମୁହଁରେ ଛୋଟ ବାରାହାଟି ଲାଗିରହିଥାଏ । ବାଘଟି ତାର ତଂଟି ଝୁଣିଧରିଥିଲା । ବାରହାଟି ପୁରା ମରି ନଥିଲା । ତାର ଗୋଡ ଛଟପଟ ହେଉଥିଲା । ବାଘର ମୁହଁସାରା ରକ୍ତ । ତାର ହଳଦିଆ କଳା ଦେହ ପଛର ଜଙ୍ଗଲ ସହ ବହୁତ ମିଶି ଯାଉଥିଲା ।

କଲରାପତରିଆ ବାଘ ମଧ୍ୟ ସିଂହ ମାନଙ୍କ ଉପସ୍ଥିତି ଠଉରାଇ ନେଲା । ସେମାନେ ଏକ ଛୋଟ ବାଘ ଦେଖି ସାହାସ କଲେ । ସେମାନେ ପ୍ରଥମେ ଟିକିଏ ଟିକିଏ ଦୌଡି ବାଘ ଆଡକୁ ଖେଦି ଆସିଲେ । ଏଇ ବାଘଟାକୁ ହରାଇ ଦେଇହେବ । ଦୁଇଟା ମଧ୍ୟମ ଧରଣର ସିଂହ ସାଙ୍ଗରେ ଲଢାଇ କରିବାଟା ବୋକାମୀ ହେବ । ଶିକାର କରୁ କରୁ କଲରାପତରିଆ ବାଘଟି ଟିକିଏ ଖୋଲା ଜଙ୍ଗଲକୁ ଆସି ଯାଇଥିଲା । ଏହା ତାର ବୋକାମୀ ଥିଲା । ଖୋଲା ଜଙ୍ଗଲରେ ସିଂହ ଭଳି ଶକ୍ତିଶାଳୀ ଶିକାରୀ ଖାଇବା ଖୋଜି ବୁଲୁଥାନ୍ତି । କିନ୍ତୁ ପାଖରେ ଶିକାର ଧରି ଗଛ ଉପରକୁ ଚଢିଯିବା ଭଳି ସେମିତି କିଛି ସହଜିଆ ଗଛ ନଥିଲା । ବଡ ଗଛଟିର ଗଣ୍ଡି ସିଧା । ଚଢିବାକୁ ଟିକିଏ ସମୟ ଲାଗିବ । ତେଣୁ କଲରାପତରିଆ ବାଘ ଶିକାରକୁ ନେଇ ସହଜିଆ ଗଛ ଆଡକୁ ଦୌଡ଼ିବାକୁ ଚେଷ୍ଟା କଲା । ଥରେ ଗଛ ଉପରେ ଚଢିଗଲେ ଏ ସିଂହମାନେ କିଛି କରି ପାରିବେ ନାହିଁ ।

ଦୁଇଭାଇ କଲରାପତରିଆ ବାଘଠାରୁ ଶିକାର ଛଡାଇବା ଜାଣିନାହାନ୍ତି । ତେଣୁ ସେମାନେ ପ୍ରଥମେ ଦୋଦୋପାଂଚ ହେଲେ ।

ବିଜୟ ଏ ଛୋଟ ବାଘଟା ଶିକାର ନେଇ ପଳାଉଛି – ଜୟ କହିଲା । ତାର ଶରୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥରୁଥାଏ । ଜୟ ବହୁତ ସାହାସୀ । କିନ୍ତୁ କେବେ ଏକାକୀ କଲରାପତରିଆ ବାଘକୁ ଦେଖି ନାହିଁ । ବାଘର ଶକ୍ତି ବଷୟରେ ତାକୁ ମଧ୍ୟ ଜଣାନାହିଁ ।

ବିଜୟ । ଏ ବାଘଟା ତ ଦୌଡୁଛି । ଆମେ ଦୌଡିବା । ବିଜୟ କହିଲା । ଏମିତି ବିଜୟ ଟିକେ କମ ସାହାସୀ । କିନ୍ତୁ ପେଟରେ ପ୍ରବଳ ଭୋକ । ଏଣେ କଲରାପତରିଆ ବାଘଟା ଶିକାର ନେଇ ପଳାଉଛି । ଅନ୍ୟକିଏ ହୋଇଥିଲେ ଏ ତରୁଣ ସିଂହ ଦୁଇଙ୍କୁ ଦେଖି ଗଜଗର୍ଜନ କରିଥାନ୍ତା ଆଉ ଡରାଇଥାନ୍ତା । କିନ୍ତୁ ଏ ବାଘଟା ପଳାଉଛି ।

ସେ ଆମକୁ ଦେଖି ଡରୁଛି । ବିଜୟ କହିଲା । ବାଘଟା ମୁହଁରେ ଶିକାର ଧରି ଦୌଡୁଥିଲା । ସେ କଲରାପତରିଆ ବାଘର ବ୍ୟବହାରକୁ ଭଲ ଭାବେ ତଉଲାଉଥିଲା । ଦୁଇ ସିଂହଙ୍କ ଭିତରେ ବିଜୟ ଅଧିକ ବୁଦ୍ଧିମାନ, ସବୁ ସ୍ଥିତି ସେ ଠିକ ଭାବେ କଳନା କରି ନେଇ ପାରେ । ଶିକାରୀଟା ପଳାଉଛି ଅର୍ଥ ସେ ଦୁଇ ସିଂହଙ୍କୁ ଡରୁଛି । ଏମିତି ଡରୁଆ ଶିକାରୀଠୁ ଶିକାର ଛଡା ଯାଇପାରେ ।

ଜୟ ଚାଲ ସେ ବାଘଠାରୁ ଶିକାର ଛଡାଇବା । ବିଜୟ ଜୋରରେ କହିଲା । ଜୟର ହୋସ ଫେରି ଆସିଲା । ତାକୁ ସାହାସ ଦେବାପାଇଁ କିଏ ନା କିଏ ଦରକାର । ଥରେ ସାହାସ ପାଇଲେ ଜୟ ଦୁନିଆକୁ ହରାଇ ଦେବାର ଶକ୍ତି ରଖିଥିବାର ମନେକରେ ।

ବାଘ ଏମିତି ଦୋଡୁଥିବାର ଦେଖି ଏଇ ସିଂହ ଦୁଇ ଭାଇ ବାଘ ପଛରେ ଖୁବ୍ ଜୋରରେ ଦୌଡ଼ିବା ଆରମ୍ଭ କଲେ । କଲରାପତରିଆ ବାଘ ଶିକାର ମୁହଁରେ ଧରି ଜୋରରେ ଦୌଡି ପାରୁ ନଥିଲା । ସିଂହମାନେ ପାଖେଇ ଆସିଲେ । ସେ ବିପଦର ଲକ୍ଷଣ ଦେଖିପାରିଲା । ଡରରେ କଲରାପତରିଆ ବାଘ ମଲା ବାରାହାକୁ ପକେଇ ଦେଇ ଖୁବ୍ ଜୋରରେ ପ୍ରାଣ ବିକଳେ ଦୌଡ଼ିଗଲା ଆଉ ଟିକିଏ ଦୂରରେ ଗୋଟିଏ ଗଛ ଉପରେ ଚଢିଗଲା । ଗଛର ମୁଣ୍ଡିଆ ମଝି ଚଢିଯାଇ କଲରାପତରିଆ ବାଘଟି ଅସହାୟ ହୋଇ ଅନାଇ ରହିଲା । ଏ ଗଛକୁ ସିଂହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଢି ପାରିବ ନାହିଁ ।

ସିଂହମାନେ କଲରାପତରିଆ ବାଘକୁ ସାମାନ୍ୟ ତଡିଲେ । କିନ୍ତୁ ତଳେ ଘାସରେ ଏକ ଶିକାର ପଡିଛି । କଲରାପତରିଆ ବାଘ ପଛରେ ଦୌଡି କିଛି ଲାଭନାହିଁ । ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା ଶିକାର । ସେମାନେ କେଇ ଖୋଜ ଦୌଡି ରହିଗଲେ ଆଉ ଶିକାର ପାଖକୁ ଫେରି ଆସିଲେ । ଏମିତି ଡରେଇ ବିନା ପରିଶ୍ରମରେ ଶିକାର ପାଇ ଏ ଦୁଇ ତରୁଣ ସିଂହ ଖୁବ୍ ଖୁସି ହୋଇଗଲେ । ଅନେକ ଦିନ ପରେ ସେମାନେ ପେଟ ପୂରା ଖାଇବା ପାଇଛନ୍ତି । ନିଜ ନିଜର ଟାଣୁଆ ଦାନ୍ତରେ ଖୁବ୍ ସହଜରେ ବାରାହାର ମୋଟା ଚମଡାକୁ ଅଲଗା କରିଦେଲେ ଆଉ ଜଲ୍ଦି ଜଲ୍ଦି ଖାଇବାକୁ ଲାଗିଲେ । ମଝିରେ ସେମାନେ ନିଜ ଭିତରେ ଲଢ଼େଇ କରୁଥାନ୍ତି । ଏକ ଖାଦ୍ୟର ଉପହାର ସେମାନେ ଖୁବ୍ ଖୁସିରେ ଗ୍ରହଣ କରିନେଇ ଥିଲେ ।

ସେପଟେ ବାରହା ମାରିଥିବା କଲରାପତରିଆ ବାଘଟି ଗଛ ଉପରୁ ନିରୁପାୟ ହୋଇ ଦେଖି ଚାଲିଥାଏ । ମଝିରେ ମଝିରେ ଅସହାୟ ଭାବରେ ଗୁରୁଗୁରୁ କରୁଥାଏ । ତା'ର ଶିକାରକୁ ଏ ଦୁଇ ସିଂହମାନେ ଛଡ଼ାଇ ନେଇଛନ୍ତି । ଏ ପଟେ ଏ ଦୁଇ ସିଂହ ଆରାମରେ ଯେତେ ହୋଇପାରେ ଖାଇନେଲେ । ଆଉ ପେଟରେ ଯାଗା ନଥିଲା । ଖାଇ ସାରିବା ପରେ ଏକ ବୁଦା ପାଖରେ ଯାଇ ଶୋଇଗଲେ । ପାଖରେ ଆଉ କେହି ବଡ ଶିକାରୀ ନଥିଲେ ।

ଅନେକ ସମୟ ପରେ ଅପରାହ୍ନରେ ପାଣି ପାଖକୁ ଯାଇ ପେଟେଇ ପଡିଲେ ଆଉ ଚପ୍ ଚପ୍ କରି ପାଣି ପିଇନେଲେ । ନିଜର ମୁଣ୍ଡକୁ ମୁଣ୍ଡ ଘଷି ହେଲେ । ଗଛ ଉପରେ ଥିବା କଲରାପତରିଆ ବାଘ ଆଡକୁ ଚାହିଁଲେ । ବାଘଟି ନିଃସହାୟ ଭାବେ ସେମାନଙ୍କ ଉପରେ ଗାଳି ବର୍ଷା କରୁଥିଲା । ସେମାନେ କିନ୍ତୁ ଯାଗା ଛାଡିଗଲେ ନାହିଁ । ମଢର ପାଖା ପାଖି ରହିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ କଲରାପତରିଆ ବାଘଗୁଡାକ ବଡ ଭୀରୁ- ଜୟ କହିଲା ।

ମୁଁ କଣ କହୁଥିଲି । – ବିଜୟ କହୁଥିଲା ।

ବାଘ ହେଲେ କଣ ହେଲା, ଜନ୍ତୁଟା ଭୀରୁ । ଶିକାର ଏତେ ସହଜରେ ଛାଡି ଦେଇ କେହି ପଳାନ୍ତାନି ।- ବିଜୟ ଟିକେ ହସିଲା । ବିଜୟ କଲରାପତରିଆ ବାଘ ଆଡକୁ ଅନାଇଲା । ବାଘଟା ଗଛର ଅନେକ ଉପରେ ସେମାନଙ୍କୁ ଅସହାୟ ଭାବରେ ଅନାଇଥିଲା । ସେ କିଛି କରି ପାରିବ ନାହିଁ ।

ସେମାନେ ରାଟେଲା ବା ଗାଡ ଭାଲୁ କଥା ଭାବି ନିଜ ଭିତରେ ହସା ହସି ହେଲେ । ଏ କଲରାପତରିଆ ବାଘ ଭଳି ମାଂସାଶୀ ପ୍ରାଣୀ । ସହଜରେ ଏ କଲରାପତରିଆ ବାଘ ଭଳି ଗଛ ଚଢିଯାଏ । ଏ ବାଘ ତ ସହଜରେ ହାର ମାନି ଗଛ ଉପରେ ଅସହାୟ ଭଳି ବସିରହିଛି । କିନ୍ତୁ ଗାଡଭାଲୁ ହାର ମାନିବାକୁ ପ୍ରସ୍ତୁତ ନଥିଲା । ଗାଡଭାଲୁଟି ବହୁତ ଛୋଟ । ତଥାପି ତାର ସାହାସର ପଟାନ୍ତର ନାହିଁ ।

ସେମାନେ କଲରାପତରିଆ ବାଘଠାରୁ ଖାଇବା ଛଡାଇ ପାଖ ଲମ୍ବା ଘାସ ପଡିଆ ପାଖକୁ ଆସିଗଲେ । ବଡ ଆରାମ ଦାୟକ ଯାଗା । ସେଇଠି ସେମାନେ ଗୋଡ ଲମ୍ବାଇ ଶୋଇଗଲେ । ଏତେ ଦିନର ଭୋକ ପରେ ସେମାନଙ୍କୁ ତୃପ୍ତିର ଭୋଜନ ମିଳିଥିଲା । ଭୋକିଲା ଭାଇ ଦୁହେଁ ପେଟପୁରା ଭୋଜନ ପରେ ଅନେକ ସମୟ ଯାଏଁ ଶୋଇ ରହିଲେ ।

କଲରାପତରିଆ ବାଘ ଅନେକ ସମୟଯାଏଁ ଅନେଇ ରହିଲା । ସିଂହ ଥିବା ଯାଏ ସେ କିଛି କରି ପାରିବନାହିଁ । ସିଂହମାନେ ମଧ୍ୟ ଏ ଯାଗାରେ ବେଶୀ ସମୟ ରହିପାରିବେ ନାହିଁ । ଏ ସ୍ଥାନ ଏକ ବଡ ସିଂହର ଇଲାକା । ସଂନ୍ଧ୍ୟା ହେଲେ ବଡ ସିଂହର ଆହ୍ୱାନ ଶୁଣାଯିବ । ସେମାନେ ସେମିତି ଏଠୁ ବାହାରି ଯିବେ ।

ଧିରେ ଧିରେ ଆଲୁଅ ଏକଦମ ମଳିଚିଆ ହୋଇଗଲା । ଦୁରରୁ ଏକ ବଡ ସିଂହର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗର୍ଜ୍ଜନ ଶୁଣାଯାଉଥିଲା । କିନ୍ତୁ ଏଠି ବି ଅଧିକ ସମୟ ବିଶ୍ରାମ କରାଯାଇ ନପାରେ । ଏଇ ସ୍ଥାନ ହୁଏତ କେଉଁ ସିଂହର ଅଧିକାର କ୍ଷେତ୍ର ହୋଇଥାଇପାରେ । ଏତେ ଜଲଦି ଏକ ଲଢେଇ କରିବାପାଇଁ ସେମାନଙ୍କ ସାହାସ ନଥିଲା । ତେଣୁ ସେମାନେ ନୂଆ ଅଂଚଳ ଅଧିକାର ପାଇଁ ଆଗେଇ ଚାଲିଲେ । ସେଇଠି ହେବ ସେମାନଙ୍କର ନୂଆ ସାମ୍ରାଜ୍ୟ ।

କଲରାପତରିଆ ବାଘ ଅନେକ ସମୟ ବସି ରହିଲା । ବଡ ସିଂହର ଗର୍ଜ୍ଜନ ଶୁଣି ଏ ସିଂହ ଦୁହେଁ ଦୁରକୁ ଚାଲି ଯାଉଥିଲେ । ସେ ତଳକୁ କୁଦା ମାରିଲା । ଆଉ କିଛି ଖୋଜ ଯାଇ ଏଣେ ତେଣେ ଅନାଇଲା । କେଉଁ ସିଂହ ତାକୁ ଆକ୍ରମଣ ପାଇଁ ଖେଦୁ ନଥିଲେ । ସେ ନିଜର ଶିକାର ଆଡକୁ ଧାଇଁଗଲା । ବହୁତ ମାଂସ ଅଛି । ତାର କିଛି ଦିନର ଖୋରାକି ହୋଇଯିବ । ସେ ବହୁତ ଭୋକିଲା ଥିଲା । ଖୁବ ଶୀଘ୍ର କିଛି ମାଂସ ଖାଇନେଲା । ତାପରେ ଶିକାରକୁ ଟାଣି ଟାଣି କେନାଥିବା ଗଛକୁ ଆସିଲା । ତାର ମୁହଁରେ ସେହି ଶିକାର ଲାଗିଥିଲା । ଦୁଇ ସିଂହ ଖାଇଲାପରେ ଶିକାରର ଓଜନ ବହୁତ କମି ଯାଇଥିଲା । ଯେଉଁ ସ୍ଥାନରେ ଅସୁବିଧା ହେଉଥିଲା ସେ ପେଟେଇ ପଡୁଥିଲା । ଏମିତି କରି କରି ସେ ସୁବିଧା ଯାଗାକୁ ଆସିଗଲା ଆଉ ସେଇଠି ଟିକିଏ ବିଶ୍ରାମ ପରେ ଶାନ୍ତିରେ ମାଂସ ଖାଇବାକୁ ଲାଗିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଲାଜହ୍ନ



ଅନସୂୟା ପଣ୍ଡା

"ମଞ୍ଜେଶ୍ୱରକୁ ରାସ୍ତା ଡାହାଣକୁ ଗଲେ ପଡ଼ିବ କି ବାମକୁ ଗଲେ ପଡ଼ିବ ?" ମୋତେ ଚାହିଁ ପଚାରିଲା ସେ । ମୁଁ କିଛି କହିବା ପୂର୍ବରୁ ଦୀପିକା କହିଲା, "ମଞ୍ଜେଶ୍ୱର ତ ତୁମେ ପଛରେ ଛାଡ଼ି ଆସିଲ ?" ସେ ପୁଣି କହୁଥାଏ, "ନା, ସେ ବସଷ୍ଟାଣ୍ଡରେ ପଚାରିବାରୁ କହିଲେ ଏଇ ଭିଏସ୍‌ଏସ୍ ନଗର ଡେଇଁଗଲେ ଆଗରେ ପଡ଼ିବ ହେଲେ ଡାହାଣକୁ କିମ୍ବା ବାମକୁ ପଡ଼ିବ ?"

ସେ ଏତେ ବ୍ୟସ୍ତ ହୋଇ ପଡୁଥିଲା ଯେ ଲାଗୁଥିଲା କିଛି ଗୋଟେ ଭାରି ବିପଦ ତା ଉପରେ ଡେରା ବସାଇଛି । ଖୁବ୍ ଆତଙ୍କିତ, ଆଉ ବ୍ୟଗ୍ର ଜଣା ଯାଉଥିଲା । ଏମିତି ରାସ୍ତା ବି ବାଉଳା ହୋଇ ଯାଇଥିଲା । ତା କଥାବାର୍ତ୍ତାରୁ ଜଣାଯାଉଥିଲା ସେ କେଉଁ ନିପଟ ମଫସଲ ଗାଁରୁ ଆସିଛି, ପାଠଶାଠ ମଧ୍ୟ ବେଶୀ ପଢ଼ିନି । ସାଙ୍ଗରେ ତାର ବାର ତେରବର୍ଷର ଝିଅଟିଏ ବି ଥିଲା । ପୁଣି କାନ୍ଦୁଣୁ ମାନ୍ଦୁଣୁ ହୋଇ ସେ କହିଲା, "ମୋତେ ଯେମିତି ହେଲେ ମଞ୍ଜେଶ୍ୱର ଯିବାକୁ ହେବ । ଗାଡ଼ିଭଡ଼ା ଦଶଟଙ୍କା ଜାଗାରେ ପଚିଶି ଟଙ୍କା ନେଉପଛେ, ମୁଁ ଯିବି ତାକୁ ଖୋଜିବାକୁ ।" ଏତିକି କହୁ କହୁ ସେ କାନ୍ଦି ସାରିଥିଲା ।

ଶନିବାର, ସ୍କୁଲ୍ ଅଧାରେ ଛୁଟି । ଆମେ ସବୁ ଶିକ୍ଷୟିତ୍ରୀ ତର ତର ହେଉଥାଉ କେମିତି ଘରେ ଶୀଘ୍ର ପହଞ୍ଚିବୁ । ଗେଟ୍ ପାଖରେ ଏକୋଇଶି ବାଇଶି ବର୍ଷର ସ୍ତ୍ରୀଲୋକଟିର କଥା ଶୁଣି ଆମେ ଅଟକି ଯାଇଥାଉ । ସମସ୍ତଙ୍କ ଆଗରେ ଥର ଥର କରି ନିଜ ଦୁଃଖ କହୁ କହୁ ସେ କାନ୍ଦି ପକାଉଥାଏ । ନାଁ ପଚାରିବାରୁ କହିଲା, ତା ନାଁ ଫୁଲ । ଲୁହ ତାର ବାଧା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନୁନଥାଏ । "ମୋର ଆଉ କେହି ନାହିଁ ଏ ଦୁନିଆରେ । ପୁଅ ଦୁଇଟାକୁ ମୋର ନେଇ ଆସିଛି । ଏଇ ମଞ୍ଚେଶ୍ୱରରେ କେଉଁ ମିଲରେ କାମ କରୁଛି । ମଦୁଆଟା, ମୋ ପିଲା ଦିଟାକୁ ରଖିଛି କି ମାରି ସାରିଲାଣି କେଜାଣି ? ସବୁଦିନ ତ ଘରେ ମୋତେ ବାଡ଼ାଏ । ମୋର ଯାହା ଗହଣାଗାଣ୍ଠି ଥିଲା ତାକୁ ବନ୍ଧା ପକାଇ ସାରିଲାଣି । କେତେଦିନ ଆଉ ତା ମାଡ଼ଗାଳି ପଥର ପରି ସହିଥାନ୍ତି ! ଦିନେ ପାଟି ଫିଟେଇଲି ତ ବେଡ଼ି ଉପରେ କୋରଡ଼ା ଭଳି ପିଲାଙ୍କୁ ନେଇ ଗାଁ ଛାଡ଼ି ସପ୍ତାହେ ହେଲା ପଳାଇ ଆସିଛି । କଟାଘାଆରେ ଚୁନ ଲଗାଇବାର ଯନ୍ତ୍ରଣା । ତିନିଦିନ ହେଲା ମୁଁ ଖାଇନି । ଜଳି ଜଳି ମରି ସାରିଲିଣି । ବାଧ୍ୟ ହୋଇ ଗୋଡ଼ କାଢ଼ି ଆଜି ଘରୁ ଆସିଲି ।" ସେ କାନ୍ଦି କାନ୍ଦି କହୁଥାଏ ।

ଛଅବର୍ଷ ତଳେ ମଦନା ସହିତ ତାର ବାହାଘର ହୋଇଥିଲା । ବାପା ତା'ର ସଖ୍ୟ ମୁତାବକ ଯାନିଯଉତୁକ ଦେଇ ବାହା କରିଥିଲା । ଭାଗଚାଷୀ, ବାପା କେତେ ଅବା ଦିଅନ୍ତା, ପୁଣି ଫୁଲ ତ ଗୋଟିଏ ଝିଅ ନୁହେଁ । ତା'ର ସାନ ଆଉ ତିନିଭଉଣୀ ଅଛନ୍ତି । ତାଙ୍କୁ ତ ପୁଣି ବାପା ଦିନେ ବାହାଦେଇ ବିଦା କରିବ । ବାହାଘରର ଛଅମାସ ବଡ଼ ସୁଖରେ କଟିଛି ତା'ର । କଳା ମିଚିମିଚି ବଳିଷ୍ଠ ମଦନା ବିଲକୁ ହଳ ଲଙ୍ଗଳ ନେଇ ଗଲାବେଳେ ମନ ଫୁଲାଣିଆ ଗୀତ ଗାଇ ଗାଇ ଯାଏ । ଫୁଲ ମଦନାର ଗୀତ ଶୁଣି ଆହୁରି ଲାଜେଇ ଯାଏ । ମଦନାର ଆଗକୁ ନାହିଁ କି ପଛକୁ ନାହିଁ । ଗୋଟିଏ ପୁଅ । ବଡ଼ ଭଉଣୀକୁ ତାର କାହିଁ କେବେଠୁ ବାପା ମରିବା ଆଗରୁ ବାହା ଦେଇ ସାରିଛି । ମଦନାର ମା' ଫୁଲ ବାହା ହୋଇ ଆସିବାର ଆର ସନ ଚାଲିଗଲା । ଆଗ ସେଥିପାଇଁ ମଦନା ବେକରେ ଜୁଆଳୀ ପକାଇ ଫୁଲ ବୋହୁ ସାଜି ଏ ଘରକୁ ଆସିଥିଲା । ଛଅଟାମାସ, ଛଅ ଦିନପରି ବିତିଗଲା ।

ହଠାତ୍ ସେଦିନ ତା ବଡ଼ ନଣନ୍ଦ, ତାଙ୍କ ପୁଅର ବାହାଘରକୁ ନିମନ୍ତ୍ରଣ କରିବାପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସି ପହଞ୍ଚିଗଲେ । ଆଉ କୁରାଢ଼ି ହୋଇ ତା ଘରକୁ ଚୋଟ ମାରିଲେ । ତାଙ୍କ ପୁଅ ମଦନାଠାରୁ, ଚାରିବର୍ଷ ସାନ । କଲିକତାରେ କେଉଁ ଜାଗାରେ କୁଲି କାମ କରେ । ନଣନ୍ଦଙ୍କ ଦେହ ଭଲ ରହୁନି, ଆଣ୍ଠୁ ଅଣ୍ଟା ଭୀଷଣ ଧରନ୍ତ କାମ କରି ପାରୁନାହାନ୍ତି ତେଣୁ ବୋହୁଟିଏ ସଅଳ ନେଇ ଆସୁଛନ୍ତି ।

ଆସୁ ଆସୁ ନଣନ୍ଦ ତା'ର ପଚାରିଲେ, "ଆରେ ମଦନା, ମୁଁ ତ ତୋ ବାହାଘରକୁ ଆସି ପାରିନଥିଲି, ଦେହ ଭଲ ନଥିଲା, କଲିକତାରେ ଥିଲି । ଆଉ ବୋହୁ କଣ କଣ ଆଣିଛି ବା ? ଆମ ସପନା ମୋଟର ସାଇକେଲ, ସୁନା ଚେନ୍, ଘଣ୍ଟା, କଲର ଟିଭି ଆଣୁଛି । ଏବେ କଣ ଆଉ ସପନା ସାଇକେଲ୍, ରେଡ଼ିଓର ଜମାନା ଅଛିକିରେ ମଦନା ? ଆଉ ସବୁ ସୁନା ଗହଣାଗାଣ୍ଠି ବି ଆଣୁଛି ମୋ ବୋହୁ । ସୁମୀ ! ତୋ ଭାଣିଜୀ ପାଇଁ ନଣନ୍ଦ ପୁଟୁଳି ମୁଦି ବି ଆଣିବ, ହେଲେ ତୋ ଭାରିଜା ତ ମୋ ପାଇଁ ମୁଦି ଆଣିନଥିଲା ! ସେ ନଣନ୍ଦପୁଟୁଳି ଆଟାଚିଟା ମୁଁ ଖୋଜିଲି ଖୋଜିଲି ହେଲେ କିଛି ନାହିଁ । ଏଇ ଶାଢ଼ୀ, ଶାୟା, ବ୍ଲାଉଜରେ କଣ ମନ ଭରେ ?" ନିଆଁରେ ଘିଅ ପଡ଼ିଲା ଭଳି କଥାଟା ହେଲା ।

ନଣନ୍ଦଙ୍କ କଥାଗୁଡ଼ା ତ ମନ୍ତ୍ରପରି ମଦନା କାନରେ ଫୁଙ୍କା ହୋଇଥିଲା । ସେଇ ଅଳ୍ପଦିନରେ ମଦନାର ସାଙ୍ଗ ଗଉରା ବାହାହୋଇ ରଙ୍ଗୀନ ଟିଭି, ଜୋଇଁ ମୁଦି, ଘଣ୍ଟା, ସାଙ୍ଗକୁ ନାନା ଜାନିଯଉତୁକ ଆଣିଲା । ଗଉରା ବି ସେଇ ହଳ କରେ । ମଦନା ଏଥର ବେଳକୁ ବେଳ ଗୁମ ହେଲା । ଆଉ ଆଗପରି ଅବେଳରେ ହଳଛାଡ଼ିଦେଇ, ଘରେ ଆସି ତାକୁ ଅଣ୍ଡାଳି ପକାଉନଥିଲା । ଟିକିଏ ଟିକିଏ କଥାରେ ଖୁଣ୍ଟା ଦେବା ଆରମ୍ଭ କରିଥିଲା । ଧିରେ ଧିରେ ସେ ମଦ ପିଇବା ଆରମ୍ଭ କରିଦେଇଥିଲା, ନିତି ରାତି ଅଧରେ ଟଳି ଟଳି ଘରକୁ ଫେରୁଥିଲା । ଫୁଲ କଣ କହିଲେ ତାକୁ ବାଡ଼େଇ ରକ୍ତ ବାହାର କରି ଦେଉଥିଲା । ଏ କଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଘରେ ରୀତିମତ ଘଟଣା ହୋଇଗଲା । ଦିନେ ମଦନା ଫୁଲକୁ ବାଡ଼େଇ ବାଡ଼େଇ ଘରୁ ତଡ଼ିଦେଲା । "ଯା ତୋ ବାପାକୁ କହିବୁ ଗୋଟେ ରଙ୍ଗୀନ ଟିଭି ଦେବ ନହେଲେ ଏ ଘରକୁ ଫେରିବୁନି ।" ଫୁଲ କାନ୍ଦି କାନ୍ଦି ଯାଇଥିଲା ବାପଘରକୁ । ସେତେବେଳେ ଧାନ ବୁଣାବୁଣି ବେଳ । ବାପ ତା'ର ଭାଗଚାଷୀ । ପୁଣି ତା ସାନ ଭଉଣୀ ଗଉରୀ ମନେ ମନେ ଦାନା ବାନ୍ଧୁଥିଲା ବସା କରିବ ବୋଲି । ତାର ବାହାଘର ଠିକ୍ ହୋଇଯାଇଥିଲା । ସେ ଆଉ ତା ବାପାକୁ କିଛି କହିପାରିଲାନି ।

କେଉଁଠୁ ପଇସା ଆସିବ ଯେ ବାପା ତାକୁ ରଙ୍ଗୀନ୍ ଟିଭି ଦେବ ? ଫେରିଆସିଥିଲା ଫୁଲ ଦୁଇ ଦିନପରେ । ଭାବିଲା ନିଜେ ସହି ସହି ମରିଯିବି ପଛେ ବାପାକୁ କହି ଘରେ ନିଆଁ ଲଗାଇବିନି । ସେବେଠାରୁ ସେ ଆଜିଯାଏ ଜଳୁଛି । ଫୁଲ ଭାବିଥିଲା ପିଲା ଜନ୍ମ ହେଲେ ମଦନା ବଦଳିଯିବ । ହେଲେ ନା ମଦନା କେବେ ବଦଳିଲାନି । ସେଦିନ ଫୁଲ ପାଟି ଫିଟାଇଲା, "ମୁଁ କଚେରୀ ଯିବି, ମୋ ପିଲା ଦୁଇଟାକୁ ନେଇ ମୁଁ ଅଲଗା ରହିବି ।" ଆଉ ସେଇ କଥାରୁ ସେ କେତେ ଯେ ମାଡ଼ଗାଳି ଖାଇଥିଲା ତାର ଇୟତ୍ତା ନାହିଁ । ଆଉ ଦିନେ ରାତିରେ କବାଟ ମୁକୁଳା କରି ମଦନା ତା ପିଲା ଦୁଇଟାକୁ ନେଇ କୁଆଡ଼େ ଚାଲିଯାଇଥିଲା । ସେ ତ ସକାଳୁ ଉଠି କେତେ ବାହୁନା ଛାଡ଼ିଥିଲା । ସାନ ଛୁଆଟା ତାର କ୍ଷୀର ଛାଡ଼ିନଥିଲା । ବଡ଼ଟା ପାଞ୍ଚବର୍ଷର । କଣ ଯେ କରୁଥିବେ ତା ଛୁଆମାନେ ? କେମିତି ସେ ଖବର ପାଇଥିଲା ଯେ ମଦନା ଏଇ ମଞ୍ଚେଶ୍ୱରରେ ଏକ ମିଲରେ କାମ କରୁଛି । ସାନ ଭଉଣୀ ଗେହ୍ଲିକୁ ଧରି ସେ ଭଦ୍ରଖରୁ ଭୁବନେଶ୍ୱର ଆସିଛି । ତା ପିଲାମାନଙ୍କୁ ଫେରାଇନେବ । ଘର ବାହାରକୁ ଗୋଡ଼ କାଢ଼ିନଥିବା ଝିଅ ଆଜି ମା'ଟିର ହୃଦୟ ନେଇ ଗାଁଠାରୁ ବହୁତ ଦୂର ଭୁବନେଶ୍ୱର ଚାଲି ଆସିଛି । ଶେଷରେ ଆମ ସ୍କୁଲର ଜଣେ ପିଅନ ରିକ୍ସାଟିଏ ଡାକି ଆଣିଲା । ଫୁଲ ତା ଭଉଣୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହ ରିକସାରେ ବସିଲା, ତା ସ୍ୱାମୀ ଓ ପିଲାଙ୍କୁ ଖୋଜିବା ପାଇଁ ।

ଦୀପିକା ମୋତେ ହଲେଇ ଦେଇ କହିଲା, "ଏ ଶୋଭା, ଦେଖ ଦେଖ ସେ କେମିତି ଅଳତା ଲଗାଇଛି । ଯାହା ଘରେ ଏତେ ବିପଦ ଥିବ ସେ କଣ କେବେ ଅଳତା ଲଗାଇ ବାହାରକୁ ଆସିବ ?"

ମୁଁ କହିଲି, "ନା ନା ଏମିତି କହନା । ତା ପାଦର ଅଳତା ତାକୁ ନିଶ୍ଚେ ସଫଳ କରିବ । ନିଶ୍ଚେ ତାର ଉଜୁଡ଼ା ଅସଂସାର କିଚିରି ମିଚିରି କରିଉଠିବ । ମଦନା ପୁଣି ତାର ନିଜର ହୋଇଯିବ । ଏଇ ବିଶ୍ୱାସରେ ସେ ଅଳତା ଲଗାଇ ଆସିଥିବ ।"

ଦୀପିକା କହିଲା, "ହଉ ତୁ ଚାଲ ଚାଲ, ଡେରି ହେଲାଣି । ପୁଣି ବସଷ୍ଟାଣ୍ଡ ଯାଏ ଚାଲି ଚାଲି ଯିବାକୁ ହେବ ।" ମୁଁ ଚାଲୁ ଚାଲୁ ଭାବୁଥାଏ, "ମୋ ଜୀବନ ଆଉ ଫୁଲ ଜୀବନ ଭିତରେ ତ କିଛି ତଫାତ ନାହିଁ । ଚାରି ଭଉଣୀ ଗୋଟିଏ ଭାଇ ଭିତରେ ମୁଁ ବଡ଼ ଥିଲି । ବାପା ଥିଲେ ହାଇସ୍କୁଲ୍ ଶିକ୍ଷକ । ସେତେବେଳର କଲେଜ କୁଇନ୍ ଥିଲି ମୁଁ, ମୋ ବିନା କ୍ଲାସରେ ସାର୍ ଲେକ୍‌ଚର୍ ଦେଉ ଦେଉ ତିନିଥର ପଚାରି ସାରିଥିବେ ମୋ କଥା, ଆଉ କଲେଜ ପିଲାମାନଙ୍କର ଆଖି ମୋତେ ଖୋଜୁଥାଏ କ୍ଲାସରେ ।

ସ୍ନାତକୋତ୍ତର ପରେ ସୁନିଲ୍ ମୋତେ ବିନା ଯୌତୁକରେ ବାହା ହୋଇଥିଲେ । ତାଙ୍କ ବାପାବୋଉଙ୍କୁ ଗୋଟେ ବୋହୂ ନୁହେଁ ଗୋଟେ ଝିଅ ଦରକାର ବୋଲି କହିଥିଲେ । ହେଲେ ବାହାଘର ପରେ ସବୁ ଜିନିଷ ଓଲଟା ହୋଇଗଲା । ସୁନିଲ୍ ଥିଲେ ଉଚ୍ଚଶିକ୍ଷିତ କ୍ଲାସ୍ ୱାନ୍ ଅଫିସର, ତଥାପି ସେ କୌଣସି ଗୁଣରେ ଅପାଠୁଆ ମଦନାଠାରୁ ଅଲଗା ନଥିଲେ । ଦିନେ ସେ ତାକୁ କହିଲେ ତୁମ ବାପାଙ୍କର ଭୁବନେଶ୍ୱରରେ ଯେଉଁ ଜାଗାଟା ଅଛି ସେଇଟା ମୋର ଦରକାର । ଗୋଟେ ନୂଆ ରେଷ୍ଟୁରାଣ୍ଟ ଖୋଲିବାକୁ ଇଚ୍ଛା କରୁଛି । ଆଉ ସେ ଜାଗାଟି ଖୁବ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁକୂଳ ରହିବ । ମୁଁ ଆଉ କିଛି ଚାହେଁନି । ସୁନିଲଙ୍କର ଏ ଡିମାଣ୍ଡ ସେ କେମିତି କହିଥାନ୍ତା ତା ବାପାଙ୍କୁ । ଘରେ ଅନ୍ୟ ତିନିଭଉଣୀ ଓ ଭାଇର ପାଠପଢ଼ା ପୁଣି ସେମାନଙ୍କ ବାହାଘର ମଧ୍ୟ ଅଛି । ସେ କହି ପାରିନଥିଲା, ସେ ବିଷୟରେ ତା ଘରେ, ତାଙ୍କ ଘରୁ ବାପା କି ତା ମାମୁଁ ଆସିଲେ ସୁନିଲ୍ ଖୁବ୍ ଅଭିନୟ କରନ୍ତି । ସତେ ଯେମିତି ସୁନିଲ୍ ଓ ସେ ସବୁଠୁ ସୁଖୀ ଦମ୍ପତି । ଭିତରେ କଣ ଘଟୁଛି କେହି ଜାଣନ୍ତିନି ।

ରୋଲ୍ ବାଡ଼ିରେ ଛେଚା ଖାଇ ଖାଇ ତାର ଦେହ ସବୁ ନୋଳା ଫାଟି ଯାଇଛି । ନୀଳ ପଡ଼ିଯାଇଛି । ଏବେ ନାହିଁ ତାର ସେ ମୋହିନୀ ରୂପ ନା ଅଛି ଶାଢ଼ୀ ସହ ମ୍ୟାଚିଂ ଭ୍ୟାନିଟି ନା ମ୍ୟାଚିଂ ହିଲ୍ । ସେ ଚାକିରୀ କରୁଛି ସତ କିନ୍ତୁ ସୁନିଲ ତା ଦରମା ଗୋଟି ଗୋଟି ଗଣି ନିଅନ୍ତି ତାଠୁ । ଗୋଟିଆ ନୂଆ ପଇସା ବି ବଳକା ରହେନି ତା ପାଖରେ । ଏପରିକି ଟାଉନ୍ ବସ ପାଇଁ ମଧ୍ୟ ତାକୁ ସୁନିଲଙ୍କୁ ପଇସା ମାଗିବାକୁ ପଡ଼େ । ସ୍ୱାମୀ ତା'ର ଏତେବଡ଼ ଅଫିସର, ସମସ୍ତେ ଭାବନ୍ତି ସେ ଟାଇମ୍‌ପାସ୍ ପାଇଁ ଚାକିରୀ କରୁଛି କିନ୍ତୁ କେହି ଜାଣନ୍ତି ନାହିଁ ସେ ଗହନ କଥା ।

ସେ ପିଲାବେଳେ ଦେଖିଥିଲା, ତା ବୋଉ ବି ବିନା ଦୋଷରେ ସତକଥା କହିଲେ ତା ବାପାଙ୍କ କଡ଼ା କଥା ଆଗରେ ଚୁପ୍ ରହୁଥିଲେ । ହେଲେ ତାର ଚୁପ୍ ରହିବାଟା ଆଉ ମୋର ଚୁପ୍ ରହିବାଟା ବହୁତ ଫରକ୍ । ସେ ପାଠଶାଠ ପଢ଼ିନଥିଲା, ତାର କିନ୍ତୁ ଅନ୍ୟ ସାହାର ନଥିଲା ହେଲେ ତା'ର କଣ ନାହିଁ । ସେ ପାଠ ପଢ଼ିଛି, ଚାକିରୀ କରୁଛି ।

ତା ପୁଅ ଟୁକୁ ଏବେ ଯୁକ୍ତଦୁଇ ପ୍ରଥମ ବର୍ଷରେ ପଢୁଛି । ଝିଅ ମାମୀ ନବମ କ୍ଲାସରେ । ଦୀର୍ଘ ଅଠର ବର୍ଷ ହେଲା ଶୋଭା କେବଳ ସହି ଆସିଛି, ଏ ଦୁର୍ଦ୍ଦଶା । ବେଳେ ବେଳେ ସେ ଭାବେ ଘରଛାଡ଼ି କେଉଁଆଡ଼େ ଚାଲିଯିବ, ଆଉ ଅଭିନୟ କରି ପାରିବନି । କେତେଦିନ ଆଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜକୁ ନିଜ ପାଖରେ ଆଖି ମିଟିକା ମାରି ଚାଲିଥିବ । ସୁନିଲଙ୍କୁ ଘରକାମପାଇଁ ମାଗଣା ପାଠପଢ଼ା ଚାକରାଣୀଟିଏ ଦରକାର ଥିଲା, ଆଉ ରାତ୍ରୀର ଶଯ୍ୟାସଙ୍ଗିନୀଟିଏ, ତା ଛଡ଼ା ତାକୁ ସେ ଅର୍ଦ୍ଧାଙ୍ଗିନୀ ବୋଲି କେବେ ଭାବିନାହାନ୍ତି । ପିଲାମାନଙ୍କ ଆଗରେ ସୁନିଲ୍ ତାକୁ ଅନେକବାର ପିଟିଛନ୍ତି । ମାତ୍ର ପିଲାଙ୍କ ମୁହଁକୁ ଚାହିଁ ସେ ପଡ଼ିରହେ ।

"କଣ ଏତେ ଭାବୁଛୁ ? ଏଇ ବସ ଆସିଲାଣି ।" ଦୀପିକା କହିଲା ।

"ହେଲେ ମୁଁ ଆଜି ଏଠି ଓହ୍ଲାଇବିନି, ଆଗ ଷ୍ଟପେଜରେ ଓହ୍ଲାଇ ମହିଳା କମିସନ୍ ଅଫିସକୁ ଯିବି । ଟୁକୁ, ମାମୀଙ୍କୁ ନେଇ ଅଲଗା ରହିବାକୁ ଠିକ୍ କରିଛି ।" କହିଲି ମୁଁ ।

ଦୀପିକା ସବୁ ଜାଣେ, ମୋର ଅସହ୍ୟ ଅବସ୍ଥା ଦେଖି ବହୁଥର ମୋତେ ଅଲଗା ରହିବାକୁ ପରାମର୍ଶ ଦେଇଛି । ହେଲେ ମୁଁ ଭାବୁଥିଲି, "ଅଗ୍ନିକୁ ସାକ୍ଷୀ ରଖି ବାନ୍ଧି ହୋଇଥିବା ପବିତ୍ର ବନ୍ଧନ କଣ ଏଇ କାଗଜପତ୍ର ଅଲଗା କରିପାରିବ ?" ତାର ବିଶ୍ୱାସ ଥିଲା ପାର୍ଥିବ ଜମି କଣ ସୁନିଲ୍ ଓ ତା ଭିତରେ ପାଚେରୀ ହୋଇ ଠିଆହେବ ? କେବେ କଣ ସୁନିଲ୍ ବଦଳିବେ ନାହିଁ ? ନା ସୁନିଲ୍ ଆଜିଯାଏ ବି ବଦଳିଲେନି । ମଲାଜହ୍ନ ପରି କେତେଦିନ ଆଉ ସେ ଦିକ୍ ଦିକ୍ ହୋଇ ରହିଥିବ ।

"ତା ହେଲେ ଏତେ ଦିନେ ମଇନା ଉଡ଼ିବାକୁ ଯାଉଛି, ମୁକ୍ତ ଆକାଶରେ ଖୋଲା ପବନରେ ନିଜର ଅସ୍ତିତ୍ୱ ପାଇବାକୁ ଯାଉଛି ।" ଦୀପା ମୋ କାନ୍ଧରେ ହାତରଖି ହସି ହସି କହିଲା, ଆଉ ଆମେ ଦୁଇଜଣ ଓହ୍ଲାଇଗଲୁ ମହିଳା କମିଶନ୍ ଅଫିସକୁ ଯିବା ଷ୍ଟପେଜରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତ୍ରିବେଣୀ, ତୁମେ ବହୁତ ସୁନ୍ଦର



ଶ୍ରୀମତି ଯାଜ୍ଞସେନୀ ହୋତା

ବସ୍‌କୁ ଉଠୁ ଉଠୁ.. ଦୁଇଟି ନିରୀହ ଆଖିର ସାଦର ଆମନ୍ତ୍ରଣ । ସତେକି ଏ ଆଖି ଦି'ଟା ଅନେକ ବେଳୁ ପ୍ରତୀକ୍ଷା କରିଛି ତ୍ରିବେଣୀକୁ ।

_ବସନ୍ତୁ ମେଡମ୍ । ....ମୁଁ ଆଡ୍ ଜଷ୍ଟ କରିନେବି । ଭିଡ଼ଭିତରେ ସ୍ୱତଃ ଠେଲି ହୋଇ ବ୍ୟସ୍ତ ହୋଇ ବସିପଡ଼ିଲା ତ୍ରିବେଣୀ । ସାମନା ସିଟରେ ଜଣକ ସହ ଚାରିଆଙ୍ଗୁଳି ଯାଗାରେ ବସିଗଲେ ସିଟ୍ ଦେଇଥିବା ବ୍ୟକ୍ତି ଜଣକ ।

ଗୋଟିଏ ସେମିନାର୍‌ରେ ଜଜ୍ ଭାବରେ ଯୋଗ ଦେବାକୁ ଯାଇଥିଲା ତ୍ରିବେଣୀ । ଗଲାବେଳେ ଅବଶ୍ୟ କାର୍‌ରେ ଯାଇଥିଲା, ହଠାତ୍ ଡ୍ରାଇଭରର ଦେହ ଖରାପ ହେବାରୁ ଗାଡିଟା ଫେରେଇଦେଇ ବସ୍‌ରେ ଚଢିଛି । ଦୀର୍ଘ ଦିନପରେ ଆଜିର ଏ ବସ ଯାତ୍ରା । ଚାହିଁଥିଲେ କଣ ଶୁଭମ୍ ଆସିପାରି ନଥାନ୍ତେ ? ସେ କଣ ଜାଣି ନାହାଁନ୍ତି ଡ୍ରାଇଭର ଫେରିଆସିଛି ବୋଲି ? ନିଶ୍ଚୟ ଜାଣିଛନ୍ତି । ଏମିତି ସବୁବେଳେ ବେପରୁଆ । ଆଉ ତ୍ରିବେଣୀ ବି ନିଜ ସ୍ୱାଭିମାନକୁ ସମ୍ମାନ ଦେଇ ଆଗତୁରା କିଛି ଅଧିକାର ସାବ୍ୟସ୍ତ କରିନଥାଏ ସ୍ୱାମୀ ପାଖରେ ।

ଅବଦମିତ ଇଚ୍ଛାଟିଏ ସମାଧି ନେଇଗଲେ, ମନ ବିଦ୍ରୋହୀ ହୋଇଉଠେ ନହେଲେ ସଂକୁଚିତ ହେଇଯାଏ । ତ୍ରିବେଣୀ ସବୁବେଳେ ସଂକୁଚିତ । ସେଇଥିପାଇଁ ସବୁବେଳେ ସ୍ୱାବଲମ୍ବୀ ହେବାପାଇଁ ପ୍ରସ୍ତୁତଥାଏ ।

ଝର୍କା କାଚଦେଇ ତ୍ରିବେଣୀ ଦେଖୁଥିଲା ଶରତର ଫର୍ଚା ଆକାଶ । ଅସ୍ତଗାମୀ ସୂର୍ଯ୍ୟଙ୍କର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୀପ୍ତିହୀନ ନିଷ୍ପ୍ରଭ ଜ୍ୟୋତି, ଠିକ ତା ମନ ପରି ନିଷ୍ପ୍ରଭ । ..ପ୍ରାଚୁର୍ଯ୍ୟର ଝଲ୍ ମଲ୍ ପୃଥିବୀରେ କେଉଁଠି ଏ ଅଭାବପଣ ? ? ? ସେ ଏକ ପ୍ରଶ୍ନବାଚୀ ।

ତ୍ରିତଳ ପ୍ରାସାଦ, ରାଜାପରି ଅଫିସର ସ୍ୱାମୀ, ରାଜକୁମାର ପରି ସୁନ୍ଦର ସୁନ୍ଦର ଦୁଇପୁଅ, ଚାକର ବାକର, ନାଲି ନେଳି ଫୁଲ ଭରା ସୁନ୍ଦର ଅଗଣା... ସର୍ବୋପରି ଏକ ହସହସ ସଂସାର । ତା'ରି ଭିତରେ ଏକ ଦୀର୍ଘଶ୍ୱାସ ! !

ଏକ ହାସ୍ୟାସ୍ପଦ ଶବ୍ଦ ନୁହେଁକି, ଅଧ୍ୟାପିକା ତ୍ରିବେଣୀ ପାଇଁ ?

ହେଲେ ଏହା ତ ନିଛକ ସତ୍ୟ । ତା ଜୀବନରେ ଏଇ ଏକ ଅବୁଝା ପୃଷ୍ଠା । ଯେତେ ସାଉଁତିଲେ ଚଉତିଲେ ସେମିତି ଲୋଚାକୋଚା । ତା ହୃଦୟ ଫଟାଇ ବାହାରି ଆସେ ଏକ ଅଡୁଆ ପ୍ରଶ୍ନ । ମୁଁ କଣ ସତରେ ସୁନ୍ଦରୀ ନୁହେଁ ?

ବସ୍ ଭିତରେ ଉତ୍କଟ ଗନ୍ଧ, ସିଗାରେଟ କି ଝାଳ ଗନ୍ଧ ସହି ହୁଏ କୌଣସିମତେ, ଏ ଦେଶୀ ମହୁଲି ଗନ୍ଧ ଭାରି ଅସହ୍ୟ ସତେ । ମା କାଖରେ ଓହଳି ଥିବା ଛୁଆଟି ଅଃ ଅଃ କଲାଣି । ସେଇ ସ୍ୱର,

- ଦେଖନ୍ତୁ, ଆପଣଙ୍କ ଶାଢ଼ୀ ଖରାପ ହେଇଯିବ । ଛୁଆଟାକୁ ନିଜ ଆଡ଼କୁ ମୁହାଇଁ ଦେଲେ ..ସେ । ଛିଟିକି ପଡ଼ିଲା ବାନ୍ତି ଯାକ ତାଙ୍କ ଦେହରେ ! !

ଆଖିଟା ବୁଲେଇ ଆଣିଲା ତ୍ରିବେଣୀ, ଲୋକଟା କାହିଁକି ତା' ଉପରେ ଏତେ ଯତ୍ନଶୀଳ ଯେ ? ହାଡୁଆ... ମୁହଁ, ପଶି ପଶି ଯାଉଥିବା ଆଖି ମୁହଁରେ ଧଳାଧଳା ଦାଢ଼ି, ଚିହ୍ନା ଚିହ୍ନା ସ୍ୱର । ଆଜି କାହିଁକି କେଜାଣି, ମନ ତଳର ଯନ୍ତ୍ରଣା ଗୁଡ଼ିକ ପୂନର୍ଜନ୍ମ ଲାଭ କରି ହନ୍ତସନ୍ତ କରୁଥିଲେ ତାକୁ । ପଚିଶି ବର୍ଷ ତଳର ସ୍ମୃତିସବୁ ଅଡୁଆ ତଡୁଆ ସୂତାପରି ଗୁଡ଼େଇ ହେଉଥିଲେ ଦେହଟା ସାରା ତାର । ବସନ୍ତର ପ୍ରଥମ ପାହାଚରୁ ଅମୀର ସହ ନୀଡ଼ ରଚନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାର ସ୍ୱପ୍ନ ଦେଖିଥିଲେ ଦୁହେଁ ! ! ଦୁହେଁ ଦୁହିଙ୍କୁ ଖୁବ ଚାହୁଁଥିଲେ । ଅମୀର୍‌ଙ୍କ ସେଇ ମିଠା ମିଠା କଥା ।

- ତ୍ରିବେଣୀ ! !

- ହୁଁ ।

- ତୁମ ଆଖିରେ ସାରା ଆକାଶର ନିଳିମା, ତୁମ କେଶରେ ଯମୁନାର ତରଙ୍ଗ, ତୁମ ହୃଦୟ଼ ଗଙ୍ଗାଠୁ ପବିତ୍ର, ଆଉ ତୁମେ ଜ୍ଞାନ ଗୁଣରେ ସରସ୍ୱତୀ । ସତରେ ତ୍ରିବେଣୀ ତୁମେ ବହୁତ ସୁନ୍ଦର । ସର୍ବଗୁଣ ସମନ୍ୱିତା ! ! !

ଏଇ ପଦ କେତେଟାରେ ଆତ୍ମହରା ହେଇଯାଏ ତ୍ରିବେଣୀ । ମନେମନେ ସମର୍ପିତା ହେଇଯାଏ ଅମୀରଠାରେ ।

ବଂଶ ମର୍ଯାଦାର ଅହଂକାର, ସାମାଜିକ ବନ୍ଧନ ଆଉ ବାପାଙ୍କ ଇଚ୍ଛା ବିରୁଦ୍ଧରେ ଲଢି ପାରିନଥିଲା ତ୍ରିବେଣୀ । ପିତୃପୁରୁଷଙ୍କ ଆଶିଷ ଆଉ ସୁକନ୍ୟା ହେବାର ଯୋଗ୍ୟତାଟା ବରଣ କରୁକରୁ ନିଜ ଇଚ୍ଛାକୁ ସମାଧି ଦେଇଦେଲା ସେ । ଆଦରି ନେଲା ଭାଗ୍ୟକୁ । ଆଉ ସବୁଦିନ ପାଇଁ ତ୍ରିବେଣୀ ହେଇଗଲା ଶୁଭମଙ୍କ ପତ୍ନୀ, ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ, ରାଣୀ । ଏତେ ସବୁ ସୌଭାଗ୍ୟକୁ କେମିତି ହଜମ କରିବ ବୋଲି ଦେହ କହୁଥିବା ବେଳେ.....

ତା ମନର ଅଭିଯୋଗ... ବାକି କିଛି ରହିଗଲା ବୋଲି ।

ସ୍ତ୍ରୀ ଭାବରେ ସ୍ୱାମୀଙ୍କ ତୃଷା ହରିଛି.. ସ୍ନିଗ୍ଧ ଝରଣାଟିଏ ହେଇ, ଆଦିମ କ୍ଷୁଧା ନିବାରିଛି ବର୍ଷଣ ମୁଖର ଶ୍ରାବଣୀ ହୋଇ, ଘରର ସୁଖପାଇଁ ପାଲଟି ଯାଇଛି ଉତ୍ସବ ମୁଖର ଆଲୋକ ମାଳା, ଆଉ ଶାଶୁ ଶ୍ୱଶୁରଙ୍କ ସୁଖ ପାଇଁ ହେଇଯାଇଛି ମୁଠାଏ ମାଟି । ସର୍ବଂସହା ଧରିତ୍ରୀ । ତା ବଦଳରେ ଯେ ସେ କିଛି ପାଇନି, କହିଲେ ପାପ ହେବ । ପାଇଛି ବି ଅନେକ କିଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟଙ୍କା ସୁନା ପାଟ ଶାଢୀ ଯାହା ଚାହିଁଛି, ରୋଗରେ ସେବା, ସ୍ନେହ ଶ୍ରଦ୍ଧା ଆଉ ଅଯାଚିତ ଉପହାର । ତଥାପି, ମନରେ ଏକ ଗହୀରିଆ ଶୂନ୍ୟସ୍ଥାନ ।

ବିବାହର ପାଞ୍ଚ ଦିନ ପରେ ନିଜକୁ ଖୁବ ସଜେଇ ସକାଳୁ ସକାଳୁ ଚା ନେଇ ସ୍ୱାମୀଙ୍କ ପାଖକୁ ଯାଇ ଥିଲା ତ୍ରିବେଣୀ । ଏକ ଇଚ୍ଛା ଗଜୁରି ଉଠୁଥାଏ ମନ ଭିତରେ । ଚା' ଟା ତା ହାତରୁ ନେଇ ଖବର କାଗଜରେ ମଜ୍ଜିଗଲେ ଶୁଭମ୍ । ଦି ମିନିଟ ଛିଡ଼ା ହେଲା ତ୍ରିବେଣୀ । ଚା'କୁ ଓଠର ଶେଷ ଚୁମ୍ବନ ଦେବାଯାଏ । ଖାଲି କପଟା ଧରେଇଦେଲେ ତ୍ରିବେଣୀ ହାତକୁ । ଖାଲି ଚା କପ ପରି ମନଟା ବି ହଠାତ୍ ଶୂନ୍ୟ ହେଇଗଲା, ଫେରି ଆସିଲା ତ୍ରିବେଣୀ । ତା ମନରେ ସେଇ ପ୍ରଶ୍ନ, ସେ କଣ ସତରେ ସୁନ୍ଦର ନୁହେଁ ?

ନା ତ, ଶୁଭମ୍ ତ କହିଲେନି, ତୁମେ କେତେ ସୁନ୍ଦର, ତୁମ ହାତ ତିଆରି ଚା' ଟା କେତେ ମିଠା.... ଆଉ ଆସ, ମୋ ପାଖରେ ଟିକେ ବସ ନା । ଚା'ଟା ଭାଗ କରି ପିଇ ନେବା ଚାଲ । ଆଜିଠୁ ପରା ତୁମର ଅଧା ମୋର ଅଧା, କାହିଁକି ଜାଣିଛନା ତୁମେ ମୋର ଅର୍ଦ୍ଧାଙ୍ଗିନୀ ! ! ଦୀର୍ଘଶ୍ୱାସଟିଏ ବାହାରି ଆସିଲା ଅନ୍ତର ଫାଡି ।

ବେଳେ ବେଳେ ସ୍ୱାମୀଙ୍କୁ ନିଜ ତରଫ୍ ରୁ କୁହେ ତୁମେ ଭାରି ହେଣ୍ଡସମ୍ ଲାଗୁଛ ?

ବିଜୟୋଲ୍ଲାସରେ ଫାଟିପଡନ୍ତି ସେ । ଛାତିଟା ଆହୁରି ଚଉଡା ହେଇଯାଏ । ଛତିଶରୁ ଚାଳିଶି ଇଞ୍ଚ ।

ଫେରନ୍ତା ପଦଟିଏର ଅପେକ୍ଷାରେ ରହେ କିଛି ମୁହୂର୍ତ୍ତ । କୁହନ୍ତେ କି ତୁମେ କେଉଁ କମ୍ ଯେ ? ? ନା ସେମିତି କିଛି ବି ମିଳେନା । ଅପମାନରେ ଜଳିଯାଏ ସେ । ମନକୁ ବୁଝେଇବାକୁ ଚେଷ୍ଟା କରେ । ଉତ୍ତରଟିଏ ନିଜେ ଛିଡା କରାଏ । ।

ରୋଗ ହେଲେ ନିଜେ ଔଷଧ ଖୁଆଇବା, ସବୁବେଳେ ଯତ୍ନ ନେବା, ସମସ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବଶ୍ୟକତା ପୂରଣ କରିବା କଣ ଯଥେଷ୍ଟ ନୁହେଁ? ନିଜ ରୂପର ପ୍ରଶଂସା କଣ ନିହାତି ଆବଶ୍ୟକ ସ୍ୱାମୀ ମୁହଁରୁ ? ? ଏଇ ଅନନ୍ୟ ଲୋଡିବାପଣ ପାଇଁ ଆଜି ତାର ଏଇ ଦୂରାବସ୍ଥା, ଆଖିତଳେ କଳାଦାଗ, ଉଦ୍ଧାମ କେଶରାଶି ଧଳା ଧଳା, ଅକାଳ ବାର୍ଦ୍ଧକ୍ୟ ।

ହଠାତ୍ ଦିନେ ଶୁଭମ୍ ପଚାରିଲେ, କ'ଣ ତୁମର ଅଭାବ ତ୍ରିବେଣୀ? କାହିଁକି ଦିନକୁ ଦିନ ଦୁର୍ବଳ ଦେଖାଯାଉଛ ? ମୋ ସାଙ୍ଗର ସ୍ତ୍ରୀ ମାନଙ୍କୁ ଦେଖୁନ, ତୁମଠୁ ବୟସରେ ବଡ ହେବେ କେମିତି ଚକ୍ ଚକ କରୁଛନ୍ତି ? ଶର ଗଳିଗଲା ତା ଛାତିରେ ।

କାହିଁ ସେକଣ କେବେ ଚକ୍ ଚକ୍ କରିନିକି ? କେବେ ତ କହି ନାହାନ୍ତି ତୁମେ ଭଲ ଦେଖାଯାଉଛ ବୋଲି । ଆଜି କାହିଁକି ଏତେ ଦରଦ ? ଭଲ ଦିଶିଲେ କେତେ ନ ଦିଶିଲେ କେତେ ? ବୋହୂ ଆସିବାର ସମୟ ହେଲାଣିଟି । ଟିକେ ରାଗିଗଲା ତ୍ରିବେଣୀ । ଥାଉ ଆଉ ସୁନ୍ଦରୀ ହେବାର ନିଶା ନାହିଁ । ତୁମେ ସୁନ୍ଦର ହେଇଥାଅ ...

ତୁମ ସମୁଦୁଣୀ ଦେଖି ଖୁସିହବ । ...ଓହୋ ମୁଁ କଣ ସେକଥା କହିଲି ?

ଗୋଟିଏ ବ୍ୟାଗ ଔଷଧ ଆଉ ଫଳ ନେଇ ଆସିଲେ ଶୁଭମ୍ । ଔଷଧ ଖାଇବା ସମୟ ଆଉ ଜୁସ୍ ପିଇବା ପାଇଁ ଉପଦେଶ ଦେଇଗଲେ । । ଅନେକ ଦିନ ଔଷଧ ଖାଇଲାଣି ନା ତ... କିଛି ବି ଫଳ ହେଇନି ? ?

ବସ୍‌ର କାଚରେ ସ୍ପଷ୍ଟ ଦେଖାଯାଉଛି ଆଖି ତଳର କଳାକଳା ଗାଢ ଦାଗ ! ! ଆଖି ତଳକୁ ଭଲ ଭାବରେ ରଗଡି ଦେଲା ତ୍ରିବେଣୀ । କାଚରେ ଦିଶୁଛି.... ସାମନାରେ ବସିଥିବା ବ୍ୟକ୍ତି ଜଣକ ଉଠିଲେଣି । ତା ହାତକୁ ବହିଖଣ୍ଡେ ବଢେଇ ଦଉ ଦଉ କହିଲେ.. .... ନିଅନ୍ତୁ ମେଡମ୍, ମୋ କବିତା ସଂକଳନଟେ । ପଢିବେ ! !

ହାତ ବଢେଇଲା ତ୍ରିବେଣୀ ସେମିତି ମୁହଁ ତଳକୁ କରି । ଆପଣଙ୍କୁ ହାତାହାତି ଦେବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି ଅନେକ ଦିନରୁ ବ୍ୟାଗରେ ଧରିକି ବୁଲୁଛି । ଯା'ହେଉ ଆଜି ମୋର ସୌଭାଗ୍ୟ ।

ଆପଣ ତ ସେମିତି ଦେଖା ଯାଉଛନ୍ତି, ଯେମିତି କଲେଜରେ ପଢିଲା ବେଳେ ଦେଖା ଯାଉଥିଲେ,... ସୁନ୍ଦର, ବହୁତ୍ ସୁନ୍ଦର । ସେଥିପାଇଁ ଚିହ୍ନିବାରେ ଅସୁବିଧା ହେଲାନି । ଚମକି ପଡିଲା ତ୍ରିବେଣୀ । ଏତେ ବେଳଯାଏ ସେ ବହିର ମଲାଟରେ ମଜ୍ଜିଥିଲା । ବହିର ନାଁ... ତ୍ରିବେଣୀ ।

କବି ....

ଅମୀର ପଟ୍ଟନାୟକ...

ଓଃ ଭଗବାନ । ସାହିତ୍ୟର ସ ଜାଣି ନଥିବା ଏ ଗଣିତ କୀଟ କବିହେଲା କେତେ ବେଳେ ? ଉପରକୁ ମୁହଁ ଟେକିଲା ତ୍ରିବେଣୀ । ଓହ୍ଲେଇ ଯାଇଥିଲେ ଅମୀର ବସ୍ ଷ୍ଟପରେ । ଦି'ଟୋପା ଲୁହ ଝଡିପଡିଲା ବହି ଉପରେ । ଅମୀରଙ୍କ ଏ ରୂପ ? ?

ସେ ଚିହ୍ନି ବି ପାରିଲାନି ତାଙ୍କୁ ।

ବହିର ପ୍ରତିଟି ପୃଷ୍ଠାରେ.. ତ୍ରିବେଣୀ ପାଇଁ କବିତା । ତା'ପାଇଁ ଉତ୍ସର୍ଗୀକୃତ ଏ ବହି ।

ଏକ ଅପୂର୍ବ ଶିହରଣ ଖେଳିଗଲା ତା ଦେହଟା ସାରା । ପଲ୍ଲବିତ ହେଇ ଉଠିଲେ ତମନ ତଳର ଥୁଣ୍ଟା ଗଛସବୁ । ନାଚି ଉଠିଲା ତା ପାଦର ନୂପୁର । ଓଠ ପାଖୁଡାରେ ତାର ପଳାଶର ରଙ୍ଗ । କିଏ ତାକୁ ଚୁପିଚୁପି ତା କାନତଳେ କହୁଛି... ତ୍ରିବେଣୀ !ତୁମେ ବହୁତ ସୁନ୍ଦର ।

- ଏତେ ଲେଟ୍ । ଘରକୁ ପଶୁ ପଶୁ ଶୁଭମଙ୍କ ବେପରୁଆ ଅଭିଯୋଗ । ହଁ ଗାଡି ଭିଡ ଥିଲା ।

- ଔଷଧ ସରିଯାଇଥିଲା ବୋଧେ । ନେଇ ଆସିଛି । ଫଳ ଆଉ ହର୍ଲିକ୍ସ ଅଛି ରଖିଦେବ । ଫ୍ରେସ ହେଇଯାଅ । ଫ୍ରିଜ୍ ରେ ଜୁସ୍ ଅଛି ପିଇନେବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଓଃ ରଖ ହେ ତୁମର ଔଷଧ । ସେସବୁର କିଛି ଆବଶ୍ୟକତା ନାହିଁ । ମନେମନେ କହୁଥିଲା ତ୍ରିବେଣୀ । ମୁଁ ତ ମହୌଷଧି ନେଇ ଆସିଛି । ବହିଟିକୁ ପ୍ରେମଭରା ସ୍ପର୍ଶ ଦେଉଦେଉ ମନେମନେ ଗୁଣୁଗୁଣୁ ହେଇକହୁଥିଲା ତ୍ରିବେଣୀ । ଏଇ ମହୌଷଧି ଖାଇ ମୁଁ ତ ଝଟକି ଉଠିବି ଜହ୍ନ ପରି । ମଲାଯାଏ ।

ଗୀତ ଗାଇଗାଇ ବାଥରୁମରେ ପଶିଲା । ଟେପ୍ ରୁ ଝର୍ ଝର୍ ଝରୁଥିବା ପାଣି ସବୁ କହୁଥିଲେ । ତ୍ରିବେଣୀ ! ତୁମେ ବହୁତ ସୁନ୍ଦର । ବାଥରୁମର କାନ୍ଥରେ ଟାଇଲରେ ଲାଗିଥିବା ଡଲ୍ ଫିନ୍ କହୁଥିଲା, ତ୍ରିବେଣୀ ! ତୁମେ ବହୁତ୍ ସୁନ୍ଦର ।

ବାଥଟବ୍‌ର ପାଣିରେ ତ୍ରିବେଣୀର ମୁହଁ ଦିଶୁଥିଲା ପୂନେଇ ଜହ୍ନଟିଏ ପରି ।

ଆସ୍ଥା ପବ୍ଲିକ ସ୍କୁଲ ବେଲପଡା ।
ବଲାଙ୍ଗିର ।

ଆହ୍ୱାନ ଇ-ପତ୍ରିକା ସମ୍ବନ୍ଧିତ ସମସ୍ତ ସୂଚନା ଆପଣ ଏହି ଫେସ୍‌ବୁକ୍ ପୃଷ୍ଠାରେ ପାଇ ପାରିବେ । ପ୍ରତ୍ୟେକ ଲେଖକ ଲେଖିକାଙ୍କୁ ଇମେଲ୍ ଦ୍ୱାରା ଜଣାଇବା ସମ୍ଭବ ହେଉନାହିଁ । ତେଣୁ ଆପଣ ଆମ ୱେବ୍ ସାଇଟ୍ ଦେଖିପାରିବେ କିମ୍ବା ଫେସ୍‌ବୁକ୍ ପୃଷ୍ଠାରେ ଦେଖିପାରିବେ ।

https://www.facebook.com/odiaparibar

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

# ବେମ୍-ଜାନ୍



ପ୍ରତିଭା ପ୍ରିୟଦର୍ଶିନୀ

ଉଡାଜାହାଜ ଶବ୍ଦ ଶୁଣି ଆକାଶକୁ ନିରିଖେଇ ଚାହିଁଲା ସିପ୍ରା । ଘର ପାଖରେ ଏୟାରପୋର୍ଟ । ତେଣୁ ଛୋଟ ଝରକାରୁ ମଧ୍ୟ ଦିଶିଯାଏ ବଡ଼ ବିମାନ ସବୁ । ଦିନବେଳେ ଧଳା ସୂର୍ଯ୍ୟ କିରଣ ଭିତରେ ବାରି ହୁଏନି ସହଜେ ଧଳା ରଙ୍ଗର ବେମ୍-ଜାନ୍ ଗୁଡିକ । ହଁ, ଆଈ ପିଲାଦିନେ ଉଡାଯାହାଜକୁ ବେମ୍-ଜାନ୍ (ବ୍ୟୋମଯାନର ଅପଭ୍ରଂଶ ରୂପ) ବୋଲି କହି ଆକାଶକୁ ଆଙ୍ଗୁଳି ଦେଖାଏ ଆଉ ଆଈ କୋଳରେ ବସି ତା ଆଙ୍ଗୁଠି ସହିତ ଅର୍ଜୁନ ମାଛ ଆଖି ଭେଦିବା ଭଳି ଦୃଷ୍ଟି ସ୍ଥିର କରେ ସିପି (ଆଜିର ଏଇ ସିପ୍ରା ସେବେ ସେଇ ନାଁରେ ବେଶୀ ପରିଚିତ ଥିଲା) । ଆଈ ସ୍ୱପ୍ନ ଦେଖାଏ, ମୋ ସିପି ବଡ଼ ହେଇ ହାକିମ ହେବ । ବେମ୍-ଜାନ୍ ରେ ବସି ଦେଶ ବିଦେଶ ଗସ୍ତରେ ଯିବ । ଜିପରେ ବସି ଗାଁ ଦାଣ୍ଡରେ ପହଞ୍ଚି ଗଲେ କେତେ ଗର୍ବ ହେବ.....ଏମିତିକା ଆହୁରି କେତେ ସ୍ୱପ୍ନ । ସିପି କିନ୍ତୁ ସେ ଉଡ଼ନ୍ତା ଜାହାଜ ର ଭିତର ବାହାର କଳ୍ପନା କରିବାରେ ମଗ୍ନ ହୁଏ ।

ଏ ଭିତରେ ମହାନଦୀରେ ବୋହି ଗଲାଣି କେତେ ପାଣି । ଗାଁରୁ ଆସି ଏଇଠି ବିମାନବନ୍ଦର ପାଖରେ ଯାଗା ଖଣ୍ଡେ କିଣି ବାପା ଘର ତୋଳିଲେ । ଆଈ ବି ଆଉ ନାହିଁ । ସେ ବି କେବେଠୁ ରାଇଦାମୋଦରଙ୍କ ପାଦରେ ଲୀନ ହେବାର ଇଚ୍ଛା ନେଇ ଦେହତ୍ୟାଗ କରିଛି । ଦୀର୍ଘ ପଚିଶ ବର୍ଷ ଭିତରେ ବଦଳିଛି ଅନେକ କିଛି । ସିପି ଏବେ ସିପ୍ରା ନାଁ ରେ ବେଶୀ ଚିହ୍ନା ପଡେ । ବିମାନ ଯାତ୍ରା ବି କରି ସାରିଛି ଅନେକ ଥର । କିନ୍ତୁ ମାନସ ଯେବେଠୁ ମରିସସ ଗଲେଣି, ସେବେଠୁ ଉଡାଯାହାଜ ପ୍ରତି ଆକର୍ଷଣଟା ଭିନ୍ନ ପ୍ରକାରର । ଏଇ ଯେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜହ୍ନ ଦେଖିଲେ ଅନ୍ୟ ପ୍ରେମିକା ଯୁବତୀଙ୍କ ଭଳି ସେ ତା ଭିତରେ ନିଜ ପ୍ରେମିକ ପୁରୁଷଟିକୁ ଦେଖେନି, ବରଂ ତାକୁ ଓୟାରଲେସ ମାଧ୍ୟମଟେ ଭାବି କହିଯାଏ ମନକଥା ସବୁ, ଯାହା ମାନସଙ୍କୁ ଶୁଣେଇବା ଇଚ୍ଛାଥାଏ । ସେ ବି ତ ତାଙ୍କ ସହରରେ ଦେଖିବେ ଏଇ ଜହ୍ନକୁ । ସେତେବେଳେ ସେ ରେଡ଼ିଓ ଭଳି ବଖାଣି ଦେବ ସିପ୍ରାର କଥାତକ ତାଙ୍କ ପାଖରେ ।

ଯେବେ ନିୟମିତ ସମ୍ପର୍କରେ ରହୁଥିଲେ ସେତେବେଳେ ବି ମନର ଡୋର ପାଖରେ ଭୂଗୋଳ ହାର ମାନେ । କିଛି ନକହି, ଏଠି ମାନସଙ୍କ ଫୋଟୋ ଧରି ତାଙ୍କ ମୁହଁରେ ଆଙ୍ଗୁଳି ଛୁଏଁଇ ଆଣିଲେ ସେପଟୁ ସେ ସାଙ୍ଗେ ସାଙ୍ଗେ ମେସେଜ କରନ୍ତି, "ମୋତେ ଖୋଜୁଥିଲ କି ?" ସେ ବି ଅନେକ ଥର ସରାଗ ମିଶା ଉତ୍କଣ୍ଠାରେ ପଚାରନ୍ତି, "କିଏ ତୁମେ ସିପ୍ରା ! ଦେବୀ କି ମାନବୀ ! ହଜାର ହଜାର ମାଇଲ ଦୂରରୁ ଏତେ ବାସ୍ତବ ଅନୁଭବ କେମିତି ଦେଇ ପାରୁଛ ! ତୁମେ ସେଠି ମୋ ଫୋଟୋକୁ ଛୁଇଁଲେ ଏଠି ମୁଁ ସ୍ପଷ୍ଟ ଅନୁଭବେ ତୁମ ନରମ ସ୍ପର୍ଶ । ଚାଟିଂରେ କଥା ହେବା ବେଳେ ତୁମ ହସିବା, କାନ୍ଦିବା, ଉଦାସ ହେବା ପୁଣି ପ୍ରେମରେ ଲାଜରେ ଜଡ଼ସଡ଼ ହେବା ଭଳି ସବୁତକ ଭାବ ତୁମ ଟାଇପକରା ଶବ୍ଦ ଭିତରେ ବି ସାମ୍ନାସାମ୍ନି ବସି ଗପିବାର ଭ୍ରମ ଉତ୍ପନ୍ନ କରେ । ଏସବୁ କଣ ସାଧାରଣ ମାନବୀଟେ କରିପାରେ ? ତୁମେ ପିଲାଦିନୁ ଘୋର ଈଶ୍ୱର ଚିନ୍ତନରେ ରହି ରହି ଅର୍ଜନ କରିଛ ବୋଧେ ଅତୀନ୍ଦ୍ରୀୟ ଶକ୍ତି । ଏମିତି ପ୍ରେମିକାଟେ ପାଇ ମୁଁ ସହଜେ ଅନ୍ୟ ମାନଙ୍କ ଈର୍ଷାର ପାତ୍ର ହେଇଛି । ସେଇ ମୋର ଗର୍ବ । ତୁମ ପ୍ରଶଂସକମାନେ କହୁଥିବେ ନିଶ୍ଚୟ - ଏ ଟୋକା ଆମ ସୁପରଷ୍ଟାରକୁ କାବୁ କରି ନେଇଛି ।" ଏତକ ଶୁଣିବା, ତା'ପୁଣି ମାନସଙ୍କ ଭଳି ଜଣେ ପୁରୁଷ ଠାରୁ, କମ ଗର୍ବର କଥାନୁହେଁ । ମାନସ ଯେମିତି ଆକର୍ଷକ ଚେହେରା ଓ ବ୍ୟକ୍ତିତ୍ୱର ଅଧିକାରୀ, ସେମିତି ଜିନିଅସ ଛାତ୍ର, ବିଚକ୍ଷଣ ବକ୍ତା ଓ ପ୍ରଚଣ୍ଡ ପ୍ରତିଭାଦୀପ୍ତ । ତାଙ୍କୁ ପ୍ରେମିକ ଓ ପତି ରୂପେ ପାଇବା ପାଇଁ ଲକ୍ଷେ ଶିବ ପୂଜିବାକୁ ଖୁସିରେ ଚାହିଁବେ ଅନେକ ତରୁଣୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେବେ ପ୍ରାୟ ୧୦ ମାସ ଚେଷ୍ଟା କରି କରି ସିପ୍ରାକୁ ପ୍ରେମିକା ରୂପେ ପାଇଥିଲେ ମାନସ । ସିପ୍ରା ଭଲ ପାଠପଢେ ଆଉ କବିତା ଲେଖେ ଏବଂ ପେଣ୍ଟିଂ କରେ, ସେଇତକକୁ ଛାଡିଦେଲେ ଆକର୍ଷଣୀୟ ଆଉ କିଛି ନଥିଲା ତା'ଠି । ସେମିତି ଲୋଭନୀୟ ଫିଗର କିମ୍ବା 'ସୁନ୍ଦରୀ' ବ୍ରାକେଟ ଭିତରେ ଆସୁଥିବା ଚେହେରା ନଥିଲା ସିପ୍ରା ପାଖରେ । ଶ୍ୟାମଳ ରଙ୍ଗ, ଆଭରେଜ ଲୁକ ଏବଂ ସାଧାରଣ ସ୍ୱାସ୍ଥ୍ୟ ବିଶିଷ୍ଟ ଝିଅଟେ ଆଟ୍ରାକ୍ଟିଭ ଲିଷ୍ଟରେ ରହେନି ଯଦିଓ, ମାନସଙ୍କ ମନ କିନ୍ତୁ ଅଟକି ଯାଇଥିଲା ଭିଡରୁ ଭିନ୍ନ ଏଇ ଶ୍ୟାମଳାଙ୍ଗୀ ପାଖରେ । ବେଳେ ବେଳେ ପରିହାସରେ କୁହନ୍ତି, "ଭଲ ହେଇଛି ତୁମେ ଟିପିକାଲ ସୁନ୍ଦରୀ ଲିଷ୍ଟରେ ନାହଁ । ଆଉ କେହି ମୋ ଲେଡି ଉପରେ ନଜର ପକେଇବେ ନାହିଁ । ମୋତେ ବି ଭଲ ଲାଗେନି ନିଜ ପାର୍ଟନର୍ କୁ ସୋପିସ୍ କରିବା ।"

ତାଙ୍କ ଯିବା ପରେ ପ୍ରଥମ ବର୍ଷେ ଦେଢବର୍ଷ ସବୁ ଠିକ ଚାଲିଥିଲା । ନିୟମିତ ଚାଟିଂ, କଥାବାର୍ତ୍ତା ଓ ବେଳେବେଳେ ଫୋନରେ କଥା ହୋଇଯିବା ଭିତରେ ପ୍ରେମ ନିବିଡ଼ରୁ ନିବିଡ଼ତର ହେଉଥିଲା । ସେତେବେଳେ ସିପ୍ରା ଭାବୁଥିଲା, ଭୌଗୋଳିକ ଦୂରତ୍ୱ ସବୁବେଳେ ଖରାପ ନୁହେଁ, ସମ୍ପର୍କର ମୂଳଦୁଆ ମଜବୁତ ଥିଲେ ଦୂରତ୍ୱ ସମ୍ପର୍କରେ ନିବିଡ଼ତା ବଢ଼ାଏ । କିନ୍ତୁ କ୍ରମଶଃ ସେଇ ଇଲ୍ୟୁଜନ ଭାଙ୍ଗିବାରେ ଲାଗିଲା । ମାନସ କଥା ହେବା କମ କରିଦେଲେ । ଚାଟିଂରେ ବି ଖୁବ ବିଳମ୍ବରେ ଏବଂ ଅନିଚ୍ଛୁକ ଥିବା ଭଳି ଉତ୍ତର ଦିଅନ୍ତି ଯଦିଓ ଘଣ୍ଟା ଘଣ୍ଟା ଅନଲାଇନ ରୁହନ୍ତି । ସେହି ମାନସ ଯିଏ କହୁଥିଲେ ବିରହରେ ତୁମେ ଏକା ଜଳିବନି, ମୁଁ ଥିବି ତୁମ ସାଙ୍ଗରେ, ସେ ହିଁ ଯେବେ କହିଦେଲେ, "ମୋର ତୁମ ସହ ଗପିବାକୁ ଇଚ୍ଛା ନାହିଁ । ତୁମକୁ ଖୁସି କରିବାର ଠିକା ନେଇନି ମୁଁ । ମୁଁ ତ ତୁମ ନମ୍ବର ବି ଡିଲିଟ କରି ସାରିଛି । ତୁମେ ଗଲ ମୋ ଜୀବନରୁ....." ବାସ୍, ତା ପରେ ଯେମିତି ଆକାଶଭର୍ତ୍ତି ଦୁଃଖ ଲଦି ହୋଇ ପଡିଥିଲା ସିପ୍ରା ଉପରେ । ବାପା ବୋଉ ଜାଣିଥିଲେ ସମ୍ୟକ । ବୋଉ ବେଳେ ବେଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରେ । କି ଉତ୍ତର ଦେବ ଏବେ !! ତଥାପି ମାନସଙ୍କୁ ଅନୁରୋଧ କରିଥିଲା ଥରଟିଏ ସାକ୍ଷାତ କରିବାକୁ । ପ୍ରେମରେ ସମର୍ପିତ ସିପ୍ରା ଆଶାବାଦୀ ଥିଲା, ଶବ୍ଦର ସଂଘାତରେ ଦରମରା ହେଇଥିବା ସମ୍ବନ୍ଧରେ ଗୋଟିଏ ଆବେଗପୂର୍ଣ୍ଣ ସାକ୍ଷାତ ପ୍ରୀତି ସଂଜୀବନି ମନ୍ତ୍ର ଫୁଙ୍କିଦେବ ନିଶ୍ଚିତ । ଅବଶ୍ୟ ଏମିତି ଦୁଇ ତିନି ଥର ଅନୁରୋଧ ପରେ ମାନସ ତା ନମ୍ବରକୁ ଅଟୋରିଜେକ୍ଟ ଲିଷ୍ଟ ରେ ରଖିଦେଇଥିଲେ ।

ମାନସ ଓଡ଼ିଶା ଆସିଲେ ପବନରେ ତାଙ୍କ ଉପସ୍ଥିତିକୁ ଶୁଙ୍ଘିପାରେ ସିପ୍ରା, ଯେବେ ଅକାରଣ ମନ ଚଞ୍ଚଳ ଆଉ ପୁଲକିତ ହୋଇଯାଏ ଏବଂ ସେ ଯିବାଦିନ ଅଜଣା ଉଦାସୀନତା ଆଚ୍ଛାଦିତ କରିରଖେ । ପରେ ଦୁହିଁଙ୍କ କମନ ବନ୍ଧୁଙ୍କ ଠାରୁ ଜାଣେ, ସତରେ ଆସିଥିଲେ ମାନସ । ଏଇ ଭିତରେ ବିତିଗଲାଣି ପାଖାପାଖି ବର୍ଷେ । ବୋଉବି ଠଉରେଇ ସାରିଛି ପରିସ୍ଥିତି । ତେଣୁ ବାପାଙ୍କ ବନ୍ଧୁପୁତ୍ର ସହିତ ପ୍ରସ୍ତାବଟେ ପଡିଛି । ହେଲେ, ବିଧିବଦ୍ଧ ବିବାହ ପ୍ରସ୍ତାବ ନକହି ବାପା ବୋଉ ଚାହାନ୍ତି ପ୍ରଥମେ ପରିଚୟ ବଢୁ ସିପ୍ରା ଓ ସଞ୍ଜୟ ଭିତରେ । ମାନସଙ୍କୁ ଭୁଲିବା ସହଜ ହୋଇପାରେ ସେମିତି ହେଲେ । କିନ୍ତୁ ସିପ୍ରା ସହିପାରେନି ସମବେଦନା । ପିଲାଦିନେ ଆଈ ପାଖରେ ରହୁଥିଲା ବୋଲି ସ୍ନେହ ବଦଳରେ ସମସ୍ତେ ସମବେଦନା ଜଣାନ୍ତି, ସେସବୁ ଭାରି କଷ୍ଟଦିଏ ସିପ୍ରାର କଅଁଳ ମନକୁ । ସେ ବି ଇଚ୍ଛାକରେ ଅନ୍ୟ ପିଲାଙ୍କ ଭଳି ବାପା ବୋଉଙ୍କ ସହିତ ରହିବ, ଗେହ୍ଲା ହେବ, ବୁଲିଯିବ, ବେଲୁନ କିଣିବ ଇତ୍ୟାଦି । ହେଲେ ସେ ସୁଯୋଗ ପ୍ରାୟ ଜୁଟେନି । ତେଣୁ ପିଲାଦିନୁ ନିଜକୁ ଅନାଥ ବୋଲି ଭାବିନେଇଥିବା ସିପ୍ରା ସ୍ନେହ ପାଇଁ କାଙ୍ଗାଳ ଭଳି ମନେ ମନେ ଅପେକ୍ଷା କରିଥିଲା । ନିଜ ରୂପଭେକ ଦେଖି ମାନସଙ୍କ ପ୍ରେମକୁ ବି ବିଶ୍ୱାସ କରି ପାରିନଥିଲା ପ୍ରଥମେ । ଆଉ ଏବେ ହରାଇବାକୁ ମଧ୍ୟ ଗ୍ରହଣ କରି ପାରିନାହିଁ । ସଞ୍ଜୟ ବିଷୟରେ ବି ଜଣେଇବାକୁ ଚାହୁଁଥିଲା, କିନ୍ତୁ ଏବେତ ସମ୍ପର୍କର ସବୁ ରାସ୍ତା ବନ୍ଦ । ତେଣୁ କେବଳ ଉଡାଣ ଓ ଅବତରଣ କରୁଥିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୀମାନ ଗୁଡାକୁ ଦେଖି ଭାବିହୁଏ ଦିନେ ଏଇ ଭିତରୁ ଗୋଟିଏ ବିମାନ ନେଇଆସିବ ମାନସଙ୍କୁ ଆଉ ଗଲାବେଳେ ନେଇଯିବ ମାନସ ଓ ସିପ୍ରା ଉଭୟଙ୍କୁ ।

ଆଜିବି ମନ ଖୁବ ଭାରି ଓ ଉଦବିଘ୍ନ ଥାଏ । ସକାଳୁ କେମିତି ଗୋଟାଏ ବୋଝ କୁଢ଼େଇ ହେଇପଡୁଥାଏ ପ୍ରତି ନିଶ୍ୱାସ ପ୍ରଶ୍ୱାସ ଉପରେ । ବିମାନ ଦେଖୁଦେଖୁ ସେଇଠି ବସି କେତେ କଣ ଭାବୁଥାଏ ସିପ୍ରା । ହଠାତ ଡୋରବେଲ ଶୁଣି ଚମକି ପଡିଲା ସିନା, ପାଦ କିନ୍ତୁ କେମିତି କିଛି ଅଜଣା ଆତଙ୍କରେ ପଥର ହେଇଯାଉଥିଲା ସେଇଠି । ପରଦା ଫାଙ୍କରୁ ଦେଖି ଆଶ୍ଚର୍ଯ୍ୟ ହେଲା, ମାନସଙ୍କ ବାପା.....ସିପ୍ରା ବାପାଙ୍କ ହାତକୁ କାର୍ଡ ଖଣ୍ଡେ ବଢ଼େଇ ସାଦର ଆମନ୍ତ୍ରଣ ଜଣାଉଛନ୍ତି । ବାପା ବୋଉକୁ ଜଳପାନ ବ୍ୟବସ୍ଥା ପାଇଁ କହି ତାଙ୍କୁ ବସିବା ପାଇଁ ଅନୁରୋଧ କଲେ । ବାପାଙ୍କ ସହିତ ତାଙ୍କର ପୂର୍ବତନ ସହକର୍ମୀ ଓ ଗୋଟିଏ ଗାଁ ରୁ ଆସିଥିବା ଦୁଇବନ୍ଧୁ ଙ୍କାଲା ସମ୍ବନ୍ଧ । ସିପ୍ରା କେବଳ ଏତିକି ବୁଝିଲା ଯେ, ସେ ମାନସଙ୍କ ରିସେପସନ ଲାଗି ନିମନ୍ତ୍ରଣ କରିବାକୁ ଆସିଛନ୍ତି । ମାନସ ସେଠି ବିବାହ କରି ସାରିଛନ୍ତି ଏକ ହିମାଚଳି ଝିଅକୁ । ତା'ଠୁ ଅଧିକ କିଛି ଶୁଣିବା କି ବୁଝିବା ଅନାବଶ୍ୟକ ଲାଗୁଥିଲା ସିପ୍ରାକୁ । ଇଚ୍ଛା ହେଉଥିଲା ଚିତ୍କାର କରି କାନ୍ଦିବାକୁ । ହେଲେ ସମ୍ଭବ ନୁହେଁ । ତେଣୁ କୋହତକ ଢ଼ୋକିଦେଲା ବିଷ ଭଳି । ନିରୋଳା ସମୟ ଦେଖି ଢାଳି ଚାଲିଲା ଲୁହ ତକିଆ କୋଳରେ । ବାରମ୍ବାର ମାନସଙ୍କ ପ୍ରେମବୋଳା ପ୍ରତିଶ୍ରୁତି ମନେ ପଡୁଥିଲା ଆଉ ପ୍ରତିଥର ଯେମିତି ହୃଦୟ ଉପର କ୍ଷତ ରେ ବୋଳି ହେଉଥିଲା ମେଞ୍ଚାଏ ରାଗୁଆ ଚୂନ ।

ନିର୍ଦ୍ଧିଷ୍ଟ ଦିନ ବାପା ବୋଉ ରିସେପସନ ପାଇଁ ଯିବାକୁ ପ୍ରସ୍ତୁତ ହେଲେ । ଖୁବ ସନ୍ତର୍ପଣରେ ବୋଉ ହାତକୁ ଲଫାପାଟିଏ ଦେଇ ସିପ୍ରା କହିଲା, “ଏଇଟା କେବଳ ମାନସଙ୍କୁ ଦେବୁ ବୋଉ । ତାଙ୍କର କିଛି ଋଣଥିଲା ମୋ ଉପରେ । ସେତକ ପରିଶୋଧ କରିଛି । ଚାହିଁଲେ ଖୋଲିକି ଦେଖେ ।” ବୋଉ ଥରେ ତା ଗାଲକୁ ଆଉଁସି ଦେଇ ଲଫାପା ନେଇ

 Magazine Downloaded from www.aahwaan.com

ଚାଲିଗଲା । ସିପ୍ରା ବି ସୁଟ୍‌କେସ ସଜାଡ଼ିବାରେ ମନଦେଲା ।

ରିସେପସନର ଗହଳି ପରେ ସମସ୍ତେ ଫ୍ରେଶ ହେବାକୁ ଚାଲିଗଲେ । ସେତେବେଳେ ମାନସ ପକେଟରୁ ବାହାରକଲେ ସିପ୍ରା ଦେଇଥିବା ଲଫାପା । ଗୋଟେ ଛୋଟ ଚିଠି ଆଉ କିଛି ଟଙ୍କା ଥିଲା ତା ଭିତରେ । ସିପ୍ରା ଲେଖିଥିଲା, "ମାନସ, ତୁମେ ମୋ ପାଇଁ ଖର୍ଚ୍ଚ କରିଥିବା ସମୟ ଓ ଇମୋସନକୁ କଳିବାକୁ ମୁଁ ଅସମର୍ଥ । ମୋ ଦୃଷ୍ଟିରେ ତାହା ଦୁର୍ମୂଲ୍ୟ । ମୋ ଭଳି ସ୍ନେହକାଙ୍ଗାଳୀ ଝିଅ ଲାଗି ତୁମେ ଯେତିକି ଶ୍ରଦ୍ଧା ଓ ଆବେଗ ଲୁଟେଇଛ ସେତକ ମହାର୍ଘ୍ୟ । ତେବେ ପାର୍ଥିବ ଭାବେ ଯେତିକି ଖର୍ଚ୍ଚ କରିଛ ତାକୁ ହିସାବ କରି ଯାହା ହେଲା, ତା ଉପରେ ୨୮% (laxury item GST) ଟାକ୍ସ ସହିତ ଫେରାଇ ଦେଉଛି । ସମ୍ପର୍କରେ ଥିଲେ ବୋଲି ମୋ ପ୍ରାପ୍ୟ ଭାବି ଗ୍ରହଣ କରିଥିଲି । ତୁମକୁ କେବେ ନଲାଗୁ ଏ ସିପ୍ରା ତୁମ ଧାରୁଆ ବୋଲି । ହଁ, ଫେରେଇନି ଆଉ ମାତ୍ର ଗୋଟିଏ ଜିନିଷ । ତୁମେ ଭୈରବୀ ମନ୍ଦିର ରୁ ଆଣିଦେଇଥିବା ସେଇ ସିନ୍ଦୂର ଡବାଟି । ସେଇଟି ମୋ ପାଖରେ ରଖିନେଇଛି ଆଜୀବନ ସନ୍ତକ ଭାବରେ । ତୁମ ଯୁଗ୍ମ ଜୀବନ ସୁଖଦ ହେଉ ।" ତଳେ ତାଲିକା କରି ଟଙ୍କାର ସମ୍ପୂର୍ଣ୍ଣ ହିସାବ ଦେଇଛି । ଲେଖିବା ବେଳେ ଖୁବ କାନ୍ଦିଛି ନିଶ୍ଚୟ, ଏବେବି କାଗଜ ଉପରେ ତା ଶୁଖିଲା ଲୁହର ଚିହ୍ନ ସ୍ପଷ୍ଟ । ଚିଠିଟାକୁ ଚାରି ଟୁକୁଡ଼ା କରି ଭୋଜି ଅଇଁଠା ପଡିଥିବା ଡଷ୍ଟବିନ ଭିତରକୁ ଫିଙ୍ଗିଦେଲେ ଏବଂ ଟଙ୍କାତକ ପକେଟରେ ପୁରେଇ ବାସର ଘରକୁ ବିଜେ ହେବା ପାଇଁ ବାହାରିଗଲେ ମାନସ । ସେତିକିବେଳେ ସିପ୍ରା କୁ ଧରି ଆକାଶକୁ ଉଠୁଥିଲା ବେମ୍-ଜାନ୍ ଟିଏ । ହାକିମ ହେବାର ସମ୍ଭାବନା ଚରିତାର୍ଥ କରିବାକୁ, ଆଜୀବନ ଅବିବାହିତ ରହିବାର ଗୁପ୍ତ ସଂକଳ୍ପ ନେଇ ଉଡ଼ିଗଲା ସିପ୍ରା ।

ଲିଙ୍କ ରୋଡ଼, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମାବାସ୍ୟାର ଚାନ୍ଦ...



ସୁବଳ ମହାପାତ୍ର

ଶୀତ ଦିନ, ଅମାବାସ୍ୟା ରାତି, ସମୟ ବାରଟା ବାଜି ପନ୍ଦର ମିନିଟ । ଥଣ୍ଡାରେ ଦେହ ହାତ କୋଲ ମାରି ଯାଉଥାଏ । ମୁଁ ଶାର୍ଟ ଉପରେ ସ୍ୱିଟର ତା ଉପରେ କମ୍ବଳ ଖଣ୍ଡେ ଘୋଡ଼ି ହୋଇ, ମୋ ଅଟୋରେ ବସି ଦିନ ଯାକର ଭଡା ହିସାବ କରୁଥାଏ । ଘରକୁ ଯିବାକୁ ମନ ଡାକୁଥିଲେ ବି ସକାଳୁ ଝିଅର ଜନ୍ମଦିନ ପାଇଁ ଡ୍ରେସ କିଣିବାକୁ ପଡିବ ବୋଲି ଆଉଗୋଟେ ଭଡା ପାଇଯିବା ଲୋଭରେ ମୁଁ ବସିଥାଏ ଅଟୋରେ । ମନେ ମନେ ଭୀଷଣ ଗାଳି ଦେଉଥାଏ ମୋ ସ୍ତ୍ରୀ କୁନିକୁ । ଆସିଲାବେଳେ କହିଲା, “କାଲି ଝିଅର ଜନ୍ମଦିନ, ତା ପାଇଁ ଯେମିତି ହେଲେ ନୂଆ ଡ୍ରେସ ହେବ । ଆଜି ଆସିଲା ବେଳେ ଭଲ ଡ୍ରେସ ଖଣ୍ଡେ ଦେଖିକି ଆଣିବ ।”

ମୁଁ ମନେ ମନେ ଭାବୁଥାଏ “ଝିଅ ପିଲାଟେ ତ, କେଉଁ ସବୁଦିନ ମୋ ସହ ରହିବ ? ପରଘରି ପାଇଁ ଏତେ ସରାଗ କିଆଁ ? ହେଇଥାନ୍ତା ହେଲେ ପୁଅଟେ । କିଛି ନହେଲେ ମୋ ବୁଢା କାଳକୁ ତ ସାହା ହୁଅନ୍ତା, ମଲେ ମୁହଁରେ ନିଆଁ ତ ଦିଅନ୍ତା । ଏ ଝିଅ ଖଣ୍ଡେ କୁ ଏତେ ଫୁଲେଇ ? ଏପଟେ ଖାଇବାକୁ ପଇସା ଅଣ୍ଟୁନି, ସେପଟେ ତିନିହଳ ଡ୍ରେସ ଥାଉ ଥାଉ ଆହୁରି ଖଣ୍ଡେ...” ଯା ମ...

ଶେଷ ବସ ଆଉ ଦଶ ମିନିଟରେ ଆସି ପହଁଚିଯିବ । ଯଦି କିଏ ମିଳିଯାଏ ତେବେ ଦେଢା ହିସାବରେ କିଛି ମିଳିଯିବ, ଏଇ ଆଶାରେ ମୁଁ ବସି ବସି ବିଡ଼ି ଖଣ୍ଡେ ଲଗେଇଲି । ବସ ଆସି ପହଁଚିଲା ଆଉ ଭଡା ବି ମିଳିଗଲା । ବସଷ୍ଟାଣ୍ଡରୁ ପ୍ରାୟ ଏଗାର କିଲୋମିଟର କିନ୍ତୁ ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରର ପୁରା ବିପରୀତ ଦିଗରେ । ହଉ, ଭଡା ବି ଭଲ ମିଳିବ । ଜଣେ ଲୋକ, ସାଙ୍ଗରେ ଖାଲି କାନ୍ଧଗଳା ବ୍ୟାଗ ଖଣ୍ଡେ । ବାଟରେ ତା ସହ କିଛି କଥା ହେବାରୁ ସେ ଚୁପ ରହିଲା । ଏତେ ଅସମ୍ଭବ ଭାବେ ଚୁପ ଯେ କେବଳ ଠିକଣା ବ୍ୟତୀତ ଆଉ କିଛି କହିଲାନି । ଶୀତରେ କଥା ହେବାକୁ ବୋଧହୁଏ ଇଚ୍ଛା ନଥିଲା ତା'ର । ମନେ ମନେ ବିରକ୍ତ ହେଲେବି ଗ୍ରାହକ ଈଶ୍ୱର ଭାବି ଚୁପ ରହିଲି । ଠିକଣା ଜାଗା ପାଖେଇଲା, ଓହ୍ଲେଇଲା ସେ । ଯିବା ଆସିବା (ମୁଁ ପୁଣି ଫେରିବି ନା ନାହିଁ? ଏତେ ରାତିରେ କଣ ସେପଟୁ ଭଡା ମିଳିବ ? ନାହିଁ ନା...) ଭଡା ବାବଦ କଥା ଛିଡିଥିବା ଅଢେଇଶରୁ ଦୁଇଶ କୋଡିଏ ଥିଲା ତା ପାଖରେ । ବାକି ତିରିଶ ନାହିଁ ବୋଲି କହିଲା । ରାଗିଗଲି ମୁଁ, "ଶଃ.. ପଇସା ନାହିଁ, ଭଡା ମୂଲଚାଲ କଲାବେଳେ କହିଲୁନି କିଆଁ ?"

– କହିଥିଲେ, ତମେ ଆସି ନଥାନ୍ତ କି ମୁଁ ଏଠି ପହଁଚିପାରି ନଥାନ୍ତି । ଏ ଶୀତ ରାତିରେ କୁଆଡେ ଯାଇଥାନ୍ତି ? ?

– ଏବେ ତ ପହଞ୍ଚି ଗଲୁଣି, ଏବେ ଘରୁ ପଇସା ଆଣି ଦେ...

– ନାଁ, ଏଇଟା ଆମ ଘର ନୁହେଁ, ମୋର ଜଣେ ସାଙ୍ଗର ଘର । ମୋର ଏଇ ହାତ ଘଣ୍ଟାଟି ରଖ, ମୁଁ କାଲି ସକାଳୁ ଷ୍ଟାଣ୍ଡ ଆସି ତମକୁ ତମ ଭଡା ପଇସା ଦେଇଦେବି କହି ମୋ ହାତରେ ସେ ହାତଘଣ୍ଟା ଟି ଖୋଲି ଧରେଇ ଦେଇ, ବିଜୁଳି ବେଗରେ ଚାଲିଗଲା ।

ହେତ... ମଣିଷ କାହା ମୁହଁ ଚାହିଁଥିଲା କେଜାଣି, ଶୀତ ରାତିରେ ଏତେ ଝିଞ୍ଜଟରେ ଫସିଲା । ତଥାପି ମନ ଖୁସିଥିଲା ଯେ ସେ ଆଉ ତିରିଶ ନଦେଲେ ଘଣ୍ଟା ରହିବ ମୋ ପାଖରେ..

ଅଟୋ ଷ୍ଟାର୍ଟ କଲି, ମୋ ଘର ଏଠୁ ପ୍ରାୟ ଷୋହଳ କିଲୋମିଟର ଦୂର ହେବ । ବାଟରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଡାଟେ ମିଳିଗଲେ ଭଲ ହୁଅନ୍ତା ବୋଲି ଭାବି ଭାବି ମୁଁ ଆସୁଥାଏ । ହଠାତ ରାସ୍ତାରେ ଗୋଟେ କାର ଠିଆ ହୋଇଥିବାର ଦେଖିଲି । ଏତେ ନିର୍ଜନ ଜାଗାରେ କାରଟି କାହିଁକି ଅଛି ? ଏନ.ଏଚ.ରେ କାଳେ କିଏ କଣ ଅସୁବିଧାରେ ପଡିଥିବ କି କୁଆଡେ ଯାଉଥିବ ମଝିରେ ଟିକେ ବିଶ୍ରାମ କି ଲଘୁଶଂକା ପାଇଁ ଅଟକି ଥିବ ବୋଲି ଭାବିଲି । କାର ଆଗରେ ଝିଅଟିଏ ହାତ ଦେଖେଇ ଅଟୋ ଅଟକେଇବାକୁ କହିଲା । ପିନ୍ଧିଥାଏ ନାଲି ଶାଲଢ଼ାର ଖଣ୍ଡେ, ହଳଦିଆ ଚୁନି ପକେଇଥାଏ । ସମ୍ଭ୍ରାନ୍ତ ଘରର ଝିଅ ପରି ଲାଗୁଥାଏ । ଏତେ ଶୀତରେ ଥରି ଯାଉଥାଏ ବିଚାରି ।

ଏତେ ରାତିରେ ଏକୁଟିଆ ଝିଅଟି ଦେଖି, କିଛି ଅସୁବିଧାର ସମ୍ମୁଖୀନ ହୋଇଛି ଭାବି ଗାଡି ରଖିଲି । ଝିଅଟି କହିଲା, "ଭାଇ, ମୋ ଗାଡି ଖରାପ ହୋଇ ଯାଇଛି । ମୋତେ ଟିକେ ଘରେ ଛାଡ଼ିଦେବ ?" ଡବଲ ଭଡା ଦେବି ।

– ହଁ, ବୋଲି କହି, ତାକୁ ଗାଡ଼ିରେ ବସିବାକୁ କହିଲି । ପୁଣି ମୋତେ ଡବଲ ଭଡା ମିଳିବାର ଲୋଭ ବି ମିଳିଲା । ମୋ ଘର ରାସ୍ତାରେ ନୁହେଁ, ଅନ୍ୟ ରାସ୍ତାରେ ଯିବାକୁ ପଡ଼ିବ, ତଥାପି ସେ ଜାଗାରୁ ମୋ ଘର ଆଉ ସାତ କିଲୋମିଟର ପଡିବ, ତେଣୁ ଠିକ ଅଛି ବୋଲି ଭାବି ଗାଡି ବୁଲେଇଲି ।

ବାଟରେ ଚାଲୁ ଚାଲୁ ଜଣେ ବଡଭାଇ ହିସାବରେ କହିଲି ତାକୁ, "ଏପଟ ରାସ୍ତା ବହୁତ ଖରାପ, ତମେ ବୋଧେ ନୂଆ ଏ ସହରରେ । ଏଇ ଯେଉଁଠି ଗାଡି ତମର ଖରାପ ହୋଇଥିଲା ଆଉ କିଛି ବାଟ ପରେ ମଶାଣି ପଡେ । ରାତି ନଅଟା ପରେ ଏପଟେ ଲୋକ ଯିବାପାଇଁ ଡରନ୍ତି, ତମେ ଏକୁଟିଆ କୁଆଡେ ଯାଉଥିଲ ଏପଟେ ?"

- ମୁଁ ଫେରୁଥିଲି, କିନ୍ତୁ ହଠାତ ଗାଡି ଖରାପ ହୋଇଗଲା । ଦୁଇ ଜଣଙ୍କୁ ଅଟକେଇଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ କେହି ରହିଲେନି । ଆପଣଙ୍କୁ ଧନ୍ୟବାଦ । ଏଠୁ ମୋ ଘରକୁ ଭଡା କେତେ ନେବେ ଆପଣ ?

-- ଦେଢଶ ଦିନ ବେଳେ । ରାତି ପାଇଁ ଦେଢା । ଏପଟେ କିନ୍ତୁ ଆଉ କେବେ ଆସିବନି ରାତିରେ...

ଶୀତ ଜୋର ହେଉଥିଲା । ମୋ ଦେହରୁ କମ୍ବଳଟି କାଢି ତା ପାଖକୁ ବଢ଼େଇ ଦେଲି ।

-- ହଉ, ମୁଁ କହିଛି ଆପଣଙ୍କୁ, ତିନିଶ ଦେବି । ଟିକେ ଶୀଘ୍ର ଚାଲନ୍ତୁ, ମୋ ବାପା ସେପଟେ ବ୍ୟସ୍ତ ହେଉଥିବେ କହି ମୋ କମ୍ବଳଟି ନେଇ ଘୋଡ଼ି ହୋଇ ବସିଲା ସେ ।

-- ହଉ କହି ଗାଡି ଚଳେଇବାରେ ମନ ଦେଲି ।

ପ୍ରାୟ ପନ୍ଦର ମିନିଟ ପରେ, ପହଞ୍ଚିଗଲୁ ତାଙ୍କ ଘର ଆଗରେ । ଭଡା ଏବେ ନାହିଁ ତା ପାଖରେ ଶୁଣି ମନଟା ଆମ୍ବିଳି ହୋଇଗଲା ମୋର । ପୁଣି ଆଉ ଗୋଟେ ? ଏବେ ଏବେ ସେଇ ଘଟଣା ଗୋଟେ ଘଟିଛି ମୋ ସହ । ପୁଣି..

ଏଇ ସାଙ୍ଗେ ସାଙ୍ଗେ ଆଣି ଦେଉଛି କହି, ଗେଟ ଖୋଲି ଘର ଭିତରକୁ ପଶିଲା ସେ । କବାଟ ଠକ ଠକର ଶବ୍ଦ ବି ଶୁଭିଲା, ମୁଁ ଅଟୋରେ ବସି ରହିଲି । ପ୍ରାୟ ପନ୍ଦର ମିନିଟ ଯାଏଁ କେହି ବାହାରକୁ ନ ଆସିବାରୁ ବଡ ବିରକ୍ତ ଲାଗିଲା ମୋତେ । ଠକି ଦେଲାକି ଆଉ ? ? କି ଘର ଭିତରକୁ ଯାଇ ଭୁଲିଗଲା ? ? ଏପଟେ ଶୀତ ସହ ଏତେ ରାତିରେ ନିଜର ପ୍ରାପ୍ୟ ପାଇଁ କାହାକୁ ଅପେକ୍ଷା କରିବାଟା ଭାରି କଷ୍ଟ ଦେଉଥାଏ । ନା, ଆଉ ହେବନି, ଡାକିବାକୁ ପଡିବ । ଖୋଲା ଥିବା ଗେଟ ଦେଇ ଭିତରକୁ ପଶିଲି । ଘରର ମୁଖ୍ୟ ଦରଜା ଖୋଲା ଥାଏ । ଆଜ୍ଞା, କହି ଧିରେ ଡାକିଲି । କେବଳ 'ଉଁ' ବ୍ୟତୀତ ଆଉ କିଛି ଶୁଣିବାକୁ ପାଇଲି ନାହିଁ । ଘର ଝାପ୍ସା ଆଲୋକିତ ଥାଏ । ଜିରୋ ପାୱାରର ବଲବ ଗୋଟେ ଜଳୁଥାଏ ଘର ଭିତରେ ।



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରା ଭଲରେ ଦେଖି ନହେଲେ ବି କେହି କୁଆଡେ ନାହାନ୍ତି ବୋଲି ଜଣା ପଡୁଥାଏ । ଆଉ ଥରେ ଡାକିଲି, 'ଆଜ୍ଞା' । ପୁଣି ଥରେ 'ଉଁ ଉଁ ବୋଲି ଶବ୍ଦ ଶୁଣିଲି । କେଉଁଠୁ ଆସୁଛି ବୋଲି ଭିତରକୁ ଟିକେ ଗଲି ଅନେଇଲି । ଦାଣ୍ଡଘରେ ସୋଫା ପାଖରେ ତଳେ ପଡି କେହିଜଣେ ମୋ ଆଡ଼କୁ ହାତ ବଢାଉଥିବାର ଦେଖି ଭିତରକୁ ଯାଇ ପ୍ରଥମେ ଲାଇଟ ସ୍ୱୀଚ୍ ସବୁ ଅନ କରି ଘରକୁ ଆଲୋକିତ କଲାପରେ ଦେଖିଲି, ବୁଢା ଜଣେ ତଳେ ପଡି ଛଟପଟ ହେଉଛନ୍ତି । ଧୀରେ ତାଙ୍କୁ ଉଠେଇ ସୋଫାରେ ବସେଇଲି । ତାଙ୍କ ହାତ ଭାଙ୍ଗି ଯାଇଥାଏ, ଆସ୍ତେ ଆସ୍ତେ ଫୁଲିବା ଆରମ୍ଭ କରିଥାଏ । ସେ ପାଟିକରି କାହାକୁ ଡାକି ପାରୁ ନଥାନ୍ତି, କଣ କରିବି ବୋଲି କିଛି ମୁଣ୍ଡରେ ପଶୁ ନଥାଏ । ତଥାପି ସାହସ କରି 'ଘରେ କିଏ ଅଛନ୍ତି' ବୋଲି ଡାକ ପକେଇଲି । କେହି ନଶୁଣିବାରୁ ପାଖ ପଡୋଶୀଙ୍କୁ ଡାକିଲି । ଏତେ ରାତିରେ ପୁଣି ଶୀତଦିନେ, କମ୍ବଳ ତଳୁ ଉଷୁମ ନଟାଣି କିଏ ବାହାରକୁ ଆସେ ? ? ଜଣେ ଦି ଜଣ ଆସି କହିଲେ, ତାଙ୍କ ଘରେ ଏବେ କେହି ନାହାନ୍ତି, ତାଙ୍କୁ ଟିକେ ଡାକ୍ତରଖାନା ନେଇ ଯାଅ । କିନ୍ତୁ ସକାଳୁ ସେମାନଙ୍କର କାମ ଅଛି ବୋଲି କହି ମୋ ସହ ଆସିବାକୁ ଅମଙ୍ଗ ହେଲେ ସେମାନେ । କଣ କରିବି ବୋଲି ବୁଦ୍ଧି ଦିଶୁନଥାଏ । 'ମୋର କଣ ଯାଉଛି ? ମୁଁ କିଆଁ ରହିବି ଏଠି' ବୋଲି ମନ କହୁଥିଲେ ବି ବିବେକ ବାଧା ଦେଉଥାଏ । ଅଗତ୍ୟା ବିବେକର କଥା ଶୁଣିବାକୁ ପଡିଲା । ବୁଢା ଜଣଙ୍କୁ ଧରି ଡାକ୍ତରଖାନା ବାହାରିଲି । ଯନ୍ତ୍ରଣାରେ ସେ ଓଃ, ଆଃ ହେଉଥାନ୍ତି । ବୋଧହୁଏ ସେ ଦଶ ପନ୍ଦରମିନିଟ ଆଗରୁ ବା ଆହୁରି ଆଗରୁ ପଡ଼ିଥିଲେ ସେଠି । ମୁଁ ତାଙ୍କୁ ଧରି ଡାକ୍ତରଖାନା ବାହାରିଲା ବେଳକୁ ପଡୋଶୀ ଜଣେ ତାଙ୍କ ଘର ତାଲା ପକେଇ ଚାବି ମୋତେ ବଢ଼େଇ ଦେଲେ । ଛାଡ଼, ଏମିତି ପଡୋଶୀ ନଥିବା ଭଲ ବୋଲି ମନେ ମନେ କହି ଗାଡି ଷ୍ଟାର୍ଟ କଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଢା ଜଣଙ୍କୁ ଡାକ୍ତରଖାନାରେ ହାତ ବ୍ୟାଣ୍ଡେଜ କରି ଟିକେ ସାଷ୍ଟାମ ହେଲାପରେ ଡାକ୍ତରଖାନା କ୍ୟାଣ୍ଟିନରୁ ଚା ଆଉ ବିସ୍କୁଟ ଆଣି ଖାଇବାକୁ ଦେଲି । ମେଡ଼ିସିନ ଷ୍ଟୋରରୁ ମେଡ଼ିସିନ ନିଜେ ପଇସା ଦେଇ କିଣିଲି । ହାତଘଡି ଦେଖିଲା ବେଳକୁ ରାତି ତିନିଟା । ଏବେ ମୋ ଦାୟିତ୍ୱ ହେଲା ୟାଙ୍କୁ ଘରେ ଛାଡ଼ି ମୋ ଘରକୁ ଫେରିବି । କିନ୍ତୁ ମୋ ଭଡା ? ଏ ଅବସ୍ଥାରେ କଣ ଭଡା ମାଗିବି ? ଥାଉ, ପରେ କେବେ ଦେଖିବା ଭାବି, ବୁଢା ଜଣଙ୍କୁ ଗାଡ଼ିରେ ବସିବାକୁ କହିଲି । ତାଙ୍କ ଅବସ୍ଥାରେ ସୁଧାର ତଥାପି ଆସି ନଥାଏ । ଆସ୍ତେ ଆସ୍ତେ ସେ ଟିକେ ନର୍ମାଲ ଆଡକୁ ଆସୁଥାନ୍ତି । ଗାଡି ବହୁତ ଧିରେ ଚଳେଇବାକୁ ପଡୁଥାଏ । ଆବଡା ଖାବଡା ରାସ୍ତାରେ ତ ଶଗଡ଼ ଗାଡିଠୁ ବି ଧିରେ । ତାଙ୍କ ଘରେ ପହଞ୍ଚିବାକୁ ପ୍ରାୟ ଅଧଘଣ୍ଟା ଲାଗିଲା । ଘର ଖୋଲି ତାଙ୍କୁ ସୋଫାରେ ବସେଇ ମେଡ଼ିସିନ ଖାଇବାକୁ କହିଲି । ସେ ଟିକେ ସାଷ୍ଟାମ ହେଲେ । ମୋତେ ବହୁତ ବହୁତ ଆଶୀର୍ବାଦ କରି ଟେବୁଲ ଉପରେ ଥିବା ପର୍ସରୁ କାଢି ମୋ ହାତରେ ଦୁଇ ହଜାର ଟଙ୍କିଆ ନୋଟଟିଏ ଧରେଇ ଦେଲେ । ଚେଞ୍ଜ ନାହିଁ କହିବାରୁ କହିଲେ, "ରଖ, ଏଇଟା ତିନିଟା ଭଡା ଓ ମେଡ଼ିସିନ ପାଇଁ । ସାହାଯ୍ୟ ପାଇଁ ଅଶେଷ ଅଶେଷ ଧନ୍ୟବାଦ ।"

– ତିନିଟା ଭଡା ?

– ହଁ, ଡାକ୍ତରଖାନା ଯିବା, ଆସିବା ଓ ହାତଠାରି କାନ୍ଥ ଆଡକୁ ଦେଖେଇଲେ ।

– ଯାହା ଦେଖିଲି, ମୋ ହୋସ ଉଡିବା ଅବସ୍ଥା....

– ମୋ କାନ୍ଧରେ ହାତରଖି କହିଲେ, ସେ ମୋ ଝିଅ । ଏକୋଇଶ ବର୍ଷ ତଳେ ଗୋଟେ କାର ଦୁର୍ଘଟଣାରେ ସେ ଆରପାରିକୁ ଚାଲି ଯାଇଛି । ମୁଁ ଜାଣିଛି, ସେ ଆଜି ଅଟୋ ଭଡା କରି ଏଠିକି ତୁମ ସହ ଆସିଥିବ ଓ ତୁମକୁ ଭଡା ଦେଇ ନଥିବ । ଏଇଟାକୁ ମିଶେଇ ଚାରିଥର

 Magazine Downloaded from www.aahwaan.com

ହେଲା । ମୁଁ ଯେତେବେଳେ ବି ଅସୁବିଧାରେ ପଡିଛି, କେହି ନା କେହି ଅଟୋବାଲା ସହ ଆସି ସେ ଏମିତି ମୋତେ ସାହାଯ୍ୟ କରିଛି । ମୋର ଦୁଇ ପୁଅ ଓ ଗୋଟେ ଝିଅ । ସ୍ତ୍ରୀ ଦୀର୍ଘ ତିରିଶ ବର୍ଷ ହେଲା ଆର ପାରିରେ । ପୁଅ ଦୁଇଜଣ ବିଦେଶରେ । ମୁଁ ଏଠି ଏକା ରୁହେ । ଆପଣଙ୍କ ସହୃଦୟତା ପାଇଁ ଅଶେଷ ଧନ୍ୟବାଦ ।

ମୋ ଅବସ୍ଥା ଏବେ ବାର ବାଜିବା ଉପରେ । ଏ ଝିଅଟି ଅଟୋରେ ଆସି ଭଡା ଦେଇନଥିବା କଥା ତ ମୁଁ ପୁରା ଭୁଲି ଯାଇଥିଲି । ଆଉ ଥରେ ସେ ଫୋଟୋଟିକୁ ଦେଖିଲି, ସେଇ ନାଲି ସଲୱାର, ସେଇ ହଳଦିଆ ଚୁନି, ସେଇ ମୁହଁ, ସେଇ ଝିଅ ଖାଲି ଫୋଟୋ ଉପରେ ଫୁଲମାଳ ପଡିଥିଲା ।

ବାପରେ ବାପ....ଏବେ ଏକମୁହାଁ ହୋଇ ଦୌଡ଼ିଲି ମୋ ଅଟୋ ପାଖକୁ । ଗାଡି ଷ୍ଟାର୍ଟ କରି ସିଧା ସିଧା ଗାଡ଼ିରେ ବସି ଯିବା ବେଳକୁ, ମିରରରେ ଦେଖିଲି, କେହିଜଣେ ହସି ହସି ମୋତେ ଟା ଟା କରୁଥିଲା....ସେଇ ନାଲି ଶାଲୱାର, ସେଇ ହଳଦିଆ ଚୁନି, ସେଇ ମୁହଁ, ସେଇ ଝିଅ.....

ମୋ ମା..... ଆଖି ବନ୍ଦ କରି ଶହେ ସ୍ପୀଡ଼ରେ ଦଉଡେଇଲି ଅଟୋ କୁ....

ଡର ଲାଗୁଥିଲେ ବି ମନେ ମନେ ସାଲୁଟ କଲି ସେ ଝିଅକୁ... ମୋତେ ବହୁତ ବଡ଼ ହୀନମନ୍ୟତାରୁ ଉଦ୍ଧାର କରି ଥିବାରୁ ତା ନିକଟରେ ଋଣୀ ବୋଲି ସ୍ୱୀକାର କଲି...

ଏବେ ମୋ ଝିଅ, ମୋତେ ପୁଅ ମାନଙ୍କଠୁ ଅଧିକ ଲାଗୁଥିଲା...

ଖଲାରୀ, ଅନୁଗୋଳ, ଓଡିଶା

ଦୂରଭାଷ- ୯୩୭୬୦୧୯୫୦୬

subal.mohapatra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଜୁକିନା ରାମନାମ



ତ୍ରିଲୋଚନ ଦାସ

ବଲାଙ୍ଗୀରରୁ ଫେରିବା ପରେ ବୋଉ ବାପାଙ୍କୁ କହିଲା, "ଆଉ ଝିଅ ଦେଖିଯିବା ଦରକାର ନାହିଁ ।" ବାପା କହିଲେ, "କାହିଁକି ? ଏଇ ଗୋଟିକରେ କଣ ଶେଷ ? ତୁମେ ଯେତେବେଳେ ପୁଅ ବାହାଘର କରିବ, ସେଥିପାଇଁ ତ କମସେ କମ୍ ପାଞ୍ଚ ସାତଟା ପ୍ରସ୍ତାବ ଦେଖିବା ଦରକାର । ଝିଅ, ତା ପରିବାର, ଆଉ ତାଙ୍କ ବନ୍ଧୁବାନ୍ଧବଙ୍କ ବିଷୟରେ କ'ଣ ଜାଣିବା ଉଚିତ୍ ନୁହେଁ ? ତା'ଛଡ଼ା ଏଇ ଝିଅଟି ପାଖରେ କଣ ଏମିତି ଦେଖିଲ ଯେ, ତାକୁ ତୁମ ପୁଅ ପାଇଁ ଉପଯୁକ୍ତ ବୋଲି ଭାବିନେଲ ? ଏହା ପଛରେ କିଛି ରହସ୍ୟ ଅଛି କି ? ଝିଅ ଦେଖାଟା କ'ଣ ଖାଲି ଲୋକ ଦେଖାଣିଆ ?" ବାପା ବେଳେ ବେଳେ  ଏମିତି ଗୋଟେ ଗୋଟେ ଅଖାଡୁଆ ପ୍ରଶ୍ନ ପଚାରନ୍ତି ଯେ ବୋଉ ହଡ଼ବଡେଇ ଯାଏ, ଆଉ ତତକ୍ଷଣାତ୍ ଉତ୍ତର ଦେଇ ପାରେନାହିଁ । କିଛି ଭାବି ଚିନ୍ତି ଉତ୍ତର ଦେଲା ବେଳକୁ ବାପା ଠିକ୍ ଜାଣିନିଅନ୍ତି ଯେ, ବୋଉ କିଛି ଲୁଚାଇବାକୁ ଚେଷ୍ଟା କରୁଛି ।ଏମିତି ସମୟରେ ବାପାଙ୍କ କଡ଼ା ଚାହାଣୀରେ ବୋଉ ପ୍ରମାଦ ଗଣେ,ଆଉ ଗଳ ଗଳ ହୋଇ ସବୁସତ ଓଗାଳି ପକାଏ ।ସେଦିନ ବି ସେମିତି ଘଟିଲା, ଆଉ ବାପାଙ୍କୁ ସାମ୍ନା କରି ନ ପାରି ବୋଉ ଦୃଷ୍ଟି ଫେରାଇ ନେଲା ବେଳକୁ ବାପା କହିଲେ, "ତୁମକୁ ତ ମିଛ କହି ଆସେନାହିଁ, ଅଯଥାରେ ଚେଷ୍ଟା କରି ହଟହଟା ହେଉଛ କାହିଁକି ? କହୁନ, ପୁଅ ସାଙ୍ଗରେ ତୁମର କିଛି ଗୋଟେ ଡିଲ୍ ହେଇଛି, ଆଉ ସେଇଟା ମୋତେ କହିବାକୁ ଚାହୁଁନାହଁ ।" ବୋଉ ଦେଖିଲା, ବାଜି ଓଲଟିବାକୁ ବସିଛି, ତେଣୁ ଆଜି ଆଉ ଚୁପ୍ ନ ରହି, ପ୍ରତି ଆକ୍ରମଣ କରିବା ଢଙ୍ଗରେ କହିଲା, "ତୁମକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ'ଣ ଏକା ଡିଲ୍ କରି ଆସେ,ଆଉ ଆମକୁ ନୁହେଁ ?ମନେ ପକାଅ, ତୁମ ଗେହ୍ଲା ଝିଅ ବାହାଘର ବେଳର କଥା ।ବାପ ଝିଅ ମିଶି ମୋତେ ଏମିତି ବୋକା ବନେଇଲ ଯେ ଶେଷ ପର୍ଯ୍ୟନ୍ତ କେମିତି ଅନୁ ସହିତ ଅବନୀର ବାହାଘର ଠିକ୍ ହେଲା, ତାହା ଜାଣି ପାରିଲି ନାହିଁ ।ଆଉ ପୁଅ ବେଳକୁ ଯଦି ସେମିତି କିଛି ଗୋଟେ ହେଇଥାଏ, ତେବେ ତାକୁ ତୁମର ଏତେ ବିରୋଧ କାହିଁକି ?ପୁଅ ତ ଆଲତୁ ଫାଲତୁ ଘରର ଝିଅ ଠିକ୍ କରିନାହିଁ ।ଖାନଦାନୀ ଘର,ଝିଅ ଉଚ୍ଚ ଶିକ୍ଷିତ,ଦେଖିବାକୁ ସୁନ୍ଦର, କଥାବାର୍ତ୍ତା ଚାଲି ଚଳନ କେଉଁଥିରେ ବି ବାରି ହେବ ନାହିଁ, ଆଉ ଏଭଳି ଗୋଟେ ଝିଅକୁ ଯଦି ସୁମନ୍ତ ନିଜ ପସନ୍ଦ ବୋଲି କହୁଥାଏ, ତେବେ ଆମେ ସେଇଟାକୁ ଗ୍ରହଣ କରିବାନି କାହିଁକି ? ତୁମକୁ ଯେମିତି ବିଲେଇ ଆଖି ବୁଜି କ୍ଷୀର ପିଇବା ଭଳି କାମ କର, ସେମିତି ଆମକୁ କରି ଆସେନି"□ବାପା ଦେଖିଲେ ନିଜ ଜାଲରେ ନିଜେ ଛନ୍ଦିଗଲେଣି,ତେଣୁ ଖସିବା ଚେଷ୍ଟାରେ କଥାଟାକୁ ହାଲୁକା କରି କହିଲେ, "ଆରେ ମନା କଲି କେତେ ବେଳେ ?ମୁଁ ତ କେବଳ ପଚାରୁଥିଲି ଯେ ଏଇଠୁ କ'ଣ ଆରମ୍ଭ ନା ଏଇଠି ଶେଷ ।ତୁମେ କଥାଟାକୁ ଗୋଳମାଳିଆ କରୁଛ କାହିଁକି ?

ସେଦିନ କଥାଟା ସେଇଠି ସରିଥିଲା, ଆଉ ସୁନନ୍ଦା ତାଙ୍କ ଘରକୁ ବୋହୂ ହୋଇ ଆସିଗଲେ । ବାପା କିନ୍ତୁ ସୁମନ୍ତର ସୁଖ ସଂସାର ଦେଖିବା ପାଇଁ ବେଶୀ ଦିନ ବଞ୍ଚି ରହିଲେନି । ଚାକିରୀରୁ ଅବସର ନେବାର ଅଳ୍ପ ଦିନ ପରେ ଅଚାନକ ସମସ୍ତଙ୍କୁ ଏକା କରି ଚାଲିଗଲେ । ବାପା ଚାଲିଗଲେ ସିନା, ସଂସାରର ସମସ୍ତ ଦୁଃଖ ଯନ୍ତ୍ରଣାର ବୋଝ ବୋଉ ଉପରେ ଲଦି ଦେଇ ଗଲେ । ବୋଉର ସୁନା ବୋହୂ ସୁନନ୍ଦା କିନ୍ତୁ ସେହି ସମୟରେ ବୋଉର ପାଖେ ପାଖେ ରହିଲେ । ବୋଉକୁ ସାହସ ଦେଲେ, ଆଉ କହିଲେ ଯେ, ବାପାଙ୍କର ଶୂନ୍ୟତା ସିନା କେହି କେବେ ପୂରଣ କରି ପାରିବ ନାହିଁ, କିନ୍ତୁ ସେ ତାଙ୍କୁ କେବେ ବି ଏକୁଟିଆ ଛାଡି ଯିବେ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଉ ମଧ୍ୟ ଖୁବ୍ ଶୀଘ୍ର ସୁନନ୍ଦାକୁ ଆପଣେଇ ନେଲା । ବେଳେ ବେଳେ ବୋଉ ପଡୋଶୀଙ୍କ ପାଖରେ କହେ ଯେ, ସୁମନ୍ତ ସବୁଠୁ ଭଲ କାମଟେ କରିଛି ସୁନନ୍ଦାକୁ ଏ ଘରକୁ ଆଣି । ସୁନନ୍ଦା ମଧ୍ୟ ତାଙ୍କ କଥା ରଖିଲେ, ଆଉ ବୋଉକୁ ଏକା ଛାଡି ସୁମନ୍ତ ସହିତ ଭୁବନେଶ୍ୱର ଯିବା କଥା ଉଠାଇଲେନି ।

ଏହା ଭିତରେ ବର୍ଷଟିଏ ବିତିଗଲା । ସୁମନ୍ତର ସପ୍ତାହାନ୍ତରେ ଘରକୁ ଆସିବା ଆଉ ଭୋର ସକାଳୁ ଭୁବନେଶ୍ୱର ଫେରିଯିବାଟା ଆପାତତଃ ଚାଲୁ ରହିଲା । ସୁନନ୍ଦା ମଧ୍ୟ ଦେଖିଲେ ଯେ ସୁମନ୍ତ କେବେ ବି ତାଙ୍କୁ ଭୁବନେଶ୍ୱର ନେଇଯିବା କଥା ଉଠାଉ ନାହାଁନ୍ତି, କିମ୍ବା ପରୋକ୍ଷରେ ଏଭଳି କିଛି ପ୍ରସଙ୍ଗ ଉଠିଲେ, ଅତି ଚତୁରତାର ସହ ଏଡାଇ ଯାଉଛନ୍ତି । ସୁମନ୍ତର ଏକମାତ୍ର ଲକ୍ଷ୍ୟ ଥିଲା ବୋଉ କେମିତି ବାକି ଜୀବନଟା ଖୁସିରେ ରହୁ । ବୋଉ ଦେଖିଲା ଆସ୍ତେ ଆସ୍ତେ ସୁନନ୍ଦା ଅଧିକାଂଶ ସମୟରେ ଅନ୍ୟମନସ୍କ ରହୁଛନ୍ତି, ଟିକେ ଟିକେ କଥାରେ ଚିଡି ଯାଉଛନ୍ତି । ସୁମନ୍ତ ଘରକୁ ଆସିଥିବା ବେଳେ ହଠାତ୍ ଦିନେ ବୋଉ ପ୍ରସ୍ତାବ ଦେଲା ଯେ ସେ ଏବେ ସୁନନ୍ଦାକୁ ଭୁବନେଶ୍ୱର ନେଇ ଯାଉ□ କାରଣ ପିଲାବେଳୁ ତାର ଗାଁରେ ରହିବାର ଅଭ୍ୟାସ ନାହିଁ, ତା'ଛଡା ଏହି ବର୍ଷକ ଭିତରେ ସେ କେବେ ବି ବାହାରକୁ ଯାଇନାହିଁ । ବୋଉ କହିଲା ଯେ ଦିଅର ଓ ପୁତୁରାମାନେ ଅଲଗା ରହିଲେ ବି ଏବେ ସେମାନେ ତାଙ୍କର ଯେମିତି ଦେଖାଶୁଣା କରୁଛନ୍ତି, ସେମିତି ନିଶ୍ଚୟ କରିବେ । ତା'ଛଡ଼ା ଜମିବାଡି କଥା ସବୁ ଭାଗଚାଷୀ ବୁଝୁଛନ୍ତି,ଆଉ ଯାହା କିଛି କାମ ଅଛି, ସେ ସେହି ଚାଷିଙ୍କ ଦ୍ୱାରା କରେଇ ନେବେ । ମଝିରେ ମଝିରେ ସେ ସୁନନ୍ଦା ସହିତ ଆସି ବୁଲିଯିବ । ସୁମନ୍ତ କିନ୍ତୁ ବୋଉର ପ୍ରସ୍ତାବକୁ ଗ୍ରହଣ କଲା ନାହିଁ, ବରଂ କହିଲା ଯେ ଯଦି ସୁନନ୍ଦା ଭୁବନେଶ୍ୱର ଯିବ, ତେବେ ସେ ତାକୁ ମଧ୍ୟ ନେଇଯିବ । ବୋଉ କିନ୍ତୁ ବାପାଙ୍କର ଭିଟାମାଟି ଛାଡି ଯିବାକୁ ରାଜି ହେଲା ନାହିଁ□ ଆଉ ଶେଷରେ ସୁନନ୍ଦାଙ୍କର ପ୍ରଚ୍ଛନ୍ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଚ୍ଛା ଅଚିରେ ପୂରଣ ହୋଇଗଲା ।

ମୁନା ଜନ୍ମ ବେଳକୁ ପ୍ରଥମେ ନାତିକୁ ଦେଖି ବୋଉ ଯେମିତି ଖୁସି ହେଲା, ସେଭଳି ଖୁସି ହେବା ସୁମନ୍ତ କେବେ ବି ଦେଖିନଥିଲା । ବୋଉ କହିଲା, "ଦେଖ ସୁମନ୍ତ ! ସେଇ ନାକ, ସେଇ ଆଖି ଆଉ ଦେହର ରଙ୍ଗ ବି ଠିକ୍ ତୋ ବାପାଙ୍କ ଭଳି । ତୁ ବାପାଙ୍କୁ ବେଶୀ ଭଲ ପାଉଥିଲୁ ବୋଲି, ତୋରି କୋଳକୁ ସେ ତୋ ପୁଅ ହୋଇ ଫେରି ଆସିଛନ୍ତି ।" ଏକୋଇଶା ବେଳକୁ ବୋଉ ଗାଁ ଲୋକଙ୍କୁ ଏମିତି ଗୋଟେ ଭୋଜି ଦେଲା ଯେ ସମସ୍ତେ ତାକୁ ବାହାବା ଦେଲେ ।

ଯେତେ ମନାକଲେ ବି ସୁନନ୍ଦାଙ୍କର ସେହି ଗୋଟିଏ ଜିଦ୍ ଆମେ ଭୁବନେଶ୍ୱରରେ ପ୍ଲଟଟେ କିଣିବା । ସୁମନ୍ତ ପ୍ରଥମେ ପ୍ରଥମେ ବିରୋଧ କଲେ ବି ଶେଷରେ ବ୍ୟାଙ୍କରୁ ଋଣଆଣି ଖଣ୍ଡଗିରି ପାଖରେ ପ୍ଲଟଟେ କିଣିଲା । ଜମି କାଗଜପତ୍ର ଯେତେବେଳେ ସୁନନ୍ଦା ହାତକୁ ଆସିଲା, ସେତେବେଳେ ସୁନନ୍ଦାର ଖୁସି ଦେଖିବା କଥା ।

ଏବେ ସୁନନ୍ଦାଙ୍କର ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା, କେମିତି ଘର ତୋଳା ହେବ । ସୁମନ୍ତ କିନ୍ତୁ ସଫା ସଫା ମନା କରିଦେଲା, କହିଲା ଘର ତୋଳାଇବାଟା ଗୋଟେ ପିଲା ଖେଳ ନୁହେଁ, ତାଛଡ଼ା, ଏଥିପାଇଁ ସେ ଏବେ ଆର୍ଥିକ ଭାବରେ ଆଦୌ ପ୍ରସ୍ତୁତ ନୁହେଁ । ଅଳ୍ପ ଦିନ ତଳେ ଋଣ କରି ଜାଗା କିଣା ଯାଇଛି, ଆଉ ତାପରେ ବ୍ୟାଙ୍କରୁ ଋଣ ମିଳିବା ଆଦୌ ସମ୍ଭବ ନୁହେଁ ।

ସୁନନ୍ଦାଙ୍କ ଉତ୍ତର ଥିଲା ଯେ ଗୋଡ଼ ହାତ ବାନ୍ଧି ବସିଗଲେ ହେବ ନାହିଁ, ବରଂ ଏଥିପାଇଁ ଆମକୁ କିଛି ଉପାୟ ବାହାର କରିବାକୁ ପଡିବ । ଗାଁରେ ଯେଉଁ ଚାଷ ଜମି ଅଛି, ସେ ସବୁକୁ ଚାଷ କରୁଥିବା ଭାଗଚାଷୀ ମାନେ, ଏ ବର୍ଷ ମରୁଡି, ପର ବର୍ଷ ବନ୍ୟା, ତାପର ବର୍ଷ ବାତ୍ୟା କହି ବୋଉକୁ ଠକୁଛନ୍ତି । ତାଛଡା ବୋଉ ମଧ୍ୟ ତାକୁ ଜଗାରଖା କରିବା ବା ନିଜେ ଯାଇ ଦେଖାଶୁଣା କରିବା ଆଦୌ ସମ୍ଭବ ନୁହେଁ । ଏଣୁ ସେ ସବୁ ଜମିକୁ ଆମେ ଯଦି ବିକ୍ରି କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବା, ତେବେ ସେ ପଇସାରେ ଆରାମରେ ଘର ତୋଳା ହୋଇଯିବ । ବୋଉ ବି ଘର ତୋଳେଇବା କଥା ଶୁଣିଲେ ଜମି ବିକ୍ରି ପାଇଁ ସହଜରେ ରାଜି ହୋଇଯିବେ । ସୁମନ୍ତ ଭାବିଲେ ଯେ ପ୍ରସ୍ତାବଟା କିଛି ମନ୍ଦ ନୁହେଁ, କିନ୍ତୁ ଏଥିପାଇଁ ବୋଉ କଣ ରାଜି ହେବ ?

ବୋଉ ପ୍ରସ୍ତାବଟା ଶୁଣି କହିଲା ଯେ ତୁମେ ଯାହା ଭଲ ଭାବୁଛ କର, ମୋର ସେଥିରେ କିଛି ଆପତ୍ତି ନାହିଁ, କିନ୍ତୁ ଏଇ ଡିହ ଆଉ ଡିହକୁ ଲାଗିଥିବା ବଗିଚା ବିକିବା କଥା ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଚିନ୍ତା କରିବନି ।

ବର୍ଷକ ଭିତରେ ଜମି ବିକ୍ରି ଟଙ୍କାରେ ଘର ତୋଳା କାମ ସରିଗଲା । ବୋଉର ରହିବା ପାଇଁ ସ୍ୱତନ୍ତ୍ର କୋଠରୀର ବନ୍ଦୋବସ୍ତ ହେଲେ ବି ସେ ଗାଁ ଛାଡି ଭୁବନେଶ୍ୱର ଆସିବା ପାଇଁ ଆଦୌ ରାଜି ହେଲା ନାହିଁ । ବୋଉ କହିଲା ଯେ ବରଂ ସୁମନ୍ତ ମଝିରେ ମଝିରେ ସୁନନ୍ଦା ଆଉ ମୁନାକୁ ଧରି ଗାଁକୁ ଆସୁଥିବ, ସେଇଥିରେ ତାର ଖୁସି । ଏହାପରେ ଆଉ ବୋଉର ଭୁବନେଶ୍ୱର ଯିବା କଥା ଉଠିନାହିଁ । ମୁନାଘରକୁ ଆସିଲେ ଖୁସିରେ ଉଛୁଳି ପଡୁଥିଲା, ଆଉ ଭୁବନେଶ୍ୱର ଫେରିବା ପର୍ଯନ୍ତ କେତେବେଳେ ବି ବୋଉର ପାଖ ଛାଡୁ ନଥିଲା । ସୁମନ୍ତ ମଧ୍ୟ ଲକ୍ଷ୍ୟ କରୁଥିଲା ଯେ ମୁନାକୁ ପାଇ ବୋଉ ଏତେ ବ୍ୟସ୍ତ ରହୁଥିଲା ଯେ ସୁମନ୍ତର ଭଲ ମନ୍ଦ ପଚାରିବାକୁ ତା ପାଖରେ ସମୟ ନ ଥିଲା □

ଏହା ଭିତରେ ମୁନାର ସ୍କୁଲ ଯିବା ଆରମ୍ଭ ହୋଇଯାଇଥିଲା ଆଉ ସବୁବେଳେ ଗାଁକୁ ଯିବା ସମ୍ଭବ ହେଉନଥିଲା । କିନ୍ତୁ ବାରମ୍ବାର ଗାଁକୁ ଯିବା ଆସିବା ଭିତରେ ବୋଉ ସହିତ ମୁନାର ସମ୍ପର୍କ ଏତେ ନିବିଡ଼ ହେଇ ଯାଇଥିଲା ଯେ ସବୁ ଛୁଟି ଦିନରେ ଗାଁକୁ ଯିବାପାଇଁ ଅଝଟ ହେଉଥିଲା ।

ହଠାତ୍ ଦିନେ ସୁମନ୍ତ ତା'କକା ପୁଅ ଭାଇଠୁ ଖବର ପାଇଲା ଯେ ବୋଉ ଭୀଷଣ ଅସୁସ୍ଥ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ଦରକାର । ସେହି ଦିନ ରାତିରେ ସୁମନ୍ତ ଆମ୍ବୁଲାନ୍ସ ନେଇ ଗାଁରେ ପହଞ୍ଚିଲା, ଆଉ ସେହି ରାତିରେ ବୋଉକୁ ଆଣି ଗୋଟେ ନର୍ସିଂହୋମରେ ଭର୍ତ୍ତିକଲା । ଏହି ସମୟରେ ସୁମନ୍ତର ଇଲେକ୍ସନ୍ ଡ୍ୟୁଟି ଥିଲା, ଆଉ ବହୁ ଚେଷ୍ଟା କରି ମଧ୍ୟ ସେ ସେଥିରୁ ନିଷ୍କୃତି ପାଇ ପାରିଲାନାହିଁ । ଏଣୁ ସୁନନ୍ଦା ବାଧ୍ୟ ହୋଇ ଅଧିକାଂଶ ସମୟ ମୁନା ସହ ବୋଉ ପାଖରେ ରହୁଥିଲେ ଆଉ ମୁନା ସବୁବେଳେ ବୋଉ କଥା ପଚାରିପଚାରି ସୁନନ୍ଦାକୁ ବ୍ୟସ୍ତ କରୁଥିଲା । ଜେଜେମାର କ'ଣ ହେଇଛି, ତାଙ୍କ ଦେହ କାହିଁକି ଖରାପ ହେଲା, ସେ କେବେ ଭଲ ହୋଇ ଆମ ଘରକୁ ଆସିବେ, ମୋତେ କୋଳ କରିବେ ଆଉ ଗପ କହିବେ, ଏହି ସବୁ ପ୍ରଶ୍ନ ମୁନା ବାରମ୍ବାର ପଚାରୁଥିଲା । ସୁନନ୍ଦା ମଧ୍ୟ ମୁନାର ସେହି ସବୁ ପ୍ରଶ୍ନର ଉତ୍ତର ଦେଇ ଦେଇ ବିରକ୍ତ ହେଇଯାଉଥିଲା । ଇଲେକ୍ସନ୍ କାମ ସାରି ସୁମନ୍ତ ଫେରିବା ବେଳକୁ ବୋଉ ସୁସ୍ଥ ହୋଇ କଥାବାର୍ତ୍ତା କରୁଥିଲା, କିନ୍ତୁ ଏତେ ଦୁର୍ବଳ ହୋଇ ଯାଇଥିଲା ଯେ, ବିନା ସାହାରାରେ ସେ ଚଲାବୁଲା କରି ପାରୁ ନଥିଲା । ଡାକ୍ତର ଆଉ ଗୋଟେ ସପ୍ତାହ ରହିବାକୁ କହିଲେ ବି ସେ ଜିଦ କଲା ଯେ ସେ ଆଉ ଏଠି ରହିବ ନାହିଁ । ଏଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବୋଉକୁ ଗାଁକୁ ନ ନେଇ ଭୁବନେଶ୍ୱର ଘରକୁ ନେଇ ଆସିଲା । ବୋଉ କିନ୍ତୁ ପ୍ରଥମେ ରାଜି ହେଉ ନ ଥିଲା, ମାତ୍ର ସୁମନ୍ତ କହିଲା ଯେ ସେ ଯଦି ଭୁବନେଶ୍ୱର ଘରେ ନରହିବ, ତେବେ ଆଉ ସପ୍ତାହେ ନର୍ସିଂହୋମରେ ରହିବାକୁ ପଡିବ । ଅଗତ୍ୟା ବୋଉ ରାଜି ହେଲା, ଆଉ ଭୁବନେଶ୍ୱର ଘରକୁ ଆସିଲା ।

ବୋଉର କିନ୍ତୁ କାଶଟା ବନ୍ଦ ହେଇ ନ ଥିଲା, ଆଉ ବେଳେ ବେଳେ କାଶି କାଶି ନିସ୍ତେଜ ହୋଇ ଯାଉଥିଲା । ଏହା ଭିତରେ ମୁନାର ସ୍କୁଲ ଛୁଟି ହୋଇଯାଇଥିଲା, ଆଉ ଅଧିକାଂଶ ସମୟରେ ବୋଉ ପାଖରେ ହିଁ ରହୁଥିଲା । ଜେଜେମା, ନୂଆ ଗପ କୁହ,ପୁରୁଣା ଗପ ଶୁଣିବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ, ଆମ ଗାଁ ପୋଖରୀରେ କେତେ ମାଛ ଅଛନ୍ତି, କେମିତି ମାଛ ପାଣିରୁ ଧରାହୁଏ, ଏଠି ସବୁ ଅଣ୍ଡା ଧଳା, କିନ୍ତୁ ଗାଁରେ ଅଣ୍ଡା ନାଲି କାହିଁକି, ଏସବୁ ପ୍ରଶ୍ନ ପଚାରି ପଚାରି ବୋଉକୁ ହାଲିଆ କରି ପକାଉଥିଲେ ବି ସେ ଆଦୌ ବିରକ୍ତି ହେଉନଥିଲା, ବରଂ ହସି ହସି ସବୁ ପ୍ରଶ୍ନର ଉତ୍ତର ଦେଉଥିଲା । ଲଗାତାର କଥା ହେଲେ ବୋଉର କାଶ ଆରମ୍ଭ ହୋଇ ଯାଉଥିଲା, ଆଉ କାଶି କାଶି ତା'ର ବାନ୍ତି ହୋଇ ଯାଉଥିଲା । ମୁନା, ବୋଉର ଅବସ୍ଥା ଦେଖି ବାପା ଶୀଘ୍ର ଆସ, ଜେଜେମା'ର କ'ଣ ହେଇଗଲା ବୋଲି ଡାକ ପକାଉଥିଲା । ସୁମନ୍ତ ଆସି ମୁନାକୁ ବିରକ୍ତ ହେଉଥିଲା, ଆଉ ଜେଜେମାକୁ ସବୁବେଳେ ବ୍ୟସ୍ତ କରୁଛୁ କାହିଁକି ବୋଲି ତାଗିଦ କରୁଥିଲେ ବି ପୁଣି କିଛି ସମୟ ପରେ ଜେଜେମା ନାତିର ଗପ ଆରମ୍ଭ ହୋଇ ଯାଉଥିଲା ।

ଏହା ଭିତରେ ମୁନାର ସ୍କୁଲ ଛୁଟି ସରିଗଲା, ଆଉ ପାଠ ପଢ଼ା ଆରମ୍ଭ ହୋଇଗଲା । ସୁନନ୍ଦା ଦେଖିଲେ ମୁନା ସ୍କୁଲ ଟାସ୍କ କରୁନାହିଁ, ଯେତେବେଳେ ଦେଖିବ ଜେଜେମା ପାଖରେ । ଦିନେ ବୋଉ ନିଜେ ବିଛଣାରୁ ଉଠି ଟିକେ ଚଲାବୁଲା କରିବାକୁ ଚେଷ୍ଟା କରୁ କରୁ ସୁମନ୍ତର ଶୋଇବା ଘର ଆଡ଼କୁ ଯାଇ ହଠାତ୍ ଅଟକି ଗଲା । ସୁନନ୍ଦା କହୁଥାନ୍ତି, ବୋଉ ଏଠିକି ଆସିବା ମାସେ ହେଇଗଲାଣି । ସେ ବି ବେଶ୍ ସୁସ୍ଥ ହୋଇ ଚଲାବୁଲା କରୁଛନ୍ତି । ଏବେ ଗୋଟେ କଥା ତୁମେ ଲକ୍ଷ୍ୟ କରିନ, ମୁନା ଆଉ ପାଠ ପଢ଼ା କରୁନାହିଁ । ମୁଁ ନୁହେଁ, ତାଙ୍କ କ୍ଲାସ୍ ମିସ୍ କାଲି ଟେଲିଫୋନ୍ କରି କହୁଥିଲେ । ଏବେ ତୁମେ ବୋଉକୁ ନେଇଗାଁରେ ଛାଡି ଆସ, ନ ହେଲେ ମୁନାର ପାଠଶାଠ ସବୁ ଯିବ । ସୁମନ୍ତକୁ ଲାଗିଲା ଯେମିତି ତା ଗାଲରେ ଗୋଟେ ଶକ୍ତ ଚଟକଣା କିଏ ମାରିଦେଲା । କିନ୍ତୁ ମନର ଭାବ ଗୋପନ ରଖି କହିଲା ଯେ ସେ ଏ ବିଷୟରେ ପରେ ଚିନ୍ତା କରିବ । ବୋଉ ସମ୍ପୂର୍ଣ୍ଣ କଥା ଶୁଣି ସାରିବା ବେଳକୁ ତା ଗୋଡ଼ ଦୁଇଟା ଥରିବାକୁ ଆରମ୍ଭ କରିଥିଲା, ଆଉ ସେଇଠି ଗଛ କାଟିଲା ଭଳି ଦୁମ୍ କରି କଚାଡି ହୋଇ ପଡ଼ିଲା । ଶବ୍ଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣି ସୁମନ୍ତ ଘରୁ ବାହାରି ଆସି ଦେଖିଲା ବେଳକୁ ବୋଉ ଚାରି କାତ ମ ସୁନନ୍ଦା ପଛେ ପଛେ ଧାଇଁ ଆସି କହିଲେ, ଆପଣ କାହିଁକି ବାହାରକୁ ଆସିଲେ । କଣ ଦରକାର କହିଲେ, ମୁଁ ନିଜେ ଯାଇ ଦେଇ ଆସି ନଥାନ୍ତି । ବୋଉ ଯେ ସବୁ କଥା ଶୁଣି ସାରିଛି, ଏହା ସୁମନ୍ତକୁ ଆଉ ବାକି ନ ରହିଲେ ବି ମୁହଁ ଖୋଲି କିଛି ପଚରିବାକୁ ତାର ସାହସ ନ ଥିଲା । ତା ପରଦିନ ସୋମବାର । ମୁନା ସକାଳେ ସ୍କୁଲ ବାହାରି ଗଲା ପରେ ବୋଉ କହିଲା, ସୁମନ୍ତ ତୁ ମୋତେ ଗାଁକୁ ନେଇ ଛାଡିଆସ । ମୋତେ ଆଉ ଏଠିଭଲ ଲାଗୁନି । କାଲି ସ୍ୱପ୍ନରେ ଦେଖିଲି ତୋ ବାପା କହୁଛନ୍ତି, ତୁମେ ସେଠି ଆରାମ କରୁଛ ଆଉ ମୁଁ ଏଠି ଯତ୍ନରେ ଲଗେଇଥିବା ଗଛ ସବୁ ମରିଗଲାଣି । ତୁମକୁ ଦେଇଯାଇଥିବା ଦାୟିତ୍ୱ ବୋଧହୁଏ ତୁମେ ଭୁଲି ଯାଇଛ । ବୋଉ ପୁଣି କହିଲା, ତୁ ଆଜି ମୋତେ ଗାଡିଟେ ଯୋଗାଡ଼ କରି ପଠାଇବାର ବନ୍ଦୋବସ୍ତ କର, ତା ପୁଣି ମୁନା ଆସିବା ଆଗରୁ । ସେ ଆସି ଗଲେ ମୁଁ ଆଉ ଯାଇ ପାରିବି ନାହିଁ । ଆଉ ମୁଁ ଯଦି ଆଜିଯାଇ ନ ପାରେ, ତେବେ ବହୁତ ଗୋଟେ ବଡ଼ ଅନର୍ଥ ହୋଇଯିବ । ସୁମନ୍ତକୁ ଲାଗିଲା ସେ ଯେମିତି ଖଣ୍ଡ ଖଣ୍ଡ ହୋଇ ଗଳି ପଡୁଛି, ଆଉ ତାର ସତ୍ତା କ୍ରମେ କ୍ରମେ ନିଶ୍ଚିହ୍ନ ହୋଇ ଯାଉଛି । ସୁମନ୍ତର ଆଉ ବୋଉ କଥା ମାନିବା ଛଡ଼ା ଅନ୍ୟ କିଛି ଉପାୟ ନଥିଲା ।

ସବୁ ଦିନ ଭଳି ମୁନା ସ୍କୁଲରୁ ଫେରି ବହିବସ୍ତାନି ଥୋଇ ଜେଜେମା ଘରକୁ ଯାଇ ଦେଖିଲା, ଘର ଖାଲି, ଜେଜେମା ଆଉ ତା ଜିନିଷପତ୍ର କିଛି ବି ନାହିଁ । ମାମାକୁ ପଚାରିଲା, ଜେଜେମା କାହିଁ । ସୁନନ୍ଦା କହିଲେ ବାପା ଜେଜେମାକୁ ନେଇ ଗାଁରେ ଛାଡିବାକୁ ଯାଇଛନ୍ତି । ମୁନା ଆଉ କିଛି ନ ପଚାରି ସିଧା ନିଜ ଶୋଇବା ଘର ଭିତରକୁ ଗଲା, ଆଉ ପୋଷାକ ନ ବଦଳାଇ ବିଛଣାରେ ଶୋଇ ପଡିଲା । ସୁମନ୍ତ ବହୁତ ରାତିରେ ଫେରିବା ବେଳକୁ ଦେଖିଲେ ବାହାରେ ସୁନନ୍ଦା ମୁହଁ ଶୁଖେଇ ବସିଛନ୍ତି । କାରଣ ପଚାରିବାରୁ ସୁନନ୍ଦା କିଛି ନକହି ଘର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରକୁ ଚାଲିଗଲେ । ସୁମନ୍ତ ବହୁ ଚେଷ୍ଟା କରି ମୁନାକୁ ଉଠେଇ ପୋଷାକ ବଦଳାଇ ଖାଇବାକୁ ବାଧ୍ୟ କଲାରୁ କଣ ଟିକେ ଖାଇ କାହାକୁ କିଛି ନ କହି ଶୋଇ ପଡ଼ିଲା । ତା ପରଦିନ ସକାଳୁ ଆଉ ମୁନାକୁ ଡାକିବାକୁ ପଡ଼ିଲାନି । ନିଜେ ସବୁ କାମ ସାରି ଜଳଖିଆ ମାଗିଲା, ଆଉ ଦାଣ୍ଡରେ ବସ୍ ପାଇଁ ଅପେକ୍ଷା କଲା । ମାମା ଯାଇ ପାଖରେ ଠିଆ ହେଲେ ବି ସବୁ ଦିନ ଭଳି ମାମା ଆସୁଛି ବୋଲି ନ କହି ସିଧା ବସ୍ ଭିତରକୁ ପସିଗଲା । ଏହିଭଳି ପ୍ରାୟ ଦୁଇ ସପ୍ତାହ ଚାଲିଲା, କିନ୍ତୁ ତାର ବ୍ୟବହାରରେ କୌଣସି ପରିବର୍ତ୍ତନ ହେଲା ନାହିଁ, କି ଯେତେ ଯାହା ପଚାରିଲେ ବି ସେ କିଛି କହିଲା ନାହିଁ  ଏସବୁ ଦେଖି ସୁମନ୍ତ ବ୍ୟସ୍ତ ହେଲେ ବି ସୁନନ୍ଦା ତାଙ୍କୁ ବୁଝାଇଲେ,ସେପିଲା ଲୋକ, କିଛି ଦିନ ମନ ଖରାପ କରିବ, କିନ୍ତୁ ଆସ୍ତେ ଆସ୍ତେ ସବୁ ଠିକ୍ ହେଇଯିବ ।

ଦିନେ ହଠାତ୍ ସ୍କୁଲରୁ ଖବର ଆସିଲା, ସୁମନ୍ତକୁ ପ୍ରିନ୍ସପାଲ ଦେଖା କରିବାକୁ ଚାହୁଁଛନ୍ତି । ସୁମନ୍ତ ଅଫିସ ନ ଯାଇ ସ୍କୁଲରେ ପହଞ୍ଚିବା ବେଳକୁ ପ୍ରିନ୍ସପାଲ ଅପେକ୍ଷା କରି ଥାଆନ୍ତି । ପ୍ରିନ୍ସପାଲ ପଚାରିଲେ, ସୁମନ୍ତ ବାବୁ, ପାଠ ନ କରିବା ବା ଘରେ ଦୁଷ୍ଟାମୀ ହେବା ହେତୁ ପୁଅକୁ କିଛି ଦଣ୍ଡ ଦେଇଛନ୍ତି କି ? ପ୍ରିନ୍ସପାଲଙ୍କ କଥାରେ ଚମକି ପଡି ସୁମନ୍ତ କହିଲେ, କାହିଁକି, କଣ ହେଇଛି ମୁନାର ? ପ୍ରିନ୍ସପାଲ କହିଲେ, ବ୍ୟସ୍ତ ହୁଅନ୍ତୁ ନାହିଁ, କିଛି ହୋଇ ନାହିଁ, କିନ୍ତୁ କିଛି ହବନି ବୋଲି କହିବା ସମ୍ଭବ ନୁହେଁ  ଦେଖନ୍ତୁ, କିଛି ଦିନ ଧରି ଟିଚରମାନେ ତା ଠାରେ କିଛି ଅଦ୍ଭୁତ ବ୍ୟବହାର ଲକ୍ଷ୍ୟ କରୁଛନ୍ତି । ଏଇ ଯେମିତି ଅତି ଚଳଚଞ୍ଚଳ ପିଲାଟି କ୍ଲାସରେ ଚୁପଚାପ୍ ବସି ରହିବା, ଟିଚରଙ୍କ ପ୍ରଶ୍ନର ଉତ୍ତର ନ ଦେବା, ସାଙ୍ଗସାଥି ସହିତ ନ ମିଶିବା ଆଉ ଖେଳ ସମୟରେ ନ ଖେଳି ଚୁପଚାପ ଗୋଟେ ଜାଗାରେ ବସି ରହିବା, ଏସବୁ ସାଧାରଣ ବ୍ୟବହାର ନୁହେଁ । ମୁଁ ଜାଣିବାରେ ସ୍କୁଲରେ ତା ସହିତ ଏଭଳି କିଛି ହୋଇ ନାହିଁ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା ପାଇଁ ତାର ବ୍ୟବହାରରେ ଏ ଭଳି କିଛି ଅଦ୍ଭୁତ ପରିବର୍ତ୍ତନ ହେବ । ମୋର ବିଗତ ତିରିଶ ବର୍ଷର ଅଭିଜ୍ଞତାରୁ ମୁଁ ଯାହା ଜାଣେ ଯେ କୌଣସି ଶକ୍ତ ମାନସିକ ଆଘାତ ନ ହେଲେ ଗୋଟେ କୋମଳମତି ପିଲାଠାରେ ଏ ଭଳି ପରିବର୍ତ୍ତନ ହୁଏ ନାହିଁ । ଏଠି ଆମର ଟିଚରମାନେ ଯାହା ଲକ୍ଷ୍ୟ କରୁଛନ୍ତି ଯେ ଦିନକୁ ଦିନ ତାଠାରେ ଏ ଭଳି ଲକ୍ଷଣ ବଢ଼ି ବଢ଼ି ଚାଲିଛି । ଏଣୁ ଅନୁରୋଧ, ଆସନ୍ତା କାଲିଠାରୁ ତାକୁ ସ୍କୁଲକୁ ନ ପଠାଇ ଘରେ ରଖନ୍ତୁ ଆଉ ଜଣେ ମନସ୍ତତ୍ତ୍ୱବିତକୁ ଦେଖାଇ ତାର ଉପଯୁକ୍ତ ଚିକିତ୍ସା କରନ୍ତୁ । ପ୍ରିନ୍‌ସପାଲ ଏତିକି କଥା କହିସାରି ସାମ୍ନାରେ ଥିବା ପାଣି ଗ୍ଲାସଟା ସୁମନ୍ତ ଆଡକୁ ବଢ଼ାଇ ଦେଇ କହିଲେ, ବ୍ୟସ୍ତ ହୁଅନ୍ତୁ ନାହିଁ, ବିଶେଷ କିଛି ଅସୁବିଧା ହୋଇନାହିଁ । ଉପଯୁକ୍ତ ଚିକିତ୍ସା କଲେ ସେ ଖୁବ୍‌ଶୀଘ୍ର ଠିକ୍ ହେଇଯିବ । ପ୍ରିନ୍‌ସପାଲ ଗ୍ଲାସଟା ସେହିଭଳି ଧରି ରଖିଥାନ୍ତି, ସୁମନ୍ତ ହାତ ଉଠେଇ ତାକୁ ଧରି ପାରୁନାହିଁ । ଏବେ ପ୍ରିନ୍‌ସପାଲ ନିଜ ସିଟରୁ ଉଠିପଡି ସୁମନ୍ତକୁ ହଲେଇ ଦେଇ କହିଲେ, ଭାଙ୍ଗି ପଡ଼ନ୍ତୁ ନାହିଁ, ଧୈର୍ଯ୍ୟ ଧରି ପରିସ୍ଥିତିକୁ ସାମ୍ନା କରନ୍ତୁ । ଏବେ ଚାଲନ୍ତୁ, ମୁଁ ଆପଣଙ୍କୁ ଆପଣଙ୍କ ଘରେ ନେଇ ଛାଡି ଦେବି । ଆପଣଙ୍କ ଗାଡ଼ି ଆମ ପିଅନ୍ ନେଇ ଆପଣଙ୍କ ଘରେ ପହଞ୍ଚାଇ ଦେବ ।

ବି-୪୦୮, ଜି.ଆର୍.ସଙ୍କଳ୍ପ, ଚୁଡ଼ସାନ୍ଦ୍ରାରୋଡ଼,
ବେଙ୍ଗାଲୁରୁ : ୫୬୦୦୯୯
ଦୂରଭାଷ : ୭୦୦୮୬୩୫୧୭୯

 Magazine Downloaded from www.aahwaan.com

# କାହିଁକି ଆମେ ପରାଧୀନ



ପ୍ରଣତି ମହାପାତ୍ର

ଅନ୍ୟମନସ୍କ ଭାବେ ଯାଉ ଯାଉ ରାସ୍ତା କଡ଼ରେ ଏକ ୮/୯ବର୍ଷର ପିଲା ଉପରେ ନଜର ପଡ଼ିଲା । ନଜର ପଡ଼ିବାର କିଛି କାରଣ ବି ଥିଲା । କାରଣ ପିଲାଟି ରାହାଧରି ଅନବରତ ଧକେଇ ଧକେଇ କାନ୍ଦି ଚାଲିଥିଲା ।

ଆଖିରୁ ଅବାରିତ ଅଶ୍ରୁଧାରାକୁ, ନାକରୁ ବହି ଯାଉଥାଏ ସିଙ୍ଘାଣି । ବେଶ ପରିପାଟି ସମ୍ପୁର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । ମୁଣ୍ଡବାଳ ଫୁର୍ ଫୁର୍ । ପାଖରେ ଛିଣ୍ଡା ଲୁଗା ପଟା, କନ୍ଥା ଆଉ କିଛି ସିମେଣ୍ଟ ବସ୍ତା ପଡ଼ିଥାଏ ।

ଟିକିଏ ତେରେଛା ନଜରରେ ଚାହିଁଲି ତାକୁ କିଛି ସମୟ । ଇତିମଧ୍ୟରେ ସେ ବି ମୋତେ ଚାହିଁଥାଏ । ମୋ ଚାହିଁବାରୁ ସେ କିଛି ଭରସା ପାଇଲା ବୋଧହୁଏ । କିଛି ସମୟ ତା କାନ୍ଦ ବନ୍ଦ କରିଦେଲା ।

ମୁଁ ତା ପାଖକୁ ଗଲି, ଆଉ ପଚାରିଲି, ଆରେ ବାବା, ତୁମେ କାନ୍ଦୁଛ କାହିଁକି ?

ପିଲାଟି ମନରେ ସାହସ ଆସୁ ନ ଥାଏ କିଛି କହିବାକୁ । ଆଉ ଥରେ ପଚାରିଲି । କଣ ହୋଇଛି କି ରେ । ଏମିତି କାନ୍ଦୁଛ କାହିଁକି ?

କଣ ଭାବିଲା କେଜାଣି ଆହୁରି ଜୋରରେ କାନ୍ଦିଲା । ନିଜ ହାତର ନଖରେ ଭୂଇଁକୁ ରାମ୍ପିବିଦାରି ପକାଇଲା । ତା ଭିତରେ ଥିବା ତା' ମଣିଷ ପଣିଆ ଟିକକ ବିଦ୍ରୋହ କରିବା ଭଳି ଲାଗିଲା । ଆଉ କହିଲା, ଏଠି କେହି ଭଲଲୋକ ନୁହନ୍ତି । ସମସ୍ତେ ଖରାପ ।

ଆମେ ଗରିବ ବୋଲି ସମସ୍ତେ ଆମ ଉପରେ ଦାଉ ସାଧୁଛନ୍ତି । ଏଠି କାହାରି ମନରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମଭଳି ଗରିବ ଲୋକମାନଙ୍କ ପାଇଁ ଟିକିଏ ହେଲେ ଦୟା ମାୟା ନାହିଁ । ହେଲେ ମାଆ ତୁମେ ତ ମୋ ମାଆ ଭଳି ଦେଖାଯାଉଛ । ମୁଁ ତୁମକୁ ମୋ କଥା କହିବି ତ, ହେଲେ ତୁମେ ମୋତେ କିଛି ଖାଇବାକୁ ଦେବ କି । ମୁଁ କାଲି ରାତିରୁ କିଛି ବି ଖାଇନାହିଁ ।

ଦୁଃଖ କଷ୍ଟ ଓ ଦୟାରେ ମୋ ଅନ୍ତରାତ୍ମା ଟିକକ ମୋତେ ଖାଲି ଧିକ୍କାର କରୁଥାଏ ।

ମୋ ବ୍ୟାଗରୁ ଗୋଟିଏ ବିସ୍କୁଟ ବାହାର କରି ପିଲାଟିକୁ ଦେଲି । ପରମ ସନ୍ତୋଷରେ ସେତକ ଚଟାପଟ୍ ଖାଇନେଲା । ମୋ ପାଣି ବୋତଲଟି ବଢେଇ ଦେଲି, ପାଣି ପିଇ ଟିକେ ଆଶ୍ୱସ୍ତ ହେଲା ।

ଏଥର ପିଲାଟିକୁ କାନ୍ଦିବାର କାରଣ ପଚାରିଲି । ପିଲାଟି ଯେମିତି ଭାବୁଥାଏ ମୁଁ କେହି ବାହାର ମଣିଷ ନୁହେଁ, ସତେ ଯେମିତି ତା ମାଆ । ମୋର  ଅତି ପାଖରେ ବସିଲା । ତା କହିବା ଆରମ୍ଭ କଲା ।

ଜାଣିଛୁ ମାଆ, କାଲିଠାରୁ ମୋ ବୋଉ ଯାଇଛି ଯେ, ଏଯାଏଁ ଫେରିନି । ସେମାନେ କୁଆଡ଼େ ନେଲେ କେଜାଣି । ହେଲେ ମୋ ମାଆ ତ ମୋତେ ଛାଡି କେବେ ବି ରହେ ନାହିଁ । କେମିତି ରହିଲା । ସବୁଦିନେ ଯାଏ ପୁଣି ଫେରିଆସେ । ହେଲେ ଆଜି ଗଲାବେଳେ କହିଗଲା, ଆଜି କୁଆଡ଼େ ସାଧାରଣତନ୍ତ୍ର ଦିବସ । ବହୁତ ଖାଇବା ଦରବ ଆଉ ଟଙ୍କା ପଇସା ମିଳିବ । ମୋ ପାଇଁ ସାର୍ଟ ପ୍ୟାଣ୍ଟ କିଣିଦେବ କହି ଯାଇଛି ଯେ ଯାଇଛି ।

ତୁ କହିଲୁ ମାଆ । ମୋ ମାଆକୁ ସେମାନେ କୁଆଡ଼େ ନେଲେ ଯେ, ଏପର୍ଯ୍ୟନ୍ତ ଫେରିନି । ପିଲାଟିର ଆକୁଳ ନିବେଦନରେ ମୋ ପ୍ରାଣ ବ୍ୟଥିତ ହୋଇଗଲା । ମୁଁ ଅତି ସ୍ନେହବୋଳା, ମମତବୋଳା କଣ୍ଠରେ ଆଶ୍ୱାସନା ଦେଲି, ଆଉ କହିଲି, ତୋ ମାଆ ଯୁଆଡ଼େ ବି ଯାଇଥାଉ ତୋ ପାଖକୁ ନିଶ୍ଚୟ ଆସିବ । ତୁ ପରା ତା ନୟନମଣି । ଏକୋଇରବେଳା ବିଶିକେଶନ । ଛୁଆକୁ ଛାଡି ମାଆ କଣ କେବେ ଶାନ୍ତିରେ ଗୋଟିଏ ବି ନିଶ୍ୱାସ ନେଇପାରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିବା ତ ଦୂରର କଥା । ପଶୁପକ୍ଷୀ ବି ତା ଛୁଆକୁ ଛାଡି ରହିପାରେ ନାହିଁ । ବଉଳାଗାଇ ଗପ ଶୁଣିନୁ । ଏ ତ ତୋ ମାଆ । ହୁଏତ କେଉଁ ଅସୁବିଧାରେ ପଡି ଯାଇଥିବ । ଟିକିଏ ଅପେକ୍ଷା କର ବାବା । ତୁ ଏଇଠି ତୋ ମାଆକୁ ଅପେକ୍ଷା କରିଥା, ମୁଁ ଆସେ ।

ଏତିକି କହି ମୁଁ ବାହାରିଲି ଆସିବାକୁ । ହେଲେ ପିଲାଟି କରୁଣ ଚାହାଣୀରେ ଅନୁନୟ ବିନୟ ହୋଇ ରହିବାକୁ ଅନୁରୋଧ କଲା । ଆଉ କହିଲା, ମାଆ ମୁଁ ତୋତେ କିଛି କଥା କହିବାକୁ ଚାହୁଁଥିଲି, ତୁ କଣ ଶୁଣିବୁନି ।

ମୋତେ ନିଜକୁ ଅପରାଧୀ ଭଳି ଲାଗିଲା । ବାଧ୍ୟହୋଇ ତା ପାଖରେ ବସିଲି ତା କଥା ଶୁଣିବାକୁ ।

ହେଉ ମୁଁ ତୋ କଥା ନିଶ୍ଚୟ ଶୁଣିବି ।

ତୋ କଥା ଶୁଣିବାକୁ ଏଇଠି ବସିଲି । ଏଥର କହିଲୁ ତୁ ମୋତେ କଣ କହିବୁ ।

ପିଲାଟି ଆରମ୍ଭ କଲା-

ଆମର ଘରଦ୍ୱାର କିଛି ନାହିଁ । ଏଇଠି ଏ ଗଛମୂଳେ ମୁଁ, ମୋ ବାଆ, ବୋଉ ତିନିଜଣ ରହୁ । ମୋ ବାଆ(ରତନା) ମୂଲକୁ ଯାଏ, ବୋଉ( କୃଷ୍ଣା ) ବି । ମୁଁ ମୋ ବୋଉ ସାଙ୍ଗରେ ରୋଜ୍ ଯାଇଥାଏ କାମକୁ ।

ମୋତେ ଛାଇରେ ବସେଇ ଦେଇ ମୋ ବୋଉ କାମ କରେ । କାମ ସରିଲେ ଟଙ୍କା ନେଇ ଘରକୁ ଆସୁ । ବଜାରରୁ ଡାଲି ଚାଉଳ ଆଣି ବୋଉ ରୋଷେଇ କରେ । ଆମେ ସମସ୍ତେ ମିଶି ଖାଇପିଇ ଏଇଠି ଶୋଇପଡୁ ।

ମୋ ବାଆ ଭାରି ଦେଶଭକ୍ତ । ପ୍ରତି ବର୍ଷ ଦୁଇଥର ସେ ଆମ ସମସ୍ତଙ୍କୁ ନେଇଯାଏ ହାତରେ ଜାତୀୟ ପତାକା ଧରି ଭାରତ ମାଆର ଜୟଗାନ କରିବାକୁ । ଦେଶକୁ ପରାଧୀନତାରୁ ସ୍ୱାଧୀନ କରିଥିବା ମହାମନିଷୀ ମାନଙ୍କୁ ସ୍ମରଣ କରିବାକୁ । ଭାରି ସଚ୍ଚୋଟ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତିର ମୋ ବାପା । ପତାକା ଉତ୍ତୋଳନ କରିସାରିବା ପରେ ବାବୁ ଲୋକମାନେ ବାଆ ହାତରେ କେତେ ଖଣ୍ଡ ଗାନ୍ଧୀ ନୋଟ ଧରେଇ ଦିଅନ୍ତି, ଆଉ ମିଠା ପ୍ୟାକେଟ କେତେଟା ହାତକୁ ଫିଙ୍ଗି ଦେଇ କହନ୍ତି ତାଙ୍କ ଅଇଁଠା ବାସନ ମୋ ମାଆ ମାଜିବା ପାଇଁ । ବାଆ ମୋର ଭାରି ସରଳିଆ । ବୋଉକୁ ବାସନ ମାଜିବା ପାଇଁ ବାବୁମାନଙ୍କ ଘରପାଖରେ ଛାଡ଼ି ଦେଇ ସିଧା ପଳେଇ ଆସେ । ଟଙ୍କା ଧରି ପଳେଇ ଯାଏ ହାଣ୍ଡିଆ ପିଇବାକୁ । ପେଟେ ହାଣ୍ଡିଆ ପିଇଦେଇ ଶୋଇଯାଏ ତା ପରଦିନ ଦ୍ୱିପ୍ରହର ଯାଏ । ବୋଉ ରାତି ଘଡିଏ ଯାଏ କେଉଁଠି ବାସନ ଧୁଏ କେଜାଣି, ମୁଁ ଜାଣିପାରେ ନାହିଁ । ବାବୁଘର ପିଣ୍ଡାରେ ମୁଁ ଶୋଇଯାଇ ଥାଏ । ମୋତେ କାଖେଇ ରାତି ଅଧରେ ଘରେ ପହଞ୍ଚେ । ବାଟ ସାରା ଖାଲି କାନ୍ଦୁଥାଏ । ଆଉ କହୁଥାଏ ବହୁ ପାପ ବଳେ ମଣିଷ ଗରିବ ହୁଏ । ହେଲେ ଗରିବ ହେବା ଭାରି ଖରାପ । କାରଣ ଗରିବ ମାଇପ ସମସ୍ତଙ୍କର ଶାଳୀ । ତାର ନିଜର କିଛି ବୋଲି କିଛି ସ୍ୱାଧୀନତା ନାହିଁ । ଆଉ ଏମାନେ କାଳେ ସ୍ୱାଧୀନତା ଦିବସ ପାଳୁଛନ୍ତି । କେତେଟା ଟଙ୍କା ଫୋପାଡ଼ି ଦେଇ ଯେଉଁଠି ମାତୃତ୍ୱ ଲୁଣ୍ଠନ ହୁଏ, କେତେଟା ଟଙ୍କାରେ ନାରୀର ନାରୀତ୍ୱ ନିଲାମ ହୁଏ, ବାରଭୋଗ୍ୟର ବସ୍ତୁ ହୋଇଯାଏ, ସେଠାରେ ନାରୀ ସଶକ୍ତିକରଣ, ନାରୀ ସ୍ୱାଧୀନତାର ଦେଶ ସ୍ୱାଧୀନତାର ପ୍ରଶ୍ନ କାହିଁ ?

ଏ ତ ଖାଲି ପ୍ରହସନ, ନିଜର ବାହାଦୁରୀ ଦେଖାଇବାର ସୁଖଦ ମୂହୁର୍ତ୍ତ ମାତ୍ର ।

ମୋ ବାଆ ସରଳିଆ ଲୋକଟିଏ ।

ସତ୍ୟର ସାମନା କରିବା ପାଇଁ, ସେ ପ୍ରତିବାଦ କରି କରି ଶେଷରେ ସେ କୁଆଡ଼େ ଯେ ଗଲା ଆଜିଯାଏ ତା'ର ଆଉ ଦେଖାନାହିଁ । ଅନେକ ଖୋଜା ଖୋଜି କଲୁ । ବଡ଼ ବାବୁ ଅଫିସର ମାନଙ୍କ ପାଖରେ ନେହୁରା ହେଲୁ । ହେଲେ କିଛି କେହି ବୁଝିଲେ ନାହିଁ । କିଏ କହିଲା ଗାଡି ଚାପିହେଲା ତ କିଏ କହିଲା ନଈରେ ବୁଡି ମରିଗଲା ତ, ଆଉ କେହି କେହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ ଜଙ୍ଗଲରେ ବାଘ ଖାଇଦେଲା । ଘର ଖଣ୍ତିଏ ପାଇଁ କେତେ କାହାକୁ କହିକହି ଏ ପର୍ଯ୍ୟନ୍ତ ଘରଖଣ୍ତିଏ ନ ପାଇ ବାସହରା ହୋଇ ବୁଲିଲୁ ।

ସେହିଦିନଠାରୁ ଏ ଗଛମୂଳେ ଝାଟିମାଟିର ଏଇ ଭଳି ନୁଆଁଣିଆ ଘର ବଖରେ କରି ପଡିରହିଲୁ । ଆମ ଘର ହୋଇଗଲା । ଆଜିର ଦିନରେ ନା ଅଛି ଘର, ନା କଣ । ପେଟକୁ ଗଣ୍ଡେ ଦାନା ନାହିଁ, କି ଲାଜ ଢାଙ୍କିବାକୁ କନା ଖଣ୍ଡେ ବି ପାଉନାହୁଁ । ବୋଉ ମୂଲପାତି କରି ଯାହା ଆଣେ, ଓଳିଏ ଖାଇଲେ ଆର ଓଳି ପାଣିପିଇ ଶୋଇଯାଉ ।

ସବୁଠୁ ବଡ଼କଥା କଣ ଜାଣୁ ମାଆ । ସବୁଦିନ ରାତି ଅଧ ବେଳକୁ କେତେଜଣ ଲୋକ ମୋ ମାଆକୁ ଖାଲି ଭିଡାଓଟରା କରନ୍ତି । ତାଙ୍କ ସହିତ ଯିବା ପାଇଁ ଡାକନ୍ତି । ବୋଉ ରାଜି ନ ହେଲେ ମାଡ଼ ବି ମାରନ୍ତି । ଥରେ ଥରେ ମୋ ବୋଉର ମୁଣ୍ଡ ଫାଟି ଯାଏ । ସେମାନେ ଜୋରକରି ମୋ ବୋଉକୁ ତାଙ୍କ ସାଥିରେ ନେଇଯାଆନ୍ତି । ପୁଣି କିଛି ସମୟ ପରେ ଆଣି ଛାଡ଼ି ଦିଅନ୍ତି । ସବୁ ଥର ଆସିଲା ପରେ ମୋ ବୋଉର ଦେହ ଖାଲି ମହମହ ହୋଇ ବାସୁଥାଏ । ବୋଉ ମୋର ଖାଲି କଇଁ କଇଁ ହୋଇ କାନ୍ଦୁଥାଏ । କେତେ ଖଣ୍ଡ ଦଶଟଙ୍କିଆ ଗାନ୍ଧୀ ନୋଟକୁ ହାତରେ ଚାପି ଧରି ଆସିଥାଏ । ମୋତେ ଜାବୁଡି ଧରି ଭୋ ଭୋ ହୋଇ କାନ୍ଦିପକାଏ । ଆଉ କହେ ତୁ ଯଦି ନଥାନ୍ତୁ, ମୁଁ କେବେ ଠାରୁ ମରିସାରନ୍ତିଣି । ଖାଲି ତୋ ପାଇଁ ମୁଁ ମରିପାରୁନି କି ବଞ୍ଚି ବି ପାରୁନି । ତୋରି ପାଇଁ ଏ ମଲାଦେହଟା ଧରି ଶବ ପରି ପଡିରହିଛିରେ ଗୁରିଆ ।

ମୁଁ ବି କିଛି ବୁଝିପାରେ ନାହିଁ ମାଆ । ମୋ ବୋଉ ମୋତେ କଣ ସବୁ କହିଯାଉଛି ।

ଦିନକର କଥା, ରାତିରେ ଆମେ ଶୋଇଥାଉ । ଶୀତ ରାତି । ବହୁତ ଶୀତ ହେଉଥାଏ । ଏଇ ଛିଡ଼ା କନ୍ଥାକୁ ମୋ ବୋଉ ଆଉ ମୁଁ ଘୋଡିଆ ଘୋଡି ହୋଇ ଶୋଇଥାଉ । କୁଆଡୁ କେଜାଣି ଦଶବାର ଜଣ ବଡବଡ ଲୋକ ଆସିଲେ । ବିଛଣାରୁ ମୋ ବୋଉକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୋଷାଡି ନେଲେ । ମୋ ବୋଉ କେତେ କାକୁତି ମିନତି ହେଲା । ଶୁଣିଲେ ନାହିଁ ସେହି ରାକ୍ଷସ ଗୁଡା । ଘୋଷାଡି ଘୋଷାଡି ନେଇଗଲେ ମୋ ବୋଉକୁ । ଯନ୍ତ୍ରଣାରେ ଚିତ୍କାର କରୁଥାଏ । ଘୋଷଡା ଘୋଷଡି ଭିତରେ ସେତେବେଳକୁ ବୋଉର ଗୋଟିଏ ହାତ ଭାଙ୍ଗି ଯାଇଥାଏ । ସେମାନେ ତ ହିଂସ୍ର ପଶୁପରି ହୋଇଯାଇଥାନ୍ତି । ଭୟରେ ମୁଁ ଗୋଟାପଣେ ଥରୁଥାଏ । ବିକଳ ହୋଇ ଦଉଡ଼ି ଗଲି ବୋଉକୁ ବଞ୍ଚାଇବା ପାଇଁ । ଜଣକ ଗୋଡ ଧରି ବୋଉକୁ ଛାଡିଦେବାକୁ କାକୁତି ହୋଇ କହିଲି । କେହି ଯେମିତି ନ ଶୁଣିଲେ ଗୋଟିଏ ଲୋକର ଗୋଡକୁ କାମୁଡି ପକେଇଲି । ହଠାତ ସେ ଲୋକଟା ରାଗିଯାଇ ମୋତେ ଟେକି କଚାଡି ଦେଲା । ତଳେ ପଡି ଛଟପଟ ହେଲି । ଦେଖିଲି, ମୁଁ ଆଉ ଚାଲି ପାରୁନାହିଁ । ସେଇଠି ସେମିତି ପଡି ରହିଲି ।

ସେମାନେ କୁଆଡ଼େ କେଜାଣି ମୋ ବୋଉକୁ ନେଇଗଲେ । ତହିଁ ପରଦିନ ସକାଳେ ବୋଉ ଆସିଲା ।

ମୋ ବୋଉ ମାନେ କୃଷ୍ଣା ସିଧା କାନ୍ଦି କାନ୍ଦି ଘରକୁ ଏକମୁହାଁ ହୋଇ ଛୁଟିଲା । ଆସି ଦେଖେତ ଝୁମ୍ପୁଡି ଘରେ ତାଲା ପଡିଛି । କଣ କରିବ ଭାବି ଘର ବାରଣ୍ଡାରେ ଲଥ୍ କରି ବସି ପଡିଲା । ତାକୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା ।

ମୁଣ୍ଡଟାକୁ କାନ୍ଥରେ ଆଉଜି ଦେଇ କଣ ଭାବୁଥିଲା କେଜାଣି ।

ସେତେବେଳକୁ ମୁଁ ସେଠାରେ ନ ଥାଏ ।

କେହି ଜଣେ ଯୁବକ ମୋ ଯନ୍ତ୍ରଣା ଦେଖନ୍ତୁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମୋର ଗୋଟାଏ ଗୋଡ଼ ଭାଙ୍ଗି ଯାଇଥିଲା । ସେ ବ୍ୟକ୍ତି ଜଣକ ଭଗବାନ ଭଳି ମୋ ପାଖରେ ରହି ମୋର ସବୁ କଥା ବୁଝାବୁଝି କରି, ଔଷଧ ପତ୍ର ଦେଇ ପୁଣି ଆଣି ଏଇଠି ଏଇ ଘରେ ଆଣି ଛାଡି ଦେଇ ଗଲେ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ମୁଁ ଦେଖିଲା ବେଳକୁ ବୋଉ ମୋର ମୋତେ ନ ପାଇଁ ସେଇଠି ବସି କାନ୍ଦୁଥାଏ । ମୋତେ ଦେଖି ଯେମିତି ତା ପିଣ୍ଡରେ ପ୍ରାଣ ପଶିଲା । ମୋତେ ଧରି କେତେ ଯେ କାନ୍ଦିଲା । ଆଉ ତା ଅସହାୟ ଅବସ୍ଥାକୁ ବହୁ ଧିକ୍କାର କଲା । ଏମିତି ଏମିତି ଦୁଃଖେ କଷ୍ଟେ ଆମେ ମାଆ ଛୁଆ ଦୁହେଁ ରହି ଯାଉଥିଲୁ ।

ହେଲେ ଏବେ...

ତିନି ଦିନ ହେଲା ମୋ ବୋଉ କୁଆଡ଼େ ଯାଇଛି ଯେ ଏ ଯାଏ ଆସିନାହିଁ । ଗତ ତିନି ଦିନ ତଳେ କାଳେ କେଉଁ ଦିବସ ଥିଲା । ଦିନ ଦି ଘଡି ବେଳରୁ ମୋତେ କିଛି ମିଠା ଆଉ କେତେଟା ଗାନ୍ଧୀ ନୋଟ ଧରେଇ ଦେଇ କେଇଜଣ ବାବୁ ବାସନ ଧୋଇବାକୁ କହି ମୋ ବୋଉକୁ ନେଇ ଯାଇଥିଲେ ଯେ, ବୋଉ ଆସିଲା ରାତି ଅଧରେ କାନ୍ଦି କାନ୍ଦି ।

ଆମେ ଦୁହେଁ କୁଣ୍ଢାକୁଣ୍ଢି ଶୋଇ ଯାଇଥିଲୁ ।

ରାତି କେତେ ହେବ କେଜାଣି, ସବୁଦିନ ଭଳି କିଛି ଲୋକ ଆସି ମୋ ବୋଉକୁ ଟାଣି ଟାଣି ନେଇ ଯାଇଛନ୍ତି ଯେ ଆଜି ଯାଏ ସେ ଆସି ନାହିଁ ।

ଏ କାଳେ ସ୍ୱାଧୀନ ଭାରତ । ସମସ୍ତେ ଏଠି କାଳେ ନିଜ ଇଚ୍ଛାମତେ ବଞ୍ଚିଥାନ୍ତି ।

ହେଲେ ମୁଁ ଆଉ ମୋ ବୋଉ କାହିଁକି ସମସ୍ତଙ୍କ ପାଖରେ ପରାଧୀନ ହୋଇ ରହିଛୁ ।

କାହିଁକି ଆମେ ପରାଧୀନ ?

ଫକୀରମୋହନ ନଗର
ବାଲେଶ୍ୱର, ଓଡ଼ିଶା
୭୯୭୮୨୭୧୭୭୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି ମୁଁ ବେଶ୍ୟା ହେଲି !



ମହେଶ୍ୱର ସାହୁ

ସମୟର ପଦାଘାତରେ ମନୁଷ୍ୟର ହୃଦୟ ପଥର ହୋଇ ଯାଇଥାଏ । କେହି ହସୁଥାଏ ତ କେହି କେହି କାନ୍ଦୁଥାଏ । ଶାନ୍ତ ପରିବେଶରେ ଫୁଟିଥାଏ ମଲ୍ଲି ଆଉ ମାଳତୀର ପୁଷ୍ପ । ଚାରିଆଡ଼ ଗୁଞ୍ଜାଇତ କରିଥାଏ ଭୁରୁ ଭୁରୁ ବାସ୍ନାର ମହକ । ମନୁଷ୍ୟ ହେଉକି ପଶୁ, ବୃକ୍ଷ ହେଉକି ଲତା ସଭିଏଁ ଆଗ୍ରହୀ ହୋଇଥାନ୍ତି ସେଇ ସୃଷ୍ଟିର କରୁଣା ରୂପକ ପାଦୁକା ପାଇଁ । ହସି ହସି ନାଚୁଥାଏ ସଙ୍ଗୀତର ଝଙ୍କାର । କାନ୍ଦି କାନ୍ଦି ଲୋଟିଯାଏ ଅବହେଳିତ ଲାଂଛିତ ଓ ଦୁର୍ବଳ ମନଟିଏ ।

ନରସିଂହପୁରର ରାମ ବାବୁ ହେଉଛନ୍ତି ଜଣେ ସ୍ୱାଧୀନ ପ୍ରେମୀ, ବୟସ୍କ ଓ ମାନ୍ୟ ଗଣ୍ୟ ଲୋକ । ସଂସାର କହିଲେ ଗୋଟିଏ ପୁଅ, ତିନି ଝିଅ । ସହ ଧର୍ମିଣୀ ମାଳତୀ ହେଉଛନ୍ତି ବୟସ୍କା, ସଂସ୍କାରି ଓ ଆଦର୍ଶବାଦୀ ମହିଳା । ରାମ ବାବୁ ଓ ମାଳତୀ ଇଂରେଜ ଜମାନାର ଲୋକ । ତିନି ଝିଅଙ୍କର ବିବାହ ସରିଲା ପରଠାରୁ ରାମବାବୁ ପୁଅ ରମେଶକୁ ବିବାହ ଦେଇ, ଧାର୍ମିକ ଚର୍ଚ୍ଚାରେ ନିଜକୁ ଉତ୍ସର୍ଗ କରିଥାନ୍ତି । ପୁଅ ରମେଶ ମଧ୍ୟ ଜଣେ ଉଚ୍ଚ ଶିକ୍ଷିତ ଡାକ୍ତର । ସମାଜସେବୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଜ ଗାଁରେ ମଧ୍ୟ ମାଗଣାରେ ଔଷଧ ବଣ୍ଟନ ଓ ଚିକତ୍ସା ମଧ୍ୟ କରନ୍ତି ।

ଡାକ୍ତର ରମେଶ ବାବୁଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଝିଅ ଲିଲି ବହୁତ ଭଲ ପଢେ । ଲିଲି ମଧ୍ୟ ବିଜ୍ଞାନରେ ପ୍ରଥମ । କଲେଜରେ ବେଷ୍ଟେନ୍ଥ ପାଇଲା ପରେ ଏବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରସାୟନ ବିଜ୍ଞାନରେ ବିଏସି କରିବାକୁ ଯୋଗ ଦେଇଛି । ପୁଅ ଆଲୋକ ନବମ ଶ୍ରେଣୀରେ ପଢେ । ସମୟର ସୁଅରେ ମଣିଷ କୁଟାଖିଆଟିଏ ପରି ଯେଉଁଆଡୁ ସ୍ରୋତ ପ୍ରବାହିତ ହୋଇଥାଏ ସେଇ ଆଡକୁ ଆଉଜି ଯାଇଥାଏ । ସେମିତି ଝିଅ ଲିଲିର ଜୀବନ । ଝିଅ ଦେଖିବାକୁ ଯେମିତି ସୁନ୍ଦର ସେମିତି କୋମଳମତି ମଧ୍ୟ ।

ଡାକ୍ତର ରମେଶ ବାବୁ ଝିଅ ଲିଲିକୁ ହଷ୍ଟେଲରେ ରଖି ପଢ଼ାଉଥାନ୍ତି । ଝିଅ ମଧ୍ୟ ଭଲ ପଢୁଥାଏ । ଜଣେ ଭଲ ଛାତ୍ରୀ ହିସାବରେ ଲିଲି ନିଜ କଲେଜରେ ସୁନାମ ହାସଲ କରିଥାଏ । ସମସ୍ତଙ୍କ ନଜର ଲିଲି ଉପରେ ରହିଥାଏ । ସମସ୍ତ ପ୍ରଫେସରଠାରୁ ପ୍ରିନ୍ସପାଲ ପର୍ଯ୍ୟନ୍ତ ଲିଲି ଉପରେ ନଜର ରଖିଥାନ୍ତି । ଲିଲି ହଷ୍ଟେଲରେ ରହୁଥାଏ । ଦିନେ ହଷ୍ଟେଲରୁ ସାଥି ଝିଅଙ୍କ ସହ ଲିଲି ବଜାର ବୁଲିବାକୁ ଯାଇଥାଏ । ବଜାରରୁ ନିଜର ବ୍ୟବହାର୍ଯ୍ୟ ସାମଗ୍ରୀ କିଣିଲା ପରେ ଲିଲିର ନଜର ପଡିଥିଲା ଶ୍ରୀକାନ୍ତ ଉପରେ । ଶ୍ରୀକାନ୍ତ ଦେଖିବାକୁ ସୁନ୍ଦର ନେହେଲେ ମଧ୍ୟ ଆକର୍ଷଣୀୟ ଥିଲା । ଲିଲିକୁ ଦେଖି ଶ୍ରୀକାନ୍ତ ହସି ଦେଇଥିଲା ।

ଲିଲି ମଧ୍ୟ ହସି ଦେଇଥିଲା । ହସରେ ହସରେ ସେମାନଙ୍କର ମୁହୂର୍ତ୍ତକ ମଧ୍ୟରେ ଭାବବିନିମୟ ହୋଇ ଯାଇଥିଲା । ଦୁହେଁ ଦୁହିଁଙ୍କ ପ୍ରତି ଆକୃଷ୍ଟ ହୋଇଯାଇଥିଲେ । କିଛି କ୍ଷଣ ଆଢୁଆଳରେ ଠିଆ ହୋଇ ଶ୍ରୀକାନ୍ତ ଓ ଲିଲି ଚୁଁହା ଚୁଁହି ହୋଇଥିଲେ । ଶ୍ରୀକାନ୍ତ ଲିଲିର ଆକୃଷ୍ଟତା ଦେଖି ବୁଝି ପାରିଥିଲା ଝିଅଟା ମୋ ଆଡ଼କୁ ବାରମ୍ବାର ଚାହୁଁଛି ଓ ହସୁଛି ମଧ୍ୟ । ଅର୍ଥାତ ସେ ଝିଅ ମୋ ପ୍ରତି ଆକୃଷ୍ଟ ହୋଇ ଯାଇଛି । ଶ୍ରୀକାନ୍ତକୁ ଗୋଟିଏ ସୁଯୋଗ ମିଳିଯାଇଥିଲା । ଅନୁସରଣ କରିଥିଲା ଲିଲିର ଠିକଣା ପାଇଁ । ଅନ୍ୟ ଝିଅମାନେ ନ ଜାଣିଲା ପରି ଲିଲିର ପଛେ ପଛେ ଚାଲିଲା ଶ୍ରୀକାନ୍ତ ।

ଶ୍ରୀକାନ୍ତ ହେଉଛି ତାମିଲନାଡୁରେ ରହୁଥିବା ଜଣେ କାରଖାନା କର୍ମଚାରୀ । ଦଶମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରେଣୀରେ ଫେଲ ହୋଇଯିବାରୁ ବାପା ତାକୁ ବିଦେଶ ପଠେଇ ଦେଲେ । ଯାହା ଦୁଇ ପଇସା ରୋଜଗାର କରେ ଘରକୁ ଦିଏନାହିଁ । ମଦ ଆଉ ଗଞ୍ଜେଇରେ ଖର୍ଚ୍ଚ କରିଦିଏ । ଜେଜେମାଙ୍କର ମୃତ ଖବର ପାଇ ଘରକୁ ଆସିଥିଲା । ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବଜାରରେ ରୁହେ । ଭଲ କରି ମଦ ପିଏ । ପୁଣି ସନ୍ଧ୍ୟାରେ ଘରକୁ ଫେରେ । ବାପା ବିଲ ବାଡ଼ିରେ ପନି ପରିବା କରି ଓ ଅନ୍ୟର ମଜୁରୀ ଲାଗି ଯାହା ଦୁଇ ପଇସା କରନ୍ତି ଘର ଚଳେ । ଜମି ବାଡ଼ି ନ ଥିବାରୁ ଭାଗ ବଖରା କରି ବରଷକ ପାଇଁ ଦାନା ସଂଗ୍ରହ କରନ୍ତି ।

ଶ୍ରୀକାନ୍ତ ଆଜି ଏକ ନୂଆ ସ୍ୱପ୍ନରେ ପାଗଳ ହୋଇଗଲା । ଦୈନିକ ପେଟେ ମଦ ପିଇଦେଇ ଜଗି ରହେ ଲିଲି ବଜାରକୁ ଆସିବକି । ଏଇ ଚାରି ପାଞ୍ଚଦିନ ହେବ ଲିଲି ବଜାରକୁ ଆସୁନାହିଁ । ଶ୍ରୀକାନ୍ତ ପ୍ରଥମ ଦେଖାରେ ଲିଲି ପାଇଁ ପାଗଳ ହୋଇ ଯାଇଥିଲା । ଲିଲି ହଷ୍ଟେଲରେ ରହେ ବୋଲି ଶ୍ରୀକାନ୍ତ ମଧ୍ୟ ଜାଣି ନେଇଥିଲା । ହେଲେ ସାହସ ହେଉନି ହଷ୍ଟେଲ ଭିତରକୁ ଯିବାକୁ । କେମିତି ଯିବଯେ ? କଣ ଚକି ପେଷିବ ନା କଣ ! ଯୋଗକୁ ଶ୍ରୀକାନ୍ତର ଲିଲି ସହ ଦ୍ୱିତୀୟ ଥର ଭେଟ ହେଇଗଲା ହଷ୍ଟେଲ ଓ ବଜାର ମଧ୍ୟ ରାସ୍ତାରେ ।

ଲିଲି ମଧ୍ୟ ପ୍ରଥମ ଦେଖାରେ ଶ୍ରୀକାନ୍ତ ପାଇଁ ମୋଟାମୋଟି ପାଗଳ ହୋଇ ଯାଇଥିଲା । କଥାରେ ଅଛି 'ପ୍ରେମ ମାନେ ନାହିଁ ରୂପ ବୟସ' । ଲିଲି ପ୍ରଥମଥର ଶ୍ରୀକାନ୍ତକୁ ଦେଖିଲା ପରେ, ସେଇଦିନ ଠାରୁ ଖୋଜି ହେଉଥାଏ ପୁଣି ଥରେ ଦେଖିବାକୁ । ଦ୍ୱିତୀୟ ଥର ଦେଖିଲା ପରେ ଲିଲି ମୋଟା ମୋଟି ଶ୍ରୀକାନ୍ତକୁ ଦେଖି କାନ୍ଦି ପକାଇଥିଲା । ଶ୍ରୀକାନ୍ତ କେବେତ କଥା ହେଇନି । ହେଲେ ଝିଅଟା ମୋତେ ଦେଖି କାନ୍ଦି ପକାଇଲା କାହିଁକି ? ଭାବୁଥାଏ ପଚାରିବି ହେଲେ କେମିତି ପଚାରିବି ... ? ତା ସାଙ୍ଗ ମାନେ ତ ତା ସହିତ ଅଛନ୍ତି । ମୋତେ ଯଦି ଗାଳି ଗୁଲଜ କରିବେ । ବହୁତ ମନେ ମନେ ଭାବି ହେଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବୁଥିବା ସମୟରେ ଲିଲି ନିଜ ହାତରେ ଧରିଥିବା କାଗଜ ଖଣ୍ଡିକୁ ଶ୍ରୀକାନ୍ତ ଆଡକୁ ଫୋପାଡ଼ି ଦେଇ ନିଜ ରାସ୍ତାରେ ଚାଲିଗଲା । ଶ୍ରୀକାନ୍ତ କାଗଜଟିକୁ ଉଠାଇ ଦେଖେ ତ, ପ୍ରଥମ ଧାଡିରେ ଲେଖା ଯାଇଥିଲା, "ମୁଁ ତୁମକୁ ବହୁତ ବହୁତ ଭଲ ପାଏ ।"

ଏ ମାଆ ବିଲେଇ କପାଳକୁ ସିକା ଛିଡିଲା । ଇଁରାଜୀରେ ଲେଖା ଯାଇଥିବା ଚିଠି ବିଲକୁଲ ବୁଝି ପାରିଲା ନାହିଁ ଶ୍ରୀକାନ୍ତ । ହେଲେ କାହାକୁ ପଢିବାକୁ ଦେବ ବା କେମିତି । ଶେଷରେ ତୁମର ଲିଲି ଓ ନିଜର ମୋବାଇଲ ନମ୍ବର ଲେଖା ଯାଇଥିଲା ।

ମୋବାଇଲ ନମ୍ବର ପାଇ ସିଧା ପଳେଇ ଯାଇଥିଲା ବଜାରରୁ ନିରୋଳା ପୋଲ ଉପରକୁ ଶ୍ରୀକାନ୍ତ । ନମ୍ବରଟିକୁ କଲ କଲା ସ୍ୱିଚ ଅଫ ଆସିଲା । ମୋତେ ନମ୍ବର ଦେଇ ଝିଅଟା ମୋବାଇଲ ବନ୍ଦ କରି ରଖିଛି । ନା ନା ସେ ବଜାରକୁ ଆସିଛି ଘରକୁ ଗଲେ ନିଶ୍ଚୟ ମୋବାଇଲ ଖୋଲିବ । ହଉ ମୁଁ ପୋଲରେ ବସିଥାଏ । ପୋଲରେ ଦୁଇ ଘଣ୍ଟା ଧରି ବସି ରହିଲା ଶ୍ରୀକାନ୍ତ ଆଉ ହଜାର ହଜାର ଥର ଫୋନ ଦବେଇବାରେ ବ୍ୟସ୍ତ । ପୁଣି ଚିନ୍ତା କଲା ଟିଉସନ ହେଉଥିବ । ଏମିତି ଚିନ୍ତା କରୁ କରୁ ତାର ନମ୍ବର ଲାଗିଯାଇଥିଲା ଲିଲି ପାଖକୁ । ଲିଲି ଫୋନ ଉଠେଇଲା । ଦୁଇଜଣଙ୍କ ମଧ୍ୟରେ କଥା ବାର୍ତ୍ତା ଆରମ୍ଭ ହୋଇଗଲା ।

ଦୁହେଁ ପ୍ରେମ ଆଳାପରେ ମଜି ଯାଇଥିଲେ । କେହି କାହାକୁ ଗୋଟେ ମିନିଟ ବି ଛାଡି ପାରୁନଥିଲେ । ସବୁବେଳେ ଫୋନରେ ବ୍ୟସ୍ତ ରହିଲେ ଲିଲି ଓ ଶ୍ରୀକାନ୍ତ । ଶ୍ରୀକାନ୍ତର ଯଦି ଗୋଟେ ଘଣ୍ଟା ବିଳମ୍ବ ହେଇ ଯାଉଥିଲା କଲ କରିବା ତେଣେ ଲିଲି କହିଦିଏ କଣ କେହି ମିଳିଗଲେକି । ଏମିତି ଦୁଇ ଜଣ ମଜି ଯାଇଥିଲେ ପ୍ରେମ ନିଶାରେ । ଲୁଚାଚୋରା ମିଳନ ମଧ୍ୟ ଚାଲିଲା । ଧିରେ ଧିରେ ପ୍ରେମ ସମ୍ପର୍କ ବଢ଼ିବାରେ ଲାଗିଲା । ଲିଲିର ପାଠ ପଢା ପୁରା ଚୁଲିକୁ ଗଲା । ପାଠରେ ପ୍ରଥମ ଥିଲା ପିଲା ପୁରା ପୁରି ଫେଲ ଅବସ୍ଥା ଦେଖି ପ୍ରଫେସର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନେ ଲିଲିକୁ ବହୁତ ଗାଳି ଗୁଲଜ କଲେ । ସମସ୍ତେ ଘୃଣା କରିବାରେ ଲାଗିଲେ । ଯେଉଁ ପିଲା ଦିନେ ସ୍କୋଲରସିପ ପାଇଥିଲା । ଓଡ଼ିଶାରେ ଦଶ ଜଣଙ୍କ ମଧ୍ୟରେ ଜଣେ ଥିଲା ସେ ପିଲା ଆଜି ଏତେ ପାଠରେ ଦୁର୍ବଳ । ଘରୁ ବାହାର ପର୍ଯ୍ୟନ୍ତ ଘୃଣା ଆଉ ଅପବାଦ । ସମସ୍ତେ କଲେଜ ଠାରୁ ଘର ପର୍ଯ୍ୟନ୍ତ କୁହା କୁହି ଆଉ ଫୁଟରୁ ଫାଟର ।

ଲିଲି ଓ ଶ୍ରୀକାନ୍ତ ଦୁଇଜଣ ବେଶ ମଜା କରନ୍ତି ଲୁଚି ଛପି । କିଏ ବାଡ଼ ପାଖରେ ଓ ପୋଲ ଉପରେ କଥା ହେଉଛି ତ କିଏ କବାଟ କୋଣରେ ଓ ଗାଧୁଆ ଘରେ କଥାବାର୍ତ୍ତା ହେଉଥାନ୍ତି । ଲିଲିର ବାପା ଓ ମାଆ କଲେଜରେ ଝିଅ ଖରାପ ରେଜଲ୍ଟ କରୁଛି ଶୁଣି କହିଲେ ତୋତେ ସେ କଲେଜରୁ ଆଉ ହଷ୍ଟେଲରୁ ଦୁଇଦିନ ଭିତରେ ନେଇ ଆସିବୁ । ତା ପରେ ଅନ୍ୟ ଏକ ଭଲ କଲେଜରେ ରହି ପଢ଼ିବୁ । ଏଇ କଥା ଲିଲି ଶ୍ରୀକାନ୍ତକୁ କାନ୍ଦି କାନ୍ଦି କହିଲା ଶୁଣ ମୋତେ ଏହି ସହର ଛାଡିବାକୁ ପଡିବ । କାରଣ ବାପା ମୋ ଉପରେ ରାଗି ଯାଇଛନ୍ତି ମୋତେ ଘରକୁ ନେଇଯିବେ ।

ଶ୍ରୀକାନ୍ତ ଏଇକଥା ଶୁଣି ପାଗଳ ଭଳି କାନ୍ଦିବାରେ ଲାଗିଲା । ମୁଁ ତୁମବିନା ମରିଯିବି ଲିଲି । ତୁମ ସ୍ୱର ନ ଶୁଣିଲେ ମୋତେ ନିଦ ହୁଏନି । ମୁଁ ବଞ୍ଚିବି କେମିତି କହିଲ । ଲିଲି ଗୋଟିଏ ପ୍ରସ୍ତାବ ଦେଇ କହିଲା ତମେ ତ କୁହ ମୋର ଚାକିରୀ ଅଛି ତାମିଲନାଡୁରେ । ଶିକ୍ଷିତ ମଧ୍ୟ ମୋତେ କଣ ସେଠି ନେଇ ପୋଷି ପାରିବନି । ଶ୍ରୀକାନ୍ତ କହିଲା ହଁ ମୁଁ କଣ ଏତେ ଦୁର୍ବଳ ତମକୁ ପୋଷି ପାରିବିନି । ହେଲେ ତମେ ସିନା ମୋତେ ଭରସା କରି ଗଲେ । ତମକୁ ଏତେ ଭଲ ପାଉଛି ମାନେ ତମ ପାଇଁ ଜୀବନ ଦେଇପାରିବି । ହଉ ଠିକ ଅଛି ଆଜି ଆଜି ରାତି ଏଗାରଟାରେ ତମେ ପ୍ରସ୍ତୁତ ହୁଅ । ରାତି ବାରଟାରେ ଯେଉଁ ତାମିଲନାଡୁ ପାଇଁ ଟ୍ରେନ ଅଛି ସେଇଥିରେ ଆମେ ପଳେଇଯିବା ବୋଲି ଶ୍ରୀକାନ୍ତ କହିଲା । ଦୁଇଜଣ ରାଜି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଯାଇଥିଲେ । ନିଜର ପ୍ରସ୍ତାବ ମୁତାବକ କାମ କଲେ ।

ଘର, ପରିବାର, ଡାକ୍ତର ବାପାଙ୍କର ସମ୍ମାନ ସବୁକୁ ତ୍ୟାଗ କରି ଲିଲି ଆସି ପହଞ୍ଚି ଯାଇଥିଲା ତାମିଲନାଡୁରେ । ଅଜବ ଦୁନିଆର ଗଜବ ଝିଅ । ବାପାଙ୍କର ସମ୍ମାନକୁ ଭୟ ନାହିଁ କି ଯତ୍ନ ନାହିଁ, ନିଜର ଭବିଷ୍ୟତ ପ୍ରତି ଲକ୍ଷ୍ୟ ନାହିଁ ସିଧା ଅଜଣା ପୁରୁଷର ମିଥ୍ୟା ପ୍ରତିଶ୍ରୁତିରେ ବିହ୍ୱଳ ହୋଇ ତାମିଲନାଡୁ ପହଞ୍ଚି ଗଲା । କଥା ପ୍ରଘଟ ହୋଇଗଲା । ପୋଲିସ ମଧ୍ୟ ଏଫଆଇଆର ନେଇ ତନାଘନା ଚଳେଇଲେ । ଝାନଟେଡ଼ରେ ଲେଖା ଗଲା ଲିଲିର ଲାପତ୍ତା ଯିଏ ଭେଟିବ ତୁରନ୍ତ ଏଇ ନମ୍ବରରେ ଯୋଗାଯୋଗ କରନ୍ତୁ । ଦୁଇ ଲକ୍ଷ ଟଙ୍କା ପୁରସ୍କାର ପାଇବେ ।

ଶ୍ରୀକାନ୍ତ ତାମିଲନାଡୁରେ ଲିଲିକୁ ପହଞ୍ଚାଇ ଦେଲାପରେ ଦୁହିଁଙ୍କୁ ରହିବାକୁ ଜାଗା ମିଳିଲା ନାହିଁ । ସେ କାମ କରୁଥିବା କରଖାନରେ ସମସ୍ତ ଶ୍ରମିକମାନେ ଗୋଟିଏ ଲମ୍ବା ଘରେ ଶୋଇଯାନ୍ତି । ହେଲେ ଇଏ ଲିଲିକୁ ନେଇ ସେଇ କଦର୍ଯ୍ୟ ପରିବେଶରେ ରଖିବ କେମିତି । ଆଗରୁ ପାଇଥିବା ଦରମାଗୁଡାକୁ ସେ ମଦ ଗଂଜେଇରେ ଖର୍ଚ୍ଚ କରିଦେଇଛି । ପାଖରେ ଗୋଟେ ଟଙ୍କା ବି ନାହିଁ ଯେକି ଭଡା ଘରେ ନେଇ ରଖିପାରିବ । ଲିଲି ଜଣେ ଶିକ୍ଷିତ ଓ ସୁନ୍ଦରୀ ଝିଅ ତେଣୁ କାରଖାନାର ପରିବେଶ ବହୁତ କଦର୍ଯ୍ୟ ଓ ଦୁର୍ଗନ୍ଧ ଯୁକ୍ତ ଦେଖି ନିଜ ଭାଗ୍ୟକୁ ଆଦରିଲା । ହେଲେ ନୂଆ ନୂଆ ପ୍ରେମ କିଛି କହି ପାରୁନି କି ସହି ପାରୁନି । ବାଧ୍ୟ ହୋଇ ସେଇ ଶ୍ରମିକମାନଙ୍କ ସହିତ ରାତ୍ରଯାପନ କଲା । ଦେଖିବାକୁ ପାଇଲା ଶ୍ରୀକାନ୍ତ ସନ୍ଧ୍ୟାବେଳେ ଶ୍ରମିକମାନଙ୍କ ସହିତ ମିଶି ବହୁତ ମଦ ପିଉଛି । ହେଲେ କିଛି କହିବାକୁ ତାର ଉପାୟ ନଥିଲା ।

ଶ୍ରମିକମାନଙ୍କର ଜଣେ ଠିକାଦାର ଥାଏ । ସେ ପିଲା ବିହାରୀ ହେଲେ ମଧ୍ୟ ଓଡ଼ିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହି ପାରୁଛି । ସେ ଏମାନଙ୍କର ଅବସ୍ଥା ଦେଖି କହିଲା ଶ୍ରୀକାନ୍ତ ତୁ ଆଉ ତୋ ସ୍ତ୍ରୀ ମୋ ଘରେ କାଲି ଠାରୁ ରହିବ । ତୋ ସ୍ତ୍ରୀ ମୋ ଭାବି(ଭାଉଜ)ପରି କିଛି ଅସୁବିଧା ନାହିଁ । ମୋର ଦୁଇଟା ଘର ଖାଲି ପଡ଼ିଛି । ସେଇଠି ରହିଯିବ । ଶ୍ରୀକାନ୍ତ ରାଜି ହୋଇ ଯାଇଥିଲା । ଦୁଇଜଣ ସେଠାରେ ରହିଲେ । ଠିକାଦାର ନିଜ ଘରେ ଏମାନଙ୍କୁ ରହିବାକୁ ଦେଲା । ତା ସହିତ ବହୁତ ସ୍ନେହ ଶ୍ରଦ୍ଧା ମଧ୍ୟ ଲିଲିକୁ କରେ ।

ଦିନେ କାମରୁ ଫେରି ଶ୍ରୀକାନ୍ତ ଦେଖେ ତ ଠିକାଦାର ଓ ଲିଲି ଜୋରରେ କଥା କୁହା କୁହି ହୋଇ ହସୁଛନ୍ତି । ଶ୍ରୀକାନ୍ତକୁ ଟିକେ ଖରାପ ଲାଗିଲା । ଠିକାଦାର ବହୁତ ପଇସାୱାଲା ଲୋକ । ଶିକ୍ଷିତ ମଧ୍ୟ ଲିଲି କଣ ତା ପ୍ରତି ଆକୃଷ୍ଟ ହେଇଗଲାକି ଏମିତି ସନ୍ଦେହ ତା ମନରେ ଜାଗ୍ରତ ହେବାକୁ ଲାଗିଲା । ସେ ସବୁବେଳେ ମନେ ମନେ ସନ୍ତି ହେଉଥାଏ । ଆହୁରି ଅଧିକରୁ ଅଧିକ ମଦ ପିଇବାରେ ଲାଗିଲା । କାରଣ ଠିକାଦାର ସବୁବେଳେ ଘରେ ରହେ । ବେଳେ ବେଳେ ଆସେ କାରଖାନାକୁ ହିସାବ କରିବାକୁ । ସେ ତିରିଶିଟା କମ୍ପାନୀରେ ଶ୍ରମିକ ଦେଇ ପଇସା କମାଉଛି । ଲିଲି ଘରେ ରହିଲା କାଳେ ଠିକାଦାର ସହିତ କିଛି ସମ୍ପର୍କ ହେଇଗଲାକି । କାରଣ ନାରୀଜାତିକୁ ଭରସା ନାହିଁ । କୁଆଡେ କେତେବେଳେ ଢଳିଯିବେ ଏମିତି ଅନେକ ଭାବନା ନେଇ କର୍ମରତ ଥାଏ ଶ୍ରୀକାନ୍ତ । ଲିଲି ଶ୍ରୀକାନ୍ତର ହସ ନାହିଁ କି ଆଗ ଭଳି ଭଲ ପାଇବା ନାହିଁ ଦେଖି ମନେ ମନେ ଚିନ୍ତାରେ ପଡିଗଲା । କାରଣ କଣ ଶ୍ରୀକାନ୍ତ କାହିଁକି ମୋ ସହିତ ଭଲ ବ୍ୟବହାର କରୁନାହାନ୍ତି ।

ଆଜି ରବିବାର କାରଖାନାରେ ଅଧା ଦିନ କାମ ହେବ ବୋଲି ଘୋଷଣା ହୋଇଛି । କାମ ସରିଲା ଆଉ ଶ୍ରୀକାନ୍ତ ଆସି ଘରେ ପହଞ୍ଚିଲା । ଘରେ ଦେଖେତ ଲିଲି ଶ୍ରୀକାନ୍ତର ଶୋଇବା ଘରେ ବସିଛି । ଶ୍ରୀକାନ୍ତ ତାକୁ ମୋବାଇଲରେ କଣ ସବୁ ଦେଖାଉଛି ଓ ହସା ହସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଛନ୍ତି । ସହିପାରିଲା ନାହିଁ ଶ୍ରୀକାନ୍ତ । ତାର ପ୍ରେମନିଶା ଛାଡିଗଲା । ଯେ ଝିଅକୁ ବିଶ୍ୱାସ ନାହିଁ । ହଉ ଏଠି କିଛି କହିଲେ ଠିକାଦାର ମୋ ଚମଡା ଉତାରି ଦେବ । କହିଲା ସାର ମୋର କିଛି ପଇସା ଦରକାର । ମୁଁ ଲିଲି ପାଇଁ ଶାଢ଼ୀ ଆଣିବି ଆଉ ମୋର ଡ୍ରେସ କିଣିବି । ଠିକାଦାର କହିଲା ବ୍ୟସ୍ତ ହୁଅନି ଶ୍ରୀକାନ୍ତ ମୁଁ ଭାବିକୁ ବଜାରକୁ ନେଇ କିଣି ଆଣିବି । ଶ୍ରୀକାନ୍ତ କହିଲା ଠିକ ଅଛି ସାର ମୋତେ କିଛି ଖର୍ଚ୍ଚ ଦିଅନ୍ତୁ । ହଉ କେତେ ଦରକାର ବୋଲି ଠିକାଦାର କହିବାରୁ । ଶ୍ରୀକାନ୍ତ ପାଞ୍ଚ ହଜାର କହିଲା । ଠିକାଦାର ତାକୁ ପାଞ୍ଚ ହଜାର ଦେଲେ । ସିଧା ପାଞ୍ଚ ହଜାର ଧରି ଲିଲିକୁ କିଛି ନ କହି ଶ୍ରୀକାନ୍ତ ଘରକୁ ପଳେଇ ଆସିଲା ଟ୍ରେନରେ । ଲିଲି ଚାହିଁ ବସିଛି ଶ୍ରୀକାନ୍ତ ବଜାରରୁ ଫେରିବ । ହେଲେ ରାତି ଦଶଟା ହେଇଗଲା ତଥାପି ଫେରିଲା ନାହିଁ ଶ୍ରୀକାନ୍ତ । କଣ ହେଇଛି ଶ୍ରୀକାନ୍ତର ଫୋନ ବି ଲାଗୁନି । କାହାକୁ ଜଣେଇବ । ଠିକାଦାର ମଧ୍ୟ କାରଖାନାକୁ ବାରମ୍ବାର କଲ କରୁଥାଏ । ହେଲେ ତାର କୌଣସି ଠିକଣା ନାହିଁ ।

ଠିକାଦାର ଜାଣିପାରିଲା ଶ୍ରୀକାନ୍ତ ପ୍ରାୟ ରାଗିଛି । କାରଣ ସେ ଭାବି ସହିତ ହେଉଥିବା ଥଟା ତାମସା ଶ୍ରୀକାନ୍ତ ଦେହରେ ଯାଉନାହିଁ । ସେଇଥିପାଇଁ କିଛି କହି ନପାରି ଛାଡି ପଳେଇ ଗଲା ବୋଧେ । ହେଲେ ମୋର ତ ଲିଲି ପ୍ରତି ସେମିତି କିଛି ସମ୍ପର୍କ ନାହିଁ । କାହିଁକି ମୋତେ ଏମିତି ଭାବିଲା ସେ । ଅସହାୟକୁ ସାହାଯ୍ୟ କରିବାର ଫଳ କଣ ଏଇଆ । ଲିଲି ଏକୁଟିଆ ବସି କାନ୍ଦୁଥାଏ । ଓଡ଼ିଆ ନାରୀ ସେ । ସେ ମଧ୍ୟ ଶିକ୍ଷିତ । ସେ କେମିତି ବେଶ୍ୟାବୃତ୍ତି କରିବ । ଓଡ଼ିଆ ଝିଅ କେବେ ପରିସ୍ଥିତିରେ ନ ପଡିଲେ ନିଜକୁ କାହାକୁ ବିକିପାରିବନି । ଯିଏ ଗୋଟିଏ ପୁରୁଷରେ ଶାନ୍ତି ନ ହୁଏ ତାକୁ ବେଶ୍ୟା କୁହାଯାଏ । ମୁଁ କଣ ଆଉ କେମିତି ଝିଅ ଶ୍ରୀକାନ୍ତ କଣ ମୋତେ ଜାଣିପାରିଲା ନାହିଁ । ମୁଁ ମରି ଯାଇପାରେ ହେଲେ ଶ୍ରୀକାନ୍ତ ଛଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟ କେହି ପୁରୁଷ ମୋ ଜୀବନରେ ଆସି ପାରିବ ନାହିଁ । ଯେଉଁ ଠାକୁରଙ୍କୁ ସାକ୍ଷୀ ରଖି ତାଙ୍କ ନାଁରେ ଶଙ୍ଖା ଆଉ ସିନ୍ଦୁର ପିନ୍ଧିଛି ସେ ଠାକୁର ବିଚାର କରିବେ ।

ମୋର ଏଠି ଅଛି କିଏ ଯେ । ମୁଁ ବା କାହାର ସାହାରା ନେଇ ଏଠି ବଞ୍ଚିବି । ଟାଁହୁ ଟାଁହୁ ଦୁଇ ଦିନ ବିତିଗଲା । ଶ୍ରୀକାନ୍ତ ଫେରିଲା ନାହିଁ । ମଝି ଦାରିଆରେ ଭସେଇ ଦେଇ ଚାଲିଗଲା ମୋତେ । ଲିଲି ବାଧ୍ୟ ହୋଇ ଫୋନକଲା ନିଜ ବାପା ଆଉ ମାଆଙ୍କୁ । ବାପା ଓ ମାଆ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ବାପା ଓ ମାଆ କେତେବେଳେ ବି ଯେତେ ଦୁଷ୍ଟ ହେଲେ ମଧ୍ୟ ପର ହେଇଯିବେ ନାହିଁ । ଆଜି ବାପା କାନ୍ଦୁଛନ୍ତି, ମାଆ ମଧ୍ୟ କାନ୍ଦୁଛନ୍ତି । ଝିଅକୁ ସୁରକ୍ଷିତ ଘରକୁ ଆଣିବାକୁ ଚାଲିଥାଏ କାର୍ଯ୍ୟକ୍ରମ ।

ଏଣେ ଶ୍ରୀକାନ୍ତ ଘରକୁ ଫେରି ଘରେ ସବୁ କଥା ବାପା ଆଉ ମାଙ୍କୁ ଜଣେଇଲା । ବାପା ଓ ମାଆ ତାର କହିଲେ ହଉ ସେଇ ଝିଅକୁ ତୁ ସେଠୁ ନେଇଆ ଆମେ ବାହାଘର କରେଇ ଦେବା । ଶ୍ରୀକାନ୍ତ କହିଲା ନା ବାପା ମୁଁ ସେ ବେଶ୍ୟାକୁ କେବେ ସ୍ୱୀକାର କରିବି ନାହିଁ । ତାର ଖରାପ ସମ୍ପର୍କ ଅଛି ସେଇ ବିହାରୀ ଠିକାଦାର ସହିତ ।

ଲିଲି ଘରେ ଆସି ସୁରକ୍ଷିତ ପହଁଚିଲା । ହେଲେ ସେ ଶ୍ରୀକାନ୍ତର ପ୍ରେମକୁ ଭୁଲି ପାରୁ ନଥାଏ । ଶ୍ରୀକାନ୍ତ ନମ୍ବର ସବୁବେଳେ ଲଗାଉଥାଏ ହେଲେ ବନ୍ଦ ଅଛି ବୋଲି ଆସୁଥାଏ । ଦିନେ ଲିଲି ତା ବାପାଙ୍କ ସହିତ ବାହାରିଲା ଶ୍ରୀକାନ୍ତ ଘରକୁ । ଠିକଣା ଥିଲା ତା ପାଖରେ । ବହୁତ କଷ୍ଟରେ ବାପା ଆଉ ଲିଲି ଆସି ଶ୍ରୀକାନ୍ତ ଘରେ ପହଁଚିଲେ । ଝୋପଡି ଘର ଦେଖି ବାପା ଆଶ୍ଚର୍ଯ୍ୟ ହୋଇଗଲ । ଶ୍ରୀକାନ୍ତ କାହିଁ ପଚାରିବାରୁ ଶ୍ରୀକାନ୍ତ ମାଆ କହିଲେ ସେ ଏଇନେ ଆସିବ ଟିକେ ଅପେକ୍ଷା କରନ୍ତୁ । ଆପଣ କିଏ ପଚାରିବାରୁ ଚିହ୍ନା ଦେଇ ପ୍ରଣାମ କରିଥିଲା ଲିଲି । ଶ୍ରୀକାନ୍ତ ମାଆ ପଚାରିଲେ ଠିକାଦାର କିଏ କିରେ । ଶ୍ରୀକାନ୍ତ କହୁଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋର କଣ ତା ସହିତ ସମ୍ପର୍କ ଥିଲା । ଲିଲି କାନ୍ଦି ପକେଇ କହିଲା ମା ମୁଁ ତାଙ୍କୁ ଭରଷା କରି ଘର, ପଢ଼ା ଆଉ ବାପା ମାଆାଙ୍କର ସମ୍ମାନକୁ ତ୍ୟାଗ କଲି, ସେ ମୋତେ ନିଜେ ରହିବା ସହିତ ମୋ ରହିବା ପାଇଁ ବି ଘର ଠିକ କରି ନପାରିବାରୁ ଠିକାଦାର ନେଇ ଆମ ଦୁଇଜଣଙ୍କୁ ତାଙ୍କ ପାଖରେ ରଖିଲା । ହେଲେ ଗୋଟିଏ ଘରେ ରହିଲେ ଭାଇ ଭାଉଜର ସମ୍ପର୍କରେ ସେ ଖୁସି ହୋଇ ଟିକେ ହସି କଥା କହିଲେ ଯାଙ୍କ ଦେହରେ ଯାଏନି । ମୋତେ ଥରେ ବି ବାରଣ କରି କହି ନାହାନ୍ତି ଯେ କାହିଁକି କଥା ହେଉଛ ବୋଲି । ହେଲେ ମୋତେ କିଛି ନକହି ସେଇଠାରେ ଏକୁଟିଆ ଛାଡି ଦେଇ ପଳେଇ ଆସିଲେ । ମୁଁ ଯଦି ଖରାପ ହୋଇଥାନ୍ତି ତେବେ କଣ ଘରକୁ ଫେରିଥାନ୍ତି । ତା ପର ଦିନ ମୁଁ ଘରକୁ ପଳେଇ ଆସିଲି ।

ଶ୍ରୀକାନ୍ତ ଆସି ଘରେ ପହଞ୍ଚି ଲିଲିକୁ ଦେଖିଲା ଆଉ ମୁହଁ ମୋଡି ଦେଇ ଘର ଭିତରକୁ ପଳେଇଗଲା । ଲିଲି ପଚାରିଲା ଶ୍ରୀକାନ୍ତ ମୋର ଭୁଲ କଣ କୁହ । ମୁଁ ଯଦି ଖରାପ ତେବେ କୁହ ମୁଁ ଏଠାରୁ ପଳେଇଯିବି । ମୋର ଦୋଷ କଣ ??????

କହିଲା ତୋର ଦୋଷ କଣ ଜାଣିନୁ ! ତୁ ଗୋଟେ ବେଶ୍ୟା..... !!!!

ମୁଁ....... ବେଶ୍ୟା..... ଛି ଛି ଛି ତମକୁ କହିବାକୁ ଲାଜ ଲାଗୁନି । ମୁଁ କେମିତି ବେଶ୍ୟା ହେଲି....କୁହ କୁହ.... ମୋର ଦୋଷ କଣ କୁହ ଶ୍ରୀକାନ୍ତ??? ବାପା ଆଉ ମାଆାଙ୍କୁ ଛାଡି ତୁମ ସହ ଯିବା ହେଉଛି ମୋର ଦୋଷ । ମୁଁ ତମକୁ ବିଶ୍ୱାସ କରିବା ହେଉଛି ମୋର ଦୋଷ । ତମେ କହିଲ ମୁଁ ଶିକ୍ଷିତ ଆଉ ଚାକିରୀ କରିଛି କାରଖାନାରେ ସେଇଟା ପ୍ରମାଣ ପତ୍ର ନ ଦେଖି ବିଶ୍ୱାସ କରିବା ବି ମୋର ଦୋଷ । ଯେଉଁ ବାପା ଆଉ ମାଆ ମୋତେ ଟିକେ ବି ଦୁଃଖ ଦେଇ ନ ଥିଲେ । ଟିକେ ବି କଷ୍ଟ ଦେଇ ନଥିଲେ । କିଛି ଅଭାବ ଦେଇ ନ ଥିଲେ ସେ ବାପା ଓ ମାଙ୍କୁ ପାଦରେ ଦଳି ଦେଇ ତୁମ ସହିତ ପଳେଇ ଯିବା ବି ମୋର ଦୋଷ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଓଡ଼ିଶାରେ ପ୍ରଥମ ଦଶ ଜଣ ଭିତରେ ନମ୍ବର ରଖି ଛାତ୍ରୀ ବୃତ୍ତି ପାଉଥିବା ଛାତ୍ରୀ ଆଜି ପାଠ ପଢା ଛାଡି ଦେଇ ତୁମ ସହ ପଳେଇଯିବା ବି ମୋର ଦୋଷ । ହଉ ମୋର ଦୋଷ ଦୋଷ ଦୋଷ ତେବେ ତୁମର ଶେଷ ନିଷ୍ପତ୍ତି କୁହ ।

ଶ୍ରୀକାନ୍ତ କହିପକେଇଲା ମୁଁ ତୋ ଭଳି ବେଶ୍ୟାକୁ ନେଇ ବଞ୍ଚିପାରିବି ନାହିଁ ।

କିଛି ନ କହି ଲିଲି ବାପାଙ୍କ ହାତ ଧରି ଶ୍ରୀକାନ୍ତ ଘରୁ ପଳେଇ ଆସିଥିଲା ନିଜ ଘରକୁ । କିଛି ଦିନପରେ ମଧ୍ୟ ସେ ଏକ ପୁଅ ପିଲାର ମାଆ ହୋଇଥିଲା । ପାଠ ମଧ୍ୟ ପଢି ଓଡ଼ିଶାର ସୁନାମ ଧନ୍ୟ ଡାକ୍ତର ହୋଇ ପାରିଥିଲା । ଏବେ ନିଜ ପୁଅ ସହ ଖୁସିରେ ଜୀବନ ଯାପନ କରୁଛି । ଶ୍ରୀକାନ୍ତ ମଦ ପିଇ ରାସ୍ତା କଡରେ ଗଡୁଛି......

ଲୋକେ ଶ୍ରୀକାନ୍ତକୁ କୁହନ୍ତି ଲକ୍ଷ୍ମୀ ଛଡା...

ମହେଶ୍ୱର ସାହୁ

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,

ବାଲେଶ୍ୱର (ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଦ୍ରମୁଖା



ନୂତନ କୁମାର ବେହେରା

ଦେବବ୍ରତ ସାର୍ ସତରେ ବହୁତ ଜ୍ଞାନୀ ।

ଅର୍ଥନୀତି ଅଧ୍ୟାପକ ଭାବରେ ସବୁ ଛାତ୍ରଛାତ୍ରୀଙ୍କ ପ୍ରିୟ । ତାଙ୍କର ଶିକ୍ଷାଦାନ ଶୈଳୀ ଏକଦମ୍ ନିଆରା । ହସ ହସ ମୁହଁ, ମିଠା ମିଠା କଥା । ଥରେ ଯିଏ ଶୁଣିବ, ମନଟା ତାଙ୍କଠି ଅଠା ପରି ଲଟକି ଯିବ ।

ସେ ସାର୍ ଜମାରୁ ଟିଉସନ୍ କରନ୍ତି ନାହିଁ କି କୌଣସି କୋଚିଂ ସେଣ୍ଟରରେ ବି ପଢାନ୍ତି ନାହିଁ । କ୍ଲାସରେ ସବୁବେଳେ ପିଲାମାନଙ୍କୁ କୁହନ୍ତି, ଯାହାର କିଛି ବି ପ୍ରୋବ୍ଲେମ୍ ହେବ ତାଙ୍କୁ ବିନା ଦ୍ୱନ୍ଦ୍ୱରେ କ୍ୱାର୍ଟରରେ ଦେଖାକରି ବୁଝିପାରିବ, କିନ୍ତୁ ଏକା ଏକା । ଦଳବଦ୍ଧ ଭାବେ ଗଲେ ହୁଏତ କେହି ଭାବି ପାରନ୍ତି ସେ ଟିଉସନ୍ କରୁଛନ୍ତି । ବିନା ପାରିଶ୍ରମିକରେ ସେ ସମସ୍ତଙ୍କୁ ସାହାଯ୍ୟ ସହଯୋଗ କରନ୍ତି ।

କେବେ କାହା ଦ୍ୱାରା ଅର୍ଥରେ ସେ ବଶ ହୁଅନ୍ତି ନାହିଁ । ଏ ସବୁ ତାଙ୍କର ତ୍ୟାଗ ଓ ମହାନତାର ପରିଚୟ । ସେ ଜଣେ ଆଦର୍ଶବାଦୀ ମଣିଷ । ଗରିବ ଛାତ୍ରଛାତ୍ରୀଙ୍କୁ ସେ ଏମିତି ବଦାନ୍ୟତା ଚାକିରୀ ଆରମ୍ଭରୁ ଅଦ୍ୟାବଧି କରି ଆସୁଛନ୍ତି । ଏଥିପାଇଁ ସେ କେବେ କିଛି କୁଣ୍ଠାବୋଧ କରନ୍ତି ନାହିଁ ।

ବିନୋଦ ପ୍ଲସ୍ ଥ୍ରୀ କଳାଛାତ୍ର । ଅତ୍ୟନ୍ତ ଗରିବ । କିନ୍ତୁ ଭାରି ମେଧାବୀ । ତାର ଜ୍ୱର ପାଇଁ ଦି'ଦିନ କଲେଜ୍ ଆସି ପାରିନଥିଲା । ଅର୍ଥନୀତି ଅନର୍ସ ଅନେକଙ୍କ ପାଇଁ କଷ୍ଟିଆ । ତାକୁ ଭଲ ଆସୁଥିଲେ ବି ଦୁଇଦିନର ଅନୁପସ୍ଥିତରେ ପଢା ହୋଇଥିବା ଟପିକ୍ ଟିକିଏ ବୁଝିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଷ୍ଟ ଲାଗିଲା । ମନେ ପଡିଗଲା ଦେବବ୍ରତ ସାରଙ୍କ କଥା । ସେ ଦିନ ରବିବାର । ସାର୍ ନିଶ୍ଚୟ ଥିବେ, ଏ କଥା ଭାବି ସୁଅ ବେଗରେ ମାଡି ଗଲା । ଯାଇ କଲିଂ ବେଲ୍ ମାରିଲା, କିଛି ସମୟ ପରେ ସାର୍ ଦରଜା ଖୋଲି,

– କିଏ ?

– ସାର୍, ନମସ୍କାର, ମୁଁ ବିନୋଦ ।

– ( ପ୍ରତି ନମସ୍କାର ବା କୌଣସି ରେସ୍ପଣ୍ଡ ନ କରି ) କିଏ ବିନୋଦ, ମୁଁ ତ ତୋତେ ଜାଣେନି ।

— ସାର୍ ମୁଁ ଫାଇନାଲ୍ ଇୟର୍, ଇକୋନୋମିକ୍ସ ।

– ଯା ବି ହୁଅ । ସେଥିରେ ମୋର କିଛି ମତଲବ୍ ନାହିଁ । ଅଯଥା ମୋତେ ଆସି ଡିଷ୍ଟର୍ବ୍ କରୁଛ, ଗୋ, ୟୁ ଗୋ ସୁନ୍ । (ଡୋର୍ ବନ୍ଦ କରିବାକୁ ଉଦ୍ୟତ)

– ସାର୍, ଆପଣ କ୍ଲାସ୍‌ରେ ସବୁବେଳେ କୁହନ୍ତି, କିଛି ପାଠ ବୁଝିବାକୁ ସମସ୍ୟା ହେଲେ ଆପଣଙ୍କ ପାଖକୁ ଆସି ବୁଝିଯିବା ପାଇଁ....

— ଓଃ, ତୁ ଭାରି ଆଜ୍ଞାଧିନ, ସେମିତି ହୁଏନି । ଆରେ, ଏମିତି କେତେ କଣ ଗପୁ, ସବୁ କଣ କରିବା ସମ୍ଭବ ? କେତେବେଳେ କଣ କହିଦେଇଛି ତାକୁ ନେଇ ମୋତେ ବ୍ଲାକ୍ ମେଲ୍ । ଯା, ଯା.....

କାନମୁଣ୍ଡ ଆଉଁସି ବିନୋଦ ସେଦିନ ଫେରି ଆସୁଥିଲା ମେସ୍ କୁ, ଛକରେ ଦେଖା ହେଲା ନିୟତି ସାଥିରେ ।

— ହ୍ୟାଲୋ, ହାୟ ବିନୋଦ ।

— ବିନୋଦ, ନୀରବ ଭଙ୍ଗିରେ ମୁଣ୍ଡ ଟୁଙ୍ଗାରିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

— ଆରେ ଦୋସ୍ତ ଏ କଣ, ଏତେ ଟେଲେଣ୍ଟେଡ୍ ହୋଇ ଏମିତି କଣ ନର୍ଭସ୍ ହେଉଛ ।

— ନା, କିଛି ନାହିଁ, କଲ୍ ଆସିଥିଲା ଗାଆଁରେ କଣ ଅସୁବିଧା ହୋଇଛି (କଥା ବଦଳାଇବାକୁ ମିଛ କହିଲା)

— ସେମିତି ତ ସବୁବେଳେ ସବୁଠି କିଛିନା କିଛି ପ୍ରୋବ୍ଲେମ୍ ଲାଗି ରହିଛି । ନିଜ ପ୍ରୋବ୍ଲେମ୍ ଆଗ ବୁଝ । ନିଜ କେରିୟର୍ ଉପରେ ଧ୍ୟାନ ରଖ । ଆଛା, ହଉ ମୁଁ ଆସୁଛି ।

ମୋର ଲେଟ୍ ହୋଇଗଲା । ମୁଁ ଦେବବ୍ରତ ସାର୍ ଙ୍କ ପାଖକୁ କୋଚିଂ ପାଇଁ ଯାଉଛି । ଯିବାର ଅଛି କି ? ଯଦି ଯିବ ମୋ ସାଥିରେ ଆସ । ସେ ଭାରି ଅମାୟିକ । ସୋ ଜେଣ୍ଟେଲ୍ । କୋଚିଂ ପାଇଁ ନାଇଁ କରୁଥିଲେ । ବାପାଙ୍କ ରିକ୍ୱେଷ୍ଟ କାଟି ପାରିଲେନି (ନିୟତିର ବାପା ସିନିୟର୍ ଓ.ଏ.ଏସ୍., ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ) । ମୁଁ ଆଉ ଲିଲି ଦୁଇଜଣ ପଢୁ । ହଁ, ବେଶି କିଛି ନାହିଁ ଆମେ ଦି ଜଣ ସାର୍ ଙ୍କୁ ମାସକୁ ପାଞ୍ଚ ହଜାର ଦେଉ ।

ବାୟ୍ ....

ଏ ସବୁ କଥା ସିନେମାର ସଂଳାପ ପରି ନିୟତି ଗୋଟାଏ ଇମୋସନ୍ ରେ କହିଗଲା । ବିନୋଦ ସବୁ ସ୍ୱାଭାବିକ ଭାବରେ ଶୁଣୁଥିଲା । ଶେଷ କଥା... ପାଞ୍ଚ ହଜାର... କୋଚିଂ ଫି... ତାକୁ ଯେମିତି ଶୂନ୍ୟରୁ ଟାଣି ଆଣି କଂକ୍ରିଟ ଚଟାଣ ଉପରେ କଚାଡି ଦେଲା, ଆଉ ଅଚେତ ଅବସ୍ଥାରେ ଜ୍ଞାନହରା ହୋଇ ପଡିଲା । ପ୍ରକୃତିସ୍ଥ ହୋଇ ଦେବବ୍ରତ ସାର୍ ଙ୍କ ମୁହଁର ଭଦ୍ରମୁଖାଟିକୁ ଧ୍ୟାନ ପୂର୍ବକ ଜଳଜଳ ଦେଖୁଥିଲା, ନିର୍ମଳ ଭାବ ମୂର୍ତ୍ତିର ଅନ୍ତରାଳେ । ସାମାନ୍ୟ ଅର୍ଥ ପାଇଁ କି ପିପାସା, କି ମୋହ, କି ଚଞ୍ଚଳତା...

ବିନୋଦ ସାଧା ସିଧା । ସରଳ ଶାନ୍ତ ସ୍ୱଭାବର । ପ୍ରଥମଥର ପାଇଁ ଭଦ୍ରମୁଖା ତଳର ଏ ନିମ୍ନ ରୁଚିକୁ ଉପଲବ୍ଧି କଲା । ଜାଣିଲା ଦୁନିଆଁର ଦ୍ୱୈତ୍ୟ ବୋଧ, ଡୁଏଲ୍ ପଲିସି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଦିନର ଏଇ ନୀରବ ଆଘାତ ତାକୁ ବଜ୍ର କରିଦେଲା । ପୂର୍ବଠୁ ବହୁ ଅଧିକ ଅଧ୍ୟବସାୟୀ ହେଲା । ଶ୍ରମ ସାଧନାରେ ପ୍ରାଣ ଲଗାଇ ଦେଲା ।

ଆଉ ଯେଉଁ ଦିନ ଇଉନିଭର୍ସିଟିର ସେ ଟପ୍ପର ହେଲା । ସାକ୍ଷାତକାରରେ ବାଇଟ୍ ଦେଉ ଦେଉ ଏ କଥା କହୁ କହୁ ଆଖିରୁ ତାର ଦୁଇ ଟୋପା ଲୁହ ତା ଅଜଣାତରେ ଖସୁ ଖସୁ ରୁମାଲ୍ ରେ ସାଉଁଟି ନେଇଥିଲା । ଶ୍ରମ ସାଧନା ଫଳ ମୋତି ଭାବି ।

ଅନେକ ଅଧ୍ୟାପକମାନଙ୍କ ଗହଣରେ ଦେବବ୍ରତ ସାର୍ ବି ଉପସ୍ଥିତ ଥିଲେ । ଲଜ୍ଜା ଓ ସଂକୋଚର ଗାଢ ଅନ୍ଧାରରେ ଯେମିତି ସେ ଆତ୍ମଗୋପନ କରୁଥିଲେ । ଅଳ୍ପ ଦୂରରୁ ବିନୋଦ ବେଶ୍ ଦେଖି ପାରୁଥିଲା ତାଙ୍କର ସେ ମୁହଁ ଓ ମୁଖା ।

କୋହି, ଗଡିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୋଟିଏ ଭୂଲ କୋଟିଏ କ୍ଷତି



ସତ୍ୟପ୍ରକାଶ
ସେଠୀ

ଅନେକ ସମୟରେ ମଣିଷ ଜ୍ଞାତରେ ହେଉ ବା ଅଜ୍ଞାତରେ କିଛି ନା କିଛି ଭୂଲ କରି ବସିଥାଏ, ଯେଉଁ ଭୂଲ ପାଇଁକି ଦିନେ ତାକୁ ଅନେକ ମୂଲ୍ୟ ଦେବାକୁ ପଡିଥାଏ । ଯାହାର ହୁଏତ କଳନା କରିବା ସାଧାରଣ ମଣିଷ ପକ୍ଷେ ସହଜ ହୁଏ ନାହିଁ । ପରନ୍ତୁ ନାନାବିଧ ସମସ୍ୟା ତହୁଁ ନିତ୍ୟ ନୂତନ ସୃଷ୍ଟି ହୋଇ ଜୀବନ ପାଇଁ ଏକ ବିଷମୟ ପରିସ୍ଥିତି ଆଣି ଦେଇଥାଏ । ଗୋଟିଏ ଭୂଲରୁ କୋଟିଏ କ୍ଷତି ସାଧନ ହୋଇଥାଏ । ଭୂଲ କରିବା ଲୋକ ଜଣେ ଓ ଜଣଙ୍କର ଗୋଟିଏ ମାତ୍ର ଭୂଲ କିପରି ଏକ ବିରାଟ ମାନବ ସମୁଦାୟର କ୍ଷତି ସାଧନ କରି ପରେ ତାହାର ଗୋଟିଏ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା ହରିପୁର ମୌଜାରେ । ଗାଁଟି ଛୋଟିଆ ହୋଇଥିଲେ ହେଁ ଏହାର ଭୌଗୋଳିକ ଅବସ୍ଥିତି ଓ ପ୍ରାକୃତିକ ସୁଷମା ଅତି ମନୋରମ । ଏହି ଦୃଷ୍ଟିରୁକୋଣରୁ ଗାଁଟି ବେଶ୍ ସୁଶୋଭିତ ଓ ମନୋଲୋଭା ତା'ର ଦୀପ୍ତିମୟୀ କାନ୍ତି । ଖୁବ୍ ଅଳ୍ପ ଲୋକ ବସବାସ କରୁଥିଲେ ହେଁ ଶିକ୍ଷା ଓ ସଭ୍ୟତା ଦୃଷ୍ଟିରୁ ଗାଁଟିର ବାସ ଚୌଦିଗକୁ ଖୁବ୍ ବାସେ । ଏଭଳି ଏକ ଗାଁରେ କଳଙ୍କର କାଳିମା ଲାଗିବ ବୋଲି କାହାରି କେବେ ଧାରଣା ନଥାଏ ।

ସେଦିନ ଏପରି ଏକ ସୁନ୍ଦର ସୁଠାମ ପରିବେଶରେ ଦିନାନ୍ତ ସ୍ପର୍ଶ କରୁଥିଲେ ଧରଣୀର କୋଳ । ଚାରିଆଡ଼େ ସୂର୍ଯ୍ୟର ରକ୍ତିମ ଆଭା । ସୁନେଲି କିରଣ ବୁଣି ହୋଇ ପଡୁଥିଲା ବାଡ଼ି ପଟ ଗଛ କ୍ରୋଡ଼ ପଞ୍ଜରରେ । ପଲ୍ଲୀ ରାଣୀ ପ୍ରକୃତି କୋଳରେ ବେଶ୍ ହସି ଉଠୁଥିଲା । ମୃଦୁ ମନ୍ଦ ସମୀରଣ ପ୍ରବାହିତ ହେଉଥିଲା । ଦେହରେ ଭରି ଉଠୁଥିଲା ମାଦକତା । କାମୁକ ପୁରୁଷ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ କାମ ଓ କାମନା ଉଦ୍ରେକ ହେଉଥିଲା ।

ସେଦିନ ଏମିତି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ଦିନନାଥ ବାବୁ ବାଡ଼ି ପଟେ ବୃକ୍ଷ ଛାୟାମୂଳେ କ'ଣ ଏମିତି ଭାବୁଥାନ୍ତି କେଜାଣି ମନେ ମନେ ହସି ଉଠୁଥାନ୍ତି । ପାଖଘରୁ କେବେଠାରୁ ଆଲୁଅ ଖାଲି ହୋଇଗଲାଣି । ବିଦ୍ୟୁତ୍ ଆଲୁଅ ଜାଳି ତନ୍ଦ୍ରା ବସି ପଡିଥାଏ ପଢ଼ା ଟେବୁଲ ପାଖରେ । ବୟସ ତେର କି ଚଉଦ । ହେଲେ ଟିକିଏ ବଢିଲା କୁଢିଲା ଝିଅ ହୋଇଥିବାରୁ ତା'ର ଅଙ୍ଗ ସୌଷ୍ଠବ ବେଶ୍ ପରିସ୍ଫୁଟ ହୋଇ ଦିଶୁଥାଏ । ତନ୍ଦ୍ରା ଉପରେ ଆଖି ପଡିଯିବାରୁ ବୟସ୍କ ଦିନନାଥଙ୍କ ମନଟା ଚହଲି ଗଲା । ସେ ଭୁଲି ଗଲେ ଯେ ତାଙ୍କର ଦୁଇଟି ଶିଶୁ ପୁତ୍ର ଓ ଘରେ ସୁନ୍ଦରୀ ସ୍ତ୍ରୀ ଅଛି ବୋଲି । ଭୁଲିଗଲେ ତନ୍ଦ୍ରା ତାଙ୍କ ଝିଅ ବୟସର ବୋଲି । ଭୂଲି ଗଲେ ତନ୍ଦ୍ରାର ବାପା ମାଆ ଆଜି କୌଣସି ଗୋଟେ ଜରୁରୀ କାମରେ ବାହାରକୁ ଯାଇଛନ୍ତି, ସେମାନେ ଆସି ପହଁଞ୍ଚିଲେ କ'ଣ ହେବ ବୋଲି । ଭୂଲି ଗଲେ ସବୁ କିଛି । କାମୁକ ମଣିଷ ଆଖିରେ ଅନ୍ଧ ପୁଟୁଳି ଦେଇ ତା ହିସାବରେ ସେ ଦୁନିଆକୁ ଦେଖେ । ପରିଣତି ପ୍ରତି ଚିନ୍ତା ତାହାର ରହେ ନାହିଁ । ଯମ ଯେ ନେଇ ଅଧା ନଇରେ ଛାଡେ ଏକଥା ସେ ଅପରିଣାମଦର୍ଶୀ ମଣିଷ ସହଜରେ ବୁଝିପାରେ ନାହିଁ । ହିତାହିତ ଜ୍ଞାନ ଭୂଲି ସେ ଅହେତୁକ କାଣ୍ଡ କରିବସେ ।

ଦିନନାଥ ଏକୁଟିଆର ସୁଯୋଗ ନେଇ ଆସ୍ତେ କରି ଘର ଭିତରକୁ ପଶି ଆସି ତନ୍ଦ୍ରା ଉପରକୁ ଝାମ୍ପି ପଡୁଥିଲେ । ତନ୍ଦ୍ରା ଏ କ'ଣ ହେଉଛି କହି ଖୁବ୍ ଜୋହରରେ ଚିଲେଇ ଉଠିବାରୁ ଦିନନାଥ ଅକୃତକାର୍ଯ୍ୟ ହୋଇ ଦୌଡ଼ି ଫେରି ଯାଉଥିଲେ । ହେଲେ ତନ୍ଦ୍ରା ତ ସହଜେ ଛାଡ଼ିବା ଝିଅ ନୁହଁ, ସେ ହାତରେ ଗୋଟେ ଚପଲ ଧରି ଧାଇଁ ଗଲା ଦିନନାଥ ଘର ପର୍ଯ୍ୟନ୍ତ । ସମସ୍ତଙ୍କ କାନକୁ କଥାଟା ଗଲା, ସମସ୍ତେ କେତେ ଛି ଛାକର କଲେ । ଦିନନାଥଙ୍କ ଏପରି କର୍ମ କାଣ୍ଡକୁ ନିନ୍ଦା କଲେ । କେହି କେହି ମଧ୍ୟ କହିଲେଣି ତନ୍ଦ୍ରାର ବାପା ମାଆ ଆସିଲେ ଏ ଅଭଦ୍ରକୁ ସହଜରେ ଛାଡିବେ ନାହିଁ, ବାଡ଼େଇ ବାଡ଼େଇ ଠିକ୍ କରିଦେବେ ।

 Magazine Downloaded from www.aahwaan.com

କାରଣ ବିନା କଡା ଶାସନରେ ଏମାନେ ସହଜରେ ସୁଧୁରିବେ ନାହିଁ ।ଏମାନେ ହେଉଛନ୍ତି ସମାଜରେ କଳଙ୍କ । ଘରେ ସ୍ତ୍ରୀ ଓ ମାଆ ମଧ୍ୟ ଶୁଣି ଘୃଣା ଓ ବିରକ୍ତିରେ କଟୁ ମନ୍ତବ୍ୟ ଦେବାକୁ ଭୁଲିଲେ ନାହିଁ ।

ଏଥର ଦିନନାଥର ବୁଦ୍ଧି ହଜିଗଲା । କ୍ଷଣିକ ଉତ୍ତେଜନାରେ ବଶବର୍ତ୍ତି ହୋଇ ସେ ଯେଉଁ ଭୂଲ କରିବାକୁ ଯାଉଥିଲା ସେଥିପାଇଁ ଅନୁତାପ ନିଆଁରେ ସେ ଜଳିବାକୁ ଲାଗିଲା । ଲଜ୍ଜା ଓ ଅପମାନରେ ମୁହଁ ତଳକୁ ହୋଇଗଲା । ଭୟ ଓ ଅପବାଦରେ ଲୁଚି ବାଡ଼ି ପଟ ଦେଇ କେଉଁଆଡ଼େ ଚାଲିଗଲା । ତାକୁ କେହି ଆଉ ଦେଖି ନାହିଁ ।

ଦେଖିଲା ବେଳକୁ ଟ୍ରେନ୍ ଲାଇନରେ କଟି ମରିଯାଇଛି । ପୋଲିସ୍ ଆସିଲା । ଘଟଣାର ତଦନ୍ତ ଓ ଖୋଳ ତାଡ(investigation & enquiry) ଚାଲିଲା ।ତନ୍ଦ୍ରାର ବାପ ଓ ଭାଇକୁ ପୋଲିସ୍ ବାନ୍ଧିଲା । ଦିନନାଥର ହତ୍ୟା ଅପରାଧରେ ଦୁହେଁ ଗିରଫ ହେଲେ । କାରଣ ଦିନନାଥର ପତ୍ନୀ ଓ ପୁଅ ସାକ୍ଷୀ ଦେଲେ ଯେ ଏମାନେ ମାରି ଦେଇଛନ୍ତି । ଆଉ ଗୋଟେ ଅଧେ ମଧ୍ୟ ଅନୁମାନିଆ ସାକ୍ଷୀ ମଧ୍ୟ ପ୍ରମାଣ ଦେଲେ ଯେଉଁ ମାନଙ୍କର ତନ୍ଦ୍ରା ବାପା ସହ ପୂର୍ବ ଶତ୍ରୁତା ଥିଲା ।

ତେଣେ ଦିନନାଥର ପୁଅ ପ୍ରତିଶୋଧ ନେବା ଭାବନାରେ ପଢ଼ାପଢି ଛାଡିଦେଲା । ଘଟଣା ପ୍ରତି ସମ୍ପୂର୍ଣ୍ଣ ଅନଭିଜ୍ଞ ଓ ସତ୍ୟାସତ୍ୟ ପ୍ରତି ସନ୍ଦିହାନ ଥିଲେ ମଧ୍ୟ ସେ ନିଜ ଜୀବନକୁ ବାଜି ଲଗାଇ ନିଜ କ୍ୟାରିଅର ବରବାଦ କରିଦେଲା । ଜୀବନରେ କେବଳ ଲକ୍ଷ୍ୟ ନେଲା ତନ୍ଦ୍ରା ବାପା ଓ ଭାଇକୁ ମାରିବ ।

ଅନ୍ୟ ପଟେ ଦିନନାଥର ସ୍ତ୍ରୀ ବିଧବା ହୋଇ ଦୁଃଖ ତାପରେ ଝଳି ହେଉଥାଏ । ତା'ର ଜୀବନରେ ଆଶାର କିରଣ ସବୁ ମଉଳି ଯାଇଥାଏ । ଜୀବନର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହୋଇ ସାରିଥାଏ । ବଞ୍ଚିବାର ମୋହ ବୋଲି ଏହି ପିଲା ବକଟକ । ତନ୍ଦ୍ରା ବାପା ଓ ଭାଇ ହତ୍ୟା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ନକରି ମଧ୍ୟ ଜେଲରେ ସଢ଼ିଲେ । ସେହି ଜେଲର ଚାରି କାନ୍ଥ ଭିତରେ ନିଜ ଦୁନିଆ ନିଜେ ଖୋଜୁଥିଲେ ।

ତନ୍ଦ୍ରା ବୋଉ ଓ ତନ୍ଦ୍ରାର ଦୁଃଖ ନକହିଲେ ଭଲ । ସୀମାହୀନ ଅସୀମ ସେମାନଙ୍କ ବେଦନା । ତନ୍ଦ୍ରା ବୋଉଟା ପରିସ୍ଥିତି ଓ ପରିବେଶ ସହିତ ମୁକାବିଲା କରି ନପାରି ଖାଲି ବାୟାଣୀ ବାତୁଳୀ ପରିକା ହେଉଥାଏ । ତନ୍ଦ୍ରାଟା ମଧ୍ୟ ତୀବ୍ର ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥାଏ । ସାହି ପଡ଼ିଶାଙ୍କ ଆକ୍ଷେପ ଓ ଟାହି ଟାପରା ଶୁଣି ଶୁଣି ସେ ଆଉ ସ୍କୁଲ୍ ଯାଇ ପାରିଲା ନାହିଁ । ଭାଗ୍ୟକୁ ଦାୟୀ କରି ନିଜ ଘର ଭିତରେ ଏକା ଏକା ବସି ରହିଲା । ବିଭିନ୍ନ କଥା ଭାବି ମନଟା ଖାଲି ଗୋଳେଇ ଘାଣ୍ଟି ହେଉଥାଏ । ମୂର୍ଖ ହୋଇ ଘରେ ବସିରହିଲା । କାହା ଆଗେ ଭରସି କଥା ପଦେ କହି ପାରୁ ନଥାଏ । ଅନ୍ୟକୁ ମୁହଁ ଦେଖେଇବାକୁ ବେଳେ ବେଳେ ଡର ଲାଗୁଥାଏ । କାରଣ କିଏ କେତେ ବାଗରେ କଥାଟାକୁ ମିଶାଣ ଫେଡାଣ କରି କହୁଥାନ୍ତି ତା'ର କିଛି ଗୋଟେ ହିସାବ ନାହିଁ । ଏହି ପରି ଏକ ଅହେତୁକ ଆତଙ୍କ ବୋଧର କରାଳ ଛାୟା ସର୍ବତ୍ର ଖେଳି ଯାଉଥାଏ । ଏଥିରେ ସମ୍ପୃକ୍ତ ପ୍ରତିଟି ଚରିତ୍ର ସେଥିରେ ଯେପରି କି ସନ୍ତୁଳିତ ହେବାକୁ ବାଧ୍ୟ । ହେ ଭଗବାନ ! ଏ କି ବିଚିତ୍ର ସ୍ଥିତି ? ପ୍ରତିଟି ଚରିତ୍ରକୁ ତିଳ ତିଳ କରି ଦହଗଞ୍ଜ କରି ମାରିବା କି ଉଦ୍ଦେଶ୍ୟ ? ଏ ପରିସ୍ଥିତି ଯେକେହି ଅନୁଧ୍ୟାନ କରୁଥିବ ବେଦନାରେ ତା'ର ହୋସ୍ ଉଡ଼ିଯିବାଟା ନିଶ୍ଚିତ ।

ଏପରି ପରିସ୍ଥିତିରେ କାହିଁ କାହାକୁ ଗୋଟେ କିଛି ସଠିକ୍ ରାସ୍ତା ମିଳୁ ନଥାଏ । ଖାଲି ଦୁଃଖ ଓ ଅବସାଦରେ ମନ ଓ ପ୍ରାଣ ଶିକ୍ତ ହୋଇ ଉଠୁଥାଏ । ହତାଶା ମୁଖ ମଣ୍ଡଳରେ ମଣ୍ଡନ କରୁଥାଏ । ଏହା ଏପରି ଏକ ଭୂଲ ଓ ତଜ୍ଜନିତ ଦୁର୍ଘଟଣା ଥିଲା – ଯାହା ଅଚିରେ କେଉଁ ଗୋଟି ପ୍ରାଣୀ ଜୀବନରେ ହଳାହଳ ବିଷ ଭରି ଦେଇଥାଏ ।

ଖୁସିର ମୁହୂର୍ତ୍ତ ଗୁଡାକ କେଉଁ ଆଡ଼େ ହଜି ଯାଏ । ଖାଲି ହତାଶାର ଘନ କାଳିମା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହେରେ ବୋଲି ହୋଇଯାଏ । ଭୂଲ କରିଥିବା ଲୋକ ତ ତରି ଗଲା । ହେଲେ ଜୀବନରେ କିଛି ବି ଭୂଲ ନ କରିଥିବା ଲୋକଙ୍କର କାହିଁକି ଏ ଦୁର୍ଦ୍ଦଶା ? କ'ଣ ସେହି ଭୂଲ କରିଥିବା ଲୋକ ସହ ଖାଲି ସମ୍ପୃକ୍ତି ଯୋଡି ହୋଇ ଯାଇଥିବା କାରଣରୁ ? କେତେ ସତେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ନୁହେଁ ସତେ ? ଅଙ୍ଗେ ନ ଲିଭାଇଲା ଲୋକ ତା'ର ଦୁଃଖ କେବେ ବୁଝି ପାରିବ ନାହିଁ । ହେଲେ ଏପରି କାହିଁକି ହୁଏ । କିଏ ଏଥିପାଇଁ ଦାୟୀ ?

ଏ ସମ୍ପୂର୍ଣ୍ଣ ଘଟଣା ବଳିର ପୁଙ୍ଖାନୁପୁଙ୍ଖ ତର୍ଜମା କଲେ ସ୍ପଷ୍ଟ ଅବବୋଧ ହେବ ଯେ ଏ ସମସ୍ତ ସମ୍ପୃକ୍ତ ଓ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କର କାହାରି ତ ସେତେ କିଛି ଦୋଷ ବା ଭୂଲ ନାହିଁ ? ତେବେ ସେମାନେ ଏ ଭଗବାନଙ୍କ ରାଜ୍ୟରେ କାହିଁକି ଏମିତି ଦଣ୍ଡିତ ? ଏ କଥାର ପ୍ରକୃଷ୍ଟ ବିଚାର କଲେ ଖାଲି ଜଟିଳତାର ନିଗୂଢ଼ ଫାଶରେ କେବଳ ବାନ୍ଧି ହେବା ସାର ହୁଏ । ଏହା ବ୍ୟତୀତ କ'ଣ ବା ଉପାୟ ଅଛି କରି ପାରିବେ- ସେମାନେ ? ସବୁ କି ସେହି ଲୀଳାକରଙ୍କର ଅପାର ମହିମା ?

ଅପରିଣାମଦର୍ଶୀ ମଣିଷ ଭଲ ମନ୍ଦ ବିଚାର ନକରି ଭୂଲ କରି ବସେ । ପୁଣି ସେ ଭୂଲ କଲା ବେଳେ ପୂର୍ବାପର ପ୍ରସଙ୍ଗ ଗୁଡିକୁ ଧ୍ୟାନକୁ ନିଏ ନାହିଁ କି ତା ସହ ସମ୍ପର୍କ ଯୋଡି ନିର୍ଭରଶୀଳ ଆତ୍ମା ପ୍ରତି ସହୃଦୟବାନ ହୋଇପାରେ ନାହିଁ । ଚିନ୍ତା କରେ ନାହିଁ ଯେ ଯାହାର କ୍ଷତି ସାଧନ କରୁଛି ସେଇ ମାନବାତ୍ମା ସହ ସମ୍ପୃକ୍ତ ଆହୁରି ଅନେକ ଆତ୍ମା ଏହାଦ୍ୱାରା କଷ୍ଟ ପାଇ ପାରନ୍ତି ବା ଘଟଣାର ସୁଦୂର ପ୍ରସାରୀ ପ୍ରଭାବ ଦ୍ୱାରା ପ୍ରାଭାବିତ ହୋଇ ପାରନ୍ତି । ତେଣୁ ଏଭଳି ବିବେକ ରହିତ କର୍ମ ଅନେକ ବିଷମୟ ପରିଣତି ଆଣିବାକୁ ବାଧ୍ୟ । ତେଣୁ ବାସ୍ତବିକ୍ କୁହାଯାଇଥାଏ ଗୋଟିଏ ଭୂଲ କୋଟିଏ କ୍ଷତି ସାଧନ କରିବାକୁ ସମର୍ଥ । ହେଲେ ମଣିଷ ଭୂଲ କାହିଁକି କରେ ?

ଭଗବାନଙ୍କ ରାଜ୍ୟରେ କୁଆଡେ ବେଶୀ ସମୟ ଅନ୍ଧକାର ଛାଇ ହୋଇ ରହେ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋକର ଜ୍ୟୋତି ପ୍ରକାଶ ଘଟିଲେ ଅନ୍ଧକାର ହଟେ । ନାରୀଟିଏ ଅନ୍ୟ ନାରୀଟିଏ ପାଇଁ ସମ୍ବେଦନଶୀଳ ହୋଇ ଉଠେ-ଯେତେବେଳେ ସବିଶେଷ ତଥ୍ୟ ନେଇ ସେ ଘଟଣାର ସତ୍ୟାସତ୍ୟ ଉପରେ ସମ୍ପୂର୍ଣ୍ଣ ସଚେତନ ହୋଇପଡେ । ସେଦିନ ବନା ମାଆ ଗାଇ ଜଗୁଆଳିଠୁଁ ଶୁଣିଲା, ଯିଏକି ଘଟଣାଟିକୁ ନିଜ ସ୍ୱଚକ୍ଷୁରେ ଦେଖିଥିଲା । ସେ କହୁଥିଲା-" ଦିନନାଥ ଗଛରେ ଚଢ଼ି ବୋଧହୁଏ ଲୁଚି ରହିଥିଲା । ସିଆଡୁ ଗୋଟେ ଟ୍ରେନ୍ ଆସୁଥିଲା ସେ ଗଛରୁ ଓହ୍ଲାଇ ସିଧା ଟ୍ରେନ୍ ଲାଇନରେ ଶୋଇଗଲା । ଏ କଥା ମୁଁ ମୋ ନିଜ ଚକ୍ଷୁରେ ଦେଖିଛି । ଟ୍ରେନ୍ ଆସିଲା ସିଧା ତାକୁ କାଟିଦେଲା । ଏଥିରେ କାହାରି କିଛି ହାତ ନାହିଁ କି ଅଭିସନ୍ଧି ନାହିଁ । ପୋଲିସ୍ ଭୟରେ ସେ କିଛି କହି ପାରୁ ନଥିଲା । ହେଲେ ମିଛଟାରେ ତନ୍ଦ୍ରା ବାପାଟା ଫସିଲା । ଲୋକଟା ଦେବପ୍ରତିମ – ଏ କଥା ସମସ୍ତେ ଜାଣନ୍ତି । ଯିଏ କୁକର୍ମ କଲା ସେ ତ ମଲା । ସେଥିପାଇଁ ସମସ୍ତେ କାହିଁକି ଦଣ୍ଡ ଭୋଗ କରିବେ" ?

ଘଟଣାଟି ଶୁଣି ସାରିଲା ପରେ, ଯେମିତି ନିଆଁରେ ପାଣି ପଡେ ଦିନନାଥର ବିଧବା ସ୍ତ୍ରୀର ପ୍ରତିହିଂସାର ବହ୍ନି ପ୍ରଶମିତ ହୋଇଗଲା । ସେ ନିଜେ ଯାଇ କୋର୍ଟରେ ସାକ୍ଷ୍ୟ ଦେଲେ - " ଏହା ଷଡଯନ୍ତ୍ର ନୁହେଁ କିମ୍ବା ହତ୍ୟା ନୁହେଁ ପରନ୍ତୁ ଆତ୍ମହତ୍ୟା ଜନିତ ଅପମୃତ୍ୟୁ । ତେଣୁ କୌଣସି ଭଲ ଲୋକଙ୍କୁ ଏଥିରେ ସମ୍ପୃକ୍ତ କରି ହଇରାଣ କରିବାକୁ ମୁଁ ଚାହୁଁନାହିଁ ।"

ସେଦିନ ବିନା ଦୋଷରେ ଖଲାସ ହେଲେ ବାପ ପୁଅ । ଦିନନାଥ ସ୍ତ୍ରୀ ପ୍ରତି କୃତଜ୍ଞତାରେ ଭରି ଉଠୁଥିଲା ଅନ୍ତର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବସ୍‌ଯାତ୍ରା



ଲିପିନ୍ ରାଉତ

ବେଳେବେଳେ କିଛି କଥା ଅକୁହା ହୋଇ ରହିଯାଏ ।

ଓଠ କିଛି କହିବାକୁ ଚାହୁଁଥିଲେ ମଧ୍ୟ ଜିଭର ଅଯଥା ଲଗାମ ଯୋଗୁଁ ଭାବନା ସବୁ ହୃଦୟର ବନ୍ଦ କୋଠରୀ ମଧ୍ୟରେ ବନ୍ଦୀ ହୋଇ ରହିବାକୁ ବାଧ୍ୟ ହୁଏ । ଆଉ ମୁକ୍ତ ହୋଇ ବାହାରିବାର ସବୁ ସ୍ୱପ୍ନ ଆପଣା ଛାଏଁ ଧୂଳିସାତ ହୋଇଯାଏ ।

ସେମିତି ଆକାଂକ୍ଷାର ବି ସବୁ ସ୍ୱପ୍ନ ଭାଙ୍ଗିରୁଜି ଚୁରମାର ହୋଇଗଲା ଯେବେ ସିଏ ତା ମନ କଥା କହିବା ପୂର୍ବରୁ ବସ୍‌ଟା ହଠାତ୍ ବ୍ରେକ୍ ମାରିଲା, ଆଉ କଣ୍ଡକ୍ଟର ଡ଼ାକ ଛାଡ଼ିଲା ଘଟଗାଁ... ଘଟଗାଁ... ବୋଲି ।

ସେତେବେଳେ ତା'ର ସବୁ ଭାବନା ବଢ଼ି ନଈର ପାଣିରେ ସୁଅ ପରି ଭାସିଗଲା ।

ସେଦିନ ସେ ବହୁତ କିଛି କହିବାକୁ ଚାହିଁବି ମଧ୍ୟ ଗୋଟିଏ ବି ଶବ୍ଦ କହି ପାରି ନଥିଲା । ମେଞ୍ଚେ ଭାବନାକୁ ହୃଦୟରେ ଚାପିରଖି ମୁକଟିଏ ପରି ବସରୁ ଓହ୍ଲେଇ ଘରକୁ ଚାଲିଗଲା, ବୋଧହୁଏ ଏହା ତା ଭାଗ୍ୟର ବିଡମ୍ବନା କିମ୍ବା ସମୟର ତା' ପ୍ରତି ପ୍ରତିଶୋଧ । ସେ ନିଜେ ବି ଜାଣେନି ଏହାର ପ୍ରକୃତ କାରଣ, ସେଦିନ ବସନ୍ତର ଶାନ୍ତ ସକାଳ କୋହଲା ପାଗ ସାଙ୍ଗକୁ ଗତ ରାତିରେ ବର୍ଷା ହୋଇଥିବା କାରଣରୁ ହାଲକା ଶୀତ ବି ଟିକେ ଟିକେ ଲାଗୁଥାଏ ।

ସମୟ ଛଅଟା ବାଜି ତିରିଶି ମିନିଟ । କାନ୍ଧରେ ଗୋଟେ ବ୍ୟାଗ୍ ଧରି ଆନନ୍ଦପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସଷ୍ଟପରେ ଆସି ପହଞ୍ଚିଲା ଦୁଷ୍ମନ୍ତ । ଭାରି ବ୍ୟସ୍ତ ବି ଦିଶୁଥିଲା ସେ । ଲାଗୁଥିଲା କି କେଉଁ ବଡ଼ କାର୍ଯ୍ୟରେ ଯୋଗ ଦେବାକୁ କେଉଁଆଡ଼େ ଯାଉଛି ବୋଧେ । ସେଥିପାଇଁ ସେ ବାରମ୍ବାର, କେତେବେଳେ ହାତ ଘଡ଼ିକୁ ଦେଖୁଥାଏ ତ କେତେବେଳେ ବସ୍‌ର ଆସିବା ବାଟକୁ ।

ଏମିତିରେ ବସ୍‌ରେ ଆଜି ଭିଡ଼ ପ୍ରବଳ । ଛୁଟିଦିନ ନାହିଁ, ଆଉ ତା ସାଙ୍ଗକୁ ସୋମବାର, ଭିଡ଼ ତ ହେବ ନିଶ୍ଚୟ ।

ଏଇ ଅଳ୍ପ ସମୟ ଆସିବା ଭିତରେ ଦୁଇଟା ବସ୍ ସେ ଛାଡ଼ି ସାରିଲାଣି । ଏବେ ତୃତୀୟ ବସ୍ । ଆଉ ଛାଡ଼ିଲେ ଲାଭ ନାହିଁ, ଛାଡ଼ିଲେ ଆଜି ଆଉ କେନ୍ଦୁଝର ଯିବା ତା ପାଇଁ ପୁରା ଅସମ୍ଭବ ହେଇଯିବ । ଏମିତି କେତେ କଥା ମନରେ ଭାବି ବସ୍ ଭିତରକୁ ଚଢ଼ିଗଲା ଦୁଷ୍ମନ୍ତ ।

- ଆଶ୍ଚର୍ଯ୍ୟ ! ଏଠି ଏତେ ଭିଡ଼ ! ଆଜି ଏତେ ବାଟ କେମିତି ଛିଡ଼ାହେଇ ଯିବି ? ପିମ୍ପୁଡି କି ଜନ୍ଦାଟିଏ ଗଳିବାକୁ ବାଟ ନାହିଁ ଛିଡ଼ାହେବି ପୁଣି କେମିତି ? କଣ୍ଡକ୍ଟରକୁ ପଚାରିଲା ଦୁଷ୍ମନ୍ତ ।

- ବ୍ୟସ୍ତ ହୁଅନି, ଆଗରେ ବସ୍ ଫାଙ୍କା ହେଇଯିବ ଆଉ ତମେ ସିଟ ବି ପାଇବ, ଅପେକ୍ଷା କର, ବୋଲି କହି କଣ୍ଡକ୍ଟର ଆଗ କେବିନକୁ ପଇସା ଆଦାୟ ପାଇଁ ଚାଲିଗଲା, ଏମିତିରେ ଅପେକ୍ଷା କରିବା ଛଡ଼ା ତାର ଆଉ କିଛି ବାଟ ବି ନାହିଁ । ଚଢ଼ି ତ ସାରିଛି, ଏବେ ଓହ୍ଲେଇ ପଡ଼ିଲେ ପୁଣି ଯିବ କେମିତି । ଆଉ ମଧ୍ୟ ଆଜି ଡେରି ହେଇ ଗଲାଣି । ଆଜି ପୁଣି ସ୍କୁଲରେ ତା'ର ପରୀକ୍ଷା ନିରୀକ୍ଷକ ଦାୟିତ୍ୱ । ଯାହା ହେଲେ ବି ପହଞ୍ଚିବାକୁ ପଡିବ । ଏମିତି କେତେ କଥା ଭାବି ଆଉ ବସ୍‌ରୁ ନ ଓହ୍ଲେଇବ ବୋଲି ଚିନ୍ତା କଲା ।

ବସ୍ ଗଡି ଚାଲିଛି । ଆଉ ଗତି ବି ଧୀରେ ଧୀରେ କ୍ଷିପ୍ର ହେବାରେ ଲାଗିଛି । କିଛି ସମୟ ଅନ୍ତରାଳରେ ତାର ଆଖି ପଡ଼ିଛି ଜଣେ ସୁନ୍ଦରୀ ଯୁବତୀର ଉପରେ, ଯୁବତୀ ଜଣକ ବି ତୀକ୍ଷ୍ଣ ନଜର ରେ ଚାହିଁ ରହିଛି ଦୁଷ୍ମନ୍ତକୁ, ଆଉ ତାର ହାବଭାବକୁ, ଦୁଷ୍ମନ୍ତ ଆଖି ପଡ଼ିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ଯୁବତୀ ଜଣକ ହଠାତ ନିଜକୁ କିଛି ନଦେଖିବା ପଣରୁ ବାହାରିବା ପାଇଁ ବାହାନାଟିଏ କରି ମୋବାଇଲରେ ରେ ବ୍ୟସ୍ତ ରଖିଛନ୍ତି ନିଜକୁ ।

ଦେହରେ ଗୋଲାପୀ ରଙ୍ଗର ଚୁଡ଼ିଦାର ସାଙ୍ଗକୁ କାନ୍ଧରେ କଲେଜ ବ୍ୟାଗ । ବେସ ପାଠପଢୁଆ ଝିଅଟିଏ ଭଳି ଲାଗୁଛନ୍ତି । ବୋଧହୁଏ କେଉଁ କଲେଜରେ ପଢୁଛନ୍ତି । ୟୁନିଫର୍ମ୍‌ରୁ ବି ସେଇୟା ପ୍ରତୀତ ହେଉଛି ।

- ହେଃ, ମତେ ସେଥିରୁ କଣ ମିଳିବ । ସେ କଲେଜରେ ପାଠ ପଢନ୍ତୁ କି ନ ପଢନ୍ତୁ । ଏତିକି ଗୁଣୁଗୁଣୁ କହି ନିଜ ପ୍ୟାଣ୍ଟ ପକେଟରୁ ମୋବାଇଲ୍ ବାହାର କରି କାହା ସହ ଫୋନ୍‌ରେ କଥା ହେଲା ଦୁଷ୍ମନ୍ତ । କଥା ହେବାର କିଛି ସମୟ ଅନ୍ତରାଳରେ କଣ୍ଡକ୍ଟରର ଡକରା ଆସିଲା,

- ହୋ ଭାଇ ! ଏଠାକୁ ଆସ, ଏ ଯେଉଁବାବୁ ୨୨ ନମ୍ବର ସିଟରେ ବସିଛନ୍ତି ସେ ଏଉଠି ଓହ୍ଲେଇବେ, ତମେ ଏଇଠି ବସ ।

(ବାବୁ ଜଣକ ନିଜ ସିଟ୍‌ରୁ ଓହ୍ଲେଇଗଲା ପରେ)

- ଓହୋଃ ! କି ଶାନ୍ତି, କେତେ ସମୟ ଏ ମଣିଷ ଏଠି ଠିଆ ହେଇଥାନ୍ତା, ଏବେ ଟିକେ ଆରାମ ମିଳିବ କହି ବ୍ୟାଗଟିକୁ ଲାଗେଜ ଷ୍ଟାଣ୍ଡରେ ରଖି ମିଳିଥିବା ସିଟରେ ବସିପଡ଼ିଲା ଦୁଷ୍ମନ୍ତ, ଗତ ରାତିରେ ବିଳମ୍ବ ପର୍ଯ୍ୟନ୍ତ କ୍ରିକେଟ୍ ଖେଳ ଦେଖିବା କାରଣରୁ ଠିକ ଭାବେ ସେ ଶୋଇନାହିଁ । ଏମିତିରେ ଝରକା ପାଖ ସିଟରେ ସକାଳ ସୁଲୁସୁଲିଆ ପବନରେ ଯିଏ କେହି ବି ଶୋଇ ପଡିବ, ଦୁଷ୍ମନ୍ତ ବି ସେଇ ଅବସ୍ଥା, ସହଜେ ଗତ କାଲି ରାତିର ବକିଆ ନିଦ । ସେ ବି ଶୋଇପଡିଛି ନିଘୋଡ଼ ନିଦ୍ରାରେ ।

କିଛି ସମୟ ସମୟ ଶୋଇଛି କି ନାହିଁ, ହଠାତ ନିଦରୁ ଚିଇଁକି ଉଠିଲା ଦୁଷ୍ମନ୍ତ । କେଉଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ନାରୀର ସୁମଧୁର ସ୍ୱର ଶୁଣି,

- ନିଅ ଏ କୁର୍‌କୁରେ ଖାଅ, ଏ ଚିପସ୍ ଖାଅ, ଏ ପାଣି ପିଅ (ବୋତଲଟିକୁ ଦୁଷ୍ମନ୍ତ ଆଡକୁ ବଢ଼େଇ) । ଆଉ କେଉଁଆଡ଼େ ଯାଉଛ ? କେଉଁଠୁ ଆସିଲ ? ଏମିତି କେତେ ସାରାପ୍ରଶ୍ନ ପଚାରୁଥାଏ ପାଖ ସିଟରେ ବସିଥିବା ଜଣେ ଯୁବତୀ ।

ନାଁ ତା'ର 'ଆକାଂକ୍ଷା', ପାଖ ଆନନ୍ଦପୁର କଲେଜରେ ଯୁକ୍ତ ତିନି ଶେଷବର୍ଷରେ ପଢେ । ହଷ୍ଟେଲରେ ରହେ । ପରୀକ୍ଷା ସାରି ଘରକୁ ଯାଉଛି ।

ହେଲେ ସେ ଝିଅକୁ ପାଖ ସିଟରେ ଦେଖି ମନେ ମନେ ଭାବିଲା,

- ଇଏ ସେଇ ଝିଅ ନା ଯାହାକୁ ମୁଁ ଏଇ କିଛି ସମୟ ପୂର୍ବରୁ ଦେଖିଥିଲି, ହେଲେ ଏ ଝିଅ ଏଠାକୁ କେତେବେଳେ ଆସିଲା, ଆଉ ପୁଣି ଚିହ୍ନାନାହିଁ ଜଣାନାହିଁ ମତେ ଖାଇବାକୁ ଯାଚୁଛି କାହିଁକି ? କଣ ତାର ଉଦ୍ଦେଶ୍ୟ....

ଏମିତି ସବୁ କଥା ଚିନ୍ତା କରୁ କେତେବେଳେ ଯେ ତା ମୁହଁ ରୁ 'ନା' ଶବ୍ଦଟି ବାହାରି ଆସିଛି ସେ ନିଜେ ବି ଜାଣିନି ।

- ହଉ, ଖାଇବନି ତ ନ ଖାଅ, ତେବେ କେଉଁଆଡ଼େ ଯାଉଛ ତ ଅନ୍ତତଃ କୁହ...

- ଆଶ୍ଚର୍ଯ୍ୟ ! ମୁଁ କାହିଁକି ତାକୁ କହିବି ତା'ର ଏତେ ସବୁ ପ୍ରଶ୍ନର ଉତ୍ତର ? ଚିହ୍ନା ନାହିଁ କି ଜଣାନାହିଁ ପୁଣି କାହିଁକି ଖାଇବି ସେ ଦେଉଥିବା ଏ ଖାଦ୍ୟକୁ, ଆଉ ଆଜିକାଲି ସମୟ ବି ଖରାପ, କାହାକୁ ବିଶ୍ୱାସ ନାହିଁ । ପୁଣି ଝିଅ ଏମାନଙ୍କୁ, ଆଦୌ ନୁହଁ । ଏମିତି ମନେ ମନେ ଗୁଣୁଗୁଣୁ ହେଉଥାଏ ଦୁଷ୍ମନ୍ତ, ନିଜେ ପଚାରିଥିବା ପ୍ରଶ୍ନର ଉତ୍ତର ଶୂନ୍ୟ ହେଇ ଆକାଂକ୍ଷା ଗୁମ୍ ମାରି ବସିରହିଲା କିଛି ସମୟ, ଆଉ ତାକୁ କିଛି ପଚାରିବନି ବୋଲି ନିଷ୍ପତ୍ତି ନେଲା ।

-ଏ ପିଲା ଏତେ ଭାଉ କାହିଁକି ଖାଉଛି ? କଣ କେବେ କେଉଁ ଝିଅ ସହ କଥା ହୁଏନି ନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ସ୍ୱଭାବ ଏମିତି ? ଝିଅ ମାନଙ୍କ ପ୍ରତି ଏତେ ଘୃଣା ମନୋଭାବ ତା'ର କାହିଁକି ? ଖଡୁସ କେଉଁଠି କାର.... କହି ମନେ ମନେ ବହେ ଗାଳି କଲା ଦୁଷ୍ମନ୍ତକୁ ଆକାଂକ୍ଷା, ହେଲେ ଲାଭ ବା କଣ ଏ ଗାଳି କିମ୍ବା ତା ମନର କଥା କଣ, ତା ସେ ମଣିଷ ପାଖରେ ପହଂଚି ପାରିବ, ଯାହାକୁ ପ୍ରଥମ ଦେଖାରୁ ଭଲପାଇ ବସିଛି । ଏହାକୁ ତ ଭଲ ପାଇବା କହିହେବନି, ଏହା କେବଳ ଗୋଟେ ଆକର୍ଷଣ ମାତ୍ର ।

ସେ ଯାହା ବି ହଉ ପ୍ରେମ ଅବା ଆକର୍ଷଣ । ପିଲା ସହ ଅନ୍ତତଃ କଥା ପଦେ ତ ହେଇଥାନ୍ତା, ସେତକ ବି ଭାଗ୍ୟରେ ନାହିଁ । ଏମିତି ମନେ ମନେ ଚିନ୍ତା କରି ଭାଗ୍ୟକୁ ନିନ୍ଦା ଦେଉଥାଏ ଆକାଂକ୍ଷା ହଠାତ..... ଗେଟ୍ ପାଖରୁ ଶୁଭିଲା ଗୋଟେ ଦୀର୍ଘ ସ୍ୱର (କଣ୍ଡକ୍ଟରର) ଘଟଗାଁ.... ଘଟଗାଁ.... ଘଟଗାଁ ଆସିଗଲା, ଯେଉଁମାନେ ଓହ୍ଲେଇବେ ଗେଟ୍ ପାଖକୁ ବାହାରି ଆସ ।

ଚିଇଁକି ଉଠିଲା ଆକାଂକ୍ଷା 'ଘଟଗାଁ' ନାଁ ଶୁଣି । ହଠାତ ତାକୁ ଚତୁର୍ଦ୍ଦିଗ ଅନ୍ଧକାର ଦିଶିଲା । ଲାଗିଲା ଗୋଟେ ଦୁଃଖର କଳା ବାଦଲ ମୁଣ୍ଡ ଉପରେ ଛିଣ୍ଡିପଡିଛି କି ? ସ୍ୱପ୍ନ ଦେଖିବାକୁ ଆଖି ପ୍ରସ୍ତୁତ ହେଇନି ହେଲେ ରାତି ପାହିଗଲା । ସମ୍ପର୍କର ସୂତା ଖିଅ ଆରମ୍ଭ ହେଉ ହେଉ ଛିଣ୍ଡିଗଲା । କଣ ଆଉ କରିବ, କିଛି ବାଟ ବି ନାହିଁ ।

ଭାବିଲା ଯିବା ପୂର୍ବରୁ ଅନ୍ତତଃ ଦୁଷ୍ମନ୍ତ ସହ ଆଉ ଥରେ କଥା ହେବ ଆଉ ତା ଫୋନ ନମ୍ବରଟା ଆଣିବ ।

-ହେଃ, କିଛି ଲାଭ ହେବନି । ସେ ତ କଥା ହେବାକୁ ଚାହୁଁନି । ମୁଁ ଆଉ ଉପରେ ପଡି କେତେ କଥା ହେବି । ଏମିତି ନିଜକୁ ଦୋଷୀଟିଏ ମନେ କରି ମେଞ୍ଚେ ଅଭିମାନକୁ ମୁଣ୍ଡରେ ମୁଣ୍ଡେଇ ନିରୀହ ନୟନରେ ଦୁଷ୍ମନ୍ତକୁ ଶେଷଥର ପାଇଁ ଚାହିଁଲା । ଆଉ ଏକା ଲମ୍ଫରେ ବସ୍‌ରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରି ଘରକୁ ଚାଲିଗଲା ।

-ଆଶ୍ଚର୍ଯ୍ୟ ! ଏ ଝିଅ ମତେ ଏମିତି ଆଖିରେ ଚାହିଁଲା କାହିଁକି ? ମୁଁ କିଛି ଦୋଷ କରିଛି କି ତା'ର ? ହେଃ... ଛାଡ ଆଜିକାଲିର ଝିଅମାନେ ବି ଏଇ ଭଳି । ସେମାନଙ୍କୁ ବି ବୁଝିବା କାଠିକର ପାଠ, ଏମିତି କହି ଦୁଷ୍ମନ୍ତ ନିଜକୁ ମିଛରେ ବୁଝେଇବାକୁ ଚେଷ୍ଟା କଲା । ହେଲେ ଯେତେ ଇଚ୍ଛା କଲେ ବି ନିଜକୁ ବୁଝେଇ ପାରୁନଥିଲା । ଗୋଟେ ଅଦୃଶ୍ୟ ଦୋଷାପଣ ବାରମ୍ବାର ତାକୁ କବଳିତ କରୁଥିଲା । ନିଜକୁ ବାରମ୍ବାର ପ୍ରଶ୍ନ ପରେ ପ୍ରଶ୍ନ କଲା, ସେ ଝିଅଟି ବୋଧେ ମତେ କିଛି କହିବାକୁ ଚାହୁଁଥିଲା ?

ଆଉ ମୁଁ ତାହା ସହ କଥା ନହେଇ କିଛି ଭୁଲ କରିନି ତ ? ? ? ?

(ଏମିତି ବାଟ ସାରା ଭାବୁ ଥିଲା ଦୁଷ୍ମନ୍ତ)

ଲିପିନ୍ ରାଉତ

ମଦନପୁର, କେନ୍ଦୁଝର, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୭୧୨୨୩୨୬୭ / ୭୦୦୮୯୮୦୧୯୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେବୀଟିଏ ମୀରାପରି



ସୁଷମା ପରିଜା

ସାଧାରଣତଃ ପୋଲିସ କଥା କହିଲେ ମନକୁ ଗୋଟିଏ ଖାକୀ ପୋଷାକ ପରିହିତ , ଟିପ୍ ଟପ୍ ଶରୀର, ଗୋଟିଏ ନିଶୁଆ ରାଗିଲା ମୁହଁ, ଗୋଟାଏ ରୋଲ୍ ବାଡ଼ି ଧରା ବଳିଷ୍ଠ ହାତ, ଦୁଇଟା ରଡ଼ ନିଆଁ ଭଳିଆ ଜଳୁଥିବା ଆଖି ଆଉ ଯାବତୀୟ ଗାଳି ଓଗାଳୁ ଥିବା ଗୋଟାଏ କର୍କଶ କଣ୍ଠସ୍ୱର ଆଖି ଆଗରେ ନାଚି ଉଠେ । ମନରେ ସ୍ୱତଃ ଭୟ ଜାଗ୍ରତ ହୁଏ, ଠିକ୍ ପିଲାଦିନେ ବୋଉର ଡରାଣ, "ଶୀଘ୍ର ଖାଇଦେ ନ ହେଲେ ପୋଲିସ୍ ଆସିବ, ଦୁଷ୍ଟାମୀ କରନା, ପୋଲିସ୍ ଧରି ନେଇଯିବ" ଭଳି ଶିହରୀତ ହୋଇଯାଏ ସମଗ୍ର ସତ୍ତା । କିନ୍ତୁ ସେଇ ପୋଲିସ୍ ମାନଙ୍କ ମଧ୍ୟରେ କିଛି ଏମିତି ହୃଦୟବାନ୍ ବ୍ୟକ୍ତି ଅଛନ୍ତି ଯେଉଁମାନେ ସମଗ୍ର ପୋଲିସ୍ ସମାଜପାଇଁ ଗର୍ବ ଆଉ ଗୌରବର କାରଣ ହୋଇଥାନ୍ତି ।

ସେମିତି ଜଣେ ଉଦାର ହୃଦୟ ପୋଲିସ୍ କର୍ମଚାରୀଙ୍କ କାହାଣୀ....

ମୁମ୍ବାଇର ଏକ ସହର ତଳି ଅଞ୍ଚଳରେ ଗୋଟିଏ ଥାନାରେ ମୀରା ମାଥୁର ନାମରେ ଜଣେ ମହିଳା କନେଷ୍ଟବଳଙ୍କର ପୋଷ୍ଟିଂ ହୋଇଥାଏ । ନିଜର ପୋଷ୍ଟିଂ ଥିବା ଥାନାରୁ କିଛି ଦୂରରେ ଘରଭଡା ନେଇ ନିଜର ପରିବାର ସହିତ ରହୁଥିଲେ ମୀରା । ପ୍ରତ୍ୟେକ ଦିନ ସ୍କୁଟି ଧରି ଅଫିସ୍ ଯିବା ଆସିବା ଭିତରେ ସେ ଦେଖିଲେ ଜଣେ ମଧ୍ୟବୟସ୍କା ମହିଳା ରାସ୍ତା ଉପରେ ଠିଆ ହୋଇ ଭିକ୍ଷା ମାଗୁଛି, ମଇଳା କୋତରା ଶାଢୀ ଖଣ୍ଡେ ପିନ୍ଧିଥିଲେ ବି ଶରୀରେ ସୁସ୍ଥଥିଲା ପରି ଜଣା ପଡୁଛି । ସେ କିଛିଦିନ ପୁଣି ଲକ୍ଷ୍ୟ କଲେ ତା'କୁ, ପଥଚାରୀ ମାନଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟରେ କିଏ ଟଙ୍କାଟିଏ ଦି'ଟଙ୍କା ତାଙ୍କର ହାତରେ ପକାଇ ଦେଲା ବେଳେ ଆଉ କେହି ତାଙ୍କୁ ଦୂର୍ ଦୂର୍ ଭାଗ୍ ଭାଗ୍ ବୋଲି ଝିଙ୍ଗାସି ଯାଉଛନ୍ତି, ତେବେ ମହିଳାଟିର ସେଥିପାଇଁ କିଛି ପ୍ରତିକ୍ରିୟା ମଧ୍ୟ ନାହିଁ । ବହୁତ ଖରାପ ଲାଗିଲା ମୀରାଙ୍କୁ । ସେ ଭାବିଲେ ସ୍ତ୍ରୀଲୋକଟିର କେହି ନିଜର ଲୋକ ନାହାଁନ୍ତି ବୋଧହୁଏ, ନ ହେଲେ ସୁସ୍ଥ ଶରୀରରେ ଏ ଭିକ୍ଷାବୃତ୍ତି ଭଳି ଘୃଣ୍ୟ ପେଷାକୁ ଆଦରି ନଥାନ୍ତା, ନିଜେ କିଛିକାମ ଧନ୍ଦାକରି ଚଳି ଯାଇଥାନ୍ତା । କେଜାଣି କାହିଁକି ତାଙ୍କ ମନରେ ଦୟା ଆସିଲା ସ୍ତ୍ରୀଲୋକଟି ପ୍ରତି । ସେଇ ସ୍ତ୍ରୀଲୋକଟିକୁ କିଛି ସାହାଯ୍ୟ କରିବା ପାଇଁ ମନରେ ସ୍ଥିର କଲେ । ପରଦିନ ଅଫିସ୍ ବାହାରିଲା ବେଳକୁ ଟିକିଏ ଆଗୁଆ ସମୟ ଥାଇ ବାହାରି ଆସିଲେ । ବାଟରେ ଠିଆ ହୋଇଥିଲା ସେଇ ଭିକାରୁଣୀଟି । ପୋଲିସ୍ ପୋଷାକ ପରିହିତା ମୀରାଙ୍କର ସ୍କୁଟି ତା'ପାଖରେ ଅଟକିଲା କ୍ଷଣି ଭୟରେ ସେଠାରୁ ଧାଇଁ ପଳାଇବାକୁ ଉଦ୍ୟତ ହେଲା ସେ । ତା'କୁ ଅଭୟ ଦେଇ ଅଟକାଇ ଦେଲେ ମୀରା । କହିଲେ, "ଶୁଣ ! ତମେ କ'ଣ ଚୋର ତସ୍କର ହୋଇଛ ଯେ ମତେ ଦେଖି ଦୌଡି ପଳେଇ ଯାଉଛ ? ମୁଁ ତୁମ ସହିତ ଦୁଇପଦ କଥାହେବା ଲାଗି ଏଠାରେ ଅଟକିଛି । ସବୁଦିନେ ମୁଁ ଅଫିସ୍ ଗଲାବେଳେ ଆଉ ଆସିଲା ବେଳେ ତୁମକୁ ଏଠାରେ ଭିକ ମାଗିବାର ଦେଖେ, ତୁମେ ତ ବୟସ ଥିବା ଲୋକଟିଏ, ଦେଖିବାକୁ ମଧ୍ୟ ସୁସ୍ଥ ଦିଶୁଛ, ତେବେ ଏ ଭିକ୍ଷାବୃତ୍ତି କାହିଁକି ? ତୁମେ ଚାହିଁଲେ ନିଜେ କିଛି କାମଧନ୍ଦା କରି ଚଳିପାରନ୍ତ, ଏମିତି ଭିକ୍ଷାମାଗିବାକୁ ତୁମକୁ ଖରାପ ଲାଗୁନି ?" ମୁହଁ ତଳକୁ କରି ଠିଆ ହେଲା ସ୍ତ୍ରୀ ଲୋକଟି, କହିଲା ଜଣେ ଲୋକଙ୍କ ଘରେ ଝାଡୁପୋଛା କରୁଥିଲି ଆଜ୍ଞା, ଥରେ ତାଙ୍କ ଘରୁ ଗୋଟିଏ ଦାମିକା ହାତଘଣ୍ଟା ଚୋରି ହୋଇଗଲା, ସେମାନେ ମତେ ଚୋର ଧରିଲେ, ମୁଁ ଯେତେ କହିଲି ମୁଁ ନିର୍ଦ୍ଦୋଷ ବୋଲି ମୋତେ ବିଶ୍ୱାସ କଲେନି, ସିଏ କୁଆଡେ କୋଉ ଗୁଣିଆକୁ ପଚାରିଥିଲେ ଆଉ ସେ କହିଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଘର ଚାକରାଣୀ ଘଣ୍ଟାଟି ନେଇଛି ବୋଲି, ମୋର ତ ଘରଦ୍ୱାର କିଛି ନାହିଁ ମା' ତାଙ୍କ ଘଣ୍ଟା ନେଇ ମୁଁ କ'ଣ କରିଥାନ୍ତି ? ମୋ କଥାରେ ସେମାନଙ୍କୁ ବିଶ୍ୱାସ ହେଲାନି, କାଠଫାଳିଆରେ ପିଟି ପିଟି ମତେ ଦରମରା କରି ବାହାରକୁ ଫିଙ୍ଗି ଦେଲେ, ଅନେକ ଦିନ ପଡି ରହିଲି ମୋ ଖୋଲିରେ, ଚୋରଣୀ ବୋଲି ବଦନାମ୍ ହେବାରୁ ଆଉ କେହି କାମ ଦେଲେନି, ଘରଭଡା ଦେଇ ନ ପାରିବାରୁ ଖୋଲିରୁ ବାହାର କରିଦେଲା ଖୋଲି ମାଲିକ, ସେଇଦିନୁ ମୁଁ ଏଇ ରାସ୍ତାକଡରେ ପଡିଛି, ଭିକ୍ଷା ମାଗି ଚଳୁଛି ।" ମୀରା ମାଥୁର ଅବାକ୍ ହୋଇ ଚାହିଁ ରହିଥିଲେ ସ୍ତ୍ରୀ ଲୋକଟିର ମୁହଁକୁ । ତା'ଆଖିରୁ ଧାରଧାର ଲୁହ ବୋହି ଯାଉଥିଲା, ଲୁଗାକାନିରେ ଲୁହ ପୋଛି ସେ ଠିଆ ହେଲା ।

କାହିଁକି କେଜାଣି ମୀରା ମାଥୁରଙ୍କର ମନ କହୁଥିଲା ସ୍ତ୍ରୀଲୋକଟି ସତ କହୁଛି ବୋଲି, ସେ ତା'କୁ କହିଲେ, "ମୁଁ ଯଦି ତମକୁ କିଛି କାମ ଦିଏ, ତମେ କରିବ ? ମୋର ଦୁଇଟି ଛୋଟ ଛୋଟ ପିଲା ଅଛନ୍ତି, ତାଙ୍କ ଦେଖାଶୁଣା କରିବ, ମୋ ଘରେ ରହିବ, ଖାଇବ, ତମର ଉପଯୁକ୍ତ ପାରିଶ୍ରମିକ ଦେବି ମୁଁ, ତୁମେ ଯଦି ମୋ କଥାରେ ରାଜି, ତେବେ ମୁଁ ଅଫିସରୁ ଫେରିବାବେଳକୁ ତୁମେ ପ୍ରସ୍ତୁତ ହୋଇ ରହିଥିବ, ମୁଁ ତମକୁ ସାଙ୍ଗରେ ନେଇଯିବି ଆମ ଘରକୁ । ତମେ ଭାବିଚିନ୍ତି ଠିକ୍ କର, ସନ୍ଧ୍ୟାଯାଏଁ ସମୟ ଅଛି ତମ ହାତରେ ।" ଏତିକି କହି ଅଫିସ ବାହାରିଗଲେ ମୀରା ।

ଅଫିସରୁ ଫେରିବା ବେଳକୁ ସନ୍ଧ୍ୟା ସାତଟା । ମଇଳା ପୁଟୁଳିଟିଏ ହାତରେ ଧରି ଠିଆ ହୋଇଥିଲା ଭିକାରୁଣୀଟି । ମୀରାଙ୍କୁ ଦେଖି ପାଖକୁ ଆସିଲା, ହାତ ଯୋଡି କାନ୍ଦିକାନ୍ଦି କହିଲା, "ଆପଣ ଦେବୀଟିଏ ମେମ ସାବ୍ । ଏଇ ନର୍କରୁ ଉଦ୍ଧାର କରି ମୋତେ ସମ୍ମାନର ଜୀବନ ଜିଇଁବାକୁ ଦେବେ । ମୁଁ ଆପଣଙ୍କ ଋଣ ସାରା ଜୀବନ ମନେ ରଖିବି, କେବେ ବି ଆପଣଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭରସା ଭାଙ୍ଗିବିନି ।”

ଘରେ ପହଞ୍ଚି ସ୍ତ୍ରୀଲୋକଟିକୁ ଆଗ ଗାଧୁଆ ପାଧୁଆ କରି ସଫା ସୁତୁରା ହୋଇ ଆସିବାକୁ ନିଜର ଘରେ ଥିବା ବାହାର ଶୌଚାଳୟକୁ ପଠାଇ ତା’ପାଇଁ ଲୁଗାପଟାର ବନ୍ଦୋବସ୍ତ କରିବାକୁ ଚାଲିଗଲେ ମୀରା । ଗାଧୁଆ ପାଧୁଆ ସାରି ସ୍ତ୍ରୀଲୋକଟି ଘର ଭିତରକୁ ଆସିଲା ବେଳକୁ ତା’ର ହୁଲିଆ ପରିବର୍ତ୍ତନ ହୋଇ ସାରିଥିଲା । ମୀରାଙ୍କର ଅନୁମତି ନେଇ ସାଙ୍ଗେ ସାଙ୍ଗେ କାମରେ ଲାଗିଗଲା ସେ । ଜଣେ ଅଭ୍ୟସ୍ତ ଘରୁଆ ଘରର ସ୍ତ୍ରୀଲୋକଟି ପରି ଘଣ୍ଟାଏ ଭିତରେ ଘରଦ୍ୱାର ସଫାସୁତୁରା କରିସାରି, ମୀରାଙ୍କୁ ପଚାରିବା ପରେ ରାତି ପାଇଁ ରୋଷେଇବାସ ଆରମ୍ଭକରି ଦେଲା ସେ । ମୀରା ମାଥୁର ଅବାକ୍ ହୋଇ ଚାହିଁ ରହିଥିଲେ ତା’କୁ, ଏଇ ଘଣ୍ଟାଏ ଆଗରୁ ରାସ୍ତାରେ ଠିଆ ହୋଇ ଭିକ୍ଷାବୃତ୍ତି କରୁଥିବା ସ୍ତ୍ରୀଲୋକଟି ଭଳି ଆଦୌ ଦିଶୁ ନଥିଲା ସେ । ନିଜର ନାମ ‘ପାର୍ବତୀ’ ଆଉ ଦିନେ ତା’ର ଭରାପୂରା ପରିବାରଟିଏ ଥିଲା ବୋଲି ମୀରାଙ୍କୁ କହିଥିଲା ସେ । ପିଲାମାନଙ୍କ ସହିତ ପାର୍ବତୀର ପରିଚୟ କରେଇ ଦେଇ ମୀରା କହିଥିଲେ, “ଇଏ ପାର୍ବତୀ ମାଉସୀ, କାଲିଠାରୁ ତୁମ ମାନଙ୍କର ସବୁ ଦାୟିତ୍ୱ ତାଙ୍କର, ତୁମର ଯାହା ଦରକାର ହେବ ତାଙ୍କୁ କହିବ, କେହି ତାଙ୍କୁ ହଇରାଣ କରିବନି ।” ପିଲାମାନେ ଖୁବଶୀଘ୍ର ଆଦରି ଗଲେ ପାର୍ବତୀ ମାଉସୀଙ୍କୁ, ପାର୍ବତୀ ମଧ୍ୟ ନିଜର ସେବା ଶୁଶ୍ରୁଷାରେ, ନିଜର ଆପଣା ପଣରେ ବାନ୍ଧି ପକାଇଥିଲା ସମସ୍ତଙ୍କୁ । ଏବେ ମୀରା ମାଥୁର ମଧ୍ୟ ନିଜ ଘରର କୌଣସି ଜିନିଷ ତାଲାବନ୍ଦ କରି ରଖୁ ନଥିଲେ, ପାର୍ବତୀ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ ଆସି ଯାଇଥିଲା ।

ଦିନ ଗଡି ଚାଲିଥାଏ । ଦିନେ ଅଫିସରୁ ଫେରି ମୀରା ଦେଖିଲେ ପାର୍ବତୀର ମୁହଁଟି ଶୁଖିଲା ଦିଶୁଛି, ଆଖିରେ ଲୁହର ଦାଗ ସୁସ୍ପଷ୍ଟ, କାରଣ ପଚାରିବାରୁ କଥାକୁ ବାଆଁରେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲା ପାର୍ବତୀ । ମୀରାଙ୍କର ପୁଲିସିଆ ମନ, ସନ୍ଦେହ ହେଲେ ଦୂର ନ ହେବା ଯାଏଁ ଥୟ ହୋଇ ବସି ପାରିବେନି, ତେଣୁ ବାରମ୍ବାର ପଚରାଉଚରା କରି ଖୋଳତାଡ କରି କାରଣଟି ଆଦାୟ କରିନେଲେ ପାର୍ବତୀ ପାଖରୁ । ସେ ଥିଲା ଆହୁରି ଏକ ଦୁଃଖଦାୟକ କାହାଣୀ । ପାର୍ବତୀର ସ୍ୱାମୀ ମହେଶ୍ୱର ଲାଇନ୍ ମ୍ୟାନ୍ ଭାବରେ କାମ କରୁଥିଲା ଇଲେକ୍ଟ୍ରି ଡିପାର୍ଟମେଣ୍ଟରେ । ଦୁଇପୁଅ ରାଘବ ଆଉ ଉଦ୍ଧବଙ୍କୁ ନେଇ ସୁଖୀ ସଂସାର ଥିଲା ପାର୍ବତୀର, ହେଲେ ଦେବ ସହିଲାନି, ଦିନେ ଲାଇଟ୍‌ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ କରେଣ୍ଟ ଲାଗି ମରିଗଲା ମହେଶ୍ୱର । ପାର୍ବତୀ ମୁଣ୍ଡରେ ଆକାଶ ଛିଣ୍ଡି ପଡିଲା । ଅଶିକ୍ଷିତା ସ୍ତ୍ରୀଲୋକଟି ଉପରେ ପଡିଲା ପରିବାରର ବୋଝ । ପରଘରେ ବାସନମାଜି କାମଧନ୍ଦା କରି ସେ ପାଳିଲା ଦୁଇ ପୁଅଙ୍କୁ । କମ୍ପାନୀରୁ ମିଳିଥିବା ପଇସାରେ ପାଠ ପଢେଇଲା ସେମାନଙ୍କୁ । ପିଲାଏ ପାଠ ପଢି ବଡ ମଣିଷ ହେଲେ, ବଡ ପୁଅ ରାଘବ ସେଲ୍ସଟ୍ୟାକ୍ସ ବିଭାଗରେ କିରାଣୀ ଚାକିରୀ କଲା ଆଉ ସାନପୁଅ ଉଦ୍ଧବ ବସ୍ କଣ୍ଡକ୍ଟର ହେଲା । ଦୁଇଭାଇଯାକ ବାହାସାହା ହୋଇ ଯିଏ ଯାହାର ସଂସାର କଲେ, ନିଜ ନିଜ ମଧ୍ୟରେ ମନାନ୍ତର ହୋଇ ଯିଏ ଯାହାର ପରିବାର ଧରି ଚାଲିଗଲେ ବାହାରକୁ ହେଲେ ମାଆକଥା କେହି ଭାବିଲେନି କି ତା'କୁ କେହି ସାଥିରେ ନେଲେନି । ବିଚରା ସ୍ୱାମୀହରା ପାର୍ବତୀ ପୁତ୍ରମାନଙ୍କୁ ହରେଇ ପୁଣିଥରେ ଏକା ହୋଇଗଲା ଦୁନିଆଁରେ । ମୁଣ୍ଡପିଟି କାନ୍ଦି ବୋବେଇ ଥିରି ହୋଇ ରହିଲା, ପୁଣି ପରଘରେ ବାସନମାଜି କାମଧନ୍ଦା କରି ଚଳିଲା, ଶେଷରେ ଭିକ ମାଗିଲା । ପୁଅ ମାନଙ୍କର ଠିଆଠିକଣା ବି ଜଣା ନଥିଲା ତା'କୁ । କୁଆଡେ ଯାଇଥାନ୍ତା ସିଏ, କାହାକୁ କହିଥାନ୍ତା ନିଜର ଦୁଃଖ ? ଯେଉଁମାନଙ୍କୁ ଅନ୍ତ ଫାଡି ଜନ୍ମ ଦେଇଥିଲା, କଷ୍ଟସହି ମଣିଷ କରିଥିଲା, ସେମାନେ ତ ତା'କୁ ଦୁନିଆଁରେ ଠୋକର୍ ଖାଇବାକୁ ଫିଙ୍ଗିଦେଇ ଚାଲିଗଲେ, ଆଉ କାହା ଉପରେ ଭରସା କରିଥାନ୍ତା ସିଏ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାର୍ବତୀର ଦୁଃଖ କାହାଣୀ ଦୋହଲାଇ ଦେଲା ମୀରା ମାଥୁରଙ୍କର ମନକୁ । ସେ ଭାବିଲେ ଦୁନିଆଁଟା କେଡେ ସ୍ୱାର୍ଥପର, ଏଠି ନିଜର ଜନ୍ମକଲା ମାଆକୁ ବି ଫୋପାଡି ଦେଇ ଯାଉଛନ୍ତି ପୁଅମାନେ !

କେତେ ଦୁଃଖକଷ୍ଟ ସହି ପାର୍ବତୀ ପୁଅଦୁହିଁଙ୍କୁ ମଣିଷ କଲା, ସେମାନେ ତା'ପ୍ରତି ଏମିତି ଅନ୍ୟାୟ ଅବିଚାର କରି ନିଜେ ସୁଖରେ ଦିନ କାଟୁଛନ୍ତି ? ନା ନା' ଏମିତି ଅନ୍ୟାୟ ହେବାକୁ ଦେବେ ନାହିଁ ସେ ପାର୍ବତୀଙ୍କ ସାଥିରେ । ସେ ଲୋକମାନଙ୍କୁ ନ୍ୟାୟଦେବାକୁ ପୋଲିସ୍ ଡିପାର୍ଟମେଣ୍ଟରେ ଚାକିରୀ କରିଛନ୍ତି ଅଥଚ ତାଙ୍କ ଆଖିଆଗରେ ଏଇ ଦୁଃଖିନୀ ମାଆଟିକୁ ସେ ନ୍ୟାୟ ଦେଇ ପାରିବେନି ? ତେବେ କ'ଣ ଲାଭ ତାଙ୍କର ପୋଲିସ୍ ଚାକିରୀ କରି ? ପାର୍ବତୀଙ୍କୁ ତାଙ୍କର ପୁଅମାନଙ୍କ ଠିକଣା ପଚାରିଲେ, ସେ କେବଳ ତାଙ୍କ ପୁଅମାନଙ୍କ ନାମ ଏବଂ ସେମାନେ କାମ କରୁଥିବା ଅଫିସର ନାମ ଜାଣନ୍ତି ଆଉ ପନ୍ଦରବର୍ଷ ହେଲାଣି ତାଙ୍କ ସହିତ ପୁଅମାନଙ୍କର କୌଣସି ଯୋଗାଯୋଗ ନାହିଁ ବୋଲି କହି କାନ୍ଦି ଉଠିଲେ । ମୀରା ମାଥୁର କିନ୍ତୁ ମନେ ମନେ ପଣ କରିଥିଲେ ଯେ ଯେମିତି ହେଉ ସେ ପାର୍ବତୀଙ୍କ ପୁଅମାନଙ୍କୁ ନିଶ୍ଚୟ ମିଳାଇ ଦେବେ ପାର୍ବତୀଙ୍କ ସହିତ ଆଉ ତାଙ୍କ ମଣିଷ ପଣିଆର ପରିଚୟ ଦେବେ ।

ନିଜ ଅଫିସରେ ଯାଇ ନାସିକର ଡିଜିଙ୍କୁ ଏଇ ସନ୍ଦର୍ଭରେ ମେଲ୍‌ଟିଏ ଲେଖିବା ସହ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେଲେ ଏଇ ସମ୍ବେଦନଶୀଳ ଘଟଣାଟିକୁ । ଭାଇରାଲ୍ ହୋଇଥିବା ମେସେଜ୍ ଏବଂ ପୋଲିସ୍‌ର ତନାଘନା ଅନୁସନ୍ଧାନ ପରେ ମିଳିଥିଲା ପାର୍ବତୀଙ୍କର ଦୁଇ ପୁଅ ଯାକ । ନିଜ କୃତକର୍ମର ଅନୁତାପ କରିବା ସହିତ ସସମ୍ମାନେ ପାର୍ବତୀଙ୍କୁ ନେଇ ଯାଇଥିଲେ ସେମାନଙ୍କ ସାଥିରେ ବାକି ଜୀବନ ଭଲରେ ରକ୍ଷଣାବେକ୍ଷଣ କରିବାର ପ୍ରତିଶ୍ରୁତି ଦେଇ । ଦେଶର ସବୁ ପ୍ରମୁଖ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା ପୋଲିସ୍ କନେଷ୍ଟବଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୀରା ମାଥୁରଙ୍କ ମଣିଷ ପଣିଆର କଥା । ସମସ୍ତେ ବାଃ ବାଃ କରିଥିଲେ ମୀରାମାଥୁର ଆଉ ସୋସିଆଲ୍ ମିଡିଆର କାର୍ଯ୍ୟ କଳାପକୁ । ପାର୍ବତୀ ଖୁବ୍ ଆଶୀର୍ବାଦ କରିଥିଲେ ମୀରା ମାଥୁର ଆଉ ତାଙ୍କ ସନ୍ତାନ ମାନଙ୍କୁ । ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର କଟକ-୭୫୩୦୦୪
ଭ୍ରାମ୍ୟଭାଷ : ୯୩୩୭୨୭୨୬୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଜରଙ୍ଗବାଲୀ



ଡ ପ୍ରଶାନ୍ତ ନାୟକ

ସନ୍ଧ୍ୟା ସମୟରେ କଲେଜରୁ ଫେରି 'ଶିଶକି' ଯେ କାହାସହିତ କିଛି କଥା ନହୋଇ ସିଧା ନିଜକକ୍ଷକୁ ଚାଲିଗଲେ । ଯିବାବାଟରେ ମା' ଦେଖା ହୋଇଥିଲେ, ସାନଭାଇ 'ବଜ୍ଜୁ' ଦେଖା ହୋଇଥିଲେ । କାହାସହିତ ପଦେ କଥାବି ହୋଇନଥିଲେ । 'ବଜ୍ଜୁ' ଦିଦିକୁ ଚିଡ଼େଇବା ଛଡା ଅନ୍ୟ କିଛି କାର୍ଯ୍ୟରେ ଅଧିକ ପାରଙ୍ଗମ ନଥିଲେ । ତେଣୁ ସେ ଏହି ସୁଯୋଗଟି ହାତଛଡା ହୋଇଯିବାରୁ ବୁଲିପଡ଼ି ମା'ଙ୍କୁ କହିଲେଯେ ଆଜି କଣ ମାଡାମଙ୍କ ମୂଡ଼ ବହୁତ ଖରାପ, ପତା କରନା ପଡେଗା । ଏହା କହି ସେ ଶିଶକିର କକ୍ଷର କବାଟକୁ ଜୋରଜୋରରେ ବାଡ଼େଇବାକୁ ଲାଗିଲେ । ଶିଶକି କିଛି ଜବାବ ଦେଇନଥିଲେ, କବାଟ ମଧ୍ୟ ଖୋଲିନଥିଲେ । ତେଣୁ ବଜ୍ଜୁ ଖୁବ ଚିନ୍ତିତ । ତା'ଛଡା ସେତ ଡିଜ୍ନିମୁଭି 'ଟୟଷ୍ଟୋରି'ର ସୁପରମାନ । ତେଣୁ କିଛି ବାଟରେ କାରଣଟି ଜାଣିବାକୁ ପଡିବ । ସେ ଚଟାପଟ ଘରର ପଛକୁ ଚାଲିଯାଇ ଝରକାବାଟେ ଝାଙ୍କିବାକୁ ଲାଗିଲେ । ଦୁର୍ଭାଗ୍ୟବଶତଃ ଶିଶକିର କକ୍ଷର ଝରକାଟି ଟିକେ ଖୋଲାଥିଲା । ତେଣୁ ବଜ୍ଜୁ କଳେ-ବଳେ-କୌଶଳେ ନିଜର ସୁପରମାନ ଶକ୍ତି ଲଗାଇ ଦେଖିପାରିଲେ ଯେ ଶିଶକି ବିଛଣାରେ ପଡ଼ି ରହିଛନ୍ତି ଏବଂ ବହୁତ ଜୋରଜୋରରେ କାନ୍ଦିଚାଲିଛନ୍ତି । ବଜ୍ଜୁ କେବେ ଶିଶକିକୁ କାନ୍ଦିବାର ଦେଖିନଥିଲେ, ହଁ ରାଗିବାର ଦେଖିଥିଲେ କାରଣ ସେତ ପ୍ରତିଦିନ ପ୍ରାୟ ରାଗି ତାଙ୍କସହିତ ଝଗଡା କରିଥାନ୍ତି । କିନ୍ତୁ ସାନଭାଇ ହେଲେ ମଧ୍ୟ ଭାଇତ, ଭଉଣୀଟି କାନ୍ଦିଲେ ମନ ଖରାପ ଲାଗିବ । ସେ ଚିନ୍ତିତ ହୋଇ ଫେରିଆସି ଏହି କଥାଟିକୁ କ୍ଷଣକ ମଧ୍ୟରେ ଜେଜେବାପା, ଜେଜେମା, ମା, ବାପା, ଇତ୍ୟାଦି ଇତ୍ୟାଦି ସମସ୍ତଙ୍କୁ କହିଚାଲିଲେ । ସମାଚାରଟି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିବାକୁଗଲେ କ୍ଷଣକ ମଧ୍ୟରେ ଦିଲ୍ଲୀ ସହରର ଜନଗହଳି ଗଳିଟିରେ ବ୍ୟାପିଯାଇଥିଲା । ବଜ୍ର ନିଜର ସୁପରମାନ ହେବାର ଶକ୍ତି ପ୍ରଦର୍ଶନକରି ସମ୍ପୂର୍ଣ ଗଳିରେ ଢୋଲ ପିଟିଦେଇ ଚାଲିଆସିଥିଲେ । ସେହି ଗଳିଟିର ବିଶେଷତା ଥିଲାଯେ ଘରଗୁଡିକ ଖୁବ ପାଖାପାଖି । ତେଣୁ ବାଦ ହେଉ କି ବିବାଦ ହେଉ, ଗଳିଟି ଗୋଟେ ବଡ଼ ପରିବାର ପରି ଚଳିଆସିଥାଏ । ତେଣୁ ସେହି ସନ୍ଧ୍ୟାରେ ସମସ୍ତଙ୍କ ଚିନ୍ତା ଯେ ଶିଶକି କାହିଁକି କାନ୍ଦୁଛନ୍ତି ? ଦେଖୁ ଦେଖୁ ଘରପାଖ ମାଉସୀମାନେ ଆସିଗଲେ ଏବଂ ଶିଶକିର ମା'ଙ୍କୁ ପଚାରିବାରେ ଲାଗିଲେ । ବିଭିନ୍ନ ପ୍ରକାର କାରଣ ମଧ୍ୟ ଦର୍ଶାଇଲେ । ଜଣେ କହିଲେ ଯେ କଲେଜରେ ପାଠ ପଢିବା ସମୟରେ କାନ୍ଦିବାର ଅର୍ଥଯେ ପରୀକ୍ଷାର ଫଳାଫଳ ଖୁବଖରାପ, ଅନ୍ୟଜଣେ କହିଲେକି ହୁଏତ ତାର "ବେଷ୍ଟଫ୍ରେଣ୍ଡ" ତାସହିତ କଟିକରିଦେଇଥିବ, ତ ଅନ୍ୟଜଣେ କହିଉଠିଲେକି ପ୍ରେମର ମାମଲା ହୋଇଥିବ । ବୋଧେ କେଉଁ ଟୋକା ଧୋକାଦେଇଛନ୍ତି । ଶିଶକିର ମା ଏହି ପ୍ରକାର ପ୍ରବଚନ ଶୁଣି ଜିରାରୁ ଶିରା ବାହାର ନକରିବାକୁ ଅନୁରୋଧ କରି ଘର କବାଟଟି ବନ୍ଦ କରିଦେଲେ ।

ଶିଶକି କାନ୍ଦିବା ବିଷୟରେ କିଛି ଜାଣିବା ପୂର୍ବରୁ ମା ପ୍ରଥମେ ବଜ୍ର'କୁ ଶିକ୍ଷା ଦେବାକୁ ବିଚାର କଲେ । କିନ୍ତୁ ବଜ୍ର ସର୍ବଦା ନିଜର ରକ୍ଷା କବଚକୁ ସାଥୀରେ ନେଇ ଚାଲିଥାନ୍ତି । ତେଣୁ ମା ଯେ କଣ କରିପାରିବେ ? ବୁଝିଲେଟି, ସେ ରକ୍ଷା କବଚକୁ ଭେଦ କରିବାର ଶକ୍ତି ତାଙ୍କ ମା'ଙ୍କର ନଥିଲା । ସେହି କବଚଟି ଥିଲେ ଜେଜେବାପା । ତାଙ୍କର ସମ୍ମୁଖରେ ବଜ୍ର'ଯେ ଶକ୍ତିମାନ ଠାରୁବି ଅଧିକ ଶକ୍ତିଜ୍ଞାନ । କାହାରିବି ହିମ୍ମତ ନଥାଏ, ପଦେ କହିବାକୁ । ଜେଜେବାପା ଯେ ନାତି ଟୋକାକୁ ଖୁବ ଭଲପାଆନ୍ତି ଏବଂ ମୁଣ୍ଡରେ ଚଢେଇ ରଖିଥାଆନ୍ତି । ଜେଜେବାପା ବଜ୍ର'ଙ୍କର ଜନ୍ମ ସମୟରୁ ଜାଣିପାରିଥିଲେଯେ ନାତୀଟୋକା ଅଂଜନୀପୁତ୍ର ବୀର ହନୁମାନଙ୍କ ପରି ଶକ୍ତିଶାଳୀ ହେବେ । ତେଣୁ ସେ ନାତିର ନାମକରଣ କରିଥିଲେ "ବଜ୍ରରଙ୍ଗବାଲୀ" । ପରିବାରର ସରନେମ ଥିଲା "ଗୁଲାଟି" । ତେଣୁ ନାତିଟୋକାର ପୁରା

 Magazine Downloaded from www.aahwaan.com

ନାଁଟି ଥିଲା "ବଜ୍ରଙ୍ଗବାଲୀ ଗୁଲାଟି" । ଖୁବ ଜୋରଦାର ନାଁ, କାରଣ ମାଙ୍କଡ଼ ଗୁଲାଟି ମାରିବାକୁ ଖୁବ ଭଲପାଆନ୍ତି । ନାତିଟୋକା ବଡ଼ହେବାକୁ ଆରମ୍ଭ କଲେ ଏବଂ ଗୁଲାଟି ମାରିବାକୁ ମଧ୍ୟ ଭଲପାଇଲେ । ଧୀରେ ଧୀରେ ପଡୋଶୀ ପିଲାମାନେଯେ ତାଙ୍କୁ ମାଙ୍କଡ଼ କହି ଚିଡ଼େଇବାକୁ ଲାଗିଲେ । ସେଥିରୁ ମୁକ୍ତିପାଇବାରେ ବଡ଼ଭଉଣୀ ଶିଶକି ହିଁ ସାହାଯ୍ୟ କରିଥିଲେ । ସେ ସାନଭାଇର ନାଁକୁ ଆଧୁନୀକରଣ କରିବାକୁ ଚେଷ୍ଟାକରି "ବଜ୍ରଙ୍ଗବାଲୀ"କୁ ଛୋଟକରି "ବଜ୍ର" କରିଥିଲେ । ନାଁଟି ପରିବର୍ତ୍ତନ ହୋଇଯାଇଥିଲା "ବଜ୍ର ଗୁଲାଟି" ଏବଂ ସେହି ମହାଲ୍ଲାରେ ବଜ୍ର ହୋଇଯାଇଥିଲେ "ଟୟଷ୍ଟୋରୀ"ର ବଜ୍ର, ସର୍ବ ଶକ୍ତିମାନ ।

ଚାଲନ୍ତୁ ଫେରିଯିବା ଶିଶକି ପାଖକୁ । ବିଚାରୀ ନିଜ କକ୍ଷରେ ଅନ୍ଧାର ମଧ୍ୟରେ ଖୁବ କାନ୍ଦିଚାଲିଛନ୍ତି । ମା କବାଟପାଖକୁ ଯାଇ ଧୀରେ ଧୀରେ ଡାକିଥିଲେ ଶିଶକି, କବାଟ ଖୋଲ, କଣ ପାଇଁ ତୁ କାନ୍ଦିଚାଲିଛୁ ? କହିଲେ ହୁଏତ ଆମେମାନେ ତୋର କିଛି ସାହାଯ୍ୟ କରିପାରିବୁ । ପରିବାରର ସମସ୍ତ ସଦସ୍ୟଗଣ ଖୁବ ଦୁଃଖିତ ଓ ଚିନ୍ତିତ । ଅପେକ୍ଷାକରି ନିରାଶହୋଇ ମା ଫେରିଲେ, କିନ୍ତୁ ଶିଶକି କବାଟ ଖୋଲିନଥିଲେ । ଏଥର ପାଳି ପଡିଥିଲା ଜେଜେବାପା ଓ ଜେଜେମାଙ୍କର । ସେ ଦୁହେଁ ନିରୀହ ଭାବରେ କବାଟ ପାଖରେ ଛିଡାହୋଇ ଡାକିଥିଲେ, ଆରେ ମା ଶିଶକି, ଏମିତି କଣ ହୋଇଗଲାଯେ ତୁ ଏତେ କାନ୍ଦି ଚାଲିଛୁ । ତୋର ସମ୍ପୂର୍ଣ ପରିବାରର ସ୍ନେହ ତୋ ସାଥୀରେ ଥିବା ସମୟରେ ତୁ କଣଟା ଏମିତି ହରାଇଛୁ ଯେ କାନ୍ଦିଚାଲିଛୁ ଏବଂ ପରିବାରର ସମସ୍ତଙ୍କୁ ନିରାଶ କରିଚାଲିଛୁ । ଜେଜେବାପା ଓ ଜେଜେମାଙ୍କ କଥା ଶୁଣି ଶିଶକି ନିଜକୁ ରୋକି ପାରିନଥିଲେ । ସେ ଦଉଡିଆସି କବାଟ ଖୋଲିଥିଲେ; କିନ୍ତୁ କାନ୍ଦିକାନ୍ଦି ଜେଜେମାଙ୍କୁ କୁଣ୍ଢାଇ ଖୁବ ରଡି କରିଚାଲିଲେ । ଜେଜେମା ଖୁବ ଧୈର୍ଯ୍ୟଙ୍ଖାନ, ତେଣୁ ସେ କିଛି ସମୟମଧ୍ୟରେ ଶିଶକିକୁ ସମ୍ଭାଳିପାରି ଚୁପ କରାଇଥିଲେ ।

 Magazine Downloaded from www.aahwaan.com

ପ୍ରଥମେ ତାଙ୍କୁ ଶାନ୍ତକରି ପାଣି ପିଲାଇବାପରେ ଖୁବ ଶାନ୍ତଚିତ୍ତ ଅବସ୍ଥାରେ ପଚାରିଥିଲେ ଯେ କାରଣ କଣ ? ଗମ୍ଭୀର କଣ୍ଠରେ ଉତ୍ତର ଦେଇଥିଲେ ଶିଶକି, ଯେ ତାଙ୍କର ଆଜି ବ୍ରେକଅପ ହୋଇଯାଇଛି ଏବଂ ତାଙ୍କର ପ୍ରେମୀକ "ସାର୍ଥକ" ତାଙ୍କୁ ଛାଡିଚାଲିଯାଇଛନ୍ତି । ତାଙ୍କର ପ୍ରେମଯେ ଭାଙ୍ଗି ଚୁରମାର ହୋଇଯାଇଛି । ସାର୍ଥକକୁ ଗୁଲାଟି ପରିବାର ଭଲଭାବରେ ଜାଣିଥିଲେ, ତାଙ୍କସହିତ ସମସ୍ତଙ୍କ ବ୍ୟବହାର ଖୁବ ଭଲଥିଲା । ପିଲାଟି ଉଚ୍ଚକୋଟୀର ଚରିତ୍ରର ଥିଲେ । କିନ୍ତୁ ହଠାତ ଏମିତି ତେଇଁ ଅନ୍ୟଆଡେ ଚାଲିଯିବାର କାରଣ କଣ ? କଣ "ସାର୍ଥକ" ଜଣେ ଭଅଁର ଚରିତ୍ରଧାରୀ, ଯେ ଗୋଟେଫୁଲରୁ ଆଉ ଗୋଟେଫୁଲକୁ ଉଡିଯାଇବସିବାର ଇଚ୍ଛା ଧାରଣକରନ୍ତି । ଏହିସବୁ ପ୍ରଶ୍ନ ପରିବାରକୁ ସନ୍ତାପରେ ପକାଇଦେଇଥିଲା । ମାତାପିତା ନିଜ ଝିଅର ଜୀବନରେ ଏହିପ୍ରକାର ଦୁଃଖକଷ୍ଟକୁ ଦେଖିବାର ଆଶା ରଖିନଥିଲେ । ରୂପ, ଗୁଣ ଓ ଶିକ୍ଷାରେ ଶିଶକି ଯେ ଅତୁଳନୀୟ । ତେଣୁ ବଜ୍ଜ ଯେ ଶିଶକିଙ୍କୁ ସେହି ମହାଲ୍ଲାର ବିଉଟିକୁଇନ ହିସାବରେ ପ୍ରତିଷ୍ଠା କରିସାରିଥିଲେ । ମହାଲ୍ଲାର ଯୁବକମାନେ ଶିଶକିକୁ ଦେଖିବାର ଇଚ୍ଛା ଧରି ଯଦି ଘର ନିକଟରେ ବୁଲନ୍ତି, ବଜ୍ଜ ସେମାନଙ୍କର ଗତିବିଧି ଉପରେ ଖୁବ ଧ୍ୟାନଦେଇଥାନ୍ତି । ଦୁଷ୍ଟ ହେଲେ ମଧ୍ୟ୍ୟ ବଜ୍ଜ ନିଜ ଭଉଣୀର ସୁରକ୍ଷାପ୍ରତି ଖୁବ ଯତ୍ନଶୀଳ । ତେଣୁ, ଏପରି ଯୁବକ ଯଦି ଘରପାଖରେ ଦେଖାଯାନ୍ତି, ଖୁବ ଜୋରରେ ବଜ୍ଜ ସେହି ଯୁବକଙ୍କର ନାମକୁ ଉଚ୍ଚାରଣ କରନ୍ତିଯେ ସେ ଲଜ୍ଜିତହୋଇ ସେହି ସ୍ଥାନରୁ ଚାଲିଯାଆନ୍ତି । ତାଛଡା ଦରକାର ପଡିଲେ ଜେଜେବାପାଙ୍କ ସାହାଯ୍ୟ ନେଇଥାନ୍ତି । ସିନିଅର ଗୁଲାଟିଙ୍କୁ ଦେଖି ଆଧୁନିକ ଯୁବକମାନେ ମାଙ୍କଡ଼ମାନଙ୍କପରି ଡିଆଁ ମାରିଥାନ୍ତି ।

ଶିଶକି ଶାନ୍ତହେବାପରେ ଜେଜେବାପା ଓ ଜେଜେମା ସବୁ କଥାର ବିଶ୍ଳେଷଣ ଆରମ୍ଭ କରିଥିଲେ । ସାମାନ୍ୟ ଦୂରତାରେ ଚିନ୍ତିତ ମାତାପିତା ବସି ସବୁ ଶୁଣୁଥିଲେ । ବଜ୍ଜ ମୁଖ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବନ୍ଦରଖିବାର ନିର୍ଦ୍ଦେଶ ପାଇଥିଲେ । ଶିଶକି କହିଚାଲିଥିଲେଯେ ସେ ସାର୍ଥକଙ୍କୁ ନିଜର ଜୀବନଠୁବି ଅଧିକ ଭଲପାଆନ୍ତି ଏବଂ ସେ ତାଙ୍କବିନା ନିଜ ଜୀବନ ବଞ୍ଚିବାର କଳ୍ପନା କରିପାରୁନାହାନ୍ତି । ସାର୍ଥକ କିନ୍ତୁ ଶିଶକିକୁ ଛାଡ଼ି ଅନ୍ୟ କେଉଁ ଝିଅ ପଛରେ ଚାଲିଗଲେ । କାରଣଟି କଣଥିଲା ? ହୁଏତ ସାର୍ଥକ ଜଣେ ଇମ୍ମାଚୂଅର ପିଲା, ଯେକି ନୂଆଖେଳଣା ଦେଖିଲେ ପୁରୁଣାଖେଳଣା ଫୋପାଡ଼ି ଦେଇଥାନ୍ତି । ତାଛଡା ଶିଶକି ଏବଂ ସାର୍ଥକର ବୟସ ମାତ୍ର ୧୭ କି ୧୮ବର୍ଷ । ଏହି ସମୟର ପ୍ରେମ ସାଧାରଣତଃ କ୍ଷଣସ୍ଥାୟୀ ହୋଇଥାଏ । ଏହାକୁ ଇନ୍‌ଫଚ୍ଛୁଁଏସ୍ନ କୁହାଯାଏ । ଏହି ବୟସରେ ଯୁବକ ଯୁବତୀ ନିଜର ଭବିଷ୍ୟତ ଗଢିବାକୁ ଚେଷ୍ଟାକରନ୍ତି । ସେମାନେ ଏହାବି ଜାଣିନଥାନ୍ତିଯେ ଆଗାମୀ ୧୦ବର୍ଷ ମଧ୍ୟରେ ଜୀବନର ଗତି ତାଙ୍କୁ କେଉଁଆଡେ ନେଇଯିବ । ଏହି ସମୟର ପ୍ରେମକୁ ଆଗାମୀ ୧୦ବର୍ଷର ଝଡ଼ବତାସ ସହିତ ଲଢ଼ି ବଞ୍ଚିରହିବାର ସମ୍ଭାବନା ଖୁବ କମଥାଏ । ତାଛଡା ଶିଶକି ଏବେହିଁ ନିଜର ଭବିଷ୍ୟତ ଗଢିବା ଆରମ୍ଭ କରିଛନ୍ତି । କଲେଜ ସାରିବାପରେ ତାଙ୍କୁ ଆହୁରି ଉଚ୍ଚଶିକ୍ଷା ଗ୍ରହଣ କରିବାରଅଛି । ତାଛଡା ଚାକରୀ କରି ଆତ୍ମନିର୍ଭରଶୀଳ ହେବାରଅଛି । ପରିବାରର ସ୍ନେହ ଓ ମମତାରେ ସିଞ୍ଚିହୋଇ ଶିଶକି ଆଜି ୧୭ବର୍ଷର କନ୍ୟା । ସେ ଆସନ୍ତା ୧୦ବର୍ଷ ମଧ୍ୟ ନିଜ ପରିବାରର ସ୍ନେହମମତା ନେଇ ବଞ୍ଚିପାରିବେ । କେଉଁ ଦୃଷ୍ଟିରୁ ଏକ କ୍ଷଣସ୍ଥାୟୀ ଆଘାତକୁ ନିଜର ସମ୍ପୂର୍ଣ୍ଣ ଜୀବନ ନଷ୍ଟକରିବାର କାରଣରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି ଶିଶକି । ଏହି ପ୍ରଶ୍ନର ଉତ୍ତର ଦେବାକୁ ଶିଶକି ଯେ ଅସମର୍ଥ । ଜେଜେବାପା ଶିଶକିଙ୍କୁ ବୁଝାଇବାକୁ ଆରମ୍ଭ କରିଥିଲେ । ସେ କହିଥିଲେଯେ ସମ୍ପର୍କ ଏକ ଏପରି ଶକ୍ତି ଯେ ଦୁଇଟି ବ୍ୟକ୍ତିଙ୍କୁ ଏକ ଅଜଣା "ସ୍ନେହ-ପ୍ରେମ-ମମତା-ନିଃସ୍ୱାର୍ଥପରତା"ରେ ବାନ୍ଧିଥାଏ । ଯଦିସେ ସମ୍ପର୍କଟି ସମୟର ଚାପ, ଝଡ଼, ବତାସକୁ ସହି ଆଗକୁ ବଢିବାକୁ ଅଛି, ତେବେ ଦୀପର ସଳିତାକୁ ତୈଳର ଆବଶ୍ୟକତାଭଳି ସେହି ସମ୍ପର୍କକୁ ସଦାସର୍ବଦା ସ୍ନେହ-ପ୍ରେମ-ମମତା-

 Magazine Downloaded from www.aahwaan.com

ନିସ୍ୱାର୍ଥପରତାର ତୈଳ ଆବଶ୍ୟକ ହୋଇଥାଏ । ଯଦି ସମ୍ପର୍କକୁ ଠିକସେ ବୁଝିନପାରି ବ୍ୟକ୍ତିଜଣକ ଭୁଲରେ ବାନ୍ଧିହୋଇଯାଏ, ସେହି ସମ୍ପର୍କଟି ଜୀବନରେ ଦୁଃଖ ଓ ସନ୍ତାପର କାରଣରେ ପରିବର୍ତ୍ତନ ହୋଇଯାଏ । ତେଣୁ, ଶିଶକି, ମା ତୁ ଏହା ବୁଝିବାକୁ ଚେଷ୍ଟାକର ଯେ ସାର୍ଥକ ଯଦି ତୋର ପବିତ୍ର ପ୍ରେମର ସମ୍ପର୍କକୁ ଏକ ବାଲ୍ୟକାଳର ବାଲିଖେଳ ଭାବି ଆଗେଇଥାନ୍ତା, ହୁଏତ ଭବିଷ୍ୟତରେ ଏହା ତୋତେ ଅଧିକ କଷ୍ଟ ଦେଇଥାନ୍ତା । ତାଛଡା ଯଦି ଗୋଟେ ବସ୍ତୁ ପଡ଼ି ଭାଙ୍ଗିଯାଏ, ତାକୁ ଯୋଡିବାପରେ ତାର ମୂଲ୍ୟ ଆମକୁ ଜଣାପଡେ । ଭାଙ୍ଗିବାର କଷ୍ଟଯେ ସହିପାରିବ, ସେହି ଯୋଡିହେବାର ମୂଲ୍ୟ ବୁଝିପାରିବ । ନଚେତ, ସେ ପ୍ରକୃତ ପ୍ରେମ ଓ ନିସ୍ୱାର୍ଥପରତାକୁ ବୁଝିପାରିବ ନାହିଁ । ଉଦାହରଣ ସ୍ୱରୂପ, ପ୍ରାୟ ୬୦ବର୍ଷତଳେ, ତୋର ଏହି ଜେଜେବାପା କଲେଜରେ ପାଠ ପଢୁଥିଲେ । ଯେପରି ତୋର ବୟସର ପିଲାମାନଙ୍କୁ ବହୁତଶୀଘ୍ର ପ୍ରେମ ହୋଇଯାଇଥାଏ, ଠିକ ସେହିପରି ଜେଜେବାପାଙ୍କୁ ମଧ୍ୟ ସେହି ସମୟର କଲେଜର ସବୁଠୁ ସୁନ୍ଦର ଝିଅ "ଅମ୍ରିତା" ସହିତ ଖୁବ ପ୍ରେମ ହୋଇଯାଇଥିଲା । ଏପରିକି ଅମ୍ରିତା ସାଥୀରେ କିଛି ସମୟ ବିତାଇବାପାଇଁ ଜେଜେଙ୍କୁ କବି, ଲେଖକ, ସାୟର ପରି ବହୁତ କିଛି ଅଭିନୟ କରିବାକୁ ପଡିଥିଲା । ଅମ୍ରିତା ଯେ ସହରୀ ଝିଅ, ତାଙ୍କୁ ସବୁକିଛି "ଇନ୍‌ସଟାଣ୍ଟ ନୁଡୁଲସ" ପରି ତତ୍‌କ୍ଷଣାତ ଦରକାର । ଆଜି ପ୍ରେମ ହେଲା ତ କାଲି ବ୍ରେକଅପ । ସେଯେ ଲମ୍ବା ଓ ଜୀବନଭରିର ସମ୍ପର୍କରେ ବିଶ୍ୱାସ କରୁନଥିଲେ । ତେଣୁ ଅମ୍ରିତା ତୋର ଏହି ଜେଜେଙ୍କୁ ଏକ ଟିସୁପେପର ଭଳି ବ୍ୟବହାରକରି କଚରାଡ଼ବ୍ବାରେ ଫୋପାଡ଼ିଦେଲେ । ସେହିଦିନ ତୋରିଭଳି ମଧ୍ୟ ଏହି ଜେଜେ ଖୁବ କାନ୍ଦିଥିଲେ ଏବଂ ମଦ୍ୟନିଶାରେ ଚୂରହୋଇ କଲେଜ ପଡିଆରେ ପଡ଼ି ରାତ୍ରି ସେହି ସ୍ଥାନରେ ଶୋଇଯାଇଥିଲେ । ବୁଡିଯାଉଥିବା ବ୍ୟକ୍ତିକୁଯେ କୁଟାଖିଅଟି ସାହାରା ହୋଇଥାଏ, ଏହିପରି ଆଶା ନେଇ ତୋର ଜେଜେ ଯେ ଅନ୍ୟଏକ ଆଦର୍ଶ କନ୍ୟା "ସଂପୂର୍ଣ୍ଣା" ସହିତ ପ୍ରେମର ସମ୍ପର୍କ ଯୋଡ଼ିଥିଲେ । କିନ୍ତୁ



ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସଂପୂର୍ଣ୍ଣା ଏତେ ଆଦର୍ଶବାଦୀ ଥିଲେ ଯେ, ତାଙ୍କର ଆଶାକୁ ପୁରଣ କରିନପାରି ପୁଣି ଥରେ ଧୋକା ଖାଇଥିଲେ । ସେହି ରାତ୍ରିରେ ମଧ୍ୟ ମଦ୍ୟନିଶାରେ ନିଜକୁ ତୁଚ୍ଛ ଅନୁଭବକରି କଲେଜର କେଉଁ ଏକକୋଣରେ ବସି କାନ୍ଦିଚାଲିଥିବା ସମୟରେ ଈଶ୍ୱରଙ୍କ ଆଦେଶରେ ଜଣେ ଖୁବ ସୁନ୍ଦର, ସୁଶୀଳା ଓ ହୃଦୟୁବାଦୀ ଯୁବତୀ ତାଙ୍କର ସାହାଯ୍ୟ କରିଥିଲେ । ସେହି ଯୁବତୀ ସେହିସ୍ଥାନରେ ଅଟକିଯାଇ ଜୀବନଭରି ସାଥିହେବାର ପ୍ରତିଜ୍ଞାକରିଥିଲେ । ଭାଙ୍ଗିଯାଇଥିବା ସେହି ହୃଦୟଟିକୁ ଖୁବ ସୁନ୍ଦର ଭାବରେ ଯୋଡ଼ିପାରିଥିଲେ ଏବଂ ହାତରେ ହାତମିଳାଇ ଆଜି ପର୍ଯ୍ୟନ୍ତ ସାଥୀରେ ଅଛନ୍ତି । ସେ ହେଉଛନ୍ତି, ତୁମର ଏହି ଜେଜେମା । ଭାଙ୍ଗିବାର କଷ୍ଟଠାରୁ ଯୋଡିବାର ସୁଖଯେ ଅଧିକ ଆନନ୍ଦଦାୟକ । ଗୋଟେ ପରେ ଗୋଟେ ଇଟା ରଖି ଘର ତିଆରିକରିବାପରି ଜେଜେର ଜୀବନର ସବୁ ଦୁଃଖ ଓ ସନ୍ତାପକୁ ଦୂରକୁ ହଟାଇ ପ୍ରେମ ଭରିଦେଇଥିଲେ । ତାଙ୍କସହିତ ତୋର ଜେଜେ ଗତ ୬୦ବର୍ଷ ବିତାଇ ସାରିଲେଣି, କିନ୍ତୁ ସେହି ପ୍ରେମର ମୂଳଦୁଆ ଏତେ ଗଭୀର, ଯେ ଆଜି ମଧ୍ୟ ସେହି ସମ୍ପର୍କର ଡୋରୀ ଖୁବ ଶକ୍ତିଶାଳୀ ଅଛି । ଏହାଶୁଣି ଜେଜେମା କହିଥିଲେ ଆରେ ମା ଶିଶକି, ଯଦି ନଭାଙ୍ଗେ, ତେବେ ଯୋଡିହେବ କେମିତି । ତୋତେ ମୁଁ ଆଉ ଜଣେ ମହାନ ନାରୀର କାହାଣୀ କହିବି । ଶୁଣ ମା, ଧ୍ୟାନ ଦେଇ ଶୁଣ । ସେ ନାରୀଯେ ଆଉ କିଏ ନୁହନ୍ତି, ତୋର ନିଜର ମା, ବିଦ୍ୟା । ଏହାଶୁଣି ବିଦ୍ୟା ଲାଜରେ ସେହିସ୍ଥାନରୁ ଉଠି ଘରମଧ୍ୟକୁ ଚାଲିଯାଇଥିଲେ । ଏତେ ଗୁଡିକ ଗୁପ୍ତ ଖବର ଶୁଣି ବଜ୍ର ଖୁବ ବ୍ୟସ୍ତ, କିପରି ସେ ନିଜର ଶକ୍ତିମାନ ରୂପ ଧାରଣକରି ମହାଲ୍ଲାରେ ଏସବୁ ହାଲ୍ଲା କରିପାରିବେ । କିନ୍ତୁ ଯେହେତୁ ଜେଜେବାପାଙ୍କର ଆଦେଶ, ତେଣୁ ସେ ବହୁତ କଷ୍ଟରେ ଧର୍ଯ୍ୟଧରି ବସିଛନ୍ତି । ଜେଜେମା କହିଚାଲିଲେ କି ଯେଉଁ ସମୟରେ ସେ କଲେଜରେ ସାହିତ୍ୟ ବିଭାଗର ଅଧ୍ୟାପିକା ଥିଲେ, ସେହି ସମୟରେ ତୋର ପିତା ରାଜେଶ ଇଂଜିନିୟରିଂ ପାଠପଢିବାକୁ ଅନ୍ୟ ସହରରେ ରହୁଥିଲେ । ବିଦ୍ୟା'ର ଅଧ୍ୟାପିକା ହିସାବରେ

 Magazine Downloaded from www.aahwaan.com

ମୁଁ ତାଙ୍କୁ ଜଣେ ସୁଶୀଳା, ଜ୍ଞାନୀ ଓ ସୁନ୍ଦର କନ୍ୟା ରୂପରେ ମନରେ ଭାବିନେଇଥିଲି । ସତରେ ମଧ୍ୟ ସେ ସେହିପରି ଥିଲେ । ବିଦ୍ୟା ଜଣେ ସୁନ୍ଦରୀ, ତେଣୁ କଲେଜ ସମୟରେ ଖୁବ ପ୍ରେମିକମାନେ ତାଙ୍କର ଚାରିକଡେ ବୁଲୁଥିଲେ । ଏହା ଶୁଣି ବଜ୍ର ଯେ ଚକିତ । ଶୁଣ, ଶୁଣ, ମହାଲ୍ଲାବାସୀମାନେ, ମୋର ମା'ଙ୍କର କଲେଜ ସମୟର କାହାଣୀ । ଏତିକି କହିଉଠିବା ସମୟରେ ଜେଜେବାପାଙ୍କର ଛଡି ଉଠିବାର ଦେଖି, ବଜ୍ର ପୁଣି ଚୁପ ହୋଇଯାଇଥିଲେ । କଲେଜରେ ସେହିସମୟରେ ଜଣେ ରାଜ୍ୟସ୍ତରୀୟ ମନ୍ତ୍ରୀଙ୍କର ପୁତ୍ର ମଧ୍ୟ ପାଠପଢିବା ପାଇଁ ଦାଖଲା ନେଇଥିଲେ । ସେ ଯେ କେବଳ ସମୟ ବିତାଇବାକୁହିଁ କଲେଜ ଆସୁଥିଲେ । ସେ ମହାଶୟଙ୍କ ନାମ ଥିଲା "ବଦ୍ରୀ" । ମହାଶୟ ଏବଂ ତାଙ୍କର ଚାମଚାଗୋଷ୍ଠିର ପିଲାମାନେ ଖୋଲା ଜିପଗାଡ଼ିରେ କଲେଜ ଆସୁଥିଲେ । ବିଭିନ୍ନପ୍ରକାର ହଙ୍ଗାମା ମଧ୍ୟ୍ୟ କରୁଥିଲେ । ରାଜନୀତିକୁ ବାଦଦେଲେ, ସେମାନେ ସାଧାରଣ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ବହୁତ ଅସୁବିଧାରେ ପକାଉଥିଲେ । ଏହି ସମୟ ବ୍ୟବଧାନରେ ବଦ୍ରୀ'ଙ୍କ ନଜର ପଡିଥିଲା ତୋର ମା ବିଦ୍ୟାଙ୍କ ଉପରେ । ନିଜର ସବୁ ଶକ୍ତି ଲଗାଇ ବଦ୍ରୀ ଯେ ବିଦ୍ୟାଙ୍କ ନିକଟରେ ଆସି ପହଞ୍ଚିଲେ । ବିଦ୍ୟା ଚତୁର୍ଦିଗରୁ ସଂକୁଚିତ ହୋଇଯାଇଥିଲେ କାରଣ ସାଧାରଣତଃ ଜୋର ଯାହାର ମୂଲକ ତାହାର । ବହୁତ ସମୟ ଚେଷ୍ଟା କଲାପରେ ହତାଶ ହୋଇଯାଇ ବିଦ୍ୟା ଆତ୍ମସମର୍ପଣ କରି ବଦ୍ରୀଙ୍କୁ ସତରେ ପ୍ରେମ କରିବାକୁ ଭାବିନେଲେ । ତାଙ୍କର ମନମଧ୍ୟରୁ ବଦ୍ରୀ ପ୍ରତି ଥିବା ରାଗ, ଦ୍ୱେଷ ଇତ୍ୟାଦି ଉଭାନ ହୋଇଗଲା ଏବଂ ଏକ ନୂତନ ଜୀବନର ଆଶା ଓ ଆକାଂକ୍ଷ ନେଇ ବିଦ୍ୟା ସତରେ ପ୍ରେମର ଡେଣା ଲଗାଇ ଉଡିବାକୁଲାଗିଲେ । ବିଦ୍ୟାର ଢଙ୍ଗରଙ୍ଗ, ଚାଲିଚଳଣୀରେ ଖୁବସୁନ୍ଦର ପରିବର୍ତ୍ତନ ଆସିଥିଲା । ସେ ପ୍ରଥମପ୍ରେମର ହସଖୁସି ଭରା ଜୀବନ ଆରମ୍ଭ କରିଥିଲେ । ବଦ୍ରୀ ଥିଲେ ରାଜନୈତୀକ ଘରର ପିଲା, ଯାହାର ମୂଳଦୁଆ କିଛି ଅଲଗା ଇଟାରେ ଗଢାହୋଇଥିଲା । ସେ ବିଦ୍ୟାଙ୍କ ସହିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଳକରିବାକୁ ଚାହୁଁଥିଲେ, ନା କି ସତ୍ୟପ୍ରେମ । ତେଣୁ ବଦ୍ରୀ ଯେଉଁ ସମୟରେ ଜାଣିବାକୁପାଇଲେ ଯେ ବିଦ୍ୟା ତାଙ୍କୁ ସତରେ ପ୍ରେମ କରୁଛନ୍ତି ଏବଂ କଲେଜର ପ୍ରତ୍ୟେକ ପିଲାଯେ ଏସବୁ ଜାଣିସାରିଲେଣି, ସେହି ସମୟରେ ବଦ୍ରୀ ନିଜେ ବିଦ୍ୟାଙ୍କୁ ମଜାଚଖାଇବା ପାଇଁ ଏବଂ ନିଜର ହିଂସ୍ରଇଚ୍ଛାକୁ ପୂରଣକରିବାର ପ୍ରସ୍ତାବଦେଇ ବିଦ୍ୟାଙ୍କର ଅବଳାପଣର ଫାଇଦା ଉଠାଇବାକୁ ଚେଷ୍ଟାକରିଥିଲେ । ବିଦ୍ୟା ତ ସତ୍ୟ ପ୍ରେମରେ ବିଶ୍ୱାସ କରୁଥିଲେ ଏବଂ ମନମଧ୍ୟରେ ସେ ବଦ୍ରୀଙ୍କୁ ସେହି ସ୍ଥାନ ଦେଇଥିଲେ । କିନ୍ତୁ ହବସର ଶୀକାରହୋଇ ବଦ୍ରୀ ଯେ ତାଙ୍କସହିତ ଖରାପ ବ୍ୟବହାର କରିବା ସମୟରେ କଲେଜର କିଛି ଅଧ୍ୟାପକମାନେ ଏହାର ସୂଚନା ପାଇଥିଲେ ଏବଂ ତୁରନ୍ତ ଶ୍ରେଣୀଗୃହରେ ପହଞ୍ଚିଥିଲେ । ସେମାନଙ୍କ ମଧ୍ୟରେ ଜଣେ ଅଧ୍ୟାପିକା ଥିଲେ, ତୁମର ଏହି ଜେଜେମା । ବଦ୍ରୀ ଯେ ବିଦ୍ୟାଙ୍କୁ ଲହୁଲୁହାଣ କରିବାରେ ସାମାନ୍ୟ ଭାବରେ ସକ୍ଷମ ହୋଇଥିଲେ, କିନ୍ତୁ ଅଧ୍ୟାପକ ମଣ୍ଡଳୀକୁ ଦେଖି ସେ ସେଠାରୁ ଲୁଚିଚାଲିଯିବାରେ ସକ୍ଷମ ହୋଇଥିଲେ । କିନ୍ତୁ ଏକା ରହିଯାଇଥିଲେ ବିଦ୍ୟା । ଭୟଭୀତ ଅବସ୍ଥାରେ ସେ ଦୌଡ଼ିଆସି ମୋତେ କୁଣ୍ଢାଇ ପକାଇଥିଲେ । ମୁଁ ଠିକ ଭାବରେ ବୁଝିପାରୁଥିଲି ଯେ ଜଣେ ନାରୀର ଲଜ୍ଜାଉପରେ ନିର୍ଯ୍ୟାତନାର ଦାଗ ଲାଗିଗଲେ କିପରି ଅନୁଭୂତୀ ହୁଏ ? ସେହିଦିନ ମୁଁ ବିଦ୍ୟାକୁ ସେହି ଶ୍ରେଣୀଗୃହରୁ ନିଜର ଶାଲ ଘୋଡେଇ ମୋସହିତ ଏହି ଘରକୁ ଆଣିଥିଲି । ବିଦ୍ୟାଙ୍କୁ ଶାନ୍ତକରିବାର ସବୁ ଚେଷ୍ଟାଯେ ବିଫଳ ହୋଇଗଲା । ବିଦ୍ୟାର ପରିବାର ବ୍ୟସ୍ତ ହେଉଥିବେ । ତେଣୁ ମୁଁ ବିଦ୍ୟାଠାରୁ ତାଙ୍କ ଘରର ଫୋନ ନମ୍ବର ନେଇ ତାଙ୍କର ମା'ଙ୍କୁ କହିଥିଲିଯେ ମୁଁ ବିଦ୍ୟାର କଲେଜର ଅଧ୍ୟାପିକା "ଡାକ୍ତର ସାଗରୀକା ଗୁଲାଟି" କହୁଛି । ବିଦ୍ୟା ଆଜି ମୋତେ ଶିକ୍ଷା ସମ୍ବନ୍ଧୀୟ ସହାୟତା କରିବାପାଇଁ ମୋ ସହିତ ଅଛନ୍ତି । ତେଣୁ ଘରକୁ ଫେରିବାକୁ କିଛିସମୟ ଲାଗିବ । ଆପଣମାନେ ମୋର ଫୋନ ନମ୍ବର ଲେଖିରଖନ୍ତୁ ଏବଂ ସନ୍ଧ୍ୟା ସମୟସୁଧା ମୁଁ ବିଦ୍ୟାକୁ ଘରେ

 Magazine Downloaded from www.aahwaan.com

ଛାଡିଆସିବି । ବିଦ୍ୟାର ମା ବ୍ୟସ୍ତ ହୋଇଥିଲେ କିନ୍ତୁ ବିଦ୍ୟା ସହିତ ପଦେ କଥାହେବାପରେ ସେ ନିଶ୍ଚିତ ହୋଇପାରିଥିଲେ । ମୁଁ ତୋର ଜେଜେଙ୍କ ଅଫିସକୁ ଫୋନକରି ଜଲ୍‌ଦି ଘରକୁ ଆସିବାକୁ କହିଥିଲି । ସେ ତୁରନ୍ତ ଘରେ ପହଞ୍ଚି ସବୁ ବିଷୟ ଜାଣିବାପରେ ଠିକ ଏହିପରି ଭାବରେ ବିଦ୍ୟାଙ୍କୁ ବୁଝାଇଥିଲେ ଯେମିତିକି ଆଜି ତୋତେ ବୁଝାଉଛନ୍ତି, ଶିଶକି । ବିଦ୍ୟା ଶାନ୍ତ ହେବାପରେ ଆମେ ଦୁହେଁ ତାଙ୍କୁ ଘରେ ଛାଡିଆସିଲୁ । ମୋର ସେହି ଶାଲଟି ବିଦ୍ୟା ପାଖରେ ଉଦ୍ଧାର ରହିଥିଲା । କିଛିଦିନ ବିତିଗଲା । ଧୀରେ ଧୀରେ ବିଦ୍ୟା ସେହି ସଦମାରୁ ବାହାରିପାରିଲେ । ସେ ମୋର ଛାତ୍ରୀ କମ, ବାନ୍ଧବୀ ଅଧିକ ହୋଇଯାଇଥିଲେ । ତେଣୁ କଲେଜ କ୍ୟାଣ୍ଟିନରେ ମୋ ସହିତ ଅଧିକ ସମୟରେ ବିଦ୍ୟା ଦିଶୁଥିବାରୁ ସମସ୍ତ ଅଧ୍ୟାପକମଣ୍ଡଳୀ କହୁଥିଲେଯେ ବିଦ୍ୟା ତ ସାଗରୀକା ମାଡାମଙ୍କର ଝିଅ । କଥାଟି ମୋର କାନରେ ପଡିଥିଲା । ମୋର ମନମଧ୍ୟରେ ଏକ ଆଶାର ଅଂକୁର ଜନ୍ମ ନେଇଥିଲା ।

ହୋଲି ପର୍ବର ଛୁଟିରେ ରାଜେଶ ଘରକୁ ଆସିଥିଲେ । ମୁଁ ଓ ତୋର ଜେଜେ, ଦୁଇଜଣ ମିଶି ନିଷ୍ପତ୍ତି କରିଥିଲୁ ଯେ ଜଣେ ସହୃଦୟ ବ୍ୟକ୍ତିଙ୍କୁ ଖୋଜିବାର ଅଛି, ଯେକି ବିଦ୍ୟା ପରି ପବିତ୍ର ହୃଦୟଧାରୀ କନ୍ୟାର ଉପଯୁକ୍ତ ହୋଇପାରେ । ତର୍କ ବିତର୍କ ମଧ୍ୟରେ ନାମଟି ଉଠିଆସିଥିଲା ଯେ ରାଜେଶଠୁ ଅଧିକ ହୃଦୟବାନ ବ୍ୟକ୍ତି ଆଉ କିଏ ହୋଇପାରିବେ । ତେଣୁ ବିଦ୍ୟାକୁ ହୋଲିପର୍ବରେ ଏହି ଘରକୁ ନିମନ୍ତ୍ରଣ କରାଯାଇଥିଲା ଏବଂ ସାଥୀରେ ତାଙ୍କର ମାତା ଓ ପିତାଙ୍କୁ । ହୋଲିପର୍ବ ପାଳନକରିବା ମଧ୍ୟରେ ବିଦ୍ୟା, ରାଜେଶ ସହିତ ଦେଖା ହୋଇଥିଲେ । ସେହିଦିନର କାହାଣୀ ଆଜିମଧ୍ୟୟ ମୋର ଆଖିରେ ଅଶ୍ରୁ ଭରିଦିଏ । ବିଦ୍ୟା ଖୁବ ଭୟଭୀତ ହୋଇ ଆଉ ପ୍ରେମରେ ବିଶ୍ୱାସ କରୁନଥିଲେ । ରାଜେଶ ପ୍ରେମର ବିଚାରଧାରା ମନରେ ଆଣିନଥିଲେ । ନିଜର ଶିକ୍ଷାରେ ଖୁବ ବ୍ୟସ୍ତଥିଲେ । ରଙ୍ଗଖେଳରେ ସମସ୍ତେ ଗୁଲାଲ ପରି ରଙ୍ଗୀନ ହୋଇଯାଇଥିଲେ । ଏହି ସମୟରେ ମୁଁ ରାଜେଶଙ୍କୁ ପ୍ରଶ୍ନ

 Magazine Downloaded from www.aahwaan.com

କରିଥିଲି ଯେ ବିଦ୍ୟା ମୋର ଖୁବ ପସନ୍ଦ । ମୋର ଛାତ୍ରୀ ସେ, ସଚ୍ଚରିତ୍ରବାନ ଓ ସରଳ ହୃଦୟଧାରୀ । ଥରେ ସେ ପ୍ରେମରେ ଧୋକା ପାଇଛନ୍ତି ଏବଂ ତାଙ୍କର ଶାରୀରିକ ଆଘାତ ହେବା ସମୟରେ ମୁଁ ହିଁ ତାଙ୍କୁ ଉଦ୍ଧାର କରିଥିଲି । ସେହି ଆଘାତରେ ଭାଙ୍ଗିଯାଇଥିବା ହୃଦୟଟିକୁ ଯଦି କୌଣସି ବ୍ୟକ୍ତି ନିଜର ସତ୍ୟପ୍ରେମର ସହାୟତାରେ ଯୋଡ଼ିପାରେ, ହୁଏତ ଏକ  ମହାନ ନାରୀ ରୂପରେ ବିଦ୍ୟା ସେବ୍ୟକ୍ତିର ଜୀବନକୁ ସର୍ବଦା ଆଲୋକିତ କରିପାରିବେ । ମୁଁ ଜଣେ ସେହିପରି ହୃଦୟବାନ ବ୍ୟକ୍ତିଙ୍କୁ ଖୋଜୁଛି ଏବଂ ଏଥିଲାଗି ମୋତେ ତୁମର ସହାୟତା ଦରକାର । କିଛି ନଭାବି ରାଜେଶ କହିଥିଲେ ମା, ତୁମେ ମୋତେ ଭରୋସା କର ? ମୁଁ ଯେ ତୁମକୁ ଖୁବ ବିଶ୍ୱାସ ଓ ଭରଷା କରେ । ଯେହେତୁ ତୁମକୁ ବିଦ୍ୟା ଖୁବ ପସନ୍ଦ, କଣ ଏହି ଦାଇତ୍ୱ ତୁମେ ମୋତେ ଦେଇପାରିବ ? ଆଖିରୁ ଖୁସିର ଲୁହ ଝରିପଡିଥିଲା ଏବଂ ସେହିଦିନରୁ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଥିଲା । ସେହି ପ୍ରେମକାହାଣୀଟି ଏକ ସୁନ୍ଦର ଶାଶ୍ୱତ ପ୍ରେମର ଉଦାହରଣ । ରାଜେଶ ଇଞ୍ଜିନିଅରିଙ୍ଗ ଶିକ୍ଷାସାରି ଏହି ସହରରେ ଚାକିରୀ କଲେ ଏବଂ ବିଦ୍ୟା ସବୁଦିନପାଇଁ ମୋର ଛାତ୍ରୀରୂପରୁ ବଧୂ ଓ କନ୍ୟା ରୂପରେ ଏହି ଘରକୁ ଆସିଥିଲେ । ତେଣୁ ଶିଶକି, ତୁ ମା'ର ଭାଙ୍ଗିଯାଇଥିବା ହୃଦୟର ଉଦାହରଣ ଦର୍ଶାଇଚାଲିଛୁ, କିନ୍ତୁ ତୋର ମହାନ ପିତାଙ୍କର ଯୋଡିବାର ଶକ୍ତିର ଉଦାହରଣ ଏପର୍ଯ୍ୟନ୍ତ କାହିଁକି ଦେଖାଉନୁ ? ଏହା ଶୁଣି ବଜ୍ର ଓ ଶିଶକି ଆଚମ୍ବିତ । ଜେଜେମା କୋଳରୁ ଉଠିଆସି ଶିଶକି ନିଜ ବାପାଙ୍କୁ କୁଣ୍ଢାଇପକାଇଥିଲେ ଏବଂ ଏତେ ସୁନ୍ଦର ମା ପାଇଥିବାରୁ ତାଙ୍କୁ ଖୁବ ଧନ୍ୟବାଦ ଦେଇଥିଲେ । ପିଲାଦୁହେଁ ମା ବିଦ୍ୟାଙ୍କ ପାଖକୁ ଦଉଡିଯାଇ କହିଲେକି ସେ ମହାନ ନାରୀଙ୍କର ହୃଦୟକୁ ଆଉ କେହିବି କେବେ ଭାଙ୍ଗିପାରିବେନାହିଁ । ଶିଶକି ବୁଝିପାରିଥିଲେ ଯେ ଭାଙ୍ଗିବାଠାରୁ ଅଧିକ ଶକ୍ତିଯେ ଯୋଡ଼ିବାରେ । ସେ ନିଜ ପରିବାରର ସ୍ନେହ ଓ ପ୍ରେମରେ ନିଜକୁ ଯୋଡି ରଖିପାରିବେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଜି ବଜ୍ର ମଧ୍ୟ ଭାଙ୍ଗିବା ଓ ଯୋଡିବା ମଧ୍ୟରେ ପାର୍ଥକ୍ୟ ବୁଝିପାରିଥିଲେ । ଜେଜେବାପା ତାଙ୍କୁ ଶିକ୍ଷା ଦେଇଥିଲେ ଯେ ଘରର ସବୁକଥା ବାହାରେ କହିଲେ, ଅଶାନ୍ତି ସୃଷ୍ଟିହୁଏ ଏବଂ ଲୋକ ନଜରରେ ଘରର ମାନ ସନ୍ମମାନ ନଷ୍ଟହୋଇଥାଏ । ତେଣୁ ବଜ୍ର, ତୁମକୁ ନିଜର ଚରିତ୍ର ପରିବର୍ତ୍ତନ କରି "ଟୟଷ୍ଟୋରୀ"ର "ଉଡ୍ଡୀ" ପରି ଇଣ୍ଟେଲିଜେଣ୍ଟ ବନିବାକୁ ହେବ । ପରଦା ପଛର କାହାଣୀ ସର୍ବଦା ପରଦା ପଛରେ ରହିବା ଉଚିତ । ମହାଲ୍ଲାର ପିଲାଠୁ ବୁଢା ପର୍ଯ୍ୟନ୍ତ ଏବେ ଗୁଲାଟି ପରିବାରର ଗୁପ୍ତ ସମାଚାର ପାଉ ନଥିବାରୁ ଖୁବ ବ୍ୟସ୍ତ । ସେମାନେ ବଜ୍ରଙ୍କୁ ଘୁସ ଦେବା ଭାବରେ ଚକୋଲେଟ ଦେଇଚାଲିଛନ୍ତି । ବଜ୍ର ବର୍ତ୍ତମାନ "ଉଡ୍ଡୀ", ତେଣୁ ସେ ଚକୋଲେଟଟି ନେଇ ଆସନ୍ତି ଏବଂ ତାହାବଦଳରେ ଏମିତି ମିଛ କାହାଣୀ ଶୁଣାଇ ଆସନ୍ତି, ଯାହାକୁ ବୁଝିବା ଖୁବ କଷ୍ଟକର । ତେଣୁ ସତରେ "ବଜ୍ରରଙ୍ଗବାଲୀ" ନାମର ପାରଙ୍ଗମ ଦର୍ଶାଇ ଥିବାରୁ ଜେଜେବାପା ଖୁବ ଖୁସି ।

ବ୍ରୁନେଇ

Magazine Downloaded from www.aahwaan.com

# ଅକ୍ଷୟ ତୃତୀୟା



ସୀତାରାମ ଦାଶ

ଆଜି ଅଫିସ ଛୁଟି, ଘରେ ବସି ବସି ବିରକ୍ତ ଲାଗିଲାଣି । ଏ ଭୀଷଣ ଗରମରେ କୁଆଡେ ଯିବା ? ଶେଷରେ ରୋହିତ ପରିବାର ସହ ବାହାରିଲା ମଲ୍ କୁ । କିଛି ଘରୋଇ ଜିନିଷ କିଣିବା ସହିତ ବୁଲାବୁଲି ବି ହୋଇଯିବ । ମଲ୍ ଟି ଅନେକ ମନଲୋଭା ଜିନିଷରେ ଭର୍ତ୍ତି । ଲୁଣ ତେଲ ଠୁ ଆରମ୍ଭ କରି ପ୍ୟାଣ୍ଟ ସାର୍ଟ ପର୍ଯ୍ୟନ୍ତ । କିଣୁ କିଣୁ ଅନାବଶ୍ୟକ ଜିନିଷ ଗୁଡାଏ କିଣି ହୋଇଗଲା । ପାଖରେ ATM ଏବଂ ସ୍ତ୍ରୀ ଉଭୟ କିଣିବାରେ ବି ଉତ୍ସାହିତ କରୁଥାନ୍ତି ।

ଫେରିଲା ବେଳକୁ ବାଟରେ ଜଣେ ଶାଗ ବିକ୍ରୀ କରୁଥିଲା ରାସ୍ତା କଡରେ ଠେଲା ଗାଡିଟିଏ ଧରି । ସ୍ତ୍ରୀ କହିଲେ ଶାଗ ନେବା, ଆଜି ଅଖି ତୃତୀୟା ଅରୁଆ ଭାତ, ଡାଲମା, ଶାଗ ଭଜା ଆଉ ଖଟା ପୁରା ଦେଶୀ ଖାଦ୍ୟ । ଗାଡିଟି ରଖିଲେ ରୋହିତ, ପଚାରିଲେ ଶାଗ ଦାମ କେତେ ? ? ଲୋକଟି ଉତ୍ତର ଦେଲା ବିଡା ଦଶ ଟଙ୍କା । ରୋହିତ କହିଲେ କୋଡିଏ ଟଙ୍କାରେ ତିନି ବିଡା ଦେ, ନ ହେଲେ ଥାଉ ।

ଲୋକଟି ଅନିଚ୍ଛା ସତ୍ତ୍ୱେ ଦେଲା, କାରଣ ରାତି ନଅ'ଟା ହେଲାଣି, ଏବେ ବି ଅଧା ଶାଗ ବିକ୍ରି ହେବାକୁ ବାକି ଅଛି । ଖରା ଦିନ କାଲିକି ଶୁଖିଯିବ । ଘରେ ପିଲା ଛୁଆ ଅପେକ୍ଷା କରିଥିବେ । ଶହେ ଟଙ୍କାର ଶାଗ ବିକ୍ରି ହୋଇନି । ଆଜି ଅଖି ତୃତୀୟା, ଶାଗ ଆଣିକି ଆସିଲା ବେଳେ ସ୍ତ୍ରୀ କହିଥିଲା ଛୁଆଙ୍କ ପାଇଁ କଣ ଟିକେ ଆଣିକି ଆସିବ । ଏ ସବୁ ଭାବିଲା ବେଳେ ସେ କାନ୍ଦ କାନ୍ଦ ହୋଇଗଲା କିନ୍ତୁ କାନ୍ଦି ପାରିଲାନି । କୋଡ଼ିଏ ଟଙ୍କାରେ ତିନି ବିଡା ଶାଗ ନେଇ ଗଡ଼ ଜିତିଲା ଭଳି ଖୁସିରେ ରୋହିତ ଫେରିଥିଲେ ଘରକୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଉସୀ



ନାରାୟଣ ଚନ୍ଦ୍ର ସେନାପତି

ପ୍ରୀତିର ଉଜାଣି ସୁଅରେ ସତେ ଯେମିତି ଭାସୁଥିଲା ସ୍ନେହର ନୌକା । ତରଙ୍ଗର ସର୍ବାଙ୍ଗ ଶରୀରରେ ଖେଳୁଥିଲା ଉତ୍କଣ୍ଠାର ଚମକ । ଚଇତା ନଦୀକୂଳରେ ବସି ଖାଉଥିଲା ଶୀତୁଆ ପବନ ଆଉ ଭାବୁଥିଲା ଅସୀମ, ଅସୁମାରୀ ଆଶାର ଗମ୍ଭୀରି ଭିତରେ ପଶି । ହଠାତ୍ ପୁତୁରା ଅମୀତ ଆସି କହିଲା, କକା ତୁମର କୋରିଅରରେ କଣ ଆସିଛି । ଉତ୍କଣ୍ଠାର ଖେଳ ପଡ଼ିଆରେ ସତେ ଯେମିତି ସେ କରୁଥିଲା ଆନନ୍ଦର ମାରାଥନ ଦୌଡ଼ । ଏଇ କେତେଦିନ ହେବ ଦେଇଥିଲା ରେଲୱେ ବିଭାଗର ପରୀକ୍ଷା, ସେଥିରେ ସେ ପାସ କରିଯାଇଛି କି ? ଯଦି ହୋଇଥାଏ ତେବେ ଭଗବାନ ତା ଆଶା ପୂରଣ କଲେ । ପାଇବ ଚାକିରୀ । ପୁରି ଉଠିବ ତା ବହୁ ପ୍ରତୀକ୍ଷିତ ଆଶା । ସ୍ୱପ୍ନ ରାଇଜରେ ଗଢ଼ିବ ତା କେତେ ଛୋଟ ଛୋଟ ଆକାଂକ୍ଷାର ବାଲିଘର । ଘରକୁ ଆସି କୌତୁହଳରେ ଦେଖିଲା । ସେଥିରେ ଥିଲା ତା ନୂଆ ଚାକିରୀ ପାଇଁ ଆପଏଣ୍ଟମେଣ୍ଟ ଲେଟର । ଜଏନ କରିବ ସାତଦିନ ଭିତରେ ଯାଜପୁର ରେଲୱେ ଷ୍ଟେସନରେ ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଭାବରେ । ବାପା ମା, ସାଙ୍ଗ ସାଥି ସାହି ଭାଇ ସମସ୍ତଙ୍କୁ ଜଣାଇ ପ୍ରେମ ସ୍ନେହ ଭିକ୍ଷା ଗ୍ରହଣ କଲା । ପ୍ରସ୍ତୁତ ହେଲା ଜଏନ କରିବାକୁ ତା ପୁରୁଣା ପରିଚିତ ଐତିହାସିକ ଯାଜପୁର ସହରରେ ଯାହା ସହ ତାର ଅନେକ ସ୍ମୃତି ଯୋଡି ହୋଇ ଯାଇଛି ।

ତାପରଦିନ ପାହାନ୍ତାରୁ ଉଠି ସ୍ନାନ ଶୌଚ ସାରି ଛୋଟ ଲଗେଜ ବ୍ୟାଗ ନେଇ ଚାଲିଲା ଜଏନ କରିବ ତା ନୂତନ କର୍ମସଂସ୍ଥାନରେ । ରେଲୱେ ଷ୍ଟେସନରେ ପହଞ୍ଚି ଧରିଲା ଟ୍ରେନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଟ୍ରେନରେ ବସି ଭାବୁଥିଲା ତା କଲେଜ ଜୀବନର କିଛି ସ୍ମୃତି । ସେଇ ନଦୀ, ସେଇ ଜଙ୍ଗଲ ଆଉ ଏସବୁକୁ ପାର ହୋଇ ଯାଉଥିଲା ସେ ପଢିବାକୁ ବ୍ୟାସନଗର କଲେଜକୁ । କାଲି ପରି ପଢ଼ା ସରିଲା ପରେ ସେ ଫେରିଯାଇଥିଲା ଏଇ ଟ୍ରେନରେ । ଏଇ ଟ୍ରେନ ଥିଲା ମୂକସାକ୍ଷୀ ଭାବୁଥିଲା ଆଉ ଏଠାକୁ ଆସିବାର ସୌଭାଗ୍ୟ କଣ ମିଳିବ ? ମା ବିରଜାଙ୍କ ଲୀଳା, ଆଜି ସେଠାରେ ମିଳିଲା ଚାକିରୀ । ପହଁଚିଗଲା ଷ୍ଟେସନରେ । ସଂଗେ ସଂଗେ ଚାଲିଗଲା ଅଫିସ । ଜଏନ କରି ବହୁତ ଖୁସି ହେଲା ସେ । ସେଦିନ ଅଫିସରେ ପ୍ରଥମ ଚାକିରୀର ପ୍ରଥମ ଅଭିଜ୍ଞତା ଥିଲା ମନ ମୁଗ୍ଧକର । ଚାରିଟା ବେଳେ ପ୍ଲାଟଫର୍ମରେ ବୁଲୁବୁଲୁ ମନେପଡ଼ିଗଲା ତାର ଅତି ଆପଣାର ମାଉସୀ କଥା ।

ବାସ୍ତବରେ ସେ ଥିଲା ବହୁତ ଗରିବ । ଘରେ କେଇଟା ଟଙ୍କା ଦେବାକୁ କଷ୍ଟ ହେଉଥିଲା ବାପା ମାଆଙ୍କୁ । କଲେଜ ଫି, ମେସ ଚାର୍ଜ ଦେବା ବହୁତ କଷ୍ଟକର ହେଲା । ଶେଷରେ କଲା ଟ୍ୟୁସନ । ପୁଣି କଲେଜର ହେଡ କ୍ଲର୍କ ମଲ୍ଲିକ ବାବୁଙ୍କ ଘରେ । ସେଦିନ କଲେଜ ଅଫିସରେ କେଇପଦ କଥାରେ ଚଇତାର ଅଭାବ କଥା ଶୁଣି ଡାକି ଆଣିଥିଲେ ଘରକୁ । ଛୋଟ ଛୋଟ ପୁଅ ଦୁଇଟି ତାଙ୍କର କୁନା ଆଉ ମୁନା । ବହୁତ ଦୁଷ୍ଟ, ପାଠପଢ଼ା କଥା କହିଲେ ଲୁଚନ୍ତି । ମା ବିମଳା ଦେବୀ ଭାରି ସ୍ନେହୀ । ଏତେ ଗେହ୍ଲା କରିଛନ୍ତି ଯେ ସେମାନେ କିଛି ମାନନ୍ତି ନାହିଁ । ବିମଳା ଦେବୀ ସ୍ୱାମୀ ଅଶୋକଙ୍କୁ କହିଥିଲେ ଜଣେ ଟ୍ୟୁସନ ମାଷ୍ଟର ଆଣିବାକୁ । ମଲ୍ଲିକ ବାବୁ ଡାକି କହିଲେ, ବିମଳା... ଦେଖ ତୁମ ଗୁଣବନ୍ତ ପୁଅ ମାନଙ୍କ ପାଇଁ ଜଣେ ଭଲ ସାର୍ ଆଣିଛି । ବିମଳା ଦେବୀ ତାଙ୍କୁ ଆଦରରେ ଘର ଭିତରକୁ ନେଇଗଲେ । ସୁନ୍ଦର ସ୍ୱାଦିଷ୍ଟ ଜଳଖିଆ ଦେଲେ ଓ ମଧୁର ଭାବରେ ଦୁଇପଦ କଥା ହେଲେ । ସେଇଦିନଠୁ ସେ ହେଲେ କୁନାମୁନାଙ୍କର ଟ୍ୟୁସନ ମାଷ୍ଟର । ବହୁତ ଭଲ ପାଠ ପଢ଼ାଇଲେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ ବି ବହୁତ ଭଲ ପଢିଲେ । ବିମଳା ଦେବୀ ବହୁତ ଖୁସି । ତା ଭିତରେ ଚଇତାର ମାଉସୀ ଡାକ ତାଙ୍କୁ ବିମୋହିତ କରିଥିଲା । ଏତେ ଆଦର କରୁଥିଲେ ଚଇତାକୁ ଯେ ଯିଏ ଭାବିବି ସେ ତାଙ୍କ ନିଜ ବଡ ପୁଅକୁ ଆଉ । ଆଜି ସେଇ ମାଉସୀ ଘରକୁ ଯିବ । ଯେଉଁଦିନ ସେ ଯାଜପୁର ଛାଡିଥିଲା ତା ମାଉସୀ କହିଥିଲେ, ଚଇତା, ତୁମେ ବଡ଼ ହୋଇ ଚାକିରୀ କଲେ ଏ ମାଉସୀଟାକୁ କେବେ ମନେ ପକାଇବ ନା ? ସେ କହିଥିଲା, ଦେଖିବେ ମାଉସୀ, ମୁଁ ଚାକିରୀ କଲେ ପ୍ରଥମେ ଆପଣଙ୍କୁ ଦେଖା କରିବାକୁ ଆସିବି । ସେ ଏବେବି ଭୁଲିନାହିଁ ସେ କଥା । ଚାଲିଲା ମାଉସୀ ଘରକୁ । ଅବଶ୍ୟ ପାଖାପାଖି ଆଠ ବର୍ଷ ହେବ ସେ ଆଉ ଯାଇନାହିଁ ସେଠାକୁ । ମାଉସୀ ଆଉ ତାକୁ କଣ ମନେ ରଖିଥିବେ ? ଏଇମିତି ଭାବି ଆସି ପହଁଚିଲା ତାଙ୍କ ଗେଟ୍ ପାଖରେ । ହାତରେ ନେବାକୁ ଭୁଲି ନ ଥାଏ ମାଉସୀଙ୍କ ପ୍ରିୟ ଛେନା ମୁଡ଼କୀ ।

ଡାକିଲା ମାଉସୀ.....ମାଉସୀ । କିଛି ଉତ୍ତର ନାହିଁ । ପୁଣି ଡାକିଲା ମାଉସୀ... ମାଉସୀ.. ମୁଁ ଚଇତା ଆସିଛି । କିଛି ଉତ୍ତର ନାହିଁ ।

ଚଇତା ମନରେ ଏକ ଆଶଙ୍କା ଆସିଲା, ସେଇ ଗେଟ୍, ସେଇ ଜାଗା, ସେଇ ବଉଳ ଗଛ ମୁଳ, ସେ ତ ଭୁଲ ଜାଗାକୁ ଆସିନାହିଁ, ହେଲେ ମାଉସୀ କାହିଁକି ଆସୁନାହାନ୍ତି ? ଏଇ କାଲି ପରି ତା ମନରେ ଉଙ୍କି ମାରୁଛି । ସେ ତାଙ୍କ ଘରକୁ ଆସିଲା ବେଳେ ଗୋଟିଏ ଡାକ ମାରିଥିବେ, ଆସୁଛି ଆସୁଛି କହି ଦଉଡି ଆସି ଖୋଲନ୍ତି ସରାଗରେ ତାଙ୍କ ଗେଟ୍ । ଆଉ ପାଛୋଟି ନିଅନ୍ତି ଆଗେ ଡ୍ରଇଂ ରୁମକୁ । ଭଲ ଜଳଖିଆ ଖାଇବାକୁ ଦେଇ ପାଖରେ ବସି ଦି ପଦ ଭଲମନ୍ଦ ପଚାରନ୍ତି ଓ ପରେ ସେ ପଢ଼ାନ୍ତି କୁନା ମୁନାକୁ । ସେ ଟିକେ ଲାଜକୁଳା ହେଲେ ମାଉସୀ ଏତେ ସ୍ନେହୀ ଏତେ ନିଜ ପରି ବ୍ୟବହାର କରନ୍ତି ଯେ, ସେ କେବେ କାଟିପାରେନାହିଁ ତାଙ୍କ କଥା । ହେଉ ମଉସା ତ ଥିବେ ସେ ବି ନାହାନ୍ତି । ମଉସା ଟିକେ ଚୁପ ଚାପ ହେଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ତରରେ ଅନ୍ତରେ ଶ୍ରଦ୍ଧା । କିଛି ସମୟ ପରେ ଆସିଲା ମୁନା । ଗେଟ୍ ଖୋଲି ଜୁହାର ହେଲା । ବଡ଼ ପିଲାଟେ ହୋଇଗଲାଣି । ନଣ୍ଡା ହୋଇଛି ତେଣୁ ଜାଣିପାରିଲା ନାହିଁ ସେ । ଆସନ୍ତୁ କହି ଡାକି ନେଲା ସେ ତା ମାଉସୀର ଘରକୁ । ବେଡ଼ ପାଖ ଚେୟାରରେ କହିଲା ବସନ୍ତୁ । ସେ ମାଉସୀଙ୍କୁ ନମସ୍କାର ମାରି ବସିଲା । ମାଉସୀ ବସିଥାନ୍ତି ବେଡ଼ରେ । ମନରେ ସରସତା ନାହିଁ କି ଫୁର୍ତ୍ତି ବି ନାହିଁ । ସେ ସ୍ଥାନ ବି ଲାଗୁଥାଏ ଶୁଷ୍କ ଶୁଷ୍କ । ସେ ମୁନାକୁ ଡାକି ଦେଲା ମିଠା । କହିଲା ମାଉସୀ, ଆପଣଙ୍କ ଆଶୀର୍ବାଦ ଯୋଗୁଁ ମୁଁ ପାଇଛି ଏଇ ରେଲୱେରେ ଚାକିରୀ, ଆଜି ଜଏନ କରିଛି । ଭାବିଲି ଆପଣମାନଙ୍କୁ ଜଣାଇ ଦିଏ, ଚାଲି ଆସିଲି । ମାଉସୀ ଫିକା ହସରେ ବହୁତ ଭଲ ବୋଲି କହିଲେ । ଚଇତା ଏପଟ ସେପଟ ବାରମ୍ବାର ଅନାଇ ଖୋଜୁଥାଏ କାହାକୁ, କାହାକୁ ବା କଣ, ତା ମଉସାକୁ ଯିଏ ତାକୁ ଏ ଘରକୁ ଡାକିଆଣିଥିଲେ । ଚଇତା, କହିଲା ମାଉସୀ.... ମଉସା ନାହାନ୍ତି କି, କାହିଁ ଦିଶୁନାହାନ୍ତି ? ଛଳ ଛଳ ଆଖିରେ ବିମଳା ଚାହିଁଲା କାନ୍ଥ ଉପରି ଭାଗକୁ । ଚଇତା ଦେଖି ଚମକି ଉଠିଲା । ମଉସାଙ୍କ ଫଟୋ ଚିତ୍ରରେ ଫୁଲମାଳ । ଭୋ ଭୋ ହୋଇ କାନ୍ଦିପକାଇଲା । ଏସବୁ ଗାଡି ଦୁର୍ଘଟଣାରେ ବୋଲି ସେ ଜାଣିଲା । ତାର ଗୋଟିଏ ଖୁସିର ଅତଡା ଖସି ପଡ଼ିଲା । ପୁଣି କେବେ ଆସିବ କହି ନମସ୍କାର ଜଣାଇ ଚାଲିଗଲା, ପିଛାକୁ ଚାହିଁ ଦେଖିଲା ମାଉସୀ ତା ପଛରେ ଆସୁନାହାନ୍ତି । ତା ମନରେ ଏକ ପ୍ରଶ୍ନ ଉଙ୍କି ମାରିଲା, ଯେଉଁ ମାଉସୀ ଡାକ ଶୁଣି ଗେଟ୍ ଖୋଲନ୍ତି, ଆଜି ତାହା ସେ ପାଇଲା ନାହିଁ, ହେଲେ ସେ ଗଲାବେଳେ ବି ପଛରେ ଯାଇ ବାଟେଇ ଦିଅନ୍ତି । ଅବଶ୍ୟ ମନଦୁଃଖ ଯୋଗୁଁ ଆସିଲା ବେଳେ ଗଲେନାହିଁ, ହେଲେ ସେ ଘରୁ ଯାଉଛି ଅତି କମରେ ଟିକେ ପଛରେ ଆସିବା କଥା, କିନ୍ତୁ... । ସେ ଫେରିଲା, ଭାବିଲା ନ କହିଲେ ଅବଶୋସ ରହିଯିବ । ପିଛାକୁ ଫେରି କହିଲା, ମାଉସୀ ଆପଣ ଟିକିଏ ବଦଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଛନ୍ତି, ମୋ ଡାକ ଶୁଣିଲେ ଆପଣ ଦଉଡି ଯାଆନ୍ତି, ଆଉ ମୁଁ ଗଲାବେଳେ ବି ବାଟେଇ ଦିଅନ୍ତି କିନ୍ତୁ ଆଜି... ଏ ବ୍ୟତିକ୍ରମ ମୋତେ ବହୁତ ବାଧିଲା । ଏତିକି ଶୁଣିଲାପରେ ବିମଳା ଦେବୀ ନିଜ ଗୋଡ଼ ଉପରେ ପକାଇଥିବା ଚଦରଟାକୁ ଖୋଲିଦେଲେ । ଚଇତା ଦେଖି ଚିତ୍କାର କଲା । ଗୋଟିଏ ଗୋଡ଼ ଜଂଘଠାରୁ ନାହିଁ, କଟାଯାଇଛି । ଚିତ୍କାର କଲା ଚଇତା । ବହୁତ ବୁକୁ ଫଟାଇ କାନ୍ଦିଲା ସେ । କାନ୍ଦିଲେ ବିମଳାଦେବୀ । ଖାଲି ସେତିକି ନୁହଁ କାନ୍ଦିଲା ସେ ପରିବେଶ, ପରିବେଷ୍ଟନୀ ଓ ପ୍ରକୃତି । ଭୋ ଭୋ କାନ୍ଦି ଏକମୁହାଁ ହୋଇ ଚାଲିଗଲା ଚଇତା... ଆଉ ସେଦିନୁ କେବେ ବି ଫେରିଲାନାହିଁ ମାଉସୀର ଏ ଦୁରବସ୍ଥା ଦେଖିବାକୁ ।

*ନାରାୟଣ ଚନ୍ଦ୍ର ସେନାପତି, ଜମ୍ବରା,କେନ୍ଦୁଝର*

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫଣୀ



ଦୀପକ ଷଡ଼ଙ୍ଗୀ

ଫଣି ବାତ୍ୟାର ପରଦିନ ଦଶ ବର୍ଷର ରିଙ୍କୁ ସମାଜ ଖବରକାଗଜର ସବୁ ପୃଷ୍ଠାକୁ ତନ୍ନତନ୍ନ କରି ଓଲଟାଇ ପଢି ଚାଲିଥିଲା ପ୍ରକୃତିର କରାଳ ରୁପକୁ । ୩ ମେ ୨୦୧୯ ଫଣିର ଧ୍ୱଂସଲୀଳା ସବୁକୁ ଫୋଟୋ ସହିତ ସ୍ଥାନ ଦେଇଥିଲା ଖବର କାଗଜ ସମାଜ । ଫୋଟୋ ସବୁକୁ ଦେଖିକି ସେ ଯେତିକି ଭୟଭୀତ ହେଉଥିଲା ସେତିକି ତାର ଉତ୍କଣ୍ଠା ବଢିବଢି ଚାଲିଥିଲା ତା ଜେଜେଙ୍କୁ ଏ ସବୁ ବିଷୟରେ ପଚାରି ବୁଝିବା ପାଇଁ । ଦୁଇ ଦିନ ହେବ ଘରେ ଲାଇନ ନାହିଁ, ଇନଭର୍ଟରରେ ଯେତିକି ଚାର୍ଜ ଥିଲା ସେ ବି ସରିଆସିଲାଣି, ପିଇବା ପାଇଁ ପାଣିର ବି ଘୋର ଅଭାବ । ବାପା ତା'ର ଭୁବନେଶ୍ୱର ଖଣ୍ଡଗିରି ପଟେ ପାଞ୍ଚ ମହଲା ଉପରେ ବଡ କଷ୍ଟରେ ଫ୍ଲାଟ ଖଣ୍ଡେ କିଣିଥିଲେ ଦୁଇ ବର୍ଷ ତଳେ । କେବେ କୌଣସି ଅସୁବିଧା ହୋଇନି । କିନ୍ତୁ ଏ ବାତ୍ୟା ଯେ ଏମିତି ରୂପରେ ଆସିବ ତାହା ଥିଲା ସମସ୍ତଙ୍କର କଳ୍ପନାତୀତ । ଦଉଡ଼ିଯାଇ ରିଙ୍କୁ ତା ଜେଜେଙ୍କ ପାଖରେ ପହଞ୍ଚିଲା । ପଚାରିଲା, "ଜେଜେ ଏ ବାତ୍ୟା କାହିଁକି ହୁଏ ?" ଜେଜେ ତା'ର ଉତ୍କଣ୍ଠାର ଅନ୍ତ କରିବାକୁ ଯାଇ କହିଲେ, "ତୁ ତ ଜାଣୁ ଆମ ରାଜ୍ୟ ଓଡିଶାର ପୂର୍ବ ପଟେ ବଙ୍ଗୋପସାଗର ଅଛି । ସମୁଦ୍ରର ମଝିରେ ଗୋଟେ ଅଂଶ ଯେତେବେଳେ ଅତ୍ୟଧିକ ଉତ୍ତପ୍ତ ହୋଇଯାଏ ସେତେବେଳେ ସମୁଦ୍ରର ପାଣି ବାଷ୍ପ ହୋଇ ଉପରକୁ ଉଠିଯାଏ ଏବଂ ଆକାଶର ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ତାହା ଜମା ହୋଇ ରହିଯାଏ ଏବଂ ସେଥିରେ ଅସଂଖ୍ୟ ଛୋଟ ଛୋଟ ବାଷ୍ପ କଣା ମାନ ରହିଯାଆନ୍ତି । ସେହି କଣାମାନଙ୍କୁ ଭରିବା ପାଇଁ ବାୟୁ ମଣ୍ଡଳରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାୟୁ ଆସି ସେହି ଜାଗାରେ ରହିଯାଏ । ଯାହା ଫଳରେ ସେଇ ଜାଗାରେ ସମୁଦ୍ର ଉପରେ ଏକ ଚାପ ସୃଷ୍ଟି ହୁଏ । ଜଳୀୟବାଷ୍ପ ଓ ବାୟୁ ଦ୍ୱାରା ନିରବଚ୍ଛିନ୍ନ ଭାବରେ ଏହା ହେଉଥିବାରୁ ଧିରେ ଧିରେ ଏହା ସମୁଦ୍ର ଉପରେ ଘୂରିବାକୁ ଲାଗେ । ଯାହାକି ପରବର୍ତୀ ସମୟରେ ସମୁଦ୍ରକୁ ଅଶାନ୍ତ କରିଥାଏ ଓ ବାତ୍ୟାର ରୂପ ନେଇଥାଏ ।"

ସବୁ ଶୁଣି ସାରିବା ପରେ ରିଙ୍କୁ ଆହୁରି ଆଶ୍ଚର୍ଯ୍ୟ ହୋଇ ଜେଜେଙ୍କୁ ପଚାରିଲା, "ଜେଜେ ଏ ସମୁଦ୍ର ଉତ୍ତପ୍ତ ହୁଏ କାହିଁକି ?" ଜେଜେ ଟିକେ ହସି ଉତ୍ତର ଦେଲେ, "ଏ ସବୁ ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ମଣିଷ ସମାଜ ହିଁ ଦାୟୀ । ଅବାଧ ଗଛ କଟା, ଜଙ୍ଗଲ କ୍ଷୟ, ବନ୍ୟ ପଶୁପକ୍ଷୀମାନଙ୍କର ହ୍ରାସ ପାଇବା, ଅତ୍ୟଧିକ କଳକାରଖାନାର ନିର୍ମାଣ, ଗାଡି ମଟରରୁ ବାହାରୁଥିବା ଧୂଆଁ ଇତ୍ୟାଦି ଯୋଗୁଁ ଏବେ ଆମ ପୃଥିବୀପୃଷ୍ଠ ଓ ସମୁଦ୍ର ଆଦିରେ ଉତ୍ତାପ ବଢିବାରେ ଲାଗିଛି । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ୍ ଆଦି ବିଷାକ୍ତ ଗ୍ୟାସର ପରିମାଣ ଦିନକୁ ଦିନ ବୃଦ୍ଧି ପାଇବା ଫଳରେ ସବୁଜିମା ନଷ୍ଟ ହେବା ସହ ପ୍ରତିବର୍ଷ ଏହିପରି ସମୟ ଅସମୟରେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ଆଦି ଘଟି ଚାଲିଛି ।

ରିଙ୍କୁ ଏ ସବୁକୁ ମନ ଧ୍ୟାନ ଦେଇ ଶୁଣୁଥାଏ । ଟିକେ ରହି ଯାଇ ରିଙ୍କୁ ପୁଣି ପଚାରିଲା "ଆମେ କଣ ଏ ସବୁଥିରୁ କେବେ ବି ରକ୍ଷା ପାଇ ପାରିବା ନାହିଁ ?" ଜେଜେ କହି ଉଠିଲେ "ହଁ କାହିଁକି ନୁହେଁ ? ଆମେ ଚାହିଁଲେ ସବୁ ଅସମ୍ଭବକୁ ସମ୍ଭବ କରିପାରିବା । ଆମେ ଯେତେ ପାରିବା ଆମର ପରିବେଶକୁ ସୁରକ୍ଷା କରିବାକୁ ଚେଷ୍ଟା କରିବା ଯେପରିକି ଚାରିଆଡେ ଗଛ ଲଗାଇବା, ପ୍ଲାଷ୍ଟିକ ଜରି ଭଳି ଜିନିଷ ଗୁଡିକର କମ ବ୍ୟବହାର କରିବା, ଅଳିଆ ଆବର୍ଜନାକୁ ଏଣେ ତେଣେ ପକାଇବା ନାହିଁ, ଆବଶ୍ୟକ ନ ହେଲେ ଅଯଥା ମଟରଗାଡିକୁ ବ୍ୟବହାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବା ନାହିଁ ଇତ୍ୟାଦି ବହୁ ପରିବେଶ ସମ୍ପର୍କିତ ଭଲ କାମ ଆମେ ନିଜେ କରି ପାରିବା ସହ ଅନ୍ୟ ମାନଙ୍କୁ ମଧ୍ୟ ବୁଝାଇ କରି କରାଇ ପାରିବା ।

ଏଥର ରିଙ୍କୁର ମନ ଟିକେ ହାଲକା ହୋଇଗଲା । ସେ କହିଲା "ହଁ ଜେଜେ ମୁଁ ଛୁଟି ସରିଲା ପରେ ଯେତେ ଗଛ ସବୁ ବାତ୍ୟାରେ ଭାଙ୍ଗିଛି ତା'ର ଦୁଇଗୁଣା ଗଛ ମୁଁ ଓ ମୋର ସାଙ୍ଗମାନେ ମିଶି କି ଆମ ସ୍କୁଲ ଓ ତା'ର ଚାରିପାଖ ଅଞ୍ଚଳରେ ଲଗେଇବୁ ଓ ଏଥର ବାପାଙ୍କୁ ମୁଁ କହିବି ମୋତେ ଗୋଟେ ସାଇକେଲ କିଣିଦେବାପାଇଁ ଯାହା ଫଳରେ ମୁଁ ବାପାଙ୍କ ସହ ଆଉ ମୋଟର ସାଇକେଲରେ ନ ଯାଇ ମୁଁ ନିଜେ ସାଇକେଲ ଚଲେଇ ସ୍କୁଲକୁ ଯିବି । ଜେଜେ ତା'ର ଛୋଟିଆ ମୁଣ୍ଡରେ ଏତେ ସବୁ ବୁଦ୍ଧି ଜୁଟି ଆସୁଥିବା ଜାଣି ତା ମୁଣ୍ଡରେ ସ୍ନେହରେ ହାତ ବୁଲାଇ ଆଣିଲେ । ସେପଟୁ ରିଙ୍କୁର ମା ଡାକ ଛାଡୁଥିଲେ ଯେ ପାଣି କିଛି ସମୟ ପାଇଁ ଆସିଛି ସମସ୍ତେ ଆସି ଗାଧୋଇ ପଡ; କାରଣ ଆସନ୍ତା ଦୁଇ ଦିନ ପାଇଁ ଆଉ ଆମ କଲୋନୀ କି ପାଣି ଆସିବ କି ନାହିଁ ତା'ର ଠିକ୍ ଠିକଣା ନାହିଁ । ଲାଇନ୍ ଆସିଲେ ଯାଇଁ ଯାହା ପାଣିର ବ୍ୟବସ୍ଥା ହେବ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡ଼ାସିଙ୍ଗି, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାତ୍ୟାପୂର୍ବ ପ୍ରସ୍ତୁତି



ଶୃତକୀର୍ତ୍ତି ତ୍ରିପାଠୀ

ଦୃଶ୍ୟ - (ଏକ)

"ମାଡି ଆସୁଛି 'ଫୋନି' । ସବୁ ପ୍ରସ୍ତୁତି ଆଗରୁ ସାରିବାକୁ ହେବ । ହଇହୋ ଶୁଣୁଛ, ଟିକେ କିରାଣୀ ଦୋକାନ ଯାଇକି ଚୁଡା, ଗୁଡ଼, ଆଳୁ, ପିଆଜ, କ୍ୟାଣ୍ଡେଲ, ପାଉଁରୁଟି, ଜାମ ସବୁ ନେଇକି ଚଞ୍ଚଳ ଆସ । କେଜାଣି କେତେଦିନ ଏ ବାତ୍ୟାର ପ୍ରଭାବ ରହିବ ? ଲାଇଟ, ଫୋନ, ସବୁ ଅଚଳ ହୋଇଯିବ । କିଛି ନ ହେଲେ ଏ ସବୁ ଜିନିଷର ଷ୍ଟକ ଥିଲେ ବାତ୍ୟା ହେବାସମୟରେ ଓ ତା'ପରେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ ।" ସକାଳଟାରୁ ସୁନନ୍ଦା ଓ ଝିଅ ମାମୁନି ଟିଭି ଖୋଲି ବସିପଡିଛନ୍ତି । ବାତ୍ୟାର ଗତିବିଧି ଲକ୍ଷ୍ୟ କରି, ଚାଲିଛି ମା ଝିଅଙ୍କ ଭିତରେ ଆଲୋଚନା ।

ମୁହଁଟିକୁ ଶୁଖିଲା କରି କହିଲେ ସୁନନ୍ଦା, "ସବୁ ବର୍ଷ ଅକ୍ଟୋବର ମାସରେ ଆସୁଥିବା ବାତ୍ୟା, ଏ ବର୍ଷ ମେ ମାସରେ ଆସିବା କଣ ଦରକାର ଥିଲା ? ଆମର ଦୁଇ ଦୁଇଟା ବାହାଘର ଅଛି ଏଇ ସମୟରେ । ବାହାଘର, ଭୋଜିଭାତ ସବୁ ବ୍ୟବସ୍ଥାରେ ଏପଟ ସେପଟ ହୋଇଯିବ । ମୋ ନୁଆଁ କାଞ୍ଜିବରମ ଶାଢ଼ୀଟା ପିନ୍ଧିବି ବୋଲି ବ୍ଲାଉଜ ତିଆରି କରିଛି । ତା ସାଙ୍ଗରେ ଶାଢ଼ୀକୁ ଜାଣି ମ୍ୟାଚିଙ୍ଗ ଜୁଏଲାରୀ ପାଇଁ ପୁରା ଗୋଟିଏ ଦିନ ଖରାରେ ସିଝି ସିଝି ମାର୍କେଟି ବିଲଡିଙ୍ଗ ସାରା ବୁଲି ବୁଲି ସଂଗ୍ରହ କରିଛି । ଏମିତି ବାତ୍ୟାରେ କେମିତି ବାହାଘରଟା ହବ ଯେ ତାକୁ ପିନ୍ଧିବି ? ଭଗବାନ କରନ୍ତୁ 'ଫୋନି' ଓଡିଶା ମୁହାଁ ନ ହୋଇ ଆନ୍ଧ୍ର ଆଡକୁ ଚାଲିଯାଉ ।"

ମାମୁନି ବ୍ୟସ୍ତ ହୋଇ କାନ୍ଦି କାନ୍ଦି କହିଲା, "ମାମା ମୋର ସମର କ୍ୟାମ୍ପ କାଲିଠୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରମ୍ଭ ହେବାକୁ ଯାଉଛି । ଏମିତି ବାତ୍ୟା ହେଲେ ସବୁ କ୍ୟାନସଲ ହୋଇଯିବ । ପଟ ପେଣ୍ଟିଂ, ନୂଆ ଡାନ୍ସ ଷ୍ଟେପ୍ସ, ନନ ଫାୟାର କୁକିଙ୍ଗ ଏବଂ ସବୁଠୁ ମଜାଦାର ରେନ ଡାନ୍ସ; ସବୁ ବେକାର ହୋଇଯିବ ମାମା । କାହିଁକି ଏ 'ଫୋନି' ଆସି ଆମକୁ ହଇରାଣ କରୁଛି ଯେ ? ମୁଁ ଠାକୁରଙ୍କୁ ରିକ୍ୱେଷ୍ଟ କରିବି ସେ 'ଫୋନି'କୁ ଅନ୍ୟରାଜ୍ୟକୁ ପଠେଇ ଦିଅନ୍ତୁ, ଆମ ଓଡିଶାକୁ ନ ଆସୁ । ସମର କ୍ୟାମ୍ପର ମଜା କେମିତି ଆସିବ ସମର ନ ହୋଇ ରେନ ହେଲେ ?”

ତରତର ହୋଇ ଦିବାକର ବାବୁ ଦୁଇଟା ବ୍ୟାଗ ଧରି ବାହାରିପଡିଲେ ସଉଦା ଓ ପରିବାପତ୍ର ଆଣିବା ପାଇଁ । ସୁନନ୍ଦା ତାଙ୍କୁ ଚା କି ଜଳଖିଆ ବି 'ଆସିଲେ ଖାଇବ, ଯାଅ ଶୀଘ୍ର ଆଗେ ସବୁ ନେଇଆସ' ବୋଲି କହି ବ୍ୟସ୍ତ କରିପକେଇଲେ । ସ୍କୁଟି ଚାବି ଆଣି ବାବାଙ୍କୁ ଧରେଇଲା ବେଳେ ମାମୁନି ଚୁପକରି ଦିବାକର ବାବୁଙ୍କ କାନରେ କହିଲା, 'ବାବା ମୋ ପାଇଁ ମ୍ୟାଗି, ଆଉ ଚିପ୍ସ ବି ନେଇକି ଆସିବ । କୁଲ କୁଲ ବର୍ଷା ପାଗରେ ହଟ ହଟ ମ୍ୟାଗି ଓ ତା ସାଙ୍ଗରେ ଚିପ୍ସକୁ ସ୍ନାକ୍ସରେ ଖାଇଲେ ବହୁତ ଟେଷ୍ଟି ଲାଗେ ।' ଦିବାକର ବାବୁ ମାଆ, ଝିଅଙ୍କ ବାତ୍ୟା ପାଇଁ ପୂର୍ବ ପ୍ରସ୍ତୁତି ବିଷୟରେ ଶୁଣି ମୁଚୁକୁନ୍ଦ ହସଟିଏ ମାରି ସ୍କୁଟି ଷ୍ଟାଟ କଲେ ।

ଦୃଶ୍ୟ - (ଦୁଇ )

ସହର ତଳମୁଣ୍ଡ ସାହିରେ ଲୋକେ ହୋ ହୋ ହେଉଥିଲେ ବାତ୍ୟାର ପ୍ରାକ ଘୋଷଣା ଶୁଣି । 'ବାତ୍ୟାର ଯେଉଁ ବେଗ ଟିଭିରେ ହାଇଲାଇଟ ହଉଛି, ଲାଗୁଛି ଆଉ କିଛି ରହିବ ନାହିଁ । ସମସ୍ତେ ନିଜ ନିଜର ଜରୁରୀ ଜିନିଷ ଯାହା ଯେମିତି ଅଛି ତାକୁ ପୁଟୁଳି କରି ବାନ୍ଧି ରଖିଦିଅ । '

ସମସ୍ତଙ୍କୁ ସଚେତନ କରି କହିଦେଇଗଲା ସାହିର ମୁଖିଆ ଜନାର୍ଦ୍ଦନ । ପୁଣି ସମସ୍ତଙ୍କୁ ଆଶ୍ୱାସନା ଦେଇ କହିଲା, 'ଆରେ ବ୍ୟସ୍ତ ହୁଅନି, ପାଖ ସ୍କୁଲଘରେ ଆମ ସମସ୍ତଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇସାରିଛି । ଏ ଚାଳିଆ ଘର ଗୁଡିକ ଉଡିଗଲେ ଉଡିଯାଉ । ବାତ୍ୟା ପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ ପୁଣି ସରକାରଙ୍କ ପାଣ୍ଠିରୁ ଟଙ୍କା ଆସିବ, ପୁଣି ଘର ତିଆରି କରିଦେବାନି ? ଖାଲି ଛୁଆପିଲା, ଜୀବଜନ୍ତୁ ଓ ଜରୁରୀ ଜିନିଷତକ ଜଗିଦେଲେ କାମ ସରିଲା । ଖାଇବା କଥା ତ ଜମା ବି ଚିନ୍ତା କରିବନି । ତିନିବେଳା ଆହାର କେନ୍ଦ୍ରର ବ୍ୟବସ୍ଥା ହୋଇଛି ବାତ୍ୟାପୀଡିତଙ୍କ ପାଇଁ ବୋଲି ମୁଁ ପକ୍କାଖବର ପାଇଛି । ଜଳଖିଆରେ ଚୁଡାଗୁଡ ମଧ୍ୟାହ୍ନ ଖାଇବାରେ ଭାତଡାଲମା ଓ ରାତି ପାଇଁ ପାଉଁରୁଟି । ତା ସାଙ୍ଗରେ ମହମବତୀ, କମ୍ବଳ ସବୁ ମିଳିବ ।

'ଆରେ ଆମର ଲାଭ; ଏହି ବାତ୍ୟା ଥିଲା ଯାଏଁ କିଛି କାମ କରିବାକୁ ତ ପଡ଼ିବନି ଓଲଟି ମାଗଣାରେ ଖାଇବା, ପକ୍କାସ୍କୁଲଘରେ ରହିବାକୁ ମିଳିବ । ଆରାମରେ ଖାଇପିଇ ବାତ୍ୟା କୁ ଉପଭୋଗ କରିବା । '

'ଆରେ ହେ ମଦନା, ସୁକୁଟା, ବାବାଜୀ, ଆରେ ! ଶୁଣରେ..... ତାସ ମୁଠାକ ଯେମିତି ପୁଟୁଳି ଭିତରେ ରଖିବାକୁ ଭୁଲିବନି, କେତେ ଖାଲିଟାରେ ବସିବା ? ବର୍ଷାରେ ଟାଇମପାସ କରିବା ପାଇଁ ବି ତ କିଛି ଦରକାର !'

ଉପରକୁ ହାତ ଟେକି ଜନାର୍ଦ୍ଦନ କହିଲା, 'ଭଗବାନ ବର୍ଷକୁ ଥରେ, ଦୁଇଥର ଏମିତି ବାତ୍ୟା କରୁଥାଅ ପ୍ରଭୁ, କେତେ ଭଲରେ ଖାଇବା, ରହିବା ସବୁ ମିଳିଯାଉଛି । ଠାକୁରେ ତାଙ୍କର କୃପାଦୃଷ୍ଟି ଏମିତି ଆମ ମାନଙ୍କ ଉପରେ ରଖିଥାନ୍ତୁ । '

ସମସ୍ତଙ୍କୁ ସବୁ ବୁଝେଇଦେଇ ଶୀଘ୍ର କାମ ସାରିବାକୁ କହିଲା ଜନାର୍ଦ୍ଦନ । ବସ୍ତିବାସୀ ମଧ୍ୟ ଖୁସିରେ ସବୁ ବନ୍ଧାବନ୍ଧି କରିବାକୁ ଲାଗିଲେ । ବସ୍ତିରେ ଜୋରସୋରରେ ପ୍ରସ୍ତୁତି ଚାଲିଥିଲା ଆସନ୍ତା ତିନି ଚାରି ଦିନର ବାତ୍ୟାଜନିତ ମହୋତ୍ସବ ପାଳନର ।

ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତିଶୋଧ



ପୂର୍ଣ୍ଣଚନ୍ଦ୍ର ରାଣା

୧୯୯୭ ମସିହା ଜୁନ୍ ୧୭ ତାରିଖ ରାତି ଘ୧୧. ୨୩ ମି, ଫୋନର ଶବ୍ଦ ଶୁଣି ବିଛଣାରୁ ଉଠି ଫୋନ କଲ୍ ରିସିଭ୍ କଲେ ଉର୍ମିଳା ଦେବୀ (ଉର୍ମି), ହେଲ୍ଲୋ, ହେଲ୍ଲୋ ତିନି ଚାରି ଥର କହିବା ପରେ କିଛି ବି ଶବ୍ଦ ଶୁଣାଗଲାନି, ପୁଣି ଥରେ ରିଙ୍ଗ୍ ଆସିଲା, ପୁଣି କଲ୍ ରିସିଭ୍ କଲେ ଉର୍ମିଳା ଦେବୀ । "ଉର୍ମି ! ରାଜୁ କହୁଛି, ଘରେ ପାପା, ମାଆ କେମିତି ଅଛନ୍ତି, ଆଉ ଆମ ରାଜକୁମାର କେମିତି ଅଛି, ଆଉ ମାତ୍ର ତିନି ମାସ ପରେ ସେ

ଆମ କୋଳକୁ ଆସିବ ନା ।" ଉର୍ମି ଦେବୀ ଟିକେ ଅନ୍ୟମନସ୍କ ହେଇଗଲେ, ରାଜୁ କହିଲେ, "କ'ଣ ଭାବୁଛ ମହାରାଣୀ ?"

- ଆରେ ନାହିଁ କିଛି ନାହିଁ, ଆଉ ତୁମ ଦେହ କେମିତି ଅଛି ?

ରାଜୁ କହିଲେ, "ହଁ ଭଲ ଅଛି, ଉର୍ମି ଶୁଣ ମୋର ସମୟ ହେଇଗଲାଣି ମୁଁ ଆଉ

ଫୋନ୍ କରି ପାରିବିନି, ମୁଁ ଏବେ ଏକ ଅଜଣା ଜାଗାକୁ ଅପରେସନରେ ଯାଉଛି । ମୋ ପିଲାର ଯତ୍ନ ନେବ ଆଉ ତୁମେ ମଧ୍ୟ ଠିକ୍ ଠାକ୍ ରହିବ ।" ଏହା କହି ରାଜବୀର ସିଂହ (ରାଜୁ) ଫୋନ୍ କଲ୍ କାଟି ଦେଲେ, ହାତରେ ବନ୍ଧୁକ ନେଇ ସାଥିମାନଙ୍କ ସହ ଅପରେସନ ପାଇଁ ଆଗମନ ହେଲେ ।

କାଶ୍ମୀର ଘାଟିର କୋଉ ଏକ ଅଜଣା ଜାଗା, ଜଣାନାହିଁ କ୍ଷେତ୍ରଫଳ କି ଜଣାନାହିଁ ପରିସୀମା, ସଜାଗ ଏବଂ ଦାୟିତ୍ୱରେ ଥିଲା ୧୫ ପଞ୍ଜାବ ରେଜିମେଣ୍ଟ । କ୍ୟାପ୍ଟେନ୍ ହରପ୍ରିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଂହଙ୍କ ଦାୟିତ୍ୱରେ ଥାଆନ୍ତି ୧୫ ପଞ୍ଜାବର 'ଏ' ପ୍ଲାଟୁନ୍ ଏବଂ ସେଇ ୨୫ ଜଣିଆ ପ୍ଲାଟୁନ୍‌ରେ ଥିଲେ ହାବିଲଦାର ରାଜବୀର ସିଂହ ।

ଖବର ଆସିଲା କ୍ୟାପ୍ଟେନଙ୍କ ପାଖକୁ କି ଅନ୍ୟପାଖେ ୫ଜଣିଆ ଆତଙ୍କବାଦୀ ଟିମ୍ ଭାରତ ସୀମା ପାର କରି କାଶ୍ମୀର ଘାଟିରେ ପ୍ରବେଶ କରିଛନ୍ତି । ଅପରେସନ ଜାରି କରିବାକୁ ହାଇ କମାଣ୍ଡରୁ ଆଦେଶ ଆସିଲା । ଏହା ଶୁଣି କ୍ୟାପ୍ଟେନ୍ ସାହେବ ତୁରନ୍ତ ପଦକ୍ଷେପ ନେଲେ ଏବଂ ସମସ୍ତଙ୍କୁ ଆଦେଶ ଦେଲେ ଓ ଅପରେସନ ଆରମ୍ଭ କଲେ । ଆଗକୁ ଆଗକୁ ଯାଇ ଅପରେସନକୁ ଆଗକୁ ବଢାଇଲେ, ହଠାତ୍ ବିପରିତ ଦିଗରୁ ଗୁଳି ଫୁଟିବାର ଶବ୍ଦ ଶୁଣାଗଲା, ଶବ୍ଦ ଶୁଣିବା ମାତ୍ରେ 'ଏ' ପ୍ଲାଟୁନ ନିଜକୁ ରକ୍ଷା କରିବା ପାଇଁ ଭୁଇଁରେ ଶୋଇଗଲେ । ପୁଣି ଲଗାତାର ଗୁଳି ଫୁଟିବା ଆରମ୍ଭ ହେଲା, ସମସ୍ତେ ନିଜ ନିଜ ଜାଗା ନେଇ ଛପି ଛପି ଆଗକୁ ବଢି ଚାଲିଲେ । ହଠାତ୍ ପ୍ଲାଟୁନ ଆଡକୁ ଗୁଳି ଆସିବାକୁ ଲାଗିଲା, ଏହା ଦେଖି କ୍ୟାପ୍ଟେନ୍ ସାହେବ୍ ନିଜ ସେନାକୁ ସତର୍କ କରାଇଦେଲେ । କହିଲେ ପ୍ରଥମେ ନିଜର ସୁରକ୍ଷା ରଖ ଏବଂ ଧିରେ ଧିରେ ଆଗକୁ ବଢ । ଏତିକି ବେଳେ ପ୍ଲାଟୁନର ଜଣେ ଜବାନଙ୍କ ହାତରେ ଗୁଳି ବାଜିଲା, ଏହା ସତ୍ତ୍ୱେ ବି ସେ ଟିକେ ଆଗକୁ ଯାଇ ଟଳି ପଡିଲେ । ପଡିବା ମାତ୍ରେ ପାଣି ପାଣି କହି ପାଟିକରି ଉଠିଲେ, ରାଜବୀର ତାଙ୍କୁ ଗୋଟିଏ ଗଛମୂଳକୁ ଟାଣି ନେଇ ନିଜ ପିଠିରେ ଥିବା ବ୍ୟାଗରୁ ପାଣି କାଢି ଦେବାମାତ୍ରେ ଜବାନ୍ ଜଣକ ଟଳି ପଡ଼ିଲେ ଏବଂ ନିଜ ଜୀବନକୁ ଦେଶ ପାଇଁ ବଳିଦାନ ଦେଲେ ।

ସମସ୍ତେ ଏହା ଦେଖୁଥାନ୍ତି, ଏହା ଦେଖି ସମସ୍ତଙ୍କ ଆଖିରେ ଲୁହର ସାଗର ଯେମିତି ଲହଡି ଖେଳୁଛି, କିଏ କାହାକୁ କିଛି କହି ପାରୁନାହାନ୍ତି । ସେହି ସମୟରେ ଆହୁରି ଗୁଳି ବର୍ଷଣ ହେଲା, ସମସ୍ତେ ନିଜ ନିଜ ସ୍ଥାନରେ ସତର୍କ ସହିତ ଅଛନ୍ତି । ରାଜବୀର ଥିବା ସ୍ଥାନରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଦୂରରେ ମୁଖା ବାନ୍ଧି ଦୁଇଜଣ ଆତଙ୍କବାଦୀ ଦେଖାଗଲେ ,ଏହା ଦେଖି ରାଜବୀର କ୍ୟାପ୍ଟେନ୍ ସାହାବଙ୍କୁ ଜଣାଇଲେ । କ୍ୟାପ୍ଟେନ୍ ସାହେବ ବନ୍ଧୁକ ଖୋଲିବାକୁ ଆଦେଶ ଦେବା ମାତ୍ରେ ଦୁଇଜଣ ଆତଙ୍କବାଦୀଙ୍କୁ ଆଖି ପିଛୁଳାକେ ମାରି ଲହୁ ଲୁହାଣ କରିଦେଲେ 'ଏ' ପ୍ଲାଟୁନ ।

ଠିକ୍ ସେହି ସମୟରେ ଆରପଟୁ ପୁଣି ଗୁଳି ଆସିବାକୁ ଲାଗିଲା, ଲଗାତାର ଦୁଇଟି ଗୁଳି ଆସି ହାବିଲଦାର ରାଜବୀର ସିଂହଙ୍କ ଦେହରେ ବାଜିଲା, ଗୁଳି ବାଜିବା ମାତ୍ରେ ରାଜବୀର ନିଜ ବନ୍ଧୁକ ଖୋଲି ଲଗାତାର ତିନି ଜଣ ଆତଙ୍କବାଦୀଙ୍କୁ ମାରି ରକ୍ତାକ୍ତ କରି ପକାଇଲେ । ଏହା ଦେଖି ପୁରା ପ୍ଲାଟୁନ୍ ରାଜବୀରଙ୍କ ପାଖକୁ ଧାଇଁ ଆସିଲେ, ସେତେବେଳକୁ ରାଜବୀର ଶେଷ ନିଶ୍ୱାସ ତ୍ୟାଗ କରି ଦେଇଥିଲେ । ନିଜ ବନ୍ଧୁକ ଛାତି ଉପରେ ରଖି ସାରା ଜୀବନ ପାଇଁ ଶୋଇଯାଇଥିଲେ ରାଜବୀର । ରାଜବୀରଙ୍କ ପାର୍ଥିବ ଶରୀର ଏବଂ ଅନ୍ୟ ଜାବାନ୍ ଜଣକ ମରଶରୀରକୁ ସାଙ୍ଗରେ ଧରି ପହଞ୍ଚିଲେ କ୍ୟାପ୍ଟେନ୍ ହରପ୍ରିତ ସିଂହ ଓ ସାଥିମାନେ ୧୫ ପଞ୍ଜାବ ରେଜିମେଣ୍ଟରେ । ସବୁଆଡେ ଦୁଃଖର ଲହରି, ଜଣେ ଅଫିସର ରାଜବୀରଙ୍କ ମୋବାଇଲ୍ ନେଇ ରାଜବୀରଙ୍କ ଘରକୁ ଫୋନ କରିଲେ, ଫୋନ୍ ରିଙ୍ଗ ଶୁଣି ଉର୍ମି ଦେବୀ ଧାଇଁ ଆସି ଦେଖିଲେ ଫୋନ୍ ର ସ୍କ୍ରିନ୍ ଉପରେ ରାଜବୀରଙ୍କ ନମ୍ବର ।

ଉର୍ମି ଦେବୀ ଏହା ଦେଖି ଖୁସି ହେଇଗଲେ, ଖୁସିରେ କହିଲେ, "ହେଲ୍ଲୋ ରାଜବୀର କୁହ, କେତେବେଳେ ଡ୍ୟୁଟିରୁ ଫେରିଲ ?" ଏହା ଶୁଣି ଅଫିସର ଜଣକ ଲୋତକପୂର୍ଣ୍ଣ ଆଖିରେ ଖନେଇ ଖନେଇ କହିଲେ, ମାଡାମ୍ ରାଜବୀର ଆଉ ଏ ଦୁନିଆଁରେ ନାହାଁନ୍ତି ।

ଖବର ଶୁଣିବା ମାତ୍ରେ ଉର୍ମି ଦେବୀ କାନ୍ଦିବାକୁ ଆରମ୍ଭ କଲେ ଏବଂ ଡାକ ପକାଇଲେ ତାଙ୍କ ଶାଶୁ ଶ୍ୱଶୁରଙ୍କୁ, ଶାଶୁ ଶ୍ୱଶୁର ଦୌଡ଼ି ଆସିଲେ ଆଉ ପଚାରିଲେ କଣ ହେଲା ବୋହୂ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉର୍ମି କହିଲେ ରାଜୁ ଆଉ ଏ ଦୁନିଆଁରେ ନାହାଁନ୍ତି । ଦୁଇଦିନ ପରେ ରାଜବୀରଙ୍କ ମର ଶରୀର ତାଙ୍କ ଜନ୍ମ ମାଟିରେ ପହଞ୍ଚିଲା ଏବଂ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେଲା । ଉର୍ମି ଦେବୀ ରାଜବୀରଙ୍କ ଜୂଇ ଛୁଇଁ ଶପଥ ନେଲେ ଯେ ତୁମ ଏ ସନ୍ତାନକୁ ଜନ୍ମ ଦେବି ଏବଂ ତୁମ ପ୍ରତିଶୋଧ ନେବାକୁ ଏ ସନ୍ତାନକୁ ଭାରତୀୟ ସେନାରେ ଅଫିସର କରିବି । ତିନି ମାସ ପରେ ଉର୍ମି ଦେବୀ ଜନ୍ମ ଦେଲେ ଏକ ପୁତ୍ର ସନ୍ତାନ ଓ ତାହାର ନାମ ଦେଲେ ରାଜକରନ୍ ସିଂହ ।

ଦୀର୍ଘ ୨୩ ବର୍ଷ ପରେ ପୁଅକୁ ପାଠ ପଢାଇ ଉଚ୍ଚଶିକ୍ଷିତ କଲେ ଉର୍ମି ଦେବୀ ଏବଂ ଭାରତୀୟ ସେନାରେ ଅଫିସର ଭାବେ କାର୍ଯ୍ୟଭାର ସମ୍ଭାଳିଲେ ଏବଂ ରାଜବୀରଙ୍କ ପ୍ରତିଶୋଧର ବଦଲା ନେଲେ ପୁଅ ରାଜକରନ୍ ।

ପୂର୍ଣ୍ଣଚନ୍ଦ୍ର ରଣା
ହାଟସିଂହାପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରମିଳା ମାଉସୀଠାରୁ ପ୍ରତାପନନା ଯାଏଁ



ଡା ସୌମ୍ୟରଞ୍ଜନ ମିଶ୍ର

ଗତମାସ ସୁଦର୍ଶନ ସହ ମଝିରେ ମଝିରେ ଦେଖା ହୋଇଛି ସତ, କିନ୍ତୁ ଆମେ ଚର୍ଚ୍ଚା କରିବା ପାଇଁ ରୋଚକ ବିଷୟଟିଏ ପାଇନଥିଲୁ । କାରଣ କିଛିଦିନ ପୂର୍ବରୁ ନିର୍ବାଚନ ଛଡ଼ା ଅନ୍ୟ କୌଣସି ବିଷୟ ଭାରତ ଭୂଖଣ୍ଡେ ଉତ୍କଳ ଦେଶେ ନଥିଲା । ଏବେ ନିର୍ବାଚନ ଫଳାଫଳ ଜଣାପଡ଼ିବାରୁ ଅନ୍ୟ ବିଷୟ ସବୁ ଧିରେ ଧିରେ ମୁଣ୍ଡ ଟେକିବାକୁ ଆରମ୍ଭ କରିଛି । କିନ୍ତୁ ନିର୍ବାଚନ ବିଷୟଟା ଜାଣ ବିଷପରି ମସ୍ତିଷ୍କରେ ଚରି ଯାଇଛି । ଗତଥର ସୁଦର୍ଶନ ଦେଖା ହେଲାବେଳେ ନିର୍ବାଚନ ଫଳାଫଳକୁ ନେଇ ମୋର ମତାମତ ଲୋଡ଼ିଥିଲା । ମୁଁ କିନ୍ତୁ ଏ ବିଷୟରେ ତା' ସହିତ ଚର୍ଚ୍ଚା କରିବାକୁ ଚାହୁଁ ନଥିଲି । ସୁଦର୍ଶନ ମୋ ମୁଡ୍ ଜାଣିଗଲା । ମୁଡ୍ ବଦଳେଇବାକୁ ଚା' ମଗାଇଲା ସୁଦର୍ଶନ ।

"ମୁଖ୍ୟମନ୍ତ୍ରୀ ଯାହା କଲେ କଣ ଠିକ୍ କଲେ ? ଏତେ ପଢ଼ାଲେଖା ଲୋକ ହୋଇ ଗାଉଁଲି ସ୍ତ୍ରୀ ଲୋକ ଗୁଡ଼ାକୁ ନାରୀ ସଶକ୍ତିକରଣ ନାଁରେ ସଂସଦକୁ ପଠାଇବା କଣ ଠିକ୍ ହେଲା ?" ମୁଁ କହିଲି ।

"ଯାହା କଲେ, ଜନତା କଲେ ନା । ଦଳର ସଭାପତି ହିସାବରେ ସେ ଯାହା ଟିକେଟ୍ ଦେଇଥିଲେ । ଏବେ ଜନତା ଗାଉଁଲି ସ୍ତ୍ରୀ ଲୋକଙ୍କୁ ବାଛିଲେ ସେଥିରେ ତାଙ୍କର କଣ ଦୋଷ ରହିଲା । ସତକଥା ହେଲା, ପ୍ରମିଳା ମାଉସୀଙ୍କ ପରି ସ୍ତ୍ରୀଲୋକ ସଂସଦକୁ ଯିବା ଭାରତ ପାଇଁ ଏକ ଶୁଭଲକ୍ଷଣ । ସଂସଦରେ ଗାଁର, ମହିଳାଙ୍କର, ଦୁର୍ବଳ ଜନତାର ସ୍ୱର ଶୁଭିବା ଦରକାର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେବେ ସିନା ଗଣତନ୍ତ୍ରର ଅସଲ ରୂପ ଫୁଟିବ ।” ଚାରେ ଚୁମା ଦେଉ ଦେଉ ସୁଦର୍ଶନ କହିଲା ।

“ଗଣତନ୍ତ୍ର କେମିତି ଚାଲିଛି ସମସ୍ତେ ଜାଣୁଛନ୍ତି । ତୁ ମୋତେ ଆଉ ବୁଝାନା । ସେଠି ବିଚାରୀ ମାଉସୀ କହିବାକୁ ସୁଯୋଗ ପାଇବ କି ନାହିଁ । ସ୍ୱର ଶୁଭିବା ତ ଦୂରର କଥା । ଗଣତନ୍ତ୍ର ହେଲା ଟଙ୍କାର ଖେଳ । ଗୁଣ୍ଡାମାନେ ଏଠି ଖେଳାଳୀ । ମଦମାଉଁସ ଖାଇ ଜନତା ଭୋଟ ଦେଉଛନ୍ତି । ଭଲ ଲୋକ ତ ସେଥିପାଇଁ ରାଜନୀତି ପଙ୍କକୁ ପଶୁନାହାନ୍ତି ।” ରାଗିକି ମୁଁ କହିଲି ।

ସୁଦର୍ଶନ ମୋତେ ଚିଡ଼ାଇବାକୁ ଯାଇ କହିଲା, “ଭଲ ଲୋକ ପଙ୍କରେ ପଡୁଛନ୍ତି ଭାଇନା । ଆଉ ପଙ୍କରୁ ପଦ୍ମ ବି ତୋଳୁଛନ୍ତି, ପ୍ରତାପ ନନାଙ୍କୁ ଦେଖୁନ । ଟଙ୍କା, ମଦ, ମାଉଁସ କିଛି ବି ଦେଇଛନ୍ତି ? ସେ ପୁଣି ଜିତିଲେ ନା ନାହିଁ ।”

ମୋ ମନରେ ସୃଷ୍ଟି ହେଲା ଭାବାନ୍ତର । ସତେ ତ ! ଏ କଳିକାଳରେ ଏମିତି କେମିତି ସମ୍ଭବ ହେଲା - ପଚାରିଲି ସୁଦର୍ଶନକୁ । ମନ୍ଦ ମନ୍ଦ ହସି ସୁଦର୍ଶନ ଉତ୍ତରେ ଦେଲା - କଳିକାଳରେ ସବୁ ସେଇ କାଳିଆର ଲୀଳା । ସତ୍ୟ, ଧର୍ମ, ନ୍ୟାୟ ଉପରେ ଇତର ଜନର ବିଶ୍ୱାସ ତୁଟି ନଯିବା ପାଇଁ ଏମିତି ବେଳେ ବେଳେ ଚମତ୍କାର ହୁଏ ।

ମୋ ମାନସ ପଟ୍ଟଳରେ ଝଲସି ଉଠିଲା କାଳିଆର ଛବି । ଆପେ ଆପେ ହାତ ଦୁଇଟା ମୁଣ୍ଡକୁ ଉଠିଗଲା ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡ଼ା - ୭୫୪୨୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨
ଇମେଲ୍ : dr.srmishra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍କୁଲ ଜୀବନୀ



କୃଷ୍ଣଚନ୍ଦ୍ର ଡାକୁଆ

ବୋଧେ ହୁଏ ସେ ଦିନ ମୋ ପାଇଁ ଶୁଭମୁହୂର୍ତ୍ତ ଥିଲା, ପାଦ ଥାପିଥିଲି ଏକ ଅଜଣା ବିରାଟ ଘଞ୍ଚ ପରିବେଶରେ । ସେ ପରିବେଶ କଣ ମୁଁ ଜାଣେନା କିନ୍ତୁ ମୋ ବାବା ମୋତେ ଜବରଦସ୍ତ ନେଇ ସେଇ ଘଞ୍ଚ ପରିବେଶର ବାନ୍ଧି ଦିଅନ୍ତି । କିନ୍ତୁ ମୁଁ ଜାଣେନା ତାହା କଣ କେବଳ ଆପେ ଆପେ ଝରି ଆସେ ମୋ ଆଖିରେ ଲୁହ ଏବଂ ମନରେ ଦୁଃଖ । ସେଦିନ ଠାରୁ ବୋଧେ ହୁଏ ମୋର ସେ ଦୁହେଁଙ୍କ ସହ ଯେମିତି ସମ୍ପର୍କ ଗଢିବା ଆରମ୍ଭ ହୋଇଗଲା । ଯାହା କେବେବି ଦୁହେଁ ଦୁହିଁଙ୍କ ଠାରୁ ଅଲଗା ହେବା ଅସମ୍ଭବ । ମୋ ଅଭିଭାବକଙ୍କ ଇଛା ଥାଏ ଦିନେ ଆମ ପୁଅ ବଡ଼ ମଣିଷ ହୋଇ ସମାଜରେ ପରିବର୍ତ୍ତନ ଦିଗରେ ଆଲୋକ ଶିଖା ସାଜିବ, ତେଣୁ ତ ଶିକ୍ଷାକୁ ପ୍ରାଥମିକତା ଦେଇଥିଲେ ଆଉ ପୁଣି ସ୍କୁଲରେ ନାମ ଲେଖାଇଥିଲେ । ସେଦିନର ସେ ପରିବେଶ ମନେ ପଡ଼ିଲେ ଆଖିରେ ଆପେ ଆପେ ଝରିପଡ଼େ ଅନେକ ଲୁହ ଏବଂ ମନରେ କୋହ । ତାହା ତ ମୋ ପାଇଁ ଭଲଥିଲା ଯେଉଁଠି ମୁଁ ବସେ ଖେଳେ ବୁଲେ କିନ୍ତୁ ମୁଁ ଜାଣି ପାରେନା ମୁଁ ଏବେ କେଉଁଠି । ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭଲପାଇବାରେ ବାନ୍ଧି ହୋଇ ଶିକ୍ଷାକୁ ବ୍ରତ କରିବା ସତରେ ନିଆରା, ତାହା ତ ମୋ ପାଇଁ ମୂଳଦୁଆ ଥିଲା ନିଜେ ଶୃଙ୍ଖଳିତ ହୋଇ ଗଢି ତୋଳିବାର ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ କିନ୍ତୁ ତାହା ମୁଁ ବୁଝେନା । ଅନେକ ବାର ସ୍କୁଲ ଆସିବା ବନ୍ଦ କରେ ଅବା ବାହାନା ଦେଖାଇ ଘରେ ରହି ସ୍କୁଲ ନ ଯିବାର ଖୁସି ନିଏ କିନ୍ତୁ ତାହା ମୁଁ ଜାଣିପାରେନା ମୋ ପାଇଁ କେତେ ଫଳପ୍ରଦ ହେବ । ଏମିତିରେ ସରିଥିଲା ମୋ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ଆମ ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ଦ୍ୱିତୀୟ ଶ୍ରେଣୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାପ୍ତ ବେଳକୁ ପାଠ କଣ ବୁଝିଥିଲି କିନ୍ତୁ ମନରେ ଆଗ୍ରହ ଏବଂ ଇଛା ନଥିଲା ଥିଲା କେବଳ ସାଙ୍ଗ ସାଥୀ ହୋଇ ବୁଲିବା ଖେଳିବାର ଅସୁମାରୀ ଇଛା ଭରି ହୋଇ ରହିଥିଲା । ଦ୍ୱିତୀୟ ଶ୍ରେଣୀର ସମାପ୍ତ ପରେ ତ ପୁଣି ତୃତୀୟ ଶ୍ରେଣୀରେ ନାମ ଲେଖା ଥିଲା ଏବଂ ନାମ ଲେଖାଇଥିଲି ମଧ୍ୟ । ନାମଲେଖା ପରଦିନ ଠାରୁ ଆରମ୍ଭ ହୋଇଥିଲା ଏକ ନୂତନ ସୂର୍ଯ୍ୟ ଆଲୋକର ସୁନେଲି ସମ୍ଭାର । ମନରେ ଆଙ୍କି ହୋଇଥିଲା ପ୍ରତିଦ୍ୱନ୍ଦୀ ହେବାର ନିଶା । ଏମିତିରେ କଟିଥିଲା ତୃତୀୟ ଶ୍ରେଣୀ ପରେ ପୁଣି ଆସିଥିଲା ଏକ ନୂତନ ସମ୍ଭାବନା ପୂର୍ଣ୍ଣ ପରିବେଶ ଏବଂ ସ୍ଥାନ । ନାମ ଲେଖାଇଥିଲି ଚତୁର୍ଥ ଶ୍ରେଣୀରେ ସେତେବେଳକୁ ଚତୁର୍ଥ ଶ୍ରେଣୀର ପ୍ରଥମ ଦିନରେ ଶ୍ରେଣୀ ଶିକ୍ଷକ ନିଜ ନିଜର ପରିଚୟ ପ୍ରଦାନ କରିବା ପାଇଁ କହିଥିଲେ ପରେ ସେ ନାମ ଲେଖାହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ରୋଲନଂ ପାଠ କରିଥିଲେ । ରୋଲ ନଂ ଶୁଣି ଖୁସି ଲାଗିଲା ପୁଣି ପାଠ ପ୍ରତି ଆଗ୍ରହ ଆସିଲା କାରଣ ମୋ ରୋଲ ନଂ ଥିଲା ୯ । ମୁଁ ୧ ଠାରୁ ୩ ପ୍ରଯ୍ୟନ୍ତ ୧୦ ରୋଲ ନଂ ମଧ୍ୟରେ ସ୍ଥାନ ପାଇନଥିଲି । ପରେ ପରେ ପାଠ ପଢା ଆରମ୍ଭ ହୋଇଥିଲା ଏବଂ ସୁଖେ ଦୁଃଖେ ଚତୁର୍ଥ ଶ୍ରେଣୀ ବିତିଥିଲା ଓ ପଞ୍ଚମ ଶ୍ରେଣୀ ଆସିଥିଲା । ପଞ୍ଚମ ବେଳକୁ ପୁଣି ଖୁସି ଲାଗିଲା କାରଣ ରୋଲ ନଂ ଥିଲା ୫ । ପଞ୍ଚମରେ ତ ବହୁତ ମାଡ଼ ଗାଳି ମିଳିଛି କାରଣ ବୟସ ବଢ଼ିଥିଲେ ଆଉ ଦୁଷ୍ଟାମୀ ବି । ପଞ୍ଚମ ଶ୍ରେଣୀ ଥିଲା ମୋ ପାଇଁ ପ୍ରାଥମିକ ବିଦ୍ୟାଳୟର ଶେଷ ସୋପାନ । ବିଦାୟ ବେଳରେ ସ୍ମୃତି ସାଉଁଟି ସାଉଁଟି ଫେରିବାକୁ ହୋଇଥିଲା । ପରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ହେଲା ଆଉ ଗୋଟଏ ସ୍କୁଲରେ । ସ୍କୁଲର ନାମ ଥିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସେଇଠି ନା ଥିଲା ସେ ଦିନର ଖୁସି ନା ସାଙ୍ଗ ନା ସେ ଶିକ୍ଷକ ଶିକ୍ଷୟିତ୍ରୀ । ବହୁତ ଖୁସି ଲାଗିବା ସହ ଦୁଃଖ ଲାଗେ କାରଣ ମୋ ପାଖେ ନଥାଏ ପୁରୁଣା ସମ୍ପର୍କ । ବେଳେ ବେଳେ ମନେ ପଡ଼େ ୟୁପି ସ୍କୁଲର ମହାରଣା ସାର୍ ଙ୍କ ଆଉ ସୁଲ୍ଲାନି ଦିଦିଙ୍କ ମାଡ଼, ଆଉ ମହାନ୍ତି ସାର୍ ଙ୍କ ଗଳ୍ପିଆ କଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ମୁଣ୍ଡା ଦିଦିଙ୍କ ମିଠା ମିଠା କଥା ଏବଂ ମଧୁର ଗୀତ । ଏଠି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଡ଼ି ହୋଇଥିଲା କଳ୍ପନା ଦିଦିଙ୍କ ଭଲପାଇବା ଓ ରାଗ ପୁଣି କିଛି ସାଙ୍ଗ ଗୋଷ୍ଠୀଙ୍କ ଉତ୍ତମ ସମ୍ପର୍କ, ସୂର୍ଯ୍ୟ ସାର୍ ଙ୍କ ନୂଆଁ ନୂଆଁ ସ୍କୁଲ ଜଏନ୍ ଆଉ ଉଲ୍ଲା ସାର୍ ତ କଥା କଥାରେ ସମାଲୋଚନା । ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ଗାଁ ନିକଟ ଭାବସର ପ୍ରାଥମିକ ବିଦ୍ୟାଳୟ ଏବଂ ମୋ ଗାଁ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପଢ଼ନ୍ତି । ଏଠି ମୋ ରୋଲ ନଂ ୫ରୁ ୧୧କୁ ଆସିଲା । ମିଳିଲେ କେତେ ଭଲ ସାଙ୍ଗ ପୁଣି କେତେ ଖରାପ ସାଙ୍ଗ । ଏଇଠୁ ତ ଆରମ୍ଭ ହେଲା ବିଭାଗୀକରଣ, ମୋ ଗାଁ ପିଲା ଗୋଟଏ ଗୋଷ୍ଠୀ ଆଉ ଭାବସର ପିଲା ଆଉ ଗୋଟଏ ଗୋଷ୍ଠୀ । ଏହି ବିଦ୍ୟାଳୟରେ ଥିଲା କେବଳ ଷଷ୍ଠ ଆଉ ସପ୍ତମ । ଦୁଇ ବର୍ଷରେ ଆମ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଅନେକ ମତାନ୍ତର ହୋଇ ସପ୍ତମ ସାରିଥିଲା ଆଉ ପାଦ ଥାପିଥିଲୁ ଆଉ ଗୋଟଏ ବିଦ୍ୟାଳୟରେ । ଯାହାର ନାମ ଥିଲା ସକୁନ୍ତଳା ବିଦ୍ୟାପୀଠ । ଆଗରୁ ବଡ଼ ଭାଇ ଭଉଣୀ ମାନଙ୍କ ଠାରୁ ଶୁଣିଥିଲୁ ତା'ର ପରିବେଶ ବେଶ ନିଆରା, ସେମାନେ କୁହନ୍ତି ସେଠାରେ ଥାଏ ବଡ଼ ପରିବେଶ ଆଉ ବଡ଼ ମଣିଷ ହୋଇ ଗଢି ଉଠିବାର ଇଛା । ସେଠାରେ ତିନୋଟି (କରଚୁଲି, ଭାବସର ଏବଂ ଜେଏକ)ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲା ନାମ ଲେଖାଇଥାନ୍ତି କାରଣ ମୋ ଅଞ୍ଚଳରେ ଇଏ ତ ଗୋଟଏ ହାଇସ୍କୁଲ । ଏଠି ମିଳିଥାନ୍ତି ବହୁତ ସାଙ୍ଗ କିନ୍ତୁ ଭଲ ସାଙ୍ଗ ସ୍ୱଳ୍ପ । ଶୁଣିଥିଲି ପରିବେଶ ବେଶ ନିଆରା କିନ୍ତୁ କାହା ପାଇଁ କଣ ହୋଇପାରେ କିନ୍ତୁ ମୋ ପାଇଁ ତାହା ଭିନ୍ନ । ଏଠି ଥା'ନ୍ତି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଏମିତିକି ପ୍ରତ୍ୟକ ବିଭାଗ ପାଇଁ ଜଣେ ଜଣେ ଶିକ୍ଷକ କିନ୍ତୁ ଭଲପାଇବା ନଥାଏ । ମୋ ରୋଲ୍ ନଂ ଅଷ୍ଟମରେ ହୁଏ ୭, ନବମରେ ହୁଏ ୯ ଆଉ ଦଶମରେ ୫ । ଆପଣ ଭାବୁଥିବେ ଏତେ ସରଳରେ ଗୋଟିଏ ଧାଡିରେ ତିନି ବର୍ଷ କେମିତି ବିତିଲା, କଥା ତ ତାହା ନୁହେଁ ଯାହା ଏଠାରେ ପ୍ରକାଶ କରିହେବ । ତାହା ଲେଖିବା ତ ଦୁରର କଥା ଭାବିଲେ ହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖ ଲାଗେ ସେମାନଙ୍କ(ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସାଙ୍ଗ) ମାନସିକତା ବିଷୟରେ । ସଂଘର୍ଷରେ କଟିଥିବା ଛାତ୍ର ଜୀବନର ସ୍ମୃତି ମନେ ପଡ଼ିଲେ ଦୁଃଖ ଲାଗେ ବେଳେ ବେଳେ ଏ ମାନବିକତା ହରାଇଥିବା ପରିବେଶରେ ରହିବା ହିଁ ତ ଅନୁତାପର ସ୍ରୋତ ପାଲଟି ଯାଏ ।

ଏଥର ବିଦାୟ ବେଳ, ବିଦାୟ ବେଳରେ କବିତା ପଦେ –

କହୁ କହୁ ତ ବହୁତ କିଛି କହିଦେଲି
ମୋ ଅକୁହା ମନର ବେଦନା କଥା
ଆଉ ଦିନେ ଆସି କାନେ କହିଦେବି
ମୋ କଲେଜ ଜୀବନୀ ଗାଥା
କାହିଁକି ଲେଖିଲି କେମିତି କେଜାଣି
ଜାଣି ପାରୁନାହିଁ ମୁହିଁ
ଦଶ ବର୍ଷର କଥା
ଦଶ ପୃଷ୍ଠାରେ ରଖିଦେଲି
ଆହା ଅଚିହ୍ନା ମଣିଷ ହୋଇ
ଚିହ୍ନା ମୁହଁ ସବୁ ଅଚିହ୍ନା ସାଜିଲେ
ମୋ କାହାଣୀ କାହାକୁ କହିବି କାହିଁ ...... ! !
ଶୁଭ ବିଦାୟ ପୁଣି ଦେଖା ହେବା ଆଉ ଏକ ନିଶବ୍ଦ ପ୍ରହରେ ..... ! !

କରଚୁଲି (ବୁଗୁଡ଼ା), ଗଞ୍ଜାମ
ପିନ୍ ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଗତି



ରଶ୍ମୀରଞ୍ଜନ ପଣ୍ଡା

କାଳର କରାଳ ତଳେ କିଏ ବା ବଞ୍ଚିପାରିବ ? ପ୍ରତ୍ୟେକ ମନୁଷ୍ୟକୁ ଦିନେ ନା ଦିନେ ନିଜ ବାଲ୍ୟବସ୍ଥାକୁ ଛାଡି କିଶୋର, ଯୌବନ, ବାର୍ଦ୍ଧକ୍ୟ ଅବସ୍ଥାକୁ ଅତିକ୍ରମ କରିବାକୁ ପଡିବ ।

ଶୀତୁଆ ସକାଳର ଭିଜା କାକରରେ ଉନ୍ମାଦିତ ଧରାପୃଷ୍ଠରେ ଏକ ପାହାଡର ବକ୍ଷଛେଦି କୁଳୁ କୁଳୁ ନାଦକରି ବହିଯାଉଥିବା ଝରଣାର ନୀର ପରି ସମୟ ବିତି ଚାଲିଛି । ଆଉ ତାହା ସହିତ ତାଳ ମିଳାଇ ଚାଲିଛି ଆମ ବୟସ । ବାଲ୍ୟ, କିଶୋର ପରେ ଏବେ ଯୌବନରେ ପଦାର୍ପଣ କରିଛି । ଯୌବନରେ ଉନ୍ମାଦିତ ଶରୀରକୁ ନିଜ ଆୟତ୍ତରେ ରଖିବା କଷ୍ଟକର ହୋଇପଡୁଛି । ବୟସ ବଢିବା ସହ ପରିବାରର ବୋଝ ମନକୁ ଆନ୍ଦୋଳିତ କରୁଛି ପ୍ରତିଦିନ ।

ଦୀର୍ଘ ଦଶମାସ ଦଶଦିନ ଗର୍ଭଧାରଣ ପରେ ମାତୃଗର୍ଭରୁ ଧରାପୃଷ୍ଠକୁ ଜନ୍ମ ନେଇଥିଲି ଦିନେ ମୁଁ । ମାଆର ବକ୍ଷରୁ ସ୍ତନ୍ୟପାନ କରି ମେଣ୍ଟାଇଲି ଉଦରର କ୍ଷୁଧା । ବାପାଙ୍କ ଆଙ୍ଗୁଠି ଧରି ପାଦପରେ ପାଦ ଆଗକୁ ବଢାଇ ଚାଲିବା ଶିଖିଥିଲି । ବାରମ୍ବାର ତଳେ ପଡିଥିବା ସତ୍ତ୍ୱେ ବାପାଙ୍କ ପ୍ରୋତ୍ସାହନ ହିଁ ମୋତେ ଚାଲିବାକୁ ଶକ୍ତି ଦେଇଥିଲା । ପରିବାରବର୍ଗଙ୍କ ବାକ୍ ସଂଯୋଜନା କଣ୍ଠରେ ମାଆ ନାଁ ଧରିବାର ଦେଇଥିଲା କ୍ଷମତା । ଅବୋଧ ଶିଶୁଟିଏ ପରି ଦାଣ୍ଡ ଧୂଳିରେ ସାଙ୍ଗମାନଙ୍କ ସହ ବିତାଇଲି ଶୈଶବ । ସମାଜ ସହ ତାଳ ମିଳାଇ ଚାଲିବା ପାଇଁ ଆବଶ୍ୟକ ହେଲା ଶିକ୍ଷା । ପ୍ରଥମରୁ ଦଶମ ଯାଏ ଗାଁ ସ୍କୁଲରେ କଟିଗଲା ପିଲାଦିନ । ତଥାପି ଶାନ୍ତ ହେଲା ନାହିଁ ଅମାନିଆ ମନ । ଶିକ୍ଷାର କ୍ଷୁଧା ବଢୁଥାଏ । କ୍ଷୁଧା ମେଣ୍ଟାଇବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଗାଁଠାରୁ କିଛିଦୂର ଅବସ୍ଥିତ ଏକ ସହରରେ ସରକାରୀ ମହାବିଦ୍ୟାଳୟରେ ଲେଖାଇଲି ନାମ । ପାଇଲି ନୂଆ ନୂଆ ସାଙ୍ଗସାଥି ମିଶିଲି ସହରବାସୀଙ୍କ ସହ । ସମାଜକୁ ଅଧିକରୁ ଅଧିକ ଜାଣିବାକୁ ଚେଷ୍ଟାକଲି । ଏମିତି ଅନୁସନ୍ଧାନ ଭିତରେ କଟିଗଲା ମୋର କଲେଜ ଜୀବନ । ତୃଷ୍ଣା କଣ କେବେ କ୍ଷୁଧାକୁ ମେଣ୍ଟାଇ ପାରେ ? ସେହିପରି ଏହି ଅତୃପ୍ତ ମନ ଉପର ପାବଛକୁ ଲଙ୍ଘିବାକୁ ଚେଷ୍ଟା କଲାପରେ ଶେଷରେ ସଫଳ ହେଲା । ବାପ-ମା, ସାଙ୍ଗ-ସାଥି, ଆତ୍ମୀୟ ସ୍ୱଜନଙ୍କୁ ଛାଡି ଘରଠାରୁ ଅତି ଦୂରରେ ଥିବା ଏକ ବିଶ୍ୱବିଦ୍ୟାଳୟରେ ଲେଖାଇଲି ନାମ । ପୁଣି ମିଳିଲେ ନୂଆ ସାଙ୍ଗସାଥି, ଜୀବନର ପଥକୁ ଆଲୋକିତ କରୁଥିବା ସୂର୍ଯ୍ୟଙ୍କ ପରି ମିଳିଲେ ପ୍ରଧ୍ୟାପକ-ପ୍ରଧ୍ୟାପିକା । ଏହାର ପଶ୍ଚାତପଟରେ ଘଟିଗଲା ଏକ ଘଟଣା ଦେଖାହେଲା ଏକ ସୁନ୍ଦରୀ ତରୁଣୀ ସହ । ହୃଦୟ ପଞ୍ଜୁରୀରେ ଥିବା ଏହି ମନ ପକ୍ଷୀଟିକୁ କରିନେଲା ଚୋରି । ଶୟନେ, ସପନେ, ଜାଗରଣେ ଦୃଶ୍ୟମାନ ହେଲା ତାର ପ୍ରତିଛବି ଆନ୍ଦୋଳିତ କଲା ମନକୁ, ଭୁଲିଲି କର୍ତ୍ତବ୍ୟ ଏବଂ ଲକ୍ଷ୍ୟସ୍ଥଳ । ଜୀବନର ଚଲାପଥରେ ହେଲି ପଥଭ୍ରଷ୍ଟ ପଥିକ । ମରିଚିକା ପଛରେ ଧାଇଁ ଧାଇଁ ଯାଇ ପହଞ୍ଚିଲି ମରୁଦ୍ୟାନରେ, ଯେଉଁଠିଥିଲା ଉପେକ୍ଷା, ମିଥ୍ୟା ପ୍ରତିଶୃତି, ଛଳନା, କପଟ । ଜୀବନରେ ପାଇଲି ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା । ପଥପ୍ରଦର୍ଶକ ସାଜିଲେ ମୋ ଗୁରୁ । ଅଥଳ ପାଣିରେ ଗୋଡ ଖସି ଯାଉଥିବା ବେଳେ ହାତଧରି ଉଠାଇ ନେଇଥିଲେ ମୋତେ ସେ । ମୃଣ୍ମୟୀ ମୂର୍ତ୍ତୀରେ ଜୀବନ୍ୟାସ ପରି ପଥଭ୍ରଷ୍ଟ ପଥିକକୁ ଦେଖାଇଲେ ଏକ ନୂଆ ଲକ୍ଷ୍ୟସ୍ଥଳ । ମନେପଡିଗଲା ପିଲାଦିନର ନିଃସ୍ୱାର୍ଥପର ଜୀବନ କଥା । ଶେଷରେ ସମ୍ଭାଳି ପାରିଲିନି ହୃଦୟର କୋହକୁ ଉଚ୍ଚସ୍ୱରରେ କହିଲି, "ରେ ସମୟ ଫେରେଇଦେ ମୋ ପିଲାଦିନକୁ ।"

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପରିସର, କେନ୍ଦୁଝର
ସ୍ନାତକୋତ୍ତର ବିଭାଗ- ସଂସ୍କୃତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଡ୍



ଜ୍ୟୋତିରଞ୍ଜନ ସାହୁ

ରାଜଧାନୀର ଗୋଟିଏ ନାଁ କରା ଇଂରାଜୀ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀରେ ପଢେ ଶୁଭ । ବାପା ତା'ର ରାଜଧାନୀର ସରକାରୀ ଅଫିସରେ ଜଣେ ଉଚ୍ଚ ପଦସ୍ଥ ଅଫିସର । ମାସକୁ ମୋଟା ଅଙ୍କର ଦରମା । ମା ମଧ୍ୟ ଜଣେ ବ୍ୟାଙ୍କ୍ ଅଫିସର୍ । ଘରେ ଅଭାବ ବୋଲି କିଛି ନାହିଁ । ନା' ନା' ଭୁଲ କହିଦେଲି ବୋଧେ । ଅଭାବ ଅଛି ! ଅଭାବ ଅଛି ବ୍ୟବହାରରେ ଶାଳୀନତାର; ଅଭାବ ଅଛି ଅନ୍ୟ ପାଇଁ କିଛି ସମୟର; ଅଭାବ ଅଛି ପରିବାର ଭିତରେ ପରସ୍ପର ସମନ୍ୱୟର । ତେବେ ଶୁଭର ପରିବାର କହିଲେ ତା ବାପା ଓ ମା । ଆଉ କାହାରିକୁ ସିଏ ଏପର୍ଯ୍ୟନ୍ତ ଭଲକରି ଚିହ୍ନିପାରିନାହିଁ । ବାପା ଦେବ ବାବୁ ଖୁବ୍ ଉଚ୍ଚାଭିଳାଷି ଆଉ ମା ରୁବି ମଧ୍ୟ ଜଣେ ଅତ୍ୟାଧୁନିକା ନାରୀ । ଦେବ ବାବୁ ତାଙ୍କ ବାପା ମାଙ୍କର ତୃତୀୟ ସନ୍ତାନ । ବଡ ଦୁଇ ଭାଇଙ୍କ ଆର୍ଥିକ ସ୍ୱଚ୍ଛଳତା ଟିକିଏ କମ୍ । ରାଜଧାନୀଠାରୁ ଅନେକ ଦୂରରେ ଗୋଟିଏ ଅନାମଧେୟ ଗାଁରେ ବଡ ଭାଇ ସହ ରହୁଥିଲେ ବାପା ଓ ମା । ହେଲେ ଅର୍ଥାଭାବର ଦ୍ୱାହି ଦେଇ ବଡଭାଇ ବାପାମା'ଙ୍କର ଦାୟିତ୍ୱରୁ ନିଜକୁ ମୁକୁଳାଇବାକୁ ବ୍ୟାକୁଳ । ମଝିଆଁ ଭାଇଟା ସମ୍ପତ୍ତି ବିବାଦ ଭିତରେ ନିଜକୁ ଅଲଗା କରିନେଇ ଗଢିତୋଳିଛି ନିଜର ନୂଆ ଠିକଣା । ସେହିଭଳି ସାନଭାଇ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇବାକୁ ବ୍ୟଗ୍ର । ତିନି ଭାଇ ପରସ୍ପର ଉପରେ ଦୋଷାରୋପ କରିବାରେ ବ୍ୟସ୍ତ । କେହି ବାର୍ଦ୍ଧକ୍ୟର ଆଶାବାଡି ହେବାପାଇଁ ଇଚ୍ଛୁକ ନୁହନ୍ତି । ବାପାମା'ଙ୍କର ଦାୟିତ୍ୱଟା ସେମାନଙ୍କୁ ଅଣନିଶ୍ୱାସୀ କରିଦେଉଥାଏ । ବଡ ପାଖରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅର୍ଥାଭାବର ବାହାନା, ମଝିଆଁଟା ଦାୟିତ୍ୱ ନେବାକୁ ଅନିଚ୍ଛୁକ ଆଉ ସାନମାନେ ଦେବ ବାବୁଙ୍କ ପାଖରେ ଦାୟିତ୍ୱ ବୁଝିବାକୁ ସମୟର ଅଭାବ । କାହିଁକିନା ଶୁଭ ମା'ଙ୍କ ରୋକଠୋକ୍ କଥା, "ମୋ ପାଖରେ ବୁଢା ବୁଢୀଙ୍କ ସେବା ପାଇଁ ସମୟ ନାହିଁ । ଅଫିସ୍ କାମ ଘର କାମ ଭିତରେ ଶୁଭର କଥା ବୁଝିବାକୁ ମୋ ପାଖରେ ସମୟ ନାହିଁ; ମୁଁ ପୁଣି ସେମାନଙ୍କ କଥା କଣ ବୁଝିବି ! ମୋ ଦେଇ ହୋଇପାରିବନି । ଯଦି ବାପାମା ସେବା କରିବାର ଇଚ୍ଛା ଆଉ ଗୋଟିଏ ଘରେ ସେମାନଙ୍କୁ ରଖ । ଏଇଠି ରଖନାହିଁ ।"

ସେଦିନ ଘରର କୌଣସି ପୁଅ ବାପାମା'ଙ୍କର ବାର୍ଦ୍ଧକ୍ୟ ଦାୟିତ୍ୱ ନେବାକୁ ଅନିଚ୍ଛୁକ ହେବାର ଦେଖି ଦେବ ବାବୁଙ୍କ ମା ଦେବବାବୁଙ୍କ ପାଖକୁ ଆସି କହିଲେ, "ବାବୁରେ ! ତୋ ବାପାର ଦେହଟା ଆଉ ଭଲ ରହୁନି । ତୁ ତ ସହରରେ ରହୁଛୁ । ଆମକୁ ଟିକିଏ ତୋ ପାଖକୁ ନେଇଯା । ତୋ ବାପାକୁ ସହରରେ ଭଲ ଡାକ୍ତରଙ୍କୁ ଦେଖାଇଲେ ସେ ଭଲ ହୋଇଯିବେ । ସେ ଥରେ ଭଲ ହୋଇଗଲେ ତୁ ଆମକୁ ଯେଉଁଠି ନେଇ ଛାଡିଦେବୁ ଆମେ ଦୁଇଜଣ ସେଇଠି ରହିଯିବୁ । ଆଜି ତୋ ବାପା ତୋ ମୁହଁକୁ ଚାହିଁବସିଛନ୍ତି । ତୁ ଆସିଲେ ତାଙ୍କୁ ସହରକୁ ନେଇଯିବୁ ।" ଅନ୍ୟ ଉପାୟ ନପାଇ ଦେବବାବୁ ବାଧ୍ୟ ହୋଇ ବାପାମା'ଙ୍କୁ ରାଜଧାନୀ ନେଇଆସିଲେ । ତେବେ ମନରେ ଥାଏ କିପରି ଏହି ଗୁରୁ ଦାୟିତ୍ୱରୁ ନିଜକୁ ମୁକ୍ତ କରିବେ ! କିପରି ପତ୍ନୀ ରୁବିଙ୍କୁ ବୁଝାଇବେ ଯେ ବାପା ମା କିଛିଦିନ ପାଇଁ ଘରକୁ ଆସିବେ ! ତେବେ ଶାଶୁ ଶ୍ୱଶୁରଙ୍କ କିଛିଦିନର ରହଣି ଭିତରେ ଅତିଷ୍ଠ ହୋଇଉଠିଲେ ରୁବି ମ୍ୟାଡାମ୍ । ଦେବ ବାବୁଙ୍କ ପାଖରେ ପ୍ରତିଦିନ ତାଙ୍କର ଅଭିଯୋଗର ଲମ୍ବା ଫର୍ଦ୍ଦ । ଦିନେ ଏହାକୁ ନେଇ ଅନେକ କିଛି ବିଚାର ବିମର୍ଶ କରୁଥାଆନ୍ତି ଦେବ ବାବୁ ଆଉ ରୁବି ମ୍ୟାଡାମ୍ । ଏତିକିବେଳେ ପଛରୁ ହଠାତ୍ ଶୁଭ ପାଟିକରି ପଚାରିଲା, "ଡ୍ୟାଡି ! କାଲି ମୋର ଫ୍ୟାନସି ଡ୍ରେସ୍ କମ୍ପିଟିସନ୍ । ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଡ୍ ହେବି । ଡ୍ୟାଡି ! ଗଡ୍ କିଏ ?" ଶୁଭର ମୁଣ୍ଡକୁ ଆଉଁଷି ଦେଉଦେଉ ଦେବ ବାବୁ କହିଲେ "ଯିଏ ଆମକୁ ଜନ୍ମ ଦେଇଛନ୍ତି; ଯିଏ ଆମ କଥା ବୁଝୁଛନ୍ତି; ଯାହାକୁ ଆମେ ଯେତେବେଳେ ଯାହା ମାଗୁ ସିଏ ସାଙ୍ଗେସାଙ୍ଗେ; ଦେଇଦିଅନ୍ତି ସିଏ ହେଲେ ଗଡ୍ ।" ବାପାଙ୍କ ମୁହଁକୁ ବଲବଲ କରି କିଛି ସମୟ ପାଇଁ ଚାହିଁଦେଇ ଶୁଭ ଜେଜେବାପା ଜେଜେମାଙ୍କ ପାଖକୁ ଚାଲିଗଲା ।

ପରଦିନ ସ୍କୁଲରେ ଥାଏ ଫ୍ୟାନସି ଡ୍ରେସ୍ କମ୍ପିଟିସନ୍ । ଶୁଭ ଗଡ୍ ବେଶରେ ନିଜକୁ ସଜେଇ ହେଇ ସ୍କୁଲର ଷ୍ଟେଜ ଉପରକୁ ଉଠିଲା । କିଛି ସମୟ ପାଇଁ ଟିକିଏ ନର୍ଭସ୍ ହୋଇଗଲା ସିଏ । ପୁଣି ଆରମ୍ଭ କଲା, "ମେରେ ଗ୍ରାଣ୍ଡ ଫାଦର ଓଡିଆ ମେ ବୋଲନେ କେଲିଏ ବୋଲେହେଁ । ଗଡ୍ କିଏ ? ମୋ ବାପା କହିଲେ ଯିଏ ଆମକୁ ଜନ୍ମ ଦେଇଛନ୍ତି; ଯିଏ ଆମ କଥା ବୁଝୁଛନ୍ତି; ଯିଏ ଆମେ ଯେତେବେଳେ ଯାହା ମାଗୁ ସାଙ୍ଗେସାଙ୍ଗେ ଦେଇଦିଅନ୍ତି ସିଏ ହେଲେ ଗଡ୍ । ମୋ ଗ୍ରାଣ୍ଡ ଫାଦର କହିଲେ ମୋ ଡ୍ୟାଡ୍ ହେଉଛନ୍ତି ମୋ ପାଇଁ ଗଡ୍ ।" କିଛି ସମୟ କଣ ଟିକିଏ ଚିନ୍ତା କରି ଶୁଭ ପୁଣି କହିଲା, "ତା ହେଲେ ମୋ ଗ୍ରାଣ୍ଡ ଫାଦର ମୋ ଡ୍ୟାଡଙ୍କର ଗଡ୍ । ମୋ ଗ୍ରାଣ୍ଡ ଫାଦର କହନ୍ତି ମୁଁ ହେଉଛି ଛୋଟ ଗଡ୍ । ତାମାନେ ମୋ ଡ୍ୟାଡ୍ ବଡ ଗଡ୍ ଆଉ ମୋ ଗ୍ରାଣ୍ଡ ପା' ! ସିଏ ସବୁଠାରୁ ବଡ ଗଡ୍ । ଆଉ ଯେତେବେଳେ ମୁଁ ସବୁଠାରୁ ବଡ ଗଡ୍ ହେବି ସେତେବେଳେ ମୁଁ ବି ଟେମ୍ପଲ୍ କୁ ଯିବି; ଯେମିତି ମୋ ଗ୍ରାଣ୍ଡପା' କାଲି ଟେମ୍ପଲ୍ କୁ ଯିବେ ! ମୋ ଗ୍ରାଣ୍ଡଫାଦର କହୁଥିଲେ ସିଏ ଆଉ ଆମ ଘରେ ରହିପାରିବେନି । ସିଏ ସବୁଠାରୁ ବଡ ଗଡ୍ ନା ! ସେଇଥି ପାଇଁ ଏବେ ସେ ଟେମ୍ପଲକୁ ଯିବେ । ସେଠାରେ ବହୁତ ବଡ ବଡ ଗଡ୍ ଅଛନ୍ତି । କାଲି ମୋ ଗ୍ରାଣ୍ଡ ଫାଦର ସେଠାକୁ ଯିବେ । ତାପରେ ମୋ ଡ୍ୟାଡ୍ ଆଉ ତାପରେ ମୁଁ ଯେତେବେଳେ ସବୁଠାରୁ ବଡ ଗଡ୍ ହୋଇଯିବି ସେତେବେଳେ ମୁଁ ବି ସେ ଟେମ୍ପଲକୁ ଯିବି । ଡ୍ୟାଡି ! କାଲି ଗ୍ରାଣ୍ଡ ପା'ଙ୍କୁ ଟେମ୍ପଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଲାବେଳେ ମୋତେ ବି ନେଇଯିବ । ମୁଁ ବି ସେ ଟେମ୍ପଲରେ ଥିବା ସବୁ ବଡ ଗଡ୍ ମାନଙ୍କୁ ଦେଖିବି ! ଡ୍ୟାଡି ! ମୋତେ ଟେମ୍ପଲ୍ କୁ ନେଇଯିବନା ।" ଶୁଭର କିଛି ସମୟର ସ୍ପିଚ୍ ଟା ସେଠାରେ ଉପସ୍ଥିତ ସମସ୍ତଙ୍କୁ ସ୍ପିଚ୍ ଲେସ୍ କରିସାରିଥିଲା । କିଛି ସମୟର ନିରବତାକୁ ଭଙ୍ଗକରି ଦେବ ବାବୁ ଷ୍ଟେଜ୍ ଉପରକୁ ଚଢିଗଲେ ଆଉ ଛାତିରେ ଭିଡିଧରିଲେ ଶୁଭକୁ । ଉପସ୍ଥିତ ଜନତାଙ୍କ କରତାଳି ଭିତରେ ବହିଚାଲିଥାଏ ରୁବି ମ୍ୟାଡାମ୍ ଙ୍କ ଆଖିରୁ ପଶ୍ଚାତାପର ଅଶ୍ରୁ ।

□ ଜ୍ୟୋତିରଞ୍ଜନ ସାହୁ ॥

jrs.2013rediffmail@gmail.com

୮୮୯୫୧୫୬୩୫୫



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଝିଅଟି



ପ୍ରଶାନ୍ତ କୁମାର ନାଥ

ଆଦିତ୍ୟ ସେଦିନ କଲେଜ ଯାଉଥାଏ । ଘରଠାରୁ କିଛିବାଟ ଗଲାପରେ ପଡେ ଜେମାମଣି ଛକ । ସେହି ଛକଠାରୁ କଲେଜର ଦୂରତା ପ୍ରାୟ ଚାରି କିଲୋମିଟର । ତେଣୁ ସେହି ଛକରୁ ହିଁ ଅନେକ ସାଙ୍ଗ ଭେଟ ହୋଇ ଯାଆନ୍ତି ।

ସେଦିନ କିନ୍ତୁ ଟିକେ ଲେଟ ହୋଇ ଯାଇଥିଲା । ବୋଧହୁଏ ସବୁ ସାଙ୍ଗମନେ ଚାଲିଗଲେଣି । ଆଦିତ୍ୟ ଗାଡିର ସ୍ପିଡ଼ ବଢ଼ିଇଲା କଣ୍ଟା ଅଶୀକୁ ଛୁଇଁଲା । କିଛି ବାଟ ଗଲା ପରେ ଦେଖିଲା ଏକ ସୁନ୍ଦରୀ ତରୁଣୀ ଛାତିରେ ବହି ଜାକି ଠିଆ ହୋଇଛି । ଆଉ ଲିଫ୍ଟପାଇଁ ଆମନ୍ତ୍ରଣ କରୁଛି । ପପୁ ଭାବିଲା ଆଜିକାଲି ବେଳକାଳ ଠିକ୍ ନାହିଁ ପୁଣି ଝିଅପିଲାଟା ଫସେଇଦେବନି ତ ? ଏମିତି ଭାବୁଭାବୁ ତା'ର ଗାଡି ବ୍ରେକ ମାରି ସାରିଥିଲା । ଆଉ ସେ ଝିଅଟି ମଧ୍ୟ ବସି ସାରିଥିଲା ଆଦିତ୍ୟର ଗାଡି ପଛରେ । କହିଲା ପ୍ଲିଜ ମୋତେ ଟିକେ କ୍ଷଣପ୍ରଭା କଲେଜ ପାଖରେ ଛାଡ଼ିଦେବେ ।

ଆଦିତ୍ୟ ଆଶ୍ଚର୍ଯ୍ୟ ହୋଇଗଲା । କାହିଁକି ନା ସେ ମଧ୍ୟ ସେହି କଲେଜର ଛାତ୍ର । କିନ୍ତୁ ସେ ତ କେବେ ସେଇ ଝିଅଟିକୁ ଦେଖିନି କଲେଜରେ । ପଚାରିଲା ତୁମେ କଲେଜରେ ନୂଆ ବୋଧେ । କାହିଁ ମୁଁ ତ କେବେ ତୁମକୁ ଦେଖିନି ଆମ କଲେଜରେ । ଝିଅଟି କହିଲା ନାହିଁ ମୋର +୨ ପ୍ରଥମ ବର୍ଷ । ଏବେ ନୂଆକରି କଲେଜ ଯାଉଛି । ଆପଣ କଣ ସେହି କଲେଜରେ ପଢ଼ନ୍ତି କି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁ ମୋର +୨ ଦ୍ୱିତୀୟବର୍ଷ । କହିଥିଲା ଆଦିତ୍ୟ ।

ସେତେବେଳକୁ ଗାଡି ପହଞ୍ଚି ସାରିଥିଲା କଲେଜ ପାଖରେ ଆଉ ଝିଅଟି ଓହ୍ଲେଇ ବାଏ ବାଏ କରି ଚାଲି ଯାଇଥିଲା । ବେଳେ ବେଳେ କଲେଜରେ ସେ ଝିଅ ସହ ଦେଖାହୁଏ ଆଦିତ୍ୟର । ଦୁହେଁ ଦୁହିଁଙ୍କୁ ଦେଖି ଟିକେ ହସି ଦିଅନ୍ତି ।

କିନ୍ତୁ ସେହି ଦିନଠାରୁ ସେହି ଜାଗା ଆସିଲେ, ଆଦିତ୍ୟ ଗାଡିର ସ୍ପିଡ଼ କମିଯାଏ । ତା'ର ଆଖି ଖୋଜିବୁଲେ ସେହି ଝିଅଟିକୁ କେତେବେଳେ ଦେଖାହୁଏ ତ କେତେବେଳେ ହୁଏନା ।

ଆଦିତ୍ୟ ବହୁତ ଥର ଭାବିଥାଏ ଏହି ଥର ଦେଖାହେଲେ ତାକୁ ତାର ନାଁ ପଚାରିବି । କାହିଁକି ନା ଆଦିତ୍ୟ ମନେ ମନେ ତାକୁ ଭଲପାଇ ସାରିଥିଲା । କିନ୍ତୁ ତାକୁ ଦେଖିଦେଲେ ସବୁ କିଛି ଭୁଲିଯାଏ । ଯାହା କିଛି ଭାବିଥାଏ କିଛି ବି କହିପାରେନି ।

ଆଦିତ୍ୟ ଭାବିଥାଏ ଯାହା ବି ହେଉ ଏହିଥର ଦେଖାହେଲେ ତାକୁ ମୋର ମନକଥା ଖୋଲି କହିଦେବି ।

କିଛିଦିନ ପରେ ଆଦିତ୍ୟ ତାର ସାଙ୍ଗ ବାହାଘରରେ ଯୋଗ ଦେବାକୁ ଯାଇଥିଲା । ତାର ସାଙ୍ଗ ବାହାଘର ମଧ୍ୟ ସେହି ଗାଁ ହରିପୁରରେ ହେଉଥାଏ । ଆଦିତ୍ୟ ମନରେ ଅନେକ ଉତ୍କଣ୍ଠା । ଯାହାହେଲେ ବି ନିଶ୍ଚିତ ତାର ଦେଖାହେବ ସେହି ଝିଅଟି । ଆଉ ସେଇଠି ହିଁ ସିଏ କହିଦେବ ତାର ମନର କଥା । ବାଣ ରୋଷଣୀରେ ସମସ୍ତେ ବାହାଘରର ମଜା ନେଉଥିବା ବେଳେ ଆଦିତ୍ୟର ମନଥାଏ ସେହି ଝିଅଟି ପାଖରେ କେତେବେଳେ ବର ପହଞ୍ଚିବ କନିଆଁ ଗାଁରେ । ଆଉ ତାର ଦେଖାହେବ ତାର ସ୍ୱପ୍ନର ପରୀ ସହିତ ।

ବର ପହଞ୍ଚିଗଲା କନିଆଁ ଘର ଗାଁରେ । ଆଦିତ୍ୟର ଆଖି ଖୋଜି ବୁଲୁଥାଏ ସେହି ଝିଅଟିକୁ । କିନ୍ତୁ କେଉଁଠି ବି ଦେଖାହେଲା ନାହିଁ ସେହି ଝିଅଟି ସହିତ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର ପହଞ୍ଚିଲା ପରେ ସବୁ ସାଙ୍ଗମାନେ ବସିଥାନ୍ତି । ଆଦିତ୍ୟ ଭାବୁଥାଏ ହୁଏତ କନିଆଁ ପାଖରେ ସେହି ଝିଅଟି ଥାଇପାରେ । ମୁଁ ଭାଉଜକୁ ଦେଖିକି ଆସୁଛି କହି ଆଦିତ୍ୟ ଚାଲିଗଲା କନିଆଁ ବସିଥିବା ସ୍ଥାନକୁ । ସେଠାକୁ ଯାଇ ଯାହା ଦେଖିଲା ସେ ବିଶ୍ୱାସ କରି ପାରିଲା ନାହିଁ । ତାର ପାଦତଳୁ ଯେମିତି ମାଟି ଖସି ପଡ଼ିଲା । କାହିଁକିନା କନିଆଁ ବେଶରେ ବସିଥିଲା ସେହି ଝିଅଟି ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର - ୭୫୫୦୧୩

ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଇଟି ମିନିଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ରୁଟି

"ବାପାରେ... ନେ ଏଇ ରୁଟି ପଟକ ଖାଇଦେ, କଲେଜରେ କେତେ ସମୟ ଯାଏ ଉପାସ ରହିବୁ ? ନେ ... ମୋ ବାପାଟା ପରା... !"

ସ୍ନେହମୟୀ ମା' ତା ଗେହ୍ଲାପୁଅକୁ ରୁଟି ପଟେ ଖୋଇବା ପାଇଁ କେତେ ମିନତୀ କରୁଥାଏ, କିନ୍ତୁ ତା ପୁଅ ଲୁଲୁ ମୁହଁ ଭଣଭଣ କରି କହୁଥାଏ, "ନା ମମ୍ମି, ମୁଁ ସେ ରୁଟି ଫୁଟି କିଛି ଖାଇବିନି । ସବୁବେଳେ ସେଇ ରୁଟି, ଆଉ କିଛି କରିବାକୁ ତୋର କଣ ମନେ ପଡୁନି ?"

"ହଉ ହେଲା ବାବା, ମୁଁ କାଲି ତୋ ପାଇଁ ପୋହା କରିଦେବି, ନେ ଏଇ ରୁଟି ଖଣ୍ଡକ ଖାଇନେ ।" ମମତା ଭରା ମିଠା ଶବ୍ଦରେ ମା' ତା ଅବୁଝା ପୁଅକୁ ବୁଝାଉଥାଏ ।

ତଥାପି ଲୁଲୁର ମନ ବଦଳିଲାନି, ବାଇକ୍ ଷ୍ଟାର୍ଟ୍ କରୁ କରୁ କହୁଥାଏ, "ଡେଲି ଡେଲି ରୁଟି ଖାଇ ବିରକ୍ତ ଲାଗୁଛି ମମ୍ମି । ଯାଉଛି କଲେଜ କେଣ୍ଟିନରେ ବର୍ଗର୍ ଖାଇଦେବି ।" ମା'ର ଆଖି ସାମନାରୁ ତା ପୁଅ ଅଦୃଶ୍ୟ ହୋଇଗଲା ।

ଲୁଲୁ ରାସ୍ତାରେ ବାଇକରେ ଯିବାବେଳେ ଏକ ପ୍ରକାର ଉତ୍କଟ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଏପଟ ସେପଟ ଦେଖୁଥାଏ । ଅନତୀ ଦୂରରେ ପ୍ରଚଣ୍ଡ ଖରାକୁ ଖାତିର ନ କରି ଜଣେ ଲୋକ ଗଳିତ ଗୋରୁର ଛାଲ ବାହାର କରୁଥାଏ । ଇଚ୍ଛା ନଥିବା ସତ୍ତ୍ୱେ ଲୁଲୁ ତା ପାଖକୁ ଯାଇ ପଚାରିଲା, "ତୁମେ ଏ ସବୁ କେମିତି କରୁଛ ? ତୁମକୁ କଣ ଘୃଣା ଲାଗୁନି ?"

ଲୋକଟି ନିଜ କାମରେ ଲିପ୍ତରହି କହିଲା, "ବାବୁ ! ସବୁ ପେଟପାଇଁ ନାଟ । ଏହା ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ ଦାନା ଗଣ୍ଡେ, ରୋଟି ପଟିଏ ମିଳିବ କୋଉଠୁ ?”

ଲୋକଟିର କଥା ଶୁଣି ଲୁଲୁ ସ୍ତବ୍ଧ ଚକିତ ହେଲା । ପୁଣିଥରେ ବାଇକ୍ ଷ୍ଟାର୍ଟ୍ କରି କଲେଜ ଗଲା । ସାରାଦିନ କଲେଜ କ୍ଲାସରେ ତା ମନ ଆଦୌ ଲାଗିଲାନି, ତା ମମ୍ମି ଯାଚୁଥିବା ରୁଟି ଆଖି ସମ୍ମୁଖରେ ସିନେମାର ରିଲ୍ ପରି ଘୁରି ଚାଲିଲା ।

ସତରେ ପଟେ ରୁଟି ଓ ଗଣ୍ଡେ ଦାନା ପାଇଁ ମଣିଷ ସମାଜରେ କଣ ନ କରୁଛି ! ଅଥଚ ସେ ମମ୍ମିର ଅଯାଚିତ ସ୍ନେହବୋଳା ରୁଟିକୁ ତୁଚ୍ଛ ମନେକରି ପଳେଇ ଆସିଲା...

+=========================+

ଭୋକ

“ଆଲୋ ଜଗୁ ମା, ଟିକେ ବାହାରକୁ ଆ, ଦେଖ ତୋ କୁଳନନ୍ଦନ କଣ କରିଛି, ଦେଖିବୁ ଆ...”

“କଣ ହେଲା ଖୁଡ଼ୀ ? କାହିଁକି ଏମିତି ଆକାଶଫଟା ପାଟି କରୁଛ ? ”

“ଆଲୋ ଆକାଶ ତ ତୋ ମୁଣ୍ଡରେ ଛିଡ଼ି ପଡ଼ିଲାଣି, ପୁଅ ଜନ୍ମ କରୁଛୁ ପରା, ଦେଖ କେମିତି ତାମସା କରିଛି !”

“ଆରେ ତୋର କଣ ହେଲା ଜଗୁ ? ତୋ ଦେହ ଏମିତି ପୁରା ନୀଳ ପଡ଼ିଯାଇଛି ? କିରେ, କିଏ ତୋତେ ମାରିଛି ନା କଣ ?”

“ଆଲୋ ତୁ ଜାଣିବୁ କେମିତି ? ଆମ ବସ୍ତି ଛକ ଦୋକାନରୁ ଏଇଟା ପରା ବଡ଼ା ଚୋରେଇ ଖାଉଥିଲା । ଶମ୍ଭୁଆ ଯେମିତି ଏଇଟାକୁ ଦେଖି ଧରି ନେଇଛି, ପିଟି ପିଟି ପୁରା ଦେହକୁ ନୀଳ କରିଦେଲା ।”

“କିରେ ଏ ସବୁ କଣ ସତ ? ଏମିତି ଚୁପଚାପ୍ ଠିଆ ହେଲୁ କଣ ପାଇଁ ? ଘଟଣା କଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଛି କହ ?" ସୀମା ନିଜ ପୁଅକୁ ତାଗିଦ କରୁଥାଏ ।

"ହଁ, ମୁଁ ସେ ଦୋକାନରୁ ବଡ଼ା ଚୋରେଇ ଖାଇଛି ।" ଜଗୁ, ଯିଏ କି ଦଶକି ବାର ବର୍ଷର ବାଳକ ତା ମା' ପାଖରେ ସତ ମାନୁଥାଏ ।

"କୁଳାଙ୍ଗାର । ଚୋର କୋଉଠିକାର । ତୋତେ ଟିକେ ସରମ ଲାଗିଲାନି, ବଡ଼ା ଚୋରି କରି ଖାଉଛୁ ? କହ କଣପାଇଁ ଏମିତି କଲୁ ?" ସୀମା ଜଗୁକୁ ତାଗିଦ କରି ଦୁଇ ଚାରି ପାହାର ପିଟି ସାରିଥାଏ ।

"ଭୋକ ଲାଗିଥିଲା ମା ।" ତୋତେ କହିଲେ ତୁ କହିବୁ ବାପାକୁ ମାଗ । ବାପା ପାଖକୁ ଗଲେ ନିଶାରେ ସେ ମୋ କଥା କିଛି ବୁଝିବନି । ତା ହେଲେ ତୁ କହ ଖାଇବିନି ତ ମରିଯିବିନି ? ମୁଁ ସତ କହୁଛି ମା, ମୋତେ ବହୁତ ଭୋକ ଲାଗୁଥିଲା, ଖାଲି ଗୋଟେ ବଡ଼ା ଉଠେଇ ଖାଇଛି ।

ତା ମାନେ ଭୋକ ହେଲେ ଚୋରିକରି ଖାଇବୁ ? ବଦମାସ୍ ଚୋର..." ସୀମା ଜଗୁକୁ ଆହୁରି ପିଟୁଥାଏ ।

"ମୋତେ କଣ ପାଇଁ ମାରୁଛୁ ? ଭୋକକୁ ମାରୁନୁ ? ମୋତେ କାହିଁକି ବାରମ୍ବାର ଭୋକ କରୁଛି ?"

ଜଗୁର ଆକୁଳିତ ପଦିଏ କଥାଏ ସୀମା ହାତରେ ଧରିଥିବା ବାଡ଼ି ଉପରକୁ ଉଠି ସ୍ଥାଣୁଭଳି ଅଟକି ରହିଲା । ପରେ ପୁଅକୁ ଭିଡ଼ିଆଣି ନିଜ କୋଳରେ ପୁରେଇ କଇଁ କଇଁ କାନ୍ଦି ଉଠିଲା ।

ବି ସି-୭୪, ସେକ୍ଟର - ୧, ସଲ୍ଟ ଲେକ୍, କୋଲ୍କାତା - ୬୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱରବର୍ଣ୍ଣରେ ସ୍ମରଣୀକା



ସନ୍ତୋଷ ପଟ୍ଟନାୟକ

( ଅ ଠାରୁ ଔ ପର୍ଯ୍ୟନ୍ତ)

ଅଗତିର ଗତି ହେ' ଜଗତପତି
ଅସହ୍ୟ ହେଲାଣି ଦୁଃଖ
ଅନ୍ତର୍ଯ୍ୟାମୀ ତୁମେ ନଜାଣୁଛ କେଣେ
ଅନ୍ତର ବେଦନା ଟିକ....

ଆସକ୍ତି ଥରେ ମନ ବୃନ୍ଦାବନେ
ଆଶେ ଅଛି ମୋର ଚିତ୍ତ
ଆଡ ଚାହାଣୀରେ ଦୁଃଖ ମୋ' ପରଖି
ଆଶିଷ ବରଷିଥାନ୍ତ....

ଇତି ହେଉ ମୋର ଅବଶୋଷ ଟିକ
ଇତର ପ୍ରଣାମ ରଖ
ଈଶ୍ୱର ବିଶ୍ୱାସୀ ହେଉ ମନ ମୋର
ଈଷତ୍ କରୁଣା ସିଞ୍ଚ.....

ଉଆସ ମୋହର ଲୋଡା ନାହିଁ ପ୍ରଭୁ
ଉଣା ନହେଉ କରୁଣା
ଉଦାର ପଣରେ ଉଦ୍ଧାରିବ ତାତ
ଉପାଡି କାମ ବାସନା.....

ଋଷ୍ଟ ହୋଇ କିବା କଷ୍ଟ ଦିଅ ସାଇଁ
ଋଗୁଣ ମନକୁ ଛାର
ଋଖାଟିଏ ମୁହିଁ  ଦୀପ ଧରିବାକୁ
ଋତ୍ୱିକ୍ ତୁମେ ତ' ମୋର....

ଏବେଠାରୁ ଗୁଣେ ଗୁଣକୁ ତୁମରି
ଏ'ପାରିରୁ କର ପାରି
ଐର ବିନାଶକ  ହେ'ବିଶ୍ୱ ନାୟକ
ଐକୁଣ୍ଠ ଦେବ ମୁରାରୀ.....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଠ ଜପୁଥାଉ ନନ୍ଦନନ୍ଦନ ଙ୍କୁ

ଓଲଟ ପାଲଟ କରି

ଔତ୍ସୁକ ଜାଗ୍ରତେ ମନ ଭରିଉଠୁ

ଔଦାସୀନ ପରିହରି.....

ଋତ୍ୱିକ୍ - ପୁରୋହିତ

ଋଖା - ଦୀପ ରଖିବା ପାଇଁ ବ୍ୟବହୃତ କାଠ ପାତ୍ର, ଦୀପରଖା

ଐକୁଣ୍ଠ - ସର୍ବଶ୍ରେଷ୍ଠ

ଐରି - ଶତ୍ରୁ

ଔତ୍ସୁକ୍ୟ - ପ୍ରବଳ ଆଗ୍ରହ, ଉତ୍ସାହ

ଔଦାସୀନ - ଉଦାସୀନତା, ଅନାସକ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିର ଅମର ପର୍ବତରାଣୀ...



ପ୍ରଦ୍ୟୁତ କୁମାର
ମହାଖୁଡ଼

ଉତ୍କଳର ଗର୍ବ ଜନ୍ମି କନ୍ୟାରତ୍ନ
ଉତ୍କଳକୁ କଲ ଖ୍ୟାତ
ଚିର ସ୍ମରଣୀୟ କଳ୍ପନା ତୁମେ
କଳ୍ପନାକୁ କଲ ସତ ।।

ଅସୀମ ଧର୍ଯ୍ୟ ଅସୀମ ସାହସ
ସଫଳ ତୁମ କାହାଣୀ
ସ୍ୱର୍ଣ୍ଣୀମ ଅଧ୍ୟାୟ ରଚି ଇତିହାସେ
ଏଭରେଷ୍ଟ ବିଜୟିନୀ ।।

ପୃଥିବୀ ପ୍ରସିଦ୍ଧ ଶୃଙ୍ଗ କି ପର୍ବତ
ସବୁ ଶିଖରେ ବିଜୟ
ଦ୍ୱିତୀୟ ପାଳିରେ ଏଭରେଷ୍ଟ ଛୁଇଁ
ଦାରୁଣ ଚିର ବିଦାୟ ।।

କିଲିମାଞ୍ଜରୋରୁ ଆକନକାଗୁଆ
ମାଉଣ୍ଟ କାଉକା ସସ୍
ମାଉଣ୍ଟ କେଜ୍ଞସୋରେ ପାଦକୁ ଥାପିଲ
ରଖି ମନରେ ବିଶ୍ୱାସ ।।

ଦକ୍ଷିଣ ଆଫ୍ରିକା ଯୁକ୍ତରାଷ୍ଟ୍ର ଠାରୁ
ଅଷ୍ଟ୍ରେଲିଆ ମହାଦେଶ
ଭାରତ ନେପାଳ ଶୃଙ୍ଗ ଜୟକରି
ଢେଙ୍କାନାଳ କପିଳାସ ।।

ମହାକାଶଚାରୀ କଳ୍ପନା ଚାୱଲା
ଆରୋହୀ କଳ୍ପନା ଦାସ
ଏ କି ସାମଞ୍ଜସ୍ୟ ସଫଳ କ୍ଷଣରେ
ଛାଡ଼ିଲେ ଶେଷ ନିଃଶ୍ୱାସ ।।

ଅତି ନିଦାରୁଣ ବିଧିର ନିର୍ଦ୍ଦେଶ
ସାରିଦିଏ ସବୁ ଖେଳ
ହୋଇ ଶୋକାକୁଳ କାନ୍ଦୁଛି ଉତ୍କଳ
କାନ୍ଦେ ଗଡ ଢେଙ୍କାନାଳ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଇନ ପେଷାରେ ଆଗଭର ଥିଲ

ଗୌରବ ଅଧିକାରିଣୀ

ଅପୂରଣୀୟ କ୍ଷତି ଏ ଦେଶର

ଆହତ କଳ୍ପନା ପ୍ରେମୀ ।।

ନାରୀ ସଂଶକ୍ତି କରଣ ଅଗ୍ରଦୂତ

କିଏ ହେବ ତୁମ ଭଳି

ହେ ପର୍ବତ ରାଣୀ ଏ ଜାତି ଦେଉଛି

ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।।

ପ୍ରଦ୍ୟୁତ କୁମାର ମହାଖୁଡ଼

ବିଜ୍ଞାନ ଶିକ୍ଷକ, ପଞ୍ଚାୟତ ଉଚ୍ଚ

ବିଦ୍ୟାଳୟ, ଇଚ୍ଛାବତି ପୁର,

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଫେରା ବନ୍ଧୁ



ରୋଜା ପଣ୍ଡା

ବନ୍ଧୁଟିଏ ଥିଲା ମୋର କୁଷ୍ଠ ଆଶ୍ରମରେ
ଯା କଥା ଆଜିବି ମୋର ଭାରି ମନେପଡେ
ଦିନଥିଲା ଯାଉଥିଲି ଭେଟିବାକୁ ତାକୁ
ସବୁ ଛୁଟି କଟୁଥିଲା ଶୁଣି ତା କଥାକୁ
କହୁଥିଲା ସିଏ ତାର ଜୀବନ କାହାଣୀ
ହୃଦୟଟା ଫାଟୁଥିଲା ତା କଥାକୁ ଶୁଣି
ପିଲାଦିନ କଟିଥିଲା ତାର ଭିକ୍ଷା ମାଗି
ଭିକାରି ସେ ସାଜିଥିଲା ଅନାଥଙ୍କ ଲାଗି
କେତେ ଅନାଥଙ୍କୁ ସିଏ ମଣିଷ କରିଛି
କେତେ ଭୋକିଲା ପେଟରେ ଦାନା ଦେଇଅଛି
ନିଜେ ପଙ୍ଗୁ ହେଇ ମଧ୍ୟ ଅନ୍ୟ କଥା ଭାବେ
ଦିନ ଦରିଦ୍ର ସେବାରେ ଖୁସି ସିଏ ଲଭେ
କୁଲି କାମ କରି ନିଜ ପେଟ ପୋଷୁଥିଲା
ବାର ବରଷର ଯେବେ ସିଏ ହେଇଥିଲା
କୁଷ୍ଠରୋଗୀଟିଏ ବୋଲି ଲୋକେ ଘୃଣା କଲେ
ଧନ୍ଦାରୁ ତାହାକୁ ସର୍ବେ ନିବୃତ ଯେ କଲେ
ଭୋକ ବିକଳରେ ତାର ଦିନ କଟୁଥିଲା
ଉପାୟ ନପାଇ ଭିକ୍ଷା ବୃତ୍ତିକୁ ବାଛିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଧୁ ମୋର ଦିନେ ଏକ ରୋଗୀକୁ ଭେଟିଲା
ଭୟଙ୍କର ହୃଦୟ ରୋଗରେ ପିଡୀତ ଯେ ଥିଲା
ତାକୁ ଦେଖି ବନ୍ଧୁ ମୋର ମର୍ମାହତ ହେଲା
ସାହାଯ୍ୟ କରିବାପାଇଁ ମନେ ଚିନ୍ତା କଲା
ନିଜ ଅପାରଗତାକୁ ସକ୍ଷମ କରିଲା
ନିଜ ହୃଦୟକୁ ସିଏ ଦାନ କରିଦେଲା
ହୃଦୟ ପାଇ ସେ ରୋଗୀ ନୂଆ ଜୀବନ ପାଇଲା
ହେଲେ ବନ୍ଧୁ ଚିରକାଳ ଆଖି ବୁଜିଦେଲା
ନଅ ଦିନ ପରେ ତା ମୃତ୍ୟୁ ଖବର ପାଇଲି
ଅଫେରା ବନ୍ଧୁକୁ ସବୁଦିନ ହରାଇଲି
ବନ୍ଧୁ ଠାରୁ ବହୁ ନୀତିଶିକ୍ଷା ମୁଁ ପାଇଲି
କାର୍ଯ୍ୟରେ ଲଗାଇବାକୁ ପ୍ରତିଜ୍ଞା କରିଲି
ନିଜେ ପଙ୍ଗୁ ସତ୍ୱେ ଇତିହାସ ସେ ରଚିଲା
ତ୍ୟାଗବଳେ କାହାର ସେ ଜୀବନ ରଖିଲା
ଏମିତି ଅମୂଲ୍ୟ ବନ୍ଧୁ ସଭିଙ୍କୁ ନମିଳେ
ମିଳଇ କେବଳ ନିଜ ସୁକର୍ମ ବଳେ
ଜୀବନ ଦୀପଟା ସିନା ତାର ଲିଭିଗଲା
ହେଲେ ମୋ ମନେ ସେ ଚିର ଅମର ହୋଇଲା
ବନ୍ଧୁ ସିନା ନାହିଁ ଏବେ ମୋରି ପାଖରେ
ରହିଛି ରହିବ ସିଏ ମୋ ଟିକି ହୃଦୟରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତୀକ୍ଷା



ସୁନିତା ବାରିକ

ତୁମକୁ ନିଜର କରିବାର
ସ୍ୱପ୍ନ ସବୁକୁ ଆଖି ରେ ସଜେଇ
ସାରିଲା ପରେ
ତୁମେ କହିଲ ହେଇ ଟିକିଏ ରୁହ !
ମୁଁ ଏଇ ଗଲି ଆଉ ଏଇ ଆସିଲି
ହେଲେ କାହିଁ !
ପ୍ରତିଶ୍ରୁତି ଦେଇ ନ ରଖିବା
ତୁମର ପୁରୁଣା ବଦଭ୍ୟାସ
ଏ ସବୁ ଜାଣିବା ସତ୍ତ୍ୱେ
ସେ ଦିନୁଁ ତୁମ ଫେରିବା ପଥକୁ
ନିର୍ନିମେଶ ନୟନରେ ଚାହିଁ ରହିଛି
କିନ୍ତୁ ?

କାଇଁ ତମେ ତ ଫେରୁନ !
ସବୁ ଥର ପରି ଏଥର ବି
ଫେରି ଆସିବ ଏଇ ଅପେକ୍ଷାରେ
ହେଇ ଦେଖ !
ଆଖି ଦୁଇ ଶୁଖିଲା ମରୁଭୂଇଁ ପାଲଟି ଯାଇଛି
ହଉ ହେଲା
ଏଥର ଆସିଲେ ତୁମ ଉପରେ
ଅଭିମାନ କରିବିନି
ସତ !
ଥରୁଟିଏ ହେଉ ପଛେ
ମୋ ସ୍ୱପ୍ନ ସବୁକୁ ଉପଲବ୍ଧି କରେଇଦିଅ
କିଛି ନହେଲେ
ଅବୁଝା ଅଲୋଡା ସ୍ୱପ୍ନ ସବୁକୁ
ଅନ୍ତତଃ ମନେଇ ଦେଇ ଯାଅ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ସ୍ୱପ୍ନ କ'ଣ ବାସ୍ତବ ରୂପରେଖ

ନେଇପାରେ ?

ନାଆଁ ନା !

ହଁ, କାହିଁକି ବା ହେବ

ଗରିବ ନିରୀହ ଝିଅ ଠାରୁ ଅବା

କ'ଣ ମିଳିପାରିଥାନ୍ତା ତୁମ କୁ

ଯାହା ମିଳିଛି ସେ ସମ୍ଭ୍ରାନ୍ତ ଶ୍ରେଣୀର

ଅଲିଅଳି ରୂପସୀ ଜୀବନ ସଙ୍ଗିନୀର

ହାତ ଧରିବା ପରଠାରୁ

ହେ ! ମୁଁ ବୋକି ଟାଏ

ତୁମ କୁ ମୋ ମନ ମନ୍ଦିର ରେ

ଦେବତା କରି ପୂଜିବାର

ବୃଥା ଅପଚେଷ୍ଟା ଟି ଏ କରି ପକେଇଲି

ଭୂଲି ଯାଇଥିଲି

ରକ୍ତ ମାଂସ ରେ ତିଆରି ଶରୀର ଟା

କ'ଣ କେବେ

ଦେବତା ର ସ୍ଥାନ ନେଇପାରେ ?

ଆଃ !

ସେ ପାଷାଣ ଦେବତା ଟା

ତୁମ ଠାରୁ ଢେର୍ ଗୁଣରେ ଭଲ

ଏଇ କଥା ବୁଝିବାରେ

ବହୁ ଡେରି ହୋଇଗଲା

ବୋଧହୁଏ.........

ସୁନିତା ବାରିକ, ଦକ୍ଷିଣ କାଳୀ ରୋଡ୍

ଢେଙ୍କାନାଳ, ୭୫୯୦୦୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖରା



ଡ ଆଲୋକ
କୁମାର ରାୟ

ଧୂ ଧୂ ଖରା ଚରି ଯାଉଅଛି ଜ୍ୟେଷ୍ଠ ର ସଦ୍ୟ ବିଧବା ଭୂଇଁ
ଆକାଶଟା ସାରା ଚିକମିକ ଖରା ପବନେ ଜୀବନ ନାଇଁ
ଦେହର ଅଳସ ଭାଙ୍ଗେ ନବଜାତ କାନ୍ଦେ ଯେବେ କଇଁକଇଁ
ଏଠି ମାଆର ମମତା ସ୍ତନଭର୍ତି କ୍ଷୀର ସାଇତା ଜୀବନ ପାଇଁ । ୧
ପାଣ୍ଡୁର ଲାଗେ ମନର ବଗିଚା ପ୍ରୀତି ଫୁଲ ହୁଏ ହାଇଁପାଇଁ
ତତଲା ସପନ ନିଦ ଭାଙ୍ଗିଦିଏ ଖରା ଯେବେ ଯାଏ ମନ ଛୁଇଁ
ଦାଉ ଦାଉ ଜଳେ ଜୀବନଜୀବିକା ଖରା ଯେବେ ଉଠେ ଚେଇଁ
କୋଳାହଳମୟ ପଥେ ନୀରବତା ଦୌଡେ ହୋଇ ଧଇଁସଇଁ । ୨
ବାଲୁକା ବୁକୁରେ ଖରା ପାରି ଶେଯ ଆକାଶେ ରହିଛି ଚାହିଁ
ମୃଗତୃଷ୍ଣା ସୃଜେ ଆଶାର ବାରିଧି ଶକତ ବିଶ୍ୱାସ କାହିଁ
ହଁସା ଉଡିଯାଏ ଖରା ଯେବେ ଅସୁରୁଣୀ ବୁଢ଼ୀ ସାଜେ ହେ ସାଇଁ
ପଲପଲ ସ୍ୱେଦ ରକତ ପରାଏ ଦେହୁ ବୋହିଯାଏ ଧାଇଁ । ୩
ଖରା ଭାରି ତୀକ୍ଷ୍ଣ କ ।ନପୁରୀ ଛୁରୀ ସଜାଗ ରହିଥା ଦନେଇଁ
ମୁଣ୍ଡଫଟା ଖରା ଦିଏ ଭାରି ବ୍ୟଥା ଫୁଟିଯାଏ ଟାଇଁଟାଇଁ
ମନେ ପଡେ ନଈରେ ଗାଧୁଆ ଯଦି ମୁଣ୍ଡ ହୁଏ ଝାଇଁଝାଇଁ
ତାଳ ଗୋଟମାରେ ଖେଳ ଯେ ଖେଳିବା ନଇଁଲେ ଖରା ଯାଇଁ । ୪

ଜଗତସିଂହପୁର । ମୋ: ୯୪୩୭୦୬୮୦୦୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସିବ କି ଥରେ...



ରଜୀତ ଦାସ

ଥାଇ ତୁମେ କେତେ ଦୁରେ
ହାତ ଠାରି ଡାକ
କେତେ ସନ୍ଧ୍ୟା ଯାଏ ବିତି
ପୁଣି କେତେ ରାତି
ଝରକା ଟା ଖୋଲା ଥାଏ
କାଳେ ତମେ
ଆସିବ କି ସାଥି । ୧

ବେଳେ ବେଳେ ଆସୁଥାଏ
ହେନା ର ବାସନା
ତମେ କିନ୍ତୁ କାହିଁକି ଆସନା
ଅପେକ୍ଷା ତ ଥାଏ ମୋର
ଆକାଶ ର ଅଗଣା ରେ ନୀତି
ତଥାପି ଆସେନା କାହିଁ
ସେଇ ଜହ୍ନ ରାତି । ୨

ତୁନି ତୁନି ତୁମ କଥା ଶୁଭେ
ଖୋଲା ଥିବା
ସେଇ ଝରକାରେ
ସ୍ମୃତି କିନ୍ତୁ ଉପହାସ କରେ
ଛାଇ ପରି
ମନ ପରଦାରେ । ୩

ଅଶ୍ରୁ ଯେବେ ପିଇ ଯାଏ ଓଠ
ବେଦନା ରେ ଭରା ଏ ଦିଗନ୍ତ
ଇନ୍ଦ୍ରଧନୁ ହୁଏ ବର୍ଣ୍ଣ ହୀନ
ଫେରି ଯାଏ ଅଧାରୁ ସପନ
ସେତେବେଳେ ସବୁ କିଛି ଲାଗେ
ମ୍ଲାନ ଆଉ ପାଣ୍ଡୁର ମଳିନ । ୪

ସିଙ୍ଗିଟାଳି, କୁଜଙ୍ଗ, ପାରାଦ୍ୱୀପ, ୮୨୯୩୦୯୪୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ଷତ



ଶ୍ରୀକ୍ଷେତ୍ର ସୁନ୍ଦର

ଡହ ଡହ ଖରା ତାତିରେ ଆଜି
ଧରଣୀ ହୁଏ ଅଧିରା
ଆକାଶମୁଖୀ ଆଖି ତାହାର
ବୁକୁରେ କେତେ କୋହ
ଆପଣା ବୋଲି କେହି ତ ନାହିଁ
ଆହା କହିବା ପାଇଁ
ସତେ ଯେମିତି ସଭିଏଁ ଆଜି
ବଇରୀ ତା ପାଇଁ
ସବୁ ହରାଇ ଶ୍ରୀହୀନ ହୋଇ
ବସିଅଛି ମଉନେ
ତଥାପି ଆଶାର କବର ତଳୁ
କୃଷ୍ଣଚୁଡ଼ା ଫୁଲ ନିରେଖୀ ଦେଖେ
ମୁରୁକି ହସେ
ଧରଣୀ ରାଣୀ ବୁଝେଇ କହେ
ଦୁଃଖପରେ ସୁଖ, ରାତିପରେ ଦିନ
ସକାଳ କଥା ସଂଜେ ନାହିଁ
ଦିନେ ଶ୍ରାବଣ ତ ଫେରି ଆସିବ
ସୃରୁଜର ବଳ ହଟିବ
ସବୁଜିମାରେ ତୋ କୋଳ
ପୁଣି ପୁରି ଉଠିବ

ସଂଗୀତ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଗାଇସିଲେଟ୍, ବରଗଡ଼
ଭ୍ରାମ୍ୟଭାଷ : ୯୦୯୦୨୭୭୮୦୬

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଫୋନୀ - ସତର୍କର ଘଣ୍ଟି



ସରୋଜିନୀ ମିଶ୍ର

ମହାଲକ୍ଷ୍ମୀ ପଚାରନ୍ତି ପ୍ରଭୁ ମୁଖ ଚାହିଁ
ଇଏ କେଉଁ ଲୀଳା ପ୍ରଭୁବାରେ କହିବଇଁ ?
ଅମୃତ ସାଗରେ ପ୍ରଭୁ କରିଣ ଶୟନ
ପଠାଇଲ ଶେଷନାଗେ କରିବ ଦଂଶନ ।
ଫୋନି ନାମଧାରୀ ନାଗ ଶ୍ରୀକ୍ଷେତ୍ରକୁ ଯାଇ
ଧ୍ୱଂସ ବିଧ୍ୱଂସ କରିଣ ପକାଇଲା ମହୀ ।
ପତିତଙ୍କ ଦୁଃଖହର ବୋଲି ଦୁଃଖହାରୀ
ପତିତପାବନ ବାନା ଉଡ଼େ ଫିରିଫିରି ।
ନୀଳଚକ୍ରୁ ବାନା ପ୍ରଭୁ ଉଡ଼ାଇଣ ନେଲ
ପୁରାତନ ବଟବୃକ୍ଷ ବିଖଣ୍ଡିତ କଲ ।
ନୀଳାଚଳ ଧାମେ ତୁମେ ପ୍ରଭୁ ଜଗନ୍ନାଥ
କୋଟି କୋଟି ଭକ୍ତଙ୍କର ହୃଦୟ ଆରାଧ୍ୟ ।
ନିଜଧାମ ଶ୍ରୀକ୍ଷେତ୍ରକୁ କଲ ଛାରଖାର
ସେଠି ରହିବାକୁ ଇଚ୍ଛା ନାହିଁ କି ଠାକୁର ।
ସ୍ମିତହାସ୍ୟେ କହନ୍ତି ଅନନ୍ତ ନାରାୟଣ
ପଚାରିଲା ଯଦି ଶୁଣ ଏହାର କାରଣ ।

ମାନବ ଜାତିକୁ ଶ୍ରେଷ୍ଠ କରି ମୁଁ ଗଢ଼ିଲି
ବୁଦ୍ଧି ଓ ବିବେକ ଦେଇ ଧରାକୁ ପେଶିଲି ।
ଜୀବଜଗତରେ ଶ୍ରେଷ୍ଠ ମାନବ ହୋଇଲା
ବିଜ୍ଞାନର କରାମତି ମୋତେ ଦେଖାଇଲା ।
ସୁଶୋଭିତ ବୃକ୍ଷରାଜି ସୁଘଞ୍ଚ ଜଙ୍ଗଲ
କାଳକ୍ରମେ ଲୋପ ପାଇ ଗଲାଟି ସକଳ ।
ସ୍ୱାର୍ଥାନ୍ଧ ମାନବ ନିଜ ସ୍ୱାର୍ଥସିଦ୍ଧି ପାଇଁ
କାଟିନେଲା ବୃକ୍ଷରାଜି ଲଗାଇଲା ନାହିଁ ।
ଯେଉଁ ବୃକ୍ଷ କରେ ନିୟନ୍ତ୍ରିତ ତାପମାନ
ବୃକ୍ଷ ନ ରହିବା ଯୋଗୁଁ ବଢ଼ିଲା ଗରମ ।
ସୃଷ୍ଟିର ନିୟମ ଉଲଂଘନ କଲା ନର
କୋପିତ ହେଲା ପ୍ରକୃତିରାଣୀ ତା ଉପର ।
ମୋର ପ୍ରିୟ ବୃକ୍ଷରାଜି କରିଦେଲା ନଷ୍ଟ
ତେଣୁ ମାନବ ପାଇବ ନିଶ୍ଚିତରେ କଷ୍ଟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଏକ କଥା ଶୁଣ ସାଗର ତନୟା
ଅଭିମାନୀ ଜନେ ମୋର ନ ଥାଏଟି ଦୟା ।
ନୀଳାଚଳ ଧାମେ ମୁହିଁ ଜଗନ୍ନାଥ ରୂପେ
ଅଛି ଜାଣି ଭକ୍ତ ତୋଷ କରୁଥିଲେ ତପେ ।
ଧିରେ ଧିରେ ଶ୍ରୀକ୍ଷେତ୍ରବାସୀଙ୍କ ଅଭିମାନ
ବଢ଼ିଗଲା ଅନ୍ୟାୟ ଅନୀତି ନେଲା ସ୍ଥାନ ।
କଳହରେ ଲିପ୍ତରହି କଲେ ହତାଦର
ଭାବିଲେ କିଏ ବା କ୍ଷତି କରିବ ତାଙ୍କର ?
ତେଣୁ ତାଙ୍କୁ ଶିକ୍ଷା ଦେବା ଦରକାର ଥିଲା
ଫୋନୀକୁ ମୁଁ ପଠାଇଲି ଭୁଲ କି ବା ହେଲା ?
ଏବେ ବି ସମୟ ଅଛି ହେଲେ ସଚେତନ
ଜଣକେ ଗୋଟିଏ ବୃକ୍ଷ କରିବେ ରୋପଣ ।
ବୃକ୍ଷରାଜିରେ ଶୋଭିତ ହୋଇବ ଜଙ୍ଗଲ
ପଶୁପକ୍ଷୀ ବିଚରିବେ ହୋଇ ଦଳ ଦଳ ।
ପ୍ରକୃତିରାଣୀର ଶୋଭା ହେବ ଦ୍ୱିଗୁଣିତ
ମହାବାତ୍ୟା, ହୁଡୁହୁଡୁ ହେବେ ଭୟଭୀତ ।
ତିତିଲି ଓ ଫୋନି କେହି ପାରିବେନି ଆସି
ଜନ ସମୁଦ୍ରରେ ଯିବ ଖୁସି ଯେ ବରଷି ।
ଏହା ସତ୍ତ୍ୱେ ସାବଧାନ ନ ହୋଇଲେ ନର
ଦେଖିବ ସେ ପ୍ରଳୟର ରୂପ ଭୟଙ୍କର ।
ସବୁଶୁଣି ମହାଲକ୍ଷ୍ମୀ ହୋଇଲେ ହରଷ
ଧନ୍ୟ ତୁମର ମହିମା ପ୍ରଭୁ ଜଗଦୀଶ ।
ଲୀଳାମୟ ତୁମଲୀଳା କେ ପାରିବ ବର୍ଣ୍ଣି
କ୍ଷଣିକରେ ଧ୍ୱଂସ କରିପାର ଏ ମେଦିନୀ ।
ସତର୍କ ସୂଚନା ତୁମେ ଦେଲ ଯେ ପଠାଇ
ସମ୍ଭାଳି ଯାଉ ମାନବ ଜାତି ଏହା ପାଇ ।
ଅବମାନନା କରିଲେ ତା ଫଳ ସ୍ୱରୂପ
ଛାରଖାର କରିଦେବ ପ୍ରକୃତିର କୋପ ।

ଶିକ୍ଷୟିତ୍ରୀ, ଆଲୋକ ନଗର
ଆମ୍ବପୁଆ, ବ୍ରହ୍ମପୁର
ଭ୍ରାମ୍ୟଭାଷ : ୯୯୩୮୪୬୫୨୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତି ମା...



ସୌମ୍ୟା ସୂଚରିତା
ସେଣ

ଇନ୍ଦ୍ରଧନୁ ଏବେ ବିଛେଇ ପଡିଛି
    ସୁରୁଜ ଆର ପଟରେ
ମେଘରାଣୀ ଏବେ ଘୁମେଇ ପଡିଛି
    ସତେକି କ୍ଲାନ୍ତ ଭାବରେ । ୧
ପତ୍ର ମାନେ ଏବେ ସୁନ୍ଦର ଦିଶନ୍ତି
    ସାରିଛନ୍ତି ଅବା ସ୍ନାହାନ
ଚଢେଇ ମାନେ କିଚିରି ମିଚିରି
    କୋଇଲିର କୁହୁ ତାନ । ୨
ସାଧବ ବୋହୂ ଗମନ କରନ୍ତି
    ଧୀମା ଧୀମା ତାଙ୍କ ଗତି
ବକ ବସିଛି ବିଲ ମୁଣ୍ଡରେ
    ପୋକ ଜୋକ ତାର କତି । ୩
ଧୀରେଧୀରେ ପୁଣି ସୁରୁଜ ଉଠୁଛି
    ଛାଇଁ ଛାଇଁ ଖରା ପଡ଼େ
ବାଦଲ ଢାଙ୍କନ୍ତି ନିଜ ଚାଦରରେ
    ସୁରୁଜକୁ ନିଦ ମାଡ଼େ । ୪

ଚାଳ ଛପରରୁ ଗଡି ପଡୁଅଛି
    ନାଲି ପାଣି ଧାର ଧାର
ସାରୁ  ପତ୍ର ରେ ରହିବା ପାଇଁକି
    କେତେଯେ ପ୍ରୟାସ ତାର । ୫
ମାଣ୍ଡୁକ ମାନଂକ ସାହାନାଇ ସୁର
    ପୋଖରୀ ହୁଡ଼ାରୁ ଶୁଭୁଚି
ବରଷା ଦିନେ ଚାରିଆଡୁ ଖାଲି
    ମାଟିର ସୁଗନ୍ଧ ଛୁଟୁଚି । ୬
ଛୋଟଛୋଟ ମୀନ  ଅମାନିଆ ହୋଇ
    ଆଣ୍ଠୁଏ ପାଣିରେ ପଶନ୍ତି
ମୁଗୁରା ବସିଛି ଧରିବା ପାଇଁକି
    ନଜାଣି ସେମାନେ ଫସନ୍ତି । ୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବବୁଲିଟି ମୋର କାଗଜ ଡଙ୍ଗାକୁ

ଛାଡ଼ିଛି ପାଣିର ସୁଅରେ

ଦଉଡି ଦଉଡି ଦେଖୁଚି ସିଏ

ହେଲାଣି କେତେ ବାଟରେ ।୮

ଚାଳ ଛପରରେ ଧୂଆଁ ବୁଲିଯାଏ

ଯେବେ ଚୁଲିରେ ନିଆଁ ଧରେ

ପ୍ରକୃତି ମାର ସୁନ୍ଦର ସ୍ୱଭାକୁ

ମନ ମୋର ଖାଲି ଝୁରେ...... ।୯

ହାଇଦ୍ରାବାଦ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବୁଝା ବିଦାୟ



ଡା ନୀଳମାଧବ କର

ତମେ କେବେ ବିଦାୟ ମାଗି ନଥିଲ

ଏମିତ ଚାଲି ଯାଇଥିଲ

ହାତ ହଲେଇ

ସାଧାରଣ ଭାବେ

ମୁଁ ଆଜି ଯାଏ ତାକୁ

ସମ୍ପୂର୍ଣ ରୂପେ

ତମ ବିଦାୟ ବୋଲି ବୁଝିନି

ତେଣୁ

ଯେବେ ତମେ ଆସୁଚ

ମୁଁ ଭାବୁଛି

ତମେ ଆସୁଚ ମୋ ଭିତରକୁ

ସେଇମିତି ସବୁଥର ପରି

ଅତି ସାଧାରଣ ଭାବେ □

ମୋ ନିର୍ବୋଧତା କୁ

ଖାଲି ମୁଁ ନୁହେଁ

ତମେ ବି ବୁଝୁଚ

ନିରୁପାୟ ହେଇ ଚାହିଁ ରହୁଚ

ସମବେଦନରେ

ଉଛୁଳି ଉଠୁଥିବା

ତମ ଆଖି ଦୁଇଟିରେ□

ସେଠି ଯେ ଆଉ

ଆବେଗ କିଛି ନାହିଁ

ଉତ୍ତରରେ

ମୋ ମାନସିକତାରେ

ଏକଥା ଅନୁଭବ କରୁଥିଲେ ବି

ମୁଁ ବାରମ୍ବାର ...

ଖୋଜୁଛି

କାଳେ ତମ ଆଖି କୋଣରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପାଇଁ ପଦୁଟିଏ (କଥା)

ବତୁରି ଉଠିବ 

ତମେ କିନ୍ତୁ ଆଉ ସୁଯୋଗ ଦିଅନି

ଖୋଜିବାକୁ ତମ ଆଖି କୋଣ

କାଳେ ମୁଁ ବୁଝି ପାରିବି ବୋଲି

ଅନ୍ତଃସ୍ଥଳ ତମ

ତମେ ଲୁଚି ଯାଅ

ମୋ ପାଇଁ ନିଷିଦ୍ଧ ତମ

ଇଚ୍ଛା ଅରଣ୍ୟରେ 

**ଓଲଭରହାମ୍ପଟନ, ୟୁକେ**

nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘେନ ମୋ ଜଣାଣ



ଡିଙ୍ଗର ନାଏକ

କାଳିଆ ସାଆନ୍ତ ପ୍ରଭୁ ଶ୍ରୀ ଜଗନ୍ନାଥ
କଣ୍ଠଶୋଭିତ ପ୍ରଭୁ ଅନାଥର ନାଥ ।
କୃପାସିନ୍ଧୁ ହରି ହେ ତୁମେ ଚକାଆଖି
କଳାମୁଖ ନାଥ ହେ ଜଗତର ସାକ୍ଷୀ
କୃପା ତୁମ ଅପାର ଆଶୀର୍ବାଦ ମାଗେ ଭିକ୍ଷା
କରୁଣା ଦିଅ ଢାଳି ଦେଇ ମୋତେ ଶିକ୍ଷା ।
କୃଷ୍ଣ ଗୋବିନ୍ଦ ପ୍ରଭୁ ଘେନ ମୋ ଜଣାଣ
କୃପଣ୍ୟ ନହୋଇ ଗାଉଛି ତୁମ ନାମ ।
କୁଣ୍ଠାବୋଧ ନାହିଁ ମୋର ତତେ ପୂଜା କରେ
କଷ୍ଟ ଦେଲେ ଦିଅ ପ୍ରଭୁ ରଖିଛି ଚିତ୍ତରେ ।
କିମ୍ପା ମୋତେ ନ ଦେଖାଅ ତୁମ ସେହି ରୂପ
କା'ଣ କଲେ ପାଇବି ଆହେ କଳାମୁଖ ।
କର୍ମକଲେ ଫଳମିଳେ ଏହା ତୁମ ବାଣୀ
କୁକର୍ମ ଠୁ ଦୂରେଇ, ନିଅ ମୋତେ ଟାଣି ।
କଳୁଷିତ ହେଲି ପ୍ରଭୁ ଦୁନିଆରେ ସତେ
କାନ୍ଦି କାନ୍ଦି ହୃଦୟଟା ଥରିଉଠେ କେତେ ।
କର୍ପୂର ଚନ୍ଦନରେ ତୁମେ ଶୋଭାପାଅ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହ୍ନର ଚାରିଆଡେ ବାସେ ମହମହ ।

କଲିଜା ଛିଡିପୋଡିଯାଏ ଡାକି ଯେ ତୁମକୁ

କଳ୍ପନା କିଭଳି କରିବି ଆହେ ମହାବାହୁ ।

କୁଞ୍ଜବନ ତୁମ ମନ ଆକାଶର ଜହ୍ନ

କ'ଣ ମୋତେ ହେଇଯାଏ ଧରି ତୁମ ନାମ ।

କବର ପାଲଟିବି ତତେ ଜପିଜପି

କମଳଲୋଚନ ପ୍ରଭୁ ତତେ ଦେଖି ଦେଖି ।

କ୍ଲେଶ ମୋର ଯାଇନାହିଁ ଖାଲି ଯେ ଯନ୍ତ୍ରଣା

କର ଯୋଡି ତୁମ ପାଦେ କରୁଛି ବନ୍ଦନା ।

କୁମୁଦନାଥ ପ୍ରଭୁ ବାହୁରେ ଦିଅ ଧରା

କେନ୍ଦ୍ରବିନ୍ଦୁ ମହାପ୍ରଭୁ ରାତିର ମୋ ତାରା ।

କାଳ ମୋତେ ଗ୍ରାସିଛି କର ଯେ ମୁକ୍ତ

କାନି ପାତି ମାଗୁଅଛି ଆହେ ଦୟାବନ୍ତ ।

କାନ୍ତ ତୁମେ ଜଗତର ଶ୍ରେଷ୍ଠ ଅବତାରେ

କଳିଯୁଗେ କଳ୍କିରୂପ ଦୁଷ୍ଟ ବିନାଶରେ ।

କରୁଣା ମାଗୁଛି ତୁମେ ଯେ ଈଶ୍ୱର

କଣ୍ଠାମୂର୍ଖ ଅଟେ ମୁହିଁ ପାମର ଡିଙ୍ଗର ।

+୩ ଦ୍ୱିତୀୟବର୍ଷ (ଓଡିଆ ବିଭାଗ)

ସରକାରୀ ସଂୟ ଶାସିତ ମହାବିଦ୍ୟାଳୟ ଭବାନୀପାଟଣା ।

କନାଗାଁ,ଧର୍ମଗଡ଼,କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମରି ରାଜନେତାଏ



ତୁଷାରକାନ୍ତ ନାୟକ

ଆମରି ରାଜନେତାଏ
ନିଷ୍ଠୁର ହୃଦୟେ କୋମଳ ମନରେ
ସଫେଦ୍ କାମିଜ ଆଉ ଟୋପି ମଥାରେ
ଚାଲୁଅଛୁ ଗାନ୍ଧୀ ଆଦର୍ଶରେ
କହୁଥାନ୍ତି ପରା ସବୁ ଆଡ଼ରେ
ଆମରି ରାଜନେତାଏ... ୧

ଫାଙ୍କା ପ୍ରତିଶୃତି କେତେ ଦିଅନ୍ତି
କଟକଣା ବିହୀନ ଆଶ୍ୱାସନାରେ
ନଥାଏ ତାହାର ମାପରେ ।
ନିର୍ବାଚନ ପରେ ସବୁ ଭୁଲିଥାନ୍ତି
ମନେ ରହେନାହିଁ ତାଙ୍କ କୌଣସି କଥାରେ ।
ଆମରି ରାଜନେତାଏ... ୨

ଶାସନ ପାଇଁକା ଭିକ୍ଷା ମାଗିବାରେ
ନଥାଏ ଶଙ୍କା ତାଙ୍କ ମନରେ
ଦେଖା ସେ ଅଇଁଠା ଛଡ଼ାଇ ଖାଉଛି
ଲଜ୍ଜ୍ୟା ନ କରି ତାଙ୍କ ମୁହଁରେ ।
ଆମରି ରାଜନେତାଏ...୩

କେମିତି ଲେଖିଲ ଭାଗ୍ୟ ଏ
ନେତାଙ୍କ ବିହିରେ
ଭିକାରୀ ବି ଏଠି ରାଜା ହୁଏ ପୁଣି
ଶୁଣି ଆଚମ୍ବିତ ଲାଗେରେ ।
ଆମରି ରାଜନେତାଏ...୪

ଭାଷଣଟି ତାଙ୍କ ଡଉଲଡାଉଲ
ମନ ଅଛି ତାଙ୍କ ଉଚ୍ଚ ଆକାଂକ୍ଷାରେ
ଏସା କରିଦେବୁ ତେଷା କରିଦେବୁ ବୋଲି
ପଣ କରିଥାନ୍ତି ନାନା ସଭାରେ
ନିର୍ବାଚନ ପରେ ସବୁ ପାଶୋରନ୍ତି
ନଥାଏ ମନ ଦୁଃଖୀ ଜନତାର ଦୁଃଖରେ
ଟଙ୍କାପାଇଁ ଏଠି ଲଢ଼ାଲଢ଼ି ପୁଣି
ଇଏ କି ଅସଲ କଥାରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାଜ କଲ୍ୟାଣ କରିବେ ବୋଲି
କହୁଥିଲେ ସତ ମିଛରେ ।
ଆମରି ରାଜନେତାଏ...୫

ଭାବୁଥାନ୍ତି ସିଏ ଗରିବ ଗୁଡ଼ାକ
ନଥାଏ ତାଙ୍କ ବୁଦ୍ଧିବିଚାରରେ
ମଦମାଂସ ଦେଇ ସେମାନଙ୍କୁ ଆମେ
କରିନେବୁ ଆମ ପଟରେ ।
ଖୁଏଇ ପିଏଇ ନିରୀହ ଜନତାଙ୍କୁ
ପରେ ଛଡ଼େଇବୁ ଦାନାରେ
ଏହି କଥା ଗୋଟି ତାଙ୍କୁ ଜଣାରେ ।
ପେଟ୍ରୋଲ୍ ଡିଜେଲ୍ ଦରରେ
କେବେ ପୁଣି ଆଳୁ ପିଆଜ ମୂଲ୍ୟରେ
ଜନତାଙ୍କ ରକ୍ତ ଶୋଷିଥାନ୍ତି ନାନା ଉପାୟରେ ।
ଆମରି ରାଜନେତାଏ...୬

ଶୋଷଣ ଦୁର୍ନୀତିକୁ ଦୂର କରିବା କଥା
ଶୁଣି ହସ ଲାଗେ ତାଙ୍କ ମୁହଁରେ
ମୁଖିଆ ଯଦି ଶୋଷଣକାରୀ ହୁଏ
ଗୁହାରୀ କରିବା କାହା ପାଖରେ ।
ଏମିତି ହୁଏ କି ରାମରାଜ୍ୟରେ
ଜାତିର ଜନକଙ୍କ କଥା ପାଶୋରିଲେ
କିଛି ନ ରଖିଲେ ନେତାଏ ମନରେ ।
ଆମରି ରାଜନେତାଏ...୭

ଇଚ୍ଛା ହୁଏ ମୋର କହିବାକୁ ତାଙ୍କ ଆଗରେ
ଇଏକି ତମ ବ୍ୟବହାରରେ
କୋମଳ ହସ୍ତର ଶକ୍ତ ସ୍ପର୍ଶରେ
ନାଲି କରିଦିଅନ୍ତି ତାଙ୍କ ଗାଲରେ ।
ବେଳ ଥାଉ ଥାଉ ତୁମେ ହୁଅ ସାବଧାନ
ବାଛ ନିଜ କର୍ତ୍ତବ୍ୟ ପଥରେ
ଦେଶ ସମାଜକୁ ଆଗେଇ ନିଅ
ଉନ୍ନତିର ପଥରେ ।
ଆମରି ରାଜନେତାଏ
ଆମରି ରାଜନେତାଏ...୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାର୍ଥପର ମଣିଷ



ମନୋଜ କୁମାର ପଣ୍ଡା

ଜୀବନର ଏକ ଅଭୁଲା ସ୍ମୃତିକୁ
କେମିତି ଭୁଲିବି କୁହ
ସ୍ୱାର୍ଥପର ଏହି ଦୁନିଆଟା ପୁଣି
ଆଖିରୁ ଝରାଏ ଲୁହ ।

ସ୍ୱାର୍ଥପାଇଁ ମା ମାତୃତ୍ୱ କୁ ଭୁଲି
ବାପା ହୁଇଯାଏ ପର
ଭଉଣୀଟି ପାଇଁ ଭାଇ ଆଜି ପୁଣି
ହୁଇଯାଏ ସ୍ୱାର୍ଥପର ।

ପ୍ରେମିକ ଏଠିତ ପ୍ରେମିକା ପାଇଁତ
ପ୍ରତାରକ ଟିଏ ସାଜେ
ଏଡ଼େ ଅମାନୁଷିକ ସ୍ୱାର୍ଥପର ସିଏ
ଜୀବନ ସାଥିରେ ଯୁଝେ ।

କେତେ ଯେ ଯୁବତୀ ଜୀବନ ହାରନ୍ତି
ବ୍ଲୁ ସିଡି ଅନ୍ତରାଳେ
ନିରୀହ ହୃଦୟ ସାଥିରେ ଖେଳନ୍ତି
ପ୍ରେମିକର ଖୋଳ ତଳେ ।।

ବନ୍ଧୁତା ପୁଣିତ ବିଷକୁମ୍ଭ ଏଠି
ସ୍ୱାର୍ଥ ତହିଁ ଲୁଚିଯାଏ
ସ୍ୱାର୍ଥ ପାଇଁ ବନ୍ଧୁ ଜୀବନ ନେବାକୁ
କଦାପି ସେ ନ ପଛାଏ ।।

ହୃଦୟର ଏକ ଅଜଣା ଜାଗାକୁ
ସ୍ୱାର୍ଥ ତ ବସିଛି ମାଡି
ସ୍ୱଚ୍ଛନ୍ଦରେ ତାକୁ ଆବୋରି ନେଉଛି
ମଣିଷ ପାରୁନି ଛାଡି ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତି ପଲକରେ ଏଠି ମଣିଷର

ଭଳି ଭଳି ରୂପ ଦିଶେ

ସରଳତାର ତା ସୁଯୋଗ ଖୋଜଇ

ଆପଣା ହୁଇ ଯେ ମିଶେ ।।

ଆଖିରୁ ତ ଯଦି ଲୁହ ଶୁଖିଗଲା

ଓଠରୁ ହଜିଲା ହସ

ସ୍ୱାର୍ଥପର ଏହି ଦୁନିଆରେ ଆଉ

ରହିଲା କି ଅବଶେଷ ।।

*ମନୋଜ କୁମାର ପଣ୍ଡା*

*ଅଡା,ବାଲେଶ୍ୱର*

*ଭ୍ରାମ୍ୟଭାଷ-୯୩୪୦୦୪୫୩୩୫*

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟିରୁ ଆକାଶ



ଅନୁସୂୟା ମିଶ୍ର

ଅନେକ ଦୂରରୁ ସତ
ଆକାଶ ବି ଦେଖିପାରୁଥିବ
ବିଦୀର୍ଣ୍ଣ ଆଜି ମାଟିର ବକ୍ଷ,
ଅନୁଭବ କରି ପାରୁଥିବ
ଗଭୀର ଏକ ବୁକୁତଳେ
ଅହରହ କୁହୁଳୁଥିବା
ନିରବ ଯେତେ ନିରାଶାର ଭାବ,
ବିବର୍ଣ୍ଣ ଯେତେ ସ୍ୱପ୍ନ
ନିସ୍ପୃହ ଯେତେ ଅନୁରାଗ
ନିରାସକ୍ତ ବି
ଯେତେ ତାର ଅଧିକାରର ଦାବି ।

ଏବେ ଆଉ ସଜେଇ ହୁଏନି ମାଟି
ରଙ୍ଗର ସମ୍ଭାର ନେଇ
ଜଗି ବସେନି
ଭିଜ ଭିଜା କାହାର ପାଦଶବ୍ଦକୁ ଚାହିଁ
ମନତଳେ ଅଙ୍କୁରି ଉଠେନି ତାର
ଆଶାର ଅଦୃଶ୍ୟ ସବୁଜିମା
ଉଛୁଳି ଉଠେନି ବି
ଅମାନିଆ ଆବେଗର ବନ୍ୟା
ଭାସିଯିବାକୁ ଚାହେଁନି ସେ
ଅବୁଝା କାହା ଅଗ୍ରହର
ଉପଲକ୍ଷ୍ୟଟିଏ ହୋଇ ।

ମାନିନେଇଛି ମାଟି
ହୁଏତ
ଆକାଶ ଆଜି ନିଃଶ୍ୱ, ଅସହାୟ
ଅନ୍ତଃସାରଶୁନ୍ୟ ତା ହୃଦୟ ।
କିନ୍ତୁ ସେଥିରେ
ବା କଣ ଦୋଷ ... ! ! !
ସବୁକିଛି ତ ସମୟର ଖେଳ,
ନିଷ୍ଠୁର ତା'ରି ନିଜସ୍ୱ ଭାଗ୍ୟ ।

ଅନୁସୂୟା ମିଶ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଜ



ବିକାଶଚନ୍ଦ୍ର ଧୁଙ୍ଗିଆ

ଜଗତର ନାଥ ହେ ବିଶ୍ୱ ବିଧାତା,
ତୋହରି ଚରଣ ବନ୍ଦେ ।
ବାରମାସେ ତେର ତୋହରି ଦୁଆରେ,
ଲାଗିଥାଏ ଜାତ କେତେ ??
ମିଥୁନ ଲଗନେ ଶୁଭ ମୁହୂର୍ତ୍ତର,
ପାବନ ବେଳାରେ ଆଜି ।
ଋତୁମତୀ ସାଜି ଧରଣୀର ତନୁ,
ସଂସାର ପାଳିବା ପାଇଁ ।।
ବସୁମତୀ ସ୍ନାନ ସରିଗଲା ପରେ,
ଚଷାପୁଅ ଖୁସି କେତେ ।
ନୂତନ ଫସଲ ଆଗମନ ପାଇଁ,
ଭୂମିକୁ କର୍ଷଣ କରେ ।।
ଘରେ ଏହି ଦିନ ପୁରେ ଆଉ ମିଶି,
ଆନନ୍ଦ ଉଚ୍ଛ୍ୱାସ କେତେ ।
ମନରେ କାହାରି ବିଷାଦ ନଥାଏ,
ଖୁସିରେ ବିଭୋର ସତେ ।।

ବାଗୁଡି ଖେଳରେ ମାତି ଭେଣ୍ଡିଆଏଁ,
ଆନନ୍ଦ ନିଅନ୍ତି ସଭି ।
ଗ୍ରାମର ରମଣୀ ମିଶି ଏକଜୁଟ,
ଲୁଡୁ ତାସ୍ ଖେଳେ ମାତି ।।
ପାଦରେ ଅଳତା କୁଙ୍କୁମର ଧାର,
ଗ୍ରାମର କିଶୋରୀ ସଭିି ।
ନୂତନ ବସନ ପରିଧାନ କରି,
ଖେଳରେ ଯାଆନ୍ତି ମାତି ।।
ଆରିସା କାକରା ମଣ୍ଡା ଖିରି ପୁରି,
ମହକି ଉଠଇ ଘରେ ।
ଗ୍ରାମ ସିମନ୍ତିନୀ ଖାଇ ମିଠାପାନ,
ବୁଲି ବାହାରନ୍ତି ପୁରେ ।।
ଆମ୍ବତୋଟା ମାନେ ଘର ଅଗଣାରେ,
ଲାଗଇ ପଟାର ଦୋଳି ।
କିଶୋରୀ ସଭିଏଁ ଝୁଲି ଝୁଲି ଦୋଳି,
ଗାଆନ୍ତି ରଜର ଗୀତି ।।

ଶୁଳିଆପଦା,ମୟୂରଭଞ୍ଜ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଜ ମଉଜ



ହୀରାବତୀ ପାତ୍ର

ଦୁଇ ପାଦେ ନାଲି ଅଳତାର ଗାର,
ହାତେ ଶୋଭିତ ମେହେନ୍ଦି ।
ଆଖିରେ ତା'ର କଳା କଜ୍ଜଳ ଗାର,
ଦେହେ ବଳିଛି ହଳଦୀ ।।୧ ।।

ନାଲି ଓଠେ ତା'ର ହସ ଖିଲି ଖିଲି,
ଖାଇ ମିଠା ରଜପାନ ।
ମନ ଆନନ୍ଦରେ ଦୋଳି ଝୁଲୁଥାଏ,
କରି ରଜ ଗୀତ ଗାନ ।।୨ ।।

ମଥାରେ କୁଙ୍କୁମ ଶୋଭା ପାଉଥାଏ,
ନାକରେ ନାଇଛି ଗୁଣା ।
ନୂତନ ବସ୍ତ୍ର ଆଭୂଷଣ କରି ସେ,
ବୁଲେ ଗାଁ ଦାଣ୍ଡ ଅଗଣା ।।୩ ।।

ପୁରେ ପୁରେ ବାସେ କାକରା ଆରିସା
ଆଉ ତ ଚକୁଳି କ୍ଷୀରି ।
ରଜ ଭାର ଆସିଛି ଆମ୍ବ ପଣସ,
ଆଉ ପୁଣି ଜାମୁ ସପୁରୀ ।।୪ ।।

ଗାଁ ଦାଣ୍ଡେ ଦେଖ ଟକାଟକି ଭିଡ,
ଖେଳ ଚାଲିଛି ବାଗୁଡ଼ି ।
ରଜ ଦୋଳି ଖେଳ ତା' ଠାରୁ ନିଆର,
ଖେଳିବା ଆସ ଲୋ ଦୋଳି ।।୫ ।।

ବଳିଥାନ୍ତି ମନ ହେବା ପାଇଁ ସଜ,
କିଶୋର କିଶୋରୀ ଗଣ ।
ବୁଢାଠୁ ପିଲାଏ କରନ୍ତି ମଉଜ,
ଦେଖାଇ ନିଜର ପଣ ।।୬ ।।

ବରଷକେ ଥରେ ମିଥୁନ ଲଗନେ,
ଆସଇ ରଜ ମଉଜ ।
ଗାଁ ଠାରୁ ସହର ଯାଏ ପାଳନ୍ତି ସବୁ,
ଘେନି ନୂଆ ସଜବାଜ ।।୭ ।।

ନଳଗଜା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନ୍ୟାୟ



ରଞ୍ଜୀତ ଅରେବେଡ଼ିଆ

ଆଇନ ବୋଲି କିଛି ଅଛି
ଯାହା ଦୋଷୀକୁ ଦଣ୍ଡିତ କରେ
ହେଲେ ଏଠାରେ ଦୋଷୀକୁ ମିଳୁନାହିଁ
ମିଳୁଛି ଗୋଟିଏ ଅସହାୟ ଲୋକକୁ !

ଆଜି ଏଠାରେ ଆଇନ ବୋଲି କିଛିନାହିଁ !
ଅଛି ରାଜନୀତି, ଗୁଣ୍ଡାଗିରି
ଯାହା ଏ ସମାଜ ପାଇଁ କଳୁଷିତ

ପୁରୁଷ ସାଜୁଛି ଏଠି ରାକ୍ଷାସ !
ଆଉ ନିରୀହ ନାରୀ ସମାଜ ଉପରେ
କରିଚାଲୁଛି ଅତ୍ୟାଚାର

କୁନ୍ଦୁଳି ଗଣଧର୍ଷଣ କଥା ଭାବିଲେ
ଲୋମ ଟାଙ୍କୁରି ଉଠୁଛି !
କ'ଣ ତା'ପାଇଁ ଆଇନ ନଥିଲା ?
ତା'ପାଇଁ ଥିଲା କେବଳ କନ୍ଦଣା !

ପିପିଲି ଗଣଦୁଷ୍କର୍ମ କଥା ଭାବିଲା ବେଳକୁ
ଆଖିରୁ ଝରିପଡୁଛି ଲୁହ
ତାକୁ ମଧ୍ୟ ମିଳିପାରିଲାନି ନ୍ୟାୟ
ଦୋଷୀ ବିନ୍ଦାସରେ ବୁଲୁଛି ଏ ସହରେ !

ଏମିତି ଘଟିଚାଲିଛି ଏ ଦେଶରେ
ନାରୀ ଉପରେ ଅତ୍ୟାଚାର !
ନାରୀ ପାଇଁ ଏଠିନାହିଁ
ସୁରକ୍ଷା, ଆଇନ, ନ୍ୟାୟ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୀଡିତା କାନ୍ଦି କାନ୍ଦି କହୁଛି

କିଏ ହେବ ମୋର ରକ୍ଷାକବଚ ?

କିଏ ମୋତେ ଦେବ ନ୍ୟାୟ ?

କିଏ ହେବ ମୋର ସାହା ଭରସା ?

ମଣିଷ ଏଠାରେ ପଶୁ ପାଲିଟିଯାଇଛି

ଆଇନ ହୋଇଯାଇଛି ଅନ୍ଧ

ଏହା କ'ଣ ଆମ ସ୍ୱାଧିନତାର ମୂଲ୍ୟ ?

ନାମ -ରଞ୍ଜୀତ ଅରେବେଡିଆ

ଗ୍ରାମ - ମିର୍ଜାପୁର, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତିବିମ୍ବ



ମୈତ୍ରେୟୀ କମିଳା

ସହରର ରାସ୍ତା ଯେବେ

ଗାଁର ନାଲି ଗୋଡି ପଥରକୁ ଛୁଏଁ

ନଡ଼ିଆଗଛ ଫାଙ୍କରେ ମତୁଆଲା ଜହ୍ନଟା

ଗଙ୍ଗଶିଉଳି ଦେହରେ  ଜଡ଼େଇ

ନଇ ବନ୍ଧ ଗାଁ ପୋଖରୀ ହୁଡ଼ା ଚାଷଜମି କିଆରୀ ଡେଇଁ

ରାଜଉଆସକୁ ଛୁଇଁଯାଏ ।

ହେଲେ କେଜାଣି କାହିଁକି

ପାକି ବୁଢ଼ୀ କଣା ଚାଳରେ ଜହ୍ନଟା ପୁରିଲା ପୁରିଲା ଲାଗେ ।

ସ୍ୱପ୍ନରୁ ବାସ୍ତବତା ଭିତରେ ଆଜି ବହୁତ ନୂଆ ନୂଆ ଲାଗୁଥିଲା ।

ଇଛା ହେଉଥିଲା ଶୁଣିବାକୁ ଗାଁ କଥା ।

କିଛି କହୁଥିଲ ପରା

ଚୁପ ରହିଲ ଯେ

ଶବ୍ଦର ବିନ୍ଦୁ ଗୁଡିକ ମିଶି ଯାଇଛି

ସ୍ୱାତୀ ନକ୍ଷତ୍ରରେ

ମୁକ୍ତାଟିଏ ହେବା ପୂର୍ବର ନିରବତା ଭାଙ୍ଗି ଦେଉଛି

ଅହରହ ଗ୍ରହ ନକ୍ଷତ୍ରର ଦିଗକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାହାଡ଼ ଚଢ଼ିବା ପୂର୍ବରୁ

ଝଡ଼ର ତାଣ୍ଡବରେ ହଜିଛି ସବୁ କିଛି

ଗରମ ଭାତ ଭିତରେ ଫୁଟି ଉଠୁଛି

ସହର ମୁଣ୍ଡ ବସ୍ତିରେ ଜୀବନଟା ।

କେହି କି କିଛି ପଚାରିବା ପୂର୍ବରୁ

ଚୁପଚାପ ହଜି ଯାଉଛି

ଆଉ ମୁଠାଏ ଶୂନ୍ୟତାରେ

ଶବ୍ଦର ଢେଉ ଘର ତୋଳିଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେଖାଯିବ ଆଜି ନୂଆ



ନରେନ୍ଦ୍ର ପ୍ରସାଦ ବେହେରା

ତୋ ବଡ଼ ଦେଉଳ ମରାମତି ପରେ
କାଳିଆରେ ଦେଖା ଯିବ ଆଜି ନୂଆ
ମୋ ଭଙ୍ଗା କୁଡ଼ିଆ ଭାଗ୍ୟ କେଉଁ ଦିନ
ଫେରିବ କହରେ ତୁ କାଳିଆ ।

ହାତରେ ନ ମାରି ଭାତରେ ମାରିଲୁ
ଅବେଳରେ ବାତ୍ୟା ଡାକି ଯେ ଆଣିଲୁ
ସର୍ବହରା ଆଜି ସଜାଇ ଦେଲୁ ତୁ
ଦାଣ୍ଡର ଭିକାରୀ କରି ଛାଡିଲୁ,
କି ଦୋଷ ମୁଁ ଆଜି କଲି ତୋଠାରେ
କାହିଁକି ତୁ ମୋତେ ଏତେ କଷ୍ଟ ଦେଲୁ ।

ଜଗତ ଠାକୁର ନାମ ବୋଲାଉଛୁ
ହେ ଠାକୁର ଜଗତ କଲ୍ୟାଣ ପାଇଁ
କେମିତି ତୁ ଆଜି ଜାଣି ପାରିଲୁନି
ଫନି ନାମେ ବାତ୍ୟା ଆସୁଛି ଧାଇଁ ।

ଭାଙ୍ଗି ଦେଲୁ ମୋର ସୁନାର ସଂସାର
କାହିଁକି ଡାକିବି ତୋତେ ଜଗତ ସାଇଁ
କେତେ ଦୁଃଖ ଦେଲୁ ନୀଳାଚଳେ ବସି
ଓହଳ ବିକଳ ଶୁଣି ହେଉଛୁ ତୁ ଖୁସି,
ମଜା ଦେଖୁଛୁ ତୁ ସିଂହାସନେ ବସି
ଦେଖିଯାଅ ଥରେ ମୋ ଗାଁକୁ ଆସି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ଅଛି ମୁଁ କେମିତି ଚଳୁଛି

ମୋ ସଂସାର ତୋତେ ଆକୁଳେ ଡାକୁଛି

ଅଭିଶାପ ଆଜି ତୋତେ ଦେବାକୁ ଭାବୁଛି,

କାହିଁକି ବସି ତୁ ଲୀଳା ଲଗାଇଛୁ

ଦେଲୁନି କାହିଁକି ଆଗୁଆ ସୂଚନା ,,

ତୋର ମନରେ ଥିଲା କି ଅହଂକାର

ଧ୍ୱସ୍ତବିଧ୍ୱସ୍ତ କରି କଲୁ ତୁ ଚୁନା ।

କାଳିଆରେ ଛାଡି ଦେଲୁ ତୋ ମନ୍ଦିର

କେମିତି ସଜଡା ହେବ ମୋ କୁଡିଆ

କାଳିଆରେ ଦେଖିଲେ ଲାଗିବ ନୂଆ

ମୋ ଭଙ୍ଗା କୁଡିଆ ନ ସଜାଡିବୁ ଯେବେ

କାଳିଆରେ ଆଜି ଭାଙ୍ଗି ଦେବି ତୋ ମୁଖଚାଳିଆ ।

ଆଳଦା, ଖଇରା,ବାଲେଶ୍ୱର,

ମୋ-୯୮୫୩୧୪୨୫୧୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା'କୁ ସମ୍ମାନ ଦିଅ



ମୋନାଲିସା
ପ୍ରିୟଦର୍ଶିନୀ ନନ୍ଦ

ନାରୀଟିଏ କଣ ପାଇଁ ଆଜି ସମାଜରେ ଅବହେଳିତ
କି ଦୋଷ କରିଥିଲା କଳିକାଟି କିଏ କହିବ ସତ - ୧
ଭଗବାନ ସୃଷ୍ଟି ରେ ଆତ୍ମାର ଲିଙ୍ଗ ନାହିଁ ଅଟେ ଯେ ଗୋଟିଏ
ପୁରୁଷ ଓ ନାରୀ ମୁଦ୍ରାର ଦୁଇଟି ପାର୍ଶ୍ୱ ନଜାଣେ କିଏ - ୨
ଦୁହିଁଙ୍କ ବ୍ୟତିରକେ ବଂଶ ବିସ୍ତାର ସମ୍ଭବ ନୁହେଁ
ମଣିଷ ବୁଝେନି ପ୍ରତି ମୁହୂର୍ତ୍ତରେ ନାରୀ ଧର୍ଷଣ ହୁଏ - ୩
ଧନ୍ୟବାଦ ରେ ମଣିଷ ସଂସାରର ସତ୍ୟ ବୁଝିବୁ କେବେ
ପ୍ରତେକ୍ଷ ପ୍ରଣାମ ଧ୍ୱଂସ ବିଭୀଷିକା ସର୍ବଦା ଦେଖୁଚୁ ଏବେ - ୪
ମା କୁ ସମ୍ମାନ ଦେ ସେ ଛତ୍ରଛାୟାରେ ରଖିବ ତୋତେ
ତାକୁ ଦୁଃଖ ଦେଲେ ଅକାଳ ବିନାଶ ତୋର ନେବୁ ଯେ ଚିତ୍ତେ - ୫
ନାରୀ ଦୁଇକୂଳକୁ ହିତା ଅଟେ ଯେ ଦୁହିତା
ଜାଣିନୁ କି କଷ୍ଟ ସହି ହୁଏସେ  ଜଗତ ଜିତା - ୬
କିଦୋଷ କରିଥିଲା ସେକୁନ୍ଦୁଲି ନାବାଳିକାଟି
କ୍ଷଣିକ ରେ ରାକ୍ଷସଗଣ ତାକୁ ଦଳି ଦେଲଟି - ୭
ଆଜି ତାର ଆତ୍ମା କାନ୍ଦୁଚି ସେ ଘନ ଜଙ୍ଗଲରେ
ଦିନେ ସେ ସଂହାର କରିବାକୁ ପୁନଃଜନ୍ମ ନେବରେ - ୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭତ୍ସ ମରଣ ଦେଇଚୁ ଆତ୍ମା ତାର କେବେ ଶାନ୍ତି ନପାଇବ

ଗଣଧର୍ଷଣ ଯେ କେଉଁଦିନ ସମାଜ ରୁ ମୂଳ ପୋଛହେବ - ୯

କେତେ ଯେ ଅବଳା ଯୌତୁକ ନିଆଁରେ ଝାସ ଦେଇଛନ୍ତି

ତଥାପି ମଣିଷ ବୁଝୁନି ଯୌତୁକ ବେପାରୀ କୁ ଝିଅ ବିକୁଛନ୍ତି - ୧୦

ଭୃଣହତ୍ୟା କରି ବେଟି ବଞ୍ଚାଅ କହି ଖାଲି  ବଡ଼ିମା ଦେଖାନ୍ତି

ଛିଃ ରେ ମାନବ ପୁତ୍ରଜନ୍ମକରି କି ଲାଭ ଘରୁ ତଡି ଯେ ଦିଅନ୍ତି - ୧୧

ସେଥିପାଇଁ ସଭିଙ୍କୁ ଅନୁରୋଧ କରୁଛିମୁଁ  ପୃଥିବୀ କୁ ରକ୍ଷା କର

ପୁଅ ଝିଅ ଙ୍କ ମଧ୍ୟେ ତାରତମ୍ୟ କେଭେ ଯେ ସୃଷ୍ଟି ନକର - ୧୨

ନାମ -ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ

ବେଦପୁର, ବାଙ୍କୀ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଫଳତା



ରଶ୍ମିତା ନାଥ

ଏକ ଅତୃପ୍ତ ଅଭିଳାଷ ଟିଏ
ଛାତ୍ର ଜୀବନର
ଏକ ଅଭିନବ ଅବଶୋଷ ଟିଏ
ମଣିଷ ମନର
ଧୈର୍ଯ୍ୟ ର ଧୂନି ଧୁନି ଜାଳି ଜାଳି
ବିଫଳତା ର ବର୍ଣ୍ଣବୋଧ ପଢିବାକୁ ପଡେ
ସମାଜ ସମାଲୋଚନା ସହି ସହି
ସଫଳତା ର ବାଟ ଚାହିଁ ବସିବାକୁ ପଡେ
ଅନ୍ଧାରର ଆଡୁଆଳରୁ ବାହାରି ଦେଖିବାକୁ ପଡେ
ମିଞ୍ଜି ମିଞ୍ଜି ଜଳୁଥିବା
ସେଇ ଆଶା ର କ୍ଷୀଣ ଆଲୋକ
ଧୀରେ ଧୀରେ ସେଇ କ୍ଷୀଣତାକୁ ଧରି ଚାଲିବାକୁ ପଡେ
କେବେ ଉତ୍ଥାନ ତ କେବେ କେବେ ପତନ
କେବେ ଜିତିବା ର ଦୁଇ ପଡ ତଳେ ତ
ପୁଣି କେବେ ହାରିବା ର ଭଙ୍ଗା ସପନ
ଏଠୁ ସେଠୁ ଟୁକୁଡା ସବୁକୁ ଗୋଟେଇ ଆଣି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିଳାଷ ର ବାଲିଘର ଟିଏ ଗଢିବାକୁ ପଡେ

ଜଣା ନଥାଏ ତାର ଆୟୁଷ କେତେଦିନ

ଚାଲୁ ଚାଲୁ ଝୁଣ୍ଟି ପଡି ଲହୁଲୁହାଣ ହେଲା ପରେ ବି

ଆଉଥରେ ଚାଲିବାକୁ ପଡେ

ନିଜେ ନିଜକୁ ବୁଝେଇ ଦେଇ

ନିଜେ ନିଜକୁ ଆଶ୍ୱାସନା ଦେଇ

ସହସ୍ର ସଂଘର୍ଷ ପରେ ଆସେ ସଫଳତା

ଧୀରେ ଧୀରେ ପାଦ ପକେଇ

ଉନ୍ମାଦିତ ହୋଇ ଉଠେ, ଆହ୍ଲାଦିତ ହୋଇ ଉଠେ

ତଥାପି ମନର କେଉଁ ଏକ କୋଣରେ

ଆଶା ରହିଯାଏ ଆହୁରି ଆଗକୁ ବଢିବା ପାଇଁ

ରଶ୍ମିତା ନାଥ

ପିରାହାଟ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିନେତା - ନେତା



ରାଜେନ୍ଦ୍ର ସାମଲ

ଗାଲେ ବାମ ହାତ    ଦେଇ ଚିନ୍ତାମଗ୍ନ
ନାତିଆ ହୀରୋକୁ ଅଜା
କହିଲେ,ଆରେ ହେ  ଅଭିନେତା-ନେତା
ଆଜିର ଆମର ରଜା !

ଅଭିନେତା ଭାବେ   ଅଜସ୍ର ସୁନାମ
ଲଭି ଏବେ ନେତା ଭାବେ
ଉଲେକ୍ସନ ଜିତି    ସାଂସଦ ହୋଇଲ
ଚିନ୍ତା ପୁଣି କି ଅଭାବେ ? ?

କଳାର ଖଳାରୁ    ଲଭିଅଛ ତୁମେ
ଯଶ-ସୁନାମ ଅକ୍ଷୟ
ତହୁଁ ଆଜି ରାଜ-    କ୍ଷମତା ଲଭିଲ
ତଥାପି କିବା ସଂଶୟ ? ?

ଲକ୍ଷ୍ମୀ-ସରସ୍ୱତୀ    ଉଭୟେ ପ୍ରସନ୍ନା
ତୁମଠି ଆଜି ହେ ନାତି !

ଲୋକସେବା ବ୍ରତେ    ଲାଗିପଡ ଏବେ
ଏକ କରି ଦିନରାତି ॥

ହୀରୋ ନାତି କହେ-    ଏମିତି କହିକି
ପରିହାସ କର ନାହିଁ
କଳାକ୍ଷେତ ଛାଡି    କାଳିମା କ୍ଷେତକୁ
ଆଜି ମୁହିଁ ଡେଇଁଛଇ ॥

ଯଶଗୌରବର    ଧଳା ପୋଷାକରେ
ଲଗିଲା କଦଳୀକଷ
ବୁଦ୍ଧିନାଶୁ ଦେଖ,    ଅମୃତ ଭାଣ୍ଡରେ
ମିଶାଇଦେଲି ମୁଁ ବିଷ ॥

ହାତ ଥାପୁଡେଇ    ପିଠିରେ ସେ ଅଜା
ଆଶ୍ୱାସି କହିଲେ ଗୀର,
ଖୁସି ହେଲି ଜାଣି    ବୁଝିଲ ସହଳ
ରାଜନୀତିର ଗୋମର ॥

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୀତି-ଆଦରଶ ନାହିଁ ଏ ନୀତିରେ
ନାହିଁ କଳାକ୍ଷେତ୍ରେ କଳା
କଳାକାର ସଦା ଧୋବ ଫର ଫର
ନେତାଗଳେ ଜୋତାମାଳା ॥

କଳାକ୍ଷେତ ଛାଡି ନେତାଗିରି ଯେବେ
କରଇ କେ ମୂଢ ହୀରୋ
ଜୀବନ ଯାକର ଯଶଖ୍ୟାତି ତାର
ହୋଇଯାଏ କ୍ଷଣେ ଜିରୋ ॥

ପଶ୍ଚାତ୍ତାପଠାରୁ ବଡ ପ୍ରାୟଶ୍ଚିତ୍ତ
ଦୁନିଆରେ କିଛି ନାହିଁ
ଏବେ ବି ସମୟ ଅଛିରେ ନାତିଆ,
ଆସ ହେ ଇସ୍ତଫା ଦେଇ ॥

କଳାପ୍ରେମୀ ପୁଣି ଆଦର କରିବେ
ଦୋଷ ତୁମ କରି କ୍ଷମା
ଛେଦ ନପଡୁଣୁ ବୁଦା ବର୍ତ୍ତିଯାଉ
ଡେରି କର ନାହିଁ ଜମା ॥

ଷ୍ଟାର କାଡର୍ ଖେଳି ଭୋଟ ଜିଣିବାକୁ
ରାଜନୀତିଦଳେ ଯେବେ
ଚାଲ୍ ଚଳାଇଲେ ତୁମ ପରି ଷ୍ଟାର
ଜାଲରେ ପଡିଲେ ସେବେ ॥

ଆଜିର ଗନ୍ଧିଆ ରାଜନୀତିର ଏ
ଗୋବର ଗାଡିଆ ଜଳେ
ଡେଇଁ ମାୟା ସୁନା କମଳ ଚୟନେ
ଚେଷ୍ଟିଲ ତୁମେ ଯେ କାଳେ,

ମନା କରିଥିଲି ମାନି ତ ନଥିଲ
ଆଜି କିନ୍ତୁ ବୁଝିଗଲ
ତେଣୁ ମୁହିଁ ଖୁସି ନବୁଡି ବଞ୍ଚିଲ
ଆସ ମୁଁ କରିବି ଗେଲ ॥

॥ରାଜେନ୍ଦ୍ର ସାମଲ, ବାରିପଦା ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଣିଥରେ... ବର୍ଷା



କାର୍ତ୍ତିକ ପାଣିଗ୍ରାହୀ

ଅନେକ ଦିନ ପରେ ଆଜି ବରଷା ଆସିଛି

ଲୁଚି ଲୁଚି ଅତି ସନ୍ତର୍ପଣରେ ଆସିଛି

ଖରାକୁ ନ ଡରି ମୋର ସହରକୁ ଆସିଛି,

ବୋଧହୁଏ ସେ ବି ଜାଣିଗଲାଣି

ମୁଁ ବି ଆଜି କାଲି ଖରା କୁ ଡରୁଛି

ନିଦାଘର ଖରା ବର୍ଷାର ଧାରାକୁ

ପଛରେ ପକାଇ ଯିଏ ତମ ପାଇଁ ଧାଇଁ ଯାଉଥିଲା

ସେ ଆଜି ଧାଇଁବାକୁ ଡରୁଛି,

ସେ ଦୁର୍ବଳ ଲୋକୋଟାକୁ ଆଜି ବୋଧେ

ବର୍ଷା ର ଆଢୁଆଳେ ବର୍ଷା ଦେଖିବାକୁ ଆସିଛି,

ମାଟିର ଭୁରୁ ଭୁରୁ ବାସ୍ନା କିନ୍ତୁ

ପୁଣିଥରେ ମତୁଆଲା ସାଜିଛି

ଆକାଶକୁ ଚାହିଁ ମାଟି ଲାଜେ ଲାଜେ ହସୁଛି,

ମୁଁ ଜାଣିଛି ବର୍ଷା ଅଦିନିଆ ସତ

କିନ୍ତୁ କିଛି ଦିଆନିଆ ର ଭାବ ନେଇ ଆସିଛି

ହୋଇ ପରେ ତୁମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଦବେଳିତ  ମନର ଆଶା

ଅବା ମୋର ଦୁର୍ବଳତାର ଅଭିଳାଷା,

କିନ୍ତୁ କିଛି ତ ସେ ଚୁପି ଚୁପି କହୁଛି ନିଶ୍ଚିତ

ତା ନହେଲେ

ଭାବନାର ଗଳିରେ ଅହରହ  ଘୁରୁଛି କାହିଁକି...

ଶବ୍ଦ ସହ ଲୁଚକାଳି ଖେଳୁଛି କାହିଁକି...

ସବୁ କିଛି ଝାପସା ଝାପସା ଭିତରେ କିନ୍ତୁ

ଗୋଟିଏ କଥା ସ୍ୱଷ୍ଟ

ବର୍ଷା ଆଜି ଅନେକ ଦିନ ପରେ

ପୁଣିଥରେ ମୋ ସହରକୁ ଆସିଛି

ଲୁଚି ଲୁଚି ଆସିଛି ....

ଅତି ସନ୍ତର୍ପଣରେ ଆସିଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପେକ୍ଷା



ନୀଲମ ବିଶ୍ୱାଳ

'ଅପେକ୍ଷା' କେବେ ସେ ସମୟର ସହଚରୀ କେବେ ସେ ନିଏ ଅଜଣା ସହର ହାତ ଧରି ...

'ଅପେକ୍ଷା' କେବେ ସେ ଜର୍ଜରିତ ହୃଦୟର କୋହ ପୁଣି କେବେ ସେ ଜଟିଳ ଗଣିତ ଆଉ ଭୁଗୋଳ...

'ଅପେକ୍ଷା' କେବେ ସେ ସାଜେ ନବ ବଧୂ...

ପୁଣି କେବେ କାହାର ଦୂର ଦେଶର ବଂଧୁ...

'ଅପେକ୍ଷା' କେବେ ପିନ୍ଧେ ଆଶ୍ୱାସନାର ଚାଦର କେବେ ଚିରେ ବୁକୁ କାହାର...

'ଅପେକ୍ଷା' କେବେ ଗଢେ ଦିବ୍ୟ ପ୍ରତିମା

କେବେ ପୁଣି ଭାଙ୍ଗି ଦିଏ କାହାର ମିଛ ଗାରିମା...

'ଅପେକ୍ଷା' କେବେ ଭରେ କାହା ଆଖିରେ ରଙ୍ଗିନୀ ସ୍ୱପ୍ନ ପୁଣି କେବେ ଛଡ଼ାଇ ନିଏ ହାତ ପାହାନ୍ତାର ରୂପେଲି ଜହ୍ନ...

'ଅପେକ୍ଷା' କେବେ ସେ ନୀରବତାର ନିର୍ଜନ ପ୍ରହର ପୁଣି କେବେ କୋଳାହଳର ବ୍ୟସ୍ତ ସହର...

'ଅପେକ୍ଷା' କେବେ ସାଜେ କଅଁଳ ଛୁଆର କରୁଣ କାନ୍ଦଣା

କେବେ ପୁଣି କଠୋର ଦଣ୍ଡ ର ଅସହ୍ୟ ଯନ୍ତ୍ରଣା...

'ଅପେକ୍ଷା' କେବେ ସେ ସାଜେ ରଙ୍ଗବିରଙ୍ଗ ଫୁଲର ବଗିଚା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ପୁଣି ଉତ୍ତପ୍ତ ମରୁଭୂମିର ବାଲି ଗାଲିଚା...

'ଅପେକ୍ଷା' କେବେ ସେ କାହା କଲମ ମୁନରେ ଦୁଇ ଧାଡ଼ି କବିତା

ପୁଣି କେବେ ସେ ଶୂନ୍ୟ ହୃଦୟର ନୀରବତା...

'ଅପେକ୍ଷା' କେବେ ସେ ପାହାନ୍ତି ପ୍ରହରର ଉଜ୍ଜ୍ୱଳ ଧ୍ରୁବ ତାରା

ପୁଣି କେବେ ଅନ୍ଧାରି ମୂଳକରେ କରାଏ ପଥହରା...

'ଅପେକ୍ଷା'ର କ୍ଷଣ, କ୍ଷଣିକର ଯାନ୍ତ୍ରଣା, ଯନ୍ତ୍ରଣାର ଜ୍ୱାଳାରେ ଜୀଇଁ ଉଠେ ପ୍ରତାରଣା, ପ୍ରତାରଣାର ପ୍ରାଙ୍ଗଣର ପ୍ରେମର ପରୀକ୍ଷା, ପରୀକ୍ଷାର ପ୍ରସ୍ତୁତିରେ, କେବେ ମୁଁ ସ୍ୱଳ୍ପ କେବେ ପୁଣି ମୁଁ ଦ୍ରୁତ ଧାବିକା...

ହାଇଦ୍ରାବାଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଦିନ ଗାଧୁଆ



ନାରାୟଣ ଚନ୍ଦ୍ର
ସେନାପତି

ପୁରୁଣା ସ୍ମୃତିର ଚିହ୍ନା ପୃଷ୍ଠା ସବୁ
ଯେବେ ମୁଁ ଦିଏ ଛିଣ୍ଡେଇ,
ମୋ ଗାଁ ମାଟିର ଭିଜା ଭିଜା ବାସ୍ନା
ଦିଏ ହୃଦୟ ଥରେଇ ।

ପ୍ରତିଟି ଖେଳରେ କଳା କାରିଗରୀ
ରହିଥିଲା ଭର୍ତ୍ତି ହୋଇ
କାମରେ ବିଜ୍ଞାନ, ଭୋଗରେ ସପନ
ଆଶାରେ ବର୍ଷା ତୁହାଇ ।

ସେ ସବୁ ପୋଥିରୁ ଗାଁରେ ଗାଧୁଆ
ଆଣେ ଅପୂର୍ବ ପୁଲକ
ଭିଯାଏ ହଜାଏ ଅମୃତ ଜଳରେ
ତୋଳାଏ ହୃଦେ ଚମକ ।

ପିଲାବେଳେ ଯେବେ ସାଥୀମେଳେ ଯାଏ
ନଦୀ ପୋଖରୀ ତୁଠକୁ
ଗାଧୁଆ ନାମରେ ଡିଆଁ କୁଦା ମାଡ଼େ
ଥରାଉ ସ୍ଥିର ଜଳକୁ ।

ଖରାଦିନେ ଯେବେ ସଥିହୋଇ ପଶୁ
ଝରଣାର ସ୍ନିଗ୍ଧ ଜଳେ
ଜଳ ଛିଟା ଛିଟି ଗାଧୁଆର ମଜା
ହସୁଥାଏ ଅନ୍ତରାଳେ

ଫିଙ୍ଗେ କିଏ ଧରି ନଡ଼ିଆ ସଡେଇ
କେ ଫିଙ୍ଗେ ମାଟି ପାତ୍ରରେ
ଭାରି ମଜାଲାଗେ ଉନ୍ମାଦ ସିନାନ
(ଯେବେ) ଶରୀର ଭିଜେ ଜଳରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିର ସିନାନ କୃତ୍ରିମ ଢଙ୍ଗରେ
ରୁଦ୍ଧ ଦ୍ୱାରେ ଲୁଚି ବସି
ଅବା ନିୟନ୍ତ୍ରଣେ କେ ଢାଳେ ଶରୀରେ
ହିସାବରେ ସଞ୍ଚି ସଞ୍ଚି ।

ଗାଧୁଆର ଯେତେ ଜଳ ବ୍ୟବହାର
ଏବେ ଦେହ ପାଏନାହିଁ
ଶୁଷ୍କ ଦେହେ ମନ ଅଶାନ୍ତ ଝଡରେ
ନିରାଶା ପୁଷ୍ପ ତୋଳଇ ।

କୁଆଡେ ଗଲୁରେ ସେଦିନ ସିନାନ
ପ୍ରାକୃତିକ ଜଳାଶୟ
ଆ' ମୋ ଧରାକୁ, ବାଣ୍ଟିଦେ ଆନନ୍ଦ
କରିଦେ ମନ ଅଥୟ ।

ଜମ୍ବରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ଷ୍ୟ



ପ୍ରେମଲତା ସାହୁ

ଲଲାଟ ପଟ୍ଟକୁ କରିଣ ନିନ୍ଦିତ
କେବେ ହେବା ନାହିଁ ବିଧୁର ଭାଇ ,
ଲକ୍ଷ୍ୟର ତରଣୀ ଲଙ୍ଘିବା ପାଇଁତ
ଉଦ୍ ଯୋଗ, ସାଧନା କାତ ଅଟଇ ।

ପରାଣର ନାହା ଅଥଳ ସାଗରେ
କୂଳ ଖୋଜୁ ଥାଏ ସଦା ବିଭ୍ରମେ ,
ଲଭି ପ୍ରଭୁ କୃପା କରମ ନାବରେ
ପଦ ଥାପିଦେଲେ ଦୂରତା ଶମେ ।

ଅଳସୁଆ ପଣ ସଦା ତିମିରରେ
କେବେହେଁ ଲକ୍ଷ୍ୟ ତା' ନୋହେ ପୂରଣ,
ଲୋକହସା ହୋଇ ସଦା  ସଂସାରରେ
ମରଣ ବୂଆରେ ଥାପେ ଚରଣ ।

ଆଳସ୍ୟ,ଗରବ ପରିହାର କରି
କରମ କରିବା ହରଷ ମନେ ,
ଲକ୍ଷ୍ୟସ୍ଥଳ ଆମ ସୁ-ଦୂର ହୋଇବ
ବିଷାଦ ନ ଥିବ କେବେ ଜୀବନେ ।

ସବୁ ଅର୍ଗଳକୁ ଛିନ୍ନ କରି ଆସ
କରମ ଅସ୍ତ୍ରକୁ କର ମାଧ୍ୟମ ,
ହସି ଉଠିବ ତବ ସୁନା ସଂସାର
ସ୍ୱର୍ଣ୍ଣାକ୍ଷରେ ରଚି ଯିବୁ ତୋ ନାମ ।

ଶିକ୍ଷୟିତ୍ରୀ, ବୌଦ୍ଧ, କନ୍ଧମାଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଳିବ ସନ୍ତୋଷ



ସରିତାରାଣୀ ମହାନ୍ତି

ରାମଙ୍କୁ ତ ଆମେ ଦେଖି ପାରୁ ନାହୁଁ
ରାବଣ ଅନେକ ଏଠି
ଯେତେ ଗୁଣୀ ଜ୍ଞାନୀ ହୋଇଥିଲେ ମଧ୍ୟ
ଲୋଭ ତାଙ୍କର ସବୁଠି ।

ରାମ ଥିଲେ ଏଠି ରାବଣ ବିଥିଲେ
କୃଷ୍ଣ ସହ ପୁଣି କଂସ
ଏ କଳି କାଳରେ ସଭିଏଁ ତ ବଡ଼
ତେଣୁ ହେଉଛି ବିନାଶ ।

ବିନାଶ କାଳରେ ବିପରୀତ ବୁଦ୍ଧି
ସଭିଙ୍କୁ କରୁଛି ଗ୍ରାସ
ହାତ ପାହାନ୍ତାରେ ସୁଖ ଅଛି ଆମ
ତଥାପି କାହିଁ ନିରାଶ ।

ବୁଦ୍ଧି ବିବେକକୁ ହଯାଉ ଅଛନ୍ତି
ନାହିଁ ତ ମାନବିକତା
ହେଉ ବା ପଣ୍ଡିତ ହେଉ ଅବା ମୂର୍ଖ
ସଭିଏଁ ଜଗତ ଜିତା ।

କ୍ରୁର ବୁଦ୍ଧି ସବୁ ମନେ ବସାବାନ୍ଧି
ଅଶାନ୍ତିକୁ ଡାକୁଛନ୍ତି
ପ୍ରତି ଘରେ ଆଜି ଶାନ୍ତି ହଜିଲାଣି
ତଥାପି ହେଜି ନ ପାରନ୍ତି ।

ଘର ପରିବାର ହେଉବା ସମାଜ
ଏକତା କେଉଁଠି ନାହିଁ
ମିଛ ଅହ ମିକା ମନେରେ ରଖି ତ
ବିପଦକୁ ନିମନ୍ତ୍ରଇ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିବାରେ ଜଣେ ମୁଖ୍ୟ ରହୁଥିଲେ
ବୁଝୁଥିଲେ ଭଲମନ୍ଦ
ସ୍ୱଳ୍ପ ରୋଜଗାରେ କୁଟୁମ୍ବ ପୋଷିଣ
ପାଉଥିଲେ ଆନନ୍ଦ ।

ଗ୍ରାମର ସୁରକ୍ଷା କରିବା ପାଇଁକି
ମାଲିକ ଜଣେ ତ ଥିଲେ
ସଭିଏଁ ତ ଆଜି ମାଲିକ ବୋଲାଇ
କେ କାହାକୁ ନ ମାନିଲେ ।

ଶୃଙ୍ଖଳା ହଜିଛି ସବୁଠି ଆଜିତ
ଆସୁଅଛି ଘୁର୍ଣ୍ଣି ଝଡ଼
ନେଡି ଗୁଡ଼ ଯେବେ ଆୟତ୍ତ ନହୁଏ
ଭାଙ୍ଗେ ଧୈର୍ଯ୍ୟର ପାହାଡ଼ ।

ଘର ପରିବାର ଗାଆଁ ଓ ସମାଜ
ସନ୍ତୋଷ ସବୁଠି ଲୋଡ଼ା
ଜୀବନ ଚର୍ଯ୍ୟା କୁ ବଦଳେଇ ଦେଲେ
ଚଢ଼ିବା ଆନନ୍ଦ ଘୋଡା ।

ନିଜ ପାଇଁ ଆମେ ବିପଦେ ପଡୁଛୁ
ଅନ୍ୟକୁ ଦେଉଛୁ ଦୋଷ
ପ୍ରତ୍ୟେକ ମଣିଷ ହେଲେ ସଚେତନ
ମିଳିବ ଯାଇ ସନ୍ତୋଷ ।

ଶିକ୍ଷୟିତ୍ରୀ ।
ବାଲିଆପାଳ ।
ବାଲେଶ୍ୱର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି



ସିଦ୍ଧେଶ୍ୱର ତ୍ରିପାଠୀ

ସ୍ମୃତି ସବୁ ପାଉଁଶ ହେଲେଣି
ମନକଥା ମନରେ ମଲାଣି
ଖୋର୍ଦ୍ଧା ଠାରୁ କେରଙ୍ଗ ରାସ୍ତାରେ
ଘଟିବା ଘଟଣା ସବୁ ଭୁଲିମୁଁ ଗଲିଣି
ସ୍ମୃତି ସବୁ ପାଉଁଶ ହେଲାଣି ।

ରାଜଧାନୀ ରାଜରାସ୍ତା ତୁମ ଗାଁ ଗାଡି
କୋଲକାତା ସୀତାଭୋଗ
ସେବାଦାମ ବାଡ଼ି
ଉତ୍ତର ଟା ଉତରରେ
ହଜିଗଲା ପରେ
ଦଖିଣ ସମୟ ତୁମ ସାଥେ ରହିଲାଣି
ସ୍ମୃତି ସବୁ ପାଉଁଶ ହେଲାଣି ।

ଅହିଂସା ପୂଜାରୀ ନାମେ
ଥିବା ଅନୁଷ୍ଠାନ
ଯୋଉଠି ଗୋ ବହୁରୂପା
କିଣିନେଲ ମନ

କେତେ ହସ କେତେ ଲୁହ
ବିରହ ରାଗିଣୀ
ସ୍ମୃତି ସବୁ ପାଉଁଶ ହେଲାଣି ।

ମୋ ଗାଁ ଘର ସିବାଜୀର
କଳିଙ୍ଗ ଷ୍ଟୁଡିଓ
ଜୋର ଠୁ ମନ୍ଦୀର ଆଉ
ପୋଖରୀଠୁ ବରଗଛ ଆଉ ଦେବାଳୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭିଏଁ ହସନ୍ତି ଆଜି ତୁମେ ଗଲାପରେ

ରଜନୀଇଷ୍ଟଙ୍କୁ ଦେଖି
ଆଖି ଲୁହେ ଭରେ
ରମା ରମାକାନ୍ତ ବିତ
ଗୋଟେ ପୃଷ୍ଠା ଭଳି
ଅସମାପ୍ତ ଆମଏ କାହାଣୀ
ସ୍ମୃତି ସବୁ ପାଉଁଶ ହେଲାଣି ।

ସାକ୍ଷୀଗୋପାଳ ଠୁ ପୁରୀ
ସମୁଦ୍ରଠୁ ସ୍ୱର୍ଗଦ୍ୱାର
ବାଳକୃଷ୍ଣ ସାକ୍ଷୀ
ଦିନେ ମାଖିଥିଲୁ ପ୍ରେମ ରଙ୍ଗ କେତେ
ସେଥିପାଇଁ ଫିକା ଲାଗେ
ଆଜି ଜହ୍ନ ରାତି ।

ଉଆଁସୀ ଗୋ ଉଆଁସ ଟା
ତୋ ଦେହର ଛାଇ
ପ୍ରେମ ତୋର ପୀରତି ସାଗର
ବିରହଟା ଖାଲି ମଳା ନଈ ।

ବଦଳିଲା ତୋ ଠିକଣା
ହେଲିଣି ମୁଁ ବାଟବଣା
ଖଡ଼ିରତ୍ନ କୋହିନୀରୁ ବିରଜା ବି
ବଦଳି ଗଲାଣି
ସ୍ମୃତି ସବୁ ପାଉଁଶ ହେଲାଣି ।

ଏ ଜୀବନେ ବହଳ ଅନ୍ଧାର
ନାହିଁ ରଙ୍ଗ ନାହିଁ ତୂଳି
ନାଁହି ଶବ୍ଦ ଗୀତ ଉପହାର
ସଙ୍ଗୀତ ମୂର୍ଚ୍ଛନା ସବୁ ବେସୁରା ରାଗିଣୀ
ସ୍ମୃତି ସବୁ ପାଉଁଶ ହେଲାଣି ।

ମରୀଚିକା ମହାକାଳ
ମୋ ଲେଖନୀରେ ବସା ବାନ୍ଧିଲେଣି
ସ୍ମୃତି ସବୁ ପାଉଁଶ ହେଲାଣି
ସ୍ମୃତି ସବୁ ପାଉଁଶ ହେଲାଣି ।

ସିଦ୍ଧେଶ୍ୱର ତ୍ରିପାଠୀ

 Magazine Downloaded from www.aahwaan.com

# ବଡ଼ଘର ବଡ଼ ଗୁମର କଥା



ଭାରତୀ ରଥ

ବଡ଼ ଘର ବଡ ଗୁମର କଥା ଲୋ
କି କହିବି ନାନୀ କହ
ନେତା, ମନ୍ତ୍ରୀ ଯଦି ଦେଶକୁ ଲୁଟିବେ
କାହାକୁ ଧରିବୁ  ଧଅ.
ଖଜୁରୀ ଗଛ ର କି ଗୁଣ ଗାଇବି
ମୂଳରୁ ପାହାଚ ପାହାଚ
ନିରିମଲ ତାଙ୍କ ଭାବମୂର୍ତ୍ତି ହେଲେ
ବୁଦ୍ଧି ବଡ଼ ପରପଞ୍ଚ.
ନ ଦେଖିଲା ଓଉ ଛ'ଫଡା ଲୋ ନାନୀ
ତୋତେ ସତ ମୋତେ ମିଛ
ପାଞ୍ଚ ବରଷରେ ପାଞ୍ଚ ପିଢ଼ି ପାଇଁ
ରୋଇଥାନ୍ତି ଟଙ୍କା ଗଛ.
ବାହାଘର ପରେ ବେଦୀ ମୁଁହପୋଡ
ଏ କଥା ନ ଜାଣେ କିଏ ?

କ୍ଷମତାକୁ ଥରେ ଆସିଗଲା ପରେ
ତମେ କିଏ ଆମେ କିଏ.
ଖଣି, ପାଣି ସବୁ ତାଙ୍କ ହାତେ ପରା
ସତେ କି ଚଳନ୍ତି ଦିଅଁ
ଦିଅଁ ଖାଇ ପୁଣି ଖଟୁଳି ଖା'ନ୍ତି
ଠେକିରେ ପୁରାଇ ମୁହଁ.
ଦେଶକୁ ଲୁଟି ସେ ଜୀବନଟା ସାରା କରିଥା'ନ୍ତି
ରାଜଭୋଗ
ଶେଷେ କିଣିଥାନ୍ତି ହୃଦଘାତ ପରି
କେତେ କେତେ ବଡ଼ ରୋଗ.

ଭାରତୀ ରଥ, ରଗଡି, ବାଙ୍କୀ, କଟକ.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନଚିତ୍ର



ଅଶ୍ୱିନୀ ଦାଶ

ମାନଚିତ୍ରରେ ହିଁ ବାଣ୍ଟି ହେଉଥାଏ ଦେଶ,
ଦେଶର ସୀମାରେ ଆଜି ବି ମରନ୍ତି ସୈନିକ,
ବୋମା ବିସ୍ଫୋରଣ ରେ ଭାଙ୍ଗି ଭାଙ୍ଗି ଯାଉଥାଏ ଧର୍ମର ମହିମା,
ଖୋଜିବାକୁ ମିଳେ ନାହିଁ ମାପିବାକୁ ମନର ନକ୍ସା ।

କାହାକୁ କେମିତି ଚିହ୍ନିହେବ ଏଇ ଦେଶେ,
ପ୍ରତି ମୁହୂର୍ତ୍ତରେ ନିଶାକ୍ତ ମନେ ହିଁ ଚଲାନ୍ତି ସାମ୍ରାଜ୍ୟ,
କ୍ଷମତାର ଭୋକ, କାମନାର ଶୋଷ,
ସେମାନଙ୍କ ରାସ୍ତାରେ ଚାଲିଥାଉ କେହି କେହି ଅନ୍ଧଭକ୍ତ ।

ମାଗଣାରେ ସବୁ ମିଳିଗଲା ପରେ ଚିନ୍ତା ବ କଣ !
ପରିଶ୍ରମର ଭୋକ ତା ମରିସାରିଥାଏ କେତେ ବେଳୁ,
ଆମ ପିଲାମାନେ ମୂର୍ଖ ରହନ୍ତୁ ବା ବେକାର,
ଆମେ ତ ସାମିଲ ହେଇ ସାରିଛୁ ମୁକଙ୍କ ମେଳେ ।

କିଏ କଣ ଖୋଜିଛି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନର ପଥ କେତେ ଲମ୍ବା,
କେଉଁଠି କେଉଁଠି ସରଳରେଖା, କମା, ପୂର୍ଣ୍ଣଚ୍ଛେଦ ଟଣା ସରିଥାଏ ।

ଆମେ ତ ପଢ଼ିଛୁ ଭୂଗୋଳ,
ପ୍ରତି ଭୂମିରୁପର ରଙ୍ଗ,ଜଳର ରଙ୍ଗ, ଦେଶର ସମସ୍ତ ନଦୀ, ଦେଶର ସୀମା,
ଏମିତି ବି ସବୁ ରାଜପଥ, ରେଲଗାଡି କେଉଁ ଆଡେ ଯାଏ, ଜାହାଜ କେଉଁଠି ଅଟକେ ।

ପୁରୁଣା କିଛି ମାନଚିତ୍ର ଚିରି ତ ପାରିବା,
କିଛି ନକ୍ସା ତ ତିଆରି ପାରିବା ଆମେ,
ଜୀବନକୁ ଜିଇଁବାର,
ଧର୍ମ,ବିବେକ ଓ ଚେତନାର ପଥର,
ଈଶ୍ୱରଙ୍କ ଆଡକୁ ରାସ୍ତାର ।

ଅଶ୍ୱିନୀ ଦାଶ
ଓଡ଼ିଆ ଭଣ୍ଡାରୀ ସାହି,
ପାରଳାଖେମୁଣ୍ଡି,
ଗଜପତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୁଅନ୍ତିକି ଆଉଥରେ ଛୋଟପିଲା



ଶୁଭମ କୁମାର ଧଳ

ଦେହରେ ମୋ ବାଜୁଛି ବର୍ଷା ର ଛିଟା ,
ଲାଗୁଛି ଏ ଛିଟାର ସ୍ପର୍ଶ ଭାରି ମିଠା ।
ଘଡଘଡ ଘଡଘଡି ଟୁପ ଟାପ ବରସା ,
ଆନନ୍ଦିତ ମନ ଭିଜିବାକୁ କରେ ଆଶା ।
ଦେହରେ ମୋ ବାଜିଯାଏ ସୁଲୁସୁଲୁ ପବନ ।
ମନେ ମନେ ଦେଖିଯାଏ କେତେଯେ ସପନ ।
ଇଛା ହୁଏ ଭିଜିବାକୁ ଏଇ ଥଣ୍ଡା ଟୋପାରେ ,
ହେଲେ କାହିଁକି କେଜାଣି ମନ ଟିକେ ଡରେରେ ।
ହେଇଯାନ୍ତି କି ମୁଁ ଆଉ ଥରେ ଛୋଟ ପିଲା ,
ଏଇ ବର୍ଷା ରେ ନାଚି କୁଦି ହୁଅନ୍ତି ଚଗଲା ।

ଶୁଭମ କୁମାର ଧଳ
ପଛିକୋଟ ଗଡ
ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀବକ୍ଷସ୍ଥ ବହ୍ନି



ପ୍ରାଣବନ୍ଧୁ ପ୍ରଧାନ

କେତେ ତୁ ସହୁଛୁ, ଲାଠି ପ୍ରହାର
ତୁ କି ବା କ୍ରିତଦାସୀ ଏହି କାପୁରୁଷର ?
ଅବା ତୁ ସର୍ବଂସହା ଜନନୀର ଆସନ ଲୋଭରେ
ଏତେ ସବୁ କୋହକୁ ସହୁଛୁ ଛାତିରେ ।
କେଉଁ ଧାତୁରେ ଯେ ଗଢ଼ା ତୋ ଶରୀର
ହସି ହସି ସହୁ କଳଙ୍କ ସ୍ୱାମୀର ।
ସ୍ୱାମୀର ମାଡ଼ରେ ଭାଙ୍ଗେ ଯଦି ହାଡ଼
କାହିଁ କହୁ ମିଛେ ଖସିଛି ମୋ ଗୋଡ଼ ?
ଅବା ପିଲାମାନଙ୍କର ଭବିଷ୍ୟ ଆଶରେ
ମରଶରୀର ତୋହର ଜୀବନ ସଞ୍ଚରେ ।
ଲୋକ ଲଜ୍ଜା ଆଉ ଲୋକ ଅପବାଦ ଭୟେ
ସହିଯାଉ ସବୁ ହସି ହସି ଦେହେ ?
(ହେଲେ ତୁ କଣ କେବେ ପଛକୁ ଫେରି ଦେଖିଛୁ ତୋ ପଛର ଦୁନିଆ ?)
ଲୋକ ଲଜ୍ଜା ଆଉ ଲୋକ ଅପବାଦ
ତୋ ପାଇଁକି ଆଣିଦେବ ଉଚ୍ଚପଦ ?
ନାରୀର ଲାଞ୍ଛନା ନାରୀ ନିର୍ଯ୍ୟାତନା
ସହିନି ଏ ଦେଶ ଇତିହାସେ ଜମା
ଭାବିଛୁ କ'ଣ ଏ ନିଷ୍ଠୁର ଦୁନିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଚିବ ତୋ ନାମେ ଇତିହାସ ନୁଆଁ ?
ଯେଉଁ ପିଠି ସହି ପାରୁଛି ପ୍ରହାର
କିବା ସେ ଶରୀର ଦୂର୍ବଳା ନାରୀର ।
ନୁହେଁ ତୁ ଅବଳା ନୁହେଁ ତୁ ଦୁର୍ବଳା
ତୁହି ତ ଅଟୁ ସେ ଦ୍ରୌପଦୀର ଜ୍ୱାଳା ।
ଅଗ୍ନିପରୀକ୍ଷିତା ବସୁଧା ଲୁଣ୍ଠିତା
ବୈଦେହୀ ସୀତାର ଅଟୁ ତୁ ଦୁହିତା ।
ପତି ବିରହିତା ସୁହାଗ ସ୍ଖଳିତା
ମନ୍ଦୋଦରୀଙ୍କର ତୁହି ବିବଶତା ।
ସହିବାର ସୀମା ଗଲା ଯେ ଉଛୁଳି
କଳଙ୍କର କାଳ ଗଲା ଆଜି ପୁରି ।
ପ୍ରତିବାଦ ବହ୍ନି କରି ପ୍ରଜ୍ୱଳିତ
କାପୁରୁଷ ଦେଶ କର ଭୂଲୁଣ୍ଠିତ ।
ତୋ ଶରୀରୁ ସେହି ବିଷଜ୍ୱାଳା ଢାଳି
ଶରୀରୁ କଳଙ୍କ ନଷ୍ଟକର ଜାଳି ।
ଏ ସବୁକୁ ଯଦି ସହିବୁ ତୁ ଆଜି
ନାରୀଜାତି ହେବ ତୋ କଳଙ୍କେ ଦାଗି ।

ଗ୍ରା : କିଙ୍ଗୋଳ, ଭୂବନ
ଭ୍ରାମ୍ୟଭାଷ : ୮୮୪୭୮୪୭୨୮୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସହାୟ ମଣିଷ



ପ୍ରମୋଦ କୁମାର ପ୍ରଧାନ

ପ୍ରକୃତି ସହିତ ଖେଳ ଖେଳିଲେ କି
ଏ ମଣିଷ ଜିତିପାରିବ
ଯେତେ ଚେଷ୍ଟା କଲେ ହେବନି ସଫଳ
ଲୋକହସା ଖାଲି ହୋଇବ ।
ପ୍ରକୃତି ତିଆରି କରିଛି ମଣିଷ
ମଣିଷ କରିନି ପ୍ରକୃତି
ଏଇ ଛୋଟକଥା ବୁଝୁନି ମଣିଷ
ଜାଣୁନି ତାହାର ଶକତି ।
କାରିଗରୀ କୌଶଳ ପ୍ରୟୋଗକରି
ଭାବୁଛି ମଣିଷ ମହାନ
ପ୍ରକୃତିର ଧ୍ୱଂସକାରୀ ରୂପ ଆଗେ
ଅସହାୟ ତାର ଜୀବନ ।
ଦୁଃସାହସ ଯେତେଦିନ କରୁଥିବା
ପ୍ରକୃତିର ଶତ୍ରୁ ହୋଇବା
ତା'ର ପ୍ରଳୟରୁ ମିଳିବନି ରକ୍ଷା
ବିପଦକୁ ଡାକି ଆଣିବା ।

ପ୍ରକୃତିକୁ ଚିହ୍ନି ହୋଇବା ସଜାଗ
ଫେରିଯିବ ସବୁ ବିପତ୍ତି
ପ୍ରକୃତି ସହିତ ମିତ୍ରତା କରିଲେ
ସିଏ ହେବ ଆମ ସମ୍ପତ୍ତି ।
ବେଳ ଥାଉ ଥାଉ ସଚେତନ ହେବା
ଖୁସିରେ କଟିବ ଜୀବନ
ଆମ ବଂଶଧର କହିବେ ପଛରେ
ଆମ ପିତୃପିତାମହ ମହାନ ।

ସହକାରୀ ଶିକ୍ଷକ, ସରକାରୀ ଉ.ପ୍ରା. ବିଦ୍ୟାଳୟ
ବଡ଼ହୁଲା, ଅନୁଗୋଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫୁଲେଇ ପ୍ରିୟା



କୁମୁଦିନୀ ବେହେରା

ଫୁଲେଇ ପ୍ରିୟା ମୋ ଫୁଲ ଫଗୁଣରେ
ଫୁଲର ପସରା ମେଲି
ରଜନୀ ରାଣୀକୁ ରଙ୍ଗରେ ରଙ୍ଗେଇ
ଆସିଅଛି ପାଶେ ଚାଲି ।

ମୃଗନୟନୀର ନୟନ ଯୁଗଳ
ଇସାରାରେ ଦିଏ ହାଣି
ଭୁଲି ମୁଁ ପାରୁନି ପ୍ରଥମ ଦେଖାର
ସେହି ଲାଜୁଆ ଚାହାଣୀ ।

ତା ପ୍ରୀତି ପିୟୁଷ ପାଇଁ ଅବଶୋଷ
ଆଜି ମୁଁ ପାରୁନି ରହି
ପାଦ ପ୍ରକ୍ଷାଳନେ ସେ ମୃଦୁ ପରସେ
ମନେ ପଡେ ପ୍ରାଣ ସହି ।

ତା ହସ୍ତର ସେହି ଗୋରସ ଟୋପାଏ
ସରସତା ଆଣେ ମନେ
ଗୋଲାପି ଅଧର ଗୋଲାପ ପାଖୁଡା
ଝୁମେ ମନ ଉପବନେ ।

ପ୍ରିୟା ରଙ୍ଗ ଆଗେ ଆଉ ସବୁ ରଙ୍ଗ
ଫିକା ଫିକା ମତେ ଲାଗେ
ପ୍ରିୟାର ପରଶେ ମଧୁ ମଳୟ ବି
ସରମରେ ଦୂରେ ଭାଗେ ।

ଚାନ୍ଦିନୀ ରାତିର ଚାନ୍ଦ ବି ତ ଆଜି
ମୋ ପ୍ରିୟା ଆଗେ ନିରଶ
ସାରାଜଗତର ସୌନ୍ଦର୍ଯ୍ୟକୁ ଆଜି
ପ୍ରିୟା ମୋ କରିଛି ବଶ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା' ଅଙ୍କ ପଲଙ୍କେ ଥିଲେ ମୁଁ ନିଶଙ୍କେ
ପାଏ ସରଗ ସୁଷମା
ଇନ୍ଦ୍ରପୁରୀ ସମ ଲାଗେ ତ୍ରିଭୁବନ
କିବା ଦେବି ସେ ଉପମା ।

କୋଳେ ରଖି ମଥା  କହିଲେ ସେ କଥା
ଶୁଭେ ବୀଣାର ଝଙ୍କାର
ମୋ ଦୁଃଖ ଲାଘବେ ଶାନ୍ତି ଅନୁଭବେ
ଚିର ସହଚରୀ ମୋର ।

ମୋର କୁଟୀରର ଲକ୍ଷ୍ମୀ ପ୍ରତିମା ସେ
ଜନନୀ, ଭଗିନୀ, ଜାୟା
ସ୍ନେହ, ପ୍ରେମ ଆଉ ମମତା ବନ୍ଧନେ
ହସାଏ ମୋର ଦୁନିଆଁ ।

ଦୁଃଖରେ ମୁଁ ଥିଲେ କୋଳେ ଆଉଜେଇ
କହେ ସାନ୍ତ୍ୱନାର ବାଣୀ
ମନ୍ତ୍ରୀଟିଏ ହୋଇ ପରାମର୍ଶ ଦେଇ
ସାଜେ ମୋ ହୃଦୟ ରାଣୀ ।

ଅସୁସ୍ଥତା ବେଳେ ମାତୃତ୍ୱ ପ୍ରେମରେ
ସେବା କାର୍ଯ୍ୟ କରିଥାଏ
ମୋ ଦୁଃଖ ହାରିଣୀ ଅଭୟ ଦାୟିନୀ
ସଦା ପାଶେ ମୋର ରୁହେ ।

ପ୍ରିୟାର ରାଗିଣୀ ବାଜେ କିଣିକିଣି
ମଧୁ ଛନ୍ଦାର ସୁରରେ
ମଧୁ ଯାମିନୀର ମଧୁପ ମୁଁ ଆଜି
ପ୍ରିୟାର ସ୍ମୃତିକୁ ଝୁରେ ॥

ଶିକ୍ଷୟିତ୍ରୀ,
ଭାଗିରଥିପୁର ପ୍ରକଳ୍ପ ଉ. ପ୍ରା. ବିଦ୍ୟାଳୟ,
ଛେଣ୍ଡିପଦା ବ୍ଲକ, ଅନୁଗୋଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମାର ହତ୍ୟା



ଆର୍ଯ୍ୟ ପ୍ରଧାନ

ଭଗ୍ନ ସେହି ପାନ୍ଥଶାଳା ମୋ ଆତ୍ମାର ମୁଖ ସାକ୍ଷୀ
ଅପଲକ ନୟନର ଲୋତକ କର ଧାର ଆଜି ପଞ୍ଚଭୂତରେ ଲୀନ
ସବୁ ପ୍ରତୀକ୍ଷାର ଅନ୍ତ ପରେ
ସେ ନିଦାଘ ରାତିର ଆକୁଳ ଚିତ୍କାର
ସେ ଅସଜଡ଼ା ଶବ୍ଦ ସବୁ ମୋ ଜୀବନ ବହି ପୃଷ୍ଠାରେ
ଅଦେଖା ପୃଷ୍ଠା ହୋଇ ରହିଗଲା ଚିରଦିନ ପାଇଁ !
ମୁଁ ସିନା ଚିର ନିଦ୍ରାରେ ଶୋଇଯାଇଛି ସତ
ତଥାପି ମୋ ଆତ୍ମାକୁ ହତ୍ୟା କରିଚାଲିଛନ୍ତି
ଏ ନରରୂପୀ ପୀପାସୁ ମାନେ ।
ଆଜି ମୁଁ ବହୁତ ଖୁସି, ଏ ସମାଜଠୁ ବହୁଦୂରେ
କିନ୍ତୁ ଅନ୍ତରର ଅଗ୍ନେୟଗିରିଟା ଟକ ମକ୍ ହୋଇଫୁଟେ !
ଦୁନିଆକୁ ଦେଖିବା ପୂର୍ବରୁ ମୁଁ ଆଜି ସ୍ୱର୍ଗଧାମୀ
ମତେ ଆଉଥରେ ବଞ୍ଚିବାକୁ ଦିଅ ମୋ ଦୁନିଆରେ ।
ମୁଁ କଣ ଏ ମାତୃଭୂମିର ଝିଅ ନଥିଲି
ମୁଁ କଣ ଆପଣଙ୍କ ଭଉଣୀ ନୁହେଁ
କିନ୍ତୁ ସମାଜ ପିପାସୁମାନଙ୍କ ଆଖିରେ
ମୁଁ ପାଲଟି ଗଲି ସେମାନଙ୍କ କ୍ଷୁଧାର ଭୋକ ।।
ଆଜି ମୁଁ ନାହିଁ ଦୁନିଆରେ ସତ କିନ୍ତୁ
ମୋ ଆତ୍ମା ଆଜି କାନ୍ଦୁଚି ଅହରହ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରୀହୀନ ହୋଇଛି ଶ୍ରୀକ୍ଷେତ୍ର



ନିବେଦିତା ମହାପାତ୍ର

ପୁରୁଷୋତ୍ତମ କ୍ଷେତ୍ରକୁ ଏକି ବିପତ୍ତି ଆସିଲା
ଭୌଗଳିକ ରୂପରେଖକୁ ତାର ବଦଳାଇ ଦେଲା ।
ଶ୍ରୀହୀନ ପାଲଟିଯାଇଛି ଦେଖ ଶ୍ରୀକ୍ଷେତ୍ର ଆଜି
ଫଣିର କରାଳ ସ୍ପର୍ଶରେ ସବୁଯାଇଛି ହଜି ।
ଗୁଆଆମ୍ର ନାରିକେଳ ଆଦି କେତେ ବୃକ୍ଷରାଜି
ଧରାଶାୟୀ ହୋଇଯାଇଛି ବତାସ ଝଡ ବାଜି ।
ଆଜବେଷ୍ଟ ଚାଳଛପର ଯେତେ ଘର ଥିଲା
ମରୁତ ପ୍ରବାହିତ ହୋଇ ସବୁ ଉଡାଇନେଲା ।
ବୈଦ୍ୟୁତିକ ଖୁଣ୍ଟ ମାନଙ୍କର ଛିଡିଯାଇ ତାର
ନିମିଷକେ ସାରା ସହରକୁ କରିଲା ଅନ୍ଧାର ।
ଭାମ୍ୟଭାଷର ଯନ୍ତ୍ର ଗୁଡିକ ହୋଇଲା ଅଚଳ
ଦୂର ସଂଚାର କ୍ଷେତ୍ରରେ ପଡିଗଲାତ ଚହଳ ।
ଟିଭି ଇଣ୍ଟରନେଟ୍ ସବୁ ବନ୍ଦ ହୋଇଯାଇଛି
କାହାରି ସାଥିରେ ଯୋଗାଯୋଗ ହେଇ ନପାରୁଛି ।
ଚତୁର୍ଦ୍ଦିଗ ପରିବେଶ ଦିଶୁ ଅଛି ଜଳାର୍ଣ୍ଣବ
ବଢ଼ି ଯାଇଛି ସେଥିରେ ମଶାଙ୍କର ଉପଦ୍ରବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଶୁପକ୍ଷୀଙ୍କୁ ଆଶ୍ରା ପାଇଁ ମିଳୁନି ସାହାରା
ଏଣେତେଣେ ବୁଲୁଛନ୍ତି ସବୁ ହୋଇ ଦିଗହରା ।
ଅକାଳରେ ଚାଲିଗଲା କେତେ ଦୁର୍ଲଭ ଜୀବନ
ନିଶ୍ଚିହ୍ନ ହୋଇଗଲା ସବୁଜିମାରେ ଭରା ବନ ।
ବାହ୍ୟ ଜଗତରୁ ଶଙ୍ଖକ୍ଷେତ୍ର ହୋଇ ବିଚ୍ଛିନ୍ନ
କରିଲା ଶ୍ରୀକ୍ଷେତ୍ର ବାସୀଙ୍କର ଜୀବନ ବିପନ୍ନ ।
ନୀଳଚକ୍ର ବାନାକୁ ପ୍ରଭୁ ରକ୍ଷା ନକରିଲେ
ଗର୍ଭଗୃହେ ଥାଇ ଦାରୁବ୍ରହ୍ମ ଓଦାଯେ ହୋଇଲେ ।
ଚାରିଆଡୁ ଶୁଭୁଛି ଖାଲି ହାଅନ୍ନର ଚିତ୍କାର
ଭୋକରେ ଉହଳ ବିକଳ ସବୁରି ପରିବାର ।
ଧ୍ୱଂସ ପ୍ରାୟ ହୋଇଯାଇଛି ସବୁଜ ଶସ୍ୟକ୍ଷେତ
ବିଲପ୍ରାନ୍ତେ ବସିଛି ଚଷା ମୁଣ୍ଡରେ ଦେଇହାତ ।
ଅକ୍ଷୟ ତୃତୀୟା ପାଇଁ ମିଳିଲାନି ଅକ୍ଷିମୁଠି
ଖାଦ୍ୟ ପାଇବାକୁ ପଡିପାରେ ଖଟିବାକୁ ବେଠି ।
ଆକାଶ ମାର୍ଗରୁ କରିଛନ୍ତି ଖାଲି ଆକଳ
କାର୍ଯ୍ୟାନୁଷ୍ଠାନ ନେଇ କରୁ ନାହାନ୍ତି ସମାଧାନ ।
ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ ପରି
ଅଭାବ ପୂରଣ ହୋଇନି ସବୁଗଲାଣି ସରି ।
ବାସଚ୍ୟୁତ ସହୁଛନ୍ତି ରୌଦ୍ର ଉତ୍ତାପର ଜ୍ୱାଳା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମସାସିକ୍ତ ରଜନୀରେ ଚାଲେ ଅନ୍ୟାୟର ଲୀଳା ।

କଲ୍ କୀ ଭଗବାନଙ୍କର ଏକି କରାଳ ରୂପ

ମୁହୂର୍ତ୍ତକରେ ପୁରୀ ପାଲଟିଲା ଧ୍ୱଂସର ସ୍ତୁପ ।

କୃପାକର କୃପାମୟ ତୁମେ ହେ କଳାବାମନ

ଦୂରକରିଦିଅ କ୍ଲେଶ ନିସ୍ତରି ଯାଆନ୍ତୁ ଜନ ॥

ନିବେଦିତା ମହାପାତ୍ର

ମୁକୁନ୍ଦ ମିଶ୍ର ନଗର,ପୁରୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝଡ଼ିଲା ପତର ସ୍ମୃତି



ଆଶୁତୋଷ ମେହେର

ଝଡିଲା ପତର ମାଟିରେ ଲୋଟିଛି

ସ୍ମୃତିର ଗାଲିଚା ହୋଇ

ଅନାଇ ରହିଛି କଅଁଳ ପାଦର

ପରଶ ପାଇବା ପାଇଁ ।।

କାହାର ଆଦର କା' ପାଇଁ ଅଲୋଡା

କାହାର ପରଶ ମଣି

କା' ପାଇଁ ଜୀବନ ସଂଗୀତ ସେ ହୁଏ

ମଧୁର ଗୀତ ରାଗିଣୀ ।।

ମଲା ଲୋକ ପାଇଁ ଫେରେ କି ଜୀବନ

ପୁରୁଣା କାହାଣୀ ବନି

କଅଁଳେ ପତର ଶୁଖିଲା ଡାଳରେ

ନୂତନ ସନ୍ଦେଶ ଘେନି ।।

ଶୁଖି ଯାଇଛି ମୁଁ ଆସୁମାରି ଆଶା

ଊଙ୍କି ମାରୁଥାଏ ଗାରେ

ସେଇ ତ ଜୀବନ ଝଡିବାଟା ସାର


ସମୟ ବହିବା ଧାରେ ।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ସନ୍ତାନକୁ ପଦେ



ବିନୟ ମହାପାତ୍ର

ପଟିଆ, ଭୁବନେଶ୍ୱର, ଓଡିଶା

ତୁମପାଇଁ
ଦୁନିଆର ବୋଝ ଉଠାଉ ଉଠାଉ
ଆମେ ଦୁନିଆର ବୋଝ ପାଲଟିଗଲୁ,
ହେଲେ ତୁମେ ଆମ ପାଇଁ
କେବେବି ବୋଝତ ନଥିଲ,
ତୁମେ ଆମପାଇଁ ଦୁନିଆର
ସବୁଠାରୁ ଅମୂଲ୍ୟ ସମ୍ପଦ ଥିଲ,
ହେଲେ ଅବଶେଷେ
ଆଜି ଆମେ ତୁମ ବୋଝ ପାଲଟିଗଲୁ ।
ଏ ବୋଝ ତୁମେ ଉଠାଇବ
ଅବା ରାସ୍ତାକଡ ଅଳିଆଗଦାରେ
ଫୋପାଡି ଚାଲିଯିବ
ସେ ନିର୍ଣ୍ଣୟ ତୁମପାଇଁ ଛାଡିଦେଲୁ ।

ତାକୁ କରଜ ଭାବିବନି,
ତୁମ ପାଇଁ ଆମେ ଯାହାବି କରିଲୁ
ସେ ଆମର କର୍ତ୍ତବ୍ୟ ତ ଥିଲା
ଦୁନିଆରେ ତୁମେ ମୁଣ୍ଡଟେକି ଚାଲିବ
ତୁମପାଇଁ ଆମେ
କେତେ କେତେ ସ୍ୱପ୍ନ ଦେଖିଥିଲୁ ।
ଆମେ ଆମ କର୍ତ୍ତବ୍ୟ କରିଲୁ
କିନ୍ତୁ ତୁମେ ତୁମ କର୍ତ୍ତବ୍ୟ କରିବ
ଅବା ଫାଙ୍କିଦେଇ ଚାଲିଯିବ
ସେ ନିର୍ଣ୍ଣୟ ତୁମପାଇଁ ଛାଡିଦେଲୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ତୁମ ଅଳି ଅଝଟ ରାଗ ରୁଷା
ତୁମ ଭୁଲ ଠିକ୍ ସବୁକିଛି
ହସି ହସି ସହିଗଲୁ,
ତୁମର ପ୍ରତିଟି କଥାକୁ ଶୁଣିଲୁ,
ଯେତିକି ସମ୍ଭବଥିଲା ସବୁ ପୁରାକଲୁ
ଆଜି ଆମକଥା ଶୁଣିବାକୁ
ତୁମପାଖେ ଦି'ଘଡି ସମୟ ଥିବ
ଅବା ସମୟର ଅଭାବ କହି
ତୁମେ ମୁହଁମୋଡି ଚାଲିଯିବ
ସେ ନିର୍ଣ୍ଣୟ ତୁମପାଇଁ ଛାଡିଦେଲୁ ।

କାଲି ଆମେ ଯାହାବି ଦେଇଥିଲୁ
ସେ ଆମ ସ୍ନେହ ମମତା
ଆଉ ଆମ ପ୍ରେମ ଉପହାର ଦେଲୁ ।
ତୁମକୁ ସବୁଦେଇ ତୁମ ଖୁସିଠାରୁ
ଆମେ ଅଧିକ ଖୁସି ହୋଇଥିଲୁ,
ତୁମ ମୁହଁରେ ହସଟିକେ ପାଇଁ
ସବୁକିଛି କରିଗଲୁ,
ସେ ସବୁ ଆମ ପ୍ରେମ ଥିଲା ।
ଆଜି ଆମେ ତୁମ ଦୟାର ଭୀକାରି ସାଜିଲୁ
ତୁମେ ଦୟା କରିବ ଅବା ସମ୍ମାନ ଦେବ
ସେ ନିର୍ଣ୍ଣୟ ତୁମପାଇଁ ଛାଡିଦେଲୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତଥାପି ତୁମକୁ ଅପେକ୍ଷା



ପରମେଶ୍ୱର ଓଝା

ଆଛା ମୋ ପରି ତୁମେ ହୋଇଥିବ କି
ବହୁତ ଲୋଭି ସ୍ୱଳ୍ପ ଖର୍ଚ୍ଚି
ବେଶ୍ ଭାବୁକ ପ୍ରଶଂସା ପ୍ରିୟ
ଅଭଦ୍ରମୟ, ଲୋକ ଦେଖାଣିଆ ଭଦ୍ର ପରିଚୟ
ପ୍ରେମ ଶୁନ୍ୟ ଛାତି ଲମ୍ପଟମୟ

ଧେତ୍ କେମିତି ଯେ ତମେ ହୋଇଥିବ

ମୁଁ ଜାଣେନି ତୁମ ରୂପ ଜାଣେନି ତୁମ ରଙ୍ଗ
ଜାଣେନି ତୁମ ଘର ଜାତି କି ଗୋତ୍ର
ଜାଣେନି ତୁମ ବୟସ ତୁମ ଆୟୁଷ
ଜାଣେନି ତୁମେ ରଣଚଣ୍ଡୀ କି ସରଷ
ତଥାପି ତୁମକୁ ଅପେକ୍ଷା
ତଥାପି ତୁମକୁ ଅପେକ୍ଷା

ଆଛା ତୁମେ ତୁମ କେଶ କେମିତି କୁଣ୍ଡାଉଥିବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଝି ସୁନ୍ଥାନି ନା କଡୁଆ

ନାକରେ ନୋଥ ଥିବ ତ

କେମିତି କା ବିନ୍ଦି ପିନ୍ଧୁଥିବ

କୁନି ଲାଲ୍ ବିନ୍ଦି ନା ଟିକେ ବଡ ଡିଜାଇନର

ଓଠେ ସଦାବେଳେ ହସ ଥିବ

ବୁଲି ବୁଲି ତୁମେ ଚାହୁଁଥିବ

ନା ପରିବେଶ ପରିସ୍ଥିତି ଦେଖି

ନିଜକୁ ସଜାଡି ଦେଉଥିବ

ଜାଣେନି ତୁମ ସଣ୍ଟଣା ଜାଣେନି ପର ଆପଣା

ଜାଣେନି ତୁମେ କେତେ ସମର୍ପିତା

କେମିତି କା ମନୋଭାବନା

ତଥାପି ତୁମକୁ ଅପେକ୍ଷା

ତଥାପି ତୁମକୁ ଅପେକ୍ଷା

ବିୟୁଟିପାର୍ଲର ମାସକୁ ହଜାରେ ଦେଉଥିବ

ନା ବଟା ହଳଦୀ ଫେୟାରଲଭଲି

ସ୍କୁଲ ବେଳୁ ତୁମ ସାଥେ ଥିବ

ଜାଣେନି ତୁମ ଠାରେ ଭରା

କେତେ ଆକୁଳତା କେତେ ମାଦକତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ କଷ୍ଟ ବ୍ୟଥା କେତେ ମଧୁ ମିଠା

ତଥାପି ତୁମକୁ ଅପେକ୍ଷା

ତଥାପି ତୁମକୁ ଅପେକ୍ଷା

କେହି ହୃଦେ ସାଇତା ପ୍ରିୟ ଥିବେକି

ଭକ୍ତିର ବାହାନା କରି

ଗ୍ରାମଦେବୀ ସିନ୍ଦୂର ସିନ୍ଥିରେ ଭରି

ପ୍ରେମିକକୁ ସ୍ୱାମୀ ସଜେଇଥିବ

ଶୁଭକାମନା ସବୁ ପ୍ରାର୍ଥନା

ତାଙ୍କଠି ଆରମ୍ଭ ତାଙ୍କଠାରେ ସାରି ଦେଉଥିବ

ଜାଣେନି ତୁମ ପ୍ରେମ ଜାଣେନା ତୁମ ନାମ

ଜାଣେନି ତୁମ ଭିଜା ଅତୀତ

ଆଉ କିଛି ବଦନାମ

ତଥାପି ତୁମକୁ ଅପେକ୍ଷା

ତଥାପି ତୁମକୁ ଅପେକ୍ଷା

ଥିବ କି ବାଡ଼ିରେ ଲାଲ୍ ଗୋଲାପ ର ବଗିଚା ଟେ

ପ୍ରିୟତମ ତୁମ ଭଲ ହୋଇଥାଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନସିକ କରି

ସାଇ ପାଦ ତଳେ ପ୍ରତ୍ୟେକ ଟି ଫୁଲ ଦେଉଥିବ

ଧଣ୍ଡୁଆ ଗାଇ ଟେ ଘରେ ଥିବ

ଭଲ ଘର ଭଲ ବର ପାଇବାକୁ

ପ୍ରତି ସୋମବାରେ ଶିବ ଲିଙ୍ଗେ

ଖାଣ୍ଟି କ୍ଷୀର ଗ୍ଲାସେ ଢାଳି ଦେଉଥିବ

ଗୀତା ଭାଗବତ ପଢୁଥିବ

ପୁଣି ମଝିରେ ମଝିରେ ଝୁଣ୍ଟୁଥିବ

ସ୍ୱର ନାହିଁ ବୋଲି ମନେ ମନେ ଦୁଃଖି ହେଉଥିବ

କେ ଜାଣେ ନାସ୍ତିକ ବି ହୋଇପାର ତୁମେ

ଜାଣେନି ତୁମ ଭକ୍ତି ଜାଣେନି ତୁମ ଶକ୍ତି

ଜାଣେନା ତୁମ ଅବିଶ୍ୱାସ ବିଶ୍ୱାସ

କାହାକୁ ଭାବ ତୁମେ ତୁମ ଶକ୍ତି

ତଥାପି ତୁମକୁ ଅପେକ୍ଷା

ତଥାପି ତୁମକୁ ଅପେକ୍ଷା

ନୂଆ ନୂଆ ରନ୍ଧା ଶିଖୁଥିବ

ତରକାରୀ ଲୁଣି ପାଣି ଧଙ୍କସର ଡାଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାତ ଯାଉ କରି ଥୋଉଥିବ

ମାଂସ ଦରସିଝା କରୁଥିବ

ଚୁନା ମାଛ ବାଛି ଆସୁନଥିବ

ସେଣେ ରୁଟି ଓଡ଼ିଶା ମ୍ୟାପ୍ ର ବନୁଥିବ

" ଆଲୋ ଶାଶୂଘର ଯାଇ ନାଁ ସାରିବୁକି "

ବୁଢ଼ୀ ମା' ସଦା କହୁଥିବ

ତମେ ଗୋଡ଼କୁ କଚାଡି

ଆଖିକୁ ଭିଜେଇ

ନାକ ସୁକୁ ସୁକୁ କରି ଦେଉଥିବ

ପୁଣି ବାହାହେବି ନାହିଁ କହୁଥିବ

ସତରେ ତୁମେ କେତେ ନିରିମାଖି ହୋଇଥିବ

କମେଣ୍ଟ ମାରିଲେ ଚାଲିଯାଅ ନିଜ ବାଟରେ

କି ଜବାବ ଦିଅ ଟୋକା ମୁହଁ ରେ

ଜାଣେନା ତୁମ ଚାହାଣୀ ଜାଣେନି ତୁମ କାହାଣୀ

ଜାଣେନି ତୁମ ସରଳତା ପଣ

କି ଗାଳି କରିବାରେ କେତେ ମାହିର

ଜାଣିନି ତୁମ ନଖରାମି ପୁଣି ଜାଣିନି ତୁମ ଫାଜିଲାମି

ତଥାପି ତୁମକୁ ଅପେକ୍ଷା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି ତୁମକୁ ଅପେକ୍ଷା

ହେସ୍ କେଜାଣି କେମିତିକା ତୁମେ ହୋଇଥିବ

ଜାଣେନା ତୁମ ଭାବନା ଜାଣେନା ତୁମ ଛଳନା

ଜାଣେନା ତୁମ ଯାତନା ଜାଣେନା ତୁମ ପ୍ରେରଣା

ଜାଣେନା ତୁମ ଛନ୍ଦ କପଟ ଭଲପାଇବାର ପାଉଣା

ତଥାପି ତୁମକୁ ଅପେକ୍ଷା

ତଥାପି ତୁମକୁ ଅପେକ୍ଷା

ତଥାପି ତୁମକୁ ଅପେକ୍ଷା

---------------0--------------

................. ପରମେଶ୍ୱର ଓଝା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର ବ୍ୟାପ୍ତତା



ଚିନ୍ମୟ ବାରିକ

ପ୍ରେମର ବ୍ୟାପ୍ତତା କେବେତ
ଛୁଇଁପାରିନି ଆକାଶର ନୀଳିମାକୁ
ପ୍ରତ୍ୟୟର ହାତ ବଢ଼ାଇ ।

ଅଣ ଓସାରିଆ ଗଳିର ରାସ୍ତାରେ
କ'ଣ କେବେ ଲିଭିଯାଏ ଶଗଡର,
ପାଦଚିହ୍ନ ଝରା କୁହୁଡ଼ିର
ଛଳନାକୁ ବଳୟର ବୁକୁରେ ତୋଳିଧରି,
ବୟସର ମଧ୍ୟାହ୍ନରେ ।
ନାଁ,ସମୟର ଗୋଧୂଳିରେ
ନାଚିଉଠେ ମୟୂର
ଭୂଜ ମେଲେଇ ।

ଅରଣ୍ୟକ ହୋଇ ଶ୍ରାବଣକୁ
ଚାହିଁବାର ମାନେ !
କାଇଁ,

ସବୁ ମାସ କ'ଣ
ଶ୍ରାବଣ ହୋଇ ଝରିପାରେନି
ଅରଣ୍ୟର ଭୂଲତାରେ ।
ନାଁ,ମୃଗକେବେ ପାଣି ପିଏନି
ବିନା ଶ୍ରାବଣର
ଚଇତି ଖରାରେ ।

ପ୍ରେମ କ'ଣ
କେଉଁକାଳେ ଥକାମାରି ବସେ
ଗଛର ଛାଇରେ ।
ନାଁ,କେବେ ଅସ୍ତିତ୍ୱ ଥରିଉଠେ
ଭୋକିଲା ପେଟରେ ।

କାଇଁ,କେହିତ !ଆସିବାର ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଠାତ୍ ଏ ନିଶି ନିରବତା

କେଉଁଠୁ ବିଧବାର ଶାଢ଼ୀପିନ୍ଧି,

ଓଠର ଉପତ୍ୟକାକୁ

ଛୁଇଁବ ଛୁଇଁବ ବୋଲି ହେଉଛି,

ମୋ ସମଗ୍ର ସତ୍ତା ଭିତରେ ।

କୋହ ଯେମିତି

ଉପତ୍ୟକାକୁ ଭେଦକରି

ଥରି ଥରି ଡଙ୍ଗା ବୋହୁଛି

ପାହୁଲାଏ ମାରି,

ରୁକ୍ଷ୍ୟ ଲୁକାୟିତାକୁ

ଲୁଗାର ଅଣ୍ଟିରେ ଜାକିଧରି ।

ଅଦିନିଆ ଝଡରେ କ'ଣ

ନଇ ପୁରିଉଠେ ଅଥଳ ତଳ ଜଳରେ

ନାଁ,ଅକସ୍ମାତ କୋହରେ,

ଆଖି ହଳକ ଝରାଇ ଚାଲନ୍ତି

ଅନର୍ଗଳ ଅର୍ଦ୍ଧଶୁଭ୍ର ଲହୁକୁ,

ବେକ ତଳର ଛାତି ଉପରେ ।

ଏଇତ ଆଖିର ପାଣି

ଆକାଶକୁ ଛୁଇଁ,

ପୁନଃଷ୍ଚ ଶ୍ରାବଣ ଆସିଲାଣି ।

କାଇଁ, ବାଦଲତ ଘନ ଅନ୍ଧାର

ଆଣି ଆସୁନି ତା'ର

ହକ୍ ଜାହିର କରିବା ପାଇଁ

ମୋ ଅନନ୍ତ ଦୁନିଆକୁ

ଅନନ୍ତ ଆତ୍ମାର ସତ୍ତାଟି ସାଜି ।

"କିଏ ଜାଣେ ପ୍ରେମର ବ୍ୟାପ୍ତତା

କେଉଁ କାଳେ ସରେ,ଭଙ୍ଗା ନାଆର

ରକ୍ତ ଜୁଡୁବୁଡୁ ଭଗ୍ନ ଦେହରେ" ।।

ଚିନ୍ମୟ ବାରିକ ।

ବ୍ରାହ୍ମଣଡ଼ିହି, ବାଲିକୁଦା, ଜଗତସିଂହପୁର ।

ଦୂରଭାଷ-୭୩୭୦୩୫୨୦୮୪ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିଠି



ଧୀରେନ୍ଦ୍ର କୁମାର ପ୍ରଧାନ

ଚିଠି ତମେ ଆଜିବି ଭରିପାର ଆବେଗ
ସଂଶୟ ଉନ୍ମାଦନା ଆଉ ଅପେକ୍ଷା ଅନ୍ତ ର
ସମ୍ବନ୍ଦ ।
ଦୁଇପକ୍ଷ ଡେଣା ମେଲି ଚିଠି ଆସେ
ଆକୁଳ ଅଥୟ ମନରେ ସାଜି
ଆଶାର କିରଣଟିଏ ।।।।
କେବେ ଚିଠି ଆସେ ,
ସଚ୍ଚୋଟ ପ୍ରଶାସକର ସବୁଜପ୍ରସାରୀ
ହାତକୁ ବାନ୍ଧି ଦେଇଯାଏ
ଆଉ
କେବେ ହସାଏ ବେକାରୀ ମୁହଁ ରେ
ନିଯୁକ୍ତି ର ଚେନାଏ ହସ ।।।

ବହୁବାର ଡାକବାଲାର କ୍ରିଂକ୍ରିଂ ଶବ୍ଦ ରେ ହୃଦୟରେ
ବିଛିନ୍ନ ତରଙ୍ଗ ସବୁ ଏକାକାର ହୋଇ ସୁନାମୀ ସାଜେ
କିନ୍ତୁ ନିରାଶାର ବାଲିଚର ମାଡିଯାଏ
ଡାକବାଲାର ଗନ୍ତବ୍ୟ ରେ ।
ଆଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁବ୍ରତରେ ତୋଷ ଈଶ୍ୱର ଙ୍କ ଠୁ ଚିଠି ଆସେ
ଅନ୍ଧୁଣୀ ବୁଢୀ ପାଖକୁ,,,,, ପୁଅ ଆସୁଛି ।।

ପତ୍ର ଆସିଛି ଆପଣାର କାହାର
ମହମହ ଗନ୍ଧବହ ସୂଚାଏ
ଗାଁ ମାଟିର ବାସନା,ତୁଳସୀ ଅଗଣା,
ଦୃଢମନା ବାପାଙ୍କ ଲୁହକୁ ଲୁଚଉଥିବା ଚଷମା ।
ଲୁହଭିଜା ମାଆ ପଣତର ଓଢଣା
ପୋଛିଦିଏ ମଥାକୁ କରେ ମମତା ମୁଠାଏ ଲପନେ ଲେପନ ।
ଟିକି ଝିଅର ଗୁଲୁରୁ ଗୁଲୁରୁ ଅବୁଝା ଭାଷାକୁ
ସେ ବେଶ୍ ବୁଝିପାରେ ।
ଘରଣୀର ରୁଣୁଝୁଣୁ ଚୁଡିସାଙ୍ଗେ ଦିଶିଯାଏ
ଲଳିତ ଲଲାଟର ସିନ୍ଦୂର ଧାର
ଆଉ
ଜାଗାନଥିବା ଅନ୍ତର୍ଦେଶୀୟ ପତ୍ରର
କେଉଁ ଏକ କୋଣରେ
ରାଣଦିଆ ମୁହଁରୁ ପ୍ରେମଯୁକ୍ତ ଲୁହ ଦିଟୋପା,,,,,,, ସୀମାରେ ।।।।।

ପଥର କରିବାକୁ ପଡେ ଛାତି
ମାନସିକ ହୁଏ କେତେଯେ,
ଥରିଯାଏ ହାତ,, ଖୋଲିବାକୁ ଚିଠି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୃଦୟ ବିଦାରେ ସେ ଚିଠି
ଯେବେ ଥାଏ ତ୍ରିରଙ୍ଗା ପତାକାରେ ଘୋଡେଇ ହୋଇ ଆସୁଥିବା
ଅଫେରା ଆଗନ୍ତୁକର ଯନ୍ତ୍ରଣା ସିକ୍ତ ବାରତା ନେଇ ,,,,,ସୀମାରୁ । । । । । । । ।

ଚିଠି ଆସିଛି ରିକ୍ସା ବାଲାର ଘରକୁ
ତା ଝାଳରେ ତା ରକ୍ତର ସଫଳତାର ଖବର ନେଇ । । । ।

ଆଉ କେତେବେଳେ ଚିଠିଯାଏ ଭୁଲ ଠିକଣାରେ ତ
କେତେବେଳେ ଠିକ୍ ଠିକଣାରେ ଠିକ ନାମରେ
ସାଜି ଡଷ୍ଟବିନର ଅତିଥି । । । ।

ଆଉ କେତେବେଳେ ଚିଠି ଯାଏ ଏଇ ବାର୍ତ୍ତା ନେଇ
""""ଗାଁ କୁ ପକ୍କା ସଡକ ହୋଇଗଲାଣିରେ ଧନ
ଏଥର ତ ଫେରିଆ"" । । । । । ।

ଦୂରତାରେ ଥିବା ମଣିଷର ହୃଦୟ କୁ ଯୋଡୁଥିଲା
ଚିଠି ସତ୍ୟତା କୁ ବହନ କରି
ଆଜି ଦୂରତା କମାଇଛି ଦୂରାଭାଷ,,,
କିନ୍ତୁ ସତୁଆ କମ୍ ସଜାଇଛି ମିଛୁଆ ବେଶୀ । । । । । । ।

ଝଜିରୀ ।ଅନୁଗୋଳ । ୭୫୯୪୪୫୮୧୪୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେ ଆମ ଜେଜେ



ସଂଯୁକ୍ତା ରାଉତ

ମୁଣ୍ଡରେ ତାଙ୍କର ଧବଳ କେଶ
ପାକୁଆ ପାଟିକୁ ପାଚିଲା ନିଶ
ମୁହେଁ ଲାଖିଥାଏ ସଦା ହରଷ ।।

ହାତେ ଥାଏ ତାଙ୍କ ବଙ୍କୁଲିବାଡ଼ି
ଗଛ ଲଗାନ୍ତି ସେ ଧାଡ଼ିକିଧାଡ଼ି
ଖୁସିରେ ବସନ୍ତି ଖବର ପଢ଼ି ।।

ପିନ୍ଧିଥାନ୍ତି ଧୋତି ମାରିଣ କଚ୍ଛା
କାନ୍ଧେ ଥାଏ ତାଙ୍କ ନାଲି ଗାମୁଛା
ଦିଅଁ ଦରଶନେ ତାଙ୍କରି ଇଚ୍ଛା ।।

ଆଖିରେ ତାଙ୍କର ମୋଟା ଚଷମା
ଦେହେ ଥାଏ ତାଙ୍କ ସଫେଦ ଜାମା
ଅଭିଯୋଗ ତାଙ୍କ ନଥାଏ ଜମା ।।

ସବୁରି ମଙ୍ଗଳ ଇଚ୍ଛନ୍ତି ନିତି
ଗପ ଶୁଣାନ୍ତି ସେ ନିଇତି ରାତି
ସିଏ ପରା ଆମ ପ୍ରିୟର ସାଥୀ ।।

ବଡି ଭୋରରୁ ଛାଡନ୍ତି ଶେଯ
ସକାଳ ବୁଲାକୁ ହୁଅନ୍ତି ସଜ
ପାନ ବଟୁଆଟି ପ୍ରିୟର ଚିଜ ।।

ଆମକୁ ପାଖରେ ନିତି ବସାନ୍ତି
ନୀତି ଉପଦେଶ କେତେ ଦିଅନ୍ତି
ଆଦର୍ଶ ମାର୍ଗଟି ସଦା ଦେଖାନ୍ତି ।।

ଅତି ପ୍ରିୟ ତାଙ୍କ ଆମରି ଗାଆଁ
ତାଙ୍କ ପାଇଁ ପରା ବାପାଙ୍କ ନାଆଁ
ଜାଣିଛ କି ପିଲେ ତାଙ୍କରି ନାଆଁ ।।

ବାପାଙ୍କର ବାପା ସିଏ ଅଟନ୍ତି
ନାତି ନାତୁଣୀଙ୍କ ପ୍ରିୟ ଅଟନ୍ତି
ଜେଜେ ନାମେ ଆମେ ତାଙ୍କୁ ବୁଲାନ୍ତି ।।

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଳିନ ଚେହେରା



କୃଷ୍ଣଚନ୍ଦ୍ର ଡାକୁଆ

ଏଇ ଦେଖ ବର୍ଷା
ତୁମରି ଛୁଆଁରେ
ମଳିନ ହୋଇଛି
ଏ ଫୁଲେଇ ଜହ୍ନଟା
ଆଉ ଦିଶୁ ନାହିଁ
ଆଗ ଭଳି
ତା ଚେହେରା
ସେ ତ ଆସିଲେ
ପସରା ମେଲାନ୍ତି
କେତେ ମନରାଇଜ
ଆଗନ୍ତୁକ ଦେଖାନ୍ତି
ନିଜ ନିଜ ଅସଲ ଚେହେରା
ଭାବନ୍ତି ଅଳପ କୁହନ୍ତି ବେଶି
ଆଜି ସେ ଫୁଲେଇ ମୁହଁରେ
ହସ ନାହିଁ ବୋଲି
ମନର ରାଇଜେ
ମନ ଆଗନ୍ତୁକ
ଯିବେକି ରଷି .... ! !

କରଚୁଲି, ବୁଗୁଡ଼ା (ଗଞ୍ଜାମ)
ପିନ୍ ୭୬୧୧୦୪୩

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ମଦିରା ଓ ପ୍ରେମ



ପ୍ରଶାନ୍ତ କୁମାର ପ୍ରଧାନ

ମଦିରାର ନିଶା ଅଟେ କ୍ଷଣସ୍ଥାୟୀ
କ୍ଷଣିକରେ ଚାଲିଯାଏ
ଚିରସ୍ଥାୟୀ ସିନା ପ୍ରେମର ଏ ନିଶା
ଦାଗହୋଇ ରହିଯାଏ ।।
କ୍ଷତିକାରକ ଯେ ସ୍ୱାସ୍ଥ୍ୟ ପାଇଁ ସେତ
ମଦିରାରେ ଥାଏ ଲେଖା
ନଥାଏ ବୋଲି ତ ସତର୍କ ସୂଚନା
ପ୍ରେମରେ ମିଳଇ ଧୋକା ।।

ମଦିରା ନୁହେଁ ସେ ଅଟଇ ଜହର
ମୃତ୍ୟୁର ତ ନାଗଫାଶ
ପ୍ରେମ କିନ୍ତୁ ଅଟେ ଅମୃତ ସମାନ
ଭରିଥାଏ ଯହିଁ ବିଷ ।।
ଉପଲବ୍ଧ ହୁଏ କେତେ ମହୌଷଧି
ମଦିରାରୁ ମୁକ୍ତି ପାଇଁ
ପ୍ରେମଫାଶ କିନ୍ତୁ ଚକ୍ରବ୍ୟୂହ ପରି
ଫେରିବାର ବାଟ ନାହିଁ
ବନ୍ଧୁ
ଫେରିବାର ବାଟ ନାହିଁ ।।

ଗ୍ରାମ-ବୁରୋମୁଣ୍ଡା
ଜିଲ୍ଲା-ବରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମ ଗାଁ



ସାଗର ପ୍ରଧାନ

ଦେହ ସିନା ଆମ ଅଛି ବହୁଦୂରେ
ମନ ଝୁରେ ନିରନ୍ତରେ
ତୁମ କଥା ଯେବେ ମନେ ପଡ଼ିଯାଏ
ନୟନୁ ଲୋତକ ଝରେ ।
ଦୂର ପାହାଡ଼ର ପଥର ଦେହରେ
ସୁରୁଜ ଅଳପ ଦିଶେ ।
ତୁମ ଗାଆଁ ବାଟେ ଚାଲିଗଲା ବେଳେ
ଗାଆଁ ତୁମ ପରି ବାସେ ....

ପୋଖରୀ କୂଳରେ ସୁରୂଜ ଦେବତା
ସୁନେଲି କିରଣ ଦିଏ
ନିର୍ମଳ ଜଳରେ କୁମୁଦିନୀ ପାଶେ
ଭଅଁର ଯେ ଗୀତ ଗାଏ
ଧାଡି ଧାଡି ହୋଇ ତାଳ ଗଛ କେତେ
ଆକାଶକୁ ଚାହିଁ ହସେ
ତୁମ ଗାଁଆ----------------- ।

ପାଚିଲା ଧାନର କିଆରୀରେ ପୁଣି
ସୁନାର ଫସଲ ଖେଳେ
ଗାଇ ଜଗୁଆଳି ଘରକୁ ଫେରଇ
ଗାଇ ନେଇ ସଞ୍ଜ ବେଳେ ।
ଗୋଧୂଳି ଲଗନେ ଅନ୍ତିମ ତପନେ
ମାଟି ମହ ମହ ବାସେ ।
ତୁମ ଗାଁଆ------------- ।

ସଂଜ ନଇ ଗଲେ ରାତିର ଅନ୍ଧାରେ
ଆକାଶକୁ ଯେବେ ଚାହେଁ
ହୀରା ମୋତି ପରି ତାରା ଗହଣରେ
ଚାନ୍ଦ ଖେଳେ ନଭ ଦେହେ
କେମିତି ଭୁଲିବି ପ୍ରିୟତମା ମୋର
ସ୍ମୃତିସବୁ ଝରିଆସେ
ତୁମ ଗାଆଁ--------------------- ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୈର୍ଯ୍ୟ



ଅକ୍ଷୟ କୁମାର
ବେହେରା

ସ୍ରଷ୍ଟାଙ୍କ ସୃଷ୍ଟିରେ ବିପଦ ନିଶ୍ଚିତ
ଜୀବନରେ ଆସିଥାଏ,
ଧୈର୍ଯ୍ୟର ସହିତ ସାମ୍ନା ନ କରିଲେ
ଦୁଃଖେ ଦିନ କଟିଯାଏ ।୧ ।

କ୍ଷଣି କ୍ଷଣିକରେ ଆନ ଏଇ ଧରା
ସମୟ ସାଥେ ଜିଇଁବା,
ହାତେ ମାପି ଯଦି ଚାଖଣ୍ଡେ ଚାଲିବା
ସୁଖରେ ଦିନ କାଟିବା ।୨ ।

ପିତା ଓ ମାତାଙ୍କୁ ସମ୍ମାନ ଦେଇଣ
ମାନିନେବା ତାଙ୍କ କଥା,
ଭକ୍ତି ହୃଦୟରେ ପାଦ ପଦ୍ମେ ତାଙ୍କ
ନଇଁ ଯାଉ ଆମ ମଥା ।୩ ।

ବଡଠାରେ ଭକ୍ତି ସାନ ପାଇଁ ସ୍ନେହ
ଅନ୍ତରେ ସଦା ରହିଲେ,
ବିପଦ ଘୁଞ୍ଚିବ ଦୁଃଖ ସରିଯିବ
ଦିନ ବିତିଯିବ ଭଲେ ।୪ ।

ବୁଦ୍ଧି ବିଚାରିଣ ହରଷ ମନରେ
କରିଗଲେ ସବୁ କାର୍ଯ୍ୟ,
ସକଳ କାର୍ଯ୍ୟ ତ ସଫଳ ହୋଇବ
ହୃଦୟେ ରଖିଲେ "ଧୈର୍ଯ୍ୟ" ।୫ ।

କେନ୍ଦୁଡିହା ବଡସାହି ମୟୂରଭଂଜ
ଭ୍ରାମ୍ୟଭାଷ:-୯୩୪୮୮୧୯୯୧୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରୀପତିଙ୍କୁ ଚିଠି



ସ୍ନିଗ୍ଧା ସାମନ୍ତରାୟ

ନୟନେ ଲୋତକ ପଡୁଛି ଖସି
କଳାକଜଳ ରେ ଲେଖୁଛି ଚିଠି ।
ଚିଠି ପାଇ ଉତ୍ତର ଦେବୁ ଶ୍ରୀ ପତି
ଦିନ ପରେ ଦିନ ସରୁଛି ବସି ।
ତୋ ଉତ୍ତରକୁ ମୁଁ ଚାହିଁ ବସିଛି
ନୟନେ ଲୋତକ ପଡୁଛି ଖସି

ବିସ୍ତାର ମାୟା ରେ ପଡିଛି ସଂସାରେ
ମୁକ୍ତ ହେବା ପାଇଁ ଅଛି ବ୍ୟାକୁଳ ରେ ।
ଜପ, ଧ୍ୟାନ ମନ୍ତ୍ରଶୁଣିଲୁ ନାହିଁ
ଜଣାଣ, ଭଜନ ଶୁଣାଏ ମୁହିଁ ।
ତଥାପି ତୋ ମନେ ଦୟା ନାହିଁ
ଲୁହ ରେ ଭିଜୁଛି ଅପେକ୍ଷା ରେ ମୁହିଁ ।
ଚାତକ ପରି ରହିଛି ଅନାଇ
ନିଶ୍ଚୟ ଉତ୍ତର ଦେବ ଗୋସାଇଁ ।
ଚାହିଁ ଚାହିଁ ମୁହିଁ ଲେଖିଲି ଚିଠି
ଦେଇ ଦେ ଉତ୍ତର ପଢି ତୁ ଖୁସି ।

ଗୋପାଳ ଗାଁ, ଚୂନଭାଟି, ବାଲେଶ୍ୱର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ହଜିଛି



ପୁଷ୍ପାଞ୍ଜଳୀ ପଣ୍ଡା

ହଠାତ ହାରିଗଲା ତୁମ

ଆଖିରେ ଦେଖାଯାଉଥିବା

ସବୁ ର  ପାରିବାପଣ  । ।

ବାକି ରହିଗଲା ମୋ

ଅସମାପ୍ତ ଅସହାୟତା ।

ପ୍ରିୟତମ, ଦେଖିପାରୁନ

ତୁମ ବିନା କେମିତି

ମୋର "ମୁଁ" ହଜିଗଲା  ।

କେମିତି ଉଜୁଡି ଗଲା ମୋ

ସୁଖ ର ବଗିଚା ।

କୁଆଡେ ଗଲା ଅପରକୁ ନିଜର କରିନେବାର

ଶକ୍ତ ମାୟା,ସେ ଅପୂର୍ବ ସମ୍ମୋହନ  ?

କୁଆଡେ ଗଲା ସେଚାନ୍ଦର ଚାନ୍ଦିନୀରେ

ଭିଜା ଭିଜା ଚୁନା ଚୁନା ସୁଖ ଆସ୍ତରଣ  ?

ହୁଏତ ଏବେ ଆଉ ଜୋଛନାରେ ଭିଜିବାକୁ

ଗୁଣୁଗୁଣୁ ଗାଇବାକୁକେବେ ଚାହିଁ ବିନି  ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଦୁଃଖ କୁ ତୁମ ସୁଖ ସହ

ଯୋଡ଼ି ବାକୁ କେବେ ଅଳି କରିବିନି ।

ପୁରୁଷ ତ ସବୁକାଳେ

କରେ ମନମାନି ।

ସ୍ତ୍ରୀ ଟି ର ସ୍ତ୍ରୀ ହେବାପାଇଁ

ହୋମ ନିଆଁ ଠାରୁ ଯୁଇ ନିଆଁ ଯାଏ

ପରୀକ୍ଷା ସରେନି ।

ଯାତ୍ରା ର ଶେଷ ଯାଏ କେବଳ "ମୁଁ "ହଜେନି

ବରଂ ହଜାଇ ପାଇବାର ସୁଖ ବି ସରେନି ।

ଏଇ ବୋଧେ ପ୍ରେମର ସୁଖପଣ । ।

-ପୁଷ୍ପାଞ୍ଜଳି ପଣ୍ଡା-

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ ଅଫିସର

ଜାଜପୁର ।

ଆହ୍ଵାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ କିଏ ନେଇଛି ?



ଦେବାଶିଷ ସାଗର

ବନ ବନ ମାଳା ସରଗ ତାରା
ଆଇଛି କୁଆଁରୀ ଖରା ,
ବୃଦ୍ଧ କାଳେ ଶୀତ କରୁଛି ନାଟ
ବରଷା କାଳର ମଜା ।୧

ଫଗୁଣର ଦେହେ ପୃଥିବୀ ରାଣୀ
ସଜା ଫୁଲର ପରସ୍ତ ,
ମଳୟ ପବନ ସ୍ପର୍ଶରେ ଦେହ
ଜୀବିତ ହୁଏ ସମସ୍ତ ।୨

ଧୋବ ଫରଫର ବାରିଦ ମାନ
ପ୍ରମ ରସେ ସେ ରସିକ ,
କଳା ଧଳା ରଙ୍ଗେ ପ୍ରେମୀ ଯୁଗଳ
ପ୍ରେମ ମନ୍ଦିର ପୂଜକ ।୩

ସରିନି ପ୍ରେମ ସେ ପବିତ୍ର ଧାରା
ଆକାଶ ସହ ଧରିତ୍ରୀ ,
ପଦ୍ମ -ସୂର୍ଯ୍ୟ , କଇଁ -ଚନ୍ଦ୍ରରେ ରହି
ଝରାନ୍ତି ପ୍ରେମ ତ୍ରିବେଣୀ ।୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ସେ ପ୍ରେମ ସ୍ୱର୍ଗୀୟ ପ୍ରସାଦ
ଆସିଛି ଆଭମାନରୁ ,
ପ୍ରେମର ସଂଜ୍ଞା ପରିବର୍ତ୍ତନ ହେ
ଆଜି ସଭିଙ୍କୁ ମନରୁ ।୫

ଇତିହାସ ସାକ୍ଷି ପ୍ରେମ ନିମନ୍ତେ
କେତେ ପଶୁ -ପକ୍ଷୀ - ନର ,
ପ୍ରେମର ସୁଆଦେ ଗରଳ ସୁଧା
ଆନନ୍ଦେ ତାଙ୍କ ଜୀବନ ।୬

ଆସିଛି ସଂପ୍ରତି ଯୁଗର ଚିତ୍ର
ଆଖିରୁ ଝରାଇ ଲୁହ ,
ମଣିଷ ମନରୁ ପ୍ରେମର ଗୁଣ
କିଏ ହେ ! ନେଇଛି କୁହ ... ? ୭

ବଡ଼ନୂଆଁପାଲି ( ଡୁଙ୍ଗୁରିପାଲି ) , ସୁବର୍ଣ୍ଣପୁର
ମୋ .ନଂ - ୯୯୩୮୮୪୪୯୫୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅକଲ ଫେରିବ



ମହେଶ୍ୱର ସାହୁ

ବାଞ୍ଛାନିଧି ବଙ୍କୁ ଜୁଇ ମୁଣ୍ଡରେ,
ପାପ ଧୋଇ ଭସ୍ମ କୀର୍ତ୍ତୀସ୍ତମ୍ଭରେ ।
ଦୁଗୁଲି ଡିଆଁ,
ଡଙ୍କ ଛାନିଆଁ,
ପ୍ରକୃତିରେ ଶାନ୍ତି ମାନିଆଁ ଧରେ ।।

ନାରୀ ମାଂସ ଲୋଭେ ତରାଟୀ ବାଇ,
ଘିନିଆ କାକରା ରଜ ଲଗାଇ ।
ଛନକା ଦେହୀ,
ସରମ ନାଇଁ,
ବୟସ ଘାଣ୍ଟିଆ ଲାଡୁଆ ଖାଇ ।।

ଧନ ସମ୍ପଦର ରସିଆ ମୂଷା,
ଗରବ ପାହାଡ଼ ଧାରୁଆ ଠେସା ।
ନାଟୁଆ ନରୀ,
ହାଟ ପୂଜାରୀ,
ଭୀମ ଭୟଙ୍କର ଦଇବ ମାରି ।।

ଜ୍ଞାନୀ ଅହୀରାଜି ହାଟ ବସାଇ,
ମନ୍ତବ୍ୟ ଗଞ୍ଜଣା ଠୁସିଆ ପାଇଁ ।
ଠେଙ୍ଗିଆ ଡିଆଁ,
ହାତୀ କାଢୁଆ,
ରସ ରସିଆର ଜ୍ଞାନ ଫଡୁଆ ।।

ବିଜ୍ଞାନର ଚାଟ ମହସ ଫେରି,
ଉପୁଡି ଉଜାଡ଼ି ଅଜ୍ଞାନ ହରି,
ଉମଙ୍ଗ ରିଆ,
ମଙ୍ଗ ହାଦୁଆ,
କଲାମ ତୁଳନା କଟାକ୍ଷ ହିଆ ।।

ମୁଁହ ଟାଣ ସଙ୍ଗେ ଭେସ ବିଛୁଆ,
ଲଗାମ ଖଣ୍ଡୁଆ ଭାଷା ପେଚିଆ ।
ସମ୍ରାଟ ଗାଦି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭେସ ଅନାଦି,
ଉରୁ କୁମ୍ଭ ନଳୀ ଫସ ଫସିଆ ।।

ବୃକ୍ଷ ମରୁଚିକା ଧ୍ୱଂସ କାନନ,
ବାତ୍ୟା ବିଭୀଷିକା ବିଦିଅ ମାନ ।
ଶ୍ରୀହୀନ ଆଜି,
ବିଜ୍ଞାନ ପାଜି,
ଅଲାଜୁକ ପଣେ ଜନ ବିପନ୍ନ ।।

ମୁରୁକି ହସରେ କୁଜିଆ ଠାଣି,
ମନକୁ ଆଦରି ବେହିଆ କାଣି ।
ତୁକୁଲି ଡିଆଁ,
କଉତୁକିଆ,
ନକଲି ଡୁଙ୍ଗୁରା ତକଲି କଇଁ ।।

ମହେଶ୍ୱର ସାହୁ
ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର (ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତାରା



ଅଙ୍କିତା ପାଢ଼ୀ

ତାରା କିଆଁ ଆକାଶରେ ଦିଶ ସାନ ସାନ,
ରବି ତେଜ ସମ ତୁମ୍ଭେ କହଇ ବିଜ୍ଞାନ ।।
ଭାବେ ମୁଇଁ ସଦା ତୁମ ରୂପ ର୍ଣ୍ଣ ଦେଖି,
ମୃତ୍ୟୁ ପରେ ଜୀବାତ୍ମାର ତୁମେ ଅଟ ସାକ୍ଷୀ ।।
ଶୁଣି ଅଛି ତୁମେ ଅଟ ପିତୃ ପିତାମହ,
ଆତ୍ମା ତାଙ୍କ ତାରା ହୋଇ ଧରିଛନ୍ତି ଦେହ ।।
ତୁମର ଜଗତେ ତୁମେ ମହାନ ନକ୍ଷତ୍ର,
ଆଲୋକ ପ୍ରସାର କରୁଅଛ ହୋଇ ମିତ୍ର ।।
ତବ ରୂପ ଛନ ଛନ ସପନ ମଉନ,
ନିଶି ତମ ବିନାଶନେ ଦେଖୁଛ ସପନ ।।
ଆମ ପାଇଁ ଏକ ସୂର୍ଯ୍ୟ ପ୍ରକଟ ଦିବସେ,
ଅନ୍ଧକାର ଦୂର କରି ପ୍ରଜ୍ୱଳିତ ଭାଷେ ।।
କୋଟି କୋଟି ତାରା ହୋଇ ରାତ୍ରି ଅନ୍ଧକାର,
ପୃଥ୍ୱୀ ଜନ ମଙ୍ଗଳରେ ଲାଭ କିସ କର ।।
ସୂର୍ଯ୍ୟ ତେଜ ସାମନାକୁ ନାହିଁ ଯେ ସାହସ,
କୋଟି କୋଟି ହୋଇ କିଆଁ ଦିବସେ ନ ଆସ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକ୍ଷେ ବନ୍ଧୁ ଥାଇ ଯଦି କାମରେ ନ ଆସେ ,

ଏକ ବନ୍ଧୁ ଉପକାରୀ ମୃତ୍ୟୁ ପୂର୍ବେ ବସେ ।।

ଜାଣି ଅଛି ମନେ ତୁମ ଭୟ ସଦା ଥାଏ,

ସେଥି ପାଇଁ ମିଞ୍ଜି ମିଞ୍ଜି ହୁଅ ସଦା ଭୟେ ।।

ଉପକାର ନ କଲେ ବି ଅନ୍ଧକାରେ ଆସ,

ପ୍ରତି ରାତ୍ର ଦର୍ଶନରେ ଅଛି ଅଭିଳାଷ ।।

ଉପକାର ପାଇ ଯିଏ ବନ୍ଧୁ ଚର୍ଚାକରେ ,

ସ୍ୱାର୍ଥପର ବୋଲାଏ ସେ ଏହି ମଞ୍ଚପୁରେ ।।

ଲେଖିକା(ଅଙ୍କିତା ପାଢ଼ୀ)

ବାପା: ରଞ୍ଜନ ପାଢ଼ୀ

ଶ୍ରେଣୀ: ସପ୍ତମ

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,

ଗଗନ ବାବୁ ଛକ, ଏଡ଼ତାଳ,ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଲୁକାସହର : ବାଲେଶ୍ୱର



ସୌମ୍ୟରଞ୍ଜନ ପାଲ

କ୍ଷୀରଚୋରା ଖିରା  ସୁଆଦ ନିଆରା
ଭୋଗେ ରାମେଶ୍ୱର ଲୋଭ ,
ବିରାଟ ସାଗର  ବେଳାଭୂମି ହେଲେ
ଆବର୍ଜନା ପାଇଁ କ୍ଷୋଭ  ।
ଫାଣ୍ଡିଛକ ଫଳ  ଗଡ଼େ ଦେଖି ଲାଳ
ପୋଲ ତଳେ କାରବାର ,
ଓରି ବିର୍ଲା ହରି  ଅଙ୍କୁର ଇମାମି
ଇସ୍ପାତରେ ଇଞ୍ଜିନର  ।
ଲଣ୍ଡନ ବଜାରେ  ପରିଚୟ ଦେଲା
କଂସା ପିତ୍ତଳର କାମ ,
କୂଟପୋଖରୀ ଓ  ଗୋଳାପୋଖରୀରେ
ଶୁଭେ ଆଲ୍ଲା ହର ନାମ  ।
ଓମଫେଡ଼ ଦହି  ରାତି ଯାଏ ପାହି
ପଥର ମୂରତି ହେଲେ ,
ଅସୀମ ରମଣୀ  ଶିଳ୍ପୀ କେଶୁ ପୁଣି
ନୂଆ ସନମାନ ଦେଲେ  ।

ପୋଲିସି ଲାଇନି  ଅଧୁନା ଆଇନି
ରାବଣ ମରୁନି ଆଉ ,
ଫକୀରମୋହନ  ବିଦ୍ୟାଳୟେ ସବୁ
ଦିଶେ କୁଆଁରୀଙ୍କ ଭାଉ  ।
ସାହାଜୀର ସେଇ  ହଜରତ ଶିଷ
ଅଣାଇ ଖୁସି ଭ୍ରାନ୍ତିରେ ,
ତେନ୍ତୁଳିଆ ମାଆ  ସେନେହେ ବାଟୋଇ
ବାଟ ଚାଲେ ପ୍ରଶାନ୍ତିରେ  ।

ଗ୍ରା/ପୋ:- ବଡ଼ଶୋଳ
ଭାୟା - ଝାରପୋଖରିଆ
ଜିଲ୍ଲା - ମୟୁରଭଞ୍ଜ
ପିନ - ୭୫୭୦୮୬
ଦୂରଭାଷ - ୯୯୩୭୮୮୯୮୩୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଓଡ଼ିଶା



ବାଳକୁମର ସାହୁ

ଓଡିଶା ମୋ ଘର

କିଏ ନୁହନ୍ତି ପର

ସବୁ ଏଠି ମୋର ଭାଇ ଓ ଭଉଣୀ

କିଏ ପୁଣି ବନ୍ଧୁ ସଖା ସହୋଦର ।।

ଆମେ ଏଠି ବନ୍ଧା

ଗୋଟିଏ କୁଟୁମ୍ବେ

କେଉଁ ପୁରୁଷରୁ

ନହିଁ ଏଠି ଭିନ୍ନ କିଏ ଆମ ଠାରୁ ।

ପଖାଳ ତୋରାଣି

ମୁଠାଏ ହୋଇଲେ

ଚଳି ଯାଏ ଆମେ

ଭୋକିଲା ପ୍ରାଣ ।।

ଆମରି ଐତିହ୍ୟ

ସର୍ବ ପୁରାତନ

ଇତିହାସ ପୃଷ୍ଠେ

କୁହେ ରାମାୟଣ

କୁହେ ପୁଣି ବେଦ

ସର୍ବ କାନ କାନେ

ଆମରି ବିଶ୍ୱାସ

କର୍ମ ଓ ଧର୍ମ

କୁହେ ଜଗତର ନାଥ

ଜୟ ଜଗନ୍ନାଥ

ବିଶ୍ୱ ବ୍ରହ୍ମାଣ୍ଡେ ।।

ନାମ-ବାଳକୁମର ସାହୁ

ଗ୍ରାମ-ଟଙ୍କାରୁମାଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଣ ଓ ବାଣୀ



ନୂତନ କୁମାର ବେହେରା

ସଂସାରର ଉତ୍ଥାନେ ପତନେ

ସୃଷ୍ଟି ସ୍ଥିତି ପ୍ରଳୟର ବିଧାନେ,

ଅସ୍ତ୍ର ରୂପେ ବାଣ ଶାସ୍ତ୍ର ରୂପେ ବାଣୀ

ରତ ସଦା ଅଭୂତପୂର୍ବ କର୍ମ ସାଧନେ ।

ଯେବେ ଯେବେ ସମାଜରେ

ଦୁଷ୍ଟକୁଳ ଅନ୍ୟାୟ ଅନୀତିରେ

କରି ନିଜ ପ୍ରଭୁତ୍ୱ ବିସ୍ତାର,

ସାଧୁ ସନ୍ଥ ଭଲ ମଣିଷମାନଙ୍କ ଉପରେ

କରିଥାନ୍ତି ଅକଥନୀୟ ଅତ୍ୟାଚାର,

ତେବେ ତେବେ ବାଣର ଆଘାତେ

ପ୍ରତ୍ୟକ୍ଷ ପରୋକ୍ଷ ଭାବେ

ଈଶ୍ୱର ଏମାନଙ୍କୁ କରିଥାନ୍ତି ସଂହାର ।

ଧନୁର୍ବାଣଠାରୁ ବ୍ରହ୍ମ ବାଣ

ଏକରୁ ଆରେକ ବଳି ଶକ୍ତିଶାଳୀ ବାଣ,

ପ୍ରୟୋଗେ ନାଶି ପାପୀ ଦଳ

ସମାଜେ ବିଧାତା ଆଣନ୍ତି ଜାଗରଣ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁନଶ୍ଚ ଅଜ୍ଞାନ ଅନ୍ଧାରେ ପଡି

ଅକିଞ୍ଚନ ପତିତ ଜନ,

ଯେବେ ମୁକ୍ତିର ମାର୍ଗ କରନ୍ତି ଅନ୍ୱେଷଣ,

ଯେତେ ଶାସ୍ତ୍ରଜ୍ଞାନ ବାଣୀ ରୂପେ

ଆଲୋକ ପଥ ର ଦିଅଇ ସନ୍ଧାନ ।

ମହାତ୍ମା ମହାପୁରୁଷମାନଙ୍କ ଠାରୁ

ମୁନି ଋଷିଙ୍କର ମହତ ବାଣୀ

ଶାସ୍ତ୍ର ପୁରାଣ ଭାଗବତ ଗୀତା ବାଣୀ

ଜଗତେ ଶାନ୍ତି ସନ୍ତୋଷ ଦିଏ ଆଣି ।

ଏଇ ବାଣ ଓ ବାଣୀ ଉଭୟେ

ସମାଜରେ ଆଣିଥାନ୍ତି ସଂସ୍କାର,

ବାଣର ପରାଭବେ କିଏ ହୋଇ ଦଣ୍ଡିତ

ବଦଳାଇ ଦିଏ ନିଜ ଆଚାର ବ୍ୟବହାର ।

ନତୁବା ବାଣର ଆଘାତେ ନିହତ ହୋଇ

ଅସମୟେ ଯାଏ ଯମପୁର,

ବିଧିର ବିଧାନ କେହି ଏଡି ଦେଇ

ପାରେନା ରଖି ନିଜ ଦମ୍ଭ ଅହଂକାର ।

ଆତ୍ମା ଶୁଦ୍ଧି ଆତ୍ମସଂସ୍କାର ଲାଗି

କେହି ଯେବେ ଅନ୍ତକରଣରେ ଚିନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହତବାଣୀ କରଇ ପାଳନ,

ପ୍ରାରବ୍ଧର ପାପରାଶି ହୁଏ କ୍ଷୟ

ପାଏ ସେ ଦିବ୍ୟ ଜୀବନ ।

ବାଣ ଚରମପନ୍ଥୀ ରୂପେ ଯୁଗେ ଯୁଗେ

ଉଗ୍ର ସ୍ୱଭାବକୁ ଦିଏ ଧ୍ୱଂସୀ,

ବାଣୀ ନରମପନ୍ଥୀ ଭାବେ ସତତ

ମାନସିକତାରେ ଭରିଦିଏ ହସଖୁସି ।

ବାଣ ଓ ବାଣୀ ଦିନରାତି

ଅନ୍ଧାର ଆଲୋକର ପ୍ରତୀକ,

ବିବେକ ବୁଦ୍ଧି ଜ୍ଞାନ ଅନୁଯାୟୀ

ବ୍ୟକ୍ତି ବିଶେଷ ହୁଏ ତା' ସାଧକ ।

*** *** *** *** *** *** ***

କୋହି, ଗଡିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ



ଶୟନ ନାୟକ

ପ୍ରେମ ସିନା ଆସିଥାଏ
ଜୀବନରେ ଥରେ
ସଦା ପୂଜା ପାଉଥାଏ
ହୃଦୟ ମନ୍ଦିରେ
ପ୍ରେମ କେବେ ମରେ ନାହିଁ
ସଦା ସେ ଅମର
ପ୍ରେମ ମାନେ ନୁହେଁ ଖାଲି
ଶଙ୍ଖା ଓ ସିନ୍ଦୁର
ପ୍ରେମ ତ କେବଳ ଦୁଇ
ମନର ମିଳନ
ଭାବର ମିଳନ ଆଉ
ଆତ୍ମାର ମିଳନ
ତ୍ୟାଗ ଯେ କରେ ସେ ପାଏ
ପ୍ରେମୀର ମାନ୍ୟତା
ପ୍ରାପ୍ତି ନୁହେଁ ତ୍ୟାଗ ଅଟେ
ପ୍ରେମର ସତ୍ୟତା !

ଭଞ୍ଜନଗର, ଗଂଜାମ
ମୋ : ୯୯୩୮୮୦୨୭୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ଆସିଲାଣି



ପର୍ଶୁରାମ ସାହୁ

ନିଦାଘର ତାତି ଅପସରି ଗଲା
ସରିଗଲା ଟାଣ ଖରା
ଝିପିଝିପି ମେଘେ ବରଷା ଆସିଲା
ପୁଲକିତ ହେବ ଧରା । (୧)
ଚଷା ଭାଇ ମନ ଆନନ୍ଦେ ବିଭୋର
ନୂଆ ଫସଲ ସେ ବୁଣିବ
ଦୂର ଆକାଶରେ କଳାମେଘ ଦେଖି
ଖୁସିରେ ମୟୂର ନାଚିବ । (୨)
ନଦୀ ନାଳ ଆଉ ଗଡ଼ିଆ ପୋଖରୀ
ପୁଣି ଆଉ ଥରେ ପୁରିବ
ନୂଆ ନୂଆ କେତେ ଫୁଲର ସମ୍ଭାରେ
ପୃଥିବୀ ମା ମୋ ହସିବ । (୩)
ନାଲି ଟୁକୁଟୁକୁ ସାଧବ ବୋହୂଟି
ଘାସରେ ଲାଜେଇ ଚାଲିବ
ବର୍ଷା ଛାଡ଼ିଗଲେ ଆକାଶ ବୁକୁରେ
ଇନ୍ଦ୍ରଧନୁ ପୁଣି ଦିଶିବ । (୪)
ରଜ ପରବରେ ପୋଡ଼ପିଠା ଖାଇ
ଖୁସିରେ ଦୋଳିରେ ଝୁଲିବା
ରଥଯାତ୍ରା ଠାରୁ ରାକ୍ଷୀ ପୂର୍ଣ୍ଣିମା ଯାଏଁ
ସବୁ ପର୍ବ ଆମେ ପାଳିବା ।

ଧର୍ମଶାଳା, ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତିଦ୍ୱନ୍ଦୀ



ସୁରେଶ କୁମାର ପରିଡ଼ା

ନିଜେ ମୁଁ ନିଜର ବଡ଼ ପ୍ରତିଦ୍ୱନ୍ଦୀ
ନିଜଠୁ ପ୍ରଥମେ ଜିତିବା ଶିଖ
ରାଗ ଈର୍ଷା କ୍ରୋଧ ଅହଂକୁ ମାରିଲେ
ତେବେ ଯାଇ ମିଳେ ଆତ୍ମାକୁ ସୁଖ

ସବୁ ଦ୍ୱନ୍ଦକୁ ଯେ ପ୍ରତିହିତ କରି
ସଭିଙ୍କର କରେ ହିତ ସାଧନ
ସବୁ ହୃଦୟକୁ ଜିତିପାରେ ଯିଏ
କେହି ତାହା ଠାରୁ ନାହିଁ ମହାନ

ହାରିବା ଜିତିବା ଜନ୍ମଠାରୁ ମୃତ୍ୟୁ
ହିସାବ କୁ କରି ଉପସ୍ଥାପନ
କେତେକେ ଜିତିଛି ଏ ମହି ମଣ୍ଡଳେ
କିଏ ହରାଉଛି ? ଦୁର୍ଲଭ ଜନ୍ମ

କେତେ କିଏ ଜିତି  ଅମର ହୋଇଛି
ଇତିହାସ ତାକୁ ହୁଅଇ ଝୁରି
ମୋପରି ଅନେକ  ଆସିବେତ ଯିବେ
ପରିବର୍ତ୍ତନ  ର ନିୟମ ଧରି

ପ୍ରତିଦ୍ୱନ୍ଦୀ ନାମ  ହୋଇବଯଥାର୍ଥ
ଉଦାର ପଣିଆ ସରଳ ଭାବ
ପର ଆପଣାର ଭେଦାଭେଦ ଭୁଲି
ପ୍ରତିଯୋଗିତା ରେ ନେବାରେ ଭାଗ

ସାଲୁଣି, ନୟାଗଡ଼, ଓଡ଼ିଶା
ମୋ. ୮୦୦୮୦୧୬୩୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାବିତ୍ରୀ



ଶିବଶଙ୍କର ସାହୁ

ତମ ଲୋଡ଼ିବାପଣର ସାମର୍ଥ୍ୟ

ମୋ' ଭଲପାଇବାର ପ୍ରତିଦାନ, ଅମାନିଆପଣ

ଏବଂ ସମୟ ସହ ଯୁଝୁଥାଏ ବୋଲି ତ'

ମୁଁ ସାବିତ୍ରୀ !

ତମେ ବାରମ୍ବାର ହାରୁଥାଅ ।

ସତେ ଅବା ସବୁକାଳେ ହାରିଯିବା ତମ ନିୟତି

ଅବା ପୂର୍ବ ନିର୍ଦ୍ଧାରିତ ! !

ଅଥଚ ମୋ ଭାଗ୍ୟ ଉପେକ୍ଷିତ, ବିଡ଼ମ୍ବିତ ମୋ' ସିନ୍ଦୁର

ବିଚଳିତ ମୁଁ ଦେଖିବାକୁ ତମ ଜୟଜୟକାର

ଓ ସଦର୍ପ ବିଜୟ ଉଲ୍ଲାସ ! !

ସେଇଥିପାଇଁ ତ ମୋତେ ହିଁ

ସାବିତ୍ରୀ ହେବାକୁ ପଡ଼େ

ଆଉ କେତେବେଳେ ଅହଲ୍ୟା ବା ସୀତା

ଦୁର୍ଗା କି ଝାନସୀରାଣୀ,

ତମେ ଜାଣ ଓ ସ୍ଥବିର ଥାଅ !

ଅଥଚ କି ବିଡ଼ମ୍ବନା -

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁକାଳେ ତମେ ଲାଞ୍ଛିତ କରି ରଖିଛ

ତମ ପରାଜୟକୁ ବିଜୟର ମୁଖା ପିନ୍ଧେଇ

ଦର୍ପଭରେ ଭାଙ୍ଗି ଚାଲିଛି, ସାବିତ୍ରୀର ମନ !

ସେଇମାନେ କିଏ ?

ସାବିତ୍ରୀ ହେଉ କି ସୀତା

ଅହଲ୍ୟା ହେଉ କି କୁନ୍ତୀ

କି ହେଉ ତମ ରାଜଧାନୀର ନିର୍ଭୟା

କୋଉ ନା କୋଉ ବେଶରେ

ସେ ତମର ମା, ଝିଅ, ଭଉଣୀ ବା ସ୍ତ୍ରୀ ।

ଏତେ ଡେରି କାହିଁକି ବୁଝିବାକୁ

ଏତେ ଟିକେ କଥା ! ! !

ସହକାରୀ ଯନ୍ତ୍ରୀ (ରେଳପଥ)

ପ୍ରଧାନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ନର୍ଥବ୍ଲକ୍

ରେଳ ସଦନ, ପୂର୍ବତଟ ରେଳୱେ, ଭୁବନେଶ୍ୱର

ଭ୍ରାମ୍ୟଭାଷ : ୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବଶୋଷ



ଇଂ ଭାଗୀରଥି ସେଠୀ

କାହିଁଗଲା...

ମୋ ମନ ତଳର ସକଳ ଉଦ୍ଦୀପନା

ଚେନାଏ ହସତଳେ

ଲୁଚିଥିବା ମୋ ମନର

ସମସ୍ତ ଭାବନା

ମୋ ଗାଆଁ ସ୍ମୃତିର

ଉଷୁମ ପବନ ? [୧]

କାହିଁଗଲା...

ଗାଆଁ ବାଡ଼ିରେ ମୁରୁକି ହସୁଥିବା

ଲେଉଟିଆ ଶାଗ କିଆରୀ

ଅବା ବାଡ଼ି କୁଅରୁ ପାଣି କାଢୁଥିବା

ନୂଆ ଭୂଆଶୁଣୀର

କଥା ଚାତୁରୀ ? [୨]

କାହିଁଗଲା...

ସେକାଳ ପଖାଳ କଂସାର ବାସ୍ନା

ଗାଆଁ ନଇପଠା ତୋଳା ବାଇଗଣପୋଡ଼ା

ଧନୁଆ ଲଙ୍କା, ଆମ୍ବତୋଟାର ଆମ୍ବ ଚଟଣୀ

ଅବା ବଡ଼ିଚୁରା, ଚୁନାମାଛର ଭଜାର ମହକ

ଯାହା ଭରିଦିଏ ମନରେ ସାଇତିଥିବା

ସ୍ୱପ୍ନ ସମ୍ଭାବନାର ଚମକ ? [୩]

କାହିଁଗଲା...

ସନିଆ ମାଆର ସ୍ନେହବୋଳା କଥା

ସୁବିଧା ଅସୁବିଧାରେ

ଦିଆନିଆ ତିଅଣ କି ଲୁଣ

ଧାର ଉଧାରରେ ଦେବା ନେବା

ମାଣେ ଗଉଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାତ ଚାଉଳ କି ଡାଲି ମୁଠେ

କି ସୋରିଷ ଫୁଟଣ ? [୪]

ଏ ସବୁ ଗଲାପରେ...

ଆଜି କାହିଁ ଉଂକିମାରେ

ମୋ ମନତଳେ

ଲୁଚିଥିବା ସମସ୍ତ ଅବସୋସ

ବର୍ତ୍ତମାନ ଓ ଆଗାମୀ ପୀଢ଼ି

ପାଇଁ ହଜି ଯାଉଥିବା

ସ୍ନେହ ସଂପର୍କର ଭାଇଚାରା ପ୍ରୀତି

ସତେ କି' ବା ଏସବୁ ହୋଇଯିବ ଇତି ? [୫]

ଭ୍ରାମ୍ୟଭାଷ : ୯୪୩୭୦୭୦୮୦୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସରଗ ସୁଖ



ଇଂ ସନାତନ କଟା

ନ ଥାଉ ପଛେ ଘରେ ସମ୍ବଳ
ଆଣ୍ଡ୍ରଏଡ୍ ଫୋନ୍ ଥାଉ କେବଳ
ନାହିଁ ଯଦି ନେ ଲୋନ୍,
ଜୀବନରେ ମିଳେ ସ୍ୱର୍ଗପରି ସୁଖ
ସାଙ୍ଗେ ଥିଲେ ଇୟରଫୋନ୍;

ସନ୍ଧ୍ୟାବେଳେ ସାଙ୍ଗସାଥୀଙ୍କ ମେଳେ
ନିକାଞ୍ଚନ ଜାଗା, ରାସ୍ତା କଡ଼ରେ
ପିଇବାର ଯୋଉ ମଜା
ଚଖନି ଭର୍ତ୍ତି ଚାଖଣା ସୁଆଦ
ମଉଜ ମସ୍ତିର ରାଜା;

ଯଦି ଅଛି ପାଖେ ସାଉଣ୍ଡ ସିଷ୍ଟମ୍
ଡିଜେର ତାଳରେ ଅବୁଝା ରିଦମ୍
କି ନାଚ ଦେଖିବୁ ଦେଖ୍
କେତେ ସରାଗର ସାଉଁଟା ସୁଖ ଏ
ନେଇ ପେଗ୍ ପରେ ପେଗ୍;

ଗାଡ଼ି ହେଇଥିବ ପଲ୍‌ସର୍
ଦୌଡୁଥିବ ସାଉଁ ସରର୍ ସର୍
ଟୋକିଥିବ ପଛେ ବସି
ପଛରୁ ଜାବୁଡ଼ି ଧରିଲେ କୁଆଡ଼େ
ପ୍ରାପତ ସରଗ ଖୁସି ।

ସିଲୁଆଁ, ଟିଟିଲାଗଡ଼, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପଚେଷ୍ଟା



ଉର୍ମିଳା ଦାସ

ମୁଁ କିଏ ଯେ ତଉଲିବି ତା ତ୍ୟାଗକୁ
କୋଟି ପ୍ରଣାମରେ
ମୁଁ କିଏ ଯେ ତୁଳନା କରିବି
ତା ଗର୍ଭ କଷ୍ଟକୁ
ଖାଲି ଏକ ମାଆର ଡାକରେ ।
ମୁଁ ତ ନରାଧମଟିଏ
ମୁଁ ପରା ହାର ମାନିଯାଏ
ମୋ ସ୍ୱାର୍ଥ ପାଖରେ
ସେଥିପାଇଁ ତ
ବିକିଦିଏ ବିବେକକୁ ବୃଦ୍ଧାଶ୍ରମରେ
ଅବା ଅଫେରନ୍ତା ବିଦେଶ ମାଟିରେ ।
ମୁଁ ଜାଣେ ମୋ ମୁଖରେ ଶୋଭେ ନାହିଁ
ସେ କୈବଲ୍ୟ ମାଆ ଡାକ
ଯିଏ କେବେ ବୁଝିନାହିଁ ମାଆ ନାମ
ପରଖିନାହିଁ କେତେ ଶକ୍ତି
ସେ ଆତ୍ମୀୟ ଡାକରେ ।
ମୁଁ କିଏ ଯେ କଳି ପାରିବି
ତା ହାତ ସ୍ପର୍ଶ ଉଷ୍ମତା ବାତ୍ସଲ୍ୟ ପ୍ରେମରେ
ମୁଁ କିଏ ଯେ ମାପିବି ତାର
ଅନାବିଳ ପ୍ରେମର ସାଗରେ ।
ତ୍ରେତୟାରେ ରାମ ଆଉ
ଦ୍ୱାପରରେ କୃଷ୍ଣପରା ଡୁବିଥିଲେ
ମମତା ଋଣରେ
ମୁଁ କିଏ ଯେ ଶୁଝିଦେବି ତା ପ୍ରସୂତି କଷ୍ଟ
ମୋର ଏଇ ସେବା ଏକକରେ ।
ମୁଁ କିଏ ଯେ ରଚିବାକୁ ମହାନତା ତାର
ଅଜ୍ଞାନ, ଅବୋଧ ମୋର କ୍ଷୁଦ୍ର ଲେଖନୀରେ
ମୁଁ କିଏ ଯେ ତା ପ୍ରେମକୁ ଶବ୍ଦରୂପ ଦେବି
ଛୁଆପାଇଁ ଯିଏ ମନ ବିକେ, ଲାଜ ବିକେ
ଭୋକ ବିକେ, ଶୋଷ ବିକେ
ନିଶିଦ୍ଧ ଏ ଦୁନିଆ ଦାଣ୍ଡରେ ।
ଏଇ ତ ମୋର ଅପଚେଷ୍ଟା ମାତ୍ର
କରିବାକୁ ତା ମମତାର ମୂଲ
ବେଦରଦୀ ଏଇ ହୃଦୟ ହାଟରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଶୀଥର ନିରବତା



ଗାୟତ୍ରୀ ସେଠି

ନୀରବ ନିଶୀଥର ସେ କ୍ରୁର ନୀରବତା ମୁଁ ବି ଶୁଣିଛି ।
ରଙ୍ଗୀନ ସହରର ବଦନାମ୍ ଗଳିରେ ଲୁଚିଥିବା
ନିରୀହ ନିଷ୍ପାପ ସମ୍ଭାବନାକୁ ମୁଁ ଥରେ ଭେଟିଛି ।
ତା ଆର୍ତ୍ତନାଦରେ ତଥାକଥିତ ସଭ୍ୟ ମଣିଷଙ୍କ
ଭର୍ତ୍ସନା ବି ମୁଁ ସହିଛି ।
ହେଲେ କ'ଣ ହେବ ?
ନିଶୀଥର କାଳିମା ବି ତ ଆଜି ରଙ୍ଗାୟିତ ।
ସେ ରଙ୍ଗ କାହାର ?
ଚିକ୍‌ମିକ୍ କରି ଲଗା ଆଲୁଅର ନା
ଉଦ୍ଦଣ୍ଡ ମାନସିକତା ଭରା ଶିକ୍ଷିତ ମଣିଷର ?
ଆଜି ନୀରବ ନିଶୀଥର ନୀରବତା ଚିତ୍କାର କରୁଛି ।
ପ୍ରହେଳିକା ଭରା ମନୁଷ୍ୟତ୍ୱରେ ସେ ଆଜି ଜର୍ଜରିତ ।
ହେଲେ ତା' ଚିତ୍କାର ଶୁଣୁଛି ବା କିଏ ? ବୁଝୁଛି ବା କିଏ ?
ହଁ ମୁଁ ଶୁଣିପାରୁଛି । ହଁ ମୁଁ ବୁଝିପାରୁଛି ।
କାରଣ ସେ ରକ୍ତଭିଜା ସହର ତ ମୁଁ ନିଜେ ।
ସେ ସ୍ପନ୍ଦନହରା ସହର ତ ମୁଁ ନିଜେ ।

ଗଣିତ ଶିକ୍ଷିକା, ଓଡିଶା ଆଦର୍ଶ ବିଦ୍ୟାଳୟ
ଠିକଣା-ଡେଲି ମାର୍କେଟ୍, ରାଉରକେଲା, ୭୬୯୦୦୧
ଫୋନ୍ ନମ୍ବର - ୮୧୪୪୨୮୭୬୪୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା ତତେ ସଲାମ୍



ଜୟନ୍ତ କୁମାର ସାହୁ

ମା' ତତେ ସଲାମ

ତୋ ତ୍ୟାଗକୁ ସଲାମ
ଲୁହ ପିଇ ହସୁଥିବା
ତୋ ଓଠକୁ ସଲାମ । [୧]

ତୋ ଧୈର୍ଯ୍ୟକୁ ସଲାମ
ତୋ ସହନଶୀଳତାକୁ ସଲାମ
ଭୋକରେ ରହି
ଖୁଆଉଥିବା ତୋ ହାତକୁ ସଲାମ । [୨]

ତୋ ପ୍ରେମକୁ ସଲାମ
ତୋ ସ୍ୱପ୍ନକୁ ସଲାମ
ସବୁ ସହି ନିରବ ରହୁଥିବା
ତୋ ବିବେକକୁ ସଲାମ । [୩]

ତୋ କଥାକୁ ସଲାମ
ତୋ ପ୍ରେରଣାକୁ ସଲାମ
ବାଟବଣା ହେଲେ ବାଟକୁ ଆଣିବାକୁ
ତୋ ଛାଟକୁ ସଲାମ । [୪]


ତୋ ଶିକ୍ଷାକୁ ସଲାମ
ତୋ ଦୀକ୍ଷାକୁ ସଲାମ
ଅନ୍ଧାରରେ ସହାରା ଖୋଜୁଥିବା ବେଳେ
ତୋ ପଥ ଦେଖାଇବା ବାକ୍ୟକୁ ସଲାମ । [୫]

ତୋ ଆଙ୍ଗୁଠି ଧରିବାକୁ ସଲାମ
ତୋ ଚାଲି ଶିଖାଇବାକୁ ସଲାମ
ଅପ୍ରିୟ ଦୁନିଆରେ ପ୍ରେମର ମାନେ ଶିଖାଇବା
ତୋ ମନକୁ ସଲାମ । [୬]

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶା



ଗୌରୀ ପଣ୍ଡା

ଆଶା ବୈତରଣୀ ନଦୀ ହୋଇପାରେ
ଆଶା ନଥାଇ ଏ କି ଜୀବନ ।
ଆଶା ଭରିଦିଏ ସାହାସ ଶକତି
ଅଛି ଆଲୋକ ଆଶରେ କ୍ଷୀଣ ।
ଆଶା ହିଁ ଭରଇ ଜୀବନେ ଆଲୋକ
ଆଶା ଭରିଦିଏ ହତୋତ୍ସାହ ।
ଆଶାରେ ବଞ୍ଚିଛି ଏ ସାରା ସଂସାର
ଏଠି ଆଶା ନାହିଁ କା'ର କୁହ ?
ଆଶା ଆଣିଦିଏ ଆଶା ଅସୁମାରୀ
ପୁଣି ମନରେ ପୁଲକ କେତେ
ଆଶା ଡୋରୀ ଧରି ଓହ୍ଲାଅ ପାହାଚ
କିଛି କଷ୍ଟ ଲାଗିବନି ସେତେ ।
ଏହି ଦୁନିଆରେ ପଚାରି ବୁଝିବା
କହ ଆଶାନାହିଁ ଏଠି କା'ର ?
ଟିକି ପିମ୍ପୁଡ଼ିଠୁ ବଡ଼ ଜୀବ ହାତୀ
ଆଉ ମାନବ ଅବା କି ଛାର ।
ଛୋଟ ବଡ଼ ଆଶା ସଭିଏଁ କରନ୍ତି
ହୋଇଥାଏ ଅବା ପୂର୍ଣ୍ଣ କେତେ
ନହେଲେ ବି ପୂର୍ଣ୍ଣ ଆଶା ଛାଡ଼ନ୍ତିନି
ହୋଇପାରେ କିବା ପୂର୍ଣ୍ଣ ସତେ ।
କାମ କରିଯିବା, ଆଶା ରଖିଥିବା
ନମିଳୁ ପଛକେ ଆଶା ଫଳ ।
ସ୍ୱୟଂ ଭଗବାନ କହିଛନ୍ତି ପରା
ଆଶର ମୂଳରେ ଅଛି କାଳ ।
ଆଶା ଆମ ହେଉ ସୀମିତ, ସାପେକ୍ଷ
ଆଶା ପାଇଁ ନ ହେଉରେ ଦୁଃଖ ।
ପରିଶ୍ରମ ଯେତେ, ଆଶା ରଖ ସେତେ
ଆଶା ବିନା ଅଛି କେତେ ସୁଖ ।
ଜୀବନରେ ଆଶା ରହିଛି, ରହିବ
ଜୀବ ତୁଚ୍ଛ ଏଠି ଆଶା ବିନା ।
ଆଶା ପୂରଣକୁ ପଥେ ନ ଯାଇ
ଆସ ଆଦର ସୁପଥ ସିନା ।

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଈଶ୍ୱର



ଦିଲ୍ଲୀପ କୁମାର ସାମଲ

ମୁକ୍ତିରୁ ଶାନ୍ତି ଶାନ୍ତିରୁ ଅଶାନ୍ତି

ସବୁ ଜାଣି କିଏ ନଜାଣେ

ହେଲେ ମୁଁ ଜଣେ ଆଉ ତୁମେ ଜାଣ

ଜାଣି ବି କିଛି ନଜାଣେ ।

କଣିକାରେ ଲତା ଖରାକୁଯେ ଛତା

ପୂରି ଉଠେ ମୋ ଜୀବନ ଯାନ

ହେ ଈଶ୍ୱର ତୁମେହିଁ କଣିକା ତୁମେ ହିଁ ଛତା

ତୁମେ ହିଁ ରଖିବ ମାନ ।

ମାନ ମହତର କଥାହେ ଈଶ୍ୱର

ଜାଣିବି ଅଜଣା ହୁଅ

ହେଲେ ସବୁଜଣା ଈଶ୍ୱର, ସବୁହିଁ ତୁମର

ସବୁଜାଣି ତୁମେ ପରୀକ୍ଷା ନିଅ ।

ତୁମେ ସବୁ ପରୀକ୍ଷା ନିଅ ହେ ଈଶ୍ୱର

କେଉଁଥିରେ ମୋର ଆପତ୍ତି ନାହିଁ

କର୍ମ ମୁଁ କରିବି,ହିତଯେ ବିଶ୍ୱର

ଈଶ୍ୱର ଅଳି କରିବି ଟିକେ ଆଶିଷ ପାଇଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଶ୍ୱର ଅଳି କରିବି ଟିକେ ଆଶିଷ ପାଇଁ

ଭାବେ ବିଚାରେ, ସଭିଏଁ ମନରେ ସୁଖ ଭରିବା ପାଇଁ

ମନ ମଧ୍ୟେ ଟିକେ ଫୁଲ ଫୁଟିଗଲେ

ମୋ ମନ ଫୁଲ ଯିବ ତୁମ ଚରଣ ଛୁଇଁ ।

ହଁ, ମୋ ମନ ଫୁଲ ଯିବ ତୁମ ଚରଣ ଛୁଇଁ

ଆଶା ଟିକେ ପୁରିଗଲେ ଯହିଁ

କଥା ମୁଁ ଦଉଛି ହେ ଇଶ୍ୱର ତୁମକୁ

ଗର୍ବ ଅହଙ୍କାରେ ଫାଟିଯିବି ନାହିଁ ।

ଗର୍ବ ଅହଙ୍କାରେ ଫାଟିଯିବି ନାହିଁ ହେ ଇଶ୍ୱର

ଫଳେ ପୁଷ୍ପେ ମୁହିଁ ହେବି ସନ୍ତୁଷ୍ଟ

ସଭିଏଁ ମନରେ ଏ ଆଶା ଭରିଦିଅ

ହେ ଇଶ୍ୱର, ଯାଉ ସଭିଙ୍କର ସବୁ ଦୁଃଖ କଷ୍ଟ ।

ସବୁ ଦୁଃଖ କଷ୍ଟ ଯାଉ ସଭିଙ୍କର

ନୂଆ ନୂଆ ଆଶା ଅବତାର

ତୁମ ଆଡ଼ୁ ଦୃଷ୍ଟି ଟିକେ ପଡୁହେ ଇଶ୍ୱର

ପାଲଟି ଯିବ ସୁନାର ସଂସାର ।

ପଲଟିଯିବହେ ସୁନାର ସଂସାର

ଦେଖାଦେବନାହିଁ ହିଂସାର ଗତି

ବଦଳିଯିବ ଗୋ ସଂସାରର ନକ୍ସା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳିଯିବ ସବୁ ସୁଖଶାନ୍ତି ।

ମିଳିଯିବ ସବୁ ସୁଖ ଶାନ୍ତି ହେ ଈଶ୍ୱର

ଭେଦ ଭାବ କିଛି ରହିବନାହିଁ

କିଛି କିଛି ଆଶା ପୁରିଗଲେ ମନେ

ମନରୁ ଶାନ୍ତିଯେ ଲିଭିବନାହିଁ ।

ମନରୁ ଶାନ୍ତି, ଈଶ୍ୱର ଲିଭିବନାହିଁ

ଏତିକି ମିନତୀ ଏତିକି ଗୁହାରି

ଅଶାନ୍ତିରୁ ଶାନ୍ତି ଆସିବ ଧାଇଁ

ସବୁ ତୁମର କରୁଣା ପାଇଁ ।

ହେ ଈଶ୍ୱର ଶାନ୍ତି ଫେରିଆସେ ତୁମରି ପାଇଁ

ହଁ ହଁ ତୁମରି ପାଇଁ ।

ଦିଲ୍ଲୀପ କୁମାର ସାମଲ

ରାଇପୁର, ନୟାଗଡ଼

ମୋ ନଂ-୯୮୫୩୫୭୦୦୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ସେ କହିଲା ?



ସଂଜୀବ କୁମାର ପାଣିଗ୍ରାହୀ

କିଏ ସେ କହିଲା
ଗାଁ ସହରରେ
ଆଗ ଭଳି ଏବେ
ରଜ ପରବ ନାହିଁ
ରଜ ତ ରହିଛି
କ୍ୟାଲେଣ୍ଡରର ବଡ ବଡ ଅକ୍ଷରରେ
ରବରଷ୍ଟାମ୍ପ ହୋଇ ।

ବନସ୍ତେ ଏବେ ଡାକୁନାହିଁ ଗଜ
ବିପଦରେ ଆଜି ଗଜରାଜ
କେତେବେଳେ ବିଦ୍ୟୁତ ତାରରେ
ଅବା ଶିକାରୀର ବନ୍ଧୁକମୁନରେ
ଅକାଳେ ଯାଉଛି ଜୀବନ ।

କିଏ ସେ କହିଲା
ସେ କାଳର ପୋଡପିଠା
ଯାଇଛି ହଜି
ନୂଆ ରୂପରେ ସିଏ ଆସିଅଛି
ଫାଷ୍ଟଫୁଡ୍ ପିଜା ହୋଇ ।

ରଜସମୟର ପାଲା,ଦାସକାଠିଆ,
ସୁଆଙ୍ଗ,ରାମଲୀଳା ସବୁ
ବସିଛନ୍ତି ମନମାରି
ରେକର୍ଡ ଡ୍ୟାନ୍ସ, ମଡର୍ଣ ଡ୍ୟାନ୍ସ
ହସୁଛନ୍ତି ମନଖୋଲି ।

କିଏ ସେ କହିଲା
ସେ କାଳର ରଜପାନ ନାହିଁ
ଚୁଆ,ଅଳେଇଚ, ଲବଙ୍ଗ, ଶୁଣ୍ଠିର ମହକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ

ନୂଆ ରୂପରେ ଆସିଅଛି ତାହା

ଆଜିର ଡିଲକ୍ସ,ରିମ୍‌ଝିମ୍ ହୋଇ ।

ଗାଁ ବରଗଛମୂଳେ

ଦୋଳି ଜମୁନାହିଁ

ଶୁଭୁନାହିଁ ଲୋକଗୀତର ଗଜଲ୍

ଆଜିର ଏହି ଟିଭି, ମୋବାଇଲ୍ ଯୁଗରେ

ରଜ ହୋଇଛି ନିଖୋଜ ।

କବାଡି, କଉଡି, ବୋହୂଚୋରି ଖେଳ,

ପୁଚି, ବାଘଛେଳି, ନଟୁ

ଫେରାର୍ ଆଜି ସବୁ

ସବୁରି ହାତରେ ଭିଡିଓଗେମ୍

ପାଗଳ କରୁଛି ବ୍ରେନ୍ ।

ଆମରି ସଂସ୍କୃତି ଆମରି ଚଳଣି

ସଂକଟରେ ଆଜି ଅତି

ପାଶ୍ଚାତ୍ୟ ସଂସ୍କୃତି ମୂରୁକି ହସୁଛି

ବୁଢିଆଣି ଜାଲ ମେଲି ।

ତାକୁ କିଏ ସେ ପାରିବ ରୋକି

ଓଡିଆ ରକତ ଧମନୀରେ ତାର

ବହୁଥିବ ପରା ଯଦି ।

ଡ ସଂଜୀବ କୁମାର ପାଣିଗ୍ରାହୀ (ଗବେଷକ)
ସା/ପୋ-କୋଷ୍ଠା,ଭାୟା-ବାରିପଦା
ଜିଲ୍ଲା-ମୟୂରଭଂଜ,ପିନ୍-୭୫୭୦୮୪
ଫୋନ୍ ନଂ-୯୪୩୮୪୭୦୦୨୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଣମଲ୍ଲୀ



ଭାରତୀ ସାହୁ

ବଣ ମଲ୍ଲୀ ସିନା ବଣେ ଫୁଟିଥାଏ ଝରିପଡ଼େ ସେ ବଣରେ,
ବଣରେ ଜନମ ବଣରେ ମରଣ ଲାଗିନି କେବେ ସେବାରେ ।
ବଣ ବୁଝିଲାନି ବଣର ମଲ୍ଲୀକୁ ବଣ କଲାନି ନିଜର,
ବଣକୁ କହିବ ମନକଥା ହେଲେ ବଣ ହେଲା ସାତପର ।
ବଣ କଲା ସୃଷ୍ଟି ବଣ କଲା ଧ୍ୱଂସ ବଣକୁ ଦେଉନି ଦୋଷ ,
ବିଶ୍ୱାସରେ ବିଷ ଦେଲା ଯେବେ ବଣ ପିଇଲା ଭାବି ପୀୟୂଷ ।
ବଣ ତାର ରାତି ବଣ ତାର ଦିନ ବଣବି ତାର ସପନ,
ବଣ ତାର ସାଥି ଭାବିତ ନେଇଛି ବଣକୁ ଦେଇଛି ମନ ।
ସକାଳର ଖରା ବଣତ ଦେଇଛି ବଣବି ଦେଲା ଗୋଧୂଳି,
ବଣ ତା ପୁନେଇଁ ବଣ ତା ପରବ ପାରୁନି ବଣକୁ ଭୁଲି ।

ଯୁନିଦା ପାଟଣା, ଦଶରଥପୁର,
ଯାଜପୁର
ମୋ-୮୮୯୫୯୪୭୩୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଭୀଷିକା



ଲିପିନ୍ ରାଉତ

ଅସରାଏ ବର୍ଷା ରେ
ମାଟି ଓଦା,ଦେହ ଓଦା
ମନ ଓଦା
ଭିଜୁଥିଲା ସର୍ବସ୍ୱ ଆଖି ପଲକ ରେ
ହେଲେ ଓଦା ହୋଇ ନଥିଲା ଆଖି
ସେ ଯାଏଁ,

ବର୍ତ୍ତି ପାରୁନଥିଲି ମୁଁ
ଚାହିଁଲେ ବି
ସେ ଅଦିନ ମେଘ ରୁ,

ଆଶ୍ରା ଟିଏ
ମୋ ପାଇଁ ସାତ ସପନ
ସଙ୍ଗ ରେ ପୁଣି ଫନି ର ଗର୍ଜନ
ଶକ୍ତ ଆଘାତ ବର୍ଷା ର
ସଁ ସଁ ଶବ୍ଦ ଶୁଭୁଥିଲା ଚଉଦିଗ ରୁ

ବହି ଯାଉଥିଲା ଅସରନ୍ତି ଧାରା ଟିଏ
ଦୁଇ ଆଖି ର କଡ଼ ରୁ

ଛାତି ଥରା
ଅସହ୍ୟ ଯନ୍ତ୍ରଣା ର କୁହାଟ

ଏହା ଖାଲି ମୋର ନୁହଁ
ସେଇ ମାନଙ୍କ ର
ଯେଉଁମାନେ ମୋ ସମ୍ପର୍କ ର ପରିଧି ରେ
ଥିଲେ ଆବଦ୍ଧ,

ଶରଶଯ୍ୟା
ଭୀଷ୍ମ ଟିଏ ହୋଇ
ଖାଲି ଯାହା ମୁଁ ଦେଖୁଥିଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତି ର ତାଣ୍ଡବ କୁ

ମୃତ୍ୟୁ ର ବିଭୀଷିକା କୁ

ମୁକୁଳେଇ ପାରୁନି

ଚାହିଁଲେ ବି ନିଜ କୁ

ରକ୍ଷା କରି ପାରୁନି

ମୋ କୌରବ ମାନଙ୍କୁ,

ଧିକ୍ ମୋ ଜୀବନ ଧିକ୍ !!

ଏ ଇଚ୍ଛା ମୃତ୍ୟୁ ର ବରଦାନ ଥାଇ କି ଲାଭ ?

ମଦନପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୭୧୨୩୨୬୭ / ୭୦୦୮୯୮୦୧୯୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ରଜ ପରବ



ପବିତ୍ର ଦାସ

ବରଷକେ ଥରେ ଆସଇ ରଜ
ସାଙ୍ଗରେ ଆଣଇ କେତେ ମଉଜ ।
ଘରେ ଘରେ ଆମ ବନ୍ଧୁବାନ୍ଧବ
ବୁଲିବାକୁ ଆସି ବଢ଼ାନ୍ତି ଭାବ ।
ଗାଁଠୁ ସହର ସଭିଙ୍କ ପାଇଁ
ରଜ ଆସିଅଛି ରଙ୍ଗେଇ ହୋଇ ।
ତିନିଦିନ କାଳ ପିଠା ପଣାରେ
ଘର ପୂରିଯାଏ ନୂଆ ଭାବରେ ।
ଝିଅ ବୋହୁଙ୍କର ପରବ ଏହି
ଆନନ୍ଦରେ ସର୍ବେ ଏକତ୍ର ହୋଇ ।
ଦୋଳି ଖେଳିଥାନ୍ତି ମିଳିତ ହୋଇ
ତୋଟା ବଗିଚାରେ ଏକାଠି ହୋଇ ।
ନୂଆବସ୍ତ୍ର ସାଙ୍ଗେ ରଙ୍ଗ ଅଳତା
ହାତକୁ ମେହେନ୍ଦୀ ଲାଗଇ ଚୋଖା ।
ସଜେଇ ହୁଅନ୍ତି ନାନା ରଙ୍ଗରେ
କେହି କହିବାକୁ ନାହାନ୍ତି ଭଲେ ।
ଘର ଘର ସର୍ବେ ବୁଲିଯାଆନ୍ତି
ସାଙ୍ଗସାଥୀ ହୋଇ ରଜ ପାଳନ୍ତି ।
ଓଡ଼ିଶାର ଏଇ ବଡ଼ ପରବ
ଲାଗଇ ସୁନ୍ଦର ଦୋଳି ପରବ ।
ଛୋଟବଡ଼ କିଛି ନଥାଏ ଭେଦ
ରଜ ପାଳିଥାନ୍ତି ହୋଇ ଏକତ୍ର ।
ରଜ ପରବରେ ବିଡ଼ିଆ ପାନ
ତାସ ଖେଳିବାକୁ ଚହଟେ ମନ ।
ଏଇ ତ ଆମର ରଜ ପରବ
ସବୁଠୁ ବଢ଼ିଆ ଦେଖିବା ଆସ ।

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତିର ପାଉତି



ସନ୍ଧ୍ୟାରାଣୀ ପରିଜା

ପାନଶାଳାର ହ୍ୱିସ୍କିଗ୍ଲାସ୍

ତନ୍ଦ୍ରାଭରେ ଆଖିରେ, ସ୍ୱପ୍ନାଛନ୍ନ ମନ

ମୋହାଛନ୍ନ ଆବେଗମାନଙ୍କ ଦୂରନ୍ତ ପ୍ରାପ୍ତିକୁ

କେବେ କେବେ ଲମ୍ବାଏ ହାତ

ବୋକ ଦେବାର ଆଗ୍ରହ

ଆଉ ଟିକେ ହସିଦିଏ ମିଛ ଆଶ୍ଲେଷରେ ।

ଆବେଗର ଅନ୍ତାକ୍ଷରୀ... ଆଶ୍ୱାସନାର ଆର୍ତ୍ତନାଦ

ବିଶ୍ୱାସର ବିକଳପଣ... ବିସ୍ମିତ ବିମ୍ବିତ

ଘୂର୍ଣ୍ଣାୟମାନ ଚକ୍ର

ତା ଭିତରେ ବିନ୍ଦୁଟିଏ ଅସ୍ତିତ୍ୱ ମୋହର ।

କେମିତି ଚିତ୍ରିତ କରିବି

ସ୍ମୃହାର ଶବ୍ଦମାନଙ୍କୁ ଗାଢ଼ ନିଦ

ଅବଚେତନରେ ହୁଏତ ଚିତ୍ର ବିଚିତ୍ର ହୋଇଯାଇପାରେ ।

ମୂର୍ତ୍ତୀକାର ନ ହେଇବି ବିଶ୍ୱକର୍ମା ପାଲଟିଗଲ

ନିଖୁଣ ଚିତ୍ରଟିଏର କଳ୍ପନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଦଘର ଖୋଲି ଦେଲେ ଅଧାଗଢ଼ା

ପାପିନୀ ମୁଁ ନ ବୁଝିଲି

ଥରେ ଡାକିଦେଲି ତ ଉଭାନ ହେଇଗଲ ?

ଭାଗ୍ୟ ଆଉ ଭବିତବ୍ୟ, ସେ ମୋ ସ୍ମୃତିର ପାଉତି

ବେଳ ଅବେଳରେ ଶାଣଦିଅ ଛୁରୀ ଦେଖି ଡରିଗଲେ

ଆପଣାପଣରେ

ନିଏ ତାର କାନ୍ଧକୁ ଆଉଜି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ବୀର ଯବାନ



ରୋଷନରାଜ ଗୌଡ଼

ହେ ବୀର ଯବାନ୍, ହେ ବୀର ଯବାନ୍
ତୁମ୍ଭର ଅମର ଅତ୍ମା ସମୀପେ
ଶତ କୋଟି ପ୍ରଣାମ
ହେ ବୀର ଯବାନ୍, ହେ ବୀର ଯବାନ୍ ................. (୧)

ରକ୍ତର ଜବାବ, ରକ୍ତରେ ଦିଅ
ଶତୃ ହୃଦୟକୁ ଚିରି
ତୁମ ବଳୀଦାନ ବ୍ୟର୍ଥ ନ ଯାଉ
ଆତଙ୍କବାଦୀଙ୍କ ମୂଳ ଉତ୍ପାଟନ କରି ।
ହେ ବୀର ଯବାନ୍, ହେ ବୀର ଯବାନ୍ ................. (୨)

ଦେଶ ମାତୃକାର ସହିଦ ସୁରକ୍ଷା ପ୍ରହରୀ
ତୁମ୍ଭେ ଘେନ ଆମ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତୁମ ବୀରତ୍ୱର ପ୍ରତିଦାନ କରି
ଶତୃକୁ ନିଛିହ୍ନ କରିବୁ ନଡରି ।
ହେ ବୀର ଯବାନ୍, ହେ ବୀର ଯବାନ୍ ................. (୩)

ଭାରତମାତାର ବୁକୁଫଟା କ୍ରନ୍ଦନ
ସଭିଙ୍କ ହୃଦୟରେ ଭରା କୋହ କ୍ରନ୍ଦନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତୀୟ ଆଜି ବୀରଦର୍ପରେ ଲଢିବ

ପାକିସ୍ଥାନୀ ଶତୃକୁ ଧୂଳି ଚଟାଇବ

ହେ ବୀର ଯବାନ୍, ହେ ବୀର ଯବାନ୍ ................ (୪)

କତିମୟ ଭୀରୁ ଚଳାଇଛନ୍ତି ସଂହାର ଲୀଳା

ଉଚିତ୍ ଜବାବ ଦିଅ କରି ଯୁଦ୍ଧର ଡାକରା

ଦେଶ ପ୍ରେମ ଭାବନାକୁ କରିବା ଜାଗ୍ରତ

ଲଢିଣ ଶତୃକୁ ଆମେ କରିବା ନିହତ

ହେ ବୀର ଯବାନ୍, ହେ ବୀର ଯବାନ୍ ................ (୫)

ଭାରତ ମା' ର ସୁଯୋଗ୍ୟ ସନ୍ତାନ

ବଢାଅ ଦେଶର ସମ୍ମାନ ଓ ସ୍ୱାଭିମାନ

ହେ ବୀର ଯବାନ୍, ହେ ବୀର ଯବାନ୍ ................ (୬)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭ୍ରାମ୍ୟଭାଷ : ୭୦୭୭୨୯୧୭୭୫

ଇମେଲ୍ : roshanraj.vc@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭୁକୃପା



ସୌମ୍ୟରଞ୍ଜନ ପାତ୍ର

କିଅବା ଲେଖିବି ପ୍ରଭୁ ଜଗନ୍ନାଥ
ସର୍ବଗୁଣାବତ୍ତା ତୁମେ
ଜନ୍ମମୃତ୍ୟୁ ଅବା ପାପପୂଣ୍ୟ ଖେଳ
ଲେଖା ସବୁ ତୁମ ନାମେ ।
ନୀଳଚକ୍ର ବାନା ଉଡୁଥାଏ ତୁମ
ନ୍ୟାୟର ସଙ୍କେତ ଦେଇ
ଅନ୍ଧାରୀ ମୂଳ କେ ବସି ଦେଖୁଥାଅ
କାହିଁକି ଅଜଣା ହୋଇ ।
ବିଶ୍ୱାସରେ ବିଷ ସମ୍ପର୍କର ଶେଷ
ତୁମକୁ ନ ଥିବ ଅଜଣା
ସବୁ ଜାଣିଶୁଣି ନୀରବ ରହିଛ
କାହିଁକର ବାଟବଣା ।
ଗର୍ବ ଅହଂକାର ମିଥ୍ୟା ପ୍ରତିଶ୍ରୁତି
ଲୋକ ଦେଖାଣିଆ ଭକ୍ତି
ଅନ୍ୟାୟର ରଥ ଗଡି ଗଡି ଚାଲେ
ରୋକିବାକୁ ନାହିଁ ଶକ୍ତି ।

କି ଦୋଷ ମୋହର କଲ ମୋତେ ପର
ହୋଇଗଲି ମୁଁ ଅନାଥ
ଅଧା ବାଟେ କାହିଁ ଛାଡି ଚାଲିଗଲ
କୁହ ପ୍ରଭୁ ଜଗନ୍ନାଥ ।
ଦିନ ସିନା ଖାଲି ଗଡି ଚାଲିଯାଏ
ରହିଯାଏ କିଛି ସ୍ମୃତି
ତୁମବିନା ପ୍ରଭୁ ଏହି ଦୁନିଆଁରେ
ନାହିଁ ମୋର ଅନ୍ୟ ଗତି ।
ପାପ ଲଙ୍ଘିଲାଣି ପୂଣ୍ୟର ସୀମାକୁ
ଏବେ ପ୍ରଭୁ ରକ୍ଷା କର
କଳାଘୋଡା ଚଢି ସଂହାର କରିବ
ହୋଇ କଳ୍କୀ ଅବତାର ।
ନିର୍ଜୀବ ସାଜିଛି ସ୍ୱର୍ଣ୍ଣ ବେଳାଭୂମି
ଶାନ୍ତ ନୀରିହଟେ ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀହୀନ ଲାଗୁଛି ଏବେ ସବୁ କିଛି

ତୁମ ବଡଦାଣ୍ଡ ପୁରୀ ।

ଏତେ ଧୈର୍ଯ୍ୟ ପୁଣି ଅସୀମ ସାହସ

ଦେଲନି କାହିଁକି ମୋତେ

ଶକ୍ତ ହୋଇ ଆଜି ଛିଡା ହୋଇଥାନ୍ତି

ଆସୁ ଝଡ ଝଞ୍ଜା ଯେତେ ।

ପାରିବିନି ଏକା ଲଢି ମୁଁ ସଂସାରେ

ବେଳ ସରିସରି ଆସେ

କୃପାକର ମୋତେ ପ୍ରଭୁ ଜଗନ୍ନାଥ

ନେଇଯାଅ ତୁମ ପାସେ ।

(ଜୟ ଜଗନ୍ନାଥ)

ସୌମ୍ୟ ରଞ୍ଜନ ପାତ୍ର

ଗ୍ରାମ/ପୋଷ୍ଟ: ଖଡିଅଙ୍ଗ

ଥାନା: ବାଲିଚନ୍ଦ୍ରପୁର

ଜିଲ୍ଲା: ଯାଜପୁର

ପିନ୍: ୭୫୫୦୪୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବର୍ଷା ବେଳ



ଶ୍ରୀରାଜଶେଖର ସି
'ଚିମା'

ସହି ହେଉ ନଥିଲା ଗ୍ରୀଷ୍ମ ଉତ୍ତାପ,
ଏହି କଷ୍ଟର ନାହିଁ କୌଣସି ମାପ,
କରିଲୁ ବର୍ଷାରାଣୀଙ୍କ ସହ ବିଳାପ,
ବର୍ଷା ହେବାରୁ ଖୁସିରେ ହେଲା ସଂଳାପ ।୧।

ବୃଷ୍ଟିପାତର କେତେ ଯେ କରିଲୁ ପ୍ରତୀକ୍ଷା,
ନିତିଦିନ କରିଲୁ ମୌସୁମୀ ବାୟୁର ଅପେକ୍ଷା,
ଡେରି ହେବାର କରିବୁ ନିରନ୍ତର ସମୀକ୍ଷା,
ପୂରଣ ହେଉ ଶୀଘ୍ର ଆମର ଆକାଂକ୍ଷା ।୨।

କେତେ ଆନନ୍ଦ ଦେଉଛି ଏହି ବର୍ଷା ବେଳ,
ଆସୁ ଆସୁ ଭୁଲେଇ ଦେଉଛି ଗ୍ରୀଷ୍ମକାଳ,
ହଳଧରଙ୍କ ପାଇଁ ଯାହାର ଉପସ୍ଥିତି ଅନୁକୂଳ,
ବର୍ଷଣରେ ଭିଜିବା ହୁଏ ପିଲାଙ୍କ ଖେଳ ।୩।

ବୃଷ୍ଟି ଅନନ୍ତର ଶେଷ ହେଲା ଗରମର ରଣରଙ୍ଗ,
ଆକାଶେ ସୁନ୍ଦର ଦିଶିଲା ଇନ୍ଦ୍ରଧନୁର ସପ୍ତରଙ୍ଗ,
ପରମ ଆନନ୍ଦ ଆଶ୍ୱସ୍ତ ହେଲା ସମସ୍ତଙ୍କ ଅନ୍ତରଙ୍ଗ,
ଏମିତି ହିଁ ଚାଲିବ ନିରନ୍ତର ପ୍ରକୃତିର ଚତୁରଙ୍ଗ ।୪।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫେରିଆସ ତୁମେ



ସୁବ୍ରତ କୁମାର

ଫେରିଆସ ତୁମେ କବିତା ହୋଇ,
ଶବ୍ଦରେ ସଜେଇବି
ତୁମକୁ ଉପମା ଦେଇ ।

ଫେରିଆସ ତୁମେ ରଙ୍ଗଟେ ହୋଇ,
ଆଙ୍କିବି ତୁମକୁ ନେଇ
ମୋ ହୃଦୟର କାନଭାସ୍ ରେ ।

ଫେରିଆସ ତୁମେ ମୌସୁମୀ ହୋଇ,
ନିବାରଣ କର
ଏ ପୀପାସାର ନବତୃଷ୍ଣାକୁ ।

ଫେରିଆସ ତୁମେ ପାହାନ୍ତି ସ୍ୱପ୍ନଟେ ହୋଇ,
ପିରତୀର ସାଗରରେ
ଦିଅ (ମତେ) ଭସେଇ ।

ଫେରିଆସ ତୁମେ ଚନ୍ଦ୍ରମା ହୋଇ,
ଭିଜେଇ ଦିଅ ମତେ
ତୁମ ସ୍ନିଗ୍ଧ ଜ୍ୟୋସ୍ନାରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବହି



ପ୍ରଶାନ୍ତ କୁମାର ନାଥ

ବହି ପରି  ଏତେ ଅପଣାର ବନ୍ଧୁ
ଜଗତରେ କେହି ନାହିଁ
କେତେ କାହିଁ ଶିକ୍ଷା ଦେଉଛି ଆମକୁ
ସୁଖରେ ଜୀଇଁବା ପାଇଁ ।
ବହିପଢି ଆମେ ଶିକ୍ଷାଲାଭ କରୁ
ଶିକ୍ଷିତରେ ହେଉ ଗଣା
ନ ପଢିଲେ ବହି ମୁରୁଖ ହୋଇବା
କିଛି ବି ହେବନି ଜଣା ।
ଇତିହାସ ଆଉ ସାହିତ୍ୟ ସଂସ୍କୃତି
ନୂଆ ନୂଆ କେତେ ଶବ୍ଦ
ଗପଗୀତ ଆଉ ଭଜନ ଜଣାଣ
ବହିରେ ଯେ ଉପଲବ୍ଧ ।
ବାଲ୍ୟକାଳୁ ଆମ ପଢିବା ଶିଖିବା
ବହିରୁ ଆରମ୍ଭ ହୁଏ
ଦୁନିଆରେ ସିଏ ସବୁଠାରୁ ସୁଖୀ
ବହିରେ ଯା ଧ୍ୟାନ ଥାଏ ।

ସୁନ୍ଦରପୁର, ଉତ୍ତର କୁଳହାଟ, ପ୍ରୀତିପୁର, ଯାଜପୁର
ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩`

 Magazine Downloaded from www.aahwaan.com

# କାଳବୈଶାଖୀ



ଶୈଳବାଳା ମଲ୍ଲିକ

ଗ୍ରୀଷମ କାଳର ପ୍ରଚଣ୍ଡ ରୌଦ୍ରକୁ, ଟିକିଏ ରୋକିବା ପାଇଁ...
ବୈଶାଖର କାଳ କରାଳ ସାଜିଛ, ବାଆ ବତାସକୁ ନେଇ..... ୧
ଅସହ୍ୟ ତାତିରେ ପାଣି ଶୁଖିଯାଇ, ଅଗ୍ନି ବର୍ଷିବା ବେଳେ...
କୁଆପଥରକୁ ପକାଇ ଭୂମିରେ, ଶାନ୍ତକର କୋଉଶଳେ.....୨
ସୂର୍ଯ୍ୟଦେବତାଙ୍କ କ୍ରୋଧରେ ଧରଣୀ, ତୃଣଶୂନ୍ୟ ହୋଇଯାଏ...
ଇନ୍ଦ୍ର ଓ ପବନ ଦେବତା ମିଶିଲେ, ବସୁଧା କମ୍ପିତ ହୁଏ.....୩
ସୌଦାମିନୀ ତାର ଚିକ୍ ମିକ୍ ରଙ୍ଗେ, ଆଲୋକିତ କରେ ଗଗନ...
ବାଦଲ ଫଟାଇ ଘଡଘଡି ଡାକେ, ଥରି ଉଠେ ସାରା ଭୁବନ.....୪
ଧରଣୀ ବୁକୁରୁ ଜଳଶୂନ୍ୟ କରି, ଅଂଶୁଘାତେ ନିଅ ଜୀବନ...
ଧୂଆଁ ନଥାଇ ବି ନିଆଁପରି ଲାଗେ,ଦେହ ସହୁନି ଏ କଷଣ.....୫
ଆଜିର ମାନବ ବଡ ସ୍ୱାର୍ଥପର, ପରିବେଶ ମୁକ ସାକ୍ଷୀ...
ଜୀବଜଗତକୁ ଚେତାଇବା ପାଇଁ, ସାଜିଛ କାଳ ବୈଶାଖୀ....୬

ଖମୀଗାଁ, ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିପ୍ରକାର ଦେଶ ଇଏ



ମୋହନଚନ୍ଦ୍ର
ବିଷୋୟୀ

କି ପ୍ରକାର ଦେଶ ଇଏ,
ଯେଉଁ ଦେଶେ ଆଜି ଅନାଥ ଛୁଆଟି
ଭିକ୍ଷା ମାଗିମାଗି ରାସ୍ତା କଡରେ ବୁଲୁଥାଏ,
ସେହି ଦେଶେ ପୁଣି କୁକୁର ଛୁଆଟି
ଏସି ଗାଡିରେ ବୁଲି ବାବୁ ବାବୁଆଣି କୋଳେ ଶୁଏ ।

କି ପ୍ରକାର ଦେଶ ଇଏ,
ଯେଉଁ ଦେଶେ ମଣିଷ ଭୋକ ବିକଳରେ
ଅଳିଆ ଗଦାରୁ ଅଇଁଠା ଉଠାଇ ଖାଏ,
ସେହି ଦେଶେ ପୁଣି କୁକୁରଟେ ପାଇଁ
ନିଇତି ଦୁଧ୍ୱ ମାସଂ ପ୍ରସ୍ତୁତ ହୋଇଥାଏ ।

କି ପ୍ରକାର ଦେଶ ଇଏ,
ମନ୍ଦିର ବାହାରେ ଥିବା ଭିକାରୀଙ୍କୁ
ଟଙ୍କାଟେ ଦେବାକୁ ଯେ କୁଣ୍ଠାବୋଧ କରୁଥାଏ,
ସେ ପୁଣି ମନ୍ଦିର ଭିତରେ ଥିବା ନନାଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶହ ଶହ ଟଙ୍କା ଦଖିଣା ଧରାଇ ଦିଏ ।

କି ପ୍ରକାର ଦେଶ ଇଏ,
ଯେଉଁ ଦେଶେ ମଣିଷ ସାଧୂ ବାବାଙ୍କର
ପାଦଧୁଆ ପାଣିକୁ ନିଜ ମୁଣ୍ଡରେ ଲଗାଇ ଥାଏ,
ସେହି ଲୋକ ପୁଣି ନିଜକୁ ଜନ୍ମ ଦେଇଥିବା
ପିତା ମାତାଙ୍କୁ ବୃଦ୍ଧାଶ୍ରମରେ ଛାଡିଦିଏ ।

କି ପ୍ରକାର ଦେଶ ଇଏ,
ଯେଉଁ ଦେଶେ ଶିଳ୍ପ ସାମଗ୍ରୀ ମାନଙ୍କର
ଲାଭାନୁରୂପକ ମୂଲ୍ୟ ଧାର୍ଯ୍ୟ ହୋଇଥାଏ,
ସେହି ଦେଶେ ପୁଣି ଗରିବ ଚାଷୀଙ୍କର
ଝାଳବୁହା ଧାନକୁ ମୂଲଚାଲ କରାଯାଏ ।

କି ପ୍ରକାର ଦେଶ ଇଏ,
କୋଟି କୋଟି ଟଙ୍କା ଋଣ ନ ସୁଝି
ମାଲ୍ୟା, ନୀରବ ଭଳି ଲୋକ ବିଦେଶ ବୁଲୁଥାଏ,
ଋଣ କରି ପରିଶୋଧି ନ ପାରିଲେ
ଗରିବ ଚାଷୀଟି ଏଠି ଆତ୍ମହତ୍ୟା କରିଦିଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ପ୍ରକାର ଦେଶ ଇଏ,

ଗରିବ ମେଧାବୀ ପିଲାଟି ଯେଉଁଠି

ଚାକିରୀ ପାଏନି ତାର ଦାଦନରେ ଦିନ ଯାଏ,

କୋଟାରେ କିମ୍ବା ଲାଂଚ ଦେଉଥିବ ଯିଏ

ମୁରୁଖ ହେଲେବି ଚାକିରୀ ପାଇବ ସିଏ ।

କି ପ୍ରକାର ଦେଶ ଇଏ,

ସମସ୍ତେ କହନ୍ତି "ଦେଶକୁ ସୁଧାର, ଦେଶକୁ ସୁଧାର"

ଏଠି ସୁଧାରିବ ଅବା କିଏ,

କହି ପାରିବକି କେହି ଏ ଧରା ଧାମରେ

ନିଜେ ନ ମରୁଣୁ ସ୍ୱର୍ଗକୁ ଦେଖିଛି କିଏ ।

ନାମ:ମୋହନ ଚନ୍ଦ୍ର ବିଷୋୟୀ

ଗ୍ରାମ: ଖରଖରିଆ, ପୋଷ୍ଟ: ବଣଶୋଳା,ଚିକିଟି, ଜିଲ୍ଲା: ଗଞ୍ଜାମ

ମୋବାଇଲ୍ : ୮୮୯୭୨୧୨୬୦୨

ଇମେଲ୍:mohan.bisoyee@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାମୁକାଏ ପ୍ରୀତି



ଜୟନାରାୟଣ ପରିଡ଼ା

ଜୀବନରେ ନୀଳ ସାଗରଟେ ଥିଲା
ଆଜି ସେ ସାଜିଛି ମରୀଚିକା
ଅଦିନିଆ ସେହି ଝଡ଼ ବତାସଟା
ଭାଙ୍ଗି ଦେଲା ମୋର ସବୁ ଆଶା ।
ଆଷାଢ଼ ବର୍ଷାରେ ଗ୍ରୀଷ୍ମର ଝାଞ୍ଜିରେ
ପରଶି ଥିଲା ଯେ ସ୍ନେହ ମମତା
ଅନ୍ଧାର ରାତିରେ ତା ପ୍ରେମ ପ୍ରୀତିରେ
ଭିଜି ଗଲା ମୋର ଆଖିପତା ।
ମନ ପରଦାରେ ଯେତେ ମୁହଁ ଭାସେ
ସବୁ ମୁହଁ ଭଲ ଲାଗେନା
ତା ହସିଲା ମୁହଁ ଥରେ ଭାସିଗଲେ
ତାକୁ କେବେ ଭୁଲି ହୁଏନା ।
ଜାଣି ଜାଣି ଯାହା ହଜେଇ ଦେଇଛି
ଦିନର ଆଲୁଏ ମୁହିଁ
ରାତିର ଅନ୍ଧାରେ ତାକୁ ତ ଖୋଜିଲେ
ସିଏ ବା ମିଳୁଛି କାହିଁ ।

ନାରାୟଣପୁର , ବାଲିଆପାଳ , ବାଲେଶ୍ବର
ମୋ:୮୧୧୪୬୭୪୪୭୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସ ମଉସୁମୀ



ଜୟଶ୍ରୀ ମହାରଣା

ଆସ ମଉସୁମି ବଧୂ ବେଶରେ
ଚାହିଁ ରହିଅଛୁ ଆମ୍ଭେ ଆତୁରେ ।
ସହି ହେଉନାହିଁ ନିଦାଘ କଷ୍ଟ
ତୁମ୍ଭ ସ୍ପର୍ଶ ଚାହେଁ ପୃଥିବୀ ପୃଷ୍ଠ ।
ନିରସ ଧୂସର ପ୍ରକୃତି ବକ୍ଷ
ନଦୀ ପୁଷ୍କରିଣୀ ହେଲାଣି ଶୁଷ୍କ ।
ଶ୍ରୀହୀନ ଦିଶୁଛି ପ୍ରକୃତି ରୂପ
ଅସହ୍ୟ ହେଉଛି ରବିଙ୍କ ତାପ ।
ଲତା ଗହଳରେ ହସୁନି ଧରା
ଶ୍ୟାମଳ ପାଦପ ଲାଗୁନି ତୋରା ।
ତୃଷାର୍ତ୍ତ ହୃଦୟ ବ୍ୟାକୁଳ ମନ
ସିକ୍ତ କରିଦିଅ ତପ୍ତ ପରାଣ ।

ପଶୁପକ୍ଷୀ କୀଟ ସକଳ ଜୀବ
ଜଳ ବିନା ମନେ କରନ୍ତି କ୍ଷୋଭ ।
ଅସରନ୍ତି ପ୍ରେମ ହୃଦୟେ ଭରି
ଡାକୁଛି ମୟୁର ଝରାଅ ବାରି ।
ଝାଞ୍ଜି ପବନର ଶକ୍ତ ଆଘାତ
କରୁଛି ଦେହକୁ ଉଷ୍ମ କ୍ଷତାକ୍ତ ।
ବିଜୁଳି ରୋଶଣି ସାଥିରେ ନେଇ
ମେଘ ପାଲିଙ୍କିରେ ଆସ ଓହ୍ଲାଇ ।
ବର୍ଷା ଉପହାର ଦେଇ ସଭିଙ୍କୁ
ଭିଜାଇ ଦିଅ ଗୋ ତପ୍ତ ଭୂମିକୁ ।
ହସିବ ପୃଥିବୀ ହସିବେ ଜନ
ସଦା ଗାଉଥିବେ ତୁମ୍ଭରି ଦାନ ।

ବାଣପୁର, ଖୋର୍ଦ୍ଧା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିପ୍ଳବର ସ୍ୱର



ଏମ୍. ବିଜୟ କୁମାର

ବିପ୍ଳବର ସ୍ୱର
ଆହୁରି ଆହୁରି
ହେବ ତୀବ୍ରତର
ବୈଚାରିକ କ୍ରାନ୍ତି
ଭାରତ ବର୍ଷରେ
ଗଗନ ପବନ
ପ୍ରକମ୍ପିତ ହେବ
ହେବ ଥରହର
ଆକାଶ ପାତାଳ
ଏଣୁ ହେ ଦଳିତ
ମୁକ୍ତି ଦ୍ୱାର ଖୋଲ
ବିପ୍ଳବର ସ୍ୱର(୦)

ଆରେ କାପୁରୁଷ
ନିର୍ଲଜ ମଣିଷ
ଚୁଡି ପିନ୍ଧି ପକା

ତୁ ବଳିର ବୋକା
ରକ୍ତ ଥିଲେ ଦେହେ
ସେଲ୍ୟୁଟେପ ଖୋଲି
କହିବୁ ତୋ କଥା
ମୁହଁ ଖୋଲ ମୁକ
ଶୁଭୁନି କି ଡାକ ?
ନିଷ୍ଠୁର ପାହାଡ
ଶତ ଶତ ବାର
କରୁଛି ଧିକ୍କାର
ଏଣୁ ହେ ଦଳିତ
ମୁକ୍ତି ଦ୍ୱାର ଖୋଲ
ବିପ୍ଳବର ସ୍ୱର(୧)

ଆଖି ଥାଇ ଅନ୍ଧ
କଳା କନା ବାନ୍ଧ
ଖୋଲି ଦିଅ ପଟି

ବାଟ ଯିବ ଫିଟି
ମଲାଲୋକ ତମେ
ଜୀବିତ ଥାଇ ବି
ବଁଚିବାର ମାନେ
କିଛି ନାହିଁ ଯଦି
ବୁଢିଆଣୀ ଜାଲେ
ବେକ ଫାଶି ଲଗା
ଏ ଅଧ ଗିଲାସେ
ତୁହି ଡୁବି ପକା
ଉଠ ତୁ ତତ୍ପର
ପରାଧୀନ କୁଳ
ଏଣୁ ହେ ଦଳିତ
ମୁକ୍ତି ଦ୍ୱାର ଖୋଲ
ବିପ୍ଳବର ସ୍ୱର(୨)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଧିର କାହିଁକି
କଫା ରୁଆ ଫିକ
ସୁନାର ଫସଲ
ଅଧିକାର ହକ
ପ୍ରତିକ୍ରିୟା ନାହିଁ
ଟିକେ ବି ତୋହର
ମାନ ସ୍ୱାଭିମାନ
ଲଢାଇ ଆମର
ଏ ଇଜ୍ଜତ ପାଇଁ
ଜାଣୁ ନାହ ତୁହି
ଗୁମରାହ ତୁମେ
ବିଶ୍ୱାସ ଭରମେ
ବିଷ ଉଦ୍ଗାର
କରେ ବାରମ୍ବାର
ଏଣୁ ହେ ଦଳିତ
ମୁକ୍ତି ଦ୍ୱାର ଖୋଲ
ବିପ୍ଳବର ସ୍ୱର(୩)

ଢୋଲ ଖଣ୍ଡାସମ

ମୋ ଡାକ ବାଜିବ
ତମ କାନେ କାନେ
ଜନେ-ଘୋରବନେ
ଗଳି-ଖୁଲି-ଚୂଲି
ସାହି -ଡାହି-ଚାହିଁ
ପଡା-ହୁଡା-ମଡା
ଗାଆଁ-ମାଆ-ସାହା
ଘର-ଦ୍ୱାର -ବିଲ
ମାଳ-ବାହାଳରେ
ସହର-ବଜାର
ବାଟରେ ଘାଟରେ
ଏ ପଲ୍ଲୀରୁ ଦିଲ୍ଲୀ
ପିଟି ପିଟି କାନ
ଅଣ୍ଟି ଉଠାଇବି
ତୁମ ଅଧିକାର
ତୁମେ ରକ୍ଷାକର
ଏଣୁ ହେ ଦଳିତ
ମୁକ୍ତି ଦ୍ୱାର ଖୋଲ
ବିପ୍ଳବର ସ୍ୱର(୪)

ଜାଳି ପୋଡି ଦେବି
ହାଣି କାଟି ଦେବି
ଉତ୍ତେଜିତ ମନ
ଏ କଲମ ମୁନ
ଆଘାତ କରିବି
କୋଟି କୋଟି ଥର
ନ ତାତିବା ଯାଏ
ଉତ୍ତପ୍ତ କରିବି
ଚିହ୍ନାଇବି ଶତ୍ରୁ
ଧରାଇବି ଅସ୍ତ୍ର
ଗରମ ରକ୍ତରେ
ଦହନ ଇନ୍ଧନ
ରକ୍ତ ଜବାଫୁଲ
ସଜାଇ ନିଜକୁ
କରୁଛି ବିଦ୍ରୋହ
ଏ ପଦଦଳିତ
ସତର୍କ ସୂଚନା
ଦେଉଛି ଆଗରୁ
ଛାତିରୁ ଝରିବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଚ୍ କିରା ମାରି
କଚା ତାଜା ରକ୍ତ
ଖଣ୍ଡ ଖଣ୍ଡ ହେବ
ଦେହର କଲଜା
କେବେ ହେବ ମୁକ୍ତ
ହୁତୁ ହୁତୁ ହୋଇ
ମନ ତୋ ଜଳିବ
ଶୁଖା ଆଖି ନିଆଁ
ହୃଦୟ କାନ୍ଦିବ
ତୁ ଯଦି ମଣିଷ
ବିଦ୍ରୋହ କ୍ରମଶଃ
ରାଜନୀତି ଚାବି
ସାମାଜିକ ମୁକ୍ତି
ଶିକ୍ଷା ସଂଗଠିତ
ଓ ସଂଘର୍ଷ କର
ଏଣୁ ହେ ଦଳିତ
ମୁକ୍ତି ଦ୍ୱାର ଖୋଲ
ବିପ୍ଳବର ସ୍ୱର(୫)

ମୂଳ ନିବାସୀ ର
ସ୍ୱାର୍ଥ ଜଳାଞ୍ଜଳୀ
କଲେ ମୁକ୍ତି ଯୋଦ୍ଧା
ହସିବ ଭାରତ
ବହୁଜନ ହିତ
ଲଢ଼ିବାକୁ ହେବ
ଏଜୀବନ ଯୋଦ୍ଧା
ଗୋଲାମୀକୁ ଜାଣ
କାହିଁକି ?ଗୋଲାମ
ଲୁହାର ପାଚେରୀ
ବନ୍ଧବାଡ ଭାଙ୍ଗ
ଜାତି ଧ୍ୱଂସ କରି
ସୁମମାଜ ଗଢ଼
ଶିକ୍ଷା ଓ ସୂଚନା
ବଳରେ ଖୋଲିବ
ସବୁ ବନ୍ଦ ଦ୍ୱାର
ଏଣୁ ହେ ଦଳିତ
ମୁକ୍ତି ଦ୍ୱାର ଖୋଲ
ବିପ୍ଳବର ସ୍ୱର

ଆହୁରି ଆହୁରି
ହେବ ତୀବ୍ରତର(୬)

ଏମ.ବିଜୟ କୁମାର
ମହୁଲପଲ୍ଲୀ/ବୁଢ଼ା ବାହାଲ
ସଂଇନ୍ତଲା/ବଲାଙ୍ଗୀର-୩୨
ମୋ-୭୯୭୮୭୮୪୧୩୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆ ରଜଦୋଳି ଗୀତ



ସସ୍ମିତା ସାହୁ

ବନସ୍ତେ ଡାକିଲା ଗଜ, ଝିଅ ଥିଲେ ସିନା ପାଳିବା ରଜ

ପାଳିବା ରଜ ଲୋ ହୋଇ ଆମେ ସଜ ବାଜ ।।

ସାହାଡ଼ା ଗଛର ଛାଇ, ଝିଅ ଜନ୍ମ ଦେବା ପାପ ନୁହଁଇ

ପାପ ନୁହଁଇ ଲୋ, ଗର୍ଭରୁ ମାରିବା ନାହିଁ ।।

ବାଜିଲା ତେଲିଙ୍ଗି ବାଜା, ଝିଅଙ୍କୁ ପାଳିବା ଯତନେ ସଦା

ଯତନେ ସଦା ଲୋ, କରିବା ଅତି ଶରଧା ।।

ପୋଖରୀ ତୁଠ ପଥର, ପୁଅ ପରି ତାକୁ ଦେବା ଆଦର

ଦେବା ଆଦର ଲୋ, ରଖିବ ନାଁ ଆମର ।।

ପଣଷ ପାଚିଲା ବନେ, ଆଘାତ ଦେବାନି ଝିଅର ମନେ

ଝିଅର ମନେ ଲୋ, ସ୍ନେହ ଦେବା ସବୁ ଦିନେ ।।

ଥିରି ଥିରି ଚାଲେ ହାତୀ, ଝିଅ ଅଟେ ଲକ୍ଷ୍ମୀ ମା' ସରସ୍ୱତୀ

ମା' ସରସ୍ୱତୀ ଲୋ କରିବା ସଦା ଭକତି ।।

କରମଙ୍ଗା ଗଛ ଛାଇ, ସବୁ ରୂପେ ତାର ମହତ ଥାଇ

ମହତ ଥାଇ ଲୋ, ସ୍ରଷ୍ଟା ରୂପେ ପୂଜା ପାଇ ।।

ଦୋଳି ହୁଏ କଟକଟ, ଝିଅଙ୍କୁ ଆମର ପଢାଇ ପାଠ

ପଢାଇ ପାଠ ଲୋ, କରିବା ଭଲ ମଣିଷ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜହ୍ନରେ କଳଙ୍କ ଚିହ୍ନ, ଝିଅଙ୍କୁ  କରିବା ଆମେ ସମ୍ମାନ

ଆମେ ସମ୍ମାନ  ଲୋ, ଝିଅ ଆମ ସ୍ୱାଭିମାନ ।।

ଉତୁରି ପଡିଲା କ୍ଷୀର, ଝିଅଙ୍କୁ ଦେବା ଲୋ ଭଲ ସଂସ୍କାର

ଭଲ ସଂସ୍କାର ଲୋ, ଦେଖି ହସିବ ସଂସାର ।।

ଲୁଚିଗଲା ମେଘେ ଚାନ୍ଦ, ଝିଅ ନ ରହିଲେ ରାକ୍ଷୀ  ଟି  ବନ୍ଦ

ରାକ୍ଷୀ ଟି ବନ୍ଦ ଲୋ, ଭାଇ ଭାଗ୍ୟ ହେବ ମନ୍ଦ ।।

ଅଦିନେ ପଣଷ  ସିଠା, ଝିଅ ବୁଝେ ସିନା ମା଼ ମନ କଥା

ମା଼ ମନ କଥା ଲୋ, ଖୁସି ହେଉ କି ସେ ବ୍ୟଥା ।।

ନିମ୍ବର ବୁକେ ଚନ୍ଦନ, ଝିଅ ବିନା ଜାଣ ଘର ଶ୍ରୀହୀନ

ଘର ଶ୍ରୀହୀନ ଲୋ, କଟିବ ଦୁଃଖରେ ଦିନ ।।

କରିବା ଆସ ଶପଥ,ଝିଅଙ୍କୁ ରଖିବା ଦେଇ ସରାଗ

ଦେଇ ସରାଗ ଲୋ, ଝିଅ ଆମ ଗଉରବ  ।।

ଜେଲ ରୋଡ଼, ନାଶିକ, ମହାରାଷ୍ଟ୍ର

ମୋ -୯୪୦୩୦୪୪୬୭୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୂଲ୍ୟହୀନ



ଶଶାଙ୍କ ଶେଖର ପଣ୍ଡା

ନୀରବତା ଆଜି ପ୍ରଶ୍ନ କରେ
କେହି କ'ଣ ଅତୀତକୁ ନେଇ ବଞ୍ଚିପାରେ... ?
ହୁଏତ ସମ୍ଭବ ହୋଇଥାଏ କିଛି ମାତ୍ରାରେ
କିନ୍ତୁ, ସେ ମୂଲ୍ୟହୀନ... !
ତା'ର ଜୀବନ ଅପସରି ଯାଇଛି
ମୁହଁ ମାଡ଼ି ପଡ଼ିରହିଛି ଅଭିମାନରେ,
ସମୁଦ୍ର ବେଳାରେ ଶୁଷ୍କ ଶାମୁକା ପରି
ଅମାନିଆ ତରଙ୍ଗ ଆଲିଙ୍ଗନ କରି
ଶିହରଣ ସୃଷ୍ଟି କରାଏ ତା ଦେହକୁ,
ଉଜ୍ଜୀବିତ କରାଏ ମନ ତଳେ ଲୁଚିଥିବା
ଅତୀତର ମେଞ୍ଚା ମେଞ୍ଚା ସ୍ମୃତିକୁ,
କିନ୍ତୁ, ସେ ସ୍ମୃତି ଶାନ୍ତିହିନ... !
କେବଳ ଥାଏ ଅସୁମାରୀ ସ୍ୱପ୍ନ
ଆଖିରେ ଲୋତକକୁ ଉଦାସିତ ମନ,
ବ୍ୟତିବ୍ୟସ୍ତ ହୃଦୟକୁ ନେଇ
ଶାମୁକା ମାପିପାର ସାଗରର ଗଭୀରତାକୁ,
ଗୁରୁଣ୍ଡି ଗୁରୁଣ୍ଡି ଗଣିପାରେ ବେଳାଭୂମିର
ବାଲିକଣାକୁ,
ମାତ୍ର କିଛି ଦିନ ଦଣ୍ଡ ପାଇଁ
ସଂଘର୍ଷ କରିଥାଏ ନିଜକୁ ବଳିଆନ ଭାବି,
କିନ୍ତୁ, ପରାସ୍ତ ସେ ସଂଘର୍ଷ.. !
ଜୀବନର ପ୍ରତି ମୁହୂର୍ତ୍ତ ଖାଲି ଲାଞ୍ଛନା ଆଉ
ନିର୍ଯାତନା
ବୟସର ଶେଷାର୍ଦ୍ଧେ ଶଯ୍ୟାର ପୃଷ୍ଠରେ
ରଚିଥାଏ ଜୀବନର ଅଶ୍ରୁଳ କାହାଣୀ ।

ଉତ୍ତରବାଡ଼, ଭଣ୍ଡାରିପୋଖରୀ, ଭଦ୍ରକ
ମୋ : ୯୯୩୭୧୨୬୮୦୪
ଇମେଲ୍ : sasanka87@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆପଣ ଖୁସି ତ ?



ସୁଶାନ୍ତ କୁମାର ଧଳ

ଖୁସିକଥା କ'ଣ ପଚାରୁ ଅଛନ୍ତି
କି ଉତ୍ତର ଦେବୁ ଆମେ
ଜନତାର ଦୁଃଖ ଦୂର କରିବାକୁ
ଦିଅନ୍ତୁ ମନ ସଘନେ । ୧
ମିଛ ଲାଞ୍ଚ ସାଥେ ଖଚପେଞ୍ଚ
ଆଉ ଦୁର୍ନୀତି ଅନୀତି ଯେତେ
ଦୂର କରିଦିଅ ଓଡ଼ିଶାମାଟିରୁ
ହୋଇବେ ଖୁସି ସମସ୍ତେ । ୨
କିଛି କ୍ଷଣ ସୁଖ ଲୋଡ଼ାନାହିଁ ଆମ
ଚାହୁଁ ସଦା ହର୍ଷ ଉଲ୍ଲାସ
ମାଟିର ମଣିଷ ଦରକାର ଏଠି
ଦେବ ଯେ ଓଠରେ ହସ । ୩

ଜାଣିଛୁ ସଭିଏଁ ତୁମେ କର୍ମବୀର
ଓଡ଼ିଶା କର ସୁନ୍ଦର
ଭରିଯାଉ ଏଠି ସୁଖଶାନ୍ତି ସବୁ
ଖେଳୁ ଖୁସିର ଲହର । ୪

ତୁମରି ଶାସନେ ଓଡ଼ିଶା ଆମର
ହେଲେ ଭାରତେ ମହାନ
ସ୍ୱତନ୍ତ୍ର ରାଜ୍ୟର ସ୍ଥାନରେ ରହିବ
ପାଇବ ନିଜର ମାନ । ୫
ଗାନ୍ଧୀ ଗୋପବନ୍ଧୁ ହୁଅନ୍ତୁ ଆପଣ
ଖୁସି ହୋଇବୁ ସମସ୍ତେ
ସୁଶାସକ ହୋଇ ଗୌରବ ବଢ଼ାଅ
ଅଛୁ ଆମେ ତୁମ ସାଥେ । ୬

ବ୍ରାହ୍ମଣୀକୂଳ, ଦଶରଥପୁର, ଯାଜପୁର
ଭ୍ରାମ୍ୟଭାଷ : ୮୩୩୮୯୩୪୫୨୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଗାଁର ଗ୍ରୀଷ୍ମସନ୍ଧ୍ୟା



ପ୍ରେମଶିଳା ରାଉତ

ଭାରି ଭଲ ଲାଗେ ମୋ ଗାଁ ଗ୍ରୀଷ୍ମ ସଂନ୍ଧ୍ୟା
ପ୍ରକୃତି ଶୋଭାରେ ଭରା
ଶାନ୍ତିର ସମୀର ବହେ ସୁଲୁସୁଲୁ
ଗାଇ ଗୀତ ଗାଆଁ ସାରା ।
ମନ କିଣିନିଏ ସୌନ୍ଦର୍ଯ୍ୟର ଛିଟା
ମୋ ଗାଁର ଗ୍ରୀଷ୍ମ ସଂନ୍ଧ୍ୟା
ଆଣିଦିଏ ମନେ ହରଷ ଯେ କେତେ
ମେଣ୍ଟାଇ ମନର କ୍ଷୁଧା ।
ଧିରେଧିରେ ଯେତେବେଳେ ଗ୍ରୀଷ୍ମ ସଂନ୍ଧ୍ୟା
ପାଦ ଚାପି ଚାପି ଆସେ
ମୋ ଗାଆଁ ସତରେ ମୁରୁକି ମୁରୁକି
ପାଗଳଙ୍କ ପରି ହସେ ।
ତା ସାଥେ ପୁଣି ଆଣି ଆସେ ଯେବେ
ମୃଦୁ ମଳୟର ବାସ୍ନା
ଭୁଲି ହେଇଯାଏ ଦିନଟିଯାକର
ପ୍ରଚଣ୍ଡ ରୌଦ୍ରର ତୃଷ୍ଣା ।

ଦିନସାରାର ଖରାତାତିରେ ମନ
ହୁଏ ଭାରି ଅସହାୟ
ଗୁଳୁଗୁଳି ସାଥେ ବହେ ଝାଳ ବୁନ୍ଦା
ବିକୃତ ଲାଗଇ କାୟ ।
ପ୍ରଚଣ୍ଡ ଖରାର ଭୟରେ ପିଲାଏ
ଲୁଚିଥାନ୍ତି ଘର କୋଣେ
ଯେବେ ସଂନ୍ଧ୍ୟା ଆସେ ଶିତଳତା ନେଇ
ପୁଳକ ଆଣଇ ମନେ ।
ପିଲାଙ୍କ ମନରେ ଖୁସିର ଜୁଆର
ଖେଳିଯାଏ ଅଗଣିତ
ଖେଳିବା ବୁଲିବା ନାଚିବା ଡେଇବାରେ
ରହିଥାନ୍ତି ଅସ୍ତବ୍ୟସ୍ତ ।
ପୁଲାଏ ପୁଲାଏ ପକ୍ଷୀ ଦଳ ସବୁ
ମନ ଖୁସିରେ ଉଡ଼ନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗ୍ରୀଷ୍ମ ସଂନ୍ଧ୍ୟାର ଆଗମନରେ ସତେ

ଖୋଲା ଆକାଶେ ବୁଲନ୍ତି ।

ଗ୍ରୀଷ୍ମ ସଂନ୍ଧ୍ୟା ରେ ନଈ ତୁଠ ଆମ୍ବ ତୋଟେ

ଭିଡ଼ ଜମେ ସତେ ବେଶି

ମନଟି ପ୍ରଫୁଲ୍ଲ ହୁଅଇ ଯେ କେତେ

ଚିନ୍ତା ଚେତନାକୁ ନାଶି ।

ଗ୍ରୀଷ୍ମ ସଂନ୍ଧ୍ୟାର ମନଲୋଭା ଠାଣିକୁ

ଚାହିଁ ରହନ୍ତି ସଭିଏଁ

ମୃଦୁ ମଳୟର ଶାନ୍ତ ପରଶରେ

ମନ ପ୍ରାଣ ପୂର୍ଣ୍ଣ ହୁଏ ।

ଗ୍ରାମ- ବୃନ୍ଦାବାହାଲ

ବ୍ଲକ-ଗୋଲାମୁଣ୍ଡା

ଜିଲ୍ଲା-କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫନି ଏକ ଅଭିଶାପ



ପ୍ରିୟଦର୍ଶିନୀ ମହାନ୍ତି

କାରୁକାର୍ଯ୍ୟ ଭରା    ଉତ୍କଳ ଏ ପରା
ସୌନ୍ଦର୍ଯ୍ୟର ଗନ୍ତାଘର,
ସବୁଜ ସୁନ୍ଦର    ଆମ ଏ ଓଡିଶା
ନାହିଁ ତା'ର ପଟାନ୍ତର ।

ଆସିଗଲା କାହୁଁ    ବାତ୍ୟା ବିଭୀଷିକା
ନାମ ତା'ର ପୁଣି "ଫନି",
ଉଜାଡ଼ି ଦେଲା ଏ    ସୁନ୍ଦର କ୍ଷେତ୍ରକୁ
କରି ବିକଟାଳ ଧ୍ୱନି ।

କାହିଁ ପାଇଁ ଏତେ    କୋପ କଲା ସିଏ
କି ଦୋଷେ ଏ ଦଶା ଦେଲା,
ନିମିଷକେ ମଧ୍ୟେ    ଶ୍ରୀ କ୍ଷେତ୍ର ଭୁବନ
ଛାରଖାର କରିଗଲା ।

ବାସହରା ହୋଇ    ଜୀବିକା ହରାଇ
ଚାଷୀ ମୁଣ୍ଡେ ଦେଲା ହାତ,
ଛଡାଇ ନେଲା କା'    ସୁନାର ସଂସାର
ଫନି ଦେଲା ପେଟେ ଲାତ ।

ମନୁଷ୍ୟ ସମେତ    ପଶୁ, ପକ୍ଷୀ, ବୃକ୍ଷ
ଜୀବନ ହାରିଲେ କେତେ,
ଫନି ଗଲା ପରେ    ବିଧ୍ୱଂସ ରୂପକୁ
ଦେଖି ଦୁଃଖ ଲାଗେ ସତେ ।

ବାଲୁଖଣ୍ଡ ବନ    କାନ୍ଦେ କଇଁ କଇଁ
ତା'ର କୋଳ ଶୂନ୍ୟ ହେଲା,
ରଚିଣ ତାଣ୍ଡବ    କିଛିକ୍ଷଣ ମଧ୍ୟେ
ଅଭିଶାପ ଦେଇ ଗଲା ।

ଭୁବନେଶ୍ୱର

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ପରିବର୍ତ୍ତନ



କାର୍ତ୍ତିକ ଚନ୍ଦ୍ର ସେଠୀ

ପରିବର୍ତ୍ତନ ତ ସଂସାର ନିୟମ
ସ୍ୱଧର୍ମେ ସ୍ଥିର ଯେ ସେଇ
କ୍ଷଣ କ୍ଷଣେ ଆନ କ୍ରିୟା ନିୟମନ
ବେଙ୍ଗୁଲି ଯାଉଛି ଗାଇ । ।

ଭଲ ମନ୍ଦ ଜ୍ଞାନ ସଂସ୍କାର ଦର୍ପଣ
ଏଥୁଅନ୍ତେ ଆସିଥାଇ
ଧୀର ପାଣି ପରା ଶଇଳ କାଟଇ
ଅପେକ୍ଷା କରିବା ଭାଇ । ।

ବଦଳିବା ଯଦି ନିୟତି ବିଧାନ
ନେବା ତାକୁ ଆପଣେଇ
ଅଦୃଷ୍ଟର ହାତେ ଘଟୁଛି ନିଷ୍ଚିତେ
ଜନ ମଙ୍ଗଳର ପାଇଁ । ।

ସୁପ୍ରଭାତେ ହେଉ ସଭିଙ୍କ ମଙ୍ଗଳ
ଛୋଟ ଅଳି ତୁମ ଠେଇଁ
ପ୍ରଭୁ ତୁମ ରଙ୍ଗେ ରଙ୍ଗେଇ ଦେଲେ ପା'
ଦୁଃଖଟି ରହିବ ନାହିଁ । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମିକା



ତୁଷାରକାନ୍ତ ପ୍ରସାଦ

ସମ୍ପର୍କର ଚୋରାବାଲି ଦେଇ ଉପହାର,
ନିଜ ପାଇଁ ବାଛିନେଲ ମଥାର ସିନ୍ଦୁର ।
ସ୍ମୃତି ସବୁ ସାଜିଯାନ୍ତି ସତେ କାରାଗାର,
ବନ୍ଦୀ ସାଜି ମୁକ୍ତି ପାଇଁ ଖୋଜୁଥାଏ ଦ୍ୱାର ।।

ସପନେ ସଜେଇ ଥିଲି ଭାବି ନୀଳ କଇଁ,
କଇଁ କାହୁଁ ହେବୁ ତୁ ଲୋ ପ୍ରତାରଣା ନଇ ।
ଥକା ପଥିକଟେ ପାଇଁ ଥୁଣ୍ଟା ଗଛ ଛାଇ,
ଛାଇ କାହୁଁ ଦେବ ସିଏ ପ୍ରାଣ ଯାର ନାହିଁ ।।

ମେଘମାଳା ଦେଖି ହୁଏ ଚାତକ ଯେ ଖୁସି,
ତା ଖୁସି କ୍ଷଣିକ ସିନା ନୁହେଁ ବାରମାସି ।
ନଦୀର ଆନନ୍ଦ ପରା ସାଗରରେ ମିଶି,
ନଦୀ ଭାଟ ଭୁଲିଗଲେ ସାଗର କି ଦୋଷୀ ?

ପୁରୁଣା ଦିନର କଥା ମନେପକା ଦେଖି,
ଓଠ ଧାରେ ସ୍ମୃତି କିଛି ଦେଇଥିଲେ ଲେଖି ।
ମୋତେ ଭୁଲି ଜୀବନରେ ହେଲେ ତୁହି ସୁଖି,
ଲୁହ ଟୋପେ ଢାଳିବୁନି ମୋତେ ମନେରଖି ।।

ଅନ୍ଧକାର ଦୂର ହୁଏ ପାଇ ଅଗ୍ନି ଶିଖା,
ପ୍ରମାଣିତ କଲୁ ତୁହି ନୁହେଁ ମୋ ନାୟିକା ।
ମୋ ପାଇଁ ତୁ ମୀରା ହେଲୁ, ନା ହେଲୁ ରାଧିକା,
ଠକିଦେଲୁ ପ୍ରେମରେ ତୁ ନୁହେଁ ମୋ ପ୍ରେମିକା ।।

ତୁଷାରକାନ୍ତ ପ୍ରସାଦ
ବରୀ, ଯାଜପୁର
ମୋ - ୯୮୫୩୦୯୭୬୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇପ୍ସିତ ଆନନ୍ଦ



ରାହାସ କୁମାର ବେହେରା

ବିସ୍ତୃତ ଭାବନାରୁ
ଚେନାଏ ସ୍ୱପ୍ନନେଇ
ଇଚ୍ଛାମାନେ ଉଙ୍କି ମାରନ୍ତି
ସୁଦୀର୍ଘ ଜୀବନର ବିଶାଳ ଆକାଶ ଛାତିରେ
ପ୍ରତୀକ୍ଷା ରତ ଚିକି ମିକି ତାରାମାନେ
ଆଖି ମିଟିକା ମାରନ୍ତି
ହୃଦୟ ବିଗଳିତ ହୁଏ ତେଣୁ,
ତୁମକୁ ଛୁଇଁଦେଲା ପରେ

ତୁମେ ଆସ ଧୀରେ ଧୀରେ
ଉନ୍ମାଦନା ଅନେକ ସମ୍ଭାବନାକୁ
ହାତରେ ଏକାଠି କରି
ସକାଳର ଉଜ୍ଜ୍ୱଳ ଫରୁଆରୁ
ଚେନାଏ ଆଶାର ସିନ୍ଦୁର ଗଭାରେ ନାଇ
ରଙ୍ଗୀନ ହୋଇଉଠେ ତେଣୁ
ମଧୁ ମଧୁ ବାସେ
ସମ୍ଭାବନାର ଚାରିପାଖେ ଥିବା
ମୋ ଭଲ ପାଇବାର ସବୁଜ ଇଲାକା

ଗୋଧୂଳି ଲଗନ ପରେ
ନିରୋଳା ଫୁଲର ସହରେ
ଧସେଇ ପଶ ସାତ ରଙ୍ଗେ
ଇନ୍ଦ୍ରଧନୁର ପାଟ ଓଢଣୀ ପିନ୍ଧି
ତୋଡ଼ାଏ ଗୋଲାପରେ ମହ ମହ ବାସେ
ସବୁ ସୁନ୍ଦର ଯଉମୁଦ ଦିଆ ମୋ ସ୍ମୃତିର
ସମ୍ପର୍କ

ଝଲସି ଉଠେ ନିବୁଜ ହୃଦୟର ରାତି
ସନ୍ତର୍ପଣରେ ମିଳେଇଯାଏ କାମନା ,ବାସନା
ମହମ ଭିଜା ଦେହର ଯୌବନ
ପାଇଯାଏ ସୁଖ ପରେ ସୁଖ
ଯେତେ ବାକିଥିବା ମୋ ଇପ୍ସିତ ଆନନ୍ଦ ।

ବାଲ୍ୟମ୍ବା, ଢେଙ୍କାନାଳ:୭୫୯୦୧୫
ମୋ:୯୪୩୮୯୧୪୩୬୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋଇଲି ଯେ



ଶିବାଶିଷ ନାଏକ

କୋଇଲି ଯେ ବୋବା ଛାଡେ
　　ତିନି ପାହାନ୍ତି ପ୍ରହର
ରୂପ ତା'ର କଳା ହେଲେ
　　କଣ୍ଠ ତା'ର ମଧୁର ।୧ ।
କୋଇଲି ଯେ ଜାଗେ ଅଗେ
　　ପ୍ରକୃତି କୁ ଦିଏ ଖୁସି
ତା ସ୍ୱନେ ଆବିର୍ଭାବ
　　ମାତା ସରସ୍ୱତୀ ।୨ ।
କୋଇଲି ଯେ କାକ ଅଗେ
　　ସଂସାର କୁ ଦିଏ ଜାଗି
ତା ମଧୁର ମୂର୍ଚ୍ଛନା ରେ
　　ପ୍ରକୃତି ହୁଏ ଭାଗି ।୩ ।
କୋଇଲି ଯେ ବାର୍ତ୍ତା ଧାର
　　ମନର ଗହୀରାଖି
ତା ସ୍ୱନେ ଦୃଶ୍ୟ ହୁଏ
　　ଆପଣାର ଚିତ୍ର ଲିପି ।୪ ।
କୋଇଲି ଯେ ନାହିଁ ମାନ
　　ଅଭିମାନ ପ୍ରୀତି
ଏ ଡାଳେ ସେ ଡାଳେ
　　କାଟେ ତା ପିରତି ।୫ ।
କୋଇଲି ଯେ ନାହିଁ ଚିନ୍ତା
　　ନିଜ ସଂସାର ପ୍ରତି
କାକ କୋଳେ ରଖିଦିଏ
　　ନିଜ ସଂପତ୍ତି ।୬ ।
କୋଇଲି ଯେ ଯାଯାବର
　　ତା'ର ନାହିଁ ପରିସର
ମୁକ୍ତ ବିହଙ୍ଗ ର ମାଟି
　　ଖୁସିରେ ଆସିଛି
ଖୁସିରେ ଯିବ
　　ଏହି ତା'ର ଶେଷ ଗତି ।୭ ।

ଓଡ଼ିଆ ସମ୍ମାନ ଛାତ୍ର,
ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ,
କେନ୍ଦୁଝର
ବାର୍ତ୍ତାଳାପ - +୯୧୯୬୬୮୬୦୩୮୭୧
+୯୧୭୯୭୮୧୫୭୯୩୬
ଇ-ମେଲ - shibasheeshnaikjgr@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଗାଁକୁ ବରଷା ଆସିଲେ



ରୋହିତ ସେଠୀ

ଆମ ଗାଆଁକୁ ବରଷା ଆସିଲେ
ଗାଆଁ ମନକଥା ଜାଣି
ଅତି ସରାଗରେ ପୂର୍ଣ୍ଣ କରିଦିଏ
ନଇ ଗାଡ଼ିଆରେ ପାଣି ।

ଆମ ଗାଆଁକୁ ବରଷା ଆସିଲେ
ପାହାଡୁ ଝରଣା ବହେ
କୁଳୁକୁଳୁ ତା'ର କ୍ଷୀଣ ଶବଦରେ
ସଭିଙ୍କର ମନ ମୋହେ ।

ଆମ ଗାଆଁକୁ ବରଷା ଆସିଲେ
ଥୁଣ୍ଟା ବୃକ୍ଷ ଶାଖା ମେଲେ
ଧୀର ପବନର ପରଶ ପାଇକି
ହରଷରେ ଦୋଳି ଖେଳେ ।

ଆମ ଗାଆଁକୁ ବରଷା ଆସିଲେ
ସାଧବ ବୋହୂ ଲାଜରେ
ନାଲି ଓଢଣୀକୁ ମୁଣ୍ଡର ପକେଇ
ପାଦ ଥାପେ ଧିରେ ଧିରେ ।

ଆମ ଗାଆଁକୁ ବରଷା ଆସିଲେ
କୃଷକ ଭାଇଟି ହସେ
ହଳ ଲଙ୍ଗଳକୁ ସାଥିରେ ନେଇକି
ଆନନ୍ଦରେ ବିଲ ଚଷେ ।

ଆମ ଗାଆଁକୁ ବରଷା ଆସିଲେ
ଦୂର ପରବତ ମାଥେ
ଇନ୍ଦ୍ରଧନୁଟି ଉଭା ହୁଏ ତା'ର
ସାତ ରଙ୍ଗ ଆଣି ସାଥେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଗାଆଁକୁ ବରଷା ଆସିଲେ
ରଜ ଦୋଳି ହୁଏ ସଜ୍ଜା
ପାଳିତ ହୁଅଇ ରକ୍ଷା ବନ୍ଧନ
ନେତ୍ରୋତ୍ସବ ଗୋରୁ ପୂଜା ।

ଆମ ଗାଆଁକୁ ବରଷା ଆସିଲେ
ସୁଭଦ୍ରା ଭଉଣୀ ସଙ୍ଗେ-
ସୁସଜ୍ଜିତ ରଥେ ବିଜେ କରନ୍ତି
ବେନି ଭାଇ ନାନା ରଙ୍ଗେ ।

ଆମ ଗାଆଁକୁ ବରଷା ଆସିଲେ
ସବୁଜିମା ଦିଏ ଭରି
ଫୁଲ ବଗିଚାରେ ଟଗର ମନ୍ଦାର
ହସୁଥାନ୍ତି କିରିକିରି ।

ଆମ ଗାଆଁକୁ ବରଷା ଆସିଲେ
ବେଙ୍ଗୁଲୀ ମାରଇ ଡିଆଁ
ଚତୁର୍ଦ୍ଦିଗ ଦିଶେ ଶସ୍ୟ ଶ୍ୟାମଳ
ହସୁଥାଏ ମାଟି ମାଆ ।

ରୋହିତ ସେଠୀ, ଦୁତିମେଣ୍ଡି, ଖଜୁରୀପଡା,
କନ୍ଧମାଳ, ମୋବାଇଲ୍-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୂଳ ବେଉସା



ଅଜୟ କୁମାର
ବେହେରା

ହାତେ ମୋର ଥାଏ
ପତଳା ଛୁରୀ
ନିତି ବାଉଁଶକୁ
ଦିଏ ମୁଁ ଚିରି ।।

ଗଢି ବସେ କେତେ
ଚାଙ୍ଗୁଡ଼ି ମୁହିଁ
ଫେରି କରେ ପୁଣି
ଘରକୁ ଯାଇ ।।

ଭଳି ଭଳି ରଙ୍ଗ
ଟକେଇ ମୋର
ହାଟ ବଜାରେ ମୁଁ
କରେ ବେପାର ।।

ପୁନେଇ ପରବେ
ଆଦର ଭାରି
ବିଭାଘରେ ପୁଣି
ଲୋଡ଼ା ସବୁରି ।।

ଛାଡି ନାହିଁ ମୋର
କୂଳ ବେପାର
ଚଳାଏ ତ ଇଏ
ମୋର ସଂସାର ।।

ହାତେ ଗଢା ମୋର
କୁଲା ପାଛିଆ
ଯାଏ ପୁଣି ସିଏ
ବହୁ ଦୂରିଆ ।।

କରି ମେହନତ
ଗଢ଼ଇ ମୁହିଁ
ଘର ପରିବାର
ଲୋକଙ୍କ ପାଇଁ ।।

ଆଣିଛି ପାଛିଆ
ଘରକୁ ବୁଲି
ଯିଏ ନେବ ସତେ
ଆସରେ ଚାଲି ।।

ପାଖେ ଅଛି ମୋର
କୁଲା ପାଛିଆ
ଦରକାର ସେତ
ଘର ଘରିଆ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଳପ ଟଙ୍କାର

ବେପାର ମୋର

ନେଇ ଯାଅ ମାଆ

ଯଥା ଶୀଘିର ।।

ଯିବି ମୁଁ ଯେ ଘର

ହେବ ଉଛୁର

ସରି ଆସିଲାଣି

ବେପାର ମୋର ।।

ଅଜୟ କୁମାର ବେହେରା

ମୋରଡ଼ା ,ମୟୂରଭଞ୍ଜ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରା ଛାଇ



ସସ୍ମିତା ମିଶ୍ର

କାହିଁ ଗଲା ତୋର ସେ
ଆଝାଡୁଆ ପଣ, ଅସ୍ମିତା
ସ୍ପର୍ଶ କଟୁ ତୋର ସେ ପବନ
ରାଗୁଆ ଚାହାଣି
ବିରାଗିଆ ଠାଣି
ବେମରୁଆ ଗମନା ଗମନ
ଏଇ ଅଛି ଏଇ ନାହିଁ
ଏଇ ତ ଦୁନିଆ
କିଏ ଏଠି ରହିଛି କାଳକ
ନା ତୁ ନା ମୁଁ
ନା ସୁନ୍ଦର କଇଁ
ନା ପୁନେଇଁର ଜହ୍ନ

ନା ଅନ୍ଧାରି ଉଆଁସ
ନା କାଳି ଝିଅ ଅମାସୀ
ପୁଣି ଦର୍ପ ଦଳନ ସିଆଡେ
ଅନେଇ ବସିଛି
କ୍ଷଣିକୁ ଭାଙ୍ଗିବ
ଯେତେ ସ୍ଥାୟୀ ବାସ
ମନର କାଢୁଆ ନୀତି
ଦେହର ଅଯଥା ଜୋର
ଜୀବନର ଜିଦଖୋର ପଣ
ଆଉ ନିଶ୍ଚିତରେ ନିଦାଘ ତୁ
କି କଳା ମୌସୁମୀ
ଢାଙ୍କି ଦେଲା କଳା କାନିଟାରେ
ଆଖି ପିଛୁଲାକେ
ତୋର ସେଇ ରୁକ୍ଷତାକୁ
ତୋର ସେଇ ଦର୍ପକୁ
ତୋର ସେଇ କ୍ରୋଧାଗ୍ନିକୁ
ପରାଜୟ ବରିଲୁ ନା ତା ଆଗେ
କିଏ ତ ହାରିବ କା ପାଶେ

ପଶା ଖେଳରେ ଯୁଧିଷ୍ଠିର ହେଉ
ଚକ୍ରବ୍ୟୂହରେ ଅଭିମନ୍ୟୁ ହେଉ
ବା ମୋ ହାକିମ ଆଗରେ ମୁଁ
ତେବେ ସନ୍ଧିରେ ବଢ଼ିବୁ ଆଗକୁ
ତୁ ଥିବୁ ସେ ଥିବ
କେବେ ତୁ ଆଉ କେବେ ସେ
ବାଣ୍ଟୁଥିବ ଆକାଶକୁ
ଛାଇଖରା କରି
ନା ମୋ ପରି ଯିବୁ ପଛେ ହାରି
ସାଲିସରେ ପାଦେ ଚାଲିବୁନି
ତୁ ଯଦି ତୁ
ନହେଲେ ମୁଁ

ଅଧ୍ୟାପିକା, ମହାନଦୀ ବିହାର
ମହିଳା ମହାବିଦ୍ୟାଳୟ, କଟକ
ଦୂରଭାଷ ୯୦୭୮-୫୭୯୭୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ସ୍ୱପ୍ନ ନୁହେଁ



ପଙ୍କଜକୁମାର ମହାନା

ସମସ୍ତେ ମତେ ନେଇ ଅନେକ ସ୍ୱପ୍ନ ଦେଖନ୍ତି
ହେଲେ
ମୁଁ ସ୍ୱପ୍ନ ନୁହେଁ ବାସ୍ତବ ।
ମୁଁ କାହାଣୀ ନୁହେଁ
ମୁଁ ସତ !
ସମସ୍ତେ କୁହନ୍ତି ମୋ ବ୍ୟବହାର ଭଲ ବୋଲି
ହେଲେ
ମୁଁ କେବେ କାହାକୁ ଖରାପ ବ୍ୟବହାର
କରିନାହିଁ
ଏହା ସତ ।
ବାସ୍ତବତା କୁ ନେଇ ଚାଲିଲେ
ସବୁବେଳେ
ସୁଖ !
ହେଲେ ଅବାସ୍ତବତା ପଛରେ
ଧାଇଁଲେ
ଦୁଃଖ ହିଁ ଦୁଃଖ !

କେବେ ତୋ କାହାରି ମୁଁ ଉପକାର କରିନି
ତାର ଅମଙ୍ଗଳ କାମନା
କାହିଁ କରିବି !
ଏହାହିଁ ବାସ୍ତବତା ।।
ମଣିଷ ମଣିଷକୁ ଭଲ ପାଏ
ତାର ମାନବିକତାକୁ
ଦେଖି !
ହେଲେ ତା'ର ଅମାନବିକତାକୁ
କେବେ
ସେ ନଦେଖି ।

ଶୁଳିଆପଦା,ମୟୂରଭଞ୍ଜ
ଦୂରଭାଷା-୯୫୮୩୨୫୪୯୭୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁହ



ରଶ୍ମିତା ମହାନ୍ତ

ଲୁହର ଦରିଆରେ ଭାସେ
ସପନର ଡଙ୍ଗା
ଜୀବନ ଜିଇଁବା ଏଠି
ଭାରି ମହଙ୍ଗା ।
ସପନ ସହରେ କରିବାକୁ ଘର
ଭୟ ଲାଗେ ଏଠି ଦେଖିଲେ
ଅନ୍ୟର ଲାଲି ଆଖିର ଡର ।।
ରକତ ରୁ ରକତକୁ
କଲା ସେ ଅଲଗା
ଦେଖି ସହି ପାରେ ନାହିଁ
କରିଦିଏ ଅଲଗା ।
ବେଇମାନି କଲା
ନିଜର ମଣିଷ
ବିଶ୍ୱାସରେ ସେ ତ
ଭରି ଦେଲା ବିଷ ।

କେତେ ଆଉ ସହିବ ସେ
ଏମିତି କଷଣ
ଜିଇଁ ଥାଉ ଥାଉ ସେ
ହୁଅଇ ପାଷାଣ ।
ଦୁଃଖ ଚାଲିଯାଏ ସିନା
ତା ବାଟରେ
ସବୁ ଖେଳ ସରିଯାଏ
ସମୟ ହାତରେ ।।
ସମୟ ସୁଅରେ ବନ୍ଧା
ଜୀବନର ଡରୀ
ସେ ଡରୀରେ ବନ୍ଧା
ଜୀବନର ଡାଏରୀ ।

ବେତନଟୀ,ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା



ସ୍ୱାବିତ କୁମାର ପାତ୍ର

ତୋର୍ କାଜେ ବଲି ଗୋ ମା
ମୁଇଁ ଇ ସଁସାରେ
ଖେଲିଛେଁ,ବଢିଛେଁ
ମୁଇଁ ତର୍ କୋଲେ ।

ଭୋକ୍ ଉପାସେ ମା
ରହି ଯେସୁ ତୁଇ
ପେନ୍ ଫୋଟେ ପି କରି
ଦୁଇ ମୁଠା ଭାତ୍ ଖୋଏ ଦେସୁ
ପେଟ୍ ମୋର୍ ଯେସି ପୂରି ।

ମା ମା ବଲି ଡାକ୍ ଦେଲେ ଗୋ
ଧେଇଁ ଏସୁ ପାଶକେ୍ ତୁଇ,
ଲାଡେ ସରଦ୍ ନେ
ମୁଡେ ସୁଆଁଲି ଦେସୁ
ଜର୍,ଡର୍ ଯେତେ ଯେସି ଭାଗି ।

ମେରଘରା, ଧର୍ମଗଡ଼
ନଂ-୮୪୫୬୮୦୩୫୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିନେ ଯିବାର୍ କେ ତ ପଡ଼ବା



ହରିଶ୍ ତାଣ୍ଡି

ଲୋଭ୍ ମୋହମାୟା କେତନି କେତେ
ଘର୍ ବଙ୍ଗଲ୍ ଗାଡ଼ି
ଆବରି ଆବରି ରଖିଛୁ ଯେତେ
ସବୁ ଯିବୁ ଦିନେ ଛାଡି ।
ଆଇଛୁ ଏକଲା ଯିବୁବି ଏକଲା
ସମକୁ ଅଛେ ଜନା
ଫେର୍ କାଏଜେ ମୋର୍ ମୋର୍ ବୋଲି
ହେଉଛୁ ଘିଚାଟନା ।
ଧନ୍ ସମ୍ପଦ୍ ମଟର୍ ଗାଡ଼ି
ଜୀବନ ଯାକର୍ କମାନି
ଚାଏରନି ଟେ ହେଲେ ସାଗେଁ ନେବୁକେଁ
ଫେର୍ କାଏଁଥିର୍ ଫୁଟାନି ।
ହେଇଥା ଯେତେ ବଲ୍ ଧନବାନ୍
କିଛି ନାଇ ଦିଏ କାମ୍
ମରନ୍ ଆଘେ ପସବୁ ସରନ୍
ଦେହେନୁ ଉଡବା ପରାନ୍ ।
ଇ ଦିହେଁ ଦିନେ ପୋକ୍ କିରଙ୍ଗା
କୁହି ବିଲି କରି ସଢବା
ରଖିଥା ଯେତେ ଧନ୍ ସମ୍ପଦ୍
ଦିନେ ଯିବାର୍ କେ ତ ପଡବା ।

ସାଲେପାଲି, ଗଜବନ୍ଧ, ସୁବର୍ଣ୍ଣପୁର ୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଏନ୍ ବିଚାର୍‌ର ମହତ୍ତ୍ୱ



କବି ପ୍ରସାଦ

ଉସତ୍ ମନେ ମକାରୁ କୁମ୍ଭାର୍
ଚିଟ୍‌କୁଥେ ଧରି ମାଏଟ୍ କେ
ମାହେଜି ତାର୍ ପଚରାଲା ଆସି
ଆଏଜ୍ କାଣା ବନାବ ଗୋ ମାଏଟ୍ କେ ।
ମାହେଜିର୍ କଥା ଶୁନି ମକାରୁ
କହେଲା ମୁଲୁର୍ ମୁଲୁର୍ ହସି
ଚିଲମର୍ ଚାହେଦା ଅଛେ ଇହାଦେ
ଗଞ୍ଜୁଆ ମନେ ଗଞ୍ଜେଇ ପିଉଛନ୍ ବସି ।
ମକାରୁର୍ କଥା ଶୁନି ସିଆନି
କହେଲା ହେତ୍ ଗୋ ବେଡା
ମଠିଆ ବନାହ ଚଲବା ଇହାଦେ
ଖରାର୍ ଘାମ୍ ହେଲାନ ବଢା ।
ସିଆନିର୍ କଥା ଶୁନି ମକାରୁ
ଘାଏ ଭାବଲା ତାର୍ ମନେ
ଅଏନ୍ କଥା ପଦେକ୍ କହେଲା ମାହେଜି
ମୋର୍ ନିଘା ନିଥେଇ ଇ ବିଷେ ନେ ।
ଫେନ୍ ଘାଏ ମେଟ୍ କେ ଚିଟ୍‌କି ଦେଲା
ମଠିଆ ବନାବାର୍ ଆଶେ
ମାଏଟ୍ କହୁଛେ ହଏବୋ ମକାରୁ
ମୋର୍ ରୂପ୍ ବଦଲାବୁ କାଏଁସେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନେଇଥିଲୁ ଚିଲମ୍ ପହେଲା
ବନଉଛୁ ଫେନ୍ ମତେ ମଠିଆ
ମାଏଟ୍ କେ ଦେଖି ମକାରୁ କହେ
ବିଚାର୍ ମୋର୍ ବଦଲିଗଲା ।
ମାଏଟ୍ ହସି କହେ ମକାରୁ କେ
ଶୁନ୍ ଭାଇରେ କୁମ୍ଭାର୍
ମୋର୍ ଜୀବନ୍ ଟା ବଦଲିଗଲା
ବଦଲାଲୁ ବଲି ତୋର୍ ବିଚାର୍ ।
ଚିଲମ୍ ହେଇ ଥିଲେ ଜୁଏ ଭରିଥିତେ
ଜଲି ଜଲେଇ ଥିତିଁ ସମକୁଁ
ମଠିଆ ହେନିବଲି ପାଏନ୍ ଭରବେ
ନିଜେ ଶିତଲ୍ ହେଇ ଶିତଲ୍ କରମି ସମକୁଁ ।
ମାଏଟର୍ କଥା ଶୁନି କୁମ୍ଭାର୍
ଛନେ ଆକାଭୁତ୍ ହେଇଗଲା
ଅଏନ୍ ବିଚାର୍ ର ଏତେ ମହତ୍ତ୍ୱ
ତାକେ ଜନା ନାଇଁ ଥିଲା ।

ସର୍ଗିଗୁଡା , ମଣ୍ଡଳ , ବେଲପଡା , ବଲାଙ୍ଗୀର
ମୋବାଇଲ - ୭୬୦୬୦୫୧୩୯୫

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ୍ ମରନ୍



କବି ପ୍ରସାଦ

ଘାଏ ଛନେ ଯେନ୍
ଜଗତର୍ ହିତେ
ନାଇଁ କରେ କିଛି କଭାର୍
ଧନ୍ ଜନ୍ ତାର୍
ଯେତେଥିଲେ ଭିଲ
ସଁସାର୍ ନାଇଁ କରେ ଆଭାର୍ ।
ଜଗତ୍ କେ କନ୍ଦେଇ
ଭଣ୍ଡାରେ ଠୁଲେଇ
ସଂଗେ ନାଇଁ ନେଇ କିହେ
ସେନ୍ତା ମୁନୁଷ୍ ଶହେ ବଛର୍
ଜୀହିଁଲେ ଭିଲ ଧରାଧାମେ
ମରନ୍ ସଂଗେ ସମାନ୍ ଆଏ ।
ନାଇଁ ଥଉ ପଛେ କୋଟି ସଂପତ୍ତି
ହୁରୁଦେ ଥଉ ଦୟା ଭାବ୍
ମୁନୁଷ୍ ଭେଲି ସେ ମୁନୁଷ୍ ଗୁଟେ
ପର୍ ଆଖିନୁ ଯେନ୍ ଲହୁ ପୁଛସି
ସମକୁଁ ଯେନ୍ ନିଜର୍ ଭାବସି
ତାର୍ ଅଭାବ୍ ନି ହଏ ସଁସାର୍ ହାଟେ ।
ଦୁଖ୍ କେ ପିଇ ସୁଖ୍ ବାହାଁଟି
ପ୍ରେମ୍ ଝରନା ଯେନ୍ ବୁହାସି
ସେ ମୁନୁଷ୍ ଭେସେ ଝନେ ଦେବତା
ସାର୍ଥକ୍ ଆଏ ଜନମ୍ ତାହାର୍
ଛନେଘଡେ ହେଲେ ଭିଲ ଜୀବନ୍
ମରନ୍ ଭିଲ ତାକେ ଅମରତା ।

କବି ପ୍ରସାଦ
ସର୍ଗିଗୁଡା, ମଣ୍ଡଲ, ବେଲପଡା, ବଲାଙ୍ଗୀର
ମୋବାଇଲ୍ - ୭୬୦୭୦୫୧୩୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଠ୍ ପଢ଼ା



ଦେବାଶିଷ ସାଗର

ଏ ମୋର୍ ପାଠ୍ ପଢା
ତୋର୍ ଲାଗି ମୁଇଁ ହେଲିନ ଖଡା ।
ରାଏତ୍ ନାଇଁ କି ସକାଲ୍ ନାଇଁ
ତୋର୍ ଲାଗି ହେଲିନ
ଧାଇଁ ସାଇଁ ,
ଖାଏନା ନାଇଁ କି ପିଏନା ନାଇଁ
ମନେ ଭାବ୍‌ସି ଖାଲି
ମୁଇଁ ।

ଗାଧୁଆ ନାଇଁ କି ପିଧୁଆ
ନାଇଁ ,
ତୋର୍ ନ ବସିଥିସି
ଅହର୍ ଘଡି ।
ଇଟା ଆଏବା କି ସେଟେ ଆଏବା
କେନ୍ ଟା ଆଏବା
ନାଇଁ ଜାନୁଛେଁ ,
ଯେନ୍‌ଟା ଆସଲେ ଆସୁରେ
ମୋର୍ ପାଠ୍ ପଢା
ପଢ୍‌ଲା ଛୁଆକେ କାଏଁଟା
କଡା ।

ବଡ଼ନୂଆଁପାଲି ( ଡୁଙ୍ଗୁରିପାଲି ) , ସୁବର୍ଣ୍ଣପୁର
ମୋ.ନଂ - ୯୯୩୮୮୪୪୯୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଏଲା ବର୍‌ଷା



ଦେବାଶିଷ ସାଗର

ଯାଉଛେ ଖରା ଆସୁଛେ ବର୍‌ଷା
ଘିଡ୍‌ଘିଡାଉଛେ ମେଘ୍ ,
ଜଲ୍‌ଲା ଦେହେ ହେମାଲ୍ ଲାଗୁଛେ
ଦେଖ୍ ଦୁନିଆଁର୍ ଖେଲ୍ ।୧

ଯାଇଥିଲା ମାଏଟ୍ ଫାଟ୍ ଫାଟ୍ ହେଇ
କାଏଁ ନଏଦ୍ – ନଲିଆ – ବନ୍ଧ୍ ,
ଆଏଲା ବର୍‌ଷା ପହେଲା ହେଇ
ପୁରାଇ ଦେଲା ସବୁ କନ୍ ।୨

ଲୋକ୍‌କର୍ ମୁହେଁ ଗୁଟେ କଥା
ଶହେ ଦିନର୍ ଖରା ,
ସେ ଖରାକେ କାଟିନେସି ତ'
ଗୁଟେ ଦିନର୍ ବର୍‌ଷା ।୩

ଆଇଛେ ବର୍‌ଷା ସାଁଗେ ଧରି
ଶୀତଲ୍ ପବନ୍ ଧାର୍ ,
ଭାଁଗିଦେବା ସେ ସବୁ ଅହଁକାର୍
ଖରା ଦିନର୍ ରାଗ୍ ।୪

ଜଲୁଥିଲେ ଯେତେ ଉଡା – ବୁଡା – ଚଲା
ଗରମ୍ କିରନ୍‌ର ରାଗେ ,
ସମ୍‌କିରର୍ ଜୀବନ୍ ଶୀତଲ୍ କର୍‌ବାକେ
ଆଏଲା ବର୍‌ଷା ଧାରେ ।୫

ଶୀତଲ୍ ଲାଗୁଛେ କାଁକର୍ ଲାଗୁଛେ
ସମ୍‌କିରର୍ ଜୀବନ୍ ,
ଇ ପାଗ୍‌କେ ସଭେ ଟାକିଥିଲେ
ଶାନ୍‌ତି ଲାଗ୍‌ଲା ଜୀବନ୍ ।୬

ଧଏନ୍ ଧଏନ୍‌ରେ ସମିଆଁର୍ ଚକା
ଗୁଟେ ଗୁଟେ କରି ଆସୁଛୁ ,
କେନ୍ ବିଧାତା ଝିଁଜି ରଖିଛେ
ସମ୍‌କିରର୍ ଜୀବନ୍ ପାଲୁଛୁ ।୭

ବଡ଼ନୂଆଁପାଲି ( ଡୁଙ୍ଗୁରିପାଲି ),ସୁବର୍ଣ୍ଣପୁର
ମୋ.ନଂ - ୭୩୦୦୮୯୪୭୩୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହତ୍ ଦାନ



ପ୍ରମୋଦକୁମାର ସେଠ୍

ରିଲିଫ୍ ପାଣ୍ଠିକେ ଦାନ
ମନ୍ଦିରକେ ଦାନ, ଆଶ୍ରମକେ ଦାନ
ଇ ଦାନ କଲେ ନିଜର ହେସି କଲ୍ୟାଣ
ବିହାଘରେ ଜିନିଷ ପତର୍
ଯୌତୁକ ଦାନ
ଝିକେ ବଟେଇ ମା ବୁଆ କରସନ
ପୂଣ୍ୟକାମ
ମରିଗଲେ ପଣ୍ଡିତ ଡକେଇ
ଲୋକ କର୍ସନ, ଗୋରୁଦାନ, ସୁନାଦାନ
ଭୂମିଦାନ, ଶେଷେ କର୍ସନ ପିଣ୍ଡଦାନ
ହେଲେ ଜୀବନ ବଚାସି ରକତଦାନ
ଇ ଦାନଟା ସବୁଠାନୁ ମହତଦାନ ।

ସିଡ଼ିଏମ୍‌ଓ ଅଫିସ, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଦିବାସିର୍ ଦରଦ୍



ସୁଭାସ୍ ଚନ୍ଦ୍ର ଭୁଏ

ନୁକୋ ନିରୀହ ମୁନୁଷ୍ ଆମେତ
ନାଇ ବୁଝୁ ରାଜନୀତି
ଆମେ ଜାନସୁ ଆମର ଗୁତି
ସେଟା ତ କ ଖ ନୀତି

ମୁନୁସର୍ ସୃଷ୍ଟି ଆଦିମ ମୁନୁସ୍
କରିରହୁଥିଲେ ଡଂଗରେ ଢାଲ
ଖାଉ ଥିଲେ ମେନ ମଏନସା
ମାଜା,ବଢଲ୍ ଆଉ ଡାଲ୍

ଫୁଲ ପତର ଯାହାକେ ଯେତେ
ମନ୍ଦାର୍ ବେଲ୍ ପତରର୍ ମାଲ୍
ଉଭାହଉଥିଲେ ମାଁ କୂଲ୍ ଦେଇ
ନାଇଁ ଥାଇ କାହାର ଦୁକାଲ୍

କେନ୍ ଜୁଗୁ ନାଇ କେନ୍ କାଲୁ
ଆମକୁ ଦେଇଛେ ପ୍ରକୁତି
ଅଜା ଆଇ ବୁଆ ଅମଲୁ
ଇ ଜଙ୍ଗଲ ଟା ଆମର ରଏତି

ଆଦିବାସୀ ଆମେତ ସରଳ ମୁନୁସ୍
ନାଇ ଜାନୁ ଛଲ କପଟ
ଅଧା ନଂଗ୍ଲା ଦେହେ ଦେଖି ଆମର
ଫଟୁ ଘିଚ ଫଟ୍ ଫଟ୍

ସିକ୍ଷିତ ଧନୀ ମୁନୁସ୍ ତୁଈଂରେ
ଜହ ଦେଖା କମ୍ ପିନ୍ଧୁ ତୁଈଂରେ
ଦେହେ ଦେଖା ତୋର ଆକଟ
ପ୍ରକୁତି ଇନୁ ଧନ ତୁପିଛେ ବଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହିସା,ଅହଁକାରେ ହେସୁ ଛଟପଟ

ବଡ଼ ବଡ଼କି କଥା ମାନି
ଚଲାସ  ମେଟ୍ କୁଡ଼ା
ତୁମର ଗାଡ଼େ ତୁମେ ପଡ଼ବ
ଜେନ୍ କୁଡୁଛ ଢୁଡ଼ା

ଚରେଇ ଚିରଗୁନ୍ ପଶୁ ମାରି
ଗଛ ଡ଼ଙ୍ଗର୍ ପତରା ଝାରି
ଚତରଉଛ ଫାଲ୍ ଫାଲ୍
ମିଲ୍ ଫେକଟେରି କୁହୁଲା ଖାଏବ
ସାଂସ ବେମାର୍ ହେବା କାଲ୍

ନିଜର ଗୁଡ଼େ ନିଜେ ଚୋଟ
ଜାନିଜାନି ନାଇଁ ମାର୍
ଭଲ୍ ପେନଧୁକା ଖାଏବୁ ନିସଚେ
ଗଛ ଜଗାଲେ ସାର୍

କେନକେ ଜିମୁ କେନୁ ରହେମୁ
ଆମକୁ ନାଇ ନିକର୍
ମୁନସିଆ ପନେ ବିଚାର କରି
ଲାଜେ ସରମେ ଟିକେ ସଁକର

ଝାର୍ ଡଂଗର୍ ପତରା ବଅଁଚ
ଆମକୁ କର ଟିକେ ଆଦର
ଆମେ ଭି ମୁନୁସ୍ ତୁମେ ଭି ମୁନୁସ୍
ନାଇକର ଫିଦର ଫାଦର୍
ନାଇକର ଫିଦର୍ ଫାଦର୍

ଅଧ୍ୟାପକ
ଡୁଙ୍ଗୁରିପାଲି ମହାବିଦ୍ୟାଳୟ, ଡୁଙ୍ଗୁରିପାଲି
ଧାଙ୍ଗେର, ବରଗଡ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ସାବେତିରି ହ



ଚନ୍ଦ୍ରଶେଖର ଗୋ

ସରଧା ମନେ ଯଦି ତୁଇ
ମୋର୍ ମାଁବୁଆର୍ ସେଭାଯତନ୍ କରଭୁ
ଆଲାଗଲା ଆମର୍ ଲୋକବାକକେ
ମାନିଗୁନି କରି ଚଲଭୁ
ଏତକି ତପ୍ କରି ପାରଭୁ ବେଲେ
ତୁଇ ସାବେତିରି ହି ପାରଭୁ ।

ତୁଇ ସାବେତିରି ବରତ୍ କରୁଛୁ ସିନେ
ମୁଁଇ ମଲେ ସଥେଁ ବଚେଁଇ ପାରସୁ କାଏଁ
ତୋର୍ ବେଭାରେ ମୋର୍ ମାଁବୁଆ ଖୁସି ହେଲେ
ବରମ୍ ମୋର୍ ଆଏସ୍ ବଢ଼ଭା
କାରନ୍ ତୁଇ ତ ଖାଲି ଶୁଭ୍ ମନାସୁ...
ହେମାନେ ଶୁଭ୍ ମନାସବାର୍ ସହିତ୍
ମୋର୍ ଉପରେ ତାକଁର୍ ଆସିର୍ବାଦ୍ ଅଛେ
ତୁଇ ମୋକେ ମହାପୁରୁ ଭାବିପାରୁ
ମୋର୍ ଲାଗି ତ ହେମାନେ ଜିଁତା ମହାପୁରୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆର୍ ଲୋକବାକ୍
ତୋର୍ ବେଭାରେ ସରୋଧା ହେଲେ
ତୋର୍ ଯସ୍ ବଢ଼ବା ଗୋ...
ଅତିଥି ସେଭା ତ ଭଗବାନର୍ ସେଭା ।

ଏତକି ମୋର୍ ଇଛା
ତୁଇ ଉପାସ୍ କର୍ ବରତ୍ କର୍
ସାବେତିରି ହ...ତୋର୍ ଇଛା ।

କର୍ଲାଖମାର, ନୂଆପଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଛ୍



ମନୋଜ ମହାନନ୍ଦ

ରଟ୍ ଖରାର୍ ଚଟ୍ କଲା ମାଟି
ଛାତି ଫୁଲେଇ ଠିଆ ଉଠି
ଅମୃତ ପିଆଲୁ ଆମକେ
ହରମିସା ତୁଇ ଆମର୍ ସେବା କରୁ
ଆମର୍ ଲାଗି ପିଉ ଜହର୍ କେ
ସତ୍ ସତ୍ କରି କହ ମୋତେ,
ଗଛ୍..........
କାଏଁ ଲାଭ୍ ମିଲୁଛେ ତତେ ।

ଖରା,ବର୍ଷା, ଶିତ୍ କାଁକରେ
ଡେରା ବାନ୍ଧିଛୁ ବିନ୍ ଛତରେ
ଡର୍ ଭଏ ନିନ ତତେ
କେନ୍ତା ଢଁଙ୍ଗେ ସମିଆଁ ବିତଉଛୁ
ଜର୍ ତପ୍ ନାଇଁ ହେବାର୍ କେଁ ତତେ ? ?
ବୁଝେଇ ଦେ ଘାଏ ମୋତେ
ଗଛ୍........
ମୁଡିଆ ମାରୁଛେଁ ତତେ ।

ଫୁଲ୍, ଫଳ ତୋର୍ ସବୁ ଖାଏନୁ
ଟଙ୍ଗିଆ ଧରି ଜୀବନ୍ ନେନୁ
ନାଇଁ ଫୁଟାଲୁ କାପୁ
କୁଟି ଝାଁଟିକେ ଜୁଏ ଜଲେଇ
ଲାଙ୍ଗ୍ ଛାଟ୍ ଦେଖି ବଡ୍ ଗଂଡି ତୋର୍
ପାଟି ଚନଖା କରି ଘର୍ ଢାଁପୁ
କଟା ଛଟା କରୁଁ କେତେ
ଗଛ.......
କେତେ ଦୁଃଖ୍ ଦଉଛୁଁ ତତେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସି ହସି କରି ସବୁ ସହିଛୁ

କେଭେ ତୁଣ୍ କେଁଯେ ନାଇଁ ଫୁଟଉଛୁ

ଆମର୍ କାଏଁ ଲାଗୁ ତୁଇ

ଅନେ ପନେ ନାଇଁ ଦଉଁ ତତେ

ଜୀବନ୍ ଗୁଅଁଛୁ ଆମର୍ ହୁଁତେ

ବୁଝି ନାଇଁ ପାରୁଛେଁ ମୁଇଁ

କହି ଦେ ନିକେ ମୋତେ

ଗଛ୍ ....

ହାତ୍ ଯୁଡୁଛେଁ ତତେ ।

ବାଗଯୋର, ସଇଁନ୍ତଲା, ବଲାଙ୍ଗିର

ମୋ - ୮୦୧୮୦୮୯୩୩୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋଟ୍ ରେଜଲ୍ଟ



କ୍ଷମାନିଧି ସାହୁ

ଗାଁ ଗାଁ ବୁଲି ଇ ନେତା ମନ୍ତ୍ରୀ ମାନେ
କରସନ୍ ଭୋଟ୍ ପରଚାର୍
ଅମକା ଦେମୁ ଢିମକା ଦେମୁ ବଲି
ଭାଷଣ୍ ମରା ସବୁ ବେକାର୍..
ପୁଲକାବାର୍ ଟା ଇମାନକର୍ ସାର୍,
ଭୋଟ୍ ଜିତିଗଲେ କିଏ ପଚରଉଛେ ଅଉ
ଧପଡେଇକରି କହେସନ୍ ବାହାର୍...

ସବୁ ଯେତେ ଚଠା ନେତା ମନ୍ତ୍ରୀମାନେ
ଭୋଟ୍ ବେଲେ କରସନ୍ ଜୁହାର୍
ଆର୍ ଯେତେବେଳେ ପୁହେ ଜିତିଯାଏସନ୍
ସେଦିନେ ମନାସନ୍ ତିହାର୍..
କେହିର୍ କରତେ ଆର୍ ସେବା,
ପହେଲା ଜୁହାର୍ ପଛେ ଲାତ୍ ମାରି
ବନେଇ ନେସନ୍ ଲୁକୁଁ ଭେବା...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେନ୍ ଦିନେ ରେଜଲ୍ଟ ବାହାରବାର୍ ଥିବା
କେତେ ଦେଖବ ଅଁଚାବୁହା
ଘାଏକେ ଛନେକେ ଚମକି ପଡୁଥିବେ
ଦେଖିକରି ଗ ନ୍ ତି ଖାତା..
ଜିତିଗଲେ ଖୁଲଖୁଲ୍ ମୁଲମୁଲ୍,
ଆର୍ ଯେ ହାରିଗଲା ସେ ମରିଗଲା
ବେଟା ଆର୍ ମୁହୁଁ ନାଇଁ ଦେଖେ ବିଲକୁଲ୍...

ଜିତିଗଲା ପରେ କେତେ ମଦ୍ ଶିକାର୍
ବାଁଆଁଟି ନେସନ୍ ଯାହାକେ ଯେତେ
କିଏ ପଡିଥିସି ଖତ୍ ଗଦା ଡୁଲିନ ତ
କିଏ ଡଙ୍ଗର୍ ପତରା ଖେତେ..
କେତେ ଦେଖବ ଲୋକର୍ ରକମ୍,
ହରାପାର୍ଟି ମଦୁଆ ବଝା ଛୁଟି ଯାଏସନ୍
ଦେଖି ଇ ମଦ୍ ପିଆ ଧକମ୍...

ଭୋଟର୍ ରେଜଲ୍ଟ ସରିଗଲା ପରେ
ଭୁକୁଥିସନ୍ ଲୋକ୍ କେତେ
ସଥେ ଯେନ୍ତା ନେତା,ମନ୍ତ୍ରୀମାନକର୍ ଇମାନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଏଁଠାଖିଆ କୁକୁର୍ ଯେତେ..

କମେଇ ଖାଏତେ କେଁ ପୁହେ,

ଛୁଛାଟାକେ ହେଲେ ବକ୍ ବକଉଥିସନ୍ ଯେ

ପଛେ ଇ ନେତାମନ୍ତ୍ରୀ ବି ନାଇ ପଚରନ୍ କିହେ...

 କ୍ଷମାନିଧି ସାହୁ(ପରିକ୍ଷିତ୍)

ଜାମପାଲି,ମେଲଛାମୁଣ୍ଡା,ବରଗଡ଼

୭୦୭୭୦୫୯୩୪୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉତ୍କଳ ଶିକ୍ଷା ସଂସଦ



ସନାତନ ମହାକୁଡ଼

ଉତ୍କଳ ଶିକ୍ଷା ସଂସଦ : ଓଡ଼ିଶା ବାହାରେ ଏକ ଓଡ଼ିଆ ଅନୁଷ୍ଠାନ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେ ବଞ୍ଚି ରହିବାକୁ ଭଲପାଏ । ନିଜର ବଂଶ, ଭାଷା, ଧର୍ମ ଅଥବା କର୍ମକ୍ଷେତ୍ର ଅନୁସାରେ ନିଜର ଏକ ବାସସ୍ଥଳୀକୁ ଆବୋରି ନେଇଥାଏ । ଏଥିରୁ ଜନ୍ମନିଏ ସଂଘବଦ୍ଧତା ବା ଦଳଗତ ଭାବରେ ଜୀବନଯାପନ, ଯାହା ଏକ ସଂସ୍ଥା ବା ଅନୁଷ୍ଠାନର ରୂପ ନିଏ । ବିଶ୍ୱ ଜଗତିକରଣର ସହିତ ତାଳଦେଇ ନିଜ ନିଜର କର୍ମସୂତ୍ର ଅନୁସାରେ ଆଜିର ଓଡ଼ିଶାବାସୀ କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରେ ଯଥା ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ଗୋଆ, ଦିଲ୍ଲୀ, ଗୁଜୁରାତ ଆଦି ରାଜ୍ୟରେ ବହୁଳ ଭାବରେ ବସବାସ କରି ଆସୁଛନ୍ତି । ଏହା କଲିକତାର ଝୋଟକଳ ହେଉ ଅବା ସୁରତର ଲୁଗାକଳ କିମ୍ବା ସୂଚନାପ୍ରଯୁକ୍ତିର ସହର ବାଙ୍ଗାଲୋର ହେଉ, ମଣିଷ ନିଜର ଭାଷା, ସାହିତ୍ୟ ଓ ସଂସ୍କୃତି ସହ ତାଳ ଦେଇ ନିଜକୁ ବିଭିନ୍ନ ସଂଗଠନ ସହିତ ଯୋଡ଼ି ଦେଇଥାଏ । ଏସବୁ କେବଳ ଓଡ଼ିଶାର ପଡ଼ୋଶୀ ରାଜ୍ୟଗୁଡ଼ିକ ଅଥବା ଭାରତ ଭିତରେ ନୁହେଁ, ଭାରତ ବାହାରେ ମଧ୍ୟ ଆମେରିକା ଭଳି ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ବହୁ ଓଡ଼ିଆ ପ୍ରତିଷ୍ଠାନ ଗଢ଼ି ଉଠିଥିବାର ଦେଖାଯାଇଛି ।

ଓଡ଼ିଶାର ଭାଷା ଓଡ଼ିଆ । ଏହାର ବାର ମାସରେ ତେର ପର୍ବ, ଗଭୀର ସାଂସ୍କୃତିକ ପରମ୍ପରା, ଧର୍ମ ଭାବନା, ପ୍ରାକୃତିକ ପରିବେଶ ଜନସାଧାରଣଙ୍କର ସରଳ ଜୀବନଯାପନ ଶୈଳୀ ଇତ୍ୟାଦି ସବୁ ସମୟରେ ଅନ୍ୟମାନଙ୍କୁ ଆକୃଷ୍ଟ କରି ଆସିଛି । ଏହି ଅବସରରେ

ଆହ୍ୱାନ ଇ-ପତ୍ରିକା


 Magazine Downloaded from www.aahwaan.com

ଓଡ଼ିଶା ବାହାରେ ଥିବା ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ମାନଙ୍କର ମଧ୍ୟରୁ କଲିକତା ସ୍ଥିତ ଉତ୍କଳ ଶିକ୍ଷା ସଂସଦର କାର୍ଯ୍ୟକ୍ରମ ସଂପର୍କରେ ସଂକ୍ଷିପ୍ତରେ ଆଲୋକପାତ କରାଯାଇ ପାରେ ।

ସତୁରୀ ଦଶକର ମଧ୍ୟ ଭାଗରେ ଏକ ମନୋରମ ଅପରାହ୍ନରେ ସେ ସମୟର କଲିକତାରେ କର୍ମସୂତ୍ରରେ ବସବାସ କରୁ ଆସୁଥିବା କେତେଜଣ ବିଶିଷ୍ଟ ଓଡ଼ିଆଙ୍କ ସାହିତ୍ୟ ଚର୍ଚ୍ଚାରୁ ଜନ୍ମଲାଭକରେ ଉତ୍କଳ ଶିକ୍ଷା ସଂସଦ । ଆନୁଷ୍ଠାନିକ ଭାବରେ ଏହା ଫେବୃଆରୀ ୧୬ ତାରିଖ ୧୯୭୮ ମସିହାରେ ପଶ୍ଚିମବଙ୍ଗ ସରକାରଙ୍କ ସାମାଜିକ ସଂସ୍ଥା ପଂଜୀକରଣ ନିୟମ ଅନୁସାରେ ପଂଜୀକୃତ ହୁଏ । ଏହାର ଉଦ୍ଦେଶ୍ୟ ହେଲା ଓଡ଼ିଶା ବାହାରେ ଓଡ଼ିଶାର ଭାଷା, ସାହିତ୍ୟ, ଶିକ୍ଷା, ସଂସ୍କୃତି, ପରମ୍ପରା ଇତ୍ୟାଦିକୁ ପ୍ରଚାର ଓ ପ୍ରସାର କରିବା ।

ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ନେଇ ଗଠିତ ଏହି ସଂସଦରେ ବର୍ତ୍ତମାନ ପାଞ୍ଚଶହ ପାଖାପାଖି ଆଜୀବନ ସଦସ୍ୟ ରହିଛନ୍ତି । ପ୍ରତିବର୍ଷ ବାର୍ଷିକ ସାଧାରଣ ସଭାରେ କାର୍ଯ୍ୟକର୍ତ୍ତାମାନଙ୍କୁ ମନୋନୀତ କରାଯାଇ ବର୍ଷକ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥାଏ ।

ସଂସଦର ବିଭିନ କାର୍ଯ୍ୟକ୍ରମ ମଧ୍ୟରୁ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା 'ପ୍ରତିବେଶୀ'ର ପ୍ରକାଶନ ଦୀର୍ଘ ୩୬ ବର୍ଷଧରି ପ୍ରକାଶିତ ହୋଇ ଆସୁଛି । ଏଥିରେ ଭାରତର ବିଭିନ୍ନ ସ୍ଥାନ ଏବଂ ବିଦେଶରେ ଥିବା ଉଭୟ ନବୀନ ଓ ପ୍ରବୀଣ ସାହିତ୍ୟିକ, କବି, ଲେଖକ ଓ ଗବେଷକଙ୍କ



 Magazine Downloaded from www.aahwaan.com

ଲେଖା ପ୍ରକାଶିତ ହୋଇଥାଏ । ଓଡ଼ିଶାର ସ୍ୱନାମଧନ୍ୟ ବିଶିଷ୍ଟ ସାହିତ୍ୟିକମାନେ ବିଭିନ୍ନ ସମୟରେ ଏହାର ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି । ବର୍ତ୍ତମାନ 'ପ୍ରତିବେଶୀ'ର ସମ୍ପାଦନା ଦାୟିତ୍ୱ ଶ୍ରୀଯୁକ୍ତ ପୀତାମ୍ବର ବାରିକଙ୍କ ଉପରେ ନ୍ୟସ୍ତ ଅଛି । ବହୁ ପ୍ରଶଂସା-ପୁରସ୍କାର ସହିତ ୧୯୯୧ ମସିହାରେ 'ବିଶିଷ୍ଟ ଓଡ଼ିଆ ସାହିତ୍ୟ' ପତ୍ରିକା ଭାବେ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ଓ ୨୦୧୨ ମସିହାରେ 'ବିଶିଷ୍ଟ ସମ୍ପାଦିତ ପତ୍ରିକା' ଭାବେ 'ପୁନରନବା' କେନ୍ଦ୍ରାପଡ଼ା ଦ୍ୱାରା 'ପ୍ରତିବେଶୀ' ପୁରସ୍କୃତ ହୋଇଛି ।



ଦ୍ୱିତୀୟ କାର୍ଯ୍ୟକ୍ରମଟି ହେଲା 'ଓଡ଼ିଆ ହଷ୍ଟେଲ୍' ପରିଚାଳନା । କଲିକତାରେ ରହି ଉଚ୍ଚଶିକ୍ଷା ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ପାଇଁ ଢାକୁରିଆଠାରେ ଏକ ଛାତ୍ରାବାସର ବ୍ୟବସ୍ଥା କରାଯାଇଛି । ଯେଉଁଠି ଅତ୍ୟନ୍ତ କମ ଖର୍ଚ୍ଚରେ ଉତ୍କୃଷ୍ଟ ବାତାବରଣ ମଧ୍ୟରେ ରହି ଛାତ୍ରମାନେ ନିଜର ଉଚ୍ଚଶିକ୍ଷା ଅଧ୍ୟୟନ କରୁଛନ୍ତି ।

ଏଠାରୁ ଉତ୍ତୀର୍ଣ୍ଣ ହୋଇ ବହୁ ଛାତ୍ର ଦେଶବିଦେଶର ଉଚ୍ଚ ପଦବୀରେ ନିଯୁକ୍ତ ହୋଇ ଓଡ଼ିଶା ହଷ୍ଟେଲର ଗୌରବକୁ ପ୍ରତିପାଦିତ କରୁଛନ୍ତି ।


ତୃତୀୟତଃ ସାଂସ୍କୃତିକ କାର୍ଯ୍ୟକ୍ରମ ଦୃଷ୍ଟିରୁ ଦେଖିଲେ ବର୍ଷସାରା ଓଡ଼ିଶାର ପର୍ବପର୍ବାଣୀକୁ ନେଇ କିଛି ନା କିଛି କାର୍ଯ୍ୟକ୍ରମ ଲାଗି ରହିଥାଏ । ସେଥିମଧ୍ୟରୁ ଅଗଷ୍ଟ ପନ୍ଦର (ସ୍ୱାଧୀନତା ଦିବସ), ଜାନୁଆରୀ ୨୬ (ଗଣତନ୍ତ୍ରଦିବସ), ସରସ୍ୱତୀ ପୂଜା, ଗଣେଷ ପୂଜା, ରଜପର୍ବ, ମହାପୁରୁଷଙ୍କ ଜନ୍ମ ଉତ୍ସବ ତଥା ଶ୍ରାଦ୍ଧୋତ୍ସବ ପାଳନ, ଶୀତକାଳୀନ ବନ୍ଧୁମିଳନ, ପଶ୍ଚିମବଙ୍ଗରେ ଥିବା ସମସ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇ ବିଭିନ୍ନ ପ୍ରତିଯୋଗୀତାର ଆୟୋଜନ ତଥା ପୁରସ୍କାର ଓ ମାନପତ୍ର ପ୍ରଦାନ, ସଂସଦର ବାର୍ଷିକ ଉତ୍ସବ ପାଳନ ଓ ଉତ୍କଳ ଦିବସ ପାଳନ ଇତ୍ୟାଦି ଅନ୍ୟତମ । ଉତ୍କଳଦିବସ ପାଳନ ଅବସରରେ ଓଡ଼ିଶାରୁ ନିମନ୍ତ୍ରିତ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥିଙ୍କ ଓଜସ୍ୱୀ ଭାଷଣ ସହିତ ସମୟାନୁକ୍ରମେ ଆମନ୍ତ୍ରିତ ବିଭିନ୍ନ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ, ସଙ୍ଗୀତ ଓ ବାଦ୍ୟ ଇତ୍ୟାଦିର ପ୍ରଦର୍ଶନ କରାଯାଇଥାଏ ।

ଭାଷା ସାହିତ୍ୟର ପ୍ରସାର ଦୃଷ୍ଟିରୁ ତ୍ରୈମାସିକ 'ପ୍ରତିବେଶୀ' ପତ୍ରିକା ଓ ବାର୍ଷିକ 'ସ୍ମରଣିକା' ପ୍ରକାଶନ ଓ ପ୍ରସାର ସହିତ ବିଶିଷ୍ଟ ଔପନ୍ୟାସିକ କାଳିନ୍ଦୀ ଚରଣ ଜେନାଙ୍କ ଉପନ୍ୟାସ 'ଫାଶ' ଏବଂ ସାହିତ୍ୟିକ ମନୋଜ ପଟ୍ଟନାୟକଙ୍କ ଦ୍ୱାରା ପ୍ରଖ୍ୟାତ ବଙ୍ଗାଳୀ ଔପନ୍ୟାସିକ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟଙ୍କ 'ଚାନ୍ଦେର୍ ପାହାଡ଼'ର ଓଡ଼ିଆ ଅନୁସୃଜନ 'ଜହ୍ନ ପାହାଡ଼' ମଧ୍ୟ ପ୍ରକାଶିତ ହୋଇଛି ।





ନିକଟରେ ଉତ୍କଳ ଶିକ୍ଷା ସଂସଦ ଆଉ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି । ତାହା ହେଉଛି କଲିକତାର ଆଭିଜାତ୍ୟ ସମ୍ପର୍ନ୍ନ ଅଞ୍ଚଳ ସଲ୍ଟଲେକ୍ ସିଟି ସେଣ୍ଟର ନିକଟରେ ସଂସଦର 'ସଂସ୍କୃତି ଭବନ' ସ୍ଥାପନ ।

ଓଡ଼ିଶାର ସାହିତ୍ୟ, ସମାଜ ସେବା ଓ ଅନ୍ୟାନ୍ୟ କ୍ଷେତ୍ରର ବହୁ ଖ୍ୟାତନାମା ବ୍ୟକ୍ତିବିଶେଷ ବିଭିନ୍ନ ସମୟରେ ସଂସଦର ଢାକୁରିଆ ସ୍ଥିତ କାର୍ଯ୍ୟାଳୟ ଏବଂ ସଲ୍ଟଲେକ୍ ସ୍ଥିତ 'ସଂସ୍କୃତ ଭବନ'ର ପରିଦର୍ଶନରେ ଆସିଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com



ସାମାଜିକ ଦାୟିତ୍ୱବୋଧତା ଦୃଷ୍ଟିରୁ ଓଡ଼ିଶା, ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ରାଜ୍ୟରେ ବିଭିନ୍ନ ସମୟରେ ଘଟୁଥିବା ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଦସ୍ୟମାନଙ୍କଠାରୁ ସଂଗୃହୀତ ଦାନରାଶି ଓଡ଼ିଶା ସରକାରଙ୍କ ରିଲିଫ୍ ପାଣ୍ଠି ଜରିଆରେ ପ୍ରଦାନ କରାଯାଇଥାଏ ।

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨, ନୟାଗଡ଼, ଓଡ଼ିଶା

ଭ୍ରାମ୍ୟଭାଷ : ୦୯୩୩୯୭୨୦୧୭୮

ଇମେଲ୍ : sanmahakud@gmail.com

ସାଇଟ୍ : www.sanatanmahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିବାଦୀୟ ବୀର୍ ସାବରକର୍



ଏ ପି ଶୁଭକାନ୍ତ

ବିନାୟକ ଦାମୋଦର ସାବରକର କେବଳ ସ୍ୱାଧୀନତା ସଂଗ୍ରାମୀ ନଥିଲେ,ଏକାଧାରରେ ଜଣେ କବି ଲେଖକ,ଦାର୍ଶନିକ ତଥା ଜଣେ ସମାଜ ସୁଧାରକ ଥିଲେ । ତାଙ୍କର ସ୍ପଷ୍ଟ ହିନ୍ଦୁତ୍ୱବାଦୀ ବିଚାରଧାରା ପାଇଁ ଯେତିକି ବିବାଦକୁ ଆସିନଥିଲେ ଏବେ କିଛି ରାଜନୈତିକ ଗୋଷ୍ଠୀର ସ୍ୱାର୍ଥଦୃଷ୍ଟିରୁ ଅଧିକ ବିବାଦ ଘେରରେ ଅଛନ୍ତି, କେବଳ ବୀର୍ ସାବରକର୍ ନୁହନ୍ତି ପ୍ରାୟତଃ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବିରୋଧରେ ଆସୁଥିବା ଅଭିଯୋଗ ଓ ବିବାଦ କଳ୍ପନା ପ୍ରସୂତ ।

ଗତ ୨୮ ମଇ ବୀର ସାବରକରଙ୍କ ଜନ୍ମ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ଛତିଶଗଡର ମୁଖ୍ୟମନ୍ତ୍ରୀ ଭୂପେଶ୍ ବଘେଲା ବୟାନ ଦେଇଛନ୍ତି ସାବରକରଙ୍କୁ କାହିଁକି ଏତେ ସମ୍ମାନ ଦିଆଯାଉଛି । ଧର୍ମ ଭିତ୍ତିରେ ଦେଶ ବିଭାଜନ ସାବରକରଙ୍କ ନୀତି ଥିଲା, ଜିନ୍ନା ତ କେବଳ ଯାକୁ ସଫଳ କରିଥିଲେ । ଏହା ପୂର୍ବରୁ ମଧ୍ୟ କିଛିଦିନ ପୂର୍ବରୁ ରାଜସ୍ଥାନର ରାଜ୍ୟ ସରକାର ପାଠ୍ୟପୁସ୍ତକର ବିଷୟରୁ ସାବରକରଙ୍କ ନାମ ପୂର୍ବରୁ ବୀର ଶବ୍ଦ ଉଚ୍ଛେଦ କରିଛନ୍ତି ତଥା ତାଙ୍କୁ "Son of Portugal" ବୋଲି ଉଲ୍ଲେଖ କରିଛନ୍ତି । ଗୋଆରେ ମଧ୍ୟ ବୀର ସାବରକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନକୁ ନେଇ ବିରୋଧୀ ମାନେ ବିରୋଧ ପ୍ରକାଶ କରିଛନ୍ତି । ବିବାଦ ଯେ କେବଳ ଏବେ ସୃଷ୍ଟି ହୋଇଛି ତାହା ନୁହେଁ ୩ ବର୍ଷ ତଳେ ଅର୍ଥାତ୍ ୨ ମାର୍ଚ୍ଚ ୨୦୧୭ରେ ଲୋକସଭାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଅଧ୍ୟକ୍ଷ ସଂସଦରେ ଏକଥା ମଧ୍ୟ କହିବାକୁ ପଛାଇନଥିଲେ **"ଗାନ୍ଧୀ ଆମର, ସାବରକର୍**

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

**ତୁମର"** ଉକ୍ତ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ତରଫରୁ ୨୩ ମାର୍ଚ୍ଚ ୨୦୧୬ରେ ମଧ୍ୟ ଭଗତ ସିଂହ ଏବଂ ବୀର ସାବରକରଙ୍କ ତୁଳନାତ୍ମକ ଚିତ୍ର ଟୁଇଟରରେ ଛାଡି ଭଗତ ସିଂହ ଶହୀଦ ଆଉ ବୀର ସାବରକରଙ୍କୁ ଦେଶଦ୍ରୋହୀ ଉଲ୍ଲିଖିତ କରାଯାଇଥିଲା । ଏହି ସବୁ ବିବାଦ ଓ ଏହାର ଆଧାରକୁ ବୁଝିବାକୁ ହେଲେ ପ୍ରଥମେ ସାବରକରଂକ୍ ଜୀବନ ବିଷୟରେ ସଂକ୍ଷେପରେ ଜାଣିବାକୁ ପଡ଼ିବ ।

ବିନାୟକ ଦାମୋଦର ସାବରକର୍ ୨୮ ମଇ ୧୮୮୩ରେ ନାସିକ୍ ନିକଟବର୍ତ୍ତୀ ଭାଗୁର୍ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଭାରତର ପ୍ରଥମ ନେତା ଯେ ଇଂରେଜମାନଙ୍କ ବିରୋଧରେ ୧୯୦୫ରେ କଲେଜ୍ ରେ ପଢୁଥିବା ବେଳେ ପୁନେଠାରେ ବିଦେଶୀ ବର୍ଜନ ଡାକରା ଦେଇ ବିଦେଶୀ ବସ୍ତ୍ର ଜାଳିଥିଲେ । ୧୮୫୭ର ମହାନ୍ ସିପାହୀ ବିଦ୍ରୋହକୁ ନେଇ ଅନେକ ତଥ୍ୟଭିତ୍ତିକ ଗବେଷଣା କରି ଏକ ପୁସ୍ତକ ରଚନା କରିଥିଲେ, ଯାହା ପ୍ରକାଶିତ ହେବା ପୂର୍ବରୁ ତା ଉପରେ ଦୁଇ ଦୁଇ ଥର ପ୍ରତିବନ୍ଧକ ଲାଗିସାରିଥିଲା । ୧୯୦୫ରୁ ୧୯୦୯ ମଧ୍ୟରେ ବିଭିନ୍ନ ଭାଷଣ ଓ ପତ୍ରପତ୍ରିକାରେ ପ୍ରକାଶିତ ତାଙ୍କ ଲେଖା ଇଂରେଜ ସରକାରଙ୍କ ବିରୋଧରେ ତ୍ୱରକ ରୂପେ କାର୍ଯ୍ୟ କରିଥିଲା । ଲଣ୍ଡନରେ ଓକିଲାତି ପାସ୍ କରିଥିଲେ ବି ତାଙ୍କୁ ଓକିଲାତି କରିବାକୁ ଅନୁମତି ଦିଆଯାଇନଥିଲା । ପାଠ ପଢୁଥିବା ସମୟରେ ସେ ମିତ୍ର ମେଳା, ଅଭିନବ ଭାରତ, ଫ୍ରୀ ଇଣ୍ଡିଆ ସୋସାଇଟିକୁ ଗଠନ କରି ଭାରତୀୟ ଛାତ୍ର ମାନଙ୍କ ମଧ୍ୟରେ ଦେଶପ୍ରେମ ବହ୍ନି ଜାଳିଥିଲେ । ଏହି ସମୟରେ ସାବରକର୍ ଏକ ଭାଷଣରେ କହିଥିଲେ, **"ହିନ୍ଦୁମାନେ ହେଉଛନ୍ତି ଭାରତବର୍ଷର ପ୍ରାଣବିନ୍ଦୁ କିନ୍ତୁ ଇନ୍ଦ୍ରଧନୁ ଯେପରି ଗୋଟିଏ ରଙ୍ଗ ନ ହୋଇଅନ୍ୟ ରଙ୍ଗ ସହ ମିଶି ସୁନ୍ଦର ଦିଶିଥାଏ ଠିକ୍ ସେହିପରି ମୁସଲିମ ଶିଖ ଜୈନ ଓ ଇସାଇ (ଖ୍ରୀଷ୍ଟ ଧର୍ମାବଲମ୍ବୀ)ମାନଙ୍କ ସହ ସମନ୍ୱୟ ଓ ସହାବସ୍ଥାନ ରକ୍ଷା କଲେ ଭାରତ**

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

**ସୁନ୍ଦର ଲାଗିବ ।"**

ୱିଲିୟମ୍ ହାର୍ଟ କର୍ଜନ୍ ଙ୍କ ମୃତ୍ୟୁରେ ସଂପୃକ୍ତି ଆଧାରରେ ତାଙ୍କୁ ୧୩ ମଇ ୧୯୧୦ରେ ଗିରଫ କରାଯାଇଥିଲା । ସେଠାରୁ ଭାରତ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଜାହାଜରୁ ଖସିବାର ଚେଷ୍ଟା କରି ବିଫଳ ହେବାପରେ ତାଙ୍କୁ ପୁନେର ୟେରୱାଡ଼ା ଜେଲରେ ରଖାଗଲା । ୨୪ ଡିସେମ୍ବର ୧୯୧୦ ଓ ୩୧ ଜାନୁୟାରୀ ୧୯୧୧ରେ ତାଙ୍କୁ ଦୁଇ ଥର ଆଜୀବନ କାରାଦଣ୍ଡ ସହିତ କଳାପାଣି ପଠାଇଦିଆଗଲା । ବିଶ୍ୱ ଇତିହାସରେ ବୀର ସାବରକର୍ ଏକମାତ୍ର ବ୍ୟକ୍ତି ଯାହାଙ୍କୁ ଦୁଇ ଦୁଇ ଥର ଆଜୀବନ କାରାଦଣ୍ଡ ହୋଇଛି । ରାଜନୀତିକ ବ୍ୟକ୍ତି ହୋଇଥିଲେ ହେଁ ରାଜନୈତିକ ବନ୍ଦୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗରୁ ତାଙ୍କୁ ଦୁରେଇ ରଖାଯାଇଥିଲା । କଳାପାଣିରେ ବନ୍ଦୀମାନଙ୍କୁ ଅକଥନୀୟ ଅତ୍ୟାଚାର ତଥା ପଶୁବତ୍ ବ୍ୟବହାର କରାଯାଉଥିଲା । ବିଭିନ୍ନ ରାଜନୈତିକ ଚାପ ଓ ଲୋକଙ୍କ ସମର୍ଥନ କାରଣରୁ ତାଙ୍କୁ ୨୧ ମଇ ୧୯୨୧ରେ ପୁନେ ଜେଲକୁ ସ୍ଥାନାନ୍ତର କରାଯାଇଥିଲା ଓ ପରେ ୧୯୨୪ରେ ତାଙ୍କୁ ଜେଲ୍ ରୁ ଛାଡିଦିଆଗଲା ସତ କିନ୍ତୁ ୧୦ ମଇ ୧୯୩୭ ପର୍ଯ୍ୟନ୍ତ ନଜରବନ୍ଦୀ କରି ରଖାଯାଇଥିଲା । ତାଙ୍କର ସମସ୍ତ ରାଜନୈତିକ ଗତିବିଧି ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ୧୯୨୪ ରୁ ୧୯୩୭ ଏହି ସମୟରେ ମଧ୍ୟ ସେ ଗୁପ୍ତରେ କ୍ରାନ୍ତିକାରୀମାନଙ୍କ ସହ ସମ୍ପର୍କରେ ଥିଲେ । ଏହି ସମୟରେ ସେ ସାମାଜିକ ସମତା ଆଣିବାପାଇଁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଥିଲେ । ଜେଲରେ ଥିବା ସମୟରେ ହିନ୍ଦୁତ୍ୱକୁ ନେଇ ଲେଖିଥିଲେ, **"ହିନ୍ଦୁ କହିଲେ କୌଣସି ନିର୍ଦ୍ଦିଷ୍ଟ ଜାତି ବା ଧର୍ମ ନୁହେଁ ହିନ୍ଦୁସ୍ଥାନ (ଭାରତ)ରେ ବାସ କରୁଥିବା ସମସ୍ତ ଅଧିବାସୀ ଯେଉଁମାନଙ୍କ ମାତୃଭୂମି ପିତୃଭୂମି ତଥା ପୁଣ୍ୟଭୂମି ହିନ୍ଦୁସ୍ଥାନ(ଭାରତ) ସେମାନେ ହିନ୍ଦୁ ।"**

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୯୩୭ରୁ ମୁକ୍ତ ହେବାପରେ କଂଗ୍ରେସର ସଦସ୍ୟତା ସ୍ୱୀକାର ନକରି ସାବରକର୍ ହିନ୍ଦୁ ମହାସଭାର ଅଧ୍ୟକ୍ଷ ପଦ ୧୯୪୩ ପର୍ଯ୍ୟନ୍ତ ସମ୍ଭାଳିଥିଲେ । ୧୯୩୯ରେ ହାଇଦ୍ରାବାଦ୍ ର ନିଜାମ୍ ଙ୍କ ହିନ୍ଦୁ ବିରୋଧୀନୀତି ବିରୁଦ୍ଧରେ ହିନ୍ଦୁ ମହାସଭାର ଆନ୍ଦୋଳନର ମୂଖ୍ୟ ସୂତ୍ରଧର ଥିଲେ ସାବରକର୍, ଯାହା ଫଳରେ ହିନ୍ଦୁମାନଙ୍କୁ ରାଜନୀତି କ୍ଷେତ୍ରରେ ୫୦% ସଂରକ୍ଷଣ ମିଳିଥିଲା । ୧୯୪୭ ଡିସେମ୍ବର ୧୦ ରେ ପାଲେଷ୍ଟାଇନରେ ଜୀଉ ମାନେ କରୁଥିବା ସ୍ୱତନ୍ତ୍ର ରାଷ୍ଟ୍ର ଆନ୍ଦୋଳନକୁ ସେ ସମର୍ଥନ କରୁଥିଲେ କିନ୍ତୁ ସେତେବେଳର ସରକାର ତୁଷ୍ଟିକରଣପାଇଁ ଜାତିସଂଘରେ ଏହାକୁ ବିରୋଧ କରୁଥିଲେ । ମହାତ୍ମା ଗାନ୍ଧୀଙ୍କ ହତ୍ୟା ଓ ହିନ୍ଦୁ ମହାସଭାର ସଂପୃକ୍ତି କହି ବୀର ସାବରକରଙ୍କୁ ଗିରଫ କରାଯାଇଥିଲା କିନ୍ତୁ ଏହା ଅମୂଳକ କହି ବିଚାରାଳୟ ତାଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରିଥିଲେ । ସାବରକର୍ ହିନ୍ଦୁତ୍ୱବାଦୀ ହେଲେ ହେଁ ଅନ୍ୟ ଧର୍ମକୁ ମଧ୍ୟ ସମ୍ମାନ ଦେଉଥିଲେ, ସେ ସିନ୍ଧୁ ପ୍ରଦେଶରେ ମୁସଲିମ ଲିଗ୍ ସହ ହିନ୍ଦୁ ମହାସଭାର ମେଣ୍ଟ ମଧ୍ୟ କରିଥିଲେ ।

ଜୀବନରେ ସାବରକର୍ ଙ୍କର ଏକମାତ୍ର ସ୍ୱପ୍ନ ଥିଲା 'ଅଖଣ୍ଡ ଭାରତ' ଯାହାକି ସ୍ୱପ୍ନ ହୋଇ ରହିଗଲା । ଜୀବନର ଶେଷଭାଗରେ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରି ସଂଗଠନ ସହ ଜଡ଼ିତ ଥିଲେ । ସ୍ୱାଧୀନତା ପରେ ମଧ୍ୟ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗରୁ ବୀର ସାବରକର୍ ଙ୍କୁ ବଞ୍ଚିତ କରାଯାଇଥିଲା । ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବହାଦୂର୍ ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବାପରେ ତାଙ୍କୁ ପେନସନ ଦିଆଯାଇଥିଲା । ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଗୁଡ଼ିକରୁ ତାଙ୍କୁ ଦୁରେଇ ରଖାଯାଉଥିଲା ।

ଜୀବନର ଶେଷ ସମୟରେ ସେ ଖାଦ୍ୟପେୟ ତ୍ୟାଗ କରି 'ଆତ୍ମାର୍ପଣ' କରିଥିଲେ, ମୃତ୍ୟୁ ପୂର୍ବରୁ ସେ **'ଆତ୍ମହତ୍ୟା ନୁହେଁ ଆତ୍ମାର୍ପଣ'** ନାମରେ ଏକ ଲେଖା ଲେଖିଥିଲେ । ୨୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେବୃଆରୀ ୧୯୬୬ରେ ତାଙ୍କ ମୃତପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ୨୦୦୦ରୁ ଅଧିକ ସ୍ୱୟଂସେବକ ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ୍ ହୋଇ ତାଙ୍କୁ ସମ୍ମାନ ପ୍ରଦାନ କରିଥିଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ରେଡ଼ିଓରେ ବୀର ସାବରକରଙ୍କ ତ୍ୟାଗ, ବଳିଦାନ ଓ ଦେଶଭକ୍ତିକୁ ପ୍ରଶଂସା କରି ସମସ୍ତଙ୍କୁ ତାଙ୍କ ପରି ହେବାକୁ କହିଥିଲେ । ୧୯୭୦ରେ ସାବରକରଙ୍କ ସମ୍ମାନରେ ଡାକଟିକଟ ମଧ୍ୟ ପ୍ରଚଳନ କରିଥିଲେ । ସେ ରହୁଥିବା ଜେଲକୁ ସାବରକର୍ ସ୍ମୃତିସ୍ମାରକୀ କରାଯାଇଛି । ବ୍ରିଟେନ ସରକାରଙ୍କ ପକ୍ଷରୁ ସାବରକର୍ ରହୁଥିବା ଇଣ୍ଡିଆହାଉସ୍ କୁ ମଧ୍ୟ ତାଙ୍କ ସ୍ମୃତିସ୍ମାରକୀ କରାଯାଇଛି । ୨୦୦୨ରେ ପୋର୍ଟବ୍ଲେୟରର ବିମାନବନ୍ଦରକୁ ବୀର ସାବରକରଙ୍କ ନାମାନୁସାରେ ନାମକରଣ କରାଯାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଥରେ ପୁନେରେ ସାବରକର୍ ଜୟନ୍ତୀ ଅବସରରେ କହିଥିଲେ, **"ସାବରକର୍ ମାନେ ତତ୍ତ୍ୱ, ସାବରକର୍ ମାନେ ତର୍କ, ସାବରକର୍ ମାନେ ତାରୁଣ୍ୟ, ସାବରକର୍ ମାନେ ତେଜ, ସାବରକର୍ ମାନେ ତ୍ୟାଗ୍ ଏବଂ ସାବରକର୍ ମାନେ ତପ ।"**

ଏବେ ପ୍ରଶ୍ନ ଉଠୁଛି ତାଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦର ଭୁପେଶ୍ ବଘେଲା ଯେଉଁ ବୟାନ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଅମୂଳକ ଏକଥା ସେ ବି ଭଲ ଭାବରେ ଜାଣିଥିବେ ଦେଶର ବିଭାଜନ ପାଇଁ ପ୍ରକୃତରେ କେଉଁମାନେ ଦାୟୀ ? ଧର୍ମଭିତ୍ତିରେ ବିଭାଜନ ସୟଦ୍ ଅହମଦ ଖାନ୍ ଙ୍କ ନୀତି ଥିଲା । ଦେଶ ବିଭାଜନକୁ ନେଇ ସମ୍ବିଧାନ ପ୍ରଣେତା ବାବା ସାହେବ୍ ତାଙ୍କ ପୁସ୍ତକ "Pakistan and the partition of India (1947)" ରେ ଏକଥା ଉଲ୍ଲେଖ କରିଛନ୍ତି ଯେ "ଭାରତର ବିଭାଜନକୁ ବୀର ସାବରକର୍ ପ୍ରଥମରୁ ବିରୋଧ କରି ଆସୁଥିଲେ, **ସାବରକରଙ୍କ ମତରେ ଭାରତ ମଧ୍ୟରେ ଦୁଇଟି ରାଷ୍ଟ୍ର(ସାଂସ୍କୃତିକ ଓ ଧାର୍ମିକ ଆଧାରରେ)**

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

**ବସିବା ଦରକାର କିନ୍ତୁ ଭାରତ ଦୁଇଟି ରାଷ୍ଟ୍ରରେ ପରିଣତ ହେବା ଅନୁଚିତ୍ ।"**

ଆଉ ରହିଲା ଦ୍ୱିତୀୟ ଆରୋପ କ୍ଷମାପ୍ରାର୍ଥନା କରିବା ଯାହାକୁ ନେଇ ସେମାନେ ପାଠ୍ୟପୁସ୍ତକରେ ମହାପୁରୁଷଙ୍କ ଉପରେ ଆଙ୍ଗୁଠି ଉଠାଇଛନ୍ତି ଆଉ ଯୁକ୍ତି ରଖିଛନ୍ତି ଇତିହାସକୁ ଅନୁଧ୍ୟାନ କରି ସେମାନେ ଏପରି କରିଛନ୍ତି । ସେମାନେ ଜୟନ୍ତ ଯୋଗଲେକରଙ୍କ ପୁସ୍ତକ 'The father of Hindu nationalism' ଦେଖନ୍ତୁ ଯେଉଁଠାରେ ସ୍ପଷ୍ଟ ଭାବେ ଉଲ୍ଲିଖିତ ଅଛି **'ଇଂରେଜ ମାନଙ୍କୁ କ୍ଷମାପ୍ରାର୍ଥନା ବୀର ସାବରକରଙ୍କ ରଣନୀତିର ଏକ ଅଂଶଥିଲା ଯେପରି ଛତ୍ରପତି ଶିବାଜୀ ମହାରାଜ ଔରଙ୍ଗଜେବଙ୍କୁ ଚିଠି ଲେଖି ଆଗ୍ରା ନିମନ୍ତ୍ରଣ କରିଥିଲେ ।'** ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ମଧ୍ୟ ଅନେକ ନେତା ଏହିପରି ରଣନୀତି ଆପଣାଇଥିଲେ ।

ବର୍ତ୍ତମାନର ଦେଶର ପରିସ୍ଥିତିକୁ ଦେଖିଲେ ଭାରି ଦୁଃଖ ଲାଗୁଛି ଯେଉଁମାନେ ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜର ଜୀବନ ବାଜି ଲଗାଇଦେଲେ, ସେମାନଙ୍କ ତ୍ୟାଗ ଓ ବଳିଦାନର କଣ କୌଣସି ମୂଲ୍ୟ ନାହିଁ । ଜୀବନବ୍ୟାପୀ ସଂଗ୍ରାମ କରିଥିବା ବ୍ୟକ୍ତି କଣ ମୃତ୍ୟୁ ପରେ ବି ଟିକେ ସମ୍ମାନ ପାଇବନି । କେବଳ ଯେ ବୀର ସାବରକର୍ ନୁହନ୍ତି ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମୀ ଅଛନ୍ତି, ଯେଉଁମାନେ ବିଭିନ୍ନ ରାଜନୈତିକ ଗୋଷ୍ଠୀଙ୍କ କୁତ୍ସିତ ରାଜନୈତିକ ଅଭିସନ୍ଧି ଆଗରେ ବଳି ପଡ଼ୁଛନ୍ତି । କିଛି ରାଜନୈତିକ ଦଳ ଯେଉଁ ବିଚାରଧାରାକୁ ନେଇ ଗଠିତ ହୋଇଥିଲା ଏବେ ସେ ବିଚାରଧାରା ଠାରୁ ଅନେକ ଦୂରରେ । ସମସ୍ତ ରାଜନୈତିକ ଦଳକୁ ଏତିକି ଅନୁରୋଧ ନିଜ ଶସ୍ତା ରାଜନୀତି ପାଇଁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମୂଲ୍ୟବୋଧ ତ୍ୟାଗ ସଂଘର୍ଷ କୁ ବଳି ନ ପକାନ୍ତୁ ।

ଦାଣ୍ଡହରିପୁର, ଖଡ଼ିଆଙ୍ଗ, ବଡଚଣା, ଯାଜପୁର ୭୫୫୦୪୯, ୮୨୮୦୭୩୦୭୦୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୌଦ୍ଧିକ ଚୈତନ୍ୟ



ପ୍ରମୋଦକୁମାର ପଣ୍ଡା

(୧)

ବୌଦ୍ଧିକ ଚୈତନ୍ୟ ସମ୍ବନ୍ଧରେ ଲେଖିବା ପୂର୍ବରୁ ପ୍ରଥମରୁ ମୁଁ କହି ରଖେ ଯେ ମୁଁ ଶାସ୍ତ୍ରଜ୍ଞ ନୁହେଁ କିମ୍ବା ଶାସ୍ତ୍ରାର୍ଥ ମୋର ବୁଦ୍ଧି ଅନୁସାରେ କରିବା ନିମନ୍ତେ ସମର୍ଥ ନୁହେଁ । ଯାହା ପଢିଲି, ଦେଖିଲି ତାକୁ କେବଳ ସଂଗ୍ରହ କରି ଏଠାରେ ଉପସ୍ଥାପନା କରୁଛି ।

ବୁଦ୍ଧିମତା ରୂପକ ଚେତନା ଅଥବା ବୌଦ୍ଧିକ ଚୈତନ୍ୟ ଅନ୍ତଃସ୍ଥ ଅନୁଭବର ଏକ ଅନ୍ତର୍ମୁଖୀ ପ୍ରକ୍ରିୟା, ଯାହା ବ୍ରହ୍ମାଣ୍ଡକୁ ଗତିଶୀଳ କରିଥାଏ; ଯାହା ସ୍ଥାଣୁତା ଅର୍ଥାତ୍ପ୍ରଳୟର ଅନ୍ଧକାରରୁ ରକ୍ଷା କରିଥାଏ । ଆଧ୍ୟାତ୍ମିକି ଜଗତରେ ଗତିଶୀଳ ପ୍ରକୃତିକୁ ଦୁଇ ଭାଗରେ ବଣ୍ଟା ଯାଇଅଛି । ଗୋଟିଏ ଜଡ ଓ ଅନ୍ୟଟି ଚେତନ । ଜଡରୁ ଚେତନରେ ପରିବର୍ତ୍ତନ ଜ୍ଞାନ ପିପାସୁଙ୍କ ସଂପ୍ରସାରିତ ଅହଙ୍କାର ଅବସ୍ଥାରେ ଘଟିତ ହୋଇଥାଏ । ଅହଙ୍କାରରୁ ନିର୍ଗତ ଏହି ବୁଦ୍ଧିରୂପୀ ଚୈତନ୍ୟ ବିଷୟରେ ଭଗବତ୍ଗୀତାର ନିମ୍ନ ଶ୍ଳୋକରେ ବ୍ୟାଖ୍ୟା କରା ଯାଇଛି ।

*ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।*

*ମଦ୍ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ॥ (ଗୀତା ୧୦.୬)*

ସାତ ଜଣ ଋଷି, ପ୍ରଥମ ଚାରି ଜଣ ଓ ମନୁ ଯାହାଙ୍କ ଠାରୁ ଏହି ବ୍ରହ୍ମାଣ୍ଡର ନିର୍ମାଣ ହୋଇଛି, ମୋର ହିଁ ମାନସ ଭାବ-ଉତ୍ପତ୍ତି ଅଟନ୍ତି ।

ଉପରୋକ୍ତ ଶ୍ଳୋକ ଉପରେ ଗୀତା ରହସ୍ୟରେ ବାଳ ଗଙ୍ଗାଧର ତିଳକ ତାଙ୍କ ମତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତ କରି କହିଲେ ଯେ ଭଗବତ୍‌ଗୀତା ରେ କେବଳ ଭଗବତ୍‌ଧର୍ମଦର୍ଶନକୁ ଗ୍ରହଣ କରା ଯାଇଛି । ଭଗବତ୍‌ଅବଧାରଣାର ବ୍ରହ୍ମାଣ୍ଡ ସୃଷ୍ଟିକୁ ଧ୍ୟାନରେ ରଖିଲେ ଏକତ୍ରିତ ରୂପେ ଚତୁର୍ବ୍ୟୂହଃ ରୂପେ ନାମିତ ଚାରୋଟି ଅସ୍ତିତ୍ୱ ଯଥାକ୍ରମେ ବାସୁଦେବ (**ଆତ୍ମନ**), ସଙ୍କର୍ଷଣ (**ଜୀବ**), ପ୍ରଦ୍ୟୁମ୍ନ (**ମନ**), ଓ ଅନିରୁଦ୍ଧ (**ଅହଂକାର, ମୁଁକାର**) ଅଟନ୍ତି । ଏମାନଙ୍କ ମଧ୍ୟରୁ ସର୍ବଶେଷ ଅସ୍ତିତ୍ୱ, ଅନିରୁଦ୍ଧ ଅର୍ଥାତ୍‌ବ୍ରହ୍ମଦେବ, ଙ୍କ ଠାରୁ ମରିଚି ଇତ୍ୟାଦି ମାନସ ପୁତ୍ର ଜନ୍ମ ନେଇଛନ୍ତି (**ମହାଭାରତ, ସଂସ୍କୃତ, ୩୩୯.୩୪-୪୦ ଓ ୬୦-୭୨; ୩୪୦.୨୭-୩୧; ସୌ: ଗୀତା ରହସ୍ୟ**) ।

ଯେତେବେଳେ ଭଗବତ୍ ଧର୍ମଦର୍ଶନର ଅନ୍ୟ କିଛି ଅନୁଗାମୀ ଏହି ଚାରି ଅସ୍ତିତ୍ୱ ପରସ୍ପର ଠାରୁ ସ୍ୱାଧୀନ, ତଥା ଆଉ କିଛି ଅନୁଗାମୀ ଏହି ଚାରି ମଧ୍ୟରୁ ଦୁଇଟି କିମ୍ବା ତିନୋଟି ଅସ୍ତିତ୍ୱକୁ ହିଁ ମହତ୍ତ୍ୱ ଦେଇଥାନ୍ତି । କିନ୍ତୁ ଗୀତା ରହସ୍ୟ ୨୬୬ ଓ ୭୫୬ ପୃଷ୍ଠାରେ ଚତୁର୍ବ୍ୟୂହ ସମ୍ବନ୍ଧରେ ନିଜ ମତ ସପକ୍ଷରେ ଗଙ୍ଗାଧର ତିଳକ ଗୀତାକୁ ଉଦ୍ଧୃତ କରି କହିଛନ୍ତି ଯେ ଏକବ୍ୟୁହପନ୍ଥୀ, ଅର୍ଥାତ୍‌ଏହି ଚତୁର୍ବ୍ୟୂହ ପରମେଶ୍ୱରଙ୍କ ଠାରୁ ଭିନ୍ନ ଓ ସମଗ୍ର ଜଗତ ଧାଡ଼ି କ୍ରମେ ପରମେଶ୍ୱରଙ୍କ ଠାରୁ ଉତ୍ପତ୍ତିର ବିଚାର ଭଗବତ୍‌ଗୀତାରେ ସ୍ୱୀକାର କରା ଯାଇନାହିଁ । ଶ୍ରୀକୃଷ୍ଣ ଗୀତାରେ ପୁନଃଶ୍ଚ କହୁଛନ୍ତି,

*ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।*

*ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି । (ଗୀତା ୧୫.୭)*

ଅର୍ଥାତ୍, ଜୀବମାନଙ୍କ ଏହି ସଂସାରରେ ମୋର ଗୋଟିଏ ଶାଶ୍ୱତ ଅଂଶ ଜୀବାତ୍ମା ରୂପେ ବାହ୍ୟ ପ୍ରକୃତିରେ (**ନିଜ ପାଇଁ**) ପଞ୍ଚେନ୍ଦ୍ରିୟ ତଥା ଷଷ୍ଠ ଇନ୍ଦ୍ରିୟ ରୂପରେ ମନକୁ ପ୍ରାପ୍ତ କରି ରହିଥାଏ । ଏହା ଗଙ୍ଗାଧର ତିଳକଙ୍କର ବିଚାରକୁ ପ୍ରମାଣିତ କରୁଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀକୃଷ୍ଣ ଆହୁରି ମଧ୍ୟ କହୁଛନ୍ତି,

*ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ମାଂ ପ୍ରପଦ୍ୟତେ ।*

*ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥ (ଗୀତା ୭ ।୧୯)*

ଅର୍ଥାତ୍, ଅନେକ ଜନ୍ମର ଅନ୍ତରେ ସବୁକିଛି ବାସୁଦେବ ହିଁ ଅଟେ ଭାବି ମୋ ଠାରେ ଶରଣ ନେବାରେ ବ୍ୟକ୍ତିମାନେ ବିରଳ ଅଟନ୍ତି, ସେଥିପାଇଁ ଚତୁର୍ବ୍ୟୂହର ପ୍ରଥମ ଅସ୍ତିତ୍ୱ ଯେ ବାସୁଦେବ ଅଟନ୍ତି; ଏହା ଅନନ୍ୟ ପରମେଶ୍ୱରଙ୍କ ଭାବ-ଅବସ୍ଥା, ଗୀତା ଏହାକୁ ସ୍ୱୀକାର କରୁଛନ୍ତି ।

ଏହି ଚାରି ଅବସ୍ଥା ମଧ୍ୟରୁ ସୃଷ୍ଟି ସଂରଚନା ନିମନ୍ତେ ଉତ୍ତରଦାୟୀ ବ୍ରହ୍ମା ରୂପକ ଅନିରୁଦ୍ଧ, ଯାହାଙ୍କ କଳ୍ପନା ପୁରାଣ ମାନଙ୍କରେ ଶ୍ରୀବିଷ୍ଣୁଙ୍କ ନାଭି-ଚକ୍ରରୁ ବାହାରିଥିବା ପଦ୍ମ ମଧ୍ୟରେ ଅବସ୍ଥାନ ରୂପେ କରା ଯାଇଛି; ତାଙ୍କ ପରିବ୍ୟାପ୍ତ ଅହଙ୍କାରକୁ ବିସ୍ତାରିତ ପୂର୍ବକ ଉଦ୍ଧିଷ୍ଟ ବୁଦ୍ଧିମତା ଅଥବା ଜ୍ଞାନର ବ୍ୟବହାରରେ ଜଡାବସ୍ଥାରୁ ଚେତନକୁ ଆଣିଥାନ୍ତି । ଏହାକୁ ଅଜ୍ଞାନୀ ଜନମାନସରେ ବୁଝେଇବାକୁ ଯାଇ ଆମେ ଆଜି ଏଇଠି  ଅନ୍ନିରୁଦ୍ଧ ଭାବାବସ୍ଥାଙ୍କ ସଂପ୍ରସାରିତ ଅହଙ୍କାରରେ ଚୈତନ୍ୟରୂପୀ ବୁଦ୍ଧିମତା ବିଷୟରେ ଆଲୋଚନା କରିବା ।

ଏହାର ବ୍ୟାଖ୍ୟା କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ ରାଜଯୋଗ ( ଇଂରାଜୀ ପ୍ରଥମ ଭାଗ ପୃଷ୍ଠା ୨୦୦-୨୦୩) ରେ  ଲେଖିଛନ୍ତି -  ଉଦାହରଣସ୍ୱରୂପ ଶାମୁକାକୁ ନିଆଯାଉ । ଆପଣ ଜାଣନ୍ତି, ମୁକ୍ତା କେମିତି ତିଆରି ହୋଇଥାଏ । ଗୋଟିଏ ପରଜୀବୀ ଖୋଳପା ଭିତରକୁ ପଶିଥାଏ ଓ ଉଦ୍ଦୀପନା ସୃଷ୍ଟି କରାଇଥାଏ; ଏବଂ ଶାମୁକା ପରଜୀବୀର ଚାରିପାଖରେ ଏକ ପ୍ରକାର ଚକମକିଆ ତରଳ ପଦାର୍ଥ ଫୋଫାଡି ଥାଏ, ଏବଂ ଏହା ମୁକ୍ତାକୁ ତିଆରି କରେ । କହିବାକୁ ଗଲେ, ଆମ ଅନୁଭବର ବିଶ୍ୱ ଆମ ନିଜର ଚକମକିଆ ତରଳ ପଦାର୍ଥ ଅଟେ, ଏବଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଭି-କେନ୍ଦ୍ର ରୂପେ ସେବାରତ ପରଜୀବୀ ପ୍ରକୃତ ବିଶ୍ୱ ଅଟେ ।

ଜଡ ଅର୍ଥାତ୍ ଅପରା ଓ ଚେତନ ଅର୍ଥାତ୍ ପରା ପ୍ରକୃତିର ବ୍ୟାଖ୍ୟା କରିବାକୁ ଯାଇ ଋଷି ଅଙ୍ଗିରସ ଦ୍ୱାରା ତାଙ୍କ ଶିଷ୍ୟ ଶୌନକଙ୍କୁ ମୁଣ୍ଡକ ଉପନିଷଦରେ ପ୍ରକୃତିରେ ବ୍ୟାପ୍ତ ଚେତନ ରୂପକ ବୁଦ୍ଧିମତାର ବ୍ୟାଖ୍ୟା କରିବାକୁ ଯାଇ ପ୍ରକୃତିକୁ ଦୁଇ ଗୋଟି ସ୍ତରରେ ବିଭକ୍ତ କରି ପରା ଓ ଅପରା ପ୍ରକୃତିକୁ ବୁଝେଇଛନ୍ତି । ଗୋଟିଏ ପ୍ରକୃତି ପଞ୍ଚେନ୍ଦ୍ରିୟ ସ୍ତରରେ ବ୍ୟାପ୍ତ ଭୌତିକୀ ବିଜ୍ଞାନର ବିଷୟବସ୍ତୁ ଯାହାକୁ ଅଙ୍ଗିରସ ଅପରା ପ୍ରକୃତି ବୋଲି କହିଛନ୍ତି । ଦ୍ୱିତୀୟଟି ହେଲା ପଞ୍ଚେନ୍ଦ୍ରିୟ ଉର୍ଦ୍ଧ୍ୱରେ ବ୍ୟାପ୍ତ ଶ୍ରେଷ୍ଠ ଅନ୍ତଃସ୍ଥ ଉଚ୍ଚତର ବିଜ୍ଞାନର ପ୍ରକୃତି ଯାହାର ନାମ ଦିଆ ଯାଇଛି ପରା ।

ଭଗବତ୍‌ଗୀତାର ଜ୍ଞାନ-ବିଜ୍ଞାନଯୋଗ ଅଧ୍ୟାୟ, ଶ୍ଳୋକ ସଂଖ୍ୟା ୭୪ ଓ ୭୫ରେ ଏହି ପରା ଓ ଅପରା ପ୍ରକୃତିକୁ ବୁଝେଇ ଶ୍ରୀକୃଷ୍ଣ କହୁଛନ୍ତି :

*ଭୂମିରାପୋନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।*

*ଅହଙ୍କାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ॥ (୭ ୪)*

ସମସ୍ତ ବିଷୟବସ୍ତୁରେ ବିଶୁଦ୍ଧ ଚେତନା ସ୍ୱରୂପ ସମ୍ପୂର୍ଣ୍ଣ ପ୍ରକୃତିରେ ମୁଁ ଆଠୋଟି ଯଥା ଭୂମିଃ (ଧରିତ୍ରୀ), ଆପଃ (ଜଳ), ଅନଳଃ (ଅଗ୍ନି), ବାୟୁଃ (ପବନ), ଖଂ (ଅନ୍ତରିକ୍ଷ), ମନଃ (ମନ), ବୁଦ୍ଧିଃ (ମସ୍ତିଷ୍କ), ଅହଙ୍କାରଃ (ଅହଙ୍କାର) ରୂପରେ ବିଦ୍ୟମାନ ।

*ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।*

*ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯତେ ଜଗତ୍ ॥ (୭ ୫)*

ଏହା ମୋର ନିମ୍ନତ୍ତର ଅଥବା ଅପରା ପ୍ରକୃତି ଅଟେ । ପରନ୍ତୁ ହେ ଅର୍ଜୁନ ! ଏମାନଙ୍କ ଠାରୁ ଭିନ୍ନ ମୋର ଉଚ୍ଚତର ପରା ପ୍ରକୃତି ଅଛି, ଯାହାର ସ୍ୱରୂପ ବୁଦ୍ଧିମତା ଅଥବା ଚେତନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଟେ, ଯିଏ ବ୍ରହ୍ମାଣ୍ଡକୁ ଧାରଣ କରି ରଖିଛି ।

ଅତି ସନାତନ ସମୟରୁ ଗୀତାର ଏହି କଥନ ଶ୍ୱେତାଶ୍ୱେତର ଉପନିଷଦରେ ମଧ୍ୟ ଦେଖିବାକୁ ମିଳିଥାଏ ।

*ଯଦା ଚର୍ମବତ୍‌ଆକାଶଂ ବେଷ୍ଟୟିଷ୍ୟନ୍ତି ମାନବାଃ ।*

*ତଦା ଦେବମ୍‌ଅବିଜ୍ଞାୟ ଦୁଃଖସ୍ୟାନ୍ତୋ ଭବିଷ୍ୟତି ॥*

ଅର୍ଥାତ୍, ମାନବତା ଅନ୍ତରିକ୍ଷକୁ ଟିକି ଟିକି କରି କାଟି ଚର୍ମଖଣ୍ଡ ଭଳି ଘୋଡେଇ ହେଇଗଲେ ବି ନିଜ ଭିତରେ ବିଦ୍ୟମାନ ଦିବ୍ୟର ସନ୍ଧାନ ନ ପାଇ ପାରିଲା ଯାଏଁ ଦୁଃଖରୁ ନିସ୍ତାର ମିଳିବ ନାହିଁ ।

(୨)

ପ୍ରକୃତି ମଧ୍ୟରେ ଅପରା ଭୌତିକି ଅଟେ, ତଥା ପରା ଅତି ଭୌତିକି, ଭାବ ଜଗତର ଊର୍ଦ୍ଧ୍ୱରେ, ଆଧ୍ୟାତ୍ମିକି ଅଟେ । ବୁଦ୍ଧ ଏହି ଦେଖା ଯାଉଥିବା ଭାବ-ସଂସାରକୁ ଲୋକ (ଇହଲୋକ) ତଥା ଅଦୃଶ୍ୟ ଭାବାତୀତ-ସଂସାରକୁ ଲୋକତ୍ତର (ପରଲୋକ) କହୁଥିଲେ । କେବଳ ଇହଲୋକରେ ଜୀବନ-ଯାତ୍ରାରେ ଜୀବନର ସମ୍ପୂର୍ଣ୍ଣତା ଆସିଯିବ ନାହିଁ । ଏହାର ସମ୍ପୂର୍ଣ୍ଣ ସମଗ୍ରତା ନିମନ୍ତେ ପରଲୋକ ର ବି ଆବଶ୍ୟକତା ରହିଛି ।

ଅପରା ପ୍ରକୃତି ଅର୍ଥାତ୍ ଅଚେତନ ବା ଜଡ ପ୍ରକୃତି ପରା ପ୍ରକୃତି ଅର୍ଥାତ୍ ଚୈତନ୍ୟ ବା ବୁଦ୍ଧିମତାର ଚେତନାର ସ୍ପର୍ଶ ବିନା ବ୍ୟକ୍ତ ହୋଇପାରେ ନାହିଁ ଏହି ଅବ୍ୟକ୍ତର ଅଭିବ୍ୟକ୍ତି ସେତେବେଳେ ଆରମ୍ଭ ହୋଇଥାଏ ଯେତେବେଳେ ବ୍ରହ୍ମାଣ୍ଡୀୟ ବିକାଶ ଜୈବିକ ବିକାଶ ଯାଏଁ ସଂପ୍ରସାରିତ ହୋଇଥାଏ । ସେଥିପାଇଁ ଗୀତାର ଏହି ଶ୍ଲୋକରେ କହିଲେ - ଜୀବଭୂତାଂ ମହାବାହୋ ୟୟେଦଂ ଧାର୍ଯତେ ଜଗତ୍ । ହେ ଅର୍ଜୁନ ! ଏମାନଙ୍କ ଠାରୁ ଭିନ୍ନ ମୋର ଉଚ୍ଚତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରା ପ୍ରକୃତି ଅଛି, ଯାହାର ସ୍ୱରୂପ ବୁଦ୍ଧିମତା ଅଥବା ଚେତନା ଅଟେ, ଯିଏ ବ୍ରହ୍ମାଣ୍ଡକୁ ଧାରଣ କରି ରଖିଛି ।

ପ୍ରଥମଥର ପାଇଁ ବ୍ୟାସଦେବ ଲେଖିଥିବା ଗୀତାର ଭାଷ୍ୟର ଭୂମିକାରେ ଆଦି ଶଙ୍କର ଏକ ପୌରାଣିକ ଶ୍ଳୋକକୁ ଉଦ୍ଧୃତ କରି ଲେଖିଛନ୍ତି –

*ନାରାୟଣଃ ପରା ଅବ୍ୟକ୍ତାଦଣ୍ଡମବ୍ୟକ୍ତସମ୍ଭବମ୍ ।*

*ଅଣ୍ଡସ୍ୟାନ୍ତସ୍ତ୍ୱିମେ ଲୋକାଃ ସପ୍ତଦ୍ୱୀପ ଚ ମେଦିନୀ ॥*

ଅର୍ଥାତ, ନରାୟଣ ଅବ୍ୟକ୍ତ ପ୍ରକୃତି ର ଉର୍ଦ୍ଧ୍ୱରେ । ଅବ୍ୟକ୍ତ ପ୍ରକୃତି ଠାରେ। ଏହି ବ୍ରହ୍ମାଣ୍ଡ ଉତ୍ପନ୍ନ ହୋଇଛି । ଏହି ସାତଦ୍ୱୀପର ପୃଥ୍ୱୀ ସହିତ ସମସ୍ତ ଜାଗତିକ ସ୍ତର ସେହି ବ୍ରହ୍ମାଣ୍ଡ ଅନ୍ତର୍ଗତ ରହିଛି ।

ନିଜ ଭାଷ୍ୟରେ ଆଦି ଶଙ୍କର ଆଗକୁ କହୁଛନ୍ତି –

*ଦ୍ୱିବିଧୋ ହି ବେଦୋକ୍ତୋ ଧର୍ମଃ,*

*ପ୍ରବୃତିଲକ୍ଷଣୋ ନିବୃତ୍ତିଲକ୍ଷଣଶ୍ଚ, ଜଗତଃ ସ୍ଥିତି କାରଣମ୍ ।*

*ପ୍ରାଣୀନାଂ ସାକ୍ଷାତ୍‌ଅଭ୍ୟୁଦୟାନିଃଶ୍ରେୟସହେତୁ ॥*

ବେଦ କହୁଛନ୍ତି, ଧର୍ମ ଦୁଇ ପ୍ରକାର – ପ୍ରବୃତ୍ତି ଅର୍ଥାତ୍ ବାହ୍ୟ କ୍ରିୟା ଏବଂ ନିବୃତ୍ତି ଅର୍ଥାତ୍ ଅନ୍ତଃକ୍ରିୟା, ଆନ୍ତରିକ ଧ୍ୟାନ । ଏହାର ଦୁଇଗୋଟି ଫଳାଫଳ, ଅଭ୍ୟୁଦୟ ଅର୍ଥାତ ସମସ୍ତ ପ୍ରାଣୀମାନଙ୍କ ସାମାଜିକ ତଥା ଆର୍ଥିକ କଲ୍ୟାଣ ଏବଂ ନିଃଶ୍ରେୟସ ଅର୍ଥାତ୍ ଆଧ୍ୟାତ୍ମିକି ମୁକ୍ତିର କାରଣ । ନିଜର ବିକାଶ, ପରିବେଶ ତଥା ସୁରକ୍ଷିତ ରାଷ୍ଟ୍ରର ଅଭ୍ୟୁଦୟରେ ବୁଦ୍ଧିମତା ରୂପକ ଆଧ୍ୟତ୍ମିକିତାର ସଂପ୍ରସାରଣରେ ନିଃଶ୍ରେୟସ ସାଧିତ ହୋଇଥାଏ । ଶେଷଧାଡିରେ ଆଦି ଶଙ୍କର ସନାତନ ଧର୍ମ ପଶୁପକ୍ଷୀ ସହିତ ସମସ୍ତ ଜୀବଙ୍କ ସୁଖ ଓ ହିତ ବିଷୟରେ ସଚେତନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିବା କହୁଛନ୍ତି । ତଥାପି ଜୀବ ମାନଙ୍କ ଭିତରେ ମନୁଷ୍ୟ ଠାରୁ ପଶୁ-ପକ୍ଷୀଙ୍କ ଠାରେ ବୁଦ୍ଧି ରୂପକ ଗୁଣ ଅତି କମ ମାତ୍ରାରେ ରହିଥାଏ ।

*ଆହାର ନିଦ୍ରା ଭୟ ମୈଥୁନଂ ଚ ସାମାନ୍ୟମେତତ୍‌ପଶୁଭିର୍ନରାଣାମ୍ ।*

*ଧର୍ମୋ ହି ତେଷାମଧିକୋ ବିଶେଷଃ ଧର୍ମେଣ ହୀନାଃ ପଶୁଭିଃ ସମାନାଃ ॥*

ଉପରୋକ୍ତ ଶ୍ଳୋକରେ ଶଙ୍କର ସମସ୍ତ ପ୍ରାଣୀ ମାନଙ୍କ ଭିତରେ ପଶୁ ଓ ମନୁଷ୍ୟମାନଙ୍କର ସ୍ୱାଭାବିକ ଅନ୍ତର ଦର୍ଶାଇଛନ୍ତି । ଧର୍ମହାନିରେ ଅର୍ଥାତ୍‌ବୁଦ୍ଧିଯୁକ୍ତ ଚୈତନ୍ୟର କର୍ମରେ ନିଜକୁ ନ ନିୟନ୍ତ୍ରିତ କଲେ, ମନୁଷ୍ୟ ଓ ପଶୁ ସମାନ ଅଟନ୍ତି । କାରଣ ଆହାର ନିଦ୍ରା ଭୟ ମୈଥୁନ ପଶୁ ଓ ମବୁଷ୍ୟମାନଙ୍କ ଭିତରେ ସମାନ ରୂପେ ଥାଏ । କିନ୍ତୁ ବୁଦ୍ଧି ମନୁଷ୍ୟ ନିକଟରେ ଅଧିକା ଥାଏ, ଯାହାର ବିନିଯୋଗ ମନୁଷ୍ୟ ନିଜ କର୍ମକୁ ପରମାତ୍ମାଙ୍କ ଚୈତନ୍ୟରେ ଯୋଡି ତାର ପ୍ରସାରଣ ନ କରି ପାରିଲେ ସେ ପଶୁତୁଲ୍ୟ ଅଟେ ।

ଏହାର ବ୍ୟାଖ୍ୟା କରି ମାନନୀୟ ଏକନାଥଜୀ ରାଣାଡେ (୧୯୧୪-୧୯୮୪), ପ୍ରତିଷ୍ଠାତା, ବିବେକାନନ୍ଦ କେନ୍ଦ୍ର ତଥା କନ୍ୟାକୁମାରୀରେ ବିବେକାନନ୍ଦ ଶିଳାସ୍ମାରକୀ ନିର୍ମାଣର ପ୍ରଚେଷ୍ଟାତା, ନୂଆ ଜୀବନବ୍ରତୀ କାର୍ଯ୍ୟକର୍ତ୍ତାମାନଙ୍କୁ ତାଙ୍କ ଉଦବୋଧନରେ କହୁଛନ୍ତି – ମନୁଷ୍ୟ ଭିତରେ ଥିବା ବୁଦ୍ଧିମତା ତଥା ସ୍ୱ-ଚେତନା ତାକୁ ପଶୁ ମାନଙ୍କ ଠାରୁ ଭିନ୍ନ କରି ରଖିଛି । ସେମାନଙ୍କ ଭିତରେ ନିହିତ ସ୍ୱ-ସ୍ୱାର୍ଥ ଠାରୁ ଉର୍ଦ୍ଧ୍ୱରେ ମନୁଷ୍ୟକୁ ବୁଦ୍ଧିମତା ସାହାଯ୍ୟରେ ପ୍ରବୁଦ୍ଧ ସ୍ୱାର୍ଥ ଅର୍ଥାତ୍‌ସାମୁହିକି ସ୍ୱାର୍ଥ ଦିଗକୁ ଯିବାକୁ ହେବ । ତାହାହେଲେ ଯାଇ ଧର୍ମ ସେଠାରେ ବୌଦ୍ଧିକ ଚୈତନ୍ୟରେ ପ୍ରଦର୍ଶିତ ହେଇ ପାରିବ । ଜଡରୁ ଆମେ ଚେତନାସକ୍ତି ଦିଗକୁ ଅଗ୍ରସର ହେବା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(୩)

ବୁଦ୍ଧିମତା ରୂପକ ପରାପ୍ରକୃତିରେ ଜ୍ଞାନର ଅନୁସନ୍ଧାନ ସନ୍ଦର୍ଭରେ ବୁଝେଇବାକୁ ଯାଇ ୧୭-୧୧-୧୮୯୭ ରେ ତାଙ୍କ ଲାହୋର ଅଭିଭାଷଣରେ ସ୍ୱାମୀ ବିବେକାନନ୍ଦ କଠୋପନିଷଦର ନଚିକେତା ଉପାଖ୍ୟାନର ବ୍ୟାଖ୍ୟାନ କରି କହିଥିଲେ - ଜଗତ ଦୁଇ ପ୍ରକାର । ଗୋଟିଏ ବହିର୍ଜଗତ, ଅନ୍ୟଟି ଅନ୍ତର୍ଜଗତ । ସନ୍ଧାନ ପ୍ରଥମେ ବହିର୍ଜଗତରେ ଆରମ୍ଭ ହେଲା । ପରନ୍ତୁ ସେଥିରେ ଭାରତୀୟ ମନ ସନ୍ତୁଷ୍ଟ ହେଲାନି । ଅନୁସନ୍ଧାନ ନିମନ୍ତେ ସେ ଆଗକୁ ଆଗେଇଲା... ଅନ୍ତର୍ଜଗତରେ ସେହି ଅନୁସନ୍ଧାନ ଆରମ୍ଭ ହେଲା ପ୍ରଶ୍ନ - ମୃତ୍ୟୁ ପରେ ମନୁଷ୍ୟ ର ଅବସ୍ଥା କଣ ହୋଇଥାଏ ?

*ଅସ୍ତୀତ୍ୟେକେ ନାୟମସ୍ତୀତି ଚୈକେ (କଠ. ଉ ୧.୧.୨୦)*

କିଏ କିଏ କହନ୍ତି ଯେ ମୃତ୍ୟୁ ପରେ ମଧ୍ୟ ଆତ୍ମାର ଅସ୍ତିତ୍ୱ ରହିଥାଏ, କିଏ କିଏ କହନ୍ତି ଯେ ରହେନା । ହେ ଯମରାଜ ! ଏହା ଭିତରେ ସତ୍ୟ କେଉଁଟା ? (ନଚିକେତା ଉପାଖ୍ୟାନ)

ବିବେକାନନ୍ଦ କେନ୍ଦ୍ରର ଜୀବନବ୍ରତୀ କାର୍ଯ୍ୟକର୍ତ୍ତା ତଥା କେନ୍ଦ୍ରର ଉପ-ସଭାପତି ପଦ୍ମଶ୍ରୀ ନିବେଦିତା ରଘୁନାଥ ଭିଡେ ତାଙ୍କ ପୁସ୍ତକ Yoga The Way of Life based on the Vision of Oneness (Published by Vivekananda Kendra Prakashan Trust) ରେ ଯୋଗର ସହାୟତାରେ ବୁଦ୍ଧିମତାର ପରିବ୍ୟାଖ୍ୟାନ କରିବାକୁ ଯାଇ ଗୀତାରୁ ଉଦ୍ଧୃତ ଶ୍ଳୋକ ସାହାଯ୍ୟରେ ଲେଖିଛନ୍ତି –

*ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।*

*ସୁଖଂ ଵା ଯଦି ଦୁଃଖଂ ସ ଯୋଗୀ ପରମୋ ମତଃ ॥ (ଭ. ଗୀ. ୬.୩୨)*

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁ ବ୍ୟକ୍ତି ସମସ୍ତଙ୍କ ଠାରେ ନିଜର ଦର୍ଶନ କରିଥାନ୍ତି, ଏବଂ ତା ଫଳରେ ଆନନ୍ଦ ଓ ଯନ୍ତ୍ରଣାରେ ପୂର୍ଣ୍ଣ ସମଭାବାପର୍ଣ୍ଣ ଥାଆନ୍ତି, ସେ ଶ୍ରେଷ୍ଠ ଯୋଗୀ ଅଟନ୍ତି ।

ମୌଳିକ ଦର୍ଶନ- ଭାରତର ଦୃଷ୍ଟି ବା ଭାରତୀୟ ବିଶ୍ୱ ଦୃଷ୍ଟି ସମଗ୍ର ଜୀବନ ପ୍ରଣାଳୀ ପାଇଁ ଏକାତ୍ମ ଜୀବନ ଦର୍ଶନ ଅଟେ । ଜୀବନ ପ୍ରଣାଳୀ ପରସ୍ପର ସଂଯୋଗିତ, ପରସ୍ପର ସଂପର୍କିତ, ପରସ୍ପର ନିର୍ଭରଶୀଳ ଅଟେ । ତାହା ଐକ ଚେତନାର ପ୍ରକଟିକରଣ ଅଟେ । ଆଣବିକ ପଦାର୍ଥ ବିଜ୍ଞାନ, ପରିବେଶ ବିଜ୍ଞାନ, ସାମାଜିକ ବିଜ୍ଞାନ, ପ୍ରବନ୍ଧନ ଇତ୍ୟାଦି ଭଳି ବିଭିନ୍ନ କ୍ଷେତ୍ରରେ ଆଜି ଏହାର ଉପଲବ୍‌ଧି କରାଯାଉଛି । ଆମେ ଜାଣୁ ଯେ, ମନୋବିଜ୍ଞାନର ଯାତ୍ରା ଯାହା IQ ରୁ EQ ଯାଏଁ ଆରମ୍ଭ ହୋଇଥିଲା, ବର୍ତ୍ତମାନ SQ ପର୍ଯ୍ୟନ୍ତ ବିକଶିତ ହୋଇ ସାରିଛି । ଜଣେ ବ୍ୟକ୍ତି ନିକଟରେ ବହୁତ ଉନ୍ନତ IQ ଥିଲେ ମଧ୍ୟ ସେ ଯେ ପ୍ରବନ୍ଧନରେ ଅତି ଭଲ, ଅଧିକ ସମୟ ପର୍ଯ୍ୟନ୍ତ ଏହି ଅର୍ଥରେ ନେଇ ହେବନି । ନିଜକୁ ପରିଚାଳନା କରିବା ପାଇଁ ତାଙ୍କର ଅଧିକ EQ, ତାହା ହେଲା ଭାବପ୍ରବଣତାର ଭାଗଫଳ, ଥିବା ଆବଶ୍ୟକ । ସେ କେଉଁ ପ୍ରକାରେ ପରିସ୍ଥିତିର ଆହ୍ୱାନକୁ ପରିଚାଳନା କରି ପାରୁଛନ୍ତି, ତାହା ତାଙ୍କ ଭାବପ୍ରବଣର ସ୍ଥିରତା ନିଶ୍ଚିତ କରିବ । ଯଦି ଜଣେ ବ୍ୟକ୍ତିର କେବଳ IQ ଅଛି ଏବଂ EQ ନାହିଁ, ତେବେ ସେ ବ୍ୟକ୍ତି ସ୍ୱୟଂ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ସମସ୍ୟା ହୋଇପାରନ୍ତି । କିନ୍ତୁ EQ ବି ପର୍ଯ୍ୟାପ୍ତ ନ ହୋଇପାରେ । ଆଜିର ଦୁର୍ବୋଧ୍ୟ ପୃଥିବୀରେ ଜଣଙ୍କ ପାଖରେ SQ, ତାହା ହେଲା ଆଧ୍ୟାତ୍ମିକ ଭାଗଫଳ, ରହିବାକୁ ହେବ । ସମସ୍ତଙ୍କ ମଙ୍ଗଳକୁ ଦୃଷ୍ଟି ଆଗରେ ରଖି ଯେତେବେଳେ ଏହା କରାଯିବ, କେବଳ ସେତେବେଳେ ଯାଇ ପ୍ରବନ୍ଧନ ଭାରସହ ହୋଇପାରିବ । ଜଣେ ଏହା କରି ପାରିବେ ଯଦି ତାଙ୍କର ସମ୍ପର୍କିତ ଉଚ୍ଚ SQ ଥିବ । ଆଜିକାଲିର ଏହି ଦୁର୍ବୋଧ୍ୟ ଦୁନିଆରେ ବିଭିନ୍ନ ପରିସ୍ଥିତିରେ କ୍ରିୟାଶୀଳ ହେବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଙ୍ଗେ ସଙ୍ଗେ ବଦଳୁଥିବା ଭୂମିକାରେ ଖାପ ଖୁଆଇ ଚଳେଇବା ମଣିଷଠୁଁ ଆଶା କରାଯାଇଥାଏ । ଏହା SQ ଆବଶ୍ୟକ କରିଥାଏ । ଜଣେ ବ୍ୟକ୍ତି ଯଦି ସାଂସ୍କୃତିକ ମୂଲ୍ୟବୋଧ, ଯେଉଁଠି ପରସ୍ପର ସଂଯୋଗିତ, ପରସ୍ପର ସଂପର୍କିତ, ପରସ୍ପର ନିର୍ଭରଶୀଳ ର ମୂଲ୍ୟାଙ୍କନ ହୋଇଥାଏ, ରେ ଲାଳିତ-ପାଳିତ ହୋଇଥାନ୍ତି, ସେ SQ ପ୍ରାପ୍ତ କରିଥାନ୍ତି ।

୨୧ ଶତାବ୍ଦୀର ପ୍ରଥମ ଅର୍ଦ୍ଧଶତାବ୍ଦୀ ଭିତରେ ନିଜେ ଲେଖିଥିବା ବ୍ରହ୍ମାଣ୍ଡୀୟ ବିଜ୍ଞାନ ଉପରେ ଭୌତିକବାଦର ପୁସ୍ତକର ଲେଖାକୁ ଅସ୍ୱୀକାର କରି The intelligent Universe ବହିର ଲେଖକ Astro-Physicist ଫ୍ରେଡ୍‌ହୋୟଲ ଯେତେବେଳେ ବିଂଶ ଶତାବ୍ଦୀର ଶେଷଭାଗରେ ଭାରତ କୌଣସି କାର୍ଯ୍ୟକ୍ରମରେ ଭାଗ ନେବାକୁ ଆସିଥିଲେ, ରାମକୃଷ୍ଣ ମଠର ତତ୍କାଳୀନ ଅଧ୍ୟକ୍ଷ ସ୍ୱାମୀ ରଙ୍ଗନାଥନନ୍ଦଙ୍କ ସହ ଏକ କଥାବାର୍ତ୍ତାରେ ତାଙ୍କ ବହିବିଷୟରେ କହିଥିଲେ ଯେ – ଆମେ ଆମର ଦୃଷ୍ଟିକୋଣ ବଦଳେଇ ଦେଲୁ । ବୁଦ୍ଧିମତାର ସିଦ୍ଧାନ୍ତ ବିନା ଆମେ ବ୍ରହ୍ମାଣ୍ଡର ବ୍ୟାଖ୍ୟା କରି ପାରିବା ନାହିଁ । ବ୍ରହ୍ମାଣ୍ଡ ବୁଦ୍ଧିଯୁକ୍ତ ଅଟେ । ଏହାକୁ ହିଁ ବେଦାନ୍ତ ଅନନ୍ତ ଚୈତନ୍ୟ, ଅଦ୍ୱୟ ଚୈତନ୍ୟ କହୁଛନ୍ତି ।

ପାଶ୍ଚାତ୍ୟ ସେମାନଙ୍କ ଦୃଷ୍ଟିକୋଣ ବଦଳେଇ ଦେଲେ । ସନାତନ ଧର୍ମ ବଂଶଜ ଆମେ ଆମର ସ୍ଖଳନଶୀଳ ପ୍ରକୃତିର ମାର୍ଜନା କରିବା । ସାମାଜିକ ମର୍ଯ୍ୟାଦା ଓ ସନାତନ ସଂସ୍କୃତିର ପ୍ରକୃତ ବାହକ ହେବା, ଏତିକି ମାତ୍ର ବିଚାରରେ ଆମେ ଉଦ୍ବୁଦ୍ଧ ହୋଇ ପାରିବା ।

ବୁଦ୍ଧଙ୍କ ସମସାମୟିକ ଗ୍ରୀକ୍‌ଦାର୍ଶନିକ ପ୍ଲାଟୋ ତାଙ୍କ ଗଣରାଜ୍ୟ ପୁସ୍ତକର ସ୍ୱତନ୍ତ୍ରତା ନାଟକରେ ଲେଖିଛନ୍ତି – ବିଚାର ସେତେବେଳେ ସର୍ବଶ୍ରେଷ୍ଠ ହେବ, ଯେତେବେଳେ ମନ ସ୍ୱ ଉପରେ କେନ୍ଦ୍ରିତ ହେବ; ସେ ଭିତରର କୌଣସି ବି ବସ୍ତୁ , ତାହା ଧ୍ୱନି, ଦୃଶ୍ୟ, ଦୁଃଖ ଅଥବା ସୁଖ ତାଙ୍କୁ କଷ୍ଟ ଦେଉ ନ ଥିବ; ଯେତେବେଳେ ଶରୀର ସହ ଆବଶ୍ୟକ ମାତ୍ରାରେ ନେଣ-

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଣ ହେଉଥିବ, ଶରୀରର ବୋଧଜ୍ଞାନ ରହେନି ଅଥଚ ସେ ଏକ ବିଶୁଦ୍ଧ ଅସ୍ତିତ୍ୱ ନିମନ୍ତେ ପ୍ରୟତ୍ନଶୀଳ ରହିଥାଏ । ତାହା ମନର ସର୍ବଶ୍ରେଷ୍ଠ ଅବସ୍ଥା ଅଟେ ।

ଶ୍ରୀରାମକୃଷ୍ଣ କହନ୍ତି – ଶୁଦ୍ଧ ମାନସ, ଶୁଦ୍ଧ ବୁଦ୍ଧି ଓ ଶୁଦ୍ଧ ଆତ୍ମା ଗୋଟିଏ ଏକ ଓ ଅଭିନ୍ନ ଅଟନ୍ତି ।

ଗୀତା କହୁଚନ୍ତି - ଯେଉଁ ଯୋଗୀ ଶାନ୍ତ ମନର ଅଟନ୍ତି; ଯାହାଙ୍କ ବାସନା ଶାନ୍ତ ହୋଇ ସାରିଛି; ଯିଏ ବ୍ରହ୍ମରେ ପହଞ୍ଚି ସାରିଛନ୍ତି ତଥା କଲୁଷରୁ ମୁକ୍ତ ହୋଇ ସାରିଛନ୍ତି, ନିଶ୍ଚୟ ସେହି ଯୋଗୀଙ୍କୁ ସର୍ବୋଚ୍ଚ ଆନନ୍ଦ ପ୍ରାପ୍ତ ହୁଏ ।

*[ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।*

*ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ । । (୬ ।୨୭)]*

ବେଦାନ୍ତ ବିଚାରପୂର୍ଣ୍ଣ ଏହି ଶ୍ଳୋକ ଆମ ମନକୁ ଅସୀମ ଦିଗକୁ ବିସ୍ତାର କରି ଏହି ଅବସ୍ଥା ପ୍ରାପ୍ତ କରିବାକୁ କୁହା ଯାଇଛି । ଆମେ ମନକୁ ବହିରାଭିମୁଖୀ କରୁଛନ୍ତି, କାର୍ଯ୍ୟ କରୁଛନ୍ତି, ସମ୍ପତ୍ତି ଅର୍ଜିବା ପାଇଁ ଯାହା ବି ଚେଷ୍ଟା କରୁଛନ୍ତିତାହା ପ୍ରବୃତ୍ତି ପୂର୍ଣ୍ଣ ମନ । ତାକୁ ଅନ୍ତରାଭିମୁଖୀ କରି ନିବୃତ୍ତମାନ ହେବାକୁ ହୁଏ । ସେତେବେଳେ ଆମର ସ୍ୱ ତାର ପରିସର ବୃଦ୍ଧି କରି ଅସୀମର ସ୍ୱ ରେ ମିଳିତ ହେବ ।

ଏହାକୁ ଗୀତାର ଅନ୍ୟ ଏକ ଶ୍ଳୋକରେ ବିଶଦ ଭାବରେ ବୁଝା ଯାଇଛି । ବୁଦ୍ଧିର ଏହି ସମତ୍ୱକୁ ପ୍ରାପ୍ତ କରି ବ୍ୟକ୍ତି ବଲ ଓ ଖରାପ କୁ ଏକ ଭାବି ସେଥିରୁ ମୁକ୍ତ ହୋଇଯାଏ । ଅତଏବ, ସ୍ୱୟଂକୁ ଏହି ଯୋଗ ସହ ଯୋଡ ।  ଯୋଗ ପ୍ରତ୍ୟେକ କାର୍ଯ୍ୟଶୈଳୀରେ ଦକ୍ଷତାର ଅନ୍ୟ ନାମ ଅଟେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

*ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ।*

*ତସ୍ମାଦ୍ୟୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଲମ୍ (୨ ।୫୦)*

ଜୀବନଯାତ୍ରାର ଚତୁର୍ଦ୍ଦିଗେ ଜନାରଣ୍ୟ, କୋଳାହଳ ଓ ବିଶୃଙ୍ଖଳା ଭିତରେ ଯେତେବେଳେ ଚାରିଆଡ଼ ଖାଁ ଖାଁ ଜଣା ଯାଇଥାଏ; ତଥା ମନର ସୀମାହୀନ ନିର୍ଜନତା ଭିତର ଶୁନ୍ୟ ସେହି ପଞ୍ଜରା ଭିତରୁ ରଡ଼ନିଆଁ ଖଣ୍ଡର ଦୀର୍ଘଶ୍ୱାସ ସହ ଯେଉଁ ବ୍ୟକ୍ତିଙ୍କ ଆଖି ତାଙ୍କୁ, ପରଂବ୍ରହ୍ମ ଙ୍କୁ ଖୋଜୁଥାନ୍ତି, ସେହି ବ୍ୟକ୍ତି ନିଶ୍ଚିତ ରୂପେ ଅସମ୍ମୋହିତ (ଅସମ୍ମୂଢଃ) ବ୍ୟକ୍ତି ଅଟନ୍ତି; ଏବଂ ସେ ସମସ୍ତ ପାପରୁ ମୁକ୍ତ ହୋଇ ଯାଇଥାନ୍ତି କାରଣ ବୁଦ୍ଧିଯୁକ୍ତ ଚୈତନ୍ୟ ଦ୍ୱାରା ସେହି ବ୍ୟକ୍ତି ଜଗନ୍ନାଥଙ୍କ ପରିଚୟ ଅଜନ୍ମା, ଅନାଦି ତଥା ବ୍ରହ୍ମାଣ୍ଡର ସ୍ୱାମୀ ରୂପରେ ପାଇ ସାରିଥାନ୍ତି ।

ଗୀତା କହୁଛନ୍ତି :

*ଯୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।*

*ଅସମ୍ମୂଢଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ । (ଭ.ଗୀ. ୧୦/୩)*

ଅର୍ଥ - ସେହି ବ୍ୟକ୍ତି ଯିଏ ମୋତେ ଅଜନ୍ମା (ଯାହାର ଜନ୍ମ ନାହିଁ), ଅନାଦି (ଯାହାର ଆରମ୍ଭ ନାହିଁ), ବ୍ରହ୍ମାଣ୍ଡର ସର୍ବୋଚ୍ଚ ଶାସକ ରୂପେ ଜାଣେ, ମର ଜଗତରେ ଏମିତି ବ୍ୟକ୍ତି ଅସମ୍ମୋହିତ (ଅସଂମୂଢଃ ଅର୍ଥାତ, ଯିଏ ମୂର୍ଖ ନୁହଁନ୍ତି, ଯିଏ ସମ୍ମୋହିତ ନୁହଁନ୍ତି) ଅଟନ୍ତି । ଏବଂ ସେ ସବୁ ପାପରୁ ମୁକ୍ତ ହୋଇଥାନ୍ତି ।]

(୪)

ନାରୀ ମାନଙ୍କ ପାଖରେ ବୌଦ୍ଧିକ ଚୈତନ୍ୟ ଅଧିକ ଭାବରେ ଦେଖା ଦେଇଥାଏ। ତାହା ସନ୍ଦର୍ଭରେ ଆମେ ଉପନିଷଦର ବିଦୁଳା, ପୁରାଣର ମଦାଳସା ଉପାଖ୍ୟାନ କିମ୍ବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଡ୍ଡୀୟାନର ମହାସିଦ୍ଧା ଲକ୍ଷ୍ମୀଙ୍କର କିମ୍ବା ଅଷ୍ଟମ ଶତାବ୍ଦୀର କର୍ଣ୍ଣାଟକୀ କବିୟତ୍ରୀ ଆକ୍କା ମହାଦେବୀ ଙ୍କ ଜୀବନକୁ ବାଛି ପାରିବା ।

**ସୌବିର ରାଜମାତା ବିଦୁଲା**

ମହାଭାରତରେ ନିରାଶାରୁ ଉଠି ଆଶାର ଆଲୋକ ଦିଗକୁ ପ୍ରେରଣାର ଉତ୍ସ ସନ୍ଦର୍ଭରେ ସୌବିର ରାଜମାତା ବିଦୁଲାଙ୍କ ଚରିତ୍ରରେ ବୁଦ୍ଧିମତାଯୁକ୍ତ ଚେତନ୍ୟ ପ୍ରଭାବିତ ପୁରୁଷାର୍ଥର ପକ୍ଷ ଦେଖିବାକୁ ମିଳେ ।

ସୌବିର (ଉତ୍ତର ସିନ୍ଧୁ) ପ୍ରଦେଶ ରାଜକୁମାର ସଞ୍ଜୟ (ଭଗବତ ଗୀତାର ସଞ୍ଜୟ ନୁହଁନ୍ତି) ସିନ୍ଧ ପ୍ରଦେଶର ରାଜାଙ୍କ ସହ ଯୁଦ୍ଧରେ ପରାଜିତ ହୋଇ ହତୋତ୍ସାହ ହୃଦୟରେ ମହଲ ଭିତରେ ଲୁଚି ରହିଲେ । ତାଙ୍କର  ଉଦାସ ଓ ଅକର୍ମଣ୍ୟ ଅବସ୍ଥା ଦେଖି ମାତା ବିଦୁଲା ତାଙ୍କୁ ଅତୀତ ଗୌରବ ତଥା ନିଜ ରାଜ୍ୟ ଓ ପ୍ରଜାଙ୍କ ପ୍ରତି ଥିବା ରାଜଧର୍ମ କଥା ମନେ ପକାଇ ଧିକ୍କାରି ଉଠି କହିଲେ -

*ମୂହୁର୍ତ୍ତଂ ଜ୍ୱଳିତଂ ଶ୍ରେୟ ନ ଚ ଧୂମାୟିତଂ ଚିରଂ ।*

ଅର୍ଥାତ୍ ଅନେକ ସମୟ ଯାଏଁ ଧୁଆଁ ବାହାର କରି ରହିବା ଅପେକ୍ଷା ଗୋଟିଏ ମୂହୁର୍ତ୍ତ ପାଇଁ ଜଳି ଉଠି ଆଲୋକିତ ହେବା ଶ୍ରେୟସ୍କର ।

ମହାଭାରତ ଯୁଦ୍ଧ ପ୍ରାରମ୍ଭରେ ଯେତେବେଳେ ହତୋତ୍ସାହିତ ଅବସ୍ଥାରେ ଯୁଦ୍ଧ ନ କରିବା ପାଇଁ ମନରେ ଆଣୁଥିଲେ, ସେହି ସମୟରେ ମାତା କୁନ୍ତୀ ଶ୍ରୀକୃଷ୍ଣଙ୍କୁ ପୁଅମାନଙ୍କ ବିଦୁଳା ଉପାଖ୍ୟାନ ଶୁଣାଇବା ପାଇଁ କହିଥିଲେ ।

କହନ୍ତି, ଏହି ବିଦୁଳା ଉପାଖ୍ୟାନରୁ ପ୍ରେରିତ ହୋଇ ବ୍ୟାସଦେବ ଶ୍ରୀକୃଷ୍ଣଙ୍କ ଅର୍ଜୁନଙ୍କୁ ଉଦବୋଧନ ଛଳରେ ଗୀତାର ରଚନା କରିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବନକାଳକୁ ଲକ୍ଷ୍ୟ କଲେ ଏହା ପରିଷ୍କାର ରୂପେ ଜଣାଯାଏ । ୩୨ ବର୍ଷର ଜୀବନକାଳ ଭିତରେ ସେ ଭାରତ ଭଳି ବିଶାଳ ଦେଶର ବିଚାରଧାରାରେ ଅଭୁତପୂର୍ବ ପରିବର୍ତ୍ତନ ଆଣି ପାରିବାରେ ସକ୍ଷମ ହୋଇଥିଲେ ।

*ଜୀବନର ଲକ୍ଷ୍ୟ ବି ଏହା ହିଁ ହେବା ଉଚିତ ।*

*ଗୋଟିଏ ଜୀବନ ଗୋଟିଏ ଲକ୍ଷ୍ୟ ।*

ଏହି ପରିପେକ୍ଷୀରେ ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀର ପ୍ରତିଷ୍ଠାତା ମାନନୀୟ ଏକନାଥଜୀ ରାଣାଡେଙ୍କ ବିଚାର ଉଲ୍ଲେଖ ଯୋଗ୍ୟ । ସ୍ୱାମୀ ବିବେକାନନ୍ଦ କହିଥିଲେ – ମସ୍ତିଷ୍କକୁ ଉଚ୍ଚବିଚାର ଉଚ୍ଚଆଦର୍ଶରେ ଭର୍ତ୍ତି କରିଦିଅ । ସେମାନଙ୍କୁ ଦିନରାତି ନିଜ ସମ୍ମୁଖରେ ରଖ, ସେହି ଆଦର୍ଶ ବିଷୟରେ ଅଧିକରୁ ଅଧିକ ଶୁଣ ଯେମିତି କି ତାହା ଆମ ଅନ୍ତଃକରଣରେ, ଆମ ମସ୍ତିଷ୍କରେ, ଆମ ଶିରାପ୍ରଶିରାରେ ସମାହିତ ହେଇଯାଉ । ଏମିତି କି ରକ୍ତର ପ୍ରତ୍ୟେକ କଣିକାରେ ଚୈତନ୍ୟ ଭରି ଦିଆଯାଉ । ଆମେ ପ୍ରତ୍ୟେକ କ୍ଷଣ ସେହି ଚିନ୍ତନରେ ରହିବା । ଅନ୍ତଃକରଣର ପରିପୂର୍ଣ୍ଣତାରେ ମୁଖରୁ ବାଣୀ ମୁଖରିତ ହୁଏ, ତା ପରେ ହିଁ ହାତ ବି କାମ କରିଥାଏ । ତା ହେଲେ ଯାଇ ମହତ କାର୍ଯ୍ୟ ସଧିତ ହେବ ।

ଏକନାଥଜୀ ରାଣାଡେ ସ୍ୱାମୀଜୀଙ୍କ ଏହି ବିଚାରକୁ ହୃଦସ୍ଥ କରି ସାରିଥିଲେ । କନ୍ୟାକୁମାରୀର ଶୂନ୍ୟ ଶିଳା ଖଣ୍ଡ ଉପରେ ଦୃଷ୍ଟି ନିକ୍ଷେପ କରି ଶିଳା ସ୍ମାରକୀର ନିର୍ମାଣ ସମ୍ପର୍କରେ ଯେତେବେଳେ ଦେଶରେ ପ୍ରତିକୂଳ ପରିବେଶ ଥିଲା, ପାଖରେ ଠିଆ ହୋଇଥିବା ଅନ୍ତରଙ୍ଗ ବନ୍ଧୁ ଡାଃ ସୁଜିତ ଧରଙ୍କୁ ପ୍ରଶ୍ନ କରିଥିଲେ – ତୁମକୁ ସେଇଠି କଣ ଦେଖା ଯାଉଛି ?

ସୁଜିତ ଧର ଉତ୍ତର ଦେଇଥିଲେ – ମୋତେ ସେଇଠି ଶିଳା ଖଣ୍ଡ ଦେଖା ଯଉଛି ।

ଏକନାଥଜୀ କହିଲେ – ମୋତେ ସେହି ସାଗର ମଧ୍ୟରେ ଭବ୍ୟ ସ୍ମାରକ ଦେଖା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଛି ।

ବାସ୍ତବରେ ଆଜିର ଶିଳା ଉପରେ ଥିବା ବିବେକାନନ୍ଦ ସ୍ମାରକୀ, ତଟରେ ଥିବା ବିବେକାନନ୍ଦ କେନ୍ଦ୍ର ର ନିର୍ମାଣ ସେହି ବିଚାରର ଫଳପ୍ରସୂ ଥିଲା ।

**ପୌରାଣିକ ମଦାଳସା**

ସେହିଭଳି ମାର୍କଣ୍ଡେୟ ପୁରାଣରେ ଗନ୍ଧର୍ବ ରାଜ ବିଶ୍ୱାବସୁଙ୍କ ପୁତ୍ରୀ ମଦାଳସା ପୌରାଣିକ ଭାରତର ଏକ ମହାନ ସ୍ତ୍ରୀ ଚରିତ୍ର, ଯିଏ ନିଜର ତିନି ପୁଅଙ୍କୁ ନିମ୍ନ ଆବୃତ୍ତି ମତେ ଦିବ୍ୟ ବ୍ରହ୍ମଜ୍ଞାନ ଦେଇ ବୈରାଗ୍ୟର ରାସ୍ତା ଦେଖାଇଥିଲେ । ଜ୍ଞାନର ଗରିମାରେ ତାଙ୍କୁ ସରସ୍ୱତୀଙ୍କ ଅବତାର ବୋଲି ମଧ୍ୟ କୁହାଯାଏ ।

ହେ ପୁତ୍ର !

ମୁଁ ସରସ୍ୱତୀ ।

ଜ୍ଞାନରୂପା ଦିବ୍ୟଦୂତୀ ।

ମଦାଳସା ଜନ୍ମେ ଆବିର୍ଭୂତୀ ।

ସନ୍ତାନେ ବିଛୁରଣ ବ୍ରହ୍ମଜ୍ଞାନ ଜ୍ୟୋତି ।

ହେ ପୁତ୍ର ! !

ମାତା ଜ୍ଞାନସୌମ ।

ଆପଣ ଦିବ୍ୟାତ୍ମା ଅନାମ ।

ଅଗ୍ନି ବାୟୁ ଜଳ ମୃତ୍ତିକା ବ୍ୟୋମ ।

ପିତା ରୂପ ନିଅନ୍ତି ପୁଣି ପୁତ୍ର ରୂପେ କେହି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାତା ରୂପେ ଜନ୍ମାନ୍ତି ଜୀବାତ୍ମା ପତ୍ନୀ ରୂପ ଦେହି ।

ସାଂସାରିକି ବିଷୟବସ୍ତୁ ଆପଣାନ୍ତି ମୋର ମୋର କହି ।

ତ୍ୟଜିଥାନ୍ତି ପୁଣି ବିଷୟବସ୍ତୁକୁ କହନ୍ତି ଚିହ୍ନେଇ ତାଙ୍କର ନାହିଁ ।

ତାଙ୍କ ସ୍ୱାମୀ ମହାରାଜା ଋତୁଧ୍ୱଜଙ୍କ ଅନୁରୋଧରେ ଚତୁର୍ଥ ପୁତ୍ରଙ୍କୁ ଦିବ୍ୟଜ୍ଞାନ ନ ଦେଇ ତାଙ୍କ ନାଁ ଅଲର୍କ ରଖିଥିଲେ । ନାମକରଣର ଯଥାର୍ଥତା ସମ୍ବନ୍ଧରେ ସ୍ୱାମୀଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, "ଅଲର୍କ ର ଅର୍ଥ ମଦୋନ୍ମତ୍ତ ବ୍ୟକ୍ତି ତଥା ପାଗଳା କୁକୁର । ଶାସନ ନିଶାରେ ଉନ୍ମତ ହୋଇ ରାଜ୍ୟ ଶାସନ କରିବା ମଦୋନ୍ମତ୍ତ ବ୍ୟକ୍ତି ତଥା ପ୍ରଜାଙ୍କ ପ୍ରଦତ୍ତ କରରେ ପ୍ରସ୍ତୁତ ସଂସାଧନ ଗୁଡିକୁ ଭୋଗ କରିବା ପାଗଳ(ଭୋଗୀ) କୁକୁରର ଭୋଗ ସହ ସମତୁଲ୍ୟ ଅଟେ ।"

ଅତିଶୟ ପ୍ରେରଣାଦାୟୀ, ମଦାଳସାଙ୍କ ଏହି ପୌରାଣିକ ଚରିତ୍ର ଯିଏ ନିଜ ଗର୍ଭଜ ସନ୍ତାନକୁ ସନ୍ନ୍ୟାସ ତଥା ବୈରାଗ୍ୟର ପଥରେ ପଥିକ କରିଥିଲେ ।

## ଓଡିଶାର ମହାସିଦ୍ଧା ଲକ୍ଷ୍ମୀଙ୍କର

ଖ୍ରୀଷ୍ଟାବ୍ଦ ଅଷ୍ଟମ ଶତାବ୍ଦୀର କଥା । ଉଡ୍ଡୀୟାନ (ଆଜିର ଓଡିଶା) ଦେଶର ସମ୍ବଲ (ଆଜିର ସମ୍ବଲପୁର) ରାଜ୍ୟର ରାଜା ଇନ୍ଦ୍ରଭୂତୀଙ୍କ ଭଉଣୀ ଥିଲେ ଲକ୍ଷ୍ମୀଙ୍କର । ଅଳ୍ପ ବୟସରେ ସେ ବିବାହ କରିଥିଲେ ଲଙ୍କାପୁରୀ (ଆଜିର ସୁବର୍ଣ୍ଣପୁର) ରାଜ୍ୟର ରାଜା ଜଳନ୍ଧରଙ୍କ ପୁତ୍ର ସେବଳଙ୍କୁ । ଭାଇ ଭଉଣୀ ବୌଦ୍ଧପନ୍ଥୀ ଥିଲେ । ଇନ୍ଦ୍ରଭୂତୀ ମହାସିଦ୍ଧ ଅନନ୍ଗବ୍ରଜଙ୍କ ଶିଷ୍ୟ ତଥା ଭଉଣୀ ଲକ୍ଷ୍ମୀଙ୍କର ମହାସିଦ୍ଧ ଲୁଇପାଦଙ୍କ ଶିଷ୍ୟା ଥିଲେ । ରାଜା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳନ୍ଧରଙ୍କ ପୁତ୍ର ରାଜକୁମାର ସେବଳଙ୍କୁ । ସେବଳ ତାମସିକ ତଥା ବିଳାସ ବ୍ୟସନ ପ୍ରିୟ ଥିଲେ । ପ୍ରଜା ମାନଙ୍କ ସୁଖଦୁଃଖ ବୁଝୁ ନ ଥିଲେ ।

ଠିକଣା ସମୟରେ ଲକ୍ଷ୍ମୀଙ୍କର ଯାନି-ଯୌତୁକ ଧରି ଲଙ୍କାପୁରୀ ଅଭିମୁଖେ ଦାସୀ ପୋଇଲିଙ୍କ ସହ ଯାଇ ପହଞ୍ଚି ଥିଲେ । ତାଙ୍କୁ ରାଜଭବନ ଭିତରକୁ ଛଡା ଯାଇ ନଥିଲା ଏହି ଯୁକ୍ତିରେ ଯେ ପ୍ରବେଶ ସମୟର ମୂହୁର୍ତ୍ତ ଅନୁକୂଳ ନ ଥିଲା । ତା ପରଦିନ ସକାଳେ ଶୁଭ ମୂହୁର୍ତ୍ତରେ ତାଙ୍କ ପ୍ରବେଶ ପାଇଁ ସମୟ ନିର୍ଘଣ୍ଟ କରା ଯାଇଥିଲା ।

ରାତ୍ରି ସମୟ ଥିଲା । ପ୍ରସାଦ ଦ୍ୱାରରେ ତାଙ୍କ ଦଳ ରହିଥିବା ସମୟରେ ଲକ୍ଷ୍ମୀଙ୍କର ଦେଖିଲେ, ଯୁବରାଜ ସେବଳ ଶିକାରରୁ ଦଳବଳ ସହ ଅନେକ ପଶୁ ଶିକାର କରି ଫେରୁଛନ୍ତି । ସେ ଲକ୍ଷ୍ମୀଙ୍କରାଙ୍କ କନ୍ୟାଯାତ୍ରୀ ଦଳକୁ ନ ଦେଖି ଉଆସର ପ୍ରବେଶ ଦ୍ୱାର ଦେଇ ଭିତରକୁ ବିଜୟର କଳରବ ନାଦରେ ପଶି ଯାଇଥିଲେ । ଏହି ଦୃଶ୍ୟ ଦେଖି କରୁଣାରେ ଭରି ରହିଥିବା ଲକ୍ଷ୍ମୀଙ୍କରଙ୍କ ମନ ଉଦାସ ଓ ବିତୃଷ୍ଣାରେ ପୁରି ଉଠିଲା । ପରଦିନ ଉଆସ ଭିତରେ ପଶିଲା ପରେ ସେ ନିଜକୁ ଗୋଟିଏ କୋଠରୀ ଭିତରେ ଦଶ ଦିନ ଧରି ବନ୍ଦ କରି ଦେଇଥିଲେ । ଯେତେବେଳେ କବାଟ ଖୋଲିଥିଲେ ତାଙ୍କ ଉଲଗ୍ନ ଶରୀର ମୁକୁଳିତ କେଶ ତଥା ଶରୀର ସାରା ତୈଳରେ ଜର୍ଜରିତ ଥିଲା ତଥା ଉଦଣ୍ଡ ନୃତ୍ୟରେ ସେ ପ୍ରସାଦ କମ୍ପାଇ ଦେଇଥିଲେ । ବୈଦ୍ୟମାନଙ୍କ ଉପଚାରରେ ବି କୌଣସି ପ୍ରକାର ତାଙ୍କ ଭିତରେ ପରିବର୍ତ୍ତନ ଦେଖା ଦେଇ ନ ଥିଲା । ଦିନେ ସେ ଉଆସର ଜଣେ ମେହେନ୍ତରଙ୍କ ସାହାଯ୍ୟରେ ଉଆସରୁ ଲୁଚି ପଳେଇ ଯାଇ ଅରଣ୍ୟର ଗୁମ୍ଫା ଭିତରେ ନିଜର ସାଧନାରେ ମନ ନିବେଶ କରିଥିଲେ ।

ଲକ୍ଷ୍ମୀଙ୍କରା ତାଙ୍କ ଭାଇଙ୍କ ଠାରୁ ବଜ୍ରଯାନ ଦୀକ୍ଷା ଜରିଆରେ ତନ୍ତ୍ରଶାସ୍ତ୍ର (ଯୋଗ, ଧ୍ୟାନ ଆଦି) ଶିକ୍ଷା ଲାଭ କରିଥିଲେ । ବଣରେ ଗୁମ୍ଫା ମଧ୍ୟରେ ଏକାକୀ ଅନେକ ଦିନ ଧ୍ୟାନରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସି ସେ ସହଜଯାନକୁ ନିଜ ଭିତରେ ଆବିଷ୍କାର କଲେ । ଦୀର୍ଘ ସାତ ବର୍ଷର ସାଧନା ଫଳରେ ସେ ଯାହା ଅନ୍ତର୍ମୁଖୀ ହୋଇ ଅନୁଭବ କଲେ ତାକୁ ତାଙ୍କ ଅଦ୍ୱୟସିଦ୍ଧି କାବ୍ୟରେ ଲିପିବଦ୍ଧ କଲେ । ତାଙ୍କ ଅନୁଭବକୁ ବୌଦ୍ଧଶାସ୍ତ୍ରରେ ସହଜଯାନ ନାମରେ ନାମିତ କରା ଯାଇଛି ।

ସହଜଯାନ ବୌଦ୍ଧଧର୍ମ ବଜ୍ରଯାନର ଏକ ଶାଖା ରୂପେ ପରେ ଜନସାଧାରଣରେ ମାନ୍ୟତା ପ୍ରାପ୍ତ ହୋଇଥିଲା । ଅଦ୍ୱୟସିଦ୍ଧି ଶିକ୍ଷା ଦ୍ୱାରା ସହଜଯାନ ଆହରଣ କରିବା ବିଧି ଲକ୍ଷ୍ମୀଙ୍କରା ଉଆସର ମେହେନ୍ତରଙ୍କୁ ପ୍ରଥମେ ଦୀକ୍ଷା ଦେଇଥିଲେ ।

ଦିନେ ରାଜା ଜଳନ୍ଧର ଶିକାରରେ ପଥ ହୁଡି ତପସ୍ୟାରତ ଲକ୍ଷ୍ମୀଙ୍କରାଙ୍କ ପ୍ରକୃତ ପରିଚୟ ପାଇଥିଲେ । ଦେଦୀପ୍ୟମାନ ତାଙ୍କ ଶରୀରର ଆଲୋକରେ ଆଲୋକିତ ହୋଇ ରାତିସାରା ସେହି ଅନ୍ଧକାର ପୂର୍ଣ୍ଣ ଗୁମ୍ଫାରେ ତାଙ୍କୁ ନୀରିକ୍ଷଣ କରି ବସି ରହିଥିଲେ । ତାଙ୍କ ଜ୍ଞାନରେ ପ୍ରଭାବିତ ହୋଇ ତାଙ୍କ ଠାରୁ ଦୀକ୍ଷା ନେବା ପାଇଁ ଚାହିଁଥିଲେ । କିନ୍ତୁ ଲକ୍ଷ୍ମୀଙ୍କର ତାଙ୍କୁ କେବଳ ଗୋଟିଏ ମାତ୍ର ଶ୍ଳୋକ କହି କହିଥିଲେ ଯେ ତାଙ୍କ ଉଆସର ମେହେନ୍ତର ଏହି ବିଦ୍ୟାରେ ତାଙ୍କର ଶିଷ୍ୟ ହୋଇ ସାରିଛି । ସେ ତାଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କରି ପାରିବେ । ରାଜା ଜଳନ୍ଧର ଉଆସର ମେହେନ୍ତରଙ୍କୁ ହୃଦୟର ସହ ସମ୍ମାନ ଦେଇ ତାଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କରି ରାଜ୍ୟରେ ପଶୁ ବଧ ତଥା ହିଂସାର ବାରଣ କରାଇଥିଲେ ।

ଅଦ୍ୱୟସିଦ୍ଧି ଦୀକ୍ଷା ଅଥବା ସହଜଯାନ ଶିକ୍ଷା ଯୋଗଧ୍ୟାନ ବଳରେ ସହସ୍ରାର ଚକ୍ରକୁ ନିଜର ବଶୀଭୂତ କରିବା ଥିଲା । ସହସ୍ରାର ଘରେ ବୌଦ୍ଧିକ ଚୈତନ୍ୟ ରହିଥାଏ । ଅନୁମାନ କରାଯାଏ ପରବର୍ତ୍ତୀ କାଳରେ ଆଦି ଶଙ୍କରଚାର୍ଯ୍ୟଙ୍କ ଅଦ୍ୱୈତ ବିଚାରକୁ ବୌଦ୍ଧଧର୍ମର ଏହି ସହଜଯାନରୁ ବଳ ମିଳିଥିଲା । ତାଙ୍କର ପୁରୀ ରହଣିକାଳରେ ସେ ବୁଦ୍ଧଙ୍କୁ ନବମ ଅବତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୂପେ ଗ୍ରହଣ କରି ଭାରତୀୟ ବୈଦିକ ବିଚାରରେ ଏକ ଅପୂର୍ବ ସମନ୍ୱୟ ଆଣିବାରେ ସଫଳ ହୋଇ ପାରିଥିଲେ ।

**କନ୍ନଡ ନାରୀ କବି ଆକ୍କା ମହାଦେବୀ**

୧୨ଶହ ଶତାବ୍ଦୀର କନ୍ନଡ ସାହିତ୍ୟର ପ୍ରଥମ ବିଦ୍ରୋହୀ ନାରୀ କବି ରୂପେ ଆକ୍କା ମହାଦେବୀଙ୍କ ନାମ ନିଆ ଯାଇ ପାରେ । ବୁଦ୍ଧିମତାଯୁକ୍ତ ଚୈତନ୍ୟର ଜ୍ଞାନରେ ଭାସମାନ ଏହି ସାରସ୍ୱତ ସାଧିକା ପିଲାଟି ଦିନରୁ ଚେନ୍ନା ମଲ୍ଲିକାର୍ଜ୍ଜୁନଙ୍କ ଭକ୍ତ ଥିଲେ । ବିବାହ ବୟସ ହେଲା ପରେ ସେ ତାଙ୍କୁ ମନେ ମନେ ବିବାହ କରି ସାରିଥିଲେ । ତାଙ୍କ ରୂପରେ ମୋହିତ ଜୈନ ରାଜା କୌଶିକ ତାଙ୍କୁ ଜବରଦସ୍ତ ବାହା ହେଲେ । କିନ୍ତୁ ତାଙ୍କ ବାହାଘର ସଫଳ ହେଲାନି । ସେହି ରାତିରେ ହିଁ ସେ ରାଜପ୍ରାସାଦ ତଥା ପିନ୍ଧିଥିବା ବସ୍ତ୍ର ରାଜପ୍ରାସାଦରେ ତ୍ୟାଗ କରି ଉଲଗ୍ନ ଅବସ୍ଥାରେ ରାଜରାସ୍ତା ଉପରେ ଆସି ଗୋଟିଏ ଶିବ ମନ୍ଦିରରେ ଆଶ୍ରୟ ନେଲେ । ସେଠାରେ ସେ ସନ୍ଥ ବାସଵାନ୍ନା ଙ୍କ ସମ୍ପର୍କରେ ଆସିଲେ । ଉଲଗ୍ନ ଥିଲେ ମଧ୍ୟ ତାଙ୍କ ଲମ୍ବମାନ ମୁକୁଳା ବାଳ ତାଙ୍କ ଶରୀର ଘୋଡେଇବା ପାଇଁ ସକ୍ଷମ ଥିଲା ।

ତାଙ୍କ ନଗ୍ନତା, ଯାହା ସ୍ତ୍ରୀ ଲୋକଙ୍କ ବିନମ୍ରତାକୁ ପ୍ରତ୍ୟକ୍ଷରେ ନଷ୍ଟ କରି ଦିଏ, ପାଇଁ ସେ ସେଠାରେ, ବୀରଶୈବ ସନ୍ନ୍ୟାସୀ ମାନଙ୍କ ପାଖରେ ଅନେକ ପ୍ରଶ୍ନର ସମ୍ମୁଖୀନ ହେଲେ । ତଥାପି ସେ ସମସ୍ତ ଉତ୍ତରକୁ ଶାସ୍ତ୍ରମତେ ରଖି ସମସ୍ତଙ୍କ ଦୃଷ୍ଟିଭୁକ୍ତ ହୋଇ ପାରିଥିଲେ ।

ସେ ସମସ୍ତ ପଦାର୍ଥ ଭିତରେ ପରମାତ୍ମାଙ୍କୁ ଦେଖୁଥିଲେ । ପ୍ରତ୍ୟେକ ବୃକ୍ଷ ତାଙ୍କ ପାଇଁ କଳ୍ପବୃକ୍ଷ, ପ୍ରତ୍ୟେକ ଗୁଳ୍ମ ସଞ୍ଜିବନୀ, ପ୍ରତ୍ୟେକ ସ୍ଥଳ ତୀର୍ଥସ୍ଥଳ, ଜଳର ପ୍ରତ୍ୟେକ ଟୋପା ଅମୃତ, ପ୍ରତ୍ୟେକ ଗୋଡି ଚିନ୍ତାମଣି ରତ୍ନ ଥିଲା । ତାଙ୍କର ପ୍ରତ୍ୟେକ ଶ୍ୱାସ ଇଶ୍ୱରୀୟ ସୁଗନ୍ଧ, ଇଶ୍ୱରୀୟ ରୂପ ତାଙ୍କ ରୂପରେ ପରିବର୍ତ୍ତିତ ହୋଇ ଯାଉଥିଲା । ତାପରେ କେବଳ ଶୂନ୍ୟ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାଶୂନ୍ୟର ସ୍ଥାନ ହିଁ ରହିଥିଲା ।

ଏହି ନିର୍ଗୁଣ ଭାବର ଅନ୍ତଃସ୍ଥ ତର୍କ ଦ୍ୱାରା ମହାଦେବୀ ସମସ୍ତଙ୍କୁ ତାଙ୍କ ନଗ୍ନତା ବିଷୟରେ ବୁଝେଇବାରେ ସଫଳ ହେଲେ ତଥା ବାସଵାନ୍ନା ଓ ସିଦ୍ଧରାମାଙ୍କ ଭଳି ବୀରଶୈବ ସମ୍ପ୍ରଦାୟ ସନ୍ନ୍ୟାସୀମାନେ ତାଙ୍କୁ ସେମାନଙ୍କ ଶ୍ରେଣୀଭୁକ୍ତ କରିଥିଲେ । ତାଙ୍କ ଅଲୌକିକ ଭାବରେ ପ୍ରଭାବିତ ହୋଇ ତାଙ୍କୁ ଆକ୍କା (ବଡ ଭଉଣୀ) ପଦରେ ସମ୍ମାନ ଦେଇ ଆକ୍କା ମହାଦେବୀ ନାମ ଦେଲେ । ପରେ ଶ୍ରୀଶୈଳମର ଗୁମ୍ଫା ଭିତରେ ଧ୍ୟାନରତ ହୋଇ ଭ୍ରମର ମୁକୁଳିତ ପୁଷ୍ପର ମହୁ ମୋହରେ ସୂର୍ଯ୍ୟାସ୍ତ ମଧ୍ୟ ନ ଜାଣି ପାରି ପୁଷ୍ପର ବନ୍ଦ ପାଖୁଡା ଭିତରେ ସମାହିତ ହେଲା ଭଳି ଚେନ୍ନା ମଲିକାର୍ଜୁନଙ୍କ ଅମୃତ ପାନପୂର୍ବକ ତାଙ୍କ ଭିତରେ ସେ ସମାହିତ ହୋଇଗଲେ ।

ବୌଦ୍ଧିକ ଚୈତନ୍ୟରେ ଜ୍ଞାନାଗ୍ନି ପ୍ରଜ୍ଜ୍ୱଳିତ ହୋଇ ଜ୍ଞାନର ଆଲୋକ ବିସ୍ତାରିତ କରେ । ସ୍ଖଳନଶୀଳ ମାନବ ପ୍ରକୃତିରେ ସଂଯମତା ଆଣେ । ସଂଯମିତ ମନ, ବାକ୍ୟ ତଥା କର୍ମ ପରମ ଆନନ୍ଦର ଅନନ୍ତ ସମୁଦ୍ର ଭିତରକୁ ନେଇ ଯାଇଥାଏ ।

ତୋଟାସାହି, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱାସ ବାସ୍ତବତାର



ଡ ମୀନକେତନ ପଟ୍ଟନାୟକ

ସୃଜନଶୀଳ ବ୍ୟକ୍ତିମାନଙ୍କର ନିଜସ୍ୱ କାର୍ଯ୍ୟଶୈଳୀ ରହିଥାଏ । ସେମାନଙ୍କ ପାଇଁ ଜୀବନଦର୍ଶନ, ସୃଜନଚାତୁରୀ, ସ୍ୱରଚନାର ମାଧ୍ୟମ ଆଦି ଭିନ୍ନ ଭିନ୍ନ ହୋଇପାରେ । ବାଲେଶ୍ୱର ଜିଲ୍ଲାରେ ଜନ୍ମିତ ତଥା ଦିଲ୍ଲୀରେ କାର୍ଯ୍ୟରତ, ପଚାଶଟି ବସନ୍ତ ଅତିକ୍ରମ କରି ସାରିଥିବା ଚରିତ୍ର ଚିତ୍ରକାର ଗଙ୍ଗା



ନାରାୟଣ ମହାରଣ ପ୍ରଭାବ ବେଳେ ତଥା ସାୟଂକାଳେ ଜିମରେ ବ୍ୟାୟାମ କରୁଥିବା ବେଳେ ତାଙ୍କ ଚିତ୍ରରେ ନୂଆ ନୂଆ ଆଉ କଣ ସମ୍ଭାବନା ଆଣିହେବ ତାହା ଭାବୁଥାନ୍ତି । ଏପଟେ ଶରୀରରୁ ଝରି ପଡୁଥାଏ ବୁନ୍ଦା ବୁନ୍ଦା ଝାଳବିନ୍ଦୁ ଓ ସେପଟେ ମନର କେଉଁ ଗଭୀରତମ ପ୍ରଦେଶରେ ସେ ବାନ୍ଧୁଥାଏ ଚିତ୍ରମନସ୍କ ବାଇଆ ଚଢ଼େଇଟିଏ ।



ଗଙ୍ଗା ନାରାୟଣଙ୍କ ଚିତ୍ର ସର୍ଜନା ଚାରିତ୍ରିକ ଶ୍ରେଣୀୟ ଅଟେ । ବିଶେଷକରି ନାରୀ ଚରିତ୍ରମାନ ତାଙ୍କ ଚିତ୍ରପଟ୍ଟରେ ପ୍ରାଧାନ୍ୟ ବିସ୍ତାର କରିଥାନ୍ତି । ଗୁରୁ ବ୍ୟୋମକେଶ ମହାନ୍ତିଙ୍କ କ୍ଷୀପ୍ର ତୂଳୀକା ଚାଳନା ଦ୍ୱାରା ଅନେକାଂଶରେ ପ୍ରଭାବିତ ହୋଇଥିବା ଏହି ଶିଳ୍ପୀ ଜଳରଙ୍ଗ ଓ ଆକ୍ରିଲିକ୍ ରଙ୍ଗର ଛବିରେ କୋମଳ ରଙ୍ଗ ବିନ୍ୟାସ କରିବାକୁ ଭଲ ପାଆନ୍ତି । ତାଙ୍କ ଛବିରେ ସମାଜର ଦୁଇଟି ଶ୍ରେଣୀ 'ଧନୀକ ଓ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com



ନିର୍ଧନ'ଙ୍କର ତୁଳନାତ୍ମକ ଚିତ୍ର ବିଶ୍ଲେଷଣ ଦେଖିବାକୁ ମିଳେ । ଛଅ ଫୁଟରେ ଛଅ ଫୁଟ୍ ଆକାରର 'ଇମ୍ପାକ୍ଟ' କ୍ୟାନଭାସ୍ ଚିତ୍ରଟିରେ ସେ ଦୁଇଟି ସାଙ୍କେତିକ କୁକୁରଙ୍କର କାହାଣୀ ଦର୍ଶାଇଛନ୍ତି । ଗୋଟିଏ କୁକୁର କଳା ଚଷମା ପିନ୍ଧି ଦାମୀ ମୋଟର ଯାନରେ ମାଲିକାଣୀଙ୍କ ନିକଟରେ ବସିଛି କିନ୍ତୁ ସେ ଉଦାସିଆ ଲାଗୁଛି କିନ୍ତୁ କାହ୍ନୁ ଏପଟେ ଗୋଟିଏ ବୁଲା କୁକୁର ଏକ ନିର୍ମାଣ ଶ୍ରମିକର ଟ୍ରଲି ତଳେ ବିଶ୍ରାମ ନେଇଛି ତଥା ଖୁବ୍ ଖୁସି ଜଣାଯାଉଛି । ଅର୍ଥାତ ଧନୀକ ଶ୍ରେଣୀୟ ବ୍ୟକ୍ତି ବିଶେଷମାନେ ତାଙ୍କ ଅଚଳାଚଳ ସମ୍ପତ୍ତିର ଭବିଷ୍ୟତକୁ ନେଇ ସଦାସର୍ବଦା ଚିନ୍ତାଗ୍ରସ୍ତ ରହୁଥିବା ବେଳେ ନିର୍ଧନ ମଣିଷଟିଏ ଖୋଲା ହସଟିଏ ହସିପାରେ । କାରଣ ତା ପାଖରେ ହରେଇବା ଭଳିଆ କିଛି ନଥାଏ । ସେ ସ୍ୱପ୍ନ ନୁହେଁ, ବାସ୍ତବତାରେ ବିଶ୍ୱାସ କରେ ।



ବରିଷ୍ଠ ଅଧ୍ୟାପକ

ବିକେ ସ୍କୁଲ୍ ଅଫ୍ ଆର୍ଟ୍ସ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଜପର୍ବ



ଅକ୍ଷୟ କୁମାର
ବେହେରା

ଉତ୍କଳ ମାଟିରେ ବାର ମାସେ ତେରପର୍ବ ଆମେ ଓଡିଆମାନେ ପାଳନ କରୁ । ବୈଶାଖ, ଜ୍ୟୋଷ୍ଠ ମାସରେ ଗ୍ରୀଷ୍ମଋତୁ ଧରଣୀ କୋଳରୁ ବିଦାୟ ନେଲାପରେ, ଆଷାଢ ଓ ଶ୍ରାବଣ ମାସରେ ବର୍ଷାଋତୁ ତାର ଲୀଳା ଆରମ୍ଭ କରେ । ଗ୍ରୀଷ୍ମର ପ୍ରକୋପରେ ଛଟପଟ ହେଉଥିବା ପ୍ରାଣୀ ଜଗତ ବର୍ଷା ଆଗମନର ଶୀତଳତାରେ ରଜପର୍ବ ପାଳନ କରନ୍ତି ।

ଜ୍ୟେଷ୍ଠ ମାସ ଶେଷ ଦିନ ମାସାନ୍ତକୁ ପହିଲି ରଜ ବୋଲି ଲୋକେ ଜାଣନ୍ତି । ଆଷାଢ ମାସର ପହିଲା ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ରୂପେ ପାଳନ କରନ୍ତି । ଓଡିଆମାନେ ପାଳନ କରୁଥିବା ପର୍ବମାନଙ୍କ ଭିତରୁ ରଜପର୍ବ ହେଉଛି ଏକ ମୁଖ୍ୟ ପର୍ବ । ଧରଣୀରାଣୀ ରଜ ସଂକ୍ରାନ୍ତିରେ ରଜବତୀ ହୁଅନ୍ତି ବୋଲି ଲୋକେ ଜାଣନ୍ତି । ତେଣୁ ତିନିଦିନ ଧରି ଧରିତ୍ରୀକୁ ଆଘାତ ଦିଅନ୍ତି ନାହିଁ । ଏହି ପ୍ରଥା ପୂର୍ବ କାଳରୁ ପ୍ରଚଳିତ ଅଛି ।

ରଜପର୍ବ ପାଳନ ପୂର୍ବରୁ ଘରର ଘରଣୀ ଗୃହକୁ ଲିପା ପୋଛାକରି ସଫା କରନ୍ତି ଓ ଲୁଗାପଟା ଧୋଇ ସଫା ରଖନ୍ତି । ପିଠା ତିଆରିପାଇଁ ପୂର୍ବ ଦିନରୁ ଅରୁଆ ଚାଉଳଚୂନା ପ୍ରସ୍ତୁତ କରି ରଖନ୍ତି । ସୁଜିର ମଧ୍ୟ ବ୍ୟବହାର କରାଯାଏ । ଏହି ପର୍ବର ମୁଖ୍ୟ ପିଠା ହେଲା ପୋଡପିଠା ତା ସଙ୍ଗେ ଆରିସା, କାକରା, ମଣ୍ଡା ଆଦି ପିଠା ଏବଂ ଖିରି, ଖେଚୁଡି ବି ଘରେ ଘରେ ତିଆରି ହୋଇଥାଏ । କିଏ କେମିତି ସିମେଇ, ସୁଜି ଉପମା, ହାଲୁଆ, ପୁରି ବନେଇ ଥାଆନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଲୋକ ରଜକୁ ଫଳର ପର୍ବ ବୋଲି କହିଥାନ୍ତି । ଏଇ ସମୟରେ ଆମ୍ବ, ଜାମୁ, ଲିଚୁ, ସପେଟା, ପଣସ ଆଦି ଫଳ ପାଚିଥାଏ । ପଣସରୁ ରସ କାଢ଼ି ପିଠା ପ୍ରସ୍ତୁତ କରନ୍ତି । ପଣସ ସହିତ ମୁଢ଼ି ଖାଇବାର ଏକ ନିଆରା ମଜା ଏହି ପର୍ବରେ ଅଛି । ରଜରେ ରଜପାନର ସ୍ୱତନ୍ତ୍ର ସ୍ଥାନ ରହିଛି ।

ପିଲା ମାନେ ନୂଆ ପୋଷାକ ପିନ୍ଧି ଅତି ଆନନ୍ଦ ମନରେ ପର୍ବ ପାଳନ୍ତି । ଗଛ ମାନଙ୍କରେ ଦୋଳି ବନ୍ଧା ଯାଇଥାଏ । ଝିଅ ମାନେ କପାଳରେ ଚନ୍ଦନ ଚିତା, ପାଦରେ ନାଲି ଅଳତା ପିନ୍ଧି ଅତି ସୁନ୍ଦର ରୂପକୁ ଧରି ଦୋଳି ଝୁଲିବା ପାଇଁ ଦୋଳି ପାଖେ ଭିଡ ଜମାଇଥାନ୍ତି । ହରସମନେ ଗୀତ ଗାଇ ଦୋଳି ଝୁଲନ୍ତି । ପୁଅମାନେ ଗାଁ ଛକରେ ତାସ୍, କେରମ୍, ଚେସ୍, ଲୁଡୁ ଆଦି କେତେ ପ୍ରକାର ଖେଳରେ ମାତିଥାନ୍ତି । କିଛି ଗାଁ ଗୁଡିକରେ ଉତାଯାତ, କବାଡି ଖେଳ, ଗଂଜା ଲଢେଇର ମେଳା ଲାଗିଥାଏ ।

ରଜ ସଂକ୍ରାନ୍ତି ଦିନ ସଂଧ୍ୟା ସମୟରେ ଚୈତନ୍ୟ ମହାପ୍ରଭୁଙ୍କ ଭକ୍ତଗଣ ରୁଣ୍ଡ ହୋଇ କଦଳୀ, ନଡିଆ, ବେଲ, ଗୁଡ, ଦହି ପରି କେତେ ସାମଗ୍ରୀରେ ପଣା ପ୍ରସ୍ତୁତ କରନ୍ତି । ପ୍ରଭୁଙ୍କ ଠାରେ ଆଳତୀ କରି ଭୋଗ ଲାଗି ହେଲାପରେ ଗାଁର ଆବାଳ ବୃଦ୍ଧବନିତା ସଭିଙ୍କୁ ପଣା ବଣ୍ଟା ହୁଏ । ତା ପରଦିନ ପ୍ରଭାତରେ ଗୋପି ଗୋପାଳଙ୍କ ସହ ରାଧାକୃଷ୍ଣ, ରୂପରେ ସଜ ହୋଇ ଘରେ ଘରେ ପଣା ବାଣ୍ଟନ୍ତି । ଭକ୍ତମାନେ ମହାମନ୍ତ୍ର ଗାନକରି ସଂକିର୍ତ୍ତନର ତାଳେ ତାଳେ ଗ୍ରାମ ଭ୍ରମଣ କରନ୍ତି । ଚତୁର୍ଦ୍ଦିଗେ ଶୁଭୁଥାଏ ଗୋଟିଏ ସ୍ୱର:-

*ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।*

*ହରେ ରାମ ହରେ ରାମ ରାମ ରାମ ହରେ ହରେ ।।*

କେନ୍ଦୁଡିହା ବଡସାହି ମୟୂରଭଂଜ, ଭ୍ରାମ୍ୟଭାଷ:-୯୩୪୮୮୯୯୯୧୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡେଣ୍ଡା



ବୈକୁଣ୍ଠନାଥ ଖୁଟୁଆ

ଜଳସେଚେନ କରିବା ଅତି ପୁରୁଣା କାଳିଆ କଥା । ଜଳସେଚନ ପ୍ରଥମେ ମିଶରୀୟମାନେ ଆରମ୍ଭ କରିଥିଲେ । ନୀଳ ନଦୀକୁ ବନ୍ଧ କରି ଖାଲ ଅଂଚଳରେ ପାଣି ଭର୍ତି କରି ରଖୁଥିଲେ । ଫଳରେ ଗରମ ଦାଉରୁ ସେମାନେ ରକ୍ଷାପାଉଥିଲେ । ମିସରିୟମାନେ ଭାର ଉତ୍ତୋଳନ ପାଇଁ ବିଭିନ୍ନ ପଦ୍ଧତି ବାହାର କରିଥିଲେ ନୋହିଲେ ସେମାନେ ଏଡ଼େ ବଡ଼ ମମି ତିଆରି କରି ପାରିନଥାନ୍ତେ । ଏହି ମିସରିୟମାନେ ହଳ ଶଗଡ଼ ଡେଣ୍ଡାର ବ୍ୟବହାର ଜାଣିଥିଲେ । ଏହି ଡେଣ୍ଡା ହେଉଛି ଦ୍ୱିତୀୟ ଶ୍ରେଣୀ ଭାରଦଣ୍ଡ । ମିଶରବାସୀମାନେ ଡେଣ୍ଡାକୁ ସାଡୁଫ କହୁଥିଲେ । ଖ୍ରୀ.ପୂ. ୧୫୦୦ ବେଳକୁ ମିଶରୀୟମାନେ ବୁଦ୍ଧି ଖଟାଇ ସାଡୁଫ ବା ଡେଣ୍ଡା ବାହାର କରିଥିଲେ । ଏହି ଡେଣ୍ଡାର ଚିତ୍ର କାନ୍ଥରେ ଚିତ୍ରତ ହୋଇଥିବାରୁ ଅନୁମାନ ହେଉଛି ଖ୍ରୀ.ପୂ. ୧୫୦୦ ବେଳକୁ ଡେଣ୍ଡା ବାହାରି ସାରିଲାଣି ଜଳସେଚନ କାମରେ ବ୍ୟବହାର ହେଲାଣି । ନୀଳ ନଦୀର ଜଳକୁ ଅଟକାଇ ଯନ୍ତ୍ର ସାହାଯ୍ୟରେ ପାଣି ମଡ଼ାଉଥିଲେ ।

ବର୍ତ୍ତମାନ ଆମେ ଡେଣ୍ଡାକୁ ଗୋଟିଏ ସାଧାରଣ ଅର୍ଥରେ ଭାବୁଛେ, କିନ୍ତୁ ଯେତେବେଳେ ପ୍ରଥମେ ବାହାରିଲା ଏଇଟା ଗୋଟାଏ ମେସିନ୍ ବୋଲି ଲୋକେ ଭାବୁଥିଲେ । ତାକୁ କିଏ କେମିତି ବାହାର କଲା ଜାଣିବା କଷ୍ଟକର କଥା । ଡେଣ୍ଡା ଗୋଟାଏ ଦ୍ୱିତୀୟ ଶ୍ରେଣୀ ଭାରଦଣ୍ଡ । ଭାରଦଣ୍ଡ ବାହାରିବା ସମୟରେ ଏହି ଡେଣ୍ଡା ବାହାରିଛି ଓ ଲୋକମାନଙ୍କ ଉପକାରରେ ଲାଗିଛି । ଏମିତି ହୋଇଥାଇପାରେ ପାଣି କୂଅରୁ ଦଉଡ଼ି ସାହାଯ୍ୟରେ ଉପରକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠାଉଥିଲ । ପରେ ଦଉଡ଼ି ବ୍ୟବହାର ନକରି ଖଣ୍ଡେ ବାଉଁଶ ବାନ୍ଧି ଉପରକୁ ଉଠାଇଲେ ମଧ୍ୟ ସୁବିଧା ହେଲା । କାଠଚକି ଲଗାଇ ପାଣି ଉପରକୁ ଉଠାଇଲେ । ପାଣି ମାଠିଆରେ ମୁଣ୍ଡାଇକି ନେଉଥିଲେ । ଏଇ ମାଠିଆଟା କେମିତି ବିନା ପରିଶ୍ରମରେ ଉଠାଯାଇପାରିବ ଚିନ୍ତା କରି ଟେଣ୍ଡା ବାହାର କଲେ ।

ଏହି ଟେଣ୍ଡାରେ ଗୋଟିଏ ଲମ୍ୱା ବାଉଁଶ ବା ଡ଼ବା ଯାହାର ଲମ୍ୱ ପାଖା ପାଖି ୨୫ ଫୁଟ ଦରକାର । ଏହାକୁ ବାହାଲ କହନ୍ତି । ଏହାକୁ ତିନି ଭାଗ କଲେ ୮ ଫୁଟ ହେଉଛି । ମୂଳରୁ ୮ଫୁଟରେ ଗୋଟିଏ କଣା କରାଯାଏ । ଏଥିରେ ୨ ଫୁଟର ଗୋଟିଏ ବାଉଁଶ ପକ୍ଷି ଲଗାଯାଏ । ଏହାକୁ ପକ୍ଷି କହିବାର ଅର୍ଥ ହେଉଛି ଏହା ଦେଖିବାକୁ ପକ୍ଷୀମାନଙ୍କର ଡେଣା ଭଳି । ଏହି ପକ୍ଷୀ ବାହାଲ କଣାରେ ଲଗାଯାଏ । ବାହାଲର ମୂଳରେ ଭାର (ପାଳରେ କାଦୁଅ ଲଗାଯାଇ ବନ୍ଧାଯାଏ) । ଶେଷରେ କୂଅର ଗଭୀରତା ଅନୁସାରେ ଗୋଟିଏ ସରୁ ବାଉଁଶ ଅଣାଯାଏ । ଏହାକୁ ହାତ ବାଉଁଶ କହନ୍ତି । ଏହାର ମୂଳଭାଗରେ ଗୋଟିଏ ଛୋଟ କଣା କରାଯାଏ । ଏହି କଣାରେ ଗୋଟିଏ ଛୋଟ ୬ ଇଂଚର କାଠି ଲଗାଯାଏ । ଏହିଠାରେ ଜଳ ରହିବାର ପାତ୍ର ବା ମାଠିଆ ବନ୍ଧାଯାଏ ବା ଲଗାଯାଏ । ଏହି ବାଉଁଶକୁ ବାହାଲର ଶେଷଭାଗରେ ବନ୍ଧାଯାଏ । ଏ ଗଲା ବାହାଲ କଥା । ଏହି ବାହାଲକୁ ଗୋଟିଏ ଖୁମ୍ୱ ଉପରେ ରଖାଯାଏ । ଏହି ଖୁମ୍ୱର ଲମ୍ୱ ପାଖାପାଖି ୧୨ ଫୁଟ । ଏହାର ଅଗ ଫଖରୁ ୪/୫ ଇଂଚ ଛାଡ଼ି ଗୋଟିଏ କଣା କରାଯାଏ । ପ୍ରାୟ ୪ଫୁଟ ପର୍ଯ୍ୟନ୍ତ ଚିରାଯାଏ ।  ଏହି ଚିରିବା ମଝିରେ ବାହାଲ ରହେ ଓ ବାହାଲର ପକ୍ଷୀ ଏହି ଖୁମ୍ୱର ମଝିରେ ଥବା ଦୁଇ କଣା ଭିତରେ ରହେ । ଏହା ଠିକ୍ ଢ଼ିଙ୍କି ଭଳି କାମ କରେ । କୂଅ ଉପରେ ଦୁଇ ଖଣ୍ଡ କାଠ ପଡ଼େ । ଏହାରି ଉପରେ ଜଣେ ଲୋକ ଛିଡ଼ା ହୋଇ ବାଉଁଶରେ ବନ୍ଧା ହୋଇଥିବା ମାଠିଆକୁ କୂଅଭିତରେ ଭର୍ତିକରି ପଣି ଭରି କରେ ଓ ଉପରକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଳ ପ୍ରୟୋଗ କଲେ ମାଠିଆ ଉପରକୁ ଆସେ ଓ ମାଠିଆ ପାଣି ଭୂଇଁରେ ଢ଼ାଳିଲେ ପାଣି ବିଲରେ ମାଡ଼େ । ଏଇଟା ଗେଟେ ସାଧାରଣ କଥା । ଏଇ ଧରଣର ଯନ୍ତ୍ରପାତି ପ୍ରଥମେ କିଏ ଜଣେ ବାହାର କରିଛି କିଛି ଜଣା ନାହିଁ । ତେଣ୍ଡା ଠିକ୍ ଢ଼ିଙ୍କି ଭଳି କାମ କରେ । ଭାରଦଣ୍ଡ ବାହାରିବା ସମୟରେ ଏହି ସବୁ ଯନ୍ତ୍ରପାତି ବାହାରିଛି । ଏହା ଥିଲା ଭାରଦଣ୍ଡ ଉଦ୍ଭାବନର ଯୁଗ । ଯେମିତି ଜେମ୍ସ ୱାଟ ମୋଟର ବାହାରିବା ଦ୍ୱାରା ଆଜି ଅନେକ କାମ ମୋଟରଦ୍ୱାରା କରାଯାଇପାରୁଛି । ଏହା ହେଉଛି ମୋଟର ଯୁଗ । ଏହାପରେ କମ୍ପ୍ୟୁଟର ଆସିବା ଦ୍ୱାରା ଅନେକ କାମ ହୋଇପାରୁଛି । ଏହାକୁ କମ୍ପ୍ୟୁଟର ଯୁଗ କୁହାଯିବ । ସେମିତି ସେତେବେଳେ ଏଇ ଭାରଦଣ୍ଡ କୌଶଳକୁ ବିଭିନ୍ନ କାମରେ ଲଗାଯାଇପାରୁଥିଲା । ସେତେବେଳେ ଏହି ଭାରଦଣ୍ଡ ବାହାରିଥିଲା ।

ବାଗଦାଦାର ପୁରୁଣା ନାଁ ହେଉଛି ସିଉଲ । ବେବିଲୋନିଆରୁ ଏହା ବାଗଦାଦ ହୋଇଛି । ବେବିଲୋନିଆ ସଭ୍ୟତାର ଏ ଥିଲା ମୂଳକେନ୍ଦ୍ର । ପ୍ରାଚୀନ ବେବିଲୋନିଆ ଟାଇଗ୍ରିସ୍ ନଦୀର ଉଭୟକୂଳରେ ଗଢ଼ି ଉଠିଥିଲା । ଏହି ବେବିଲୋନିଆ ବା ବର୍ତ୍ତମାନର ବାଗଦାଦା ସହର କେତେ ଉତ୍ଥାନ ପତନର ବେଳାଭୂମିରେ ଠିଆ ହୋଇ ସବୁ ଅନୁଧ୍ୟାନ କରିଛି ମନେ ରଖିଛି କିଏ କଣ ? ଏହାର ଶାସକ ହାମୁରାବୀଙ୍କର ପ୍ରଣୀତ ଆଇନ୍ ଗ୍ରନ୍ଥ ପୃଥିବୀ ସଭ୍ୟତାକୁ ପ୍ରଥମ ଆଇନର ଶାସନର କାହାଣୀକୁ ଗ୍ରହଣ କରିଥାଏ ।

ଏହି ବେବିଲୋନିଆ ସହର ନିକଟେରେ ଥିଲା ଝୁଲନ୍ତା ଉଦ୍ୟାନ । ପାହାଡ଼ ଉପରେ ଥିଲା ରାଜାଙ୍କ ଉଦ୍ୟାନ । ଉଦ୍ୟାନ ପାଇଁ ପାଣି ନିହାତି ଦରକାର । ପାଣିବିନା ଗଛ ଅସମ୍ଭବ । ଏ ଉଦ୍ୟାନଟି ପ୍ରଶାସକଙ୍କର ସହଧର୍ମିଣୀଙ୍କ ସ୍ମୃତି ଉପଲକ୍ଷେ ସୃଷ୍ଟି କରାଯାଇଥିଲା । ରାଣୀ ଥିଲେ ଶସ୍ୟଶ୍ୟାମଳା ପରିବେଶିତ ପକ୍ଷୀ କାକଳୀରେ ନିନାଦିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀତଳ ପର୍ବତବାସୀ ଯହିଁରେ ବୋହୁଥିଲା ଝର୍ଝର ଝଙ୍କାରପୂର୍ଣ୍ଣ ନିର୍ଝରିଣୀମାନ । ଶୁଷ୍କ ବନ୍ଧ୍ୟା ମରୁଭୂମି ପରିବେଶିତ ସମତଳ ଭୂମିରେ ବିବାହ ଉତ୍ ରାଜାଙ୍କ ସହ ବସବାସ କରି ରାଣୀମାନେ ପାଉଥିଲେ ତାଙ୍କର ପିଲାଦିନର ମଧୁର ସ୍ମୃତିରାଜିକୁ । ଫଳରେ ସେ ହୋଇପଡୁଥିଲେ ବିଷର୍ଣ୍ଣ ବଦନା । ରାଜାମାନଙ୍କର ମାନସିକ ଯନ୍ତ୍ରଣାର କାରଣ ଜାଣିପାରି ଆଦେଶ ଦେଲେ ରାଜଧାନୀ ମଧ୍ୟରେ ପର୍ବତ ସ୍ୱରୂପ ଶସ୍ୟ ଶ୍ୟାମଳିମା ଭରା ଉଚ୍ଚା ଅଞ୍ଚଳକୁ ସୃଷ୍ଟି କରିବା ପାଇଁ ତହୁଁ ବହୁତଳ ବିଶିଷ୍ଟ ଅଟ୍ଟାଳିକମାନଙ୍କରେ ପର୍ବତସମ ଉଦ୍ୟାନ ତିଆରି କରାଗଲା । ନଦୀରୁ ଜଳ ଉପରକୁ ଉଠିବା ପାଇଁ କୋଠା ଉପରେ ଚକଦ୍ୱାରା ଚାଳିତ ଉଠାଜଳ ସେଚନର ବ୍ୟବସ୍ଥା କରାଗଲା । ସବୁ ମହଲାର ପାଶ୍ୱର୍ଦ୍ଦେଶରେ ପୃଥିବୀର ସବୁଠାରୁ ସୁନ୍ଦର ତଥା ମୂଲ୍ୟବାନ ଫୁଲ, ଫଳଭରା ବୃକ୍ଷମାନ ସୁଶୋଭିତ ହୋଇଉଠୁଥିଲା । ଦୂର ପଥିକ ମନରେ ଏହା ଏକ ଝୁଲନ୍ତା ଉଦ୍ୟାନର ଭ୍ରମ ସୃଷ୍ଟି କରୁଥିଲା । ଏହା ହାନିବାଲଙ୍କ ସମୟରେ ତିଆରି ହୋଇଥିଲା । ହାନିବାଲଙ୍କ ସମୟ ଖ୍ରୀ.ପୂ. ୧୮୫୦ ହେଲେ ସେତେବେଳେ ଉଠାଜଳସେଚନର ବ୍ୟବସ୍ଥା ଥିଲା ।

ପୃଥିବୀର ପ୍ରାୟ ମରଭୂମି ଅଂଚଳ ସାଉଦୀଆରବ, ଆଫ୍ରିକାର ଉତ୍ତରାଂଚଳରେ ଅବସ୍ଥି । ମରୁଭୂମି ଅଂଚଳରେ ବେଦୁଇନ୍ ମାନେ ଏକ ଯାଯାବର ଜାତି । ଏମାନଙ୍କ ଘରଦ୍ୱାର କିଛି ନଥାଏ । ତମ୍ବୁ ଓଟ ଘୋଡ଼ା ମେଣ୍ଢା ପଶୁପାଳନ - ଏମାନଙ୍କର ମୁଖ୍ୟ ବ୍ୟବସାୟ । ବେଦୁଇନ୍ ମାନେ ଗୋଟିଏ ଜାଗାରେ ତୃଣଭୂମି ସରିଗଲେ ଅନ୍ୟ ଜାଗାକୁ ଚାଲିଯାନ୍ତି । ଏହି ଅଭାବ ହିଁ ସେମାନେ ନୂଆ ଜିନିଷ ବାହାର କରିବା ପାଇଁ ଖୋରାକ ପାଇଲେ । ଏହି ବେଦୁଇନ୍ ମାନେ ନୂଆ ଜଳସେଚନ ଉପକରଣମାନ ଉଦ୍ଭାବନ କରିଥିଲେ ।

ବୈଦିକ ଯୁଗରେ ଜଳସେଚନ ଥିଲା । ନଦୀଜଳ ଓ କୂପଜଳ ଉଭୟ ଜଳସେଚନରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟବହାର ହେଉଥିଲା । ଋଗ୍‌ବେଦରେ ଠାଏ ଠାଏ ନଦୀ ଓ କୂପ ଜଳକୁ ସ୍ୱୟଜା ଓ ଖନିତ୍ରିମା ବୋଲି କୁହାଯାଇଛି ।

*ଯା ଆପୋ ଦିବ୍ୟା ଉତ ଯାଃ ସ୍ରବନ୍ତି*

*ଖାନିତ୍ରିମା ଉତ ଯାଃ ସ୍ୱୟଂଜାଃ*

ନଦୀ ଜଳକୁ ସ୍ୱୟଂଜାଃ ଅର୍ଥାତ୍ ସ୍ୱତଃପ୍ରବୃତ ହୋଇ ଝରିବାକୁ ସ୍ୱୟଜାଃ କୁହାଯାଏ । ଖନନ ଦ୍ୱାରା ଜଳ ବାହାରୁଥିବାରୁ ଖାନିତ୍ରିମା କୁହାଯାଉଥିଲା । କୃତ୍ରିମ ଉପାୟରେ ସୃଷ୍ଟି ହୋଇଥିବା ପାଣି ନାଳକୁ କୂଲ୍ୟା କହୁଥିଲେ । ବଡ଼ ବଡ଼ କୂଅକୁ ବାମ୍ଫି କହୁଥଲେ ଛୋଟ କୂଅ ( ଚୂଆ)କୁ ଅବଟ କହୁଥିଲେ । ଏହି ଚୂଆଗୁଡ଼ିକ ଶୁଖୁ ନଥିବାରୁ ଏହକୁ ଅକ୍ଷତଂ କହୁଥିଲେ ଋଗ୍‌ବେଦ (୧୦/୧୦୧/୬) ପଥରରେ ବନ୍ଧାହୋଇଥିବା ଚକିଦ୍ୱାରା କୂଅରୁ ପାଣି କଢ଼ା ଯାଉଥିଲା । ଏହା ଡେଣ୍ଡାର ପୂର୍ବବସ୍ଥା । ପାଣିକୁ ବଡ଼ ବଡ଼ ନାଳୀ ଦ୍ୱାରା ବହୁତ ଦୂରକୁ ନିଆଯାଉଥିଲା ଏହାକୁ ଭୂମିଃ ସୁଷିରା କହୁଥିଲେ । ଏଥିରୁ ଅନୁମାନ ହେଉଛି ବୈଦିକ ଯୁଗରେ ଡେଣ୍ଡା ବ୍ୟବହାର ହେଉଥିଲା । କୂଅରୁ ପାଣି ଉତ୍ତୋଳନ କରିବାର ଆଉ ଗୋଟିଏ ପଦ୍ଧତି ଅଛି ଏହା ହେଲା – ଗୋଟିଏ ଛେଳି ଚମଡ଼ାରେ ପାଇପ୍ ଲାଗିଥାଏ । ଏହାକୁ ବଳଦ ବା ଘୋଡ଼ ଖାଇରେ ବୁଲିଲା ଭଳି ବୁଲିଲେ ପାଣି ବାହାରିବ ଏହା ପଞ୍ଜାବ ଓ ଉତ୍ତର ପ୍ରଦେଶରେ ପ୍ରଚନଳ ଥିଲା । ଏହା ଡେଣ୍ଡାର ଅନ୍ୟ ଏକ ରୂପ । ଏବେ ପମ୍ପ ବାହାରିବା ଦ୍ୱାରା ଏହାର ପ୍ରଚଳନ ଆସ୍ତେ ଆସ୍ତେ କମିଗଲାଣି ।

ବୈଦିକ ଯୁଗରେ ବୃଷ୍ଟିର ଦେବତା ଇନ୍ଦ୍ରଙ୍କୁ ପୂଜା କରାଯାଉଥିଲା । ଋଗ୍‌ବେଦ୍ କୁହେ ଯେ ବୃତ୍ର ତା'ର ଶକ୍ତି ବଳରେ ମେଘ ଗର୍ଭରେ ଥିବା ଜଳକୁ ଅଟକାଇ ରଖୁଥିଲା ଇନ୍ଦ୍ର ବଜ୍ରାଘାତରେ ତା'ର ବୁକୁ ବିଦୀର୍ଣ୍ଣ କରି ଜଳାଧାରକୁ ମୁକ୍ତ କରିଥିଲେ । ଏହାର ଅର୍ଥ ହେଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖରାଦିନେ ବର୍ଷା ହୁଏ ନାହିଁ ବର୍ଷା ଦିନେ ବର୍ଷା ହୁଏ । ଏହି ପ୍ରାକୃତିକ ଦୃଶ୍ୟଟିକୁ ଇନ୍ଦ୍ର-ବୃତ୍ର ସମର ବୋଲି ଦର୍ଶା ଯାଇଛି ।

ଭୌମକର, ସୋମବଂଶୀ ରାଜାମାନେ ପ୍ରଦାନ କରିଥିବା ତମ୍ବାପଟାରେ ଅନ୍ଧାରୁବା ଓ ପ୍ରତ୍ୟାନ୍ଧରୁବା ବୋଲି ଲେଖା ଅଛି । ଏହି ଅନ୍ଧାରୁବାର ଅର୍ଥ ହେଉଛି ଜଳସେଚନ । ମୋଗଲ ଶାସନ କାଳରେ ଫୁଲବନ୍ଦି ଆବାବ ବୋଲି ଗୋଟିଏ ଟିକସ ପ୍ରଜାମାନଙ୍କ ଉପରେ ବସୁଥିଲା । ଏହାହେଉଛି ଏମ୍ବାକମେଂଟ ଟିକସ୍ ।

୧୭୬୦ ମସିହାରେ କୋଲ୍‌ବ୍ରୁକ୍ସ ଆହ୍ଲାବାଦରୁ ବାହାରି ବିହାର ଭିତର ଦେଇ ନାଗପୁର ଯାଇଥିଲେ । ପୁଣି ନାଗପୁରରୁ ବୁନ୍ଦେଲଖଣ୍ଡ ରେଙ୍ଗା ଦେଇ ବନାରସରେ ପହଂଚିଥିଲେ । ରେଙ୍ଗାଦେଇ ଗଲା ବେଳେ ସେ ଦେଖିଲେ ଲୋକମାନେ ଟେଣ୍ଡାଦ୍ୱାରା ପାଣି ଜମିରେ ମଡ଼ାଉଛନ୍ତି । ଏହା ହେଉଛି ୧୭୬୦ମସିହାର କଥା । ଏହି ଟେଣ୍ଡା ୧୭୬୦ ମସିହା ପର୍ଯ୍ୟନ୍ତ ସେମିତି କାମରେ ଲାଗୁଥିଲା ।

୧୮୯୦ରେ ମାଡ଼ାକ୍ସ ସାହେବ ପ୍ରଥମେ ଜମି ଜମା ବନ୍ଦୋବସ୍ତ କରିଥିଲେ । ସେଥିରେ ସେ ଓଡ଼ିଶାରେ ପ୍ରଚଳିତ ଜଳସେଚନ ବ୍ୟବସ୍ଥାର ଏକ ଚିତ୍ର ପ୍ରଦାନ କରିଛନ୍ତି । ଏହା ତାଙ୍କର ସେଟେଲମେଂଟ ରିପୋର୍ଟରେ ଲେଖାଯାଇଛି । ପାଠକଙ୍କ ଅବଗତି ନିମନ୍ତେ ତାହାର କିଛି ଅଂଶ ତଳେ ଦିଆଗଲା ।

Irrigation from wells I have not come across, and the tanks which at one time abounded in certain Paraganas have to a great extent silted up, but water is taken from the nallas or jores in the low-lying tracts near the coast by means of the tenda or bamboo water-lift. Where the water had

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

only to be raised a few feet it may be scooped up in a sena, a sort of basket made of split bamboo which two men use. Holding by the ropes attached to either side, they swing it backwards and bringing it down sharp into the water carry the forward motion of the swing through until the sena, now full of water is raised to the level of the water channel when the contents are poured out.

Another way of lifting water a short distance is with a janta (the Karin of Bihar) made of a single piece of wood about six feet long, hallowed out and shaped like one-half of a canoe; the broad open end resting on the head of the water channel while the pointed closed end dips into the water. When this is raised the water pours naturally into the channel. It may be worked by one man either directly or with the help of a bamboo crane and counter-poise as in the tenda, but cannot lift more than a couple of feed. It is not uncommon for two of these methods to be combined, the water being lifted by the ends into a reservoir, and from that into the water-channel by a sena or janta.

I have seen tobacco being watered from earthen pots (mathia) carried a considerable distance by coolies, but this can only be done for very valuable crops, and where I saw it tried, it would have been such simpler

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

to have made a channel from the river. Mr. Banerjei estimates the cost per acre of irrigating a field once with hired labour at from Rs. 1 with the janta to Rs. 3 with earthen pots.8

Along the foot of the hills fields are often irrigated from the small streams, and, the lift being small, the expense is less.

ଷଟିରାଣୀଙ୍କ ସ୍ମୃତି ଉଦେଶ୍ୟରେ ରାଜା ପାହାଡ଼ ଉପରେ ଏକ ଉଦ୍ୟାନ ତିଆରି କଲେ । ଉପରକୁ ପାଣି ଜାଗବାଟରେ ଗଲାବେଳେ ଦେଖିଲେ ଲୋକମାନେ ଟେଣ୍ଡାରେ ପାଣି ବୋହି ଶସ୍ୟ ଉତ୍ପନ୍ନ କରୁଛନ୍ତି ।

ଏହି ଟେଣ୍ଡାର ବ୍ୟବହାର ଖ୍ରୀ.ପୂ. ୨୭୫୦ରୁ ୨000 ମସିହା ପର୍ଯ୍ୟନ୍ତ ଚାଲି ଆସିଲା । ବର୍ତ୍ତମାନ ଆଉ ବିଲରେ ଟେଣ୍ଡା ଦିଶୁନି କି କେଁ..କଟର ଶବ୍ଦ ଶୁଭୁନି । ଟେଣ୍ଡା ଉପରେ କାଉ ବସିବାର ଦିଶୁନି । ଟେଣ୍ଡାରେ ପାଣି ବୋହିବା ପାଉଁ ଉତ୍କୃଷ୍ଟ ସମୟ ହେଉଛି ପାହାନ୍ତ ପହର, ଅର୍ଥାତ୍ ରାତି ୪.00ଟା ପରେ ଲୋକେ ବିଲକୁ ଯାଇ ପାଣି ମଡ଼ାଉଥିଲେ କାରଣ ପାଣି ବୁହାଇଲେ ଶାରିରୀକ ପରିଶ୍ରମ ଦରକାର । ଖରାବେଳେ ପାଣି ବୁହାଇଲେ କଷ୍ଟ ଲାଗେ । ସେଥିରୁ ରକ୍ଷାପାଇବା ପଇଁ ସନ୍ଧ୍ୟା ସମୟରେ ବା ପାହାନ୍ତା ପହରରେ ପାଣି ମଡ଼ାଉଥିଲେ । ଦିନ ଆସିବ ଟେଣ୍ଡା କଣ ବୋଲି ପର ଜେନେରେସନ ଜାଣି ପାରିବେନି । ଏ ଯୁଗର ପରିବର୍ତନ ହେଉଛି ଦିତ୍ୱୀୟଶ୍ରେଣୀ ଭାରଦଣ୍ଡରୁ ମୋଟର ଯୁଗର ପରିବର୍ତନ । ଆଜିତ ଯୁଗ ଆସିଲାଣି ପମ୍ପରେ ପାଣି ଉଠାଯାଉଛି । ଏଥିରେ କମ୍ପୁଟର ଖଞ୍ଜାଯାଉଛି । କମ୍ପୁଟରକୁ ଶସ୍ୟ ଉତ୍ପାଦନର ପ୍ରୋଗ୍ରାମ ଦିଆଯାଉଛି । କମ୍ପୁଟର ପ୍ରୋଗ୍ରାମ ଅନୁସାରେ ପମ୍ପ ପାଣି ଯୋଗାଉଛି । ଯୁଗ ବଦଳି ଯାଇଛି । ଆହୁରି ମଧ୍ୟେ ବଦଳିବ । ଖୁସିର ଖବର ସରକାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୀରାକୁଦର ତଳମୁଣ୍ଡରେ ମହାନଦୀ ଉପରେ ୭ଟି ବ୍ୟାରେଜ ନିର୍ମାଣ କରିବେ । ଏଗୁଡ଼ିକ ବ୍ୟାରେଜ୍–କମ୍-ବ୍ରିଜ୍ ହେଲେ ଭଲ ହୁଅନ୍ତା କାରଣ ବ୍ୟାରେଜ୍ ହେଲେ ପାଣି ଅଟକାଯାଇ ପାରିବ ଓ ଗମନାଗମନର ସୁବିଧା ହେବ ।

ବୈକୁଣ୍ଠନାଥ ଖଟୁଆ


ଏଲ୍-୨୪୨/ଫେଜ-୧,ଡୁମୁଡୁମା ହା.ବୋ. ଭୁବନେଶ୍ୱର-୧୯

(ମୋ-୯୭୭୭୧ ୪୩୪୮୫)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଐତିହ୍ୟ : ଶ୍ରୀ ଭୂଷଣ୍ଡେଶ୍ୱର



ଶ୍ରୀ ରବୀନ୍ଦ୍ର ନାଥ ସାମଲ

ଐତିହ୍ୟର ସ୍ୱାକ୍ଷର : ଶ୍ରୀ ଶ୍ରୀ ଭୂଷଣ୍ଡେଶ୍ୱର

ପ୍ରାଚୀନକାଳରୁ ଶିବଙ୍କୁ ଲିଙ୍ଗରୂପରେ ପୂଜା କରାଯାଉଛି । ଆଉ ଏହି ଲିଙ୍ଗ ପୂଜା ହିଁ ବିଶ୍ୱପୁରୁଷଙ୍କର ପ୍ରତୀକରୂପେ ଶୈବସଂସ୍କୃତିରେ ଗୃହୀତ । ତେବେ ଏହାର ବିକାଶ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ହୋଇ ଆସୁଥିବାର ଲେଖାଗତ ପ୍ରମାଣ ମିଳେ ।[+] ମାତ୍ର ଓଡ଼ିଶୀ ଚିତ୍ରକଳାରେ ଶିବ ମୁଖ୍ୟତଃ ଦୁଇଟି ରୂପରେ ପ୍ରକଟିତ ହୋଇଥାଆନ୍ତି । ଗୋଟିଏ ହେଲା ଶିବ ଲିଙ୍ଗ ଭାବରେ ଏବଂ ଅନ୍ୟଟି ହସ୍ତପଦଧାରୀ ମାନବ ଶରୀର ରୂପରେ । କିନ୍ତୁ ପୂଜା ଓ ଆରାଧନା ପାଇଁ ଶିବଲିଙ୍ଗ ହିଁ ଧ୍ୟାନର ଆରାଧ୍ୟେତ ମୂର୍ତ୍ତି ରୂପରେ ପୂଜିତ ହୋଇଥାଆନ୍ତି । ଆମେ ଦେଖିବାକୁ ପାଉ ଯେ ମନ୍ଦିର ମାନଙ୍କରେ ତଥା ମନ୍ଦିର ଭିତରେ ଶିବଲିଙ୍ଗ ସହିତ ଯୋନିପୀଠ ମଧ୍ୟ ପୂଜା ପାଇଥାନ୍ତି ।

କିଛିବର୍ଷ ପୂର୍ବେ ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନାରେ ସୁବର୍ଣ୍ଣରେଖା ନଦୀ ମୁହାଣସ୍ଥ କୁମ୍ଭୀରଗଡ଼ି ମୌଜାର ଏକ କର୍ଦ୍ଦମାକ୍ତ ଭୂଇଁରେ ଅର୍ଦ୍ଧଶାୟିତ ଅବସ୍ଥାରେ ଯେଉଁ ବିଶାଳ ଶିବଲିଙ୍ଗଯୁକ୍ତ ଶକ୍ତିସ୍ଥଳ ଦେଖିବାକୁ ମିଳିଥିଲା, ସେ ଆଜିର ଭୂଷଣ୍ଡେଶ୍ୱର ନାମରେ ପରିଚିତ । ସେତେବେଳେ ସେହି ସ୍ଥାନଟି ଥିଲା ଜଙ୍ଗଲମୟ । ଆଉ ଯେତେବେଳେ ଏହି ଲିଙ୍ଗ ଦେବତାଙ୍କୁ ଲୋକମାନେ ଦେଖିବାକୁ ପାଇଲେ ସେତେବେଳେ ତାଙ୍କୁ ଦେବତା ରୂପରେ ପୂଜା କରିବାର ବ୍ୟବସ୍ଥା ହେଲା । ମାତ୍ର ଖ୍ରୀ ୧୯୮୦-୮୧ ମସିହାରେ ତତ୍କାଳୀନ ସରକାରଙ୍କ ଅମଳରେ ଏହି ଦେବତାଙ୍କୁ ଭୂଇଁରୁ ଉଠାଇ ସିଧାକରି ରଖିବାର ନିର୍ଦ୍ଧାରଣ କରିବା ସଙ୍ଗେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଙ୍ଗେ ଏକ ମନ୍ଦିର ନିର୍ମାଣ କରାଇଥିଲେ ।

ମାତ୍ର ବିସ୍ମୟକର ବିଷୟ ଥିଲା, ଏତେବଡ଼ ଶିବଲିଙ୍ଗମୂର୍ତ୍ତି ଏଠାକୁ ଆସିଲା କେମିତି ଏବଂ ଏହି ଦେବତାଙ୍କର ମନ୍ଦିର ଥିଲା କି ନାହିଁ? କିନ୍ତୁ ଏ ସମ୍ପର୍କରେ କୌଣସି ଉତ୍ତର ମିଳୁନଥିବା ବେଳେ ପୌରାଣିକ କଳ୍ପିତ ଆଖ୍ୟାନ ଗୁଡ଼ିକ ଜନସାଧାରଣଙ୍କୁ ସନ୍ତୁଷ୍ଟ କରି ରଖୁଥିଲା । ମାତ୍ର ପଣ୍ଡିତବର୍ଗଙ୍କ ଅନୁସନ୍ଧାନ ବନ୍ଦ ହୋଇ ଯାଇନଥିଲା । କାରଣ ଏହି ବିଶାଳ ଶିବଲିଙ୍ଗ ଦେବତାଙ୍କ ଉଚ୍ଚତା ବାରଫୁଟ, ଶକ୍ତିସ୍ଥଳ ବେଢ଼ି ରହିଥିବା ଅଂଶ ଚାରିଫୁଟକୁ ନେଇ ଷୋହଳଫୁଟ ଏବଂ ଶକ୍ତିସ୍ଥଳର ଗୋଲେଇର ପରିମାଣ ସଇଁତିରିଶି ଫୁଟ ରହିଅଛି । ବାରଫୁଟ ଅଂଶ ଅଷ୍ଟକୋଣାକାର, ତା'ର ଉପର ଅଂଶ ମସୃଣ ତଥା ସ୍ତମ୍ଭାକାର ଗୋଲ । ତେଣୁ ଦେବତାଙ୍କୁ ପୂଜା ଆରାଧନା କରାଯାଉଥିଲା ତଥା ଲୋକଙ୍କର ଆଗ୍ରହ ବଢ଼ିଲା, ଦୂରଦୂରାନ୍ତରୁ ଲୋକମାନେ ଦେବତାଙ୍କୁ ଦେଖିବା ପାଇଁ ଆସିଲେ ମଧ୍ୟ ମୂଳପ୍ରଶ୍ନରୁ କେହି ଓହରି ଯାଇ ନଥିଲେ ।

ଏମିତି ସମୟରେ ଡକ୍ଟର କାର୍ତ୍ତିକେଶ୍ୱର ପାତ୍ରଙ୍କର 'The ports in Odisha' ନାମକ ଏକ ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇଲା । ସେହି ପୁସ୍ତକର ପୃଷ୍ଠା ସଂଖ୍ୟା ୨୧୨ରେ ଉଲ୍ଲେଖ ହୋଇଛି, "Subarnarekha river - A pagoda and a top of tree stand on the western side of the entrance to the river" । ସେଥିରୁ ଜଣାପଡୁଛି ଯେ, ଯେଉଁଠି ଅଧୁନା ଭୂଷଣ୍ଡେଶ୍ୱରଙ୍କ ମୂର୍ତ୍ତି ଦେଖିବାକୁ ମିଳୁଛି, ସେହି ସ୍ଥାନରେ ଏକଦା ଏକ ମନ୍ଦିର ଥିଲା । କିନ୍ତୁ ପ୍ରଶ୍ନ ହେଲା ଯେ, ସେଠାରେ ଥିବା ବିଶାଳ ଗଛଟି ହୁଏତ ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇ ଯାଇଥିବ । ମାତ୍ର ସେହି ମନ୍ଦିର ସେଠାରେ ଏବେ ନାହିଁ କାହିଁକି? ତେଣୁ ଜିଜ୍ଞାସୁଙ୍କ ମନରେ ଶାନ୍ତି ନଥିଲା । ପୁଣି ଏହାର ଆଉ କିଛି ବର୍ଷପରେ ଇଞ୍ଜିନିୟର୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୂର୍ଗାପ୍ରସାଦ ପତିଙ୍କର ଆଉ ଏକ ପୁସ୍ତକ 'ଉତ୍କଳୀୟ ନୌବାଣିଜ୍ୟ, ଏକ ରୋମାଞ୍ଚକର ଅଧ୍ୟାୟ' ଲୋକଲୋଚନକୁ ଆସିଲା । ପୁସ୍ତକର ଦ୍ୱିତୀୟ ପୃଷ୍ଠାରେ ଉଲ୍ଲେଖ ଅଛି, ଯାହା ବ୍ରିଟିଶ୍ ମ୍ୟୁଜିୟମର ଜାହାଜ ଚଳାଚଳ ଦସ୍ତାବେଜରୁ ସଂଗୃହୀତ ହୋଇଥିବା ଦଲିଲରେ ବିବୃତ ହୋଇଛି, ସୁବର୍ଣ୍ଣରେଖା ନଦୀ ମୁହାଣରେ ଗୋଟିଏ ବିଶାଳ ବୃକ୍ଷର ଆଢୁଆଳରେ ଏକ ସୁବୃହତ୍ ମନ୍ଦିର ଦୃଶ୍ୟମାନ ହେଉଥିଲା । ଆଉ ଏହି ବୃକ୍ଷଯୁକ୍ତ ମନ୍ଦିରଟି ଥିଲା ସେ ସମୟର ନଦୀ ମୁହାଣର ପରିଚୟ ବା ଲ୍ୟାଣ୍ଡମାର୍କ୍ (Landmark) । ପୁନଶ୍ଚ ଖ୍ରୀ ୧୬୮୭ ମସିହାରେ ରବର୍ଟ୍ କେମଥର୍ଣ୍ଣଙ୍କ 'ଡାଇରେକ୍ସନ୍ ଅଫ୍ ସେଲିଂ'ରେ ପଏଣ୍ଟ ଡି ଗ୍ୟାଲେ (ସିଂହଳର ଦକ୍ଷିଣ ପଶ୍ଚିମ ଦିଗ)ରୁ ପିପିଲି ବନ୍ଦର ପର୍ଯ୍ୟନ୍ତ ଥିବା ଉପକୂଳସ୍ଥ ଲ୍ୟାଣ୍ଡମାର୍କ ଗୁଡ଼ିକର ଅବସ୍ଥିତି ଅତି ସୁନ୍ଦର ଭାବରେ ପ୍ରଦର୍ଶିତ ହୋଇଛି । ଏତଦ୍ ବ୍ୟତୀତ ଖ୍ରୀ ୧୬୭୯ ମସିହାରେ ପ୍ରକାଶିତ 'ସେଲିଂ ଡାଇରେକ୍ସନ୍ ଫ୍ରମ୍ ବାଲେଶ୍ୱର ଟୁ ହୁଗୁଳି [୧] ଏଣ୍ଟ୍ରାନ୍ସର ଦ୍ୱିତୀୟ ପୃଷ୍ଠାରେ ପିପିଲି ବନ୍ଦରର ବିବରଣୀ ମଧ୍ୟ ରହିଅଛି । ଏଥିରେ ପିପିଲି ବନ୍ଦରର ନିର୍ଭୁଲ ଚିହ୍ନଟ ସମ୍ପର୍କୀୟ ତଥ୍ୟମାନ ଯାହା ରହିଛି, ତାହା ପ୍ରାୟ ସବୁ ସମାନ । ତେଣୁ ପ୍ରମାଣିତ ହୋଇ ଉଠିଲା ଯେ, ସୁବର୍ଣ୍ଣରେଖା ନଦୀ ମୁହାଣରେ ଆଜି କୌଣସି ବୃକ୍ଷ ବା ମନ୍ଦିର ନଥିଲେ ବି ଦିନେ ବୃକ୍ଷ ସହିତ ଏକ ମନ୍ଦିର ଥିଲା, ଯାହା ଏହି ଭୂଷଣ୍ଡେଶ୍ୱର ଲିଙ୍ଗ ଦେବତାଙ୍କର ହୋଇଥିବା ସମ୍ଭବ । ତେବେ ବୃକ୍ଷ ନଥିଲେ ମଧ୍ୟ ସେହି ମନ୍ଦିରର କୌଣସି ଅଂଶ ଆଜି ଖୋଜି ନ ମିଳିବାର କାରଣ କଣ ?

ପୁଣି ସମୟକ୍ରମେ ସ୍ୱର୍ଗତଃ ମାନଗୋବିନ୍ଦ ବେହେରାଙ୍କ ରଚିତ ଏକ କ୍ଷୁଦ୍ର କାବ୍ୟ ଆକାରରେ ଲିଖିତ ପୁସ୍ତକ 'ଭୂଷଣ୍ଡପୁରାଣ' ପ୍ରକାଶ ପାଇଲା । ସେ ଦୀର୍ଘ ୧୭୬ ବର୍ଷ ତଳର ଏକ ଛିନ୍ନ ତାଳପତ୍ର ପୋଥିରୁ ତଥ୍ୟ ଆଦି ସଂଗ୍ରହକରି ଏହି ପୁସ୍ତକରେ ଭୂଷଣ୍ଡେଶ୍ୱର ମନ୍ଦିର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ବରୁ କିପରି ନଷ୍ଟ ହୋଇଛି ତାର ସବିଶେଷ ବିବରଣୀ ସେଥିରେ ଲେଖିଛନ୍ତି । ସେହି ପୁସ୍ତକ ଲୋକଲୋଚନକୁ ଆଣିବା ପରେ ତାର ୨୪ ପୃଷ୍ଠାରେ ଲିଖିତ କେତେ କଥା ପାଠକ ମାନଙ୍କ ଦୃଷ୍ଟିକୁ ଆଣୁଛି ।

ଜଙ୍ଗଲମଧ୍ୟରେ ଏକ ଶିବଙ୍କ ମନ୍ଦିର
ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି ପଥର ।
ମୋ ଦସ୍ୟୁବାହିନୀ ତହିଁ ନିଅନ୍ତି ବିଶ୍ରାମ
ଜନସମାଗମହୀନ ଅତୀବ ଦୁର୍ଗମ ।

X X X X

ଅନୁମତି ପାଇ ଯୁବା ଗଲେ ହର୍ଷମନେ
ସଦଳବଳ ପଶିଲେ ସେ ଦୁର୍ଗମବନେ ।
ଭଙ୍ଗାରୁଜା ଆରମ୍ଭିଲେ ତହିଁ ଦିବାରାତ୍ରି
ରାଜସେନା, ଦସ୍ୟୁଦଳ ଉଭୟେ ଖଟନ୍ତି ।
ନଦୀକୂଳେ ପଥରକୁ ଠୁଳ ଆଣିକଲେ
ଡଙ୍ଗାରେ ବୋଝେଇକରି ଉତ୍ତରେ ଚଳିଲେ ।

ଉପରୋକ୍ତ ତଥ୍ୟ ଅନୁସାରେ ଜଣାଯାଉଛି ଯେ ସେଠାରେ (ନଦୀ ମୁହାଣରେ) ମନ୍ଦିର ଥିଲା ଏବଂ ତାହା କୌଣସି ଏକ କାରଣରୁ ଭାଙ୍ଗି ଯାଇଥିଲା । ତେଣୁ ପ୍ରଶ୍ନ ଉଠୁଛି ଯେ ଏହି ମନ୍ଦିର କିଏ, କାହିଁକି ଏବଂ କେଉଁ ସମୟରେ ଭାଙ୍ଗିଥିଲେ ?

ପୁଣି ଖ୍ରୀ ୧୮୯୨ ମସିହାରେ ବଙ୍ଗଳାରୁ ଦର୍ଶନ ଉଦ୍ଦେଶ୍ୟରେ ଆସିଥିବା କିଛି ଦର୍ଶକଙ୍କର ମନ୍ତବ୍ୟଯୁକ୍ତ ସମ୍ବାଦ ଏଠାରେ ଅଧିକ ପ୍ରଣିଧାନଯୋଗ୍ୟ ମନେହୁଏ । [୨]

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିରେ ବିବୃତ ହୋଇଛି, "ମନ୍ଦିରର ଦକ୍ଷିଣପାର୍ଶ୍ୱରେ ସୁବର୍ଣ୍ଣରେଖା ନଦୀ, ଉତ୍ତର ପଟରେ ଏକ କ୍ଷୀଣ ଜଳସ୍ରୋତ ଆସି ନଦୀରେ ମିଶିଥିବା ବେଳେ ସେହି ଦୁଇନଦୀର ମଧ୍ୟବର୍ତ୍ତି ସ୍ଥାନଟି ବିସ୍ତୀର୍ଣ୍ଣ ବାଲୁକାପୂର୍ଣ୍ଣ ପ୍ରାନ୍ତରରେ ବିଶାଳ ମନ୍ଦିରର ଚଟାଣ, ଯାହା ତାର ଭିତର ପାର୍ଶ୍ୱରେ ରହିଥିଲା, ତାହାରି ଉପରେ ଶାୟିତ ଲିଙ୍ଗ ଦେବତାଙ୍କ ପୂଜାପୀଠ, ସେହି ଚଟାଣର ଲମ୍ବା ୧୦୦ ହାତ ରହିଥିବା ବେଳେ ତାହା ଅତିସୁନ୍ଦର ପଲିସ ଓ ଖୋଦେଇ କାର୍ଯ୍ୟର ନିପଣତାର ଚିହ୍ନମାନ ଫୁଟି ଉଠୁଥିଲା । ଲିଙ୍ଗ ଦେବତାଙ୍କ ଉଚ୍ଚତା ୧୬ ହାତ, ଶକ୍ତିସ୍ଥଳର ଗୋଲେଇ ୪୬ ହାତ ଥାଇ ସେହି ଚଟାଣ ଉପରେ ଶାୟିତ ଅବସ୍ଥାରେ ଥିଲେ । ବିଜେ ସ୍ଥଳୀର ଲମ୍ବ ୧୦୦ ହାତ ଥିଲାବେଳେ ଓସାର କେତେଥିଲା ଜଣାପଡୁନଥିଲା । କାରଣ ମନ୍ଦିରର ତିନି ପାର୍ଶ୍ୱରେ ବୁନିୟାଦ୍ ସ୍ୱଷ୍ଟ ଜଣାପଡୁଥିବା ବେଳେ ଅନ୍ୟ ଗୋଟିଏ ପାର୍ଶ୍ୱର ବୁନିଆଦ୍ ସହିତ ମନ୍ଦିରର ଚଟାଣ / ବିଜେସ୍ଥଳୀ ସମୁଦ୍ରଦ୍ୱାରା ଧୋଇ ଯାଇଥିଲା । ସେହି ଲିଙ୍ଗ ଦେବତା ଓ ଶକ୍ତିସ୍ଥଳ ଗୋଟିଏ ଗୋଟିଏ ପଥର ଖଣ୍ଡରେ ନିର୍ମିତ ହୋଇଥିଲେ ବି ଏହି ମନ୍ଦିର ବହୁ ପୂର୍ବକାଳର ମଣିଷଙ୍କ ଅପେକ୍ଷା ଅଧିକ ବଳଶାଳୀଙ୍କ ଦ୍ୱାରା ତିଆରି କରାଯାଇଥିଲା । ପୁନଶ୍ଚ ସେ ସମୟର ସ୍ଥାନୀୟ ଲୋକଙ୍କର ପୂର୍ବପୁରୁଷଙ୍କ ପାଖରୁ ଶୁଣାଯାଉଥିବା କାହାଣୀ ଅନୁସାରେ ସେମାନେ କୁହନ୍ତି କି, " ଏହା ଥିଲା ପ୍ରାଚୀନ ହିନ୍ଦୁ ରାଜତ୍ୱର ହିନ୍ଦୁ ଦେବାଳୟର ଚିହ୍ନ ।" ଯାହା ବର୍ତ୍ତମାନ ସୁଦ୍ଧା ତା'ର ଅବଶେଷ ପଡ଼ିରହିଛି ।"

ଏପ୍ରକାର ବର୍ଣ୍ଣନା ସହିତ ଆଉ ଏକ ବିଷୟ ଉଲ୍ଲେଖ ହୋଇଛି ଯେ ହିଜିଳି ରାଜ୍ୟର ପୂର୍ବତନ ମୁସଲମାନ ଭୂମ୍ୟାଧିକାରୀ ମାନଙ୍କ ପ୍ରାଦୁର୍ଭାବର ଲକ୍ଷଣ ଭୋଗରାଇ ପ୍ରଗଣାରେ ହିଁ ପ୍ରସ୍ଫୁଟିତ ହୋଇଅଛି ।[୩] ହିଜିଳି ଶାସନ ଖଣ୍ଡଥିଲା ଆଧୁନିକ ମେଦିନିପୁର ଜିଲ୍ଲାର ଦକ୍ଷିଣପାର୍ଶ୍ୱର ସାଗର ଉପକଣ୍ଠସ୍ଥ ଅଂଶ ଏବଂ ଭୋଗରାଇ ଥିଲା ତାହାର ଏକ ଖଣ୍ଡ । ତେଣୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିରୁ ସ୍ପଷ୍ଟ ହେଉଛି ଯେ, ହିଜିଳି ମୁସଲମାନ ମାନଙ୍କ ଶାସନ କାଳରେ ଏହି ମନ୍ଦିରଟି ଭଙ୍ଗାଯାଇଛି । ଆଉ ତା'ର ପ୍ରମୁଖ କାରଣ ହେଉଛି, ହିନ୍ଦୁ ବିଦ୍ୱେଷନୀତି । ତେବେ ହିନ୍ଦୁବିଦ୍ୱେଷୀ ଶାସକ କିଏ ଥିଲେ, ତାହା ଜାଣିବା ଅଧିକ ପ୍ରୟୋଜନ ହୋଇପଡିବ । ତଥ୍ୟାନୁସନ୍ଧାନରୁ ଜଣାଯାଏ ଯେ ଖ୍ରୀ ୧୬୬୯ ମସିହାରେ [୪] ଭାରତ ସମ୍ରାଟ ଔରଙ୍ଗଜେବ୍ ସମସ୍ତ ପ୍ରାଦେଶିକ ଶାସକ ମାନଙ୍କୁ ହିନ୍ଦୁ ଧର୍ମାନୁଷ୍ଠାନ ଗୁଡ଼ିକୁ ଧ୍ୱଂସ କରିଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଉ ଏହି ନିର୍ଦ୍ଦେଶ ବଳରେ ଓଡ଼ିଶା ରାଜ୍ୟର କଟକଠାରୁ ମେଦିନିପୁର ପର୍ଯ୍ୟନ୍ତ ସମସ୍ତ ଫୌଜଦାର, ଥାନାଦାର, ଜାଗିର୍‌ଦାର ମାନଙ୍କ ଏଜେଣ୍ଟ ଓ ଖଜଣା ଅସୁଲକାରୀ କର୍ମଚାରୀମାନେ ହିନ୍ଦୁ ମନ୍ଦିରମାନ ଧ୍ୱଂସ କରିଥିବା ବେଳେ ଭୋଗରାଇ ଥିଲା ଜଳାମୁଠା ନାମକ ଏକ ଜମିଦାର ଅଧୀନରେ । ସେ ସମୟରେ ଏହାର ଶାସକ ଥିଲେ ଦ୍ୱାରିକାପ୍ରସାଦ ଦାସଙ୍କ ଉତ୍ତର ପୁରୁଷ । ଜଳାମୁଠା ଜମିଦାରୀର ରାଜଧାନୀ ଥିଲା ଗଡ଼ବାସୁଦେବପୁରରେ, ଯାହା ଅଧୁନା ପଶ୍ଚିମବଙ୍ଗର ମେଦିନିପୁର (ପୁର୍ବ)ଜିଲ୍ଲାର ଏଗ୍ରା ଥାନାରେ ଅବସ୍ଥିତ । ସମ୍ଭବତଃ ସମ୍ରାଟଙ୍କ ଆଦେଶକୁ ରକ୍ଷା କରିବାକୁ ଜମିଦାର୍ ବାଧ୍ୟ ଥିବା ହେତୁ ହିନ୍ଦୁ ଥାଇ ସେ ଭୂଷଣ୍ଡେଶ୍ୱର ମନ୍ଦିରକୁ ସମ୍ପୂର୍ଣ୍ଣ ଭାଙ୍ଗିନପାରି ତା'ର ଚୁଡ଼ାକୁ ଭାଙ୍ଗିବା ସହିତ ମନ୍ଦିର ଭିତରେ ଆରାଧ୍ୟିତ ଦେବତାଙ୍କୁ ବିଜେସ୍ଥଳୀରୁ ଓଲଟାଇ ଦେଇଥିଲେ । ଆଉ ସେହି ଦିନଠାରୁ ମନ୍ଦିର ଅପବିତ୍ର ହେବା କାରଣରୁ ବୋଧହୁଏ ହିନ୍ଦୁମାନଙ୍କର ପୂଜା ଆରାଧନା ବନ୍ଦ ହୋଇଯାଇଥିଲା । ଖ୍ରୀ ୧୬୮୦ ମସିହା ବେଳକୁ କେମ୍ପଥର୍ଣ୍ଣଙ୍କ ଜାହାଜ ଚଳାଚଳର ଦସ୍ତାବେଜରେ ଉଲ୍ଲେଖ ଅଛି ଯେ, ତାଙ୍କର ଜାହାଜ ସମୁଦ୍ର ମଧ୍ୟଭାଗରେ [୫] ଥିଲେ ମଧ୍ୟ ସେହି ବିଶାଳ ବୃକ୍ଷ ଶାଖାମଧ୍ୟସ୍ଥ ମନ୍ଦିରଟିକୁ ଅତି ସୁନ୍ଦର ଭାବରେ ଦେଖି ଜାଣିପାରିଥିଲା ଏବଂ ଏହା ସୁବର୍ଣ୍ଣରେଖା ନଦୀ ମୁହାଣସ୍ଥ ପିପିଲି ବନ୍ଦର ବୋଲି ସଠିକ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବରେ ଜାଣି ନେଇଥିଲା । ଅତଏବ ଏଠାରେ ସ୍ପଷ୍ଟ ହୋଇଉଠେ ଯେ, ଖ୍ରୀ ୧୭୮୦ ମସିହା ଯାଏଁ ମନ୍ଦିର ଥିଲା ।

ମାତ୍ର ଭୋଗରାଇ ସ୍ଥିତ ବିଜୟବାସୁଳୀ ମନ୍ଦିର ଅଭିଲେଖରୁ ଜଣାପଡ଼େ ଯେ, ତାଙ୍କର ମନ୍ଦିର ଓଡ଼ିଶାର ମରହଟ୍ଟା ରାଜତ୍ୱ ଅବକାଶରେ ସୁବେଦାର ରାଜାରାମ ପଣ୍ଡିତଙ୍କ ଅମଳରେ ଜାମକୁଣ୍ଡା ଭୂୟାଁଙ୍କ ସହାୟତାରେ ଏବଂ ଦେବୀଙ୍କ ପୂଜକ ଦେବଗିରି ସନ୍ନ୍ୟାସୀଙ୍କ ତତ୍ତ୍ୱାବଧାନରେ ନିର୍ମିତ ହୋଇଥିଲା । ଆଉ ଏହି ସମୟ ଥିଲା ଖ୍ରୀ ୧୭୮୭ ମସିହା । ଅତଏବ ଏଠାରେ ଆଉ ଏକ ପ୍ରଶ୍ନ ଆସୁଛି ଯେ, ଔରଙ୍ଗଜେବଙ୍କ ପରେ କେଉଁ ସମୟରେ କେଉଁ ଶାସକଙ୍କ ଦ୍ୱାରା ମନ୍ଦିର ମରାମତି ନ ହୋଇ ସମ୍ପୂର୍ଣ୍ଣରୂପେ ଭଙ୍ଗା ଯାଇଥିଲା ଆଉ କଅଣ ପାଇଁ ? ସ୍ୱର୍ଗତଃ ମାନଗୋବିନ୍ଦ ବେହେରାଙ୍କ ଭୂଷଣ୍ଡପୁରାଣ ଅନୁସାରେ ବିଜୟ ବାସୁଳୀ ମନ୍ଦିର ନିର୍ମାଣ ପୂର୍ବରୁ ଏହି ମନ୍ଦିରକୁ ଭଙ୍ଗାଯାଇଥିଲା । ଅର୍ଥାତ ସେହି ସମୟ ପ୍ରାୟ ଖ୍ରୀ ୧୭୭୬-୧୭୭୭ ହେବାର ଅନୁମିତ ହୁଏ ।

ପ୍ରବାଦ କହେ ଭୂଷଣ୍ଡେଶ୍ୱରଙ୍କ ପ୍ରାଚୀନ ମନ୍ଦିରକୁ ଭାଙ୍ଗି ତା'ର ପଥର ଗୁଡ଼ିକୁ ନଦୀ ପଥରେ ବୋହି ଆଣି ବାଲିଆପାଳ ଥାନାର ଜାମକୁଣ୍ଡା ଗଡ଼ର ପ୍ରାସାଦ, ଲଙ୍କେଶ୍ୱର ଓ ଜଗତିଶ୍ୱର ଶୈବପୀଠମାନ ନିର୍ମାଣ କ୍ଷେତ୍ରରେ ଲଗାଇ ଦିଆଯାଇଥିବା ବେଳେ ଭୋଗରାଇ ଥାନାର ବିଜୟ ବାସୁଳୀ ମନ୍ଦିରରେ ସେହି ସବୁ ପୁରୁଣା ମାଙ୍କଡ଼ା ପଥର ସଂଯୋଗ କରାଯାଇଛି । ପୁନଶ୍ଚ କିରାତିଗଡ଼ରୁ ଧ୍ୱଂସାବଶେଷରୁ ମିଳୁଥିବା ମାଙ୍କଡ଼ା ପଥର ଗୁଡ଼ିକ ସେହି ଭଗ୍ନ ମନ୍ଦିରରୁ ଅଣାଯାଇଥିବା ସମ୍ଭବ । କାରଣ ବର୍ଣ୍ଣିତ ସ୍ଥାନ ମାନଙ୍କରେ ବ୍ୟବହୃତ ମାଙ୍କଡ଼ା ପଥର ଗୁଡ଼ିକର ସାଦୃଶ୍ୟ ପ୍ରାୟ ସମାନ ରହିଛି । ପୁଣି ସେ ସମୟରେ ସୁବର୍ଣ୍ଣରେଖା ନଦୀ ମୁହାଣରୁ ପଥର ବୋହି ଆଣୁଥିବା ନୌକାଗୁଡ଼ିକ ନଦୀର ଉପର ଭାଗକୁ ଆସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଲିଆପାଳ ଥାନାର ତାଳପଦୀ ନଦୀ ଦେଇ ନିଆ ହୋଇ ଯେଉଁ ଘାଟ ଦେଇ ପଥର ଗୁଡ଼ିକ ଉପର ଭାଗକୁ ଅଣାଯାଇଛି, ସେହି ସ୍ଥାନକୁ ଏବେ ବି ପଥରଗଦା ଘାଟ ବୋଲି କୁହାଯାଉଛି । ସେମିତି ଭୋଗରାଇରେ ଲାଗିଥିବା ନଦୀକୂଳକୁ ପଥରଘଟା ବୋଲି କୁହାଯାଉଥିବା ବେଳେ ପଥର ଗୁଡ଼ିକୁ ଉପର ଭାଗକୁ ନିଆଯାଇଥିବା ଜନବସତିକୁ ପଥରଘଟା ଗ୍ରାମ ବୋଲି କୁହାଯାଉଥିବାର ଅନୁମିତ ହୁଏ । ଆଉ ଏହି ପଥରଘଟା ଗ୍ରାମ ଭୋଗରାଇ ଗ୍ରାମ ସଂଲଗ୍ନ ଏବଂ ନଦୀତୁଠର ଏକ ଗ୍ରାମ ଭାବରେ ଚିହ୍ନିତ ହେଉଛି । ଏକଦା ଏହି ନଦୀରେ ପଥର ସବୁକୁ ବୁହା ହୋଇ ଆସୁଥିବା ବେଳେ ସୁବର୍ଣ୍ଣରେଖା ନଦୀକୁ ପଥରଘଟା ନଦୀ ବୋଲି କୁହାଯାଉଥିବା ଅନୁମିତ ହୁଏ ।

ବର୍ଣ୍ଣିତ ସମୟ ମରହଟ୍ଟା ଶାସନ କାଳ ଥିବା ହେତୁ ଏଠାରେ ଜାମକୁଣ୍ଡା ଭୂୟାଁ ଜମିଦାରଙ୍କ ଶାସନ ଥିବାର ଅନୁମିତ ହୁଏ । କାରଣ ତାହା ହୋଇନଥିଲେ ବିଜୟ ବାସୁଳୀଙ୍କ ମନ୍ଦିର ଅଭିଲେଖରେ ତାଙ୍କ ବିଷୟରେ ସୂଚନା ଦିଆଯାଇନଥାନ୍ତା । ପୁଣି ଇତିହାସର କେତେକ କ୍ଷେତ୍ରରେ ଏ ଅଞ୍ଚଳରେ ଜାମକୁଣ୍ଡା ଭୂୟାଁ ବଂଶର ପ୍ରାଧାନ୍ୟ ଥିବାର ମଧ୍ୟ ଦେଖାଯାଏ ।

ପୁଣି ଆଉ ଏକ ବିଷୟକୁ ଏଠାରେ ଲକ୍ଷ୍ୟ କରାଯାଇପାରେ । ଖ୍ରୀ ୧୮୭୨ ମସିହାରେ ଭୂଷଣ୍ଡେଶ୍ୱରଙ୍କ ପ୍ରାଚୀନ ପୀଠକୁ ଆସିଥିବା ବଙ୍ଗୀୟ ପର୍ଯ୍ୟଟକମାନେ ଯେଉଁସବୁ ବିଷୟମାନ ଲୋକଙ୍କ ପାଖରୁ ଶୁଣି ପ୍ରକାଶ କରିଛନ୍ତି [୭] ସେଥିରେ 'ପ୍ରାଚୀନ ହିନ୍ଦୁ ରାଜତ୍ୱର ହିନ୍ଦୁ ଦେବାଳୟ' ଶବ୍ଦଗୁଡ଼ିକୁ ପର୍ଯ୍ୟାଲୋଚନ କରେ ଜଣାଯାଏ ଯେ ଏହି ମନ୍ଦିର ଖ୍ରୀ ଏକାଦଶ ଶତାବ୍ଦୀର ସୋମବଂଶୀୟ ରାଜତ୍ୱକାଳରେ ନିର୍ମାଣ କରାଯାଇ ଥିବାର ଅନୁମିତ ହୁଏ । କାରଣ ସୋମବଂଶ ପରବର୍ତ୍ତୀ ଗଙ୍ଗବଂଶୀ ରାଜାମାନେ ଶୈବଧର୍ମପ୍ରତି ଆନୁଗତ୍ୟ ଥିଲେ ବି

 Magazine Downloaded from www.aahwaan.com

ପୃଷ୍ଠପୋଷକତା କରିନାହାନ୍ତି କିମ୍ବା ଗଜପତି ରାଜବଂଶ ମଧ୍ୟ ଏଥିପ୍ରତି ଅନୁପ୍ରାଣିତ ନଥିଲେ । କିନ୍ତୁ ସୋମବଂଶୀୟ ରାଜା ଯଯାତି କେଶରୀ ଦ୍ୱିତୀୟ ଶୈବଧର୍ମର ପୃଷ୍ଠପୋଷକ ଥିବାର ଐତିହାସିକ ପ୍ରମାଣ ରହିଛି । ପୁଣି ଇତିହାସ କହେ ଖ୍ରୀ ୧୦୨୪ମସିହାରେ ରାଜା ଯଯାତି ଦ୍ୱିତୀୟ ଓଡ଼ିଶାର ସିଂହାସନ ଆରୋହଣ କରିବାର ତୃତୀୟ ବର୍ଷ ଅର୍ଥାତ ଖ୍ରୀ ୧୦୨୭ ମସିହାରେ ରାଢ଼ ଗୌଡ଼ରାଜ୍ୟକୁ ସାମରୋକ ଅଭିଯାନ ଚଳାଇ ବିଜୟୀ ହୋଇଥିଲେ । ଏହାପୂର୍ବରୁ ସୋମବଂଶୀୟ ରାଜାମାନେ ଦକ୍ଷିଣ ତୋଷାଳୀରେ ଆଧିପତ୍ୟ ବିସ୍ତାର କରିଥିଲେ ବି ଉତ୍ତର ତୋଷାଳୀର କେତେକ ଅଂଶ ସେମାନଙ୍କ କର୍ତ୍ତୃତ୍ୱରେ ନଥିଲା । ସେସମୟରେ ଦଣ୍ଡଭୂକ୍ତି ମଣ୍ଡଳ ସହିତ ଦକ୍ଷିଣ ରାଢ଼ରେ କମ୍ବୋଜୀୟ ପାଳବଂଶର ରାଜାମାନେ ଏକ ଦୃଢ଼ଘାଟି ସ୍ଥାପନ କରିଥିଲେ ।[୭] ଦଣ୍ଡଭୁକ୍ତି ମଣ୍ଡଳ ବୋଇଲେ ଆଧୁନିକ ବାଲେଶ୍ୱର ପର୍ଯ୍ୟନ୍ତ ସେମାନଙ୍କର ଅଧିକାରରେ ଥିଲା । ସେଥିପାଇଁ ରାଜା ଯଯାତି ଦ୍ୱିତୀୟଙ୍କୁ ରାଢ଼, ଗୌଡ଼ ବିରୋଧ ସୈନ୍ୟଚାଳନା କରିବା ସମ୍ଭବ ହୋଇ ପାରିନଥିଲା । କାରଣ ଉପକୂଳ ଅଞ୍ଚଳ କମ୍ବୋଜୀୟ ପାଳ ମାନଙ୍କର ଅଧିକାରଭୂକ୍ତ ହୋଇଥିଲା । ତଥାପି ଯଯାତି ଦ୍ୱିତୀୟଙ୍କର ସାମରିକ କୌଶଳ ହେତୁ ବଙ୍ଗର ଉତ୍ତର ଆଡୁ ରାଢ଼, ଗୌଡ଼ ବିରୋଧରେ ସୈନ୍ୟ ଚାଳନା କରି ଦଣ୍ଡଭୁକ୍ତି ମଣ୍ଡଳ ସହିତ ସମସ୍ତ ଅଞ୍ଚଳ ନିଜ ଅଧିକାରକୁ ନେଇଗଲେ । ସେଥିପାଇଁ ତାଙ୍କ ପ୍ରଶସ୍ତିରେ 'ଗୌଡ଼ରାଢ଼ାମ୍ବର ପ୍ରକର୍ଷଣୋଦ୍‌ଘାତ କାରୁତଃ' ବୋଲି ଲେଖାଯାଇଛି । ପୁଣି ଅନ୍ୟଏକ ଶ୍ଳୋକରେ ତାଙ୍କୁ 'ବିଶ୍ୱବିଜୟୀ' ଆଖ୍ୟା ମଧ୍ୟ ଦିଆଯାଇଛି । (ଯତୋଃଥ ବିଶ୍ୱବିଜୟୀ ନୃପତି ଯଯାତିଃ) ଅତଏବ ପୂର୍ବର ଅନଧିକୃତ ଉତ୍ତର ତୋଷାଳୀର ପୂର୍ବାଂଶକୁ ରାଜା ଯଯାତି ଦ୍ୱିତୀୟ ଜୟ କରିନେଲେ ।

ଏଠାରେ ଆଉ ଗୋଟିଏ ବିଷୟ ପାଠକଙ୍କ ଦୃଷ୍ଟିକୁ ନେଇ ଆସୁଛି କି ଭୌମକର ରାଜତ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବକାଶରେ ସୁବର୍ଣ୍ଣରେଖା ନଦୀ ମୁହାଣସ୍ଥ 'ବୋଧିପଦଙ୍କ ବିହାର' ଖ୍ରୀଷ୍ଟୀୟ ୫ମ/୬ଷ୍ଠ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିଲେ ବି ଖ୍ରୀ ୭ମ ଶତାବ୍ଦୀରେ ଧ୍ୱଂସପାଇବା ପରେ ନବମ ଶତାବ୍ଦୀରେ ତାହାର ପୁନଃସଂସ୍କାର କରାଯାଇଥିଲା । ସେ ସମୟରେ ଭୌମରାଜାଙ୍କ ପ୍ରଭାବରେ କେତେକ ସାମନ୍ତରାଜ୍ୟ ବୌଦ୍ଧ ମହାଯାନ ପନ୍ଥାର ଅନୁଗାମୀ ହୋଇ ସେଠାରେ ବୁଦ୍ଧ ଭଟ୍ଟାରକଙ୍କ ମନ୍ଦିର ଗଠନ କରି ସେଥିରେ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ରହିବା ବ୍ୟବସ୍ଥା କରିଥିଲେ । ମାତ୍ର ଖ୍ରୀ ୮୭୬ ମସିହାରେ ଭୌମରାଜାମାନେ ବ୍ରାହ୍ମଣ୍ୟ ଧର୍ମରେ ଅନୁପ୍ରାଣିତ ହୋଇ ଶୈବ ଓ ବୈଷ୍ଣବ ଗୁରୁଙ୍କ ପାଖରୁ ଦୀକ୍ଷା ଗ୍ରହଣ କରିଥିଲେ । ଏତିକିବେଳେ ବୌଦ୍ଧଧର୍ମରେ ତନ୍ତ୍ରଯାନ ଓ ବଜ୍ରଯାନ ନାମକ ଶାଖା ପ୍ରସାରିତ ହୋଇ ବହୁ ହିନ୍ଦୁ ଦେବାଦେବୀଙ୍କ ନାମରେ ଆରାଧନା ପଦ୍ଧତି ପ୍ରବର୍ତ୍ତିତ ହେଲା ଏବଂ ସେଥିରୁ କାଳକ୍ରମେ ସହଜଯାନର ଉତ୍ପତ୍ତି ହେଲା । ପରବର୍ତ୍ତୀ ପର୍ଯ୍ୟାୟରେ ଆରାଧନା ସକାଶେ ନୂତନ ତନ୍ତ୍ରଶାସ୍ତ୍ରମାନ ଦେଖା ହେବାରୁ ଓଡ଼ିଶାର ବିଭିନ୍ନ ସମ୍ପ୍ରଦାୟ ଓ ଶାଖା ମଧ୍ୟରେ ଧର୍ମ ସମ୍ପର୍କୀୟ ମତଭେଦ ସୃଷ୍ଟି ହେବା ଅନୁମେୟ । ଆଉ ସେହି ଶାଖାଗୁଡ଼ିକ ମଧ୍ୟରେ ବଜ୍ରଯାନ, କାଳଚକ୍ରଯାନ ଏବଂ ସହଜଯାନ ଥିଲା ପ୍ରଧାନ । ମାତ୍ର ଓଡ଼ିଶାରେ ତନ୍ତ୍ରଯାନର ପ୍ରସାର ଅଧିକମାତ୍ରାରେ ଅନୁସୃତ ହେଉଥିବା ବେଳେ ସେଥିରୁ 'ପଞ୍ଚମକାର' ସମ୍ପୃକ୍ତ ମହାକାଳୀ ଓ ମହାକାଳ ଭୈରବ ଉପାସନାର ସୃଷ୍ଟି ହେଲା ।[୯] ସହଜଯାନର ମୌଳିକ ନୀତି ଥିଲା ସମ୍ଭୋଗ ସଙ୍ଗେ ଅପାର୍ଥିବ ସୁଖ ଲାଭ ।[୧୦] କିନ୍ତୁ ଖ୍ରୀ ୯୫୦ ମସିହାପରେ ଭୌମକର ରାଜବଂଶର ପତନ ପରେ ମଧ୍ୟ ଖ୍ରୀ ୧୦୨୭ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଲୋକମାନେ ତନ୍ତ୍ରଯାନର ତନ୍ତ୍ରସାଗର ମଧ୍ୟରେ ନିମଜ୍ଜିତ ହୋଇ ରହିଥିଲେ [୧୧] ବୋଲି କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ 'ଭକ୍ତିଭାଗବତ' ପୁସ୍ତକରୁ ସୂଚନା ମିଳେ । ସୁତରାଂ ସମଗ୍ର ରାଜ୍ୟର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକମାନଙ୍କ ପରି ସୁବର୍ଣ୍ଣରେଖା ନଦୀ ମୁହାଣସ୍ଥ ଏହି ବୌଦ୍ଧପୀଠ ମଧ୍ୟ ସେଥିରୁ ଅଲଗା ହୋଇନଥିଲା ।

ରାଜା ଯଯାତି ଦ୍ୱିତୀୟ ଥିଲେ ବୌଦ୍ଧତନ୍ତ୍ର ବିରୋଧୀ, ଶୈବ ଉପାସକ ତଥା ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ । ସେଥିପାଇଁ ସେ ତାଙ୍କର ରାଜଧାନୀ ଯାଜପୁର ଅଞ୍ଚଳରୁ ବୌଦ୍ଧତନ୍ତ୍ର ବିଲୋପ ନିମିତ୍ତ ଛଅ ଶହ ବୌଦ୍ଧ ତାନ୍ତ୍ରିକଙ୍କୁ ହତ୍ୟାକରି [୧୨] ସମସ୍ତ ତନ୍ତ୍ର ସାଧନାର ପୀଠକୁ ଧ୍ୱଂସ କରାଇ ସେଠାରେ ଶୈବପୀଠମାନ ସ୍ଥାପନ କରିଥିଲେ ଏବଂ ବ୍ରାହ୍ମଣ୍ୟ ଧର୍ମର ପ୍ରସାର ହେତୁ ଯାଜପୁରସ୍ଥିତ ବୈତରଣୀ ନଦୀ କୂଳରେ ଦଶାଶ୍ୱମେଧ ଯଜ୍ଞ [୧୩] ଅନୁଷ୍ଠିତ କରାଇବା ପରି ସୁବର୍ଣ୍ଣରେଖା ନଦୀ ମୁହାଣରେ ଖ୍ରୀ ୧୦୨୭ରୁ ୧୦୪୦ମସିହା ମଧ୍ୟରେ ଯେଉଁ ବିଶାଳ ମନ୍ଦିର ନିର୍ମାଣ କରି ସେଥିରେ ସୁଉଚ୍ଚ ତଥା ସୁବୃହତ୍ ଲିଙ୍ଗ ଦେବତାଙ୍କର ପ୍ରତିଷ୍ଠା କରାଇଥିଲେ, ସେ ହିଁ ଆଜିର ଭୂଷଣ୍ଡେଶ୍ୱର ଲିଙ୍ଗ ଦେବତା ବ୍ୟତୀତ ଅନ୍ୟ କୌଣସି ଦେବତା ହୋଇ ନ ପାରନ୍ତି । ପୁନଶ୍ଚ ଖ୍ରୀ ୧୮୭୨ ମସିହାରେ ବଙ୍ଗୀୟ ଦର୍ଶକମାନେ ମନ୍ଦିରର ଯେଉଁସବୁ ଭଗ୍ନାଂଶକୁ ଦେଖିଥିଲେ, ତାହା ଏବର ମନ୍ଦିର ନିର୍ମାଣ ସମୟରେ ପ୍ରାୟ ୧୦/୧୨ ଫୁଟ ମାଟିତଳୁ ଖୋଳାଯିବା ସମୟରେ ଆବିଷ୍କୃତ ହେଉଥିବାର ଶୁଣାଯାଉଛି ଆଉ ଏହା ସତ ହୋଇଥିଲେ ସେଠାରେ ଭୂଷଣ୍ଡେଶ୍ୱରଙ୍କ ପ୍ରାଚୀନ ମନ୍ଦିର ଥିବା ବିଷୟକୁ ପ୍ରମାଣିତ କରୁଛି । [୧୪]

## ପାଦଟୀକା


୧. ଇଂ ଦୂର୍ଗାପ୍ରସାଦ ପତି, ଉତ୍କଳୀୟ ନୌବାଣିଜ୍ୟ: ଏକ ରୋମାଞ୍ଚକର ଅଧ୍ୟାୟ - ପୃ ୨

୨. ବିନୟ ଘୋଷ, ପଶ୍ଚିମ ବଙ୍ଗେର୍ ସଂସ୍କୃତି, ୨ୟ ଭାଗ, ପୃ ୧୬୩

୩. ବିନୟ ଘୋଷ, ପଶ୍ଚିମ ବଙ୍ଗେର୍ ସଂସ୍କୃତି, ୨ୟ ଭାଗ, ପୃ ୧୬୨


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୪. ଡ ହରେକୃଷ୍ଣ ମହତାବ, ଓଡ଼ିଶା ଇତିହାସ, ପୃ ୨୦୯

୫. ଇଂ ଦୂର୍ଗାପ୍ରସାଦ ପତି, ଉତ୍କଳୀୟ ନୌବାଣିଜ୍ୟ: ଏକ ରୋମାଞ୍ଚକର ଅଧ୍ୟାୟ - ପୃ ୨

୬. ବିନୟ ଘୋଷ, ପଶ୍ଚିମ ବଙ୍ଗେର୍ ସଂସ୍କୃତି, ୨ୟ ଭାଗ, ପୃ ୧୬୨

୭. ଡ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ଇତିହାସ, ପୃ ୫୪୮

୮. ଡ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ଇତିହାସ, ପୃ ୪୩୯

୯. ଡ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ଇତିହାସ, ପୃ ୪୩୩

୧୦. ଡ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ଇତିହାସ, ପୃ ୪୫୪

୧୧. ଡ ଏକାଦଶୀ ପାଢ଼ୀ, ଯୁଗେ ଯୁଗେ ଯାଜପୁର, ପୃ ୨୧୦

୧୨. ଡ ଏକାଦଶୀ ପାଢ଼ୀ, ଯୁଗେ ଯୁଗେ ଯାଜପୁର, ପୃ ୫୨

୧୩. Epigraphia India, XXIX, PP 210

୧୪. ଦୈନିକ ସମାଜ, ତା୦୧/୦୫/୨୦୧୯ ପତ୍ରିକାର ଦ୍ୱିତୀୟ ପୃଷ୍ଠାରେ ସମ୍ବାଦସହ ଫଟୋଚିତ୍ର ପ୍ରକାଶିତ

+ ସମ୍ପାଦନା - ଓଡ଼ିଶା କଲଚରାଲ ଫୋରମ୍, ଓଡ଼ିଶାର ଶୈବ ସଂସ୍କୃତି, ପୃ ୦୮

* କିରାତରାଜାଙ୍କ ସୈନ୍ୟବାହିନୀ ସହିତ ଭୋଗରାଇ ବାସୁଳୀଙ୍କ ତତ୍କାଳୀନ ପୂଜକ, ତାନ୍ତ୍ରିକ ତଥା ଜଳଦସ୍ୟୁଙ୍କ ସର୍ଦ୍ଦାର ଦେବଗିରି ସନ୍ନ୍ୟାସୀଙ୍କ ଦସ୍ୟୁଦଳ ମିଶି ଭୂଷଣ୍ଡେଶ୍ୱରଙ୍କ ପ୍ରାଚୀନ ପଥର ମନ୍ଦିରରୁ ପଥର ସବୁ ଖସାଇ ଆଣିଥିଲେ ।

ଗୋପୀନାଥପୁର, ଦେହୁର୍ଦ୍ଦା, ବାଲେଶ୍ୱର
୭୫୬୦୩୬, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋଦୀଙ୍କୁ ବହୁମତ କେମିତି ?



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ମୋଦୀଙ୍କୁ ସ୍ୱଷ୍ଟ ବହୁମତ : ଦୁର୍ନୀତି ନା ରଣନୀତି !

ବିଗତ ମାସରେ ଅନେକ ଆକଳନକୁ ଭୁଲ ପ୍ରମାଣିତ କରିଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପୁଣିଥରେ ଭାରତରେ ସଂଖ୍ୟା ଗରିଷ୍ଠତା ଲାଭ କରିଲା । କିନ୍ତୁ ଏମିତି ଏକ ସମୟ ବି ଥିଲା ଯେତେବେଳେ ବିରୋଧୀ ଦଳ ଦୃଢ଼ ଭାବରେ ଦାବୀ କରିଥିଲେ ଯେ ଦେଶରେ ମୋଦୀ ଲହରୀ ନଷ୍ଟ ହୋଇଗଲାଣି ଆଉ ସେ ପୁଣିଥରେ ଜିତିବା ଭଳି ସମ୍ଭାବନା ନାହିଁ । ଗଣମାଧ୍ୟମ ମଧ୍ୟ ଭିନ୍ନ ଭିନ୍ନ କଥା କହୁଥିଲେ । କିଛି ଗଣମାଧ୍ୟମ ତ ଏମିତି ମଧ୍ୟ କହିଥିଲେ ଯେ ମୋଦୀ ସରକାରଙ୍କୁ ଏକ ଦଶମାଂଶ ଜନମତ ମଧ୍ୟ ମିଳିବ ନାହିଁ, ଅନେକ ଏମିତି ବି କହିଥିଲେ ଯେ ଯଦି ବା ମୋଦୀଙ୍କୁ ଜନମତ ମିଳିବ, ସେ କିନ୍ତୁ ଏକାକୀ ଏହା ପାରିବେ ନାହିଁ, ଏବଂ ସେଥିପାଇଁ ସେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ ଉପରେ ନିର୍ଭର କରିବେ ।

ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ସମାପ୍ତି ହେବାପରେ କଂଗ୍ରେସ ତରଫରୁ ଏକ ପ୍ରେସମିଟରେ ଘୋଷଣା କରାଯାଇ କୁହାଯାଇଥିଲା ଯେ ଦେଶରୁ ଲୋକଙ୍କ ମନରୁ ମୋଦୀ ଦୂରେଇ ଯାଇଛନ୍ତି ଏବଂ ସେ ପୁଣି ଫେରିବା ଅନିଶ୍ଚିତ । ଅନେକ ବିଦେଶୀ ଗଣମାଧ୍ୟମ ଠିକ୍ ଏହି ସମୟରେ ମୋଦୀଙ୍କୁ ଜଣେ ବିଭାଜନକାରୀ ଭାବରେ ଦର୍ଶାଇ ଆଲେଖ୍ୟମାନ ପ୍ରକାଶିତ କରିଥିଲେ । ମୋଦୀଙ୍କ ଲୋକପ୍ରିୟତା କମ ହେଉଥିବାର କଥା ଉଣା ଅଧିକେ ସମସ୍ତ ଗଣମାଧ୍ୟମ ଜୋର ସୋରରେ ପ୍ରଚାର କରିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ବାଚନ ସମାପନ ପରେ ଯେତେବେଳେ ଏକ୍‌ଜିଟ୍ ପୋଲ୍ ଗଣନା ଆସିଲା ତାହା ଅବିଶ୍ୱସନୀୟ ଥିଲା । କାରଣ ସମସ୍ତ ସର୍ବେକ୍ଷଣରେ ମୋଦୀଙ୍କୁ ସଂଖ୍ୟାଗରିଷ୍ଠତା ମିଳୁଥିଲା । ଏହାକୁ ଦେଖି ବିରୋଧୀ ଦଳମାନେ ଇଭିଏମ୍ ମେସିନରେ ଦୂର୍ନୀତି ହୋଇଥିବା କଥା ଗଣମାଧ୍ୟମରେ କୁହାଇ ନିର୍ବାଚନ କମିସନଙ୍କୁ ପ୍ରକାରାନ୍ତରେ ଦୋଷୀ ବୋଲି ଦର୍ଶାଇବାକୁ ପଛାଇନଥିଲେ । ତଥାପି କିଛି ଗଣମାଧ୍ୟମ ଏବଂ ବିଶେଷ କରି କଂଗ୍ରେସ୍ ଦଳ ଏହି ପୋଲ୍ ସର୍ଭେକୁ ଏକ ନିର୍ବାଚନୀ ଖେଳ ବୋଲି ଦର୍ଶାଇ ନିଜ ଦଳୀୟ କର୍ମୀଙ୍କୁ ହତୋତ୍ସାହିତ ନ ହେବାପାଇଁ ବାର୍ତ୍ତା ଦେବା ସହ ଦୃଢ଼ ଭାବରେ କହିଥିଲେ ଯେ ଏହି ସବୁ ସର୍ଭେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ମୋଦୀଙ୍କ ନିର୍ଦ୍ଦେଶରେ କରାଯାଇଛି ।

କିନ୍ତୁ ମଇ ୨୩ ତାରିଖର ମତଗଣନା ପରେ ସବୁକିଛି ଫସର ଫାଟି ଯାଇଥିଲା । ମୋଦୀ ସରକାର ସ୍ପଷ୍ଟ ବହୁମତ ପାଇଥିଲେ ଏବଂ ଲୋକସଭାରେ ଏକକ ବହୁମତ ପାଇଥିଲେ । ଯାହା ଅନେକ ସମୀକ୍ଷକ ତଥା ରାଜନୈତିକ ବିଶ୍ଳେଷକଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ କଥା ଥିଲା । ଏହାକୁ ନେଇ ଅଦ୍ୟବଧି ଦାବୀ ହୋଇ ଆସୁଛି ଯେ ମୋଦୀ ଦୁର୍ନୀତି କରି ନିର୍ବାଚନ ଜିତିଛନ୍ତି । କିନ୍ତୁ ଆଜି ମୋଦୀ ଦ୍ୱିତୀୟଥର ଶପଥ ପାଠ କରିବା ସହ ୫୮ ଜଣ ମନ୍ତ୍ରୀଙ୍କୁ ମଧ୍ୟ ଶପଥପାଠ କରାଇଛନ୍ତି ।

ମୋଦୀ ତା ହେଲେ ଏତେ ବଡ଼ ଜନମତ ପାଇଲେ କେମିତି ? ଏହାକୁ ବୁଝିବାକୁ ହେଲେ ସମୁଦାୟ ଦେଶରେ ଭାରତୀୟ ଜନତା ପାର୍ଟିର ନିର୍ବାଚନୀ ପ୍ରସ୍ତୁତିକୁ ଦୃଷ୍ଟି ଦେବାକୁ ହେବ । ଅନେକ ହୁଏତ ବିଶ୍ୱାସ କରି ନ ପାରନ୍ତି କିନ୍ତୁ ବର୍ଷ ୨୦୧୯ରେ ନିର୍ବାଚନ ପାଇଁ ଭାଜପା ତଥା ମୋଦୀ ଓ ଶାହଙ୍କ ଯୋଡ଼ି ବର୍ଷ ୨୦୧୪ରୁ ହିଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଆପଣଙ୍କୁ ମନେଥିବ ନିଶ୍ଚୟ ଯେତେବେଳେ ୨୦୧୪ରେ ମୋଦୀ ସରକାର ସ୍ପଷ୍ଟ ବହୁମତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇ ସରକାର ନିର୍ମାଣ କରିଥିଲେ ସେତେବେଳେ ସେ ଲୋକଙ୍କୁ ତାଙ୍କ ସହ ଯୋଗ ଦେବାପାଇଁ ବିଭିନ୍ନ ଗଣମାଧ୍ୟମରେ ପ୍ରସାର କରିବା ସମେତ ୱେବ୍‌ସାଇଟ୍ ଓ ଆପ୍ ଦ୍ୱାରା ସଦସ୍ୟତା ପାଇଁ ଲୋକଙ୍କୁ ପ୍ରଲୋଭିତ କରିଥିଲେ ଏବଂ ଏହାଦ୍ୱାରା ଆନୁମାନିକ ଦଶ କୋଟିରୁ ଅଧିକ ଲୋକ ଭାଜପାରେ ଯୋଗ ଦେଇଥିଲେ । ସେମାନେ ସକ୍ରିୟ ଭାବରେ ଭାଜପାର କର୍ମୀ ନ ହୋଇଥିଲେ ସୁଦ୍ଧା ମୋଦୀ ସରକାରଙ୍କ ପାଖରେ ସେହି ଦଶକୋଟିରୁ ଅଧିକ ଲୋକଙ୍କ ସକ୍ରିୟ ମୋବାଇଲ୍ ସଂଖ୍ୟା ସମେତ ସମସ୍ତ ଯୋଗାଯୋଗ ଠିକଣା ପଞ୍ଜୀକୃତ ହୋଇଥିଲା ଯାହା ୨୦୧୯ ନିର୍ବାଚନ ସମୟରେ ନିର୍ବାଚନ ଜିତିବାରେ ଏକ ବୃହତ ଭୂମିକା ନେଇଥିଲା । ୨୦୧୯ ନିର୍ବାଚନ ପୂର୍ବରୁ ଭାଜପା ଦ୍ୱାରା କଲ୍ ସେଣ୍ଟର୍ ସ୍ଥାପିତ ହୋଇଥିଲା ଏବଂ ସେହି କଲ୍ ସେଣ୍ଟର୍ ମାନଙ୍କରୁ ଲୋକମାନଙ୍କୁ ବାରମ୍ବାର ଫୋନ୍ କରାଯାଇ ମୋଦୀଙ୍କ ଯୋଜନା ମାନଙ୍କ ବିଷୟରେ ଜ୍ଞାନ ଦେବା ସହ ଲୋକମାନଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି କରାଯାଇଥିଲା ଯେ ମୋଦୀ ସେମାନଙ୍କ ସହ ସବୁବେଳେ ରହିଛନ୍ତି ଏବଂ ଆଗକୁ ରହିବେ ମଧ୍ୟ । ଫୋନ ଦ୍ୱାରା ଦେଶର ଏକ ବିଶାଳ ଜନସଂଖ୍ୟାକୁ ଯୋଗାଯୋଗ କରିବାରେ ମୋଦୀ ସରକାରଙ୍କ ଏହି ଉପାୟ ସକାରାତ୍ମକ ଫଳ ଦେଲା ।

ଏହାପରେ ନିର୍ବାଚନ ପୂର୍ବରୁ ଭାଜପା ଚାରୋଟି ରାଜ୍ୟରେ ନିର୍ବାଚନରେ ଭଲ ଫଳ ଦେଇନଥିଲା । ପଞ୍ଜାବ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ କର୍ଣ୍ଣାଟକର ନିର୍ବାଚନ ଫଳ ନିରାଶାଜନକ ଥିବା ସତ୍ତ୍ୱେ ୨୦୧୯ ନିର୍ବାଚନରେ କିନ୍ତୁ ଏହା ସବୁ ବଦଳି ଯାଇଥିଲା । ଏହା ପଛରେ ଥିଲା ମୋଦୀଙ୍କ ଆଉ ଏକ ଉପାୟ, ତାହ ହେଲା ଲୋକଙ୍କ ମଧ୍ୟରେ ଦେଶଭକ୍ତି ଜାଗ୍ରତ କରାଇବା ଭଳି କ୍ଷମତା । ନିର୍ବାଚନର ପୂର୍ବରୁ କାଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏବଂ ଏହାପରେ ପରେ ଭାରତ ସରକାରଙ୍କ ଦ୍ୱାରା ପାକିସ୍ତାନର ବାୟୁସୀମାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରବେଶ କରି ସର୍ଜିକାଲ୍ ଷ୍ଟ୍ରାଇକ୍ କରିବା, ବୈମାନିକ ଅଭିନନ୍ଦନଙ୍କୁ ମାତ୍ର ଦୁଇଦିନରେ ପାକିସ୍ଥାନରୁ ଫେରାଇ ଆଣିବା, ପାକିସ୍ଥାନକୁ ଜଳଯୋଗାଣ ବନ୍ଦ କରିବା ଭଳି ଅନେକ ପଦକ୍ଷେପ ଜନତାଙ୍କ ଦୃଷ୍ଟିରେ ମୋଦୀଙ୍କୁ ଏହ ସକ୍ଷମ ପ୍ରଧାନମନ୍ତ୍ରୀର ରୂପ ଦେଇଥିଲା । ସମ୍ଭବତଃ ମୋଦୀ ସରକାରଙ୍କ ପୂର୍ବରୁ ମନମୋହନ ସିଂହଙ୍କ ଦଶବର୍ଷର ଶାସନକୁ ମୋଦୀଙ୍କ ସହ ତୁଳନା କରି ଲୋକମାନେ ମୋଦୀଙ୍କୁ ଅଧିକ ସକ୍ଷମ ଓ ଦେଶଭକ୍ତ ବୋଲି ମାନିନେଲେ ଏବଂ ସେଥିପାଇଁ ଭୋଟ ଦେଲେ ।

ପଶ୍ଚିମବଙ୍ଗରେ ଲୋକମାନେ ତୃଣମୂଳ କଂଗ୍ରେସର ଏକଚାଟିଆ ଶାସନ ଏବଂ ପ୍ରାୟତଃ ହିଂସା ଓ ଦଙ୍ଗାରେ ତ୍ରସ୍ତ ହୋଇଥିଲେ ଏବଂ ଏହି ସମୟରେ ମୋଦୀ ଓ ଶାହ ସେହି ରାଜ୍ୟରେ ଘନଘନ ପ୍ରଚାର କରି ଲୋକଙ୍କୁ ଆଶ୍ୱାସନା ଦେଇଥିଲେ ଯେ ମୋଦୀ ଅଛନ୍ତି ତ ସବୁକିଛି ସମ୍ଭବ । ବିଭିନ୍ନ ଘଟଣାର ଭିଡ଼ିଓ ପ୍ରମାଣକୁ ନେଇ ସୋସିଆଲ୍ ମିଡ଼ିଆ ଏବଂ ଗଣମାଧ୍ୟମରେ ପ୍ରସାର କରାଇ ଲୋକଙ୍କ ମଧ୍ୟରେ ଏହି ଧାରଣା ସ୍ୱଷ୍ଟ କରାଯାଇଥିଲା ଯେ ମମତା ସରକାର ମୁସଲମାନଙ୍କୁ ଖୁସି କରିବା ପାଇଁ ହିନ୍ଦୁଙ୍କୁ ପ୍ରତାଡ଼ନା ଦେଇଛନ୍ତି । ପଶ୍ଚିମବଙ୍ଗରେ ଜୟ ଶ୍ରୀ ରାମ କହିଲେ ଜେଲ୍ ହେଉଛି, ରାମ ନବମୀର ଶୋଭାଯାତ୍ରାକୁ ଅନୁମତି ଦିଆଯାଉନାହିଁ, ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କୁ ଅତ୍ୟାଚାର କରାଯାଉଛି, ଏବଂ ସ୍ଥାନୀୟ ନିର୍ବାଚନ ସମୟରେ ଅନେକ ଭାଜପା ସମର୍ଥକଙ୍କୁ ହତ୍ୟା କରାଯାଇଛି । ଏହି ସବୁ ବିଷୟକୁ ଲୋକମାନେ ହୃଦୟଙ୍ଗମ କରିଥିଲେ ଏବଂ ନିର୍ବାଚନ ସମୟରେ ମୋଦୀଙ୍କ ଆହ୍ୱାନରେ 'ଚୁପ ଚାପ୍ କମଲ ଛାପ୍' କୁ ମାନିନେଇ ଭାଜପାକୁ ପ୍ରାୟ ଚାଳିଶି ପ୍ରତିଶତ ଭୋଟ ଦେଇଥିଲେ ।

ଓଡ଼ିଶାରେ ଭାଜପା ଅତି ଭଲ ପ୍ରଦର୍ଶନ ନ କରିଥିଲେ ସୁଦ୍ଧା ୨୧ରୁ ୮ଟି ସାଂସଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇବା କମ୍ କଥା ନୁହେଁ । ଅବଶ୍ୟ ଏଥିପାଇଁ ମୋଦୀ, ଶାହଙ୍କ ଯୋଡ଼ିକୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା । ଅନେକ ଥର ଓଡ଼ିଶାକୁ ଆସି ସଭା କରିବା ସହ ରୋଡ଼ସୋ କରିଥିଲେ । ଏହା ପଛରେ ମୋଦୀଙ୍କ ଧାରଣା ଥିଲା ଯେ ଯଦି ବି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ ଆଦି ରାଜ୍ୟରେ ପ୍ରଦର୍ଶନ ଭଲ ନ ହୁଏ ତେବେ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ପ୍ରଦର୍ଶନ ଦ୍ୱାରା ତାହାର ଭରଣା କରିହେବ ।

ଉତ୍ତରପ୍ରଦେଶରେ ଭାଜପାକୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥିଲା । ଭାରତରେ ସମ୍ଭବତଃ ଉତ୍ତରପ୍ରଦେଶ ଏକ ମାତ୍ର ଏମିତିକା ରାଜ୍ୟ ଯେଉଁଠି ଜାତିଗତ ମତଦାନ ହୁଏ । ସେଥିପାଇଁ ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି ଆଦି ନିଜ ନିଜ ପାଇଁ ଭୋଟ୍ ବ୍ୟାଙ୍କ ସୃଷ୍ଟି କରିଛନ୍ତି । ଏଥର ନିର୍ବାଚନରେ ସପା ଓ ବସପା ଏକତ୍ର ଲଢୁଥିବାରୁ ଭାଜପା ପାଇଁ ସମୀକରଣ କଷ୍ଟକର ଥିଲା । କିନ୍ତୁ ମୋଦୀଙ୍କ ଦେଶଭକ୍ତି, ଦକ୍ଷ ପ୍ରଶାସନିକ ଏବଂ ପାକିସ୍ଥାନକୁ ଘରେ ପଶି ଆକ୍ରମଣ କରିବା ଆଦି ଦୃଷ୍ଟିରୁ ଅନେକ ପ୍ରଥମଥର ଭୋଟ୍ ଦେଉଥିବା ଯୁବଗୋଷ୍ଠୀ ଅନୁପ୍ରାଣୀତ ହୋଇ ମୋଦୀଙ୍କୁ ବାଛିଥିଲେ । କଂଗ୍ରେସ୍ ଦ୍ୱାରା ପ୍ରିୟଙ୍କା ଗାନ୍ଧୀଙ୍କୁ ଉତ୍ତର ପ୍ରଦେଶର ନିର୍ବାଚନ ଭାର ଦିଆଯାଇଥିବା ସତ୍ତ୍ୱେ ସେ କୌଣସି ଉଲ୍ଲେଖନୀୟ ଅବଦାନ ଦେଇପାରିଲେ ନାହିଁ । ସପା, ବସପା ପାରମ୍ପାରିକ ଶତ୍ରୁ ବୋଲି ଜାଣିଥିବା ଜନତା ସମ୍ଭବତଃ ସେମାନଙ୍କ ଗଠବନ୍ଧନକୁ ବିଶ୍ୱାସ କରିଲେ ନାହିଁ । ଏବଂ ମୋଦୀ ସରକାରଙ୍କ ଭ୍ରଷ୍ଟାଚାରହୀନ ଶାସନ ସାମନାରେ ପ୍ରାୟ ସମସ୍ତ ଗଠବନ୍ଧନରେ ଥିବା ନେତା ଭ୍ରଷ୍ଟାଚାରୀ ଦେଖାଦେଲେ ତେଣୁ ସେମାନଙ୍କୁ ସେହିଭଳି ଫଳ ମିଳିଲା ନାହିଁ ।

ବିହାରରେ ମଧ୍ୟ ଲୋକମାନେ ଭାଜପା ଉପରେ ଅଧିକ ବିଶ୍ୱାସ ରଖି ଭୋଟ ଦେଲେ ତେଣୁ ସେଠାରେ ମଧ୍ୟ ଭାଜପାକୁ ବହୁମତ ମିଳିଲା । ସମଗ୍ର ଦେଶରେ ପ୍ରାୟ ନଅ ଜଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରୁଣା ମୁଖ୍ୟମନ୍ତ୍ରୀ କଂଗ୍ରେସ ତରଫରୁ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇ ଥିବା ବେଳେ ସମସ୍ତେ ହାରିଥିଲେ । ମୋଦୀଙ୍କ ଯୋଜନାବଦ୍ଧ ଭାବରେ ନିର୍ବାଚନ ପରିଚାଳନା ସାମନାରେ ବିରୋଧୀ ମାନଙ୍କର କୌଣସି ଉପାୟ କାମ ଦେଲାନାହିଁ ।

କଂଗ୍ରେସ ଦଳ ମୋଦୀଙ୍କ ଭଳି ଯୋଜନା କରି ପାରିଲାନାହିଁ, ଏବଂ ମୋଦୀଙ୍କୁ 'ଚୌକିଦାର ଚୋର୍ ହେଁ' ବୋଲି କହି ଦୁର୍ବଳ କରିବାକୁ ଯୋଜନା କରିଥିଲା, ଯାହାକୁ 'ମୈଁ ଭି ଚୌକିଦାର୍' ରେ ପରିଣତ କରିଦେଇ ମୋଦୀ ବାଜି ମାରିନେଲେ । କଂଗ୍ରେସ୍ କୌଣସି ଉଲ୍ଲେଖନୀୟ ପ୍ରସ୍ତାବ ଦେଇନଥିଲା । ନ୍ୟାୟ ଯୋଜନା ମଧ୍ୟ ବହୁତ ବିଳମ୍ବରେ ଉପସ୍ଥାପନ କରିଥିଲା ଏବଂ ଏହା ବିଷୟରେ ସାଧାରଣ ଜନତାଙ୍କ ପାଖରେ ଖବର ପହଞ୍ଚି ପାରିନଥିଲା । ଅଧିକନ୍ତୁ ଭାଜପାର ସୋସିଆଲ୍ ମିଡ଼ିଆ ସେଲ୍ ରାହୁଲ ଗାନ୍ଧୀଙ୍କ ନ୍ୟାୟ ଯୋଜନା ଘୋଷଣା ହେବା କ୍ଷଣି ଏହା ଏକ ମିଛ ଯୋଜନା ଏବଂ ଏଥିପାଇଁ ଅର୍ଥ ନାହିଁ ବୋଲି ଦର୍ଶାଇ ପ୍ରସାର କରିଲେ ଯାହା ଲୋକଙ୍କୁ ବିଶ୍ୱାସଯୋଗ୍ୟ ହେଲା । ରାଫେଲ୍ ବାବଦରେ ମଧ୍ୟ ରାହୁଲ ଗାନ୍ଧୀ କୌଣସି ସଠିକ ତଥ୍ୟ ଦେଲେ ନାହିଁ, ଏବଂ ସୁପ୍ରିମ କୋର୍ଟରେ ଦୁଇ ଦୁଇଥର କ୍ଷମା ମାଗିବା ପରେ ଲୋକମାନେ ମଧ୍ୟ ତାଙ୍କୁ ଗମ୍ଭୀରତାର ସହ ନେଲେ ନାହିଁ ।

ନିର୍ବାଚନ ପୂର୍ବରୁ ମୋଦୀଙ୍କୁ ବୈଦ୍ୟୁତିକ ଗଣମାଧ୍ୟମରେ ଅନେକ ସମୟ ଦେଖିବାକୁ ମିଳିଥିଲା ଏବଂ ସେ ନିଜେ ଅନେକ ଚ୍ୟାନେଲକୁ ସାକ୍ଷାତକାର ଦେଇଥିଲେ ଏବଂ ନିଜର ସାକ୍ଷାତକାର ବରିଷ୍ଠ ଅଭିନେତା ଅକ୍ଷୟ କୁମାରଙ୍କ ଦ୍ୱାରା ମଧ୍ୟ କରାଇଥିଲେ ଏହି ସମୟରେ ରାହୁଲ ଗାନ୍ଧୀଙ୍କର କୌଣସି ସାକ୍ଷାତକାର ଦେଖା ଦେଇନଥିଲା । ଏହାକୁ ନେଇ କଂଗ୍ରେସ ଦଳ ପକ୍ଷପାତିତାର ଅଭିଯୋଗ କରିଥିଲେ ସୁଦ୍ଧା ଗଣମାଧ୍ୟମ ଏହାକୁ ନେଇ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ମୋଦୀଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ମଧ୍ୟରେ ବି ସେ ବିଭିନ୍ନ

 Magazine Downloaded from www.aahwaan.com

ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିବା ବେଳେ ରାହୁଲ ଗାନ୍ଧୀ କେବଳ ଗୋଟିଏ ଚ୍ୟାନେଲକୁ ମାତ୍ର ଆଠ ମିନିଟ୍ ସମୟ ଦେଇଥିଲେ ।

ବର୍ଷ ୨୦୧୪ ପରେ କଂଗ୍ରେସ ଦଳକୁ ଅଧିକ ସଚେତନ ହେବାର ଥିଲା ଏବଂ ୨୦୧୯ ପାଇଁ ଅନେକ ପୂର୍ବପ୍ରସ୍ତୁତି କରିବାର ଥିଲା କିନ୍ତୁ ସେ ସବୁ କରିବାରେ ସେମାନେ ଅସଫଳ ହେଲେ । ରାହୁଲ ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ମୋଦୀଙ୍କ ସମ୍ମୁଖରେ ଅଗ୍ରାହ୍ୟ ହୋଇଥିଲା ଏବଂ ତାଙ୍କୁ ବର୍ଷ ୨୦୧୪ ପରେ ହିଁ 'ପପୁ' ବୋଲି ସୋସିଆଲ୍ ମିଡ଼ିଆରେ ପ୍ରଚାର କରିଦିଆଯାଇଥିଲା ଯେଉଁଥିପାଇଁ ଲୋକମାନେ ତାଙ୍କ ଉପରେ ଅଧିକ ଭରସା କରି ପାରିନଥିଲେ । ପୁଣି ସଂସଦ ଭିତରେ ପ୍ରଧାନମନ୍ତ୍ରୀଙ୍କୁ କଟାକ୍ଷ କରିବା, କୁଣ୍ଢାଇ ଧରିବା ବା ଆଖିମାରିବା ଆଦି କାରଣରୁ ସେ ଲୋକଙ୍କ ପାଇଁ ନିଜକୁ ଅଯୋଗ୍ୟ ବୋଲି ପ୍ରମାଣିତ କରିଦେଇଥିଲେ ।

ନିଜର ପାରମ୍ପରିକ ଆସନ ଅମେଥିରେ ସେ ହାରିବା ନେଇ ନିଶ୍ଚିତ ହେବାପରେ ସୁଦୂର କେରଳର ଏକ ସଂଖ୍ୟାଗରିଷ୍ଠ ବହୁଳ ଅଞ୍ଚଳରେ ଜନମତ ଲୋଡ଼ିବା ତାଙ୍କୁ ଅଧିକ ହାସ୍ୟାସ୍ପଦ କରିଥିଲା । ପ୍ରଥମରୁ ହିଁ ଭାଜପା ରାହୁଲ ଗାନ୍ଧୀଙ୍କ ଧର୍ମକୁ ନେଇ ତାଙ୍କୁ ଅନେକ ସ୍ଥାନରେ ଘେରାଉ କରିଥିଲେ । ଗୁଜୁରାଟ୍ ନିର୍ବାଚନ ସମୟରେ ରାହୁଲ ଗାନ୍ଧୀ ହିନ୍ଦୁ ବୋଲି ପ୍ରମାଣ ଦେବାପାଇଁ ଅନେକ ମନ୍ଦିର ଦର୍ଶନରେ ଯାଇଥିଲେ ସୁଦ୍ଧା ସେ ଯେ ହିନ୍ଦୁ ନୁହନ୍ତି ଏହା ଦୃଢ଼ ପ୍ରମାଣ ସୋସିଆଲ୍ ମିଡ଼ିଆରେ ପ୍ରସାରିତ ହେଉଥିଲା । ଏବଂ ସେ ୱାୟାନାଡ଼ରୁ ସାଂସଦ ପାଇଁ ଲଢ଼ିବାକୁ ଭାଜପା ତାଙ୍କର ହିନ୍ଦୁବିରୋଧୀ ପଦକ୍ଷେପ ବୋଲି ପ୍ରଚାର କରିଥିଲା ।

ସର୍ବୋପରି ଭାଜପାର ବିଜୟ ପଛରେ ଅନେକ କାରଣ ରହିଛି ଏବଂ ଏହା ମଧ୍ୟରେ ସର୍ବୋତ୍କୃଷ୍ଟ ହୁଏତ ମୋଦୀଙ୍କ ଦ୍ୱାରା ଭାରତର ପ୍ରତ୍ୟେକ ନାଗରିକ ମନରେ ଏକ ଦୃଢ଼ ଦେଶପ୍ରେମ ଭାବ ଜାଗ୍ରତ କରାଇବା ପ୍ରମୁଖ ହେବ । ଅବଶ୍ୟ ସେ ଅନେକ ଯୋଜନା ମଧ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଛନ୍ତି ଯାହା ଭାରତକୁ ସମୃଦ୍ଧ ହେବା ଦିଗରେ ସାହାଯ୍ୟ କରିଛି । ଏବଂ ନିର୍ବାଚନ ଲଢ଼ିବା ଓ ଜିତିବା ଉଦ୍ଦେଶ୍ୟରେ ସେ ନେଇଥିବା ସମସ୍ତ ପଦକ୍ଷେପ ସଫଳ ହୋଇଛି ।

ଅନେକ ବ୍ୟକ୍ତି ଓ ଗଣମାଧ୍ୟମ ମୋଦୀଙ୍କୁ ରଢ଼ିବାଦୀ ହିନ୍ଦୁ ଓ ମୁସଲମାନ୍ ବିରୋଧୀ ଭାବରେ ଦର୍ଶାଇ ଭାରତରେ ଅସହିଷ୍ଣୁତା, ଧର୍ମାନ୍ଧତା ଆଦି ହେଉଥିବା କଥା କହି ଆସୁଛନ୍ତି । ପାଞ୍ଚବର୍ଷର ସୁଶାସନ ସତ୍ତ୍ୱେ ମୋଦୀଙ୍କୁ ସମାଲୋଚନା କରୁଥିବା ଅନେକ ବ୍ୟକ୍ତି ଚଳିତ ନିର୍ବାଚନରେ ନିଜ ବିଫଳତାକୁ ନେଇ ଆତ୍ମସମୀକ୍ଷା କରୁଥିବେ ବୋଲି ଆଶା । ବିଗତ ପାଞ୍ଚବର୍ଷରେ ମୋଦୀ କୌଣସି ଏମିତି ପଦକ୍ଷେପ ନେଇନାହାନ୍ତି ଯାହା ତାଙ୍କର ଛବିକୁ ଜଣେ ମୁସଲମାନ୍ ବିରୋଧୀ ଭାବରେ ଦେଖାଇ ପାରିବ । ଏବଂ ଏବେ ମଧ୍ୟ ସେ ଯେତେବେଳେ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି ସେ କଦାପି ସେହିଭଳି କୌଣସି କାର୍ଯ୍ୟ କରିବେ ନାହିଁ । ହଁ ଅବଶ୍ୟ ସେ ଦୃଢ଼ ଭାବରେ ଦେଶଭକ୍ତି ଓ ଦେଶପ୍ରେମ ଜାଗ୍ରତ କରାଇବା ଭଳି ଅନେକ କାର୍ଯ୍ୟ କରି ପାରନ୍ତି ଏବଂ ବର୍ତ୍ତମାନର ସମୟରେ ଏହାର ଆବଶ୍ୟକତା ମଧ୍ୟ ଅନେକ ରହିଛି । ଆଶା କରୁଛି ଆଗାମୀ ପାଞ୍ଚବର୍ଷରେ ଭାରତର ବିଶ୍ୱସ୍ତରୀୟ ସମ୍ମାନ ଆହୁରି ବୃଦ୍ଧି ହେବ ଏବଂ ଭାରତ ପୂର୍ବଠାରୁ ଅଧିକ ସମ୍ମାନ ଯୋଗ୍ୟ ହୋଇ ବିଶ୍ୱଗୁରୁ ହେବ ।

#୨୦୨, ଚିଦାନନ୍ଦ ଆବାସ, ବୀମାନଗର
ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୧, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଛଟିଏ



ଅଙ୍କିତା ପାଢ଼ୀ

ଗଛଟିଏ ଲଗାଇବାକୁ ଖାଲି ଜାଗାଟିଏ ଦରକାର । ଏତିକି କରିବାକୁ ପଡିଥାଏ । ତା ପରେ ଗଛରେ ଆମେ ଗ୍ରୀଷ୍ମ ଦିନ ହୋଇଥିଲେ ପାଣି ମୁନ୍ଦାଏ ଦେବାକୁ ପଡିଥାଏ । ଗଛଟି ବଢି ବଢି ଚାଲିଥାଏ । ଯେମିତି ନିଜର ପିଲାମାନେ ଘରେ ବଢ଼ିଥାନ୍ତି । ହେଲେ ପିଲାମାନେ ତ ବହୁତ ଅସହାୟ । ସେମାନଙ୍କୁ ଧରିବାକୁ ପଡେ, ଖୁଆଇବାକୁ ପଡିଥାଏ, କାଖେଇ କୋଳେଇ ବୁଲେଇବାକୁ ପଡିଥାଏ, ଏମିତିକି ସେମାନଙ୍କ ଝାଡା ପରିସ୍ରା ବି ସଫା କରିବାକୁ ପଡିଥାଏ । ଆମେ ନିଜ ପିଲାଙ୍କୁ ଅଧିକ ଯତ୍ନରେ ବଢ଼େଇ ଥାନ୍ତି କାରଣ ସେ ବଡ଼ ହେଇ ଆମକୁ ରୋଜଗାର କରି ପୋଷିବ । ହେଲେ ଆମେ ଗଛଟିଏ କଥା ଆଦୌ ଚିନ୍ତା କରନ୍ତି ନାହିଁ, କେମିତି କରିବା ଯେ ? ଆମେ ଗଛ ଲଗେଇବା ଅପେକ୍ଷା ସେଇ ଜାଗାରେ ଘର କରିବା, କାରଖାନା କରିବା, ରାସ୍ତା କରିବା ଏମିତି ଏମିତି...

ବହୁତ ବିରକ୍ତି ସହିତ ଘୃଣା ଭାବ ଆସିଥାଏ ସେଇ ଲୋକମାନଙ୍କ ଉପରେ ଯେଉଁମାନେ ନିରୀହ, ନିଶ୍ଚଳ, ମୁକ ଓ ଉପକାରୀ ଗଛଟିକୁ କାଟି ଦେଇ ତାର କାଠ ଓ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗକୁ ନିଜ କାମରେ ଲଗାଇ ବେଶ ଦୁଇପଇସା ରୋଜଗାର କରିଥାନ୍ତି !

ହେଲେ ଏଇ ଗଛର ନିରୀହ ନିସ୍ତବ୍ଧ କାହାଣୀ କିଏ ଶୁଣୁଛି । ଗୋଟିଏ ଗଛ ଯେତିକି ଅମ୍ଳଜାନ ପ୍ରସ୍ତୁତ କରେ ବା ବିକିରଣ କରେ, ସେଥିରେ ହଜାର ହଜାର ଲୋକ ନିଜର ଶ୍ୱାସକ୍ରିୟା କରିପାରନ୍ତି । ଗଛଟିଏ ନିଜର ଫଳ କେବଳ ପ୍ରାଣୀଙ୍କର ଉପକାର ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଦ୍ୟରୂପୀ ପୋଷକ ଯୋଗାଇ ଥାଏ ।

ଗଛଟିଏ ବାୟୁ ମଣ୍ଡଳକୁ ଜଳୀୟ ବାଷ୍ପ ନିଷ୍କାସନ କରିବା ଦ୍ୱାରା ତାହା ଉର୍ଦ୍ଧ୍ୱମୁଖୀ ବାୟୁ ପ୍ରଭାବରେ ଉପରକୁ ଯାଇ ଥଣ୍ଡା ହୋଇ ପୁନଃ ବର୍ଷା ରୂପରେ ଭୂମିଷ୍ଟ ହୋଇଥାଏ ।

ଗଛଟିଏ ଅତି କମରେ ବଟୋଇକୁ ଥଣ୍ଡା ଛାଇ ଦେଇ ବିଶ୍ରାମ କରିବାର ଆଶ୍ରୟ ଦେଇଥାଏ । ଗଛଟିଏ ନିଜର ବାସ୍ନା ଭରା ଫୁଲର ମହକରେ ଚତୁଃର୍ପାଶ୍ୱକୁ ଶାନ୍ତିର ବାତାବରଣ ବିତରଣ କରିଥାଏ । ଗଛଟିଏ ନିଜର ମୃତ୍ୟୁ ପର୍ଯ୍ୟନ୍ତ ପ୍ରାଣୀଙ୍କର ମଙ୍ଗଳ ସାଧନା କରିଥାଏ । ଶେଷରେ ଏଇ ମଣିଷ ସେଇ ନିରୀହ ଗଛଟିକୁ କଟିଦେଇ ନିଜର କାମନା ଓ ଲାଳସା ମେଣ୍ଟେଇ ନିଜକୁ ବଳିୟାନର ପରାକାଷ୍ଠା ପ୍ରକଟ କରି ଧନ୍ୟ ହେଇଯାଏ ।

ମୁଖ୍ୟ ପ୍ରସଙ୍ଗ ହେଲା ପୃଥିବୀ ପୃଷ୍ଠରେ ଥିବା ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ମଧ୍ୟରେ, ଉଦ୍ଭିଦ ଜଗତ ହେଉଛନ୍ତି ସ୍ୱପୋଷକ । ଅର୍ଥାତ ସେମାନେ ନିଜେ ନିଜର ଖାଦ୍ୟ ପ୍ରସ୍ତୁତ କରନ୍ତି ନାହିଁ । ହେଲେ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ ସେଇ ଗଛର ଫଳ, ଫୁଲ ଓ ପତ୍ର ଉପରେ ନିର୍ଭର କରନ୍ତି । ତେଣୁ ପ୍ରାଣୀମାନେ ଅନ୍ୟ ଦ୍ୱାରା ପୋଷିତ ହୁଅନ୍ତି ପୁଣି ସେଇ ମାନଙ୍କୁ ହତ୍ୟାରଦଣ୍ଡ ଦିଅନ୍ତି ।

ଗଛଟିଏ ନିଜର ଖାଦ୍ୟ ନିଜେ ପ୍ରସ୍ତୁତ କରେ । ସେଇ ପ୍ରକ୍ରିୟାକୁ ଆଲୋକ ସଂଶ୍ଲେସନ ପ୍ରକ୍ରିୟା କୁହନ୍ତି । ସେଇ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ପତ୍ର ନେଇଥାଏ । ପତ୍ର ନିଜ ଭିତରେ ଥିବା ସବୁଜ କଣିକା ଦ୍ୱାରା, ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ, ମାଟିରୁ ଚେର ଓ କାଣ୍ଡ ମାଧ୍ୟମରେ ଜଳ ଓ ଖଣିଜ ଲବଣ ନେଇ, ସୂର୍ଯ୍ୟାଲୋକ ଉପସ୍ଥିତିରେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତି କରିଥାଏ । ଏହି ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ ଗଛଟିଏ ଯେଉଁ ଖାଦ୍ୟ ପ୍ରସ୍ତୁତ କରେ, ସେ ସବୁ ଖାଏ ନାହିଁ କିଛି ପ୍ରାଣୀ କଲ୍ୟାଣରେ ସଞ୍ଚୟ କରି ଯାହାକି; କିଛି ଗଛ ମୂଳରେ, କିଛି କାଣ୍ଡରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କିଛି ଗଛ ନିଜ ଫଳରେ ।

ଖାଦ୍ୟ ସଞ୍ଚୟ କରି ଗଛଟିଏ ନିଜର ବଳକା ଖାଦ୍ୟକୁ ପ୍ରାଣୀ ମଙ୍ଗଳରେ ବିତରଣ କରିଥାଏ । ଏମିତି ଉପକାରୀ ବନ୍ଧୁ କେହି ଦୁନିଆରେ ନଥାନ୍ତି । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ହାର ବୃଦ୍ଧି ହେଲେ ଆମକୁ ଶ୍ୱାସକ୍ରିୟା କରିବା କଷ୍ଟ ହୋଇ ପଡିବ । ଲୋକ ମାନେ ଅମ୍ଳଜାନ ପାଇଁ ନିଜର ପ୍ରାଣ ବିସର୍ଜନ କରିବାକୁ ବାଧ୍ୟ ହେବେ । ଗାଡି, ମୋଟର, କାରଖାନା ଆଦିର ବୃଦ୍ଧି ଯୋଗୁଁ ବାୟୁ ମଣ୍ଡଳରେ ଯେଉଁ ହାରରେ ପ୍ରଦୂଷଣ ବଢ଼ି ଚାଲିଛି ଆମମାନଙ୍କୁ ଭବିଷ୍ୟତରେ ଏକ ମହା ବିପତ୍ତିର ସାମ୍ନା କରିବାକୁ ପଡ଼ିବ । ଏଣୁ ଆମକୁ ଅଧିକରୁ ଅଧିକ ଗଛ ଲଗାଇବାକୁ ପଡ଼ିବ ।

ବନ୍ୟା, ବାତ୍ୟା, ଭୂକମ୍ପ, ଘଡଘଡି ଆଦି ଦୈବୀବିପର୍ଯ୍ୟୟ ପାଇଁ ଆମର ଏକ ମାତ୍ର ରକ୍ଷକ, ସାହା, ଭରସା ହୋଇ ନିର୍ଭୟରେ ଗଛଟିଏ ହିଁ ରକ୍ଷା କରିଥାଏ । ଆମେ ବଡ଼ ଗଛଟିଏ କାଟି ଦେଲେ ଅତି ବେଶୀରେ ଦଶ ହଜାର ବିକିବା ହେଲା ସେଇ ଗଛ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କାର କେବଳ ଅମ୍ଳଜାନ ଦେଇଥାଏ । ମୁଁ ତାର ଫୁଲ ଆଉ ଫଳର ହିସାବ କହୁନାହିଁ । ହେଲେ ଆମକୁ ନିଜର ଜୀବନ ଆଉ ଆଗାମୀ ପିଢ଼ିର ଜୀବନ ରକ୍ଷା ପାଇଁ ଓ ସେମାନଙ୍କର ମଙ୍ଗଳ ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଆବଶ୍ୟକ । ଗଛଟିଏ ଆମକୁ ଖାଇବାକି ବା ପିଇବାକୁ ମାଗେ ନାହିଁ । ଆମେ କେବଳ ଉପଯୁକ୍ତ ସ୍ଥାନ ଦେଖି ଆଗାମୀ ବର୍ଷା ଋତୁକୁ ଦେଖି ଲଗାଇଦେବା ଆବଶ୍ୟକ ।

ଆମେ ଘରୋଇ ଆସବାବପତ୍ର ପାଇଁ କାଠ ବଦଳରେ ଲୁହା ବା ପ୍ଲାଷ୍ଟିକ ବ୍ୟବହାର କରିବା, କାଗଜର ଅପବ୍ୟବହାର କରିବା ନାହିଁ, ଛୋଟିଆ ଗଛ ପାଖରୁ ଗୋରୁ ଗାଈଙ୍କୁ ଦୁରେଇ ରଖିବା, ପାହାଡିଆ ଅଞ୍ଚଳରେ ପୋଡୁଚାଷ କରିବା ନାହିଁ, ବୃକ୍ଷ ସ୍ଥାନାନ୍ତରଣ ଉପାୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବଲମ୍ବନ କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରି ପାରିବା ।

ଏଣୁ ଆମର ଜୀବନ ସହିତ ଆଗାମୀ ପିଢ଼ି ମାନଙ୍କର ଜୀବନ ସୁରକ୍ଷିତ ପାଇଁ ଗଛଟିଏ ଲଗାଇବା ଆବଶ୍ୟକ । ଗଛ ସହିତ ବନ୍ଧୁହୋଇ ନିଜର ଜୀବନକୁ ସୁଖମୟ କରି ଜଗତରେ ଶ୍ରେଷ୍ଠ ଜୀବର ଆସନ ଗ୍ରହଣ କରି ବଞ୍ଚିବା ଓ ବଞ୍ଚାଇବା ।

ବାପା: ରଞ୍ଜନ ପାଢ଼ୀ

ଶ୍ରେଣୀ: ସପ୍ତମ

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,

ଗଗନ ବାବୁ ଛକ, ଏଡ଼ତାଳ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରେଷ୍ଠ ପୂଣ୍ୟ



ବିପଦକୁମାର ବାରିକ

ବ୍ୟସ୍ତ ବହୁଳ ଜୀବନଭିତରେ ସମସ୍ତେ ଅସ୍ତବ୍ୟସ୍ତ । କଥା ପଦୁଟିଏ କହିବା ପାଇଁ କାହା ପାଖରେ ସମୟ ନାହିଁ । କାରଣ ସମସ୍ତେ ଏ ଜୀବନରେ ନିଜ ନିଜ କର୍ମରେ ସକାଳ କୋଇଲିର କୁହୁ କୁହୁ ଓ କୁକୁଡ଼ାର 'କ' 'କ' ଠାରୁ ଆରମ୍ଭ କରି ଗୋଧୂଳି ଗାଈର ହମ୍ବା ରଡ଼ି ପର୍ଯ୍ୟନ୍ତ ନିଜକୁ ବ୍ୟସ୍ତ ବହୁଳ ରଖୁଚନ୍ତି । ହେଲେ କଣ ହେବ ସଂସାରରେ ଏହି ମୋହମାୟା, ଜାଲବନ୍ଧନରେ ସବୁ ବନ୍ଧା ହୋଇଛନ୍ତି । ଜୀବନ ତରଙ୍ଗ ଭିତରେ ଅଭିନୟ ଅଭିନୟ କରି କରି ମନ ଭିତରେ ସୁଖଶାନ୍ତି ନାହିଁ, କି ପୂଣ୍ୟ ବି ନାହିଁ । ଦୁନିଆ ଆଗରେ ଖାଲି ମିଛରେ ମିଛରେ ଅଭିନୟ କରି ଚାଲିଥାଉ, ଆଉ କହି ବୁଲିଥାଉ ଆମ୍ଭ ଭଳି ସୁଖଶାନ୍ତିରେ କିଏ ବା ରହିଛି ? ସବୁ ଆଡ଼େ ଖାଲି ମୁଁ ମୁଁର ଗର୍ଜନ ଶୁଣା ଯାଉଥାଏ । କେବେ କହିନଥାଉ ଆମ ମାନଙ୍କର ବୋଲି । ମନ ଭିତରେ ଏତେ ଦୁଃଖ, କଷ୍ଟ, କୋହ, ଯନ୍ତ୍ରଣା ନେଇ ବି ହସିଥାଉ । କାହିଁକି ନା ଜୀବନ ଆଉ ଯନ୍ତ୍ରଣାର ଭଲପାଇବା ଭିତରେ ମଣିଷ ବଞ୍ଚୁଥାଏ । ସେଥିପାଇଁ ତ ଭଲ ପାଇବାର ଅନ୍ୟନାମ ଈଶ୍ୱର କୁହାଯାଇଛି । ଈଶ୍ୱର ତ ମଣିଷ ଦେହରେ ବିଦ୍ୟମାନ । ସଂସାରର ଧର୍ମ ହିଁ ଶ୍ରେଷ୍ଠ । ଧର୍ମରେ ଚାଲିଲେ ଦୁଃଖ ଦୁଃଖ ଆପେ ଆପେ ଘୁଞ୍ଚିଯାଏ । ପୂଣ୍ୟ, ସୁଖ, ଶାନ୍ତି ମନ୍ଦିରରେ ସନ୍ଧାନ କଲେ ମିଳେନାହିଁ । ଅସଲ ସୁଖ ଶାନ୍ତି, ପୂଣ୍ୟ ତ ମିଳେ ନିଜ ମନରେ ଆଉ ତୁମ୍ଭର ଜୀବନ୍ତ ପିତାମାତାଙ୍କ ଠାରେ । ହେଲେ କଣ ହେବ ? ଏ ଦିଗୋଡ଼ିଆ ଅବିବେକୀ ପଶୁତୁଲ୍ୟ ମଣିଷ କେବେ ବୁଝିଛି ନା ବୁଝିବାକୁ ଚେଷ୍ଟା କରୁଛି । କେହି ମୁହୂର୍ତ୍ତ ପାଇଁ କାମନାବାସନାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିହ୍ୱଳିତ ଜର୍ଜରିତ ହେଇ ସବୁ କିଛି ଭୁଲିଯାଏ । ମଣିଷ ଜୀବନରେ ସୁଖଶାନ୍ତି ପାଇବାକୁ ହେଲେ, ସଦା ସର୍ବଦା ପାଇଁ ସମ୍ପୂର୍ଣ୍ଣ ରୂପେ ନିଜକୁ ପିତା ମାତାଙ୍କ ନିକଟରେ ସମର୍ପିତ ଦେବାକୁ ପଡ଼ିବ । ମନରେ ପବିତ୍ର ଓ ଆଧ୍ୟାତ୍ମିକ ଚିନ୍ତାଧାରା ଧରି ପରୋପକାର କରିବାକୁ ହେବ । କଥାରେ ଅଛି, ଆକାଶରେ ସୂର୍ଯ୍ୟ ନଥିଲେ ଯାହା, ଗୋଟେ ପରିବାରରେ ମୁଖ୍ୟତଃ ପିତା ଓ ମାତା ନଥିଲେ ସେୟା । ଅନ୍ୟର ଦୁଃଖରେ ସହଭାଗୀ ହୋଇ ପାରିଥିବା ମଣିଷ, ଜୀବନ୍ତ ଈଶ୍ୱରଙ୍କର ସେ ଅତିପ୍ରିୟ । ମୁଖ୍ୟ କଥା ହେଉଛି ସୁଖଶାନ୍ତି ଚତୁଃପାର୍ଶ୍ୱରେ ନଖୋଜି ନିଜର ମନକୁ ପରୋପକାରୀ ଓ ପିତାମାତାଙ୍କ ସେବାରେ ନିଜକୁ ନିୟୋଜିତ କରାଇ ପାରିଲେ ତାହା ହିଁ ହେବ ଶ୍ରେଷ୍ଠ ପୂଣ୍ୟ ।

ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ, ପଶ୍ଚିମବଙ୍ଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିହ୍ନଦେବତାୟ ସ୍ୱାହା



ସିଦ୍ଧେଶ୍ୱର ତ୍ରିପାଠୀ

ଭୋଟର ଏଠି ପ୍ରାର୍ଥୀ ଦେଖି ଭୋଟ ଦିଅନ୍ତିନି ଚିହ୍ନ ଦେଖି ଭୋଟ ଦିଅନ୍ତି । ଯଦି କୁକୁର ଛୁଆକୁବି ନିର୍ବାଚନରେ ପ୍ରାର୍ଥୀ କରାଯାଏ ସେବି ଜିତିଯିବ । ଖାଲି ପରିଚିତ ଚିହ୍ନଟେ ତା ପଛରେ ଲାଗିବାର ଅଛି । ତେଣିକି ସେ ପାଠପଢୁକି ନପଢୁ ନୂଆ ହଉକି ପୁରୁଣା ଲୋକଙ୍କ ପାଇଁ କାମ କରୁକି ନ କରୁ ।

ସେ ଗୁଣ୍ଡା ହେଉ ଅବା ଡାଲି ଖଣି ପାଣି ଚୋର ହେଉ କିଛି ଯାଏ ଆସେ ନାହିଁ । ବିଧାନ ସଭାଠୁ ଲୋକସଭା ରାଜ୍ୟରୁ ଦେଶ ସବୁଠି ଚିହ୍ନର କରାମତି । ଭାରି ଆଶ୍ଚର୍ଯ୍ୟ କର କଥା ଏତେ ଛୋଟ ଛୋଟ ଚିହ୍ନ ଗୁଡାକୁ ଚିହ୍ନି ବାଟି ଘୋରି ପାଣି କରିଦେଉଥିବା ଭୋଟର ଗୁଡାକ ଚିଟଫଣ୍ଡ ଆଉ ଦୁଷ୍କର୍ମ ଭଳି ବଡ ଚିହ୍ନ ଲଗା ନେତା ଗୁଡାଙ୍କୁ କେମିତି ଚିହ୍ନି ପାରନ୍ତିନି କେଜାଣି ।

ଘରେ ବସି ଖାଇବା ଆରାମରେ ଚଳିବା ଯଦି ସବୁ ସୁବିଧା ସୁଯୋଗ ଯୋଉ ଦଳର ସରକାର ଯୋଗେଇଦବ ତାକୁହିଁ ଭୋଟ ଦବା । ବ୍ୟକ୍ତିତ୍ୱର ବିକାଶକୁ ମାର ଗୁଳି । ସ୍ଥାୟୀ ପ୍ରତିକାର କଥା ପଚାରେ କିଏ । ଜମି ବାଡ଼ିରେ ପଟାସ୍ ଲାଗେଇଦିଅ ନହେଲେ ବିକ୍ରି କରିଦିଅ । କୋଉ ଚାଉଳ କିଣା ପଡୁଛି । ହଁ କାହାକଥା କହିବା ଏଠିତ କମ୍ବଳ ଯାକ ବାଳ ।

ଏଠିତ ପିଲାଟି ଜନ୍ମ ହେଲା ବେଳକୁ ମୁଣ୍ଡରେ ଋଣ ବୋଝ ଧରି ଆସିଥାଏ । ଲୋକେ କିନ୍ତୁ ଏନ୍ତୁଡ଼ିରୁ ମସାଣିଯାଏ ଯୋଜନାର ସୁଫଳ ପାଇବାରେ ବ୍ୟସ୍ତ । ଜମି ଜଙ୍ଗଲ ଖଣି ପାଣି ପର୍ଯ୍ୟଟନ ସବୁଥିଲେ ବି ଆଜି ନାହିଁ ନାହିଁର ଦୁନିଆ । ଅତି ସହଜ ଆଉ ସଙ୍କଟରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନରେ ଶୀର୍ଷ ସ୍ଥାନରେ ପହଂଚିବାର ସ୍ୱପ୍ନ ଦେଖୁଥିବା ଭୋଟରଙ୍କଠୁ ଆଉ କଣ ଆଶା କରାଯାଇ ପାରେ ।

ରାମାୟଣ ମହାଭାରତ ଯୁଗଠୁ ବି ଏଯୁଗର ରାଜନୀତି ଅଙ୍କ ଭାରି ଜଟିଳ ଚାଣକ୍ୟ ନୀତିକୁ ଗୋଳି ବାଟି ପିଇଦେଲା ପରେ ସେଥିରେ ପୁଣି କିଛି ନିଜସ୍ୱ ନୀତି ଖଞ୍ଜା ହୋଇଯାଏ ଆପେଆପେ । ଆଜି ଏଘର ମାଉସୀ ତ କାଲି ସେ ଘର ପିଉସୀ । ବର୍ଷା ଯୁଆଡ଼େ ଛତା ସିଆଡେ ନ୍ୟାୟରେ ଏଠି ସବୁ କାମ ଚାଲେ । ଏଠି ବିଭୀଷଣଙ୍କର ଅଭାବ ନାହିଁ ।

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତା କଥା ନକହିବା ଭଲ । କେତେବେଳେ ତିଳକୁ ତାଳ ଆଉ କେତେବେଳେ ତାଳକୁ ତିଳ କରାଯିବ ତାହା ସମ୍ପୃକ୍ତ ସଂସ୍ଥାର ମାଲିକଙ୍କ ରାଜନୈତିକ ଦଳ ସହିତ ଥିବା ସମ୍ପର୍କ ଆଉ ସ୍ୱାର୍ଥ ଉପରେ ନିର୍ଭର କରେ ।

ଏଠି ନିର୍ଦ୍ଦିଷ୍ଟ କିଛି ମହାପୁରୁଷଙ୍କ ଛାଇ ତଳେ ଅନ୍ୟ ମହାପୁରୁଷଙ୍କ ନାଁ ବି ମାଟି ଭିତରୁ ବାହାରି ପାରେନି । ବଂଶବାଦର ନ୍ୟାୟରେ ଚାଲେ ରାଜନୀତି । ତେଲାତେଲି ଏକା ହୁଅନ୍ତି ବଳି ପଡି ଯାଆନ୍ତି ସାଧାରଣ ଜନତା ।

ଏଠି ବାଘ ଛେଳିବି ଗୋଟିଏ ତୁଠରେ ପାଣି ପିଅନ୍ତି । ଏଠି ମଣିଷ ଭୁଲିଯାଏ ମଣିଷ ପଣିଆ । ବାପା ମା ଭାଇ ଭଉଣୀଙ୍କର ନୂଆ ନୂଆ ଦଳ ମତଭେଦ ଗୋଷ୍ଠୀ କନ୍ଦଳ । ଏଠି କେତେ ମୁଣ୍ଡିଆଳ କହିଥିବା କଥା ଭୁଲିଯାଆନ୍ତି । ପକେଇବା ଛେପ ଚାଟନ୍ତି କିଏ ଦିଲ୍ଲୀ ଯିବାକୁ ତ ଆଉ କିଏ ଭୁବନେଶ୍ୱର ।

ଜେଲ ଜୋରିମାନାରେ ଅଭ୍ୟସ୍ତ ରାଜନେତା ଏଠି ସମସ୍ତଙ୍କର ପ୍ରିୟ କାରଣ ସେ ବାଣ୍ଟି ପାରନ୍ତି ଟଙ୍କା କାଟି ପାରନ୍ତି ତଣ୍ଟି ।

ରାଜତନ୍ତ୍ରରେ ରାଜାର ପୁଅ ରାଜା ହୁଏ ଆଉ ଏଠି ଗଣତନ୍ତ୍ରରେ ମନ୍ତ୍ରୀର ପୁଅ ମନ୍ତ୍ରୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଦ ମାଉଁସରେ ଏଠି ସମସ୍ତେ ଖୁସି ।

ଏଠି ନିର୍ବାଚନ ଆସିଲେ ନେତାମାନେ ଜନତାଙ୍କ ପାଦଧୂଳି ନିଅନ୍ତି ସାଇକେଲ ଚଲାନ୍ତି ଝୁମ୍ପୁଡି କୁଡ଼ିଆରେ ଖାଆନ୍ତି । ଗାଁ ଓ ସହରବାସୀଙ୍କ ଦୁଃଖ ସୁଖ ବୁଝନ୍ତି । ଆଉ ଥରେ ଆସନକୁ ଆସିଗଲେ ଏସି ଘର ଏସି କାରରୁ ତଳକୁ ଓହ୍ଲାନ୍ତି ନାହିଁ ।

ରହିବା ଖାଇବା ଗସ୍ତଖର୍ଚ୍ଚ ହାତପାଣ୍ଠି । ମାସିକ ଦରମା ପେନସନ ସବୁ ତାଙ୍କ ପାଇଁ ଥୁଆ । ଏବେ ୩୦୦ଟଙ୍କାରେ ଦୁଇମାସ ଫୋନ ସହିତ ଇଣ୍ଟରନେଟ ବ୍ୟବହାର ସବୁ ସମ୍ଭବ ହୋଇପାରୁଥିଲେ ମଧ୍ୟ ତାଙ୍କୁ ଫୋନ ଖର୍ଚ୍ଚ ବାବଦକୁ ମାସକୁ ମିଳେ ହଜାର ହଜାର ଟଙ୍କା ।

କେତେ ନିର୍ବାଚନ ଆସେ ଯାଏ ବାଣ ଫୁଟେ ବାଜା ବାଜେ ମଦମାଉଁସ ବଣ୍ଟାହୁଏ । କେତେ ପ୍ରାର୍ଥୀ ଆସି କୁଡ଼ିଆ ଘରେ ବସି ପଖାଳ ଖାଇ ଫଟୋ ଉଠେଇ ଚାଲିଯାନ୍ତି । ହେଲେ ପରିବର୍ତ୍ତନ ତ ବହୁତ ଦୂରରେ । ସବୁ ସଫଳତାତ ସେଇ କେତୋଟି ଚିହ୍ନ ତଳେ ଚାପି ହୋଇ ରହିଯାଏ । ଚିହ୍ନର ଖୋଳପା ଭିତରୁ ବାହାରି ନୂଆ ଆଲୋକ ଦେଖି କିଛି ନୂଆ ନୂଆ ଚରିତ୍ର ଆପଣେଇବା କଣ ଉଚିତ ନୁହେଁ କି । ଯୋଉଦିନ ଏ ମାନସିକତାରେ ପରିବର୍ତ୍ତନ ଆସିବ । ସେଦିନ ଆଉ କେହି କହୁନଥିବେ ଚିହ୍ନ ଦେବତାୟ ସ୍ୱାହା ।

ସିଦ୍ଧେଶ୍ୱର ତ୍ରିପାଠୀ
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁଲାଇ ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ଜୁଲାଇ ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : July 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା